

‘କ୍ୱିନ୍ ୨’ ସୁଟିଂ ଆରମ୍ଭ କଲେ କଙ୍ଗନା

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-307 ◆WEDNESDAY ◆06 MAY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୦୭ ◆ବୁଧବାର ◆୦୬ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ପ୍ରେମ ନିବେଦନ କରି ଗଲା ପ୍ରେମିକ ଜୀବନ

## ଘରୁ ଟେକିନେଇ ଖୁଣ୍ଟରେ ବାନ୍ଧି ପିଟିପିଟି ମାରିଦେଲେ

■ ସିମୁଳିଆ, ୫।୫ (ସମିସ): ଝିଅକୁ ପ୍ରେମ ନିବେଦନ କରିବାରୁ ଯୁବକଙ୍କୁ ପିଟିପିଟି ମାରିଦେଲେ ଝିଅର ପରିବାର ଲୋକ। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ପଞ୍ଚାୟତର ସୁଦର୍ଶନ ସୂତାରଙ୍କ ପୁଅ ସୁବାସ ସୂତାର (୪୦)। ପୁଲିସ ସୁବାସଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ଝିଅର ବାପା ଭଗବାନ କର ଓ ତାଙ୍କ ଭଣଜା ରଞ୍ଜନ କୁମାର ଦାସଙ୍କୁ ଗିରଫ କରିଛି।



ଯୁବତୀଙ୍କ ବାପା ଓ ସମ୍ପର୍କୀୟ ଭାଇ ଗିରଫ

ଅଭିଯୋଗ ଅନୁଯାୟୀ, କାଞ୍ଚପଡ଼ା ପଞ୍ଚାୟତ ବୀରବ୍ରହ୍ମପୁର ଗ୍ରାମର ଭଗବାନ କରଙ୍କ ଝିଅକୁ ସୁବାସ ମୋବାଇଲରେ ପ୍ରେମ ନିବେଦନ କରିଥିଲେ। ଭଗବାନ ଏ ସଂପର୍କରେ ଜାଣିବା ପରେ ରାଗି ନିଆଁବାଣ ହୋଇଯାଇଥିଲେ। ଭଣଜା ରଞ୍ଜନ ସହ ସେ ସୁବାସଙ୍କ ଘରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିବା ସହ ସାଙ୍ଗରେ ଟେକି ନେଇଯାଇଥିଲେ। ଦୁହେଁ ସୁବାସଙ୍କୁ ବୀରବ୍ରହ୍ମପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନବାଡ଼ି ପକ୍କା ଖୁଣ୍ଟରେ ବାନ୍ଧି ନିସ୍ଠୁକ ମାଡ଼ ମାରିଥିଲେ। ଏଥିରେ ସୁବାସ ଗୁରୁତର ହୋଇପଡ଼ିବା ପରେ ସେମାନେ ସେଠାରୁ ପଳାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରୁ ସୁବାସଙ୍କୁ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବାଲେଶ୍ୱର ସାଇଣ୍ଟିଫିକ୍ ଟିମ ସହାୟତାରେ ପୁଲିସ ଘଟଣାସ୍ଥଳରେ ତଦନ୍ତ କରିଛି।

# ଦୁଇ ବର୍ଷର ଝିଅ ଆଗରେ ମା’କୁ ହତ୍ୟା

## ସ୍ତ୍ରୀର ଅଧିକାର ମାଗୁଥିଲେ; ହତ୍ୟା କଲା ଦିଅର

■ ହିଞ୍ଜିଳିକାଟୁ, ୫।୫ (ସମିସ): ଇନ୍‌ଷ୍ଟାଗ୍ରାମରୁ ପ୍ରେମ, ତା’ପରେ ବିବାହ। ହେଲେ ସ୍ତ୍ରୀର ଅଧିକାର ମାଗିବାରୁ ସ୍ୱାମୀର ସାନ ଭାଇ (ଦିଅର) ହାଣିଦେଲା। ୨ବର୍ଷର ନିରୀହ ଝିଅ ଆଗରେ ମା’କୁ ହତ୍ୟା କରିଛି ଅଭିଯୁକ୍ତ। ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଖରିଡ଼ା ଗ୍ରାମରେ ଘଟିଥିବା ଏଭଳି ଏକ ଆପରାଧିକ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ମହିଳା ହେଲେ, ଗଞ୍ଜାମ ଥାନା ଅଗସ୍ତିନୂଆଗାଁର ପୂଜା ସ୍ୱାଇଁ (୨୧)। ହିଞ୍ଜିଳି ପୁଲିସ ଅଭିଯୁକ୍ତ ଦିଅରକୁ ଅଟକ ରଖି ପଚରାଉଚରା କରିଛି। ଅପରପକ୍ଷେ, ପୁଲିସର ନିରବତାରୁ ପୂଜାଙ୍କ ମୁଣ୍ଡ ଗଡ଼ିଲା ବୋଲି ଅଭିଯୋଗ ହେଉଛି।



ଖାଇ ବସିଥିବା ବେଳେ ହାଣିଦେଲେ

ସୂଚନାନୁଯାୟୀ, ପ୍ରାୟ ଅଢ଼େଇବର୍ଷ ତଳେ ପୂଜାଙ୍କ ସହ ଖରିଡ଼ା ଗ୍ରାମର ଜିଷ୍ଣୁ ଓରଫ୍ ଚିଣ୍ଟୁ ଗୌଡ଼(୨୪)ଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ସଂପର୍କ ଗଢ଼ି ଉଠିଥିଲା। ପରେ, ଉଭୟ ପୁରୀ ଜିଲ୍ଲା ଡେଲାଙ୍ଗର ଏକ ଶିବ ମନ୍ଦିରରେ ବିବାହ କରିଥିଲେ। ସେମାନେ ଡେଲାଙ୍ଗରେ କିଛି ବର୍ଷ ରହିଥିଲେ। ସେମାନଙ୍କର ୨ବର୍ଷର ଏକ ଝିଅ ରହିଛି। ଗତ ୧୮ ତାରିଖରେ ଜିଷ୍ଣୁ ପୂଜାକୁ ନେଇ ବ୍ରହ୍ମପୁର ଆସିଥିଲେ। ଏକ ହୋଟେଲରେ ଖାଇବା ପରେ ସେଠାରୁ କୌଶଳକ୍ରମେ ଫେରାର୍ ହୋଇଯାଇଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ମଧ୍ୟ ପୂଜା, ସ୍ୱାମୀ ଜିଷ୍ଣୁର ସନ୍ଧାନ ପାଇ ନଥିଲେ। ଫଳରେ ୧୯ ତାରିଖରେ ହିଞ୍ଜିଳି ଥାନାରେ ନିଜ ଅଧିକାର ଓ ସ୍ୱାମୀ ଓ ଶଶୁରଘର ପକ୍ଷରୁ ପାରିବାରିକ ହିଂସା ନେଇ ଅଭିଯୋଗ କରିଥିଲେ। ଅଭିଯୋଗଆଧାରରେପୁଲିସନମ୍ବର୪୧/୨୬ରେଏକମାମଲାରୁଜୁକରିଥିଲା।

ମାତ୍ର, ପୁଲିସ ଖାମଖିଆଲି ଭାବେ ପୂଜାଙ୍କ ଶାଶୂ, ଶଶୁର, ନଣନ୍ଦ ଓ ସ୍ୱାମୀଙ୍କୁ ଡାକି ୪୧ରେ ନୋଟିସ ଜାରି ଛାଡ଼ିଦେଇଥିଲା। ଏହାସହ ▶ପୃଷ୍ଠା-୭

# ବଙ୍ଗଳାରେ ହାଇ ଡ୍ରାମା
# ଇସ୍ତଫାକୁ ମମତାଙ୍କ ନା

■ କଲିକତା, ୫।୫ (ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ବିପୁଳ ବିଜୟ ସତ୍ତ୍ୱେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ନିଜର ପରାଜୟ ସ୍ୱୀକାର କରିବାକୁ ରୋକ୍‌ଠୋକ୍ ମନା କରିଦେଇଛନ୍ତି। କେବଳ ଏତିକି ନୁହେଁ, ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ମଧ୍ୟ ମନା କରିଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଦଳ ନୈତିକ ରୂପେ ବିଜୟୀ ହୋଇଛି। ତାଙ୍କୁ ହରାଇବା ଲାଗି ନିର୍ବାଚନ କମିସନଙ୍କ ସହ ମିଶି ବିଜେପି ବଡ଼ ଧରଣର ଷଡ଼ଯନ୍ତ୍ର କରିଥିଲା। ଭୋଟ ଗ୍ରହଣ ଏବଂ ଗଣତି ବେଳେ ବ୍ୟାପକ ଜାଲିଆତି କରାଯାଇଛି। ତାଙ୍କ ଠାରୁ ଅତିକମରେ ଶହେଟି ଆସନକୁ ଲୁଟି ନିଆଯାଇଛି। ଏହା ବେଆଇନ ଏବଂ ଅସାମ୍ବିଧାନିକ ହୋଇଥିବାରୁ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ନାହିଁ। ମମତାଙ୍କ ଏଭଳି ଘୋଷଣା ପରେ ରାଜ୍ୟ ରାଜନୀତିରେ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ପରମ୍ପରା ଅନୁସାରେ ପରାଜୟ ପରେ ▶ପୃଷ୍ଠା-୭



ଟିଏମ୍‌ସିକୁ ହରାଇବା ଲାଗି ବଡ଼ ଧରଣର ଷଡ଼ଯନ୍ତ୍ର ହୋଇଥିଲା

୯୦ ଲକ୍ଷ ଭୋଟରଙ୍କ ନାମ କଟିବା ହେଉଛି ପ୍ରମାଣ

## ୭ରେ ତାମିଲନାଡୁ, ୯ରେ ପଶ୍ଚିମବଙ୍ଗରେ ଶପଥ

# ମହିଳା ଧରିବେ ବଙ୍ଗ ମଙ୍ଗ !

■ କୋଲକାତା/ଚେନ୍ନାଇ, ୫।୫ (ଏଜେନ୍ସି): ୫ଟି ରାଜ୍ୟ ଓ ବିଧାନସଭା ନିର୍ବାଚନର ଫଳାଫଳ ଘୋଷଣା ହେବାପରେ ଏବେ ନୂଆ ସରକାର ଗଠନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆସନ୍ତା ୯ ତାରିଖରେ ନୋବେଲ ବିଜେତା ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମ ବାର୍ଷିକୀ ଅବସରରେ ଭାରତୀୟ ଜନତା ପାର୍ଟିର ନୂଆ ସରକାର ଶପଥ ଗ୍ରହଣ କରିବ। ବିଜେପି ରାଜ୍ୟ ସଭାପତି ସମିକ ଭଟ୍ଟାଚାର୍ଯ୍ୟଙ୍କ ସୂଚନା ଅନୁସାରେ, ମଇ ୯ ତାରିଖ ଦିନ ନୂଆ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳ ଶପଥ ନେବେ। ତେବେ ନୂଆ ମୁଖ୍ୟମନ୍ତ୍ରୀ କିଏ ହେବ ତାହାକୁ ନେଇ ବିଚାରବିମର୍ଶ ଆରମ୍ଭ ହୋଇଯାଇଛି। ନବନିର୍ବାଚିତ ବିଜେପି ବିଧାୟକମାନଙ୍କ ସହିତ ଏସଂପର୍କରେ ବିଚାରବିମର୍ଶ ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଦାୟିତ୍ୱ ଦିଆଯାଇଛି। ନିର୍ବାଚନରେ ବିଜେପି ପକ୍ଷରୁ କାହାରିକୁ ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଉପସ୍ଥାପିତ କରାଯାଇନଥିଲା। ତେଣୁ ମୁଖ୍ୟମନ୍ତ୍ରୀ କିଏ ହେବ, ତାହା ରାଜ୍ୟ ନେତା, ବିଧାୟକମାନଙ୍କ ସହିତ ବିଚାରବିମର୍ଶ କରି ଦଳୀୟ ହାଇକମାଣ୍ଡ ସ୍ଥିର କରିବେ ବୋଲି ସୂଚନା ମିଳିଛି। ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ବିଜେପିକୁ ▶ପୃଷ୍ଠା-୭

ଶୁଭେନ୍ଦୁ, ଦିଲ୍ଲୀପ ହୋଇପାରନ୍ତି ଉପ-ମୁଖ୍ୟମନ୍ତ୍ରୀ

## ମୋହନ ସହ-ପର୍ଯ୍ୟବେକ୍ଷକ



■ ନୂଆଦିଲ୍ଲୀ, ୫।୫ (ଏଜେନ୍ସି): ପଶ୍ଚିମବଙ୍ଗ ଏବଂ ଆସାମରେ ବିଜେପି ନୂତନ ସରକାର ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ କରିଦେଇଛି। ବିଧାୟକ ଦଳ ନେତା ନିର୍ବାଚନ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ପଶ୍ଚିମବଙ୍ଗ ଏବଂ କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡାଙ୍କୁ ଆସାମ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ଏହି ପ୍ରକ୍ରିୟାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ବଡ଼ ଦାୟିତ୍ୱ ମିଳିଛି। ପଶ୍ଚିମବଙ୍ଗ ପାଇଁ ଶ୍ରୀ ମାଝୀଙ୍କୁ କେନ୍ଦ୍ରୀୟ ସହ-ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ପର୍ଯ୍ୟବେକ୍ଷକମାନେ ଉଭୟ ରାଜ୍ୟର ବିଜୟୀ ବିଧାୟକମାନଙ୍କ ସହ ଆଲୋଚନା କରିବେ। କିଏ ନେତା ହେବେ ସେମାନଙ୍କ ସଂପର୍କରେ ମତାମତ ସଂଗ୍ରହ କରି ହାଇକମାଣ୍ଡଙ୍କୁ ରିପୋର୍ଟ ଦେବେ।

# ଜୁନ ପହିଲାରୁ ଦକ୍ଷିଣତଟ ରେଳବାଇ

## ପୂର୍ବତଟ ରେଳବାଇର ଅଙ୍ଗଚ୍ଛେଦନ

■ ଭୁବନେଶ୍ୱର, ୫।୫ (ସମିସ): ବହୁ ପୂର୍ବରୁ ଦକ୍ଷିଣତଟ ରେଳବାଇକୁ କେନ୍ଦ୍ର ସରକାର ଅନୁମୋଦନ କରି ସାରିଛନ୍ତି, ମାତ୍ର ଆସନ୍ତା ଜୁନ୍ ୧ ତାରିଖରୁ ଏହା ବିଧିବଦ୍ଧ କାର୍ଯ୍ୟକ୍ଷମ ହେବ। ପୂର୍ବରୁ ପୂର୍ବତଟ ରେଳବାଇକୁ ଖଣ୍ଡଖଣ୍ଡ କରି ୱାଲଟିୟରକୁ ଦକ୍ଷିଣତଟ ରେଳବାଇରେ ଅନ୍ତର୍ଭୁକ୍ତ କରାଯାଇଛି। ରାୟଗଡ଼ା ଡ଼ିଭିଜନ ନାମରେ ଓଡିଶାବାସୀଙ୍କୁ ଏକ ଏକ ଲଲିପପ୍ ଧରାଇ ଥିବା କେନ୍ଦ୍ର ସରକାର ଏବେ ପୁଣି ଛଳ କରିଛନ୍ତି। ନବଗଠିତ ରାୟଗଡ଼ା ଡ଼ିଭିଜନ୍‌ରେ ୬୯୬କିଲୋମିଟର ରେଳପଥ ଥିବା କୁହାଯାଉଥିଲେ ହେଁ ଏହା ଭିତରେ ଅନେକ ଅଞ୍ଚଳକୁ ୱାଲଟିୟର ଡ଼ିଭିଜନରେ ଅନ୍ତର୍ଭୁକ୍ତ ରଖାଯାଇଛି। ଅନୁରୂପ ଭାବରେ ଖୋର୍ଦ୍ଧାରୋଡ୍ ଡ଼ିଭିଜନ ଅଧୀନସ୍ଥ ପଲାସା-ଇଚ୍ଛାପୁର ୫୩ କିଲୋମିଟର ରେଳପଥକୁ ମଧ୍ୟ ଦକ୍ଷିଣତଟ ରେଳବାଇର ବିଶାଖାପାଟଣା ଡ଼ିଭିଜନରେ ସାମିଲ କରାଯାଇଛି। ଯାହାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

ବିଜ୍ଞପ୍ତି ଅନୁସାରେ ଦକ୍ଷିଣତଟ ରେଳବାଇରେ ଗୁଣ୍ଟାକାଲ, ଗୁଣ୍ଟୁର, ବିଜୟୱାଡ଼ା ଡ଼ିଭିଜନ ସହ ପୂର୍ବତଟ ରେଳବାଇର ବିଶାଖାପାଟଣା ଡ଼ିଭିଜନକୁ ସାମିଲ କରାଯାଇଛି। ପୂର୍ବତଟ ରେଳବାଇରେ ସମ୍ବଲପୁର, ନବ ଘୋଷିତ ରାୟଗଡ଼ା ଡ଼ିଭିଜନ ସହ ଖୋର୍ଦ୍ଧାରୋଡ୍ ଡ଼ିଭିଜନର ଖଣ୍ଡିତ ଅଞ୍ଚଳ ରହିଛି। ଅନ୍ୟପକ୍ଷରେ ଦକ୍ଷିଣ କେନ୍ଦ୍ର ରେଳବାଇରେ ହାଇଦ୍ରାବାଦ, ନାନ୍ଦେଦ ଡ଼ିଭିଜନ ସହ ପୂନର୍ଗଠିତ ସିକନ୍ଦରାବାଦ ଡ଼ିଭିଜନକୁ ରଖାଯାଇଛି। ବିଡ଼ମ୍ବନା ହେଉଛି ଓଡ଼ିଶାର ନୂଆପଡ଼ା ଜଙ୍କସନରୁ ପାରଳାଖେମୁଣ୍ଡି ୩୯ କିଲୋମିଟରକୁ ଖୋର୍ଦ୍ଧାରୋଡ଼ ଡ଼ିଭିଜନର ପଲାସା-ଇଚ୍ଛାପୁରମ୍ ୫୩ କିଲୋମିଟର ଅଞ୍ଚଳକୁ ବିଶାଖାପାଟଣା ଡ଼ିଭିଜନ ଓ ଦକ୍ଷିଣତଟ ରେଳବାଇରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ପୂର୍ବରୁ ପୂର୍ବତଟ ରେଳବାଇ ଜୋନ୍‌ର ୱାଲଟିୟର ଡ଼ିଭିଜନର କୋରାପୁଟ-ସିଙ୍ଗାପୁର, କୋଟାଭଲାସା-କିରଣ୍ଡୁଲ, କେନେରୁ-ଥେରୁବାଲି, ଗୁଣୁପୁର-ପାରଳାଖେମୁଣଡି ରେଳପଥର ମୋଟ ୬୯୬ କିଲୋମିଟରକୁ ରାୟଗଡ଼ା ଡ଼ିଭିଜନରେ ସ୍ଥାନୀତ କରାଯାଇଛି। ▶ପୃଷ୍ଠା-୭

## ୟୁପି-ବିହାରରେ ପ୍ରକୃତିର ତାଣ୍ଡବ

# କାଳବୈଶାଖୀ ନେଲା ୩୧ ଜୀବନ

■ ନୂଆଦିଲ୍ଲୀ, ୫।୫ (ଏଜେନ୍ସି): ଗତ ୨୪ ଘଣ୍ଟା ମଧ୍ୟରେ ଉତ୍ତରପ୍ରଦେଶ ଏବଂ ବିହାରରେ ପ୍ରବଳ ଝଡ଼ବର୍ଷା ଓ ବଜ୍ରପାତ ଯୋଗୁଁ ୩୧ ଜଣଙ୍କର ମୃତ୍ୟୁ ଘଟିଛି। ଦୁଇ ରାଜ୍ୟର ୨୨ଟି ଜିଲ୍ଲାରେ ଭୀଷଣ ଝଡ଼ବର୍ଷା ହୋଇଛି। ବଜ୍ରପାତ ଯୋଗୁଁ ୭ ଜଣ ଶିଶୁଙ୍କ ସମେତ ମୋଟ ୨୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ମହିଳା ଗୁରୁତର ଭାବେ ପୋଡ଼ି ଯାଇଛନ୍ତି। ଆଜି ମଧ୍ୟ ୧୮ଟି ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଝଡ଼ ଓ ବର୍ଷା ଯୋଗୁଁ ୮ ଜଣଙ୍କର ପ୍ରାଣହାନି ଘଟିଛି। ପିଲିଭିଟରେ ଏକ ଇଟାଭାଟିର ୧୦୦ ଫୁଟ ଉଚ୍ଚର ଚିମିନି ଭୁଶୁଡ଼ିଛି। ଆଜି ଦ୍ୱିପ୍ରହରରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ କୁଆପଥର ବୃଷ୍ଟି ହୋଇଛି। ହରିୟାଣାରେ ପ୍ରବଳ ପବନ ଯୋଗୁଁ ପ୍ରାୟ ୧୫ ହଜାରରୁ ଅଧିକ ଗଛ ଉପୁଡ଼ି ପଡ଼ିଥିବାର ଖବର ମିଳିଛି। ହିମାଚଳ ପ୍ରଦେଶର ସୋଲାନରେ ତାପମାତ୍ରା ରେକର୍ଡ ସ୍ତରକୁ ଖସି ଆସିଛି। ମେ ମାସରେ ଏଠାରେ ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି ରାଜସ୍ଥାନରେ ତାପମାତ୍ରା ପ୍ରାୟ ୮ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି।। ପାଣିପାଗ ବିଭାଗ ତଥ୍ୟ ଅନୁଯାୟୀ, ଦେଶର ଏକ ବଡ଼ ଭାଗରେ ଏହି ▶ପୃଷ୍ଠା-୭

## ଅହମଦାବାଦରେ ଓଡ଼ିଶା ନିବେଶକ ସମ୍ମେଳନ

# ୨୬ ଶିଳ୍ପ ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ବୈଠକ

■ ଭୁବନେଶ୍ୱର, ୫।୫ (ସମିସ): ଭାରତର ପୂର୍ବ ଭାଗକୁ ସମୃଦ୍ଧ କରିବା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ। ଦ୍ରୁତ ଅଭିବୃଦ୍ଧି ଏବଂ ରଣନୈତିକ ଯୋଜନା ସହିତ ଓଡ଼ିଶା ବର୍ତ୍ତମାନ ଶିଳ୍ପଜଗତ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିପାରିଛି। ଏହାସହିତ ପ୍ରତିଯୋଗିତାମୂଳକ ପରିବେଶରେ ନିବେଶକମାନଙ୍କୁ ଅପେକ୍ଷାକୃତ ସୁବିଧାଜନକ ସ୍ଥିତି ମଧ୍ୟ ପ୍ରଦାନ କରୁଛି ବୋଲି ଗୁଜରାଟର ଅହମଦାବାଦରେ ଆୟୋଜିତ ‘ଓଡ଼ିଶା ନିବେଶକ ସମ୍ମିଳନୀ ରୋଡ୍-ଶୋ’ରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ‘ପୂର୍ବୋଦୟ’ ପରିକଳ୍ପନାରେ ଆଗାମୀ ଦିନରେ ଓଡ଼ିଶାକୁ ଦେଶର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ରସ୍ଥଳ ଭାବେ ଗଢ଼ିତୋଳିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ଗୁଜରାଟ ଗସ୍ତର ପ୍ରଥମ ଦିନରେ ପ୍ରମୁଖ ଉଦ୍ୟୋଗପତି ଏବଂ ବ୍ୟବସାୟିକ ସଂଘମାନେ ବ୍ୟାପକ ଭାବରେ ଯୋଗଦାନ କରିଛନ୍ତି। ଏହି ଅବସରରେ ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧିଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ଭାରତର ଅଭ୍ୟୁଦୟ ସହିତ ଭାରତର ଅର୍ଥନୈତିକ ସମ୍ପ୍ରସାରଣ ହେବ। ପଶ୍ଚିମ ଭାରତ ସହିତ ପୂର୍ବ ଭାରତର ବିକାଶ ହେଲେ ଏହି ଅଭିବୃଦ୍ଧି ଅଧିକ ସନ୍ତୁଳିତ ହେବ। ଓଡ଼ିଶା ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ▶ପୃଷ୍ଠା-୭

## କେନ୍ଦ୍ର କ୍ୟାବିନେଟର ଅନୁମୋଦନ

# ୩୭କୁ ବଢ଼ିବ ସୁପ୍ରିମକୋର୍ଟ ବିଚାରପତି ସଂଖ୍ୟା

■ ଭୁବନେଶ୍ୱର, ୫।୫ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ବିଲ୍, ୨୦୨୬କୁ ସଂସଦରେ ଆଗତ କରିବା ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି ଏହାଦ୍ୱାରା ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ଅଧିନିୟମ, ୧୯୫୬ରେ ସଂଶୋଧନ କରାଯାଇ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ୪ଟି ବୃଦ୍ଧି କରାଯିବ। ବର୍ତ୍ତମାନ ସୁପ୍ରିମକୋର୍ଟରେ ୩୩ ଜଣ ବିଚାରପତି କାର୍ଯ୍ୟ କରୁଥିବା ବେଳେ ଏହି ସଂଖ୍ୟା ୩୭କୁ (ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ▶ପୃଷ୍ଠା-୭

## ବିଜେଡିର ପଞ୍ଚାୟତ ପ୍ରସ୍ତୁତି

# ଦୁଇ ଜିଲ୍ଲାରେ ନୂଆ ସଭାପତି

■ ଭୁବନେଶ୍ୱର, ୫।୫ (ସମିସ): ଆଉ ୮ ମାସ ପରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ। ଏହା ପୂର୍ବରୁ ଦଳର ସାଙ୍ଗଠନିକ ପୁନର୍ବିନ୍ୟାସ ଆରମ୍ଭ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ବିଭିନ୍ନ ଜିଲ୍ଲା ଓ ରାଜ୍ୟସ୍ତରରେ ଦଳକୁ ଅଧିକ ସଙ୍ଗଠିତ କରିବା ପାଇଁ ନବୀନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି କ୍ରମରେ ମଙ୍ଗଳବାର ୨ଟି ଜିଲ୍ଲାରେ ବିଜେଡି ସଭାପତି ଓ କାର୍ଯ୍ୟକାରୀ ସଭାପତି ଏବଂ ୬ଟି ଜିଲ୍ଲାରେ କାର୍ଯ୍ୟକାରୀ ସଭାପତିଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ସେହିପରି ୫ ସାଂଗଠନିକ ଜିଲ୍ଲାରେ ନୂତନ ଭାବେ ବିଜୁ ଯୁବ ଏବଂ ଛାତ୍ର ଜନତା ଦଳର ସଭାପତିଙ୍କ ନିଯୁକ୍ତି ସହ ରାଜ୍ୟ ପଦାଧିକାରୀ ଭାବେ ୮୯ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ଦଳକୁ ନିକଟରେ ପ୍ରତ୍ୟାବର୍ତ୍ତନ କରିଥିବା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କୁ ରାଜ୍ୟ ଉପସଭାପତି ରୂପେ ନବୀନ ନିଯୁକ୍ତି ଦେଇଛନ୍ତି। ସେହିପରି ୫ ବରିଷ୍ଠ ସାଧାରଣ ସମ୍ପାଦକ, ୨୭ ସାଧାରଣ ସମ୍ପାଦକ, ୪୫ ସମ୍ପାଦକ ଓ ୧୧ ଯୁଗ୍ମ ସମ୍ପାଦକଙ୍କୁ ମଧ୍ୟ ଆଜି ନିଯୁକ୍ତି ଦିଆଯାଇଛି।

▶▶ ୬ ଜିଲ୍ଲାରେ ନୂଆ କାର୍ଯ୍ୟକାରୀ ସଭାପତିଙ୍କ ନିଯୁକ୍ତି

▶▶ ୫ ସାଂଗଠନିକ ଜିଲ୍ଲାରେ ଯୁବ ଓ ଛାତ୍ର ସଭାପତି

▶▶ ରାଜ୍ୟ ପଦାଧିକାରୀ ଭାବେ ୮୯ ଜଣଙ୍କୁ ଦାୟିତ୍ୱ

▶▶ ରାଜ୍ୟ ଉପସଭାପତି ହେଲେ ରଘୁନାଥ ମହାନ୍ତି

ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ଭାବେ ରାଜେନ୍ଦ୍ର କୁମାର ସାହୁ ଏବଂ କାର୍ଯ୍ୟକାରୀ ସଭାପତି ଭାବେ ମନ୍ମଥ ରାଉତରାୟଙ୍କୁ ନିଯୁକ୍ତି ଦିଆଯାଇଛି। ବାଲେଶ୍ୱରରେ ସଭାପତି ଭାବେ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ କାର୍ଯ୍ୟକାରୀ ସଭାପତି ଭାବେ ଗୌତମ ବୁଦ୍ଧ ଦାସଙ୍କୁ ନୂଆ ନିଯୁକ୍ତି ମିଳିଛି। ଅନୁଗୋଳ ବିଜେଡିର କାର୍ଯ୍ୟକାରୀ ସଭାପତି ଭାବେ ନଳିନୀକାନ୍ତ ▶ପୃଷ୍ଠା-୭

## ମତ୍ସ୍ୟ ଓ ପଶୁ ପାଳନ ବିଭାଗରେ ଦୁର୍ନୀତିର ଗନ୍ଧ

# ନୂତନ ପଦ ସୃଷ୍ଟି: ବାବୁଙ୍କ ଭାଗ ୨ କୋଟି !

■ ଭୁବନେଶ୍ୱର, ୫।୫ (ସମିସ): ମତ୍ସ୍ୟ ଓ ପଶୁ ପାଳନ ବିଭାଗ ଭିତରୁ ଆସିଛି ସାଂଘାତିକ ଖବର। ବ୍ଲକ୍ ମତ୍ସ୍ୟ ଅଧିକାରୀ (ବିଏଫ୍‌ଓ) ନୂତନ ପଦ ସୃଷ୍ଟି କରି ଏ ବାବଦରେ ବିପୁଳ ଚାନ୍ଦା ଆଦାୟ ପାଇଁ ଷଡ଼ଯନ୍ତ୍ର ହୋଇଛି। ବିଭାଗର ଜଣେ ଉଚ୍ଚ ଅଧିକାରୀଙ୍କୁ ୨ କୋଟି ଟଙ୍କା ଏଥିପାଇଁ ପ୍ରଦାନ କରି ନୂତନ ପଦ ସୃଷ୍ଟି ନାମରେ ରାଜକୋଷକୁ ଲୁଟିବାକୁ ପୁରା ନକ୍ସା ପ୍ରସ୍ତୁତ ହୋଇଛି।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମତ୍ସ୍ୟ ଓ ପଶୁ ପାଳନ ବିଭାଗ ଅଧୀନରେ ଗୋଟିଏ ବ୍ଲକ୍‌ରେ ଜଣେ ଲେଖାଏଁ ସହକାରୀ ମତ୍ସ୍ୟ ଅଧିକାରୀ (ଏଏଫ୍‌ଓ) ଏସ୍‌ଏଫ୍‌ଟିଏ ଓ ଜେଏଫ୍‌ଟିଏ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏଏଫ୍‌ଓ ବ୍ଲକ୍ ସ୍ତରରେ ସର୍ବୋଚ୍ଚ ଅଧିକାରୀ ହୋଇଥିବା ବେଳେ ଏବେ ଏହାକୁ ବ୍ଲକ୍ ମତ୍ସ୍ୟ ଅଧିକାରୀ ପଦକୁ ରୂପାନ୍ତର କରାଯିବାକୁ ଯୋଜନା କରାଯାଇଛି। ଏହି ପଦରେ ମତ୍ସ୍ୟ ପାଳନ ପାଠ୍ୟକ୍ରମ ଶେଷ କରିଥିବା ଯୋଗ୍ୟ ନବାଗତଙ୍କ ପରିବର୍ତ୍ତେ ଏଏଫ୍‌ଓ ପଦରେ କାର୍ଯ୍ୟରତ ଅଧିକାରୀଙ୍କୁ ପଦୋନ୍ନତି ଦେବାକୁ ଯୋଜନା କରାଯାଇଛି। ଏହା କରାଗଲେ ଏଏଫ୍‌ଓମାନେ ପ୍ରଥମଶ୍ରେଣୀ କନିଷ୍ଠ ବର୍ଗ ଅଧିକାରୀଙ୍କ ମାନ୍ୟତା ପାଇବେ ଓ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କ ପରି ଲେବଲ ୧୨ ବର୍ଗୀକୃତ ଦରମା ପାଇବେ।

### ନିଯୁକ୍ତି ଓ ପଦୋନ୍ନତି ପାଇଁ ୫୦,୦୦୦ ଲେଖାଏଁ ଆଦାୟ

### ବିଏଫ୍‌ଓ ପଦରେ ନିଯୁକ୍ତି ପାଇଁ ଷଡ଼ଯନ୍ତ୍ର କରିଛନ୍ତି ଏଏଫ୍‌ଓ

ରାଜ୍ୟରେ ମାଛ ଚାଷ ପାଇଁ ଜମିର ପରିମାଣ ସୀମିତ ଥିବାବେଳେ ବହୁ ବର୍ଷଧରି ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବାରୁ କ୍ରମାଗତ ଭାବେ ନୂତନ ଯୋଜନା ପାଇଁ ଜମି ମିଳୁନାହିଁ। ଏପରି ସ୍ଥିତିରେ ନୂତନ ପଦ ସୃଷ୍ଟି କାହା ସ୍ୱାର୍ଥରେ ବୋଲି ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୂତନ ପଦ ସୃଷ୍ଟି କରିବାକୁ ମନ୍ତ୍ରୀଙ୍କ ଅନୁମୋଦନ ଆବଶ୍ୟକ ଥିବାରୁ ଅଧିକାରୀମାନେ ମନ୍ତ୍ରୀଙ୍କୁ ଅନ୍ଧାରରେ ରଖି ଅର୍ଦ୍ଧସତ୍ୟ ସୂଚନା ଦେଇଥିବା କୁହାଯାଉଛି। ପୂର୍ବରୁ ଯୋଜନା ଗୁଡ଼ିକର ସ୍ୱଳ୍ପ ଟାର୍ଗେଟ୍ ରହୁଥିବା ବେଳେ ୨୦୨୫-୨୬ ବର୍ଷରେ ଅଚାନକ ଟାର୍ଗେଟ୍‌କୁ ବଢ଼ାଇ ଦିଆଯାଇଛି ଏବଂ ଏହାକୁ ପୂରଣ କରିବା ପାଇଁ ନୂତନ ପଦର ଆବଶ୍ୟକତା ଥିବା ମନ୍ତ୍ରୀଙ୍କୁ କୁହାଯାଇଛି। କୌତୂହଳର କଥା ହେଉଛି, ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ହେବା ପରେ ପୁଣି ୨୦୨୬-୨୭ ରେ ମାଛ ଚାଷ ଲକ୍ଷ୍ୟକୁ ହ୍ରାସ କରାଯାଇଛି। ପୁରୀ ଜିଲ୍ଲାରେ ପୂର୍ବରୁ ୨ଶହ ହେକ୍ଟର ଜମିରେ ମାଛ ଚାଷ ଲକ୍ଷ୍ୟ ରହିଥିଲା, ୨୦୨୫-୨୬ ଆର୍ଥିକ ▶ପୃଷ୍ଠା-୭

## ସ୍କୁଲ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ଭଦ୍ରକ,୫।୫(ସମିସ): ଭଦ୍ରକ ଜିଲ୍ଲା ସ୍କୁଲ ପକ୍ଷରୁ ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ସ୍କୁଲ ଟପ୍ପରଙ୍କ ସହ ଟପ୍ ଟେନ ଛାତ୍ରଛାତ୍ରୀଙ୍କୁ ସ୍କୁଲ ଆଲୁମିନି ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲା ସ୍କୁଲର ଛାତ୍ରୀ କନିଜ ଫତ୍ମା ସର୍ବାଧିକ ୫୪୧ନମ୍ବର ରଖି ସ୍କୁଲ ଟପ୍ପର ହୋଇଥିବା ବେଳେ ଅନ୍ୟ ଟପ୍ ଟେନ୍ ଛାତ୍ରଛାତ୍ରୀ-ଜିନତ କାଦ୍ରୀ, ସୋହନା କାଦ୍ରୀ, ଫାରାଜ ଖାନ୍, ନାଜନୀ ଖାତୁନ, ଇସଲାମ ଖାନ୍, ନାଜିଆ କାଦ୍ରି, ସେକ ଇମିତିଆଜ କାଦ୍ରୀ, ରୁଦ୍ରକୁମାର ମହାପାତ୍ର, ରେଖା ହାତୁନ୍ ଓ ସୁରଭି ଦାସ ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରି ସ୍କୁଲର ଗୌରବ ବୃଦ୍ଧି କରିଛନ୍ତି। ଜିଲ୍ଲା ସ୍କୁଲ ଆଲୁମିନି ପକ୍ଷରୁ ଶିକ୍ଷାବିତ ସୌରେଶ ମହାନ୍ତି ଓ ଆଇନଜୀବୀ ଅତିସ କୁମାର ବେହେରା, ସ୍କୁଲ ପ୍ରଧାନ ଶିକ୍ଷକ ପାନମଣି ବେସ୍ରା ଓ ସହକାରୀ ପ୍ରଧାନ ଶିକ୍ଷକ ମିଲି ପରିଡ଼ା ପ୍ରମୁଖ ଉପସ୍ଥିତ ରହି କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଜିଲ୍ଲା ମାଟ୍ରିକ ଟପ୍ପରଙ୍କୁ ଶୁଭେଚ୍ଛା ଜଣାଇଲେ ବିଧାୟକ ବ୍ୟୋମକେଶ ରାୟ



ଭଦ୍ରକ,୫।୫(ସମିସ): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୬୦୦ ରୁ ୫୭୩ ନମ୍ବର ରଖି ଭଦ୍ରକ ଜିଲ୍ଲାର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଚାନ୍ଦବାଲି ବ୍ଲକ ବିଏସ୍‌ସି ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସରିତା ନାୟକ। ତାଙ୍କର ଏହି କୃତିତ୍ୱ ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ କୃତୀ ଛାତ୍ରୀ ସାରିତାଙ୍କ ଘରେ ପହଞ୍ଚି ଶୁଭେଚ୍ଛା ଜଣାଇଛନ୍ତି। ଏଥି ସହିତ ଡାକ୍ତର ହେବାକୁ ଇଚ୍ଛା କରିଥିବା ସାରିତାଙ୍କୁ ଆବଶ୍ୟକତା ମୁତାବକ ସମସ୍ତ ସାହାଯ୍ୟ ସହଯୋଗ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ଏହି ଶୁଭେଚ୍ଛା ଅର୍ପଣ ବେଳେ ବିଜେଡି ବ୍ଲକ ସଭାପତି ପ୍ରତାପ ଚନ୍ଦ୍ର ଧଳ, ଜିଲ୍ଲା ପରିଷଦ ପ୍ରିନ୍ସ ରାକେଶ ନାୟକ, ଯୁବନେତା ଅନିଲ ଦାସ, ପ୍ରଫୁଲ୍ଲ ପରିଡା, ମୁରଲୀଧର ଘଡ଼େଇ, ଜ୍ୟୋତି ପ୍ରକାଶ ନାୟକ, ବୈଷ୍ଣବ ଚରଣ ମହାନ୍ତି, ସୁବାସ ଘଡ଼େଇ, ନିକୁଞ୍ଜ ନାୟକ, ପ୍ରଫୁଲ୍ଲ ରାଉତ, ଗଗନ ନାୟକ, ତପନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦ ସାମଲ ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ନିଯୁକ୍ତ



ଭଦ୍ରକ,୫।୫(ସମିସ): ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ତଥା ପ୍ରାକ୍ତନ ଜିଲ୍ଲା ଯୁବ ବିଜେଡି ସଭାପତି ମୁକୁନ୍ଦଦେବ ସାମଲ(ପୁଅ)ଙ୍କୁ ରାଜ୍ୟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରାଜ୍ୟ ବିଜେଡିର ଯୁଗ୍ମ ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଶ୍ରୀ ସାମଲ ଭଦ୍ରକ ବ୍ଲକ ବହୁଦରଡ଼ା ପଞ୍ଚାୟତରୁ ଏକାଧିକବାର ସରପଞ୍ଚ ଓ ସମିତିସଭ୍ୟ ଭାବେ ଲଗାତର ନିର୍ବାଚିତ ହେବା ସହ ବିଜେଡିର ଜଣେ ଲଢୁଆ ସଙ୍ଗଠକଭାବେ ନିଜର ସ୍ୱତନ୍ତ୍ର ପରିଚୟ ରଖିଛନ୍ତି। ସୂଚନାଯୋଗ୍ୟ, ଗତକାଲି ଭଦ୍ରକ ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ବୈଶାଖୀ ବନ୍ଧୁମିଳନ ଉତ୍ସବ ଆୟୋଜନ କରି ଶ୍ରୀ ସାମଲ ଭଦ୍ରକ ବ୍ଲକର ୩୬ ପଞ୍ଚାୟତର ବିଜେଡିର ବରିଷ୍ଠ, ଯୁବ ଓ ମହିଳା ନେତୃତ୍ୱଙ୍କୁ ଏକତ୍ରିତ କରି ବିଜେଡି କିଭଳି ଆସନ୍ତା ପଞ୍ଚାୟତ ନିର୍ବାଚନରେ ପୂର୍ବଭଳି ସଫଳତା ହାସଲ କରିବ, ସେ ନେଇ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଆଜି ନୂତନ ଦାୟିତ୍ୱ ମିଳିବା ପରେ ଶ୍ରୀ ସାମଲ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ଜିଲ୍ଲା ବିଜେଡି ସଭାପତି ତଥା ଚାନ୍ଦବାଲି ବିଧାୟକ ଡ.ବ୍ୟୋମକେଶ ରାୟ ଓ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି। ଆଗକୁ ବିଜେଡିକୁ ଅଧିକ ସଶକ୍ତ କରିବା ସହ ତୃଣମୂଳ ସ୍ତରରେ ବିଜେଡି ସୁପ୍ରିମୋ ନବୀନ ବାବୁଙ୍କ ଲୋକପ୍ରିୟତାକୁ ଘରେ ଘରେ ପହଞ୍ଚାଇବାକୁ ଉଦ୍ୟମ କରିବି ବୋଲି ଶ୍ରୀ ସାମଲ କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀ ସାମଲଙ୍କୁ ଏହି ନୂତନ ଗୁରୁଦାୟିତ୍ୱ ଦିଆଯାଇଥିବାରୁ ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ପଣ୍ଡା, ଜିଲ୍ଲା ଛାତ୍ର ବିଜେଡି ସଭାପତି ଭାସ୍କର ମହାଳିକ, ଯୁବନେତା ସୌମେନ୍ଦ୍ର ସାହୁ, ବିଷ୍ଣୁପୁର ସମିତିସଭ୍ୟ ବଟକୃଷ୍ଣ ଜେନା ଓ ଯୁବନେତା ଆଶୀଷ ମହାନ୍ତି ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## 'ଲକ୍ଷ୍ମୀ' ପାଇଁ ରାଜରାସ୍ତାରେ ଆନନ୍ଦପୁରବାସୀ

# ୨୦ ଦିନର ମହଲତ ଦେଲା ପ୍ରଶାସନ

ଦୋବଲ,୫।୫(ସମିସ)



ପ୍ରଶାସନର ମିଥ୍ୟା ପ୍ରତିଶ୍ରୁତି ଓ ଚରମ ଅବହେଳା ବିରୋଧରେ ଧାମନଗର ବ୍ଲକ୍ ଖଡ଼ିପଦା ଛକରେ ପ୍ରତିବାଦ ଶୋଭାଯାତ୍ରା ଦେଖିବାକୁ ମିଳିଥିଲା। ଆନନ୍ଦପୁର ପଞ୍ଚାୟତକୁ 'ଲକ୍ଷ୍ମୀ ବସ୍' ସେବାରୁ ବଞ୍ଚିତ ରଖାଯିବା ପ୍ରତିବାଦରେ ପଞ୍ଚାୟତବାସୀ ସକାଳୁ ରାସ୍ତା ଅବରୋଧ କରି ପ୍ରଶାସନ ବିରୋଧରେ ଗର୍ଜିଥିଲେ। ସଞ୍ଜୟମିଶ୍ର ଓ ଅରୁଣ କୁମାର ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନବେଳେ ପଧାନି ଓ ଦୋବଲ ଦେଇ ଚଳାଚଳ କରୁଥିବା ମୁଖ୍ୟମନ୍ତ୍ରୀ ବସକୁ ଆନ୍ଦୋଳନକାରୀ ଅଟକାଇ ଦେଇଥିଲେ। ଘଟଣାର ଗମ୍ଭୀରତା ଦେଖି ଧାମନଗର ବିଡିଓ ବନବିହାରୀ ଦିନ୍ଦା ଟେଲିଫୋନ ଯୋଗେ ଆନ୍ଦୋଳନକାରୀଙ୍କ ସହ ସମ୍ପର୍କ କରିଥିଲେ। ପରେ ତାଙ୍କ ନିର୍ଦ୍ଦେଶକ୍ରମେ ଓଏସ୍ଆରଟିସି ବ୍ଲକ ସୁପରଭାଇଜର ଘଟଣାସ୍ଥଳରେ ପହଞ୍ଚି ଆସନ୍ତା ୨୦ ଦିନ ମଧ୍ୟରେ ଧାମନଗର-ଆନନ୍ଦପୁର ଭାୟା ଖଡ଼ିପଦା ରୁଟରେ ବସ୍ ଚଳାଚଳ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ସୂଚନାଯୋଗ୍ୟ, ଧାମନଗରରୁ ଆନନ୍ଦପୁର ହୋଇ ସୋହଡ଼ା ଓ ଖଡ଼ିପଦା ଦେଇ ବସ୍ ଚଳାଚଳ ପାଇଁ ରୁଟ୍ ଚୂଡ଼ାନ୍ତ ହୋଇଥିଲା, ଯାହାଦ୍ୱାରା ବାଲିପାଟଣା, ପାହାଡ଼ପୁର, ମାନଲାପୁର ଓ ଉଦେଇପୁର ଗ୍ରାମର ହଜାର ହଜାର ଲୋକ ଉପକୃତ ହୋଇଥାନ୍ତେ। ମାତ୍ର ବିଗତ ୩ ବର୍ଷ ଧରି ଏହି ଦାବି କେବଳ କାଗଜପତ୍ରରେ ସୀମିତ ରହିଛି। ଗ୍ରାମବାସୀ ବାରମ୍ବାର ଭଦ୍ରକ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଗୁହାରି କରିଥିଲେ ସୁଦ୍ଧା କେବଳ ପ୍ରତିଶ୍ରୁତି ମିଳିଥିଲା। ଗତ ଏପ୍ରିଲ ୨୭ତାରିଖରେ ଜିଲ୍ଲାପାଳ ଓ ଏସପିଙ୍କୁ ଭେଟି ମେ ୫ ସୁଦ୍ଧା ବସ୍ ଚଳାଚଳ ନହେଲେ ଆନ୍ଦୋଳନ ପାଇଁ ଶେଷ ଚେତାବନୀ ଦିଆଯାଇଥିଲା। ଆଜିର ପ୍ରତିବାଦ ସଭାରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସାଧାରଣ ଜନତା ସାମିଲ ହୋଇଥିଲେ। ସରୋଜ ଖୁଣ୍ଟିଆ, ରାଜେଶ ମିଶ୍ର, ସୁଦାମବାରିକ, ଶ୍ରୀତମ ଖୁଣ୍ଟିଆ, ଜ୍ୟୋତି ନାରାୟଣ ପୋଥାଳ, ସାଗରମିଶ୍ର, ବିଷ୍ଣୁଚରଣ ଦାସ, ଧନେଶ୍ୱର ସେଠୀ, ଧୀରେନ୍ଦ୍ର ଆଡିଆ, ପ୍ରକାଶ ଦାସ, ଶୁକଦେବ ଜେନା ଓ ଶ୍ୟାମ ସୁନ୍ଦର ଜେନା ପ୍ରମୁଖ ସାମିଲ୍ ହୋଇଥିଲେ।

## ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଅସୁରାଳି,୫।୫(ସମିସ): ଗୋବିନ୍ଦପୁର ପଞ୍ଚାୟତ କୋରୁଆ ପାଟଣାସାହି ଗାଁରେ ଗତକାଲି ଠାରୁ ଶୁଭାରମ୍ଭ ହୋଇଛି ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ। ଗ୍ରାମବାସୀ ଓ ସେବାୟତଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ମହୋତ୍ସବରେ ସ୍ଥାନୀୟ ଅଞ୍ଚଳରେ ଏକ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଶ୍ରୀଜଗନ୍ନାଥ ସଂସ୍କୃତି କେବଳ ଏକ ଉପାସନା ପଦ୍ଧତି ନୁହେଁ, ବରଂ ଏହା ସମାନତା, ସହନଶୀଳତା ଏବଂ ବିଶ୍ୱଭାତୃତ୍ୱର ପ୍ରତୀକ। ମହାପ୍ରଭୁଙ୍କ ଦର୍ଶନରେ ଜାତି-ଧର୍ମ-ବର୍ଣ୍ଣର ଭେଦଭାବ ଶୂନ୍ୟ। ଏହି ମହାନ ପରମ୍ପରାକୁ ଆଖିରେ ରଖି କୋରୁଆ ପାଟଣାସାହିରେ ନିର୍ମିତ ଏହି ନୂତନ ମନ୍ଦିର ଆଗାମୀ ଦିନରେ ଅଞ୍ଚଳର ଏକତା ଓ ସାଂସ୍କୃତିକ ଜାଗରଣର କେନ୍ଦ୍ରବିନ୍ଦୁ ପାଲଟିବ ବୋଲି ଆଶା କରାଯାଉଛି। ଗତ ୪ ତାରିଖ (ସୋମବାର) ରୁ ଅଙ୍କୁରାରୋପଣ ଓ ଅଧିବାସ କାର୍ଯ୍ୟ ସମାପ୍ତ ହୋଇଥିବା ବେଳେ, ଗତକାଲି (ମଙ୍ଗଳବାର) ଶତାଧିକ ମହିଳାଙ୍କ ସମାଗମରେ ଏକ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଜି ଅର୍ଥାତ୍ ବୁଧବାର ଦିନ ମଣ୍ଡଳ ପୂଜା, ଘଟ ପୂଜା ଏବଂ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ କାର୍ଯ୍ୟ ସମ୍ପନ୍ନ ହେବାର ସୂଚନା ରହିଛି। ଆସନ୍ତାକାଲି ମହାପ୍ରଭୁଙ୍କ ବିଗ୍ରହମାନଙ୍କର ନଗର ଭ୍ରମଣ, ମନ୍ଦିର ପ୍ରତିଷ୍ଠା, ପ୍ରାଣ ପ୍ରତିଷ୍ଠା ଓ ପହଣ୍ଡି ବିଜେ। ସେହିପରି ୮ମଇ (ଶୁକ୍ରବାର) ମହୋତ୍ସବର ଶେଷ ଦିନରେ ମହାପ୍ରଭୁଙ୍କ ପବିତ୍ର ନବଯୌବନ ଦର୍ଶନ ଅନୁଷ୍ଠିତ ହେବ। ମଧ୍ୟାହ୍ନ ୧୨ଟା ପରେ ଗୀତାଯଜ୍ଞ ଓ ପୂର୍ଣ୍ଣାହୁତି ସହ ଭକ୍ତଙ୍କ ପାଇଁ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ପାଟଣାସାହି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି ଯେ, ଶ୍ରୀଜୀଉଙ୍କ ଏହି ଅପାର କରୁଣାରୁ ସମ୍ଭବ ହୋଇଥିବା ଏହି ପ୍ରତିଷ୍ଠା ଉତ୍ସବରେ ଅଂଚଳର ସମସ୍ତ ଶ୍ରଦ୍ଧାଳୁ ସପରିବାର ଯୋଗଦେଇ ପୁଣ୍ୟ ଅର୍ଜନ କରନ୍ତୁ। ଏହି ୫ଦିନିଆ ଉତ୍ସବକୁ ସଫଳ କରିବା ପାଇଁ ସ୍ଥାନୀୟ ଯୁବକ ସଂଘ ଓ ଗ୍ରାମର ମୁରବୀମାନେ ଅହୋରାତ୍ର କାର୍ଯ୍ୟ କରୁଛନ୍ତି।

## ● ପାଚେରି ଡେଇଁ ୧୨ ଗ୍ୟାସ ସିଲିଣ୍ଡର ଚୋରି

# ୨ ଭାଇ ଗିରଫ, ୫ ସିଲିଣ୍ଡର ଜବତ



ତିହିଡ଼ି,୫।୫(ସମିସ): ତିହିଡ଼ି ଥାନା ଅରୂପାନନ୍ଦ ଇଣ୍ଡେନ ଗ୍ୟାସ ଏଜେନ୍ସିରୁ ରାତ୍ରିରେ ଗ୍ୟାସ ସିଲିଣ୍ଡର ଚୋରି କରିନେବା ଅଭିଯୋଗରେ ତିହିଡ଼ି ପୁଲିସ ୨ଜଣଙ୍କୁ ବାନ୍ଧିଛି। ସେମାନଙ୍କ ନିକଟରୁ ୫ ଗୋଟି ସିଲିଣ୍ଡର ଜବତ କରିଛି। ସୂଚନା ଅନୁଯାୟୀ ସଂପୃକ୍ତ ଏଜେନ୍ସିରୁ ୧୨ ଟି ଗ୍ୟାସ ସିଲିଣ୍ଡର ଚୋରି ହୋଇଯାଇଥିଲା। ସିସିଟିଭି ଫୁଟେଜ ଯାଞ୍ଚ ପରେ ସଂପୃକ୍ତ ଯୁବକମାନେ ଏକ ଡିମ୍ବିରି ଗଛ ଚଢ଼ି ୧୨ ଫୁଟ ଉଚ୍ଚ ପ୍ରାଚୀର ଚଢ଼ି ଏଜେନ୍ସି ଭିତରେ ପ୍ରବେଶ କରିଥିଲେ। ପୁଲିସ ତଦନ୍ତ କରି ଏହି ଘଟଣାରେ ହରିପୁର ଗ୍ରାମର ସୁରେନ୍ଦ୍ର ଜେନାଙ୍କ ପୁଅ ଆକାଶ ଓରଫ ରାକେଶ ଜେନା (୨୪) ଓ ରବୀନ୍ଦ୍ର ସାହୁଙ୍କ ପୁଅ ଚନ୍ଦନ ସାହୁ (୨୩)କୁ ଗିରଫ କରିବାରେ ସକ୍ଷମ ହୋଇଛି। ଏହି ଘଟଣାରେ ଅନ୍ୟ ଜଣଙ୍କ ସଂପୃକ୍ତି ଥିବା ମଧ୍ୟ ଆଲୋଚନା ହେଉଛି। ସେମାନଙ୍କ ନିକଟରୁ ୫ ଗୋଟି ସିଲିଣ୍ଡର ଜବତ କରାଯାଇଥିବା ବେଳେ ଅବଶିଷ୍ଟ ୭ ଟି ଉଦ୍ଧାର କରିବା ପାଇଁ ଉଦ୍ୟମ ଜାରି ରହିଛି। ଅଭିଯୁକ୍ତଦ୍ୱୟଙ୍କୁ ଚୋରି ଅଭିଯୋଗରେ କୋର୍ଟ ଚାଲାଣ କରାଯାଇଛି।

## କୀର୍ତ୍ତନ ମଣ୍ଡପ ପ୍ରତିଷ୍ଠା ଉତ୍ସବ



ବାରିକପୁର,୫।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ଚତୁର୍ଭୁଜପୁରସ୍ଥିତ ବାବାଛୋଟେଶ୍ୱର ମହାଦେବଙ୍କ ପୀଠରେ ନୂତନ କୀର୍ତ୍ତନ ମଣ୍ଡପ ପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା କାର୍ଯ୍ୟ ପାଇଁ ସର୍ବପ୍ରଥମେ ଅଙ୍କୁରାରୋପଣ ଓ ବୈତରଣୀ ନଦୀରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୂଜକ ସନ୍ତୋଷ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସୂର୍ଯ୍ୟ ପୂଜା, ମଣ୍ଡପ ପ୍ରବେଶ, ଅଷ୍ଟାଦଶ ମାତୃଗଣ ପୂଜା, ସର୍ବ ଦେବାଦେବୀ ପୂଜା, କୀର୍ତ୍ତନ ମଣ୍ଡପ ପ୍ରତିଷ୍ଠା, ପଞ୍ଚସଖା ପୂଜା, ଗ୍ରାମଦେବତୀ ପୂଜା, ଚଣ୍ଡି ପାଠ, ପୀଠ ଦେବତା ପୂଜା, ଗୀତାଯଜ୍ଞ, ହୋମଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ଏଥିରେ ୫ଜଣ ସହଯୋଗୀ ପୂଜକ ବୈଦିକ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ମଣ୍ଡପ ପ୍ରତିଷ୍ଠା ପାଇଁ ଗ୍ରାମର ଯୁବ ଉଦ୍ୟୋଗୀ ଇଂ.ଦେବବ୍ରତ ବାରିକ ଓ ପ୍ରଜ୍ଞା ପରିମିତା ବାରିକ ମୁଖ୍ୟ ସଙ୍କଳ୍ପ କର୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଆଖପାଖ ଅଂଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିବା ବେଳେ ପ୍ରତିଷ୍ଠା ଉତ୍ସବ ପରେ ୩ଦିନ ଧରି ନାମ ସଙ୍କୀର୍ତ୍ତନ ଆୟୋଜିତ ହୋଇଥିଲା। ଦିବ୍ୟାଂଶୁ ଇଞ୍ଜିନିୟରିଂ ପ୍ରତ୍ୟକ୍ଷ ସହଯୋଗରେ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇ ଅତ୍ୟାଧୁନିକ ମଣ୍ଡପ ନିର୍ମାଣ ଓ ପ୍ରତିଷ୍ଠା ହୋଇଥିବା ବେଳେ ଏଥିରେ ସମସ୍ତ ଗ୍ରାମବାସୀ ସହଯୋଗ କରିଛନ୍ତି।

## ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟର ଅସ୍ତିତ୍ୱ ରକ୍ଷା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଭଦ୍ରକ,୫।୫(ସମିସ): ଭଦ୍ରକ ଧର୍ମରକ୍ଷା ସମିତି, ଭଦ୍ରକ ନାଗରିକ ପରିଷଦ ଓ ଅନ୍ୟାନ୍ୟ ସଙ୍ଗଠନ ତରଫରୁ ଭଦ୍ରକ ସୁନାମଧନ୍ୟ ଡାକ୍ତର ସ୍ୱର୍ଗତ ଦେବେନ୍ଦ୍ରନାଥ ଦାସଙ୍କ ଦାନରେ ନିର୍ମିତ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟକୁ ରକ୍ଷା କରିବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି ସ୍ୱର୍ଗତ ଦେବେନ୍ଦ୍ରନାଥଙ୍କର ସ୍ୱଅର୍ଜିତ କୋଟି କୋଟି ଟଙ୍କାର ଜମି ଏବଂ କୋଠାବାଡ଼ି ୧୯୯୫ ମସିହାରେ ରାଜ୍ୟ ସରକାରଙ୍କୁ ଚକ୍ଷୁ ଚିକିତ୍ସାଳୟ ନିମନ୍ତେ ଦାନ କରିଥିଲେ ଏବଂ ଉକ୍ତ ଜମିରେ ପରବର୍ତ୍ତୀ ସମୟରେ ସରକାରୀ ଚିକିତ୍ସାଳୟ ନିର୍ମାଣ କରାଯାଇଛି। ଜିଲ୍ଲା ତଥା ଜିଲ୍ଲା ବାହାରୁ ପ୍ରତ୍ୟହ ୨୦୦ ରୁ ଊର୍ଦ୍ଧ୍ୱ ରୋଗୀ ଚକ୍ଷୁ ଚିକିତ୍ସା ପାଇଁ ଏଠାକୁ ଆସୁଥେଠିଲ। ଏହାକୁ ସ୍ୱତନ୍ତ୍ର ଚିକିତ୍ସାଳୟ ରୂପେ ସରକାରୀ ମାନ୍ୟତା ପ୍ରଦାନ କରିଥିଲା। ଦୁଃଖର ବିଷୟ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ଗେଲପୁର ସ୍ଥାନାନ୍ତର ହେବା ପରେ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟକୁ ବନ୍ଦ କରିବା ପାଇଁ କିଛି ବ୍ୟକ୍ତି ଷଡ଼ଯନ୍ତ୍ର କରିଥେଠିଲ। ଚକ୍ଷୁ ଚିକିତ୍ସାଳୟର ସମସ୍ତ ସାମଗ୍ରୀକୁ ସ୍ଥାନାନ୍ତରିତ କରି ଉକ୍ତ ସ୍ଥାନରେ ମୁଖ୍ୟ ଚିକିତ୍ସାଳୟର ସମସ୍ତ ଆବର୍ଜନା ଏବଂ ପରିତ୍ୟକ୍ତ ଆସବାବପତ୍ର ଠୁଳ କରିଥିଲେ। ସ୍ୱର୍ଗତ ଦାସଙ୍କର ସ୍ୱପ୍ନର ଚିକିତ୍ସାଳୟ ଏବଂ ତାଙ୍କର ମହତ ଉଦ୍ଦେଶ୍ୟର ଦାନକୁ ଜିଲ୍ଲା ପ୍ରଶାସନର ଅବେହଳା ହେତୁ ଭଦ୍ରକର ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଜନଅସନ୍ତୋଷ ସୃଷ୍ଟି ହୋଇଥିଲା। ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଉକ୍ତ ଚିକିତ୍ସାଳୟକୁ ଜଣେ ଡାକ୍ତରଙ୍କ ଦ୍ୱାରା ପରିଚାଳନା କରାଯାଉଥିଲା। ଏବେ ପ୍ରତ୍ୟେକ ଦିନ ଆସୁଥିବା ରୋଗୀମାନଙ୍କର ଚିକିତ୍ସା ନିମନ୍ତେ ଆବଶ୍ୟକୀୟ ସାମଗ୍ରୀମାନ ନ ଥିବା, ଡାକ୍ତର ଅଭାବ ଓ ଷ୍ଟାଫଙ୍କ ଅଭାବ, ବିଲଡିଂର ମରାମତି ଓ ଚିକିତ୍ସାଳୟ ପରିସରରେ ପାଚେରି ନିର୍ମାଣ କରିବା ଆଦି ଦାବିକୁ ଏବେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ଜିଲ୍ଲାପାଳ ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଧର୍ମରକ୍ଷା ସମିତିର ସଭାପତି ସନ୍ତୋଷ ପରିଡ଼ା ମତ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନବେଳେ ମାନସ ମହାନ୍ତି, ନବଘନ ପ୍ରସାଦ ଦାସ, ବଳରାମ ଜେନା, ସଞ୍ଜୀବ ଦାସ, ରଘୁନାଥ ପାଢ଼ୀ, ତପନ ମହାନ୍ତି, ବ୍ରଜକିଶୋର ମହାରଣା, ପ୍ରେମାଦ ସାହୁ, ବୃଷଭାନୁ ସାହୁ, ଅମିତ ଦାସ, ଦଶରଥ ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସାମ୍ବାଦିକଙ୍କ ସୁରକ୍ଷା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭଦ୍ରକ,୫।୫(ସମିସ)



ସାମ୍ବାଦିକଙ୍କ ସୁରକ୍ଷା ଓ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କୁ ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପତ୍ରଟି ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସଭାପତି ରବିନାରାୟଣ ଖିଲାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପୂର୍ବରଞ୍ଜନ ବେହେରା, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ସାମଲ, ଆବାହକ ଅବିନାଶ ପଣ୍ଡା, ସାମ୍ବାଦିକ ରାମ ନାରାୟଣ ମହାନ୍ତି, ସଞ୍ଜୀବ ନାଏକ, କୋଷାଧ୍ୟକ୍ଷ ସୂଜୟ ପାକଳ, ଅମର ନାଏକ, ରଞ୍ଜନ ମଲ୍ଲିକ, ଅଜୟ ମଲ୍ଲିକ, କାହ୍ନୁ ଯେନା, ଅଭିଳାଷ ପଣ୍ଡା, ସୀତାକାନ୍ତ ବିଶ୍ୱାଳ, ଅଶୋକକୁମାରସାହୁ, ଅକ୍ଷୟନାଏକ, ସୁଶାନ୍ତରାଉତ, ସେକ ଜାଫର ଅଲ୍ଲୀ, ସନ୍ତୋଷ ସାହୁ, ମାନସ ପରିଡା, ସିଦ୍ଧାର୍ଥ ଶଙ୍କର ମିଶ୍ର, କାଳନ୍ଦୀ ବେହେରା, ରାଜେନ୍ଦ୍ର ଶତପଥୀ, ଦୁର୍ଯ୍ୟୋଧନ ଲେଙ୍କା, ବିରଂଚି ବେହେରା, ଆକାଶଆଦିତ୍ୟ ବେହେରା, ସୌଜନ୍ୟ ପ୍ରକାଶ ପାଣି, ମନୋରଞ୍ଜନ ମହାନ୍ତି, ଭଗବାନ ସାମଲ, ଦୀପ୍ତି ରଞ୍ଜନ ନାୟକ, ସନ୍ତୋଷ ଦାସ, ରତିକାନ୍ତ ନାୟକ, ରମେଶ ଚନ୍ଦ୍ର ପାଗଳ, ସାଧନ ଧର, ଆଶିଷ ମହାନ୍ତି, ଅଶ୍ୱିନୀ ପାଢ଼ୀ, ଜଗନ୍ନାଥ ବେହେରା, ପ୍ରଦୀପ ବଳ, ଶୁଭାଶିଷ ଦ୍ୱିବେଦୀ ପ୍ରମୁଖ ଙ୍କ ଦ୍ୱାରା ପ୍ରଦାନ କରାଯାଇଛି। ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ଅନ୍ୟ ରାଜ୍ୟ ତୁଳନାରେ ଅପେକ୍ଷାକୃତ ଦୁର୍ବଳ। ଆମ ଦେଶର ଅଧିକାଂଶ ରାଜ୍ୟରେ ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ଦିଆଯାଉଥିଲାବେଳେ, ଆମ ରାଜ୍ୟରେ ଏ ସଂଖ୍ୟା ମାତ୍ର ୨୦୦ରେ ସୀମିତ। ଉତ୍ତରପ୍ରଦେଶ, ବିହାର, ହରିୟାଣା, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଅରୁଣାଚଳ ପ୍ରଦେଶ ସମେତ ଦେଶରେ ୨୦ ରୁ ଅଧିକ ରାଜ୍ୟରେ ୧୦ ହଜାରରୁ ୨୫ ହଜାର ପର୍ଯ୍ୟନ୍ତ ପେନସନ୍, ରିହାତି ମୂଲ୍ୟରେ ପରିବହନ ସୁବିଧା, ସାମାଜିକ ସୁରକ୍ଷା ଆଇନ ମାଧ୍ୟମରେ ବୃତିଗତ ଭତ୍ତା ଭଳି ନାନାଦି ଆର୍ଥିକ ଓ ସାମାଜିକ ସୁବିଧା ପ୍ରଦାନ କରାଯାଉଛି। ମାତ୍ର ଓଡ଼ିଶା ସରକାରଙ୍କ ପକ୍ଷରୁ କିଛି ସୀମିତ ଯୋଜନା ବ୍ୟତୀତ ଆବଶ୍ୟକୀୟ ମୌଳିକ ସୁବିଧାରୁ ସାମ୍ବାଦିକ ବର୍ଗଙ୍କୁ ବଞ୍ଚିତ କରାଯାଇଛି। ରାଜ୍ୟ ସରକାର ସାମ୍ବାଦିକଙ୍କ ଦାବି ପ୍ରତି ଆବଶ୍ୟକ ସମ୍ବେଦନଶୀଳ ନୁହନ୍ତି। ଏହି ପରିପ୍ରେକ୍ଷୀରେ "ଉତ୍କଳ ସାମ୍ବାଦିକ ସଂଘ' ପକ୍ଷରୁ ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହିତ ପ୍ରଚଳିତ ଆଇନରେ ସଂଶୋଧନ ପୂର୍ବକ ଜିଲ୍ଲା ଓ ରାଜ୍ୟସ୍ତରରେ ସାମ୍ବାଦିକଙ୍କୁ ବ୍ୟାପକ ଭାବରେ ମାନ୍ୟତା ପ୍ରଦାନ କରାଯିବାକୁ ଦାବି ହୋଇଛି। ସେହିପରି ସାମ୍ବାଦିକଙ୍କ ଉପରେ ଆକ୍ରମଣକୁ ଦୃଷ୍ଟିରେ ରଖି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ୬୦ ବର୍ଷରୁ ଅଧିକ ସାମ୍ବାଦିକଙ୍କ ପାଇଁ ୧୫ ହଜାର ଟଙ୍କାର ପେନସନ୍ ବ୍ୟବସ୍ଥା, ଓଡ଼ିଶା ପ୍ରେସ୍ ଏକାଡେମୀ ଗଠନ ପୂର୍ବକ ଭୁବନେଶ୍ୱରରେ ଭବନ ନିର୍ମାଣ କରି ବୃତ୍ତିଗତ କାର୍ଯ୍ୟରେ ରାଜଧାନୀ ଆସୁଥିବା ସାମ୍ବାଦିକଙ୍କ ସ୍ୱଳ୍ପ ମୂଲ୍ୟରେ ରହଣି ବ୍ୟବସ୍ଥା, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ପରିଧିରେ ଅବସରପ୍ରାପ୍ତ ସାମ୍ବାଦିକ, ହିତାଧିକାରୀଙ୍କ ମାତା, ପିତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ କରିବାକୁ ଦାବି ରଖିଛି।

## ନାହିଁ ନାହିଁରେ ଚାଲିଛି ସରକାରୀ କାର୍ଯ୍ୟାଳୟ

# ସ୍ଥାୟୀ ଅଧିକାରୀ ଓ କର୍ମଚାରୀ ନିଯୁକ୍ତି ଦାବି




ଧାମନଗର,୫।୫(ସମିସ): ଧାମନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବେ ନାହିଁ ନାହିଁରେ ଚାଲିଛି। ଏହି ଅଞ୍ଚଳରେ ଥିବା ବିଇଓ ଅଫିସ୍, ଉଦ୍ୟାନ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଧାମନଗର ବିଇଓ ଅଫିସରେ ସ୍ଥାୟୀ ଅଧିକାରୀ ନାହାନ୍ତି। ବରିଷ୍ଠ କିରାଣି ଓ କନିଷ୍ଠ କିରାଣି ସ୍ଥାୟୀ ଭାବରେ ୩ ଜଣ ମଧ୍ୟରୁ କେହି ନଥିବା ବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମଧ୍ୟ ନାହାନ୍ତି। ଦୀର୍ଘ ଦିନ ହେବ ଜଣେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପଦବୀ ଖାଲି ପଡ଼ିଛି। ଧାମନଗର ଉଦ୍ୟାନ କୃଷି ଭବନ ଅଧିକାରୀ ଅବସର ପରେ ଏହି ପଦବୀ ଦୀର୍ଘ ଦିନ ହେବ ଖାଲି ପଡିଥିବା ବେଳେ ସ୍ଥାୟୀ ଅଧିକାରୀ ନଥିବା ବେଳେ ଓ ଅନ୍ୟ କର୍ମଚାରୀଙ୍କ ଘୋର ଅଭାବ ଦେଖାଦେଇଛି।

ସ୍ୱାସ୍ଥ୍ୟ ବିଭାଗ କଥା ନ କହିବା ଭଲ। ବହୁ ସମସ୍ୟା ଘେରରେ ରହିଛି ଧାମନଗର ସ୍ୱାସ୍ଥ୍ୟ କେନ୍ଦ୍ର। ପ୍ରାୟ ୧୬ ଟି ପଞ୍ଚାୟତ ଓ ଗୋଟିଏ ଏନ୍ଏସିର ହଜାର ହଜାର ଲୋକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ସିଏଚ୍‌ସିରେ ଏବେ କର୍ମଚାରୀ ଓ ଅଧିକାରୀ ମରୁଡ଼ି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ଲକ ପବ୍ଲିକ ହେଲଥ ଅଫିସର (ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ) ନାହାଁନ୍ତି। ଏଠାରେ ମେଲ ଓ ଫିମେଲ ହେଲଥ ସୁପରଭାଇଜର ପଦବୀ ଶୂନ୍ୟ ଥିବାବେଳେ ହେଲଥ ୱାର୍କର ଫିମେଲଙ୍କ ପଦୋନ୍ନତି ପରେ ଏହି ସ୍ଥାନ ମଧ୍ୟ ଖାଲି ପଡ଼ିଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସବସେଣ୍ଟର ୨୮ ଟିରୁ ୧୮ ଟିରେ ଅଧିକାରୀ ନାହାନ୍ତି। ଏଥି ସହିତ ସ୍ୱାସ୍ଥ୍ୟ ପରିଦର୍ଶକ ପଦବୀ ୬ ଟି ଥିବା ବେଳେ ଗତ ସରକାର ସମୟରେ ୩ ଟି ବଢ଼ି ୯ ଟି ହୋଇଥିଲା। ଏବେ ଏହି ପଦବୀ ୮ଟି ଫାଙ୍କା ପଡ଼ିଥିବା ବେଳେ ଗୋଟିଏ ବିଭାଗରେ ୯ ଜଣଙ୍କ କାମକୁ ଜଣେ କିପରି ସମ୍ଭାଳିବେ ତାହା ଆଶ୍ଚର୍ଯ୍ୟର ବିଷୟ। ଏଥି ସହିତ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୦ ଜଣ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ପଦବୀରୁ ମାତ୍ର ଜଣିଏ ଥିବା ବେଳେ ଆଉ ୯ଟି ପଦବୀ ଶୂନ୍ୟ ପଡ଼ିଛି। ଏତିକିରେ ସରିନି ଏଠାରେ ଡିଜିଟାଲ ଏକ୍ସରେ ବ୍ୟବସ୍ଥା ମଧ୍ୟ ନାହିଁ। ଯେଉଁ ଏକ୍ସରେ ଅଛି ବାରମ୍ବାର ଅଚଳ ହେବାରୁ ରୋଗୀର ରୋଗ ଭଲ ହେବା ପାଇଁ ବାହାରେ ଏକ୍ସରେ କରି ଖର୍ଚ୍ଚର ସମ୍ମୁଖୀନ ହେଉଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟ ଓ ଚକିତ ହେବାଭଳି କଥା ହେଲା ଯେ, ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪ର୍ଥ ଶ୍ରେଣୀ କର୍ମଚାରୀ ପଦବୀ ସମ୍ପୂର୍ଣ୍ଣ ଶୂନ୍ୟ ପଡ଼ିଛି। ପୂର୍ବରୁ ଏହି ପଦବୀରେ ୮ ଜଣ କାର୍ଯ୍ୟ କରୁଥିବା ବେଳେ ଧୀରେ ଧୀରେ ସମସ୍ତେ ଅବସର ନେବାରୁ ତାହା ଫାଙ୍କା ପଡ଼ିଛି। ନାହିଁ ନାହିଁରେ ଚାଲିଥିବା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର। ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଣ ଏବଂ ଉକ୍ତ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ, ବିଭାଗୀୟ ସଚିବ, ଜିଲ୍ଲାପାଳ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## ପ୍ରତାପ ମହାନ୍ତିଙ୍କୁ ବିଜେଡି ସଂପାଦକ ଦାୟିତ୍ୱ



ଯାଜପୁର,୫।୫(ସମିସ): ଯାଜପୁର ଜିଲ୍ଲା ଯୁବ ବିଜୁ ଜନତା ଦଳର ପୂର୍ବତନ ସଭାପତି ବରିଷ୍ଠ ଯୁବ ନେତା ପ୍ରତାପ ମହାନ୍ତିଙ୍କୁ ରାଜ୍ୟ ବିଜୁ ଜନତା ଦଳର ସଂପାଦକ ଭାବେ ଦାୟିତ୍ୱ ମିଳିଛି । ଆଜି ଏ ସଂକ୍ରାନ୍ତରେ ଶଙ୍ଖଭବନରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରତାପଙ୍କ ସମର୍ଥକଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଛି । ବରିଷ୍ଠ ବିଜେଡି ନେତା ପ୍ରଣବ ପ୍ରକାଶ ଦାସଙ୍କ ଏକାନ୍ତ ଅନୁଗତ ଥିବା ପ୍ରତାପ ଜିଲ୍ଲାରେ ବିଜୁ ଯୁବ ଜନତା ସଂଗଠନକୁ ମଜବୁତ କରି ବେଶ ଚର୍ଚ୍ଚାରେ ଥିଲେ । ଆଜି ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରତାପଙ୍କୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ତାଙ୍କୁ ଶୁଭେଚ୍ଛାବାର୍ତ୍ତା ମିଳିବାରେ ଲାଗିଛି । ବିଜୁ ଜନତା ଦଳ ପକ୍ଷରୁ ଏଭଳି ଏକ ଗୁରୁ ଦାୟିତ୍ୱ ଦେଇଥିବାରୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ଯାଜପୁର ଜିଲ୍ଲାର ସମସ୍ତ ନେତୃବୃନ୍ଦଙ୍କୁ ନିଜର କୃତଜ୍ଞତା ଅର୍ପଣ କରିଛନ୍ତି ପ୍ରତାପ ।

## ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଜବରଦଖଲ ଉଚ୍ଛେଦ



ଯାଜପୁର,୫।୫(ସମିସ): ଯାଜପୁର ପୌରପାଳିକା ପକ୍ଷରୁ କରାଯାଉଛି ଏହି ଜବରଦଖଲ ଉଚ୍ଛେଦ । ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଉଠାଦୋକାନୀ ଭଙ୍ଗାଯାଉଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଓ ରୋଗୀମାନେ ଯିବା ପାଇଁ ଏହି ଉଠାଦୋକାନୀ ଜବର ଦଖଲ ଫଳରେ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ବାରମ୍ବାର ଅଭିଯୋଗ ଆସିବା ପରେ ଆଜି ମାଜିଷ୍ଟ୍ରେଟ ଜିହରେକୃଷ୍ଣଙ୍କ ଉପସ୍ଥିତିରେ ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତଙ୍କ ନେତୃତ୍ୱରେ ଏହି ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି ।

## ବଡ଼ତ୍ରିଲୋଚନପୁର ଗାଁ ଗଣ୍ଡଗୋଳ:୩ ଗିରଫ



ବରୁଆଁ, ୫।୫(ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ଜାଫରପୁର ପଞ୍ଚାୟତ ବଡ଼ତ୍ରିଲୋଚନପୁର ଗ୍ରାମରେ ଜମିବାଡ଼ିକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ପଦ୍ମନାଭ ରାଉତ ଓରଫ ଲିପୁନ (୨୪), ସସ୍ମିତା ସାମଲ ଓରଫ କୁନି (୪୫), ଦିବ୍ୟଜ୍ୟୋତି ଶାଶ୍ୱତାନନ୍ଦ ବେହେରା (୩୧) । ଏଠାରେ ସୂଚନା ଯୋଗ୍ୟ ବଡ଼ତ୍ରିଲୋଚନପୁର ଗ୍ରାମର ଏକ ବିବାଦୀୟ ଜମିରେ ଘର ନିର୍ମାଣକୁ ନେଇ ଗୋବିନ୍ଦ ଘଡ଼େଇ (୬୨) ଓ ନରେନ୍ଦ୍ର ଘଡ଼େଇ ପରିବାର ମଧ୍ୟରେ ବିବାଦ ଲାଗିଥିଲା । ଉକ୍ତ ବିବାଦୀୟ ଜମି ଉପରେ ନରେନ୍ଦ୍ର ଘଡ଼େଇ ଘର ନିର୍ମାଣ କରିଥିଲେ । ଏହି ଘର ନିର୍ମାଣକୁ ଗୋବିନ୍ଦ ଘଡ଼େଇ ବିରୋଧ କରିବାରୁ ନରେନ୍ଦ୍ର ଓ ତାର ବନ୍ଧୁବାନ୍ଧବ ସହଯୋଗୀମାନେ ମିଳିତ ଭାବେ ଗୋବିନ୍ଦଙ୍କୁ ଠେଙ୍ଗା ବାଡ଼ି ଓ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ଖବର ପାଇ ଗୋବିନ୍ଦଙ୍କ ଦୁଇ ପୁଅ ସଞ୍ଜୟ, ସରୋଜ ଓ ଗୋବିନ୍ଦର ପତ୍ନୀ ଓ ଝିଅ ଘଟଣାସ୍ଥଳକୁ ଯିବାବେଳେ ବିପକ୍ଷ ପକ୍ଷ କଟୁରିରେ ଆକ୍ରମଣ କରିଥିଲେ ।

## ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ



କୁଆଖିଆ,୫।୫(ସମିସ): କୁଆଖିଆ ନିକଟସ୍ଥ ଚଣ୍ଡିପୁର ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈଜେନ୍ଦ୍ରନାଥ ସାହୁ ଦୀର୍ଘ ୩୪ ବର୍ଷ ପରେ ସରକାରୀ ଚାକିରିରୁ ଅବସର ନେଇଛନ୍ତି । ପଣ୍ଡିତ ଯୋଗେନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ସଭାରେ ଉଦ୍‌ଘାଟକ ଡ. ସୁଦର୍ଶନ ମଲ୍ଲିକ ମଣ୍ଡଳ ଶିକ୍ଷାଧିକାରୀ ରସୁଲପୁର, ମୁଖ୍ୟଅତିଥି ପ୍ରାକ୍ତନ ପ୍ରାଧ୍ୟପକ ବେଣୁଧର ଶରଣ, ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟାପକ ଡ.ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି କାହ୍ନୁ ଚରଣ ଦାସ, ରାଧେଶ୍ୟାମ ମିଶ୍ର, ରମାକାନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ପରିଚୟ ସୁଶାନ୍ତ କୁମାର ମହାରଣା ପ୍ରଦାନ କରିଥିଲେ । ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ । ଏହି ସଭାରେ ପୁରାତନ ଛାତ୍ର ସଂସଦ ତରଫରୁ ସୁରେଶ ସାର୍‌ଙ୍କୁ ମାନପତ୍ର, ଉପଢୌକନ ଓ ଫୁଲତୋଡ଼ା ଦେଇ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ତାଙ୍କ ନାଁରେ ଗୋଟିଏ ପାଠାଗାର କକ୍ଷ ନାମିତ କରାଯିବ ବୋଲି ଘୋଷଣା ହୋଇଛି । ଅବସର ପରେ ବି ସୁରେଶ ସାର୍ ଗାଁ ପିଲାଙ୍କୁ ମାଗଣା ଶିକ୍ଷା ଦେବେ ବୋଲି କହିଛନ୍ତି ।

## 'ଲକ୍ଷ୍ମୀ' ପାଇଁ ରାଜରାସ୍ତାରେ ଆନନ୍ଦପୁରବାସୀ

# ୨୦ ଦିନର ମହଲତ ଦେଲା ପ୍ରଶାସନ

ଦୋବଲ,୫।୫(ସମିସ)



ପ୍ରଶାସନର ମିଥ୍ୟା ପ୍ରତିଶ୍ରୁତି ଓ ଚରମ ଅବହେଳା ବିରୋଧରେ ଧାମନଗର ବ୍ଲକ୍ ଖଡ଼ିପଦା ଛକରେ ପ୍ରତିବାଦ ଶୋଭାଯାତ୍ରା ଦେଖିବାକୁ ମିଳିଥିଲା । ଆନନ୍ଦପୁର ପଞ୍ଚାୟତକୁ 'ଲକ୍ଷ୍ମୀ ବସ୍' ସେବାରୁ ବଞ୍ଚିତ ରଖାଯିବା ପ୍ରତିବାଦରେ ପଞ୍ଚାୟତବାସୀ ସକାଳୁ ରାସ୍ତା ଅବରୋଧ କରି ପ୍ରଶାସନ ବିରୋଧରେ ଗର୍ଜିଥିଲେ । ସଞ୍ଜୟ ମିଶ୍ର ଓ ଅରୁଣ କୁମାର ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନବେଳେ ପଧାନି ଓ ଦୋବଲ ଦେଇ ଚଳାଚଳ କରୁଥିବା ମୁଖ୍ୟମନ୍ତ୍ରୀ ବସକୁ ଆନ୍ଦୋଳନକାରୀ ଅଟକାଇ ଦେଇଥିଲେ । ଘଟଣାର ଗମ୍ଭୀରତା ଦେଖି ଧାମନଗର ବିଡିଓ ବନବିହାରୀ ଦିନ୍ଧା ଟେଲିଫୋନ ଯୋଗେ ଆନ୍ଦୋଳନକାରୀଙ୍କ ସହ ସମ୍ପର୍କ କରିଥିଲେ । ପରେ ତାଙ୍କ ନିର୍ଦ୍ଦେଶକ୍ରମେ ଓଏସ୍‌ଆରଟିସି ବ୍ଲକ ସୁପରଭାଇଜର ଘଟଣାସ୍ଥଳରେ ପହଞ୍ଚି ଆସନ୍ତା ୨୦ ଦିନ ମଧ୍ୟରେ ଧାମନଗର-ଆନନ୍ଦପୁର ଭାୟା ଖଡ଼ିପଦା ରୁଟରେ ବସ୍ ଚଳାଚଳ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା । ସୂଚନାଯୋଗ୍ୟ, ଧାମନଗରରୁ ଆନନ୍ଦପୁର ହୋଇ ସୋହଡ଼ା ଓ ଖଡ଼ିପଦା ଦେଇ ବସ୍ ଚଳାଚଳ ପାଇଁ ରୁଟ୍ ଚୂଡ଼ାନ୍ତ ହୋଇଥିଲା, ଯାହାଦ୍ୱାରା ବାଲିପାଟଣା, ପାହାଡ଼ପୁର, ମାନଲାପୁର ଓ ଉତେଇପୁର ଗ୍ରାମର ହଜାର ହଜାର ଲୋକ ଉପକୃତ ହୋଇଥାନ୍ତେ । ମାତ୍ର ବିଗତ ୩ ବର୍ଷ ଧରି ଏହି ଦାବି କେବଳ କାଗଜପତ୍ରରେ ସୀମିତ ରହିଛି । ଗ୍ରାମବାସୀ ବାରମ୍ବାର ଭଦ୍ରକ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଗୁହାରି କରିଥିଲେ ସୁଦ୍ଧା କେବଳ ପ୍ରତିଶ୍ରୁତି ମିଳିଥିଲା । ଗତ ଏପ୍ରିଲ ୨୭ତାରିଖରେ ଜିଲ୍ଲାପାଳ ଓ ଏସପିଙ୍କୁ ଭେଟି ମେ ୫ ସୁଦ୍ଧା ବସ୍ ଚଳାଚଳ ନହେଲେ ଆନ୍ଦୋଳନ ପାଇଁ ଶେଷ ଚେତାବନୀ ଦିଆଯାଇଥିଲା । ଆଜିର ପ୍ରତିବାଦ ସଭାରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସାଧାରଣ ଜନତା ସାମିଲ ହୋଇଥିଲେ । ସରୋଜ ଖୁଣ୍ଟିଆ, ରାଜେଶ ମିଶ୍ର, ସୁଦାମ ବାରିକ, ଶ୍ରୀତମ ଖୁଣ୍ଟିଆ, ଜ୍ୟୋତି ନାରାୟଣ ପୋଥାଳ, ସାଗର ମିଶ୍ର, ବିଷ୍ଣୁ ଚରଣ ଦାସ, ଧନେଶ୍ୱର ସେଠୀ, ଧୀରେନ୍ଦ୍ର ଆଦିଆ, ପ୍ରକାଶ ଦାସ, ଶୁକଦେବ ଜେନା ଓ ଶ୍ୟାମ ସୁନ୍ଦର ଜେନା ପ୍ରମୁଖ ସାମିଲ୍ ହୋଇଥିଲେ ।

## ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଅସୁରାଳି,୫।୫(ସମିସ): ଗୋବିନ୍ଦପୁର ପଞ୍ଚାୟତ କୋରୁଆ ପାଟଣାସାହି ଗାଁରେ ଗତକାଲି ଠାରୁ ଶୁଭାରମ୍ଭ ହୋଇଛି ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ । ଗ୍ରାମବାସୀ ଓ ସେବାୟତଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ମହୋତ୍ସବରେ ସ୍ଥାନୀୟ ଅଞ୍ଚଳରେ ଏକ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଶ୍ରୀଜଗନ୍ନାଥ ସଂସ୍କୃତି କେବଳ ଏକ ଉପାସନା ପଦ୍ଧତି ନୁହେଁ, ବରଂ ଏହା ସମାନତା, ସହନଶୀଳତା ଏବଂ ବିଶ୍ୱଭ୍ରାତୃତ୍ୱର ପ୍ରତୀକ । ମହାପ୍ରଭୁଙ୍କ ଦର୍ଶନରେ ଜାତି-ଧର୍ମ-ବର୍ଣ୍ଣର ଭେଦଭାବ ଶୂନ୍ୟ । ଏହି ମହାନ ପରମ୍ପରାକୁ ଆଖିରେ ରଖି କୋରୁଆ ପାଟଣାସାହିରେ ନିର୍ମିତ ଏହି ନୂତନ ମନ୍ଦିର ଆଗାମୀ ଦିନରେ ଅଞ୍ଚଳର ଏକତା ଓ ସାଂସ୍କୃତିକ ଜାଗରଣର କେନ୍ଦ୍ରବିନ୍ଦୁ ପାଲଟିବ ବୋଲି ଆଶା କରାଯାଉଛି । ଗତ ୪ ତାରିଖ (ସୋମବାର) ରୁ ଅଙ୍କୁରାରୋପଣ ଓ ଅଧିବାସ କାର୍ଯ୍ୟ ସମାପ୍ତ ହୋଇଥିବା ବେଳେ, ଗତକାଲି (ମଙ୍ଗଳବାର) ଶତାଧିକ ମହିଳାଙ୍କ ସମାଗମରେ ଏକ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆଜି ଅର୍ଥାତ୍ ବୁଧବାର ଦିନ ମଣ୍ଡଳ ପୂଜା, ଘଟ ପୂଜା ଏବଂ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ କାର୍ଯ୍ୟ ସମ୍ପନ୍ନ ହେବାର ସୂଚନା ରହିଛି । ଆସନ୍ତାକାଲି ମହାପ୍ରଭୁଙ୍କ ବିଗ୍ରହମାନଙ୍କର ନଗର ଭ୍ରମଣ, ମନ୍ଦିର ପ୍ରତିଷ୍ଠା, ପ୍ରାଣ ପ୍ରତିଷ୍ଠା ଓ ପହଣ୍ଡି ବିଜେ । ସେହିପରି ୮ମଇ (ଶୁକ୍ରବାର) ମହୋତ୍ସବର ଶେଷ ଦିନରେ ମହାପ୍ରଭୁଙ୍କ ପବିତ୍ର ନବଯୌବନ ଦର୍ଶନ ଅନୁଷ୍ଠିତ ହେବ । ମଧ୍ୟାହ୍ନ ୧୨ଟା ପରେ ଗୀତାଯଜ୍ଞ ଓ ପୂର୍ଣ୍ଣାହୁତି ସହ ଭକ୍ତଙ୍କ ପାଇଁ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ପାଟଣାସାହି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି ଯେ, ଶ୍ରୀଜୀଉଙ୍କ ଏହି ଅପାର କରୁଣାରୁ ସମ୍ଭବ ହୋଇଥିବା ଏହି ପ୍ରତିଷ୍ଠା ଉତ୍ସବରେ ଅଂଚଳର ସମସ୍ତ ଶ୍ରଦ୍ଧାଳୁ ସପରିବାର ଯୋଗଦେଇ ପୁଣ୍ୟ ଅର୍ଜନ କରନ୍ତୁ । ଏହି ୫ଦିନିଆ ଉତ୍ସବକୁ ସଫଳ କରିବା ପାଇଁ ସ୍ଥାନୀୟ ଯୁବକ ସଂଘ ଓ ଗ୍ରାମର ମୁରବୀମାନେ ଅହୋରାତ୍ର କାର୍ଯ୍ୟ କରୁଛନ୍ତି ।

## ● ଯାଜପୁର ରଗ୍‌ବୀ ସମର କୋଚିଂ କ୍ୟାମ୍ପ୍ ଆରମ୍ଭ

# ପ୍ରଦର୍ଶନୀ ମ୍ୟାଚ ମହିଳାରେ କେନ୍ଦ୍ରାପଡ଼ା ବିଜୟୀ

ଦଶରଥପୁର,୫।୫(ସମିସ): ଦଶରଥପୁର ହାଇସ୍କୁଲ ସ୍ଥିତ ଦିଲୀପ ତୀର୍କି ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଯାଜପୁର ଜିଲ୍ଲା ରଗ୍‌ବୀ ଫୁଟବଲ ଆସୋସିଏସନ୍ ଦ୍ୱାରା ଆଜି ଠାରୁ ରଗ୍‌ବି ଫୁଟବଲ୍ ଓ ଦୌଡ଼କୁଦ ସମର କୋଚିଂ କ୍ୟାମ୍ପ ପୂର୍ବତନ ତହସିଲଦାର ଅମିୟ କୁମାର ମଲ୍ଲିକଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଯାଇଛି । ୧୨ ବର୍ଷରୁ ଅଧିକ ଓ ୨୨ ବର୍ଷରୁ କମ୍ ୫୩ ଜଣ କ୍ୟାମ୍ପରେ ଯୋଗ ଦେଇଥିବା ବେଳେ ଏହି ଶିବିର ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଅପରାହ୍ନରେ କେନ୍ଦ୍ରାପଡା ଓ ଯାଜପୁର ଜିଲ୍ଲା ମଧ୍ୟରେ ପ୍ରଦର୍ଶନୀ ରଗବୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ମହିଳା ବିଭାଗର କେନ୍ଦ୍ରାପଡା ୨୦-୧୦ ବିଜୟ ହୋଇଥିବା ବେଳେ ପୁରୁଷ ବିଭାଗରେ ୨୦-୨୦ ଡ୍ର ହୋଇଥିଲା । ସଭାପତି ନାରାୟଣ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ସମାଜସେବୀ ଅଞ୍ଜନେୟ ପ୍ରସାଦ ରାୟ, ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ, ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ୍, ସାହିତ୍ୟିକ ରାମଚନ୍ଦ୍ର ଦାଶ, ସମାଜସେବୀ ମନୀଷ ସାହୁ, ଶିକ୍ଷାବିତ୍ ବିରଜା ପ୍ରସାଦ ଦାସ୍, ବିରଞ୍ଚି ବାସୁଦେବ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ପାଦକ ଭରତ ସାହୁ କ୍ରୀଡ଼ା ବିବରଣୀ ପ୍ରଦାନ କରିଥିଲେ । କ୍ୟାମ୍ପକୁ ରଗ୍‌ବୀ ଇଣ୍ଡିଆ ରେଫରୀ ଲୋକନାଥ ସାହୁ, ବିଶାଳ ଚୌଧୁରୀ, କୋଚ୍ ଅଜୟ ପ୍ରଧାନ, ବିଘ୍ନେଶ୍ୱର ମଲ୍ଲିକ ପରିଚାଳନା କରୁଛନ୍ତି । ଏହି କ୍ୟାମ୍ପ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟର ଅସ୍ତିତ୍ୱ ରକ୍ଷା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଭଦ୍ରକ,୫।୫(ସମିସ): ଭଦ୍ରକ ଧର୍ମରକ୍ଷା ସମିତି, ଭଦ୍ରକ ନାଗରିକ ପରିଷଦ ଓ ଅନ୍ୟାନ୍ୟ ସଙ୍ଗଠନ ତରଫରୁ ଭଦ୍ରକ ସୁନାମଧନ୍ୟ ଡାକ୍ତର ସ୍ୱର୍ଗତ ଦେବେନ୍ଦ୍ରନାଥ ଦାସଙ୍କ ଦାନରେ ନିର୍ମିତ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟକୁ ରକ୍ଷା କରିବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି ସ୍ୱର୍ଗତ ଦେବେନ୍ଦ୍ରନାଥଙ୍କର ସ୍ୱଅର୍ଜିତ କୋଟି କୋଟି ଟଙ୍କାର ଜମି ଏବଂ କୋଠାବାଡ଼ି ୧୯୯୫ ମସିହାରେ ରାଜ୍ୟ ସରକାରଙ୍କୁ ଚକ୍ଷୁ ଚିକିତ୍ସାଳୟ ନିମନ୍ତେ ଦାନ କରିଥିଲେ ଏବଂ ଉକ୍ତ ଜମିରେ ପରବର୍ତ୍ତୀ ସମୟରେ ସରକାରୀ ଚିକିତ୍ସାଳୟ ନିର୍ମାଣ କରାଯାଇଛି । ଜିଲ୍ଲା ତଥା ଜିଲ୍ଲା ବାହାରୁ ପ୍ରତ୍ୟହ ୨୦୦ ରୁ ଊର୍ଦ୍ଧ୍ୱ ରୋଗୀ ଚକ୍ଷୁ ଚିକିତ୍ସା ପାଇଁ ଏଠାକୁ ଆସୁଥେଠିଲ । ଏହାକୁ ସ୍ୱତନ୍ତ୍ର ଚିକିତ୍ସାଳୟ ରୂପେ ସରକାରୀ ମାନ୍ୟତା ପ୍ରଦାନ କରିଥିଲା । ଦୁଃଖର ବିଷୟ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ଗେଲପୁର ସ୍ଥାନାନ୍ତର ହେବା ପରେ ରାଘବାନନ୍ଦ ଚକ୍ଷୁ ଚିକିତ୍ସାଳୟକୁ ବନ୍ଦ କରିବା ପାଇଁ କିଛି ବ୍ୟକ୍ତି ଷଡ଼ଯନ୍ତ୍ର କରିଥେଠିଲ । ଚକ୍ଷୁ ଚିକିତ୍ସାଳୟର ସମସ୍ତ ସାମଗ୍ରୀକୁ ସ୍ଥାନାନ୍ତରିତ କରି ଉକ୍ତ ସ୍ଥାନରେ ମୁଖ୍ୟ ଚିକିତ୍ସାଳୟର ସମସ୍ତ ଆବର୍ଜନା ଏବଂ ପରିତ୍ୟକ୍ତ ଆସବାବପତ୍ର ଠୁଳ କରିଥିଲେ । ସ୍ୱର୍ଗତ ଦାସଙ୍କର ସ୍ୱପ୍ନର ଚିକିତ୍ସାଳୟ ଏବଂ ତାଙ୍କର ମହତ ଉଦ୍ଦେଶ୍ୟର ଦାନକୁ ଜିଲ୍ଲା ପ୍ରଶାସନର ଅବେହଳା ହେତୁ ଭଦ୍ରକର ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଜନଅସନ୍ତୋଷ ସୃଷ୍ଟି ହୋଇଥିଲା । ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଉକ୍ତ ଚିକିତ୍ସାଳୟକୁ ଜଣେ ଡାକ୍ତରଙ୍କ ଦ୍ୱାରା ପରିଚାଳନା କରାଯାଉଥିଲା । ଏବେ ପ୍ରତ୍ୟେକ ଦିନ ଆସୁଥିବା ରୋଗୀମାନଙ୍କର ଚିକିତ୍ସା ନିମନ୍ତେ ଆବଶ୍ୟକୀୟ ସାମଗ୍ରୀମାନ ନ ଥିବା, ଡାକ୍ତର ଅଭାବ ଓ ଷ୍ଟାଫଙ୍କ ଅଭାବ, ବିଲଡିଂର ମରାମତି ଓ ଚିକିତ୍ସାଳୟ ପରିସରରେ ପାଚେରି ନିର୍ମାଣ କରିବା ଆଦି ଦାବିକୁ ଏବେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା । ଜିଲ୍ଲାପାଳ ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଧର୍ମରକ୍ଷା ସମିତିର ସଭାପତି ସନ୍ତୋଷ ପରିଡ଼ା ମତ ଦେଇଛନ୍ତି । ଏହି ଦାବିପତ୍ର ପ୍ରଦାନବେଳେ ମାନସ ମହାନ୍ତି, ନବଘନ ପ୍ରସାଦ ଦାସ, ବଳରାମ ଜେନା, ସଞ୍ଜୀବ ଦାସ, ରଘୁନାଥ ପାଢ଼ୀ, ତପନ ମହାନ୍ତି, ବ୍ରଜକିଶୋର ମହାରଣା, ପ୍ରେମାଦ ସାହୁ, ବୃଷଭାନୁ ସାହୁ, ଅମିତ ଦାସ, ଦଶରଥ ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



କୁଆଖିଆ,୫।୫(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ପ୍ରମୋଦ ପତି ଫାଉଣ୍ଡେସନ ପକ୍ଷରୁ ସଦ୍ୟ ପ୍ରକାଶିତ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ରଖିଥିବା ଜିଲ୍ଲା ଟପ୍ପର ଓ ରସୁଲପୁର ବ୍ଲକରେ ଏ-୧ ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ଫାଉଣ୍ଡେସନର ସଭାପତି ସରୋଜିନୀ ପତି ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ରସୁଲପୁର ବିଡିଓ ସତ୍ୟାନନ୍ଦ ଦାଶ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ କୈଳାସ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ କୁଆଖିଆ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ, ଜିଲ୍ଲା ଓଷ୍ଟା ସଭାପତି ସୁନନ୍ଦ କୁମାର ରାଉତ, ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ଜେନା, ଶିଶୁ ସାହିତ୍ୟିକ ଅଭିମନ୍ୟୁ ଧଳ, ସରକାରୀ ଆଇନଜୀବୀ ମନୋରଞ୍ଜନ ପତି, ରବୀନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଜିଲ୍ଲାରେ ଏ-୧ ଟପ୍ପର ଛାତ୍ର ଶୁଭମ ସାହୁ ଓ ରସୁଲପୁର ବ୍ଲକରେ ସମସ୍ତ ଏ-୧ ପାଇ ଥିବା ଆଦ୍ୟାସା ଦାସ, ଗୁରୁଦେବ ଦାସ, ପଲକ ସ୍ୱାଇଁ, ଦେବଂଶୀ ଦେବନିତା ମହାନ୍ତି, ଆର୍ଯ୍ୟାଭିଷେକ ସାହୁ, ପ୍ରତ୍ୟାଶା ଦାସ, କୌଶଲ୍ୟା ପତି, ରାଜଶ୍ରୀ ରାଜନନ୍ଦିନୀ ଜେନା, ପ୍ରିୟାନ୍ସି ସାହୁ, ସାଇଶ୍ରୀ ମହାରଣା, ଆଦର୍ଶ ପଣ୍ଡାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁରସ୍କାର ପ୍ରଦାନ କରିଥିଲେ ।

# ସାମ୍ବାଦିକଙ୍କ ସୁରକ୍ଷା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭଦ୍ରକ,୫।୫(ସମିସ)



ସାମ୍ବାଦିକଙ୍କ ସୁରକ୍ଷା ଓ ଆର୍‌ଠଥକ ସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କୁ ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ପତ୍ରଟି ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସଭାପତି ରବିନାରାୟଣ ଖିଲାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପୂର୍ବରଞ୍ଜନ ବେହେରା, କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ସାମଲ, ଆବାହକ ଅବିନାଶ ପଣ୍ଡା, ସାମ୍ବାଦିକ ରାମ ନାରାୟଣ ମହାନ୍ତି, ସଞ୍ଜୀବ ନାଏକ, କୋଷାଧ୍ୟକ୍ଷ ସୂଜୟ ପାକଳ, ଅମର ନାଏକ, ରଞ୍ଜନ ମଲ୍ଲିକ, ଅଜୟ ମଲ୍ଲିକ, କାହ୍ନୁ ଯେନା, ଅଭିଳାଷ ପଣ୍ଡା, ସୀତାକାନ୍ତ ବିଶ୍ୱାଳ, ଅଶୋକ କୁମାର ସାହୁ, ଅକ୍ଷୟ ନାଏକ, ସୁଶାନ୍ତ ରାଉତ, ସେକ ଜାଫର ଅଲ୍ଲୀ, ସନ୍ତୋଷ ସାହୁ, ମାନସ ପରିଡା, ସିଦ୍ଧାର୍ଥ ଶଙ୍କର ମିଶ୍ର, କାଳନ୍ଦୀ ବେହେରା, ରାଜେନ୍ଦ୍ର ଶତପଥୀ, ଦୁର୍ଯ୍ୟୋଧନ ଲେଙ୍କା, ବିରଂଚି ବେହେରା, ଆକାଶ ଆଦିତ୍ୟ ବେହେରା, ସୌଜନ୍ୟ ପ୍ରକାଶ ପାଣି, ମନୋରଞ୍ଜନ ମହାନ୍ତି, ଭଗବାନ ସାମଲ, ଦୀପ୍ତି ରଞ୍ଜନ ନାୟକ, ସନ୍ତୋଷ ଦାସ, ରତିକାନ୍ତ ନାୟକ, ରମେଶ ଚନ୍ଦ୍ର ପାଗଳ, ସାଧନ ଧର, ଆଶିଷ ମହାନ୍ତି, ଅଶ୍ୱିନୀ ପାଢ଼ୀ, ଜଗନ୍ନାଥ ବେହେରା, ପ୍ରଦୀପ ବଳ, ଶୁଭାଶିଷ ଦ୍ୱିବେଦୀ ପ୍ରମୁଖ ଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକଙ୍କ ଆର୍‌ଠଥକ ଓ ସାମାଜିକ ସ୍ଥିତି ଅନ୍ୟ ରାଜ୍ୟ ତୁଳନାରେ ଅପେକ୍ଷାକୃତ ଦୁର୍ବଳ । ଆମ ଦେଶର ଅଧିକାଂଶ ରାଜ୍ୟରେ ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ଦିଆଯାଉଥିଲାବେଳେ, ଆମ ରାଜ୍ୟରେ ଏ ସଂଖ୍ୟା ମାତ୍ର ୨୦୦ରେ ସୀମିତ । ଉତ୍ତରପ୍ରଦେଶ, ବିହାର, ହରିୟାଣା, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଅରୁଣାଚଳ ପ୍ରଦେଶ ସମେତ ଦେଶରେ ୨୦ ରୁ ଅଧିକ ରାଜ୍ୟରେ ୧୦ ହଜାରରୁ ୨୫ ହଜାର ପର୍ଯ୍ୟନ୍ତ ପେନସନ୍, ରିହାତି ମୂଲ୍ୟରେ ପରିବହନ ସୁବିଧା, ସାମାଜିକ ସୁରକ୍ଷା ଆଇନ ମାଧ୍ୟମରେ ବୃତିଗତ ଭତ୍ତା ଭଳି ନାନାଦି ଆର୍ଥିକ ଓ ସାମାଜିକ ସୁବିଧା ପ୍ରଦାନ କରାଯାଉଛି । ମାତ୍ର ଓଡ଼ିଶା ସରକାରଙ୍କ ପକ୍ଷରୁ କିଛି ସୀମିତ ଯୋଜନା ବ୍ୟତୀତ ଆବଶ୍ୟକୀୟ ମୌଳିକ ସୁବିଧାରୁ ସାମ୍ବାଦିକ ବର୍ଗଙ୍କୁ ବଞ୍ଚିତ କରାଯାଇଛି । ରାଜ୍ୟ ସରକାର ସାମ୍ବାଦିକଙ୍କ ଦାବି ପ୍ରତି ଆବଶ୍ୟକ ସମ୍ବେଦନଶୀଳ ନୁହନ୍ତି । ଏହି ପରିପ୍ରେକ୍ଷୀରେ "ଉତ୍କଳ ସାମ୍ବାଦିକ ସଂଘ' ପକ୍ଷରୁ ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହିତ ପ୍ରଚଳିତ ଆଇନରେ ସଂଶୋଧନ ପୂର୍ବକ ଜିଲ୍ଲା ଓ ରାଜ୍ୟସ୍ତରରେ ସାମ୍ବାଦିକଙ୍କୁ ବ୍ୟାପକ ଭାବରେ ମାନ୍ୟତା ପ୍ରଦାନ କରାଯିବାକୁ ଦାବି ହୋଇଛି । ସେହିପରି ସାମ୍ବାଦିକଙ୍କ ଉପରେ ଆକ୍ରମଣକୁ ଦୃଷ୍ଟିରେ ରଖି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ୬୦ ବର୍ଷରୁ ଅଧିକ ସାମ୍ବାଦିକଙ୍କ ପାଇଁ ୧୫ ହଜାର ଟଙ୍କାର ପେନସନ୍ ବ୍ୟବସ୍ଥା, ଓଡ଼ିଶା ପ୍ରେସ୍ ଏକାଡେମୀ ଗଠନ ପୂର୍ବକ ଭୁବନେଶ୍ୱରରେ ଭବନ ନିର୍ମାଣ କରି ବୃତ୍ତିଗତ କାର୍ଯ୍ୟରେ ରାଜଧାନୀ ଆସୁଥିବା ସାମ୍ବାଦିକଙ୍କ ସ୍ୱଳ୍ପ ମୂଲ୍ୟରେ ରହଣି ବ୍ୟବସ୍ଥା, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ପରିଧିରେ ଅବସରପ୍ରାପ୍ତ ସାମ୍ବାଦିକ, ହିତାଧିକାରୀଙ୍କ ମାତା, ପିତା ଓ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ କରିବାକୁ ଦାବି ରଖିଛି ।

## ନାହିଁ ନାହିଁରେ ଚାଲିଛି ସରକାରୀ କାର୍ଯ୍ୟାଳୟ

# ସ୍ଥାୟୀ ଅଧିକାରୀ ଓ କର୍ମଚାରୀ ନିଯୁକ୍ତି ଦାବି

ଧାମନଗର,୫।୫(ସମିସ): ଧାମନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବେ ନାହିଁ ନାହିଁରେ ଚାଲିଛି । ଏହି ଅଞ୍ଚଳରେ ଥିବା ବିଇଓ ଅଫିସ୍, ଉଦ୍ୟାନ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଧାମନଗର ବିଇଓ ଅଫିସରେ ସ୍ଥାୟୀ ଅଧିକାରୀ ନାହାନ୍ତି । ବରିଷ୍ଠ କିରାଣି ଓ କନିଷ୍ଠ କିରାଣି ସ୍ଥାୟୀ ଭାବରେ ୩ ଜଣ ମଧ୍ୟରୁ କେହି ନଥିବା ବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମଧ୍ୟ ନାହାନ୍ତି । ଦୀର୍ଘ ଦିନ ହେବ ଜଣେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପଦବୀ ଖାଲି ପଡ଼ିଛି । ଧାମନଗର ଉଦ୍ୟାନ କୃଷି ଭବନ ଅଧିକାରୀ ଅବସର ପରେ ଏହି ପଦବୀ ଦୀର୍ଘ ଦିନ ହେବ ଖାଲି ପଡିଥିବା ବେଳେ ସ୍ଥାୟୀ ଅଧିକାରୀ ନଥିବା ବେଳେ ଓ ଅନ୍ୟ କର୍ମଚାରୀଙ୍କ ଘୋର ଅଭାବ ଦେଖାଦେଇଛି ।





ସ୍ୱାସ୍ଥ୍ୟ ବିଭାଗ କଥା ନ କହିବା ଭଲ । ବହୁ ସମସ୍ୟା ଘେରରେ ରହିଛି ଧାମନଗର ସ୍ୱାସ୍ଥ୍ୟ କେନ୍ଦ୍ର । ପ୍ରାୟ ୧୬ ଟି ପଞ୍ଚାୟତ ଓ ଗୋଟିଏ ଏନ୍‌ଏସିର ହଜାର ହଜାର ଲୋକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ସିଏଚ୍‌ସିରେ ଏବେ କର୍ମଚାରୀ ଓ ଅଧିକାରୀ ମରୁଡ଼ି । ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ଲକ ପବ୍ଲିକ ହେଲଥ ଅଫିସର (ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ) ନାହାଁନ୍ତି । ଏଠାରେ ମେଲ ଓ ଫିମେଲ ହେଲଥ ସୁପରଭାଇଜର ପଦବୀ ଶୂନ୍ୟ ଥିବାବେଳେ ହେଲଥ ୱାର୍କର ଫିମେଲଙ୍କ ପଦୋନ୍ନତି ପରେ ଏହି ସ୍ଥାନ ମଧ୍ୟ ଖାଲି ପଡ଼ିଛି । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସବସେଣ୍ଟର ୨୮ ଟିରୁ ୧୮ ଟିରେ ଅଧିକାରୀ ନାହାନ୍ତି । ଏଥି ସହିତ ସ୍ୱାସ୍ଥ୍ୟ ପରିଦର୍ଶକ ପଦବୀ ୬ ଟି ଥିବା ବେଳେ ଗତ ସରକାର ସମୟରେ ୩ ଟି ବଢ଼ି ୯ ଟି ହୋଇଥିଲା । ଏବେ ଏହି ପଦବୀ ୮ଟି ଫାଙ୍କା ପଡ଼ିଥିବା ବେଳେ ଗୋଟିଏ ବିଭାଗରେ ୯ ଜଣଙ୍କ କାମକୁ ଜଣେ କିପରି ସମ୍ଭାଳିବେ ତାହା ଆଶ୍ଚର୍ଯ୍ୟର ବିଷୟ । ଏଥି ସହିତ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୦ ଜଣ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ପଦବୀରୁ ମାତ୍ର ଜଣିଏ ଥିବା ବେଳେ ଆଉ ୯ଟି ପଦବୀ ଶୂନ୍ୟ ପଡ଼ିଛି । ଏତିକିରେ ସରିନି ଏଠାରେ ଡିଜିଟାଲ ଏକ୍ସରେ ବ୍ୟବସ୍ଥା ମଧ୍ୟ ନାହିଁ । ଯେଉଁ ଏକ୍ସରେ ଅଛି ବାରମ୍ବାର ଅଚଳ ହେବାରୁ ରୋଗୀର ରୋଗ ଭଲ ହେବା ପାଇଁ ବାହାରେ ଏକ୍ସରେ କରି ଖର୍ଚ୍ଚର ସମ୍ମୁଖୀନ ହେଉଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟ ଓ ଚକିତ ହେବାଭଳି କଥା ହେଲା ଯେ, ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪ର୍ଥ ଶ୍ରେଣୀ କର୍ମଚାରୀ ପଦବୀ ସମ୍ପୂର୍ଣ୍ଣ ଶୂନ୍ୟ ପଡ଼ିଛି । ପୂର୍ବରୁ ଏହି ପଦବୀରେ ୮ ଜଣ କାର୍ଯ୍ୟ କରୁଥିବା ବେଳେ ଧୀରେ ଧୀରେ ସମସ୍ତେ ଅବସର ନେବାରୁ ତାହା ଫାଙ୍କା ପଡ଼ିଛି । ନାହିଁ ନାହିଁରେ ଚାଲିଥିବା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର । ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଣ ଏବଂ ଉକ୍ତ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ, ବିଭାଗୀୟ ସଚିବ, ଜିଲ୍ଲାପାଳ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

# ବୈକୁଣ୍ଠ ନାଏକ ରାଜ୍ୟ ବିଜେଡି ସମ୍ପାଦକ ନିଯୁକ୍ତ



ସୁନ୍ଦରଗଡ଼, ୫।୫ (ସମିସ) : ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ବିଜୁ ଯୁବ ଜନତା ଦଳର ପୂର୍ବତନ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକଙ୍କୁ ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତ କରିଥିବା ଜଣାପଡ଼ିଛି। ନବନିଯୁକ୍ତ ରାଜ୍ୟ ସମ୍ପାଦକ ବୈକୁଣ୍ଠ ନାଏକ ପୂର୍ବରୁ ଜିଲ୍ଲା ଛାତ୍ର ସଭାପତି, ରାଜ୍ୟ ଛାତ୍ର ବିଜେଡିର ସମ୍ବଲପୁର ଜୋନସ୍ତରୀୟ ସଭାପତି ଏବଂ ପରେ ରାଜ୍ୟ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ସହ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଏକ୍ସପର୍ଟ ମେମ୍ବର ପଦରେ ରହି ଦଳୀୟ ସଂଗଠନ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ କରିଥିଲେ। ତାଙ୍କ ଉପରେ ଦଳର ସଭାପତି ବିଶ୍ୱାସ ଓ ଆସ୍ଥା ପ୍ରକଟ କରି ପୁନର୍ବାର ଦଳୀୟ ସଂଗଠନ ପାଇଁ ସମ୍ପାଦକ ଭାବେ ଦାୟିତ୍ୱ ଦେଇଥିବାରୁ ଏହି ନିଯୁକ୍ତି ପାଇଁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ, ଜିଲ୍ଲା ବିଜେଡି ସଭାପତି ବିଧାୟକ ଯୋଗେଶ ସିଂ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାଏକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିସାନ ଏବଂ ରାଜମାତା ପଦ୍ମିନୀ ଶେଖର ଦେଓ ପ୍ରମୁଖଙ୍କୁ ବୈକୁଣ୍ଠ ନାଏକ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଗିରିପାଲିରେ କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ



ସମ୍ବଲପୁର, ୫।୫ (ସମିସ) : ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଗିରିପାଲିରେ ମାଟ୍ରିକ ପରୀକ୍ଷାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ କୁମ୍ଭାର ମାଟ୍ରିକ ପରୀକ୍ଷାରେ ୫୪୭ ନମ୍ବର ରଖି 'ଏ-୧' ଗ୍ରେଡ୍ ପାଇଥିବା ଛାତ୍ରୀ ସୁଭଦ୍ରା ବେହେରା ଓ ୪୬୨ ନମ୍ବର ରଖି 'ବି-୧' ଗ୍ରେଡ୍ ପାଇଥିବା ମମତା ପ୍ରଧାନଙ୍କୁ ସମ୍ମାନିତ କରିବାସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ ଫକୀର ମୋହନ ପ୍ରଧାନ, ଆଲୁମିନି ପ୍ରତିନିଧି କୁମୁଦ ଚନ୍ଦ୍ର ଧର, ଏସଏମସି ସଭାପତି ବିଷ୍ଣୁପ୍ରିୟା ଭୋଇ ସମେତ ସମସ୍ତ ସଦସ୍ୟା ସଦସ୍ୟା ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରୀମାନଙ୍କୁ ଶୁଭକାମନା ଜଣାଇଥିଲେ।

# ଆରଣ୍ୟକ ଶୀତଳଷଷ୍ଠୀ ଯାତ୍ରା କମିଟି ଗଠିତ

ସମ୍ବଲପୁର, ୫।୫(ସମିସ): ଝାଡୁଆପଡ଼ାର ଆରଣ୍ୟକ ଶୀତଳଷଷ୍ଠୀ ଯାତ୍ରା ୨୦୨୬ ସକାଶେ ନୂତନ କମିଟି ଗଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ସଭାପତି ରୂପେ ସରୋଜ ଦଳପତ, ଉପସଭାପତି ସୁଶାନ୍ତ କୁମାର ପୁରୋହିତ, ସମ୍ପାଦକ ସଞ୍ଜୟ କୁମାର ମିଶ୍ର, ସହସମ୍ପାଦକ ସତ୍ୟଜିତ ପଣ୍ଡା, କୋଷାଧ୍ୟକ୍ଷ ମନୋଜ କୁମାର ମିଶ୍ର, ସହକୋଷାଧ୍ୟକ୍ଷ ସତ୍ୟନାରାୟଣ ଜେନା ଏବଂ ଗଣମାଧ୍ୟମ ସଂଯୋଜକ ଅଭିଶେକ ମିଶ୍ର ରହିଛନ୍ତି। ଏହାବ୍ୟତୀତ କାର୍ଯ୍ୟକାରିଣୀ ସଭ୍ୟ ଭାବେ ପ୍ରାଣ ରଞ୍ଜନ ପଣ୍ଡା, ଶ୍ରୀମନ୍ତ ମିଶ୍ର, ସଞ୍ଜୟ ମିଶ୍ର, ପାର୍ଥସାରଥୀ ମିଶ୍ର, ସୌମିତ୍ର ପୂଜାରୀ, ସୀତାରାମ ସୂପକାର, ସୁଜିତ ପୂଜାରୀ, ଶୁଭେନ୍ଦୁ ମିଶ୍ର, ମିଲୁ ପାଣିଗ୍ରାହୀ, ରାଜେଶ ମିଶ୍ର, ବାବୁଲୁ ପୁରୋହିତ, ସରୋଜ ସାହୁ, ନଭକେଶ ପ୍ରସାଦ ସାହୁ, ଧିନା ପ୍ରଧାନ, ପ୍ରବିଣ ଦିକ୍ଷୀତ, ଅନୁପମ ମିଶ୍ର, ମଣ୍ଟୁ ଦୁବେ, ଅଭିଶେକ ମିଶ୍ର, ସ୍ୱସ୍ତିକ ଜେନା, ରାକେଶ ରାଉତ, ସମୀର ମିଶ୍ର, ଅତୁଲ ପ୍ରଧାନ, ସ୍ୱାଗତ ପାଢ଼ୀ, ନିତିଶ ନାୟକ, ଶିଲୁ ପରିଛା, ପିଙ୍କୁ ପାତ୍ର ପ୍ରମୁଖ ରହିଛନ୍ତି। ଆରଣ୍ୟକ ଶୀତଳଷଷ୍ଠୀର ନୂତନ କମିଟି ଗଠନ ପରେ ଆଗାମୀ ଶୀତଳଷଷ୍ଠୀ ଯାତ୍ରାକୁ ଭବ୍ୟ ଓ ଆକର୍ଷଣୀୟ କରିବା ପାଇଁ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

# ଧଧଲୋମୁଣ୍ଡାରେ ପଥରକ୍ୱାରୀ ବାତିଲ ଦାବି

ସମ୍ବଲପୁର, ୫।୫ (ସମିସ) : ସମ୍ବଲପୁର ଜିଲ୍ଲା ନୂଆଁ ବରଙ୍ଗାମାଲ ପଞ୍ଚାୟତ ଧଧଲୋମୁଣ୍ଡା କୁମୁକା ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ପଥରକ୍ୱାରୀ ବନ୍ଦ କରିବାସହ ଅନୁମତି (ଏନ୍ଓସି) ବାତିଲ କରିବାକୁ ଦାବି ଜଣାଇଛନ୍ତି। ସେମାନଙ୍କ ଅଭିଯୋଗ ପତ୍ର ଅନୁଯାୟୀ, ଗ୍ରାମଟି ପଥର ଖାଦାନଠାରୁ ପ୍ରାୟ ୩ ଶହ ମିଟର ମଧ୍ୟରେ ଅବସ୍ଥିତ। ପଥରଖାଦାନରେ ବିସ୍ଫୋରଣ ହେଲେ କୁମକା ଗ୍ରାମର ଘରଗୁଡ଼ିକ ଉପରେ ପ୍ରଭାବ ପକାଇବ ଏବଂ ଘର ଭାଙ୍ଗିଯିବା ଆଶଙ୍କା ରହିଛି। ଏହାସହ ନିକଟରେ ଥିବା ଆର୍‌ଡି ରାସ୍ତାଟି ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ଏହାସହ ପାଣି ଏବଂ ପରିବେଶ ଉପରେ ମଧ୍ୟ ପ୍ରଭାବ ପକାଇବ। ପଥରକ୍ୱାରୀର ଅନୁମତି ବାତିଲ କରିବାସହ ବନ୍ଦ କରିବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଦାବି ଜଣାଇଛନ୍ତି।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ୧୫ରୁ ଡାଲୁଅ ଧାନ ସଂଗ୍ରହ

ସମ୍ବଲପୁର, ୫।୫ (ସମିସ)



ଆସନ୍ତା ୧୫ ତାରିଖରୁ ସମ୍ବଲପୁର ଜିଲ୍ଲାରେ ରବି ଧାନ ସଂଗ୍ରହ ଆରମ୍ଭ କରିବାକୁ ସମ୍ବଲପୁର ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିରେ ୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୩୨ଟି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) / ବୃହତ୍ ଅଞ୍ଚଳ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ) ଅଂଶଗ୍ରହଣ କରିବେ। ଜିଲ୍ଲାରେ ମୋଟ ୫୬ଟି ଧାନକ୍ରୟ କେନ୍ଦ୍ର ଖୋଲାଯିବ। ଏହି ଧାନ କିଣାବିକା ପ୍ରକ୍ରିୟାରେ ୪୮ ଜଣ ମିଲର୍ ଅଂଶଗ୍ରହଣ କରିବେ। ୨୦୨୫-୨୬ ବର୍ଷ ପାଇଁ ସାଧାରଣ ଧାନର କ୍ୱିଣ୍ଟାଲ ପିଛା ମୂଲ୍ୟ ୨୩୬୯ ଟଙ୍କା ଏବଂ 'ଗ୍ରେଡ୍-ଏ' ଧାନ ପାଇଁ ୨୩୮୯ ଟଙ୍କା ଧାର୍ଯ୍ୟ କରାଯାଇଛି। ସମ୍ବଲପୁର ଜିଲ୍ଲାରେ ରବି ଧାନ ବିକ୍ରୟ ପାଇଁ ମୋଟ ୧୯,୧୧୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଆଜି ପୂର୍ବାହ୍ଣରେ ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ରବି ଋତୁ ୨୦୨୫-୨୬ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି (ଡିଏଲ୍‌ପିସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବାସହ ଗତବର୍ଷ ଧାନକ୍ରୟ ସମୟରେ ଉପୁଜିଥିବା ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ବିଷୟରେ ଆଲୋଚନା ହୋଇଥିଲା।

ପି-ପାସ୍ ମାଧ୍ୟମରେ ଧାନକ୍ରୟ କରାଯିବ ଯେଉଁଥିପାଇଁ କେନ୍ଦ୍ରୀୟ ଟୋକନ୍ ଜାରି କରାଯିବ ଏବଂ କୃଷକଙ୍କ ପଞ୍ଜୀକୃତ ମୋବାଇଲକୁ ଏସ୍ଏମଏସ ପଠାଯିବ। ବୈଠକରେ ଅଦିନିଆ ବର୍ଷାରେ ଧାନ ସୁରକ୍ଷା ସକାଶେ ବ୍ୟବସ୍ଥା କରିବାକୁ ଉପଜିଲ୍ଲାପାଳ ତଥା ଆର୍ଏମସି କର୍ତ୍ତୃପକ୍ଷଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ପ୍ରବାହ ଓ ପ୍ରାକ୍ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ଧାନ କ୍ରୟ ଗୁଡିକରେ ବ୍ୟବସ୍ଥା, ଡିଜିଟାଲ ଆର୍ଦ୍ରତା ମିଟର, ୱେ-ବ୍ରିଜ, ବିଶ୍ଳେଷଣ କିଟ୍, ତାରପୋଲିନ ଆଦି ଯୋଗାଇବା ସହ ପ୍ରତୀକ୍ଷା କକ୍ଷ, ପାନୀୟ ଜଳ, ଲାଇଟ୍, ଶୌଚାଳୟ ଏବଂ ସିସିଟିଭି ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି। ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଅନ୍‌ଲାଇନ୍ ମୋଡ୍‌ରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଧାନର ମୂଲ୍ୟ ଜମା କରାଯିବ। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଖରିଫ୍ ଋତୁରେ ୩୨.୭୨ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିଲା, ଯାହା ପୂର୍ବବର୍ଷ ତୁଳନାରେ ଅଧିକ। ରବି ଋତୁରେ ସୁରୁଖୁରୁରେ ଧାନ ସଂଗ୍ରହ ପାଇଁ ସେ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ଗୋଦାମ ଘରର ଅଭାବ ନେଇ କୌଣସି ଅଭିଯୋଗ ଯେପରି ନ ଆସେ ଏବଂ ଚାଷୀ ଧାନ ବିକ୍ରିରେ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଧ୍ୟାନଦେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାଳବୈଶାଖୀର ସମ୍ଭାବନା ଥିବାରୁ ମଣ୍ଡିକୁ ଆସୁଥିବା ଧାନ ଯେପରି ନଷ୍ଟ ନହୁଏ, ସେଥିପାଇଁ ଆରଏମସି କର୍ମଚାରୀ ଓ ଚାଷୀମାନେ ସତର୍କ ରହିବା ଆବଶ୍ୟକ। ସାଟେଲାଇଟ୍ ସର୍ଭେ ସହାୟତାରେ ଯେଉଁ ସ୍ଥାନରେ ଧାନ ଚାଷ ହୋଇନାହିଁ ମାତ୍ର ପଞ୍ଜୀକରଣ କରାଯାଇଥିଲା, ସେଭଳି ପ୍ଲଟ୍‌ଗୁଡ଼ିକୁ ଚିହ୍ନଟ କରାଯାଇ ବାତିଲ କରାଯାଇଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ।

ବୈଠକରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ, ପଞ୍ଚାୟତିରାଜ ମନ୍ତ୍ରୀ ତଥା କୁଚିଣ୍ଡା ବିଧାୟକ ରବି ନାରାୟଣ ନାଏକଙ୍କ ପ୍ରତିନିଧି ବିଭୁକଲ୍ୟାଣ ପଟେଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସତ୍ୟବାନ ସୋରେନ, ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତାଙ୍କ ସମେତ ପ୍ରଶାସନିକ ଅଧିକାରୀ, ଜିଲ୍ଲା ଚାଷୀ ସଂଗଠନର କର୍ମକର୍ତ୍ତା, ମିଲର୍ସ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଟୋକନ ସମସ୍ୟାକୁ ନେଇ ଦୁର୍ଦ୍ଦଶାରେ ଚାଷୀ : ସୁଦର୍ଶନ ହରିପାଲ

ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ରାଜ୍ୟରେ ଚାଷୀଙ୍କ ସମସ୍ୟା ଓ ଧାନ କିଣାବିକାରେ ବିଶେଷ କରି ଟୋକନ୍ ସମସ୍ୟା ଓ ଚାଷୀଙ୍କ ଦୁର୍ଦ୍ଦଶାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ସରକାର ଠିକ୍ ସମୟରେ ଟୋକନ୍ ଦେଉଥିବା କହୁଥିଲେ ମଧ୍ୟ ବାସ୍ତବରେ ଚାଷୀମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ଧାନ ବିକ୍ରି କରିବା ପାଇଁ ଚାଷୀଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି ଏବଂ ଅନେକ କ୍ଷେତ୍ରରେ ସେମାନେ ନିର୍ଦ୍ଧାରିତ ଦରଠାରୁ କମ୍ ମୂଲ୍ୟରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ବିଶେଷ କରି ବସନ୍ତପୁର ଓ ବାଲିମୁଣ୍ଡା ଅଞ୍ଚଳର ଚାଷୀମାନେ ପଟ୍ଟା ସମସ୍ୟା ଓ ଟୋକନ୍ ଅଭାବରୁ ଧାନ ବିକ୍ରି କରିପାରୁନାହାନ୍ତି। ଚାଷୀମାନେ ବାରମ୍ବାର ମୁଖ୍ୟମନ୍ତ୍ରୀ, ଜିଲ୍ଲା ପ୍ରଶାସନ ଆଦି ବିଭିନ୍ନ ମହଲରେ ଅଭିଯୋଗ କରି ନିରାଶ ହେଉଛନ୍ତି। ଯଦି ଚାଷୀଙ୍କୁ ଟୋକନ୍ ପ୍ରଦାନ ଏବଂ ଧାନ ଉଠାଣ ବ୍ୟବସ୍ଥା ସ୍ୱଚ୍ଛ ନହୁଏ, ତେବେ ଆଗାମୀ ଦିନରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଶ୍ରୀ ହରିପାଲ ଚେତାବନୀ ଦେଇଛନ୍ତି।

## ଏକ ସମୟରେ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଉ:ପ୍ରସନ୍ନ ଆଚାର୍ଯ୍ୟ

ଗତବର୍ଷ ଧାନକିଣା ପାଇଁ ଟୋକନ୍ ବ୍ୟବସ୍ଥାରେ ଅନେକ ଅସୁବିଧା ହୋଇଥିଲା। ଟୋକନ୍ ଗୁଡିକ ଏକସଙ୍ଗେ ନ ଆସି ପର୍ଯ୍ୟାୟକ୍ରମେ ଆସୁଥିବାରୁ ଅନେକ ପ୍ରକୃତ ଚାଷୀ ଟୋକନ୍ ପାଇବାରୁ ବଞ୍ଚିତ ହୋଇ ଶେଷ ସମୟରେ ନିଜ ଧାନ ବିକ୍ରି କରି ପାରି ନ ଥିଲେ ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ। ଆଜିର ବୈଠକରେ ଏନେଇ ଆଲୋଚନା ହେବାସହ ଚଳିତବର୍ଷ ସମସ୍ତ ଚାଷୀଙ୍କୁ ଏକସାଙ୍ଗରେ ଟୋକନ୍ ପ୍ରଦାନ କରାଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି। ଏହାଦ୍ୱାରା ସେମାନଙ୍କ ଧାନ ସହଜରେ ବିକ୍ରି ହୋଇପାରିବ। ସରକାର ସମସ୍ତ ପଞ୍ଜୀକୃତ ଚାଷୀଙ୍କୁ ଉଚିତ ସମୟରେ ଟୋକନ୍ ପ୍ରଦାନ କରନ୍ତୁ ଏବଂ କୌଣସି ବି ଚାଷୀ ଯେମିତି ଧାନ ବିକ୍ରିରୁ ବଞ୍ଚିତ ନ ହୁଅନ୍ତି, ତାହା ସୁନିଶ୍ଚିତ କରନ୍ତୁ ବୋଲି ଶ୍ରୀ ଆଚାର୍ଯ୍ୟ ଦାବି ଜଣାଇଛନ୍ତି।

# ସମଲେଶ୍ୱରୀ ମନ୍ଦିର ଠିକା କର୍ମଚାରୀଙ୍କୁ ମିଳୁନି ଦରମା

ସମ୍ବଲପୁର, ୫।୫ (ସମିସ) : ସମଲେଶ୍ୱରୀ ମନ୍ଦିରର କର୍ମଚାରୀମାନେ ଆଜି ପୁଣି ଦରମା ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଠିକା ସଂସ୍ଥା ଅଧିନରେ ଥିବାବେଳେ ସଂସ୍ଥା ପକ୍ଷରୁ ନିୟମିତ ଭାବେ ଦରମା ଦିଆଯାଉନଥିବା ଅଭିଯୋଗ ହୋଇଛି। କର୍ମଚାରୀମାନେ ଦୁଇମାସର ଦରମା ପାଇ ନ ଥିବାରୁ ଆଜି ପୁଣି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ସଫେଇ କର୍ମଚାରୀ ସମେତ ବିଭିନ୍ନ ବିଭାଗରେ ପ୍ରାୟ ଦେଢ଼ ଶହରୁ ଦୁଇ ଶହ ଜଣ କର୍ମଚାରୀ କାମ କରୁଛନ୍ତି। କେବେ ବି ସେମାନଙ୍କ ଦରମା ଠିକ୍ ସମୟରେ ମିଳୁନାହିଁ। ଆନ୍ଦୋଳନ କଲେ ଦରମା ମିଳୁଛି, ପୁଣି ବନ୍ଦ ହୋଇଯାଉଛି। ଗତ ଦୁଇମାସର ଦରମା ମିଳି ନ ଥିବାବେଳେ ତୃତୀୟ ମାସ ଚାଲିଲାଣି। ସେମାନେ ଏହି ଅର୍ଥରୁ ପରିବାର ପ୍ରତିପୋଷଣ କରୁଛନ୍ତି। ସେମାନେ ତାଙ୍କ କାର୍ଯ୍ୟରେ ଅବହେଳା କରୁ ନ ଥିବାରୁ ପ୍ରତି ମାସ ୧୦ ତାରିଖ ସୁଦ୍ଧା ନିୟମିତ ଭାବେ ଦରମା ଦେବାକୁ ସେମାନେ ଦାବି କରିଛନ୍ତି। ଏନେଇ ସେମାନେ ବାରମ୍ବାର ଶ୍ରମ କାର୍ଯ୍ୟାଳୟ, ମହାନଗର ନିଗମ ଆୟୁକ୍ତ ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଉଛନ୍ତି, କିନ୍ତୁ କିଛି ସ୍ଥାୟୀ ସମାଧାନ ହେଉନାହିଁ।

ମିଳିଥିବା ସୂଚନା ଅନୁଯାୟୀ, ସମଲେଶ୍ୱରୀ ମନ୍ଦିର ନବୀକରଣ ପରେ ଏହାର ରକ୍ଷଣାବେକ୍ଷଣ ଓବିସିସି ତିନିବର୍ଷ ପର୍ଯ୍ୟନ୍ତ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ସେମାନଙ୍କ ପକ୍ଷରୁ ଦୈନନ୍ଦିନ ପରିଚାଳନା ଦାୟିତ୍ୱ ଏକ ଠିକା ସଂସ୍ଥାକୁ ଦିଆଯାଇଛି। ଉକ୍ତ ସଂସ୍ଥା ନିୟମିତ ଭାବେ ମାସିକ ବିଲ୍ ଦେଉ ନ ଥିବା ଅଭିଯୋଗ ହୋଇଛି। ଏହାବ୍ୟତୀତ ଠିକା ସଂସ୍ଥାକୁ ଦେବାକୁ କୌଣସି ସ୍ୱତନ୍ତ୍ର ଅର୍ଥ ପାଣ୍ଠିର ପ୍ରାବଧାନ ନ ଥିବା ଜଣାପଡ଼ିଛି।

# ମ୍ୟୁଲ୍ ଆକାଉଣ୍ଟ ଚଳାଉଥିବା ଠକ ଗିରଫ

ସମ୍ବଲପୁର, ୫।୫ (ସମିସ) : ମ୍ୟୁଲ୍ ଆକାଉଣ୍ଟ ଚଳାଇ କୋଟି କୋଟି ଟଙ୍କାର ଠକେଇ କରୁଥିବା ଜିତୁ ମହାନନ୍ଦ (୩୩)କୁ ସମ୍ବଲପୁର ଟାଉନ ଥାନା ପୁଲିସ ଗିରଫ କରିଛି।



ପୁଲିସର ସୂଚନା ଅନୁଯାୟୀ, ବଲାଙ୍ଗୀର ଜିଲ୍ଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଠେମରା ଗାଁର ଜିତୁ ମହାନନ୍ଦ (୩୩) ଏକ ବେଆଇନ କଲ୍ ସେଣ୍ଟର ଚଳାଉଛନ୍ତି ଏବଂ ନିରୀହ ଲୋକଙ୍କୁ ଫସାଇବା ପାଇଁ ଏକ ବେଆଇନ ୱେବସାଇଟ୍ ପରିଚାଳନା କରୁଛନ୍ତି। ସେ ଠକେଇ ଆର୍ଥିକ କାରବାର କରିବା ପାଇଁ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରନ୍ତି। ଏହି ବେଆଇନ ୱେବସାଇଟ୍ ଏବଂ ମ୍ୟୁଲ୍ ଆକାଉଣ୍ଟ ବ୍ୟବହାର କରି ସେ ଶହେରୁ ଅଧିକ ଲୋକଙ୍କୁ ଠକିଛନ୍ତି। ସେ ବ୍ୟକ୍ତିମାନଙ୍କୁ ଆୟର ଏକ ପ୍ରତିଶତ ପ୍ରଦାନ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଅନେକ ମ୍ୟୁଲ୍ ଆକାଉଣ୍ଟ ମଧ୍ୟ ଖୋଲିଛନ୍ତି। ଏହି ଠକେଇ କାର୍ଯ୍ୟକଳାପ ମାଧ୍ୟମରେ ସେ କୋଟି କୋଟି ଟଙ୍କା ରୋଜଗାର କରି ଫ୍ଲାଟ୍ ଏବଂ ଆବାସିକ ପ୍ଲଟ୍ କିଣିଛନ୍ତି। ତାଙ୍କୁ ଆଜି ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି। ଅଭିଯୁକ୍ତଠାରୁ ଆପଲ୍ ମ୍ୟାକ୍ ବୁକ୍, ଲାପଟପ୍, ୩ଟି ମୋବାଇଲ୍ ଫୋନ୍, ପାନ କାର୍ଡ, ଆଧାର କାର୍ଡ, ବିଭିନ୍ନ ନାମରେ ଡେବିଟ୍ କାର୍ଡ, ସ୍ମାର୍ଟ କାର୍ଡ ଆଦି ଜବତ କରିଛି।

# ରେଳ ଧାରଣାକଡ଼ରୁ ଯୁବକଙ୍କ ମୃତଦେହ ଉଦ୍ଧାର

ରେଙ୍ଗାଲି, ୫।୫(ସମିସ):ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା କାଳିଆପଡ଼ା ନିକଟ ରେଳଧାରଣା କଡରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସୂଚନାଯୋଗ୍ୟ ଛତିଶଗଡର ବିନୋଦ ରାମ ରେଙ୍ଗାଲି ପଣ୍ଡଲୋଇ ସ୍ଥିତ ଶ୍ୟାମ ମେଟାଲିକ୍ସର ଏକ ଠିକା ସଂସ୍ଥାରେ କାମ କରୁଥିଲେ। ବିନୋଦ କାଳିଆପଡ଼ାରେ ଏକ ଘରଭଡ଼ା ନେଇ ରହୁଥିବା ବେଳେ ତାଙ୍କର ସ୍ତ୍ରୀ ଓ ଝିଅ ଛତିଶଗଡରେ ରହୁଥିଲେ। ଗତ ଶନିବାର ସନ୍ଧ୍ୟାରୁ ବିନୋଦ ରହୁଥିବା ଭଡ଼ାଘରୁ ବାହାରି ଆଉ ଘରକୁ ଫେରି ନଥିଲେ। ରବିବାର ଦିନ ତାଙ୍କର ସ୍ତ୍ରୀ ବିନୋଦଙ୍କୁ ଫୋନ କରିବାରୁ ତାହା ସ୍ୱିଚ୍ ଅଫ ଥିଲା। ଘଟଣା କଣ ହୋଇଛି ଜାଣିବା ପାଇଁ ସୋମବାର ଦିନ ବିନୋଦଙ୍କ ସ୍ତ୍ରୀ ଗାଁରୁ ରେଙ୍ଗାଲି କାଳିଆପଡ଼ାକୁ ଆସି ତାଙ୍କୁ ଖୋଜା ଖୋଜି କରିଥିଲେ। ମଙ୍ଗଳବାର ଦିନ ସକାଳୁ ବିନୋଦଙ୍କ ମୃତ ଦେହ କାଳିଆପଡ଼ା ନିକଟରେ ଥିବା ରେଳଧାରଣାକଡରୁ ମିଳିଥିଲା। ଖବର ପାଇ ରେଲୱେ ପୁଲିସ ଓ ରେଙ୍ଗାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ବିନୋଦଙ୍କ ମୁଣ୍ଡରେ ପିଠିରେ ଆଘାତ ଲାଗିଥିବାର ଦେଖାଯାଇଥିଲା। ପୁଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡ଼ାକ୍ତରଖାନାକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା ନା ଦୁର୍ଘଟଣା ସ୍ପଷ୍ଟ ହେବ।

# ତାଲବରେ ନଳକୂପ ପାଣିକୁ ନେଇ ଅଭିଯୋଗ

ସମ୍ବଲପୁର, ୫।୫ (ସମିସ) : ସମ୍ବଲପୁର ଜିଲ୍ଲା ତାଲବ କେନାଲପଡ଼ା ନଳକୂପ ଏବଂ କୂଅରେ ଏସିଡ୍ ପକାଇବା ଦ୍ୱାରା ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଆଜି ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, କେହି ଦୁର୍ବୃତ୍ତ ନଳକୂପ, କୂଅ ଓ ପନିପରିବା ଚାଷରେ ଏସିଡ୍ କିମ୍ବା ଅନ୍ୟ କିଛି ପକାଇବା ଦ୍ୱାରା ଗଛ ଗୁଡ଼ିକ ମରିଯାଉଛି। ପାଣି ପିଇବା ଓ ଅନ୍ୟ ବ୍ୟବହାର କରୁଥିବାବେଳେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେଉଛି। ଏନେଇ ସେମାନେ ଶାସନ ଥାନାରେ ମଧ୍ୟ ଅଭିଯୋଗ କରିଥିବା ଉଲ୍ଲେଖ କରିଛନ୍ତି। ଏନେଇ ଜିଲ୍ଲାପାଳ ତଦନ୍ତ କରାଯିବା ସହ ଅଭିଯୋଗ ସତ୍ୟ ହୋଇଥିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ପ୍ରକାଶ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀଙ୍କ ବିୟୋଗରେ ଶୋକ

ସମ୍ବଲପୁର, ୫।୫ (ସମିସ) : ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ବରିଷ୍ଠ ସହାୟକ ଗୋବିନ୍ଦତୋଳାନିବାସୀ ଅମ୍ବରୀଶ ପାଣିଗ୍ରାହୀଙ୍କ ଗତକାଲି ୭୩ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ତାଙ୍କ ବିୟୋଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ସଭାପତିତ୍ୱରେ ଆଭାସି ମାଧ୍ୟମରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକ ସଭାରେ କାର୍ଯ୍ୟକାରୀ ସଭାପତି ପ୍ରଫେସର ନକୁଳ ଚୌଧୁରୀ, ଉପସଭାପତି ରତ୍ନଭୂଷଣ ପୁରୁଷେଠ, ପ୍ରଫେସର ଅନ୍ତର୍ଯ୍ୟାମୀ ପଣ୍ଡା, ସମ୍ପାଦକ ନୀଳକଣ୍ଠ ମହାପାତ୍ର, ଶିବ ପ୍ରସାଦ ବିଶି, ରାଜେନ୍ଦ୍ର ପାଢ଼ୀ, ମହେନ୍ଦ୍ର ମିଶ୍ର, ନିଗମ ମିଶ୍ର, ଶେଷଦେବ ଦୀପ, ସନ୍ତୋଷ କାନୁନଗୋ, ଅଜୟ ବାରିକ, ଦିଲୀପ ବଘାର, ଶୀତାଂଶୁ ଷଡ଼ଙ୍ଗୀ, ହେମନ୍ତ ଆଚାର୍ଯ୍ୟ ପ୍ରମୁଖ ସ୍ମୃତିଚାରଣ କରିବାସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ନାନକରାମ ସରକାରୀ ବିଦ୍ୟାଳୟରେ ସନ୍ଦୀପଙ୍କୁ ସମ୍ବର୍ଦ୍ଧନା



ସମ୍ବଲପୁର, ୫।୫ (ସମିସ) : ସମ୍ବଲପୁର ଦଲଦଲିପଡ଼ା ସ୍ଥିତ ନାନକରାମ ସରକାରୀ ବିଦ୍ୟାଳୟର ମାଟ୍ରିକ ପରୀକ୍ଷାରେ 'ଏ୧' ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ସନ୍ଦିପ ବିଶିକୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ ନାଗରିକ ସମାଜ ସଭାପତି ପ୍ରଦୀପ କୁମାର ପଣ୍ଡା, ଜଟାଭୂଷଣ ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ, ବିଜ୍ଞାନ ଶିକ୍ଷୟିତ୍ରୀ ସରିତା ମିଶ୍ରଙ୍କ ଉପସ୍ଥିତିରେ ତାଙ୍କ ଚନ୍ଦନ ନଗରସ୍ଥିତ ବାସଭବନକୁ ଯାଇ ସମ୍ମାନିତ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ନିଜସ୍ୱ ଉଦ୍ୟମରେ ୯୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇ ଥିବାରୁ ସ୍ଥାନୀୟ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସନ୍ଦିପ ଉଦାହରଣ ସୃଷ୍ଟି କରିଥିବା ଶ୍ରୀ ପଣ୍ଡା କହିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ କହିଛନ୍ତି, ଯେକୌଣସି ପରିସ୍ଥିତିରେ ଥିଲେ ମଧ୍ୟ ଛାତ୍ରଛାତ୍ରୀ ଯଦି ଧ୍ୟାନକୈନ୍ଦ୍ରିକ ପରିଶ୍ରମ କରିବେ ତେବେ ନିଶ୍ଚୟ ସଫଳତା ପାଇପାରିବେ ଏବଂ ସନ୍ଦିପ ତାହା ପ୍ରମାଣିତ କରିଛନ୍ତି।

# ରେଳବାଇ କର୍ମଚାରୀ ପୁରସ୍କୃତ

ସମ୍ବଲପୁର, ୫।୫ (ସମିସ) : କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣର ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର, ସୁବାସ ଚନ୍ଦ୍ର ଚୌଧରୀ ସଜାଗ ରେଳ କର୍ମଚାରୀ ସୌମ୍ୟରଞ୍ଜନ ବେହେରାଙ୍କୁ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଛନ୍ତି। ସେ ସମ୍ବଲପୁର ସିଟି, ସିନିୟର ଗୁଡ୍‌ସ ଟ୍ରେନ ମ୍ୟାନେଜର ଭାବେ କାର୍ଯ୍ୟରତ। ନିରାପତ୍ତା ପ୍ରତି ସତର୍କତା ଏବଂ ସୁରକ୍ଷିତ ଟ୍ରେନ୍ ଚଳାଚଳ ପ୍ରତି କର୍ତ୍ତବ୍ୟନିଷ୍ଠା ଏବଂ ନିରାପତ୍ତା ନିୟମ ଉପରେ ଭଲ ଭାବରେ ଅବଗତ ପାଇଁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ, ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ଅଖିଳେଶ ତ୍ରିପାଠୀ, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ବାଇକ୍ ଦୁର୍ଘଟଣାରେ ଦମ୍ପତି ଗୁରୁତର

ରେଢ଼ାଖୋଲ, ୫।୫(ସମିସ): ସମ୍ବଲପୁର ଜିଲ୍ଲା ରେଢାଖୋଲ ଥାନା ପୁରୁଣାଗଡଗ୍ରାମ ଛକରୁ ଟାଲ ଗ୍ରାମକୁ ଯାଇଥିବା ରାସ୍ତାର ଦମଗଡଛକ ନିକଟରେ ମଙ୍ଗଳବାର ଦିନ ବାଇକ୍ ଦୁର୍ଘଟଣାରେ କଦଳିଗଡ ପଞ୍ଚାୟତ ସାମସିଙ୍ଗାଗ୍ରାମର ସ୍ୱାମୀ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସ୍ୱାମୀ-ସ୍ତ୍ରୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସେବା ଯୋଗେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରିଥିଲେ। ସୂଚନାରୁ ପ୍ରକାଶ ଯେ ଦମଗଡ ଛକ ନିକଟରେ ଏକ ବଡ଼ ହମ୍ପ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥିରେ ପୂର୍ତ୍ତ ବିଭାଗ ଓ ଠିକା ସଂସ୍ଥା ହମ୍ପସ ଦେଇଥିବା ସ୍ଥାନରେ କୌଣସି ସୂଚକ ରହିଲେ ଦୁର୍ଘଟଣା ହେବ ନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି।

# କଫ ସିରପ୍ କାରବାରରେ ଜଣେ ଗିରଫ

ସମ୍ବଲପୁର, ୫।୫ (ସମିସ) : ସମ୍ବଲପୁର ଧନୁପାଲି ପୁଲିସ ଚଢ଼ଉ କରି କଫସିରପ୍ ଜବତ କରିବା ସହ ଜଣେ ଚାଲାଣକାରୀକୁ ଗିରଫ କରିଛି। ସୂଚନା ଅନୁଯାୟୀ, ଧନୁପାଲି ଥାନା ଖଲିଆବନ୍ଧ ଅଞ୍ଚଳରେ ଚଢ଼ଉ କରି ପୁଲିସ ଦିନ ଓରଫ୍ ବୁଠି କୁମ୍ଭାରଠାରୁ ୩୨ ବୋତଲ କଫ ସିରପ, ମିଶ୍ରିତ ନିଶା ପଦାର୍ଥ ତଥା ନଗଦ ୫ ହଜାର ଟଙ୍କା ଜବତ କରିଛି। ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ପୁଲିସ କହିଛି।



# ବିପଦକୁ ଆମନ୍ତ୍ରଣ କରୁଛି ମୁକୁଳା ଟ୍ରାନ୍ସଫର୍ମର

ରେଢ଼ାଖୋଲ, ୫।୫(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ତ୍ରିବଣପୁର ପଞ୍ଚାୟତ ସ୍ଥିତ ଜଗନ୍ନାଥପଡା ଗ୍ରାମ ନିକଟରେ ଥିବା ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗ୍ରାମବାସୀଙ୍କ ପାଇଁ ବିପଦ ସାଜିଛି। ଗ୍ରାମର ଭିତରୁ ରେଢ଼ାଖୋଲକୁ ସଂଯୋଗ କରୁଥିବା ପିଚୁ ରାସ୍ତାକୁ ଲାଗି ରହିଥିବା ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୋଲାମେଲାରେ ରହିଛି। ତ୍ରିବଣପୁର ଟ୍ରାନ୍ସଫର୍ମର ଚାରିପାଖ ପାଚେରୀ କି ତାରବାଡ଼ କିଛି ନାହିଁ। ଛୋଟପିଲାଙ୍କ ହାତ ପାଆନ୍ତାରେ ମୁକୁଳା ଜୀବନ୍ତ ତାର ରହିଛି। ଏମିତିକି ୧୧ କେଭି ଜୀବନ୍ତ ବିଦ୍ୟୁତ୍ ତାର ଝୁଲୁଥିବାରୁ କେତେ ବେଳେ କେଉଁ ବିପଦ ଘଟିଯିବ ବୋଲି ଆଶଙ୍କା ଲାଗି ରହୁଛି। ଟ୍ରାନ୍ସଫର୍ମରକୁ ଲାଗି ପିଚୁରାସ୍ତା ଯାଇଛି ଓ ପାଖରେ ଜନବସତି ଥିବାରୁ ଛୋଟବଡ଼ ଯାନବାହାନ, ସାହି ପଡ଼ିଶା, ଛୋଟପିଲା ଓ ଗୃହପାଳିତ ପଶୁଙ୍କ ସବୁବେଳେ ଚଳପ୍ରଚଳ ହେଉଛି। ଟ୍ରାନ୍ସଫର୍ମର ଲାଗିଥିବା ଖୁଣ୍ଟରେ ପିଟି ହୋଇ



ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟି ଲୋକଙ୍କ ଧନଜୀବନ ନଷ୍ଟ ହେଉଥିବା ବେଳେ ମୁକୁଳା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ନିରୀହ ଗାଈ ଗୋରୁଙ୍କ ପ୍ରାଣହାନୀ ଘଟୁଛି। ବର୍ଷା ଦିନେ ଟ୍ରାନ୍ସଫର୍ମରରୁ ଛିଟିକି ପଡୁଥିବା ନିଆଁ ପିଣ୍ଡୁଳା ଲୋକଙ୍କୁ ଭୟଭୀତ କରି ପକାଉଛି। ବେଳେବେଳେ ଟ୍ରାନ୍ସଫର୍ମରରୁ ସଂଯୋଗ ହୋଇଥିବା ଜୀବନ୍ତ ତାର ଗୁଡିକ ଝୁଲି ରହି ବିପଦ ଡାକୁଛି ବୋଲି ଗ୍ରାମବାସୀ ପ୍ରତିକ୍ରିୟା ଦେଇଛନ୍ତି। ବିଶେଷ କରି ଟ୍ରାନ୍ସଫର୍ମର ବସିଥିବା ଖୁଣ୍ଟ ଦୁଇଟି ଗୋଟିଏ ପାର୍ଶ୍ୱକୁ ଢଳି ରହିଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ଅନ୍ୟ ଏକ ବିଦ୍ୟୁତ୍ ଖୁଣ୍ଟ ଦ୍ୱାରା ଢେରା ଲଗାଇ ତାକୁ ରୋକାଯାଇ ଥିବା ଭଳି ବିକଳ ଚିତ୍ର ଏଠାରେ ଦେଖାଯାଇଛି। ସୂଚନା ଅନୁଯାୟୀ ଟ୍ରାନ୍ସଫର୍ମଟିକୁ କୌଣସି ସରକାରୀ ଜମିରେ ସ୍ଥାପନ କରାଯିବା ପରିବର୍ତ୍ତେ ତରବରିଆ ଭାବେ ଘରୋଇ ଜମିରେ ସ୍ଥାପନ କରାଯାଇଛି। ଏଥିଯୋଗୁଁ ଚାରିପାଖ ଆବଦ୍ଧ କରାଯାଇ ପାରୁନାହିଁ ବୋଲି ଜଣାପଡ଼ିଛି। ତେବେ ଟ୍ରାନ୍ସଫର୍ମରଟିକୁ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।









# ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ସ୍କୁଲରେ ଗ୍ରୀଷ୍ମକାଳୀନ ଶିବିର



**କଟକ, ୬।୫(ସମିସ):** ନୟାବଜାରସ୍ଥିତ ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ସ୍କୁଲରେ ଚଳିତ ବର୍ଷର ଗ୍ରୀଷ୍ମକାଳୀନ ମହୋତ୍ସବ ଉଦଘାଟନ ହୋଇଯାଇଛି। ସାତ ଦିନ ଧରି ଚାଲିବାକୁ ଥିବା ଏହି ଉକ୍ତ ଗ୍ରୀଷ୍ମକାଳୀନ ଶିବିରକୁ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିବା ସଙ୍ଗେ ସଙ୍ଗେ ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କର ଆତ୍ମବିଶ୍ୱାସ ଓ ସୃଜନଶୀଳତା ବୃଦ୍ଧି କରିବାର ଏହା ଏକ ସର୍ବୋତ୍କୃଷ୍ଟ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଗ୍ରୀଷ୍ମକାଳୀନ ଶିବିରରେ ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ଶିବିରରେ ବିଭିନ୍ନ ପ୍ରକାର ଶିକ୍ଷାମୂଳକ ଓ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଶିକ୍ଷିତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀମାନଙ୍କୁ ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, କ୍ରୀଡ଼ା, ଯୋଗାଭ୍ୟାସ, ହସ୍ତଶିଳ୍ପ, ଘୋଡାଦୌଡ ଆଦି ସମ୍ବନ୍ଧରେ ପ୍ରଶିକ୍ଷଣ ଦେବେ। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଛାତ୍ରଛାତ୍ରୀଙ୍କୁ ଫୁଲ, ଚନ୍ଦନ, ମୁକୁଟ ଦେଇ ସ୍ୱାଗତ କରାଯିବା ସଙ୍ଗେ ସଙ୍ଗେ ଯୋଗାଭ୍ୟାସ, କାଲିଗ୍ରାଫି, ସଙ୍ଗୀତ, ନୃତ୍ୟ ଶିକ୍ଷା ପ୍ରଦାନ କରାଯାଇଥିଲା।

# ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କୁ ସନ୍ତରଣ ପ୍ରଶିକ୍ଷଣ



**କଟକ, ୬।୫(ସମିସ):** ଆତ୍ମରକ୍ଷା ଓ ବୁଡିବାରୁ ବର୍ତ୍ତିବା ପାଇଁ ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କୁ ସନ୍ତରଣ ପ୍ରଶିକ୍ଷଣ ଦେବା ପାଇଁ ଅଣ୍ଟା ଭିଡିଛି ଜିଲ୍ଲା ପ୍ରଶାସନ। ଏନଡିଆରଏଫର ତାଲିମପ୍ରାପ୍ତ ପ୍ରଶିକ୍ଷକମାନେ ଏହି ତାଲିମ ପ୍ରଦାନ କରୁଛନ୍ତି। କଟକ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ସମିତି ପକ୍ଷରୁ ସନ୍ତରଣ ଏବଂ ବୁଡିବାରୁ ରକ୍ଷା ପାଇବା କୌଶଳ ସମ୍ବନ୍ଧୀୟ ତାଲିମ ଶିବିର ଆଜି ଉଦଘାଟିତ ହୋଇଯାଇଛି। ମୁଣ୍ଡଳିସ୍ଥିତ ଏନଡିଆରଏଫ କ୍ୟାମ୍ପସଠାରେ ଏହି ତାଲିମ ଶିବିର ଆୟୋଜିତ ହେଉଛି। ଏହି ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ବିଦ୍ୟାଳୟ ତଥା ମହାବିଦ୍ୟାଳୟର ୧୪ ବର୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଉଅଛି। ଛାତ୍ରଛାତ୍ରୀଙ୍କୁ ପୃଥକ୍ ପୃଥକ୍ ଗ୍ରୁପରେ ବିଭକ୍ତ କରଯାଇ ତାଲିମ ପ୍ରଦାନ କରାଯାଉଛି। ପ୍ରତ୍ୟେକ ଗ୍ରୁପରେ ପ୍ରାୟ ୪୦ ଜଣ ଲେଖାଏଁ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ପ୍ରତ୍ୟେକ ଗ୍ରୁପକୁ ୬ ଦିନ ଲେଖାଏଁ ସନ୍ତରଣ ତାଲିମ ପ୍ରଦାନ କରାଯିବ। ପ୍ରଶିକ୍ଷଣ ସମୟରେ ଅଂଶଗ୍ରହଣକାରୀମାନଙ୍କ ପାଇଁ ମାଗଣାରେ ଖାଦ୍ୟ ଓ ରହିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଛାତ୍ରଛାତ୍ରୀମାନେ ସନ୍ତରଣ ସମୟରେ ନିଜ ଆତ୍ମରକ୍ଷା କରିପାରିବା ସହ ବିପର୍ଯ୍ୟୟ ସମୟରେ ଅନ୍ୟକୁ କିପରି ସହାୟତା କରିପାରିବେ ସେ ସମ୍ପର୍କରେ ମଧ୍ୟ ପ୍ରଶିକ୍ଷଣ ଗ୍ରହଣ ଦିଆଯାଉଛି। ଉଦଘାଟନୀ ଦିବସରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ପୁଷ୍ପଶ୍ରୀ ସାଣ୍ଡିଲ, ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ ଚୌହାନ, ମୁଖ୍ୟ ମେଡିକାଲ ଅଫିସର ଡକ୍ଟର ନବୀନ୍ କୁମାର, ସବ ଇନସପେକ୍ଟର ବାହାଦୁର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଜୁନ୍ ମାସ ୧୨ ତାରିଖ ପର୍ଯ୍ୟନ୍ତ ଏହି ତାଲିମ ଶିବିର ଚାଲିବ।

## ନୂଆପଡ଼ା ପ୍ରେସ୍ କଲୋନୀ ଉଚ୍ଛେଦ ଆରମ୍ଭ

# ପ୍ରେସ୍ କଲୋନୀରେ ୨୫୦ ଘର ଭାଙ୍ଗିବା ନେଇ ସନ୍ଦେହ

**କଟକ, ୫।୫(ସମିସ)**

ମଧୁପାଟଣା ଥାନା ଅନ୍ତର୍ଗତ ପ୍ରେସ୍ କଲୋନୀରେ ସରକାରୀ ମୁଦ୍ରଣ ସଂସ୍ଥାର ୩୫୦ କ୍ୱାର୍ଟସ ରହିଛି। ତନ୍ମଧ୍ୟରୁ ୨୫୦ଟି କ୍ୱାର୍ଟସ୍ ଜବରଦଖଲରେ ରଖାଯାଇଥିବା ବେଳେ ସେଠାରେ ବିଭିନ୍ନ ଅପରାଧମୂଳକ କାର୍ଯ୍ୟକଳାପ କରାଯାଉଥିବା ଅଭିଯୋଗ ଉଠିଥିଲା। ଜବରଦଖଲରେ ରହିଥିବା କୋଠା ଗୁଡ଼ିକୁ କିଏ କେତେବେଳେ ଅକ୍ତିଆର୍ କରୁଛି ଏବଂ ଛାଡ଼ି ଦେଉଛି, ତାହାର ହିସାବ କର୍ତ୍ତୃପକ୍ଷଙ୍କ ନିକଟରେ ମଧ ନାହିଁ। ଏକାଧିକ କ୍ୱାର୍ଟର୍ସକୁ ଅସମାଜିକ ଯୁବକ ନିଜ କବ୍ଜାକୁ ନେଇ ସେଠାରେ ଗଞ୍ଜେଇ, ମଦ ଓ ବ୍ରାଉନସୁଗର କାରବାର କରୁଛନ୍ତି। ଗତ ଫେବ୍ରୁଆରୀ ମାସ ୧୮ ତାରିଖରେ ହୋଇଥିବା ହତ୍ୟାକାଣ୍ଡ ଯେଉଁ କ୍ୱାର୍ଟର୍ସରେ କରାଯାଇଥିଲା, ତାହା ମଧ୍ୟ ଜବରଦଖଲରେ ରହିଥିଲା। ଏହା ଜାଣିବା ପରେ କମିଶନରେଟ୍ ପୁଲିସ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନକୁ ଜଣାଇଥିଲା। ପ୍ରଶାସନ ଏହାକୁ ବିଚାରକୁ ନେଇ ଆଜିଠାରୁ ଜବରଦଖଲ କାର୍ଯ୍ୟ ଆରମ୍ଭ କରିଛି। ପ୍ରଥମ ପର୍ଯ୍ୟାୟରେ ହତ୍ୟାକାଣ୍ଡ ଘଟିଥିବା କ୍ୱାର୍ଟର୍ସ ଉପରେ ପ୍ରଶାସନ ବୁଲ୍‌ଡୋଜର୍ ଚଳାଇଛି। ସମ୍ପୂର୍ଣ୍ଣ ଭାବେ କ୍ୱାର୍ଟର୍ସକୁ ଭାଙ୍ଗି ମାଟିରେ ମିଶାଯାଇଛି। ପ୍ରଶାସନିକ ନିଷ୍ପତ୍ତି ଅନୁସାରେ, ଜବରଦଖଲରେ ରହିଥିବା ୨୫୦ କୋଠାକୁ ଭଙ୍ଗାଯିବ। କିନ୍ତୁ ତାହା କେତେଦୂର କାର୍ଯ୍ୟକାରୀ ହେଉଛି, ତାହା ସନ୍ଦେହ ଘେରରେ ରହିଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଏକାଧିକ କ୍ୱାର୍ଟର୍ସକୁ ବଳପୂର୍ବକ ଭଡ଼ାରେ ଲଗାଯାଇଛି। କେଉଁଠି ପରିବାବାଲାକୁ ରଖାଯାଇଛି ତ କେଉଁ ଫଳ ଦୋକାନୀ। ଏହାର ହିସାବ ସରକାରୀ ମୁଦ୍ରଣ ସଂସ୍ଥା କର୍ତ୍ତୃପକ୍ଷଙ୍କ ନିକଟରେ ନାହିଁ।

ମିଳିଥିବା ସୂଚନା ଅନୁସାରେ, ୧୫ବର୍ଷ ପୂର୍ବରୁ ଯେବେ ବାପା ଚାକିରୀରୁ ଅବସର ନେଇଥିବା ବେଳେ ତାଙ୍କ ପାଇଁ ଆଲର୍ଟ ହୋଇଥିବା କ୍ୱାର୍ଟର୍ସକୁ ନାତି ଜବରଦଖଲରେ ରଖିଛି। ସେହିପରି ୬୦ରୁ ଅଧିକ କ୍ୱାର୍ଟର୍ସରେ ରହୁଥିବା କର୍ମଚାରୀମାନେ ଅବସର ନେବା ପରେ କେତେକ ଅସାମାଜିକ ଯୁବକ ତାହାକୁ ତାଲା ପକାଇ ନିଜ ଅଧୀନରେ ରଖିଛନ୍ତି। ଏସବୁ ମୁଦ୍ରଣ ସଂସ୍ଥାର କର୍ତ୍ତୃପକ୍ଷଙ୍କ ଜାଣତରେ ହୋଇଥିବା ଅଭିଯୋଗ ଉଠିଛି।

- **୩୫୦ କ୍ୱାର୍ଟର୍ସରୁ ୨୫୦ ଜବରଦଖଲରେ ରହିଛି**
- **ହତ୍ୟାକାଣ୍ଡ ଘଟିଥିବା କୋଠାରେ ବୁଲିଲା ବୁଲ୍‌ଡୋଜର୍**

୨୦ରୁ ଅଧିକ କ୍ୱାର୍ଟର୍ସରେ ସନ୍ଦେହଯୁକ୍ତ ମହିଳାମାନେ ରହୁଥିବା ସ୍ଥାନୀୟ କଲୋନୀବାସୀ ଅଭିଯୋଗ ଆଣିଛନ୍ତି। ଏପରି ସ୍ଥଳେ ବିପଦସଙ୍କୁଳ ଅବସ୍ଥାରେ ରହିଥିବା କ୍ୱାର୍ଟର୍ସ ଓ ଜବରଦଖଲରେ ରହିଥିବା କ୍ୱାର୍ଟର୍ସକୁ ଭାଙ୍ଗିଦେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ରହିଥିବା ବେଳେ ଜିଲ୍ଲା ପ୍ରଶାସନ ଜବରଦଖଲ ହଟାଇବାକୁ ପଛଘୁଞ୍ଚା ଦେଉଛି। ପ୍ରକାଶ ଥାଉ କି, ଗତ ଫେବ୍ରୁଆରୀ ୧୮ ତାରିଖରେ ଘଟିଥିବା ହତ୍ୟାକାଣ୍ଡରେ ବ୍ୟବହୃତ ଏକମାତ୍ର କ୍ୱାର୍ଟର୍ସକୁ ଭଙ୍ଗାଯାଇଥିଲା। ଏହି କୋଠାକୁ ଅଭିଯୁକ୍ତ ହୁକୁ, ପୋଡ଼ା, ବାଉଁ, ଓମ୍ ପ୍ରମୁଖ ଦୀର୍ଘ ବର୍ଷ ଧରି ଅକ୍ତିଆର୍ କରି ରଖିଥିଲେ। ଏଠାରେ ଘଟିଥିବା ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ନାଣ୍ଟୁ ଏବଂ ତା' ସହଯୋଗୀ ହୁକୁ ୧୦ଟି କ୍ୱାର୍ଟର୍ସ ଜବରଦଖଲରେ ରଖିଥିବା ପୁଲିସ ଜାଣିବାକୁ ପାଇଥିଲା। ଅଭିଯୁକ୍ତ ନାଣ୍ଟୁ'ର ବନ୍ଧୁକରୁ ଅଭିଯୁକ୍ତ ହୁକୁ ସୌମ୍ୟରଞ୍ଜନ ଜେନା ଓରଫ ରିଙ୍କୁଙ୍କ ଉପରକୁ ଜିରୋ-ପଏଣ୍ଟ୍‌ରୁ ଗୁଳି ମାରିବା ପରେ ଜବରଦଖଲରେ ଥିବା କ୍ୱାର୍ଟର୍ସ ଗୁଡ଼ିକ ସାମ୍ନାକୁ ଆସିଥିଲା। ଯଦି ପ୍ରଶାସନ ଆକ୍ସନମୋଡ୍‌କୁ ଆସି ସମସ୍ତ ଜବରଦଖଲ କୋଠାକୁ ଭାଙ୍ଗି ଦିଅନ୍ତା, ତେବେ ଏଠାରେ ଦୀର୍ଘ ବର୍ଷ ଧରି ଚାଲିଥିବା ଅପରାଧମୂଳକ କାର୍ଯ୍ୟକଳାପ ବନ୍ଦ ହୋଇଯାଆନ୍ତା ବୋଲି କଲୋନୀବାସୀ କହିଛନ୍ତି।




## ଓମ୍‌ଫେଡ୍ କ୍ଷୀର ଦର ବୃଦ୍ଧିର ପ୍ରତିବାଦ

# କଟକରେ ଓଡ଼ିଶା ଜନତା କଂଗ୍ରେସର ବିକ୍ଷୋଭ




**କଟକ, ୬।୫(ସମିସ):** ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ଆହ୍ୱାନକ୍ରମେ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳର ବରିଷ୍ଠ ନେତ୍ରୀ ଗିରିବାଳା ବେହେରାଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ରାଜ୍ୟ ସରକାରଙ୍କ ଦ୍ୱାରା ଓମଫେଡ୍ କ୍ଷୀର ଦରରେ କରାଯାଇଥିବା ଅହେତୁକ ବୃଦ୍ଧିକୁ ତୀବ୍ର ନିନ୍ଦା କରିବା ସହ ଏହାର ପ୍ରତ୍ୟାହାର ଦାବିରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମତୀ ବେହେରା କହିଲେ ଯେ, ଓମଫେଡ୍ କର୍ତ୍ତୃପକ୍ଷ ଟୋଣ୍ଡ, ପ୍ରିମିୟମ୍, ଗୋଲ୍ଡ ଏବଂ ଗୋଲ୍ଡ ପ୍ଲସ୍ ଭଳି ସବୁ ପ୍ରକାର କ୍ଷୀରର ମୂଲ୍ୟ ବୃଦ୍ଧି କରି ସାଧାରଣ ଖାଉଟିଙ୍କ ଉପରେ ଅଯଥା ଆର୍ଥିକ ବୋଝ ଲଦି ଦେଇଛନ୍ତି। ଯଦି ସରକାର ତୁରନ୍ତ ଏହି ବର୍ଦ୍ଧିତ ଦରକୁ ପ୍ରତ୍ୟାହାର ନ କରନ୍ତି ଏବଂ ପୁରୁଣା ଦରରେ କ୍ଷୀର ବିକ୍ରୟ ସୁନିଶ୍ଚିତ ନ କରନ୍ତି, ତେବେ ଓଡ଼ିଶା ଜନତା କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ବରିଷ୍ଠ ନେତା ବିରେନ୍ଦ୍ର ଦାସ, ଶୈଳବାଳା ଜେନା, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଚାରୁଲତା ସାହୁ, ଅନିତା ନାୟକ, ସେକ ସମିମଉଲ୍ଲା, ଅଜିତ ବେହେରା, ଶରତ ଚନ୍ଦ୍ର ସେଠୀ, ଦୀପକ ବେହେରା, ଦିପୁ ଗୋଛାୟତ, ସେଖ ଏର୍ଫାନ, ପ୍ରଭାତୀ ପଟ୍ଟନାୟକ, ଶିଲା ସାହା, ମନୋରମା ପଣ୍ଡା, ଭାରତୀ ଦାସ, ରାଜଶ୍ରୀ ରାୟ, ଅନିତା ବେହେରା, ଲକ୍ଷ୍ମୀପ୍ରିୟା ତୋଳା, ମହେଶ ରାୟ, ବିଶ୍ୱରଞ୍ଜନ, ସୟଦ ଅଫତାବ ଅଲ୍ଲୀ, ସେକ ଇମତିୟାଜ, ସ୍ୱାଗତିକା ମହାପାତ୍ର ଉପସ୍ଥିତ ଥିଲେ।

# ୱାର୍ଡ ନଂ ୩୨ରେ ବିଧାୟିକାଙ୍କ ଜନସମ୍ପର୍କ ପଦଯାତ୍ରା



**କଟକ, ୬।୫(ସମିସ):** କଟକ ମହାନଗର ନିଗମ ଅନ୍ତର୍ଗତ ୩୨ ନମ୍ବର ୱାର୍ଡରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋଷ ଜନସମ୍ପର୍କ ପଦଯାତ୍ରା କରିଛନ୍ତି। ୱାର୍ଡ ଅଞ୍ଚଳର ରାଣୀହାଟ, ଗୋପାଳ ସାହି, ତଳ ଗୋପାଳ ସାହି, ମାଳି ସାହି ଓ ଶିକାରୀ ସାହି ଭଳି ଅଞ୍ଚଳଗୁଡ଼ିକ ପରିଦର୍ଶନ କରିଥିଲେ। ୱାର୍ଡର ବିଭିନ୍ନ ଅଞ୍ଚଳର ସାହି ମୁରବି, ଯୁବକ ଓ ମହିଳାଙ୍କୁ ସାକ୍ଷାତ କରି ୱାର୍ଡର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ବିଧାୟିକାଙ୍କୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପଦଯାତ୍ରା ସମୟରେ ଅଞ୍ଚଳବାସୀ ବିଧାୟିକାଙ୍କ ନିକଟରେ ନିଜ ଅଞ୍ଚଳର ମୌଳିକ ସମସ୍ୟାଗୁଡ଼ିକ ରଖିଥିଲେ। ୱାର୍ଡ ରାସ୍ତାଘାଟର ଅବସ୍ଥା, ଅସନ୍ତୋଷଜନକ ପରିମଳ ବ୍ୟବସ୍ଥା ଏବଂ ଷ୍ଟ୍ରିଟ୍ ଲାଇଟ୍ ବିଷୟରେ ଲୋକେ ଅଭିଯୋଗ କରିଥିଲେ। ଲୋକଙ୍କ ସମସ୍ୟାଗୁଡ଼ିକୁ ବେଶ୍ ଗମ୍ଭୀରତାର ସହ ଶୁଣିବା ପରେ ବିଧାୟିକା ଶ୍ରୀମତୀ ଫିର୍ଦୋଷ ତୁରନ୍ତ ଏହାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା, ସ୍ନେହଲତା ଚୌଧୁରୀ, କର୍ପୋରେଟର ଲିଜାରାଣୀ ରାଉତ, ଚନ୍ଦ୍ର ଶେଖର ନାଟିଆ, ବରିଷ୍ଠ ନେତା ବିରେନ୍ଦ୍ର ଦାସ, ଶରତ ଚନ୍ଦ୍ର ସେଠୀ, ସେକ ଲିଆକତ ଉଦ୍ଦୀନ ଅହମ୍ମଦଙ୍କ ସମେତ ଏହି କାର୍ଯ୍ୟକ୍ରମରେ ବହୁ ସ୍ଥାନୀୟ ଦଳୀୟ କର୍ମୀ, କର୍ମକର୍ତ୍ତା ଏବଂ ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଏଲ୍‌ଆଇସି ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

କଟକ, ୬।୫(ସମିସ): ଭାରତୀୟ ଜୀବନବୀମା ନିଗମ (ଏଲଆଇସି), କଟକ ଶାଖା-୧ର ପ୍ରଶାସନିକ ଅଧିକାରୀ ତଥା ସୁପରିଚିତ ରମ୍ୟ ଲେଖକ ରାଧାଶ୍ୟାମ ରାଉଳ ବୃତ୍ତିଗତ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଶାଖା ପରିଚାଳକ ପ୍ରଶାନ୍ତ କୁମାର ଦଳେଇଙ୍କ ଅଧ୍ୟକ୍ଷତାରେ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଉପସ୍ଥିତ ସହକର୍ମୀମାନେ ଶ୍ରୀ ରାଉଳଙ୍କ ନିଷ୍ଠାପରତା, କାର୍ଯ୍ୟଦକ୍ଷତା ଏବଂ ଉତ୍ତମ ଗ୍ରାହକ ସେବା ମନୋଭାବର ଉଚ୍ଚ ପ୍ରଶଂସା କରିଥିଲେ। ଅଜୟ ସାହୁ, ସୁସ୍ମିତା ହୋତା, ସ୍ମୃତିରେଖା ସାହୁ ଓ ବିଦ୍ୟାଧର ପୃଷ୍ଟିଙ୍କ ସମେତ ଅନେକ ସହକର୍ମୀ ତାଙ୍କର ଆଦର୍ଶ ଓ ମୂଲ୍ୟବୋଧଭିତ୍ତିକ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ନିଜର ଅନୁଭୂତି ବଖାଣି ଶ୍ରୀ ରାଉଳ କହିଥିଲେ ଯେ, ସେ ସର୍ବଦା ସଂସ୍ଥାର ସ୍ୱାର୍ଥକୁ ପ୍ରାଥମିକତା ଦେଇ ନିରପେକ୍ଷ ଭାବେ କାର୍ଯ୍ୟ କରିବାକୁ ପ୍ରୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତାଙ୍କ ଧର୍ମପତ୍ନୀ ସଂଯୁକ୍ତା ରାଉଳ ଓ ପୁତ୍ର ସଂକେତ କୁମାର ରାଉଳ ଉପସ୍ଥିତ ଥିଲେ। ସହକର୍ମୀମାନେ ଶ୍ରୀ ରାଉଳଙ୍କ ଅବସର ଜୀବନ ସୁଖମୟ ଓ ଶାନ୍ତିମୟ ହେବା ସହ ସେ ଅଧିକ ସୃଜନଶୀଳ ହୁଅନ୍ତୁ ବୋଲି ଶୁଭକାମନା ଜଣାଇଥିଲେ।




# ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀ ପ୍ରସ୍ତୁତି



**କଟକ, ୬।୫(ସମିସ):** ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କଟକର ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆସନ୍ତା ମେ ୨୫ ତାରିଖରେ ଭଜନ ସମ୍ରାଟଙ୍କ ୯୭ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବ। କଟକର ଶତାବ୍ଦୀ ଭବନଠାରେ ଆୟୋଜିତ ହେବାକୁ ଥିବା ଏହି ଭବ୍ୟ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିବା ପାଇଁ ସଂସଦର ସମ୍ପାଦକ ଡକ୍ଟର ସୁନାମଣି ରାଉତଙ୍କ ବାସଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଡ. ରାଉତ ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ତଥା ବିଶିଷ୍ଟ ଗୀତିକାର ଗୌର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉତ୍ସବ ପାଇଁ ଅତିଥି ଚୟନ ଏବଂ ଚଳିତ ବର୍ଷର 'ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ପୁରସ୍କାର' ପାଇଁ ଜଣେ ସଙ୍ଗୀତ ଶିଳ୍ପୀ ଓ ଜଣେ ଗୀତିକାରଙ୍କ ମନୋନୟନ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ଏହି ବୈଠକରେ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ତରୁଣ କୁମାର ସାହୁ, କଣ୍ଠଶିଳ୍ପୀ ଜୀବନାନନ୍ଦ ଅଧିକାରୀ, ନାଟ୍ୟକାର ଡକ୍ଟର ବୈଜୟନ୍ତୀ ମିଶ୍ର ଓ ସଞ୍ଜିତ କୁମାର ପଟ୍ଟନାୟକଙ୍କ ସମେତ ସ୍ୱର୍ଗତ ବଳଙ୍କ ଦୁଇ ପୁତ୍ର ଅଶୋକ କୁମାର ବଳ ଓ ଅମିୟ କୁମାର ବଳ ଏବଂ ନାତି ସ୍ୱାଗତ ରାଉତ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅମୂଲ୍ୟ କୃଷ୍ଣ ବଳ ଧନ୍ୟବାଦ ଦେଇଥିଲେ।

# ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଉପରେ ଗୁରୁତ୍ୱ

**କଟକ, ୫।୫(ସମିସ):** କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଯୋଜନାଗୁଡିକର ଲାଭ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ବ୍ୟାଙ୍କଗୁଡିକ ସକ୍ରିୟ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। କଟକ ଜିଲ୍ଲାରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଉପରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଏହା କହିଛନ୍ତି। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ବାର୍ଷିକ ମାତ୍ର ୨୦ଟଙ୍କା ପ୍ରିମିୟମ ଦେବାକୁ ପଡୁଥିବାବେଳେ ଦୁର୍ଘଟଣାଜନିତ ମୃତ୍ୟୁ କିମ୍ବା ଦୁର୍ଘଟଣାରେ ସମ୍ପୂର୍ଣ୍ଣ ଅକ୍ଷମତା କ୍ଷେତ୍ରରେ ୨ ଲକ୍ଷ ଟଙ୍କା ଓ ସାରାଜୀବନ ପାଇଁ ଆଂଶିକ ଅକ୍ଷମତା କ୍ଷେତ୍ରରେ ୧ ଲକ୍ଷ ଟଙ୍କା ସହାୟତା ରାଶି ମିଳିବାର ବ୍ୟବସ୍ଥା ରହିଛି। ସେହିପରି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୧୮ରୁ ୫୦ ବର୍ଷ ବୟସ୍କ ପର୍ଯ୍ୟନ୍ତ ଯେକୌଣସି ବ୍ୟାଙ୍କ ସଞ୍ଚୟ ଖାତାଧାରୀ ବାର୍ଷିକ ୪୩୬ ଟଙ୍କା ପ୍ରିମିୟମ ଦେଇ କୌଣସି କାରଣରୁ ମୃତ୍ୟୁ ଘଟିଲେ ୨ ଲକ୍ଷ ଟଙ୍କା ସହାୟତା ରାଶି ପାଇପାରିବାର ବ୍ୟବସ୍ଥା ରହିଛି। ଏହିସବୁ ଯୋଜନାରେ ସର୍ବାଧିକ ଲୋକଙ୍କୁ ସାମିଲ କରିଥିବା ବ୍ୟାଙ୍କକୁ ପ୍ରତିବର୍ଷ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ସମ୍ମାନିତ କରାଯିବ ବୋଲି ସେ କହିଛନ୍ତି। ଆଜିର ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଡକ୍ଟର ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ସତ୍ୟରଞ୍ଜନ ମହାନ୍ତି ଏବଂ ଜିଲ୍ଲାର ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଯୋଗଦେଇଥିଲେ।

**ସର୍ବାଧିକ ଲୋକଙ୍କୁ ଯୋଜନାରେ ସାମିଲ କରିଥିବା ବ୍ୟାଙ୍କକୁ ସମ୍ମାନିତ କରାଯିବ**

## 'ସାବିତ୍ରୀ' ପୂର୍ବରୁ ବଜାରରେ ଆମ୍ବ ପସରା

# ଆନ୍ଧ୍ର ଆମ୍ବକୁ ଟକ୍କର ଦେବ 'ଦେଶୀ' ଓଡ଼ିଶା

**କଟକ, ୬।୫(ସମିସ)**

ଆସନ୍ତା ମେ' ୧୬ ତାରିଖରେ ପବିତ୍ର ସାବିତ୍ରୀ ବ୍ରତ। ଏହି ଓଷା ପାଇଁ ଫଳ ବଜାରରେ ଆମ୍ବର ଚାହିଦା ସବୁଠାରୁ ଅଧିକ ରହିଥାଏ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସର୍ବବୃହତ ଫଳ ବଜାର କଟକ ଛତ୍ରବଜାରକୁ ବାହାର ରାଜ୍ୟରୁ ଆମ୍ବ ଆମଦାନୀ ବଢ଼ିବାରେ ଲାଗିଛି। ବର୍ତ୍ତମାନ ବଜାରରେ ମୁଖ୍ୟତଃ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରୁ ପ୍ରଚୁର ପରିମାଣରେ ଆମ୍ବ ଆସୁଛି। ବ୍ୟବସାୟୀଙ୍କ ସୂଚନା ଅନୁଯାୟୀ, ଦୈନିକ ପ୍ରାୟ ୪ରୁ ୫ ଟ୍ରକ ଅର୍ଥାତ ପ୍ରାୟ ୧୨୦ ଟନ ଆମ୍ବ ଆନ୍ଧ୍ର ଓ ଉତ୍ତରପ୍ରଦେଶରୁ ଛତ୍ରବଜାରରେ ପହଞ୍ଚୁଛି। ବର୍ତ୍ତମାନ ବଜାରରେ ଆଖୁରସ, କେଶରୀ, ମଲିକା, ଲେଙ୍ଗେଡା ଓ ବାଇଗଣପଲେଇ ଭଳି ପ୍ରତିଷ୍ଠିତ କିସମର ଆମ୍ବ ଦେଖିବାକୁ ମିଳୁଛି। ତେବେ ଚଳିତ ବର୍ଷ ବାହାର ରାଜ୍ୟର ଆମ୍ବ ଅପେକ୍ଷା ଓଡ଼ିଶାର ନିଜସ୍ୱ ଉତ୍ପାଦନ ଉପରେ ବ୍ୟବସାୟୀମାନେ ଅଧିକ ଆଶା ରଖିଛନ୍ତି। ଅନୁକୂଳ ପାଗ ଯୋଗୁଁ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏଥର ଆମ୍ବ ଅମଳ ବହୁତ ଭଲ ହୋଇଛି। ଅନୁଗୁଳ, ଢେଙ୍କାନାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଞ୍ଜ ଓ ଗଞ୍ଜାମ ଜିଲ୍ଲାରୁ ବଜାରକୁ ପ୍ରଚୁର ଦେଶୀ ଆମ୍ବ ଆସିବା ଆରମ୍ଭ କଲାଣି। ବିଶେଷ କରି ଓଡ଼ିଶାର ଆମ୍ରପାଲି, ଦଶେରି ଓ ସୁନ୍ଦରୀ କିସମର ଆମ୍ବ ଶୀଘ୍ର ପାଚିଯାଉଥିବାରୁ ଏହା ବର୍ତ୍ତମାନ ସ୍ଥାନୀୟ ଚାହିଦା ମେଣ୍ଟାଉଛି। ବାହାର ରାଜ୍ୟର ଆମ୍ବ ଛତ୍ରବଜାରରେ କିଲୋ ପିଛା ୫୦ରୁ ୬୦ ଟଙ୍କା ଦରରେ ବିକ୍ରି ହେଉଥିବା ବେଳେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଦେଶୀ ଆମ୍ବର ଉପଲବ୍ଧତା ବାହାର ଆମଦାନୀ ଉପରେ ନିର୍ଭରଶୀଳତା କମାଇବ ବୋଲି ଆକଳନ କରାଯାଉଛି। ଛତ୍ରବଜାରରୁ ସାଧାରଣତଃ ରାଜ୍ୟର



### ଛତ୍ରବଜାରରେ ଆମଦାନୀ ଜାରି

ବିଭିନ୍ନ ଜିଲ୍ଲାକୁ ଆମ୍ବ ରପ୍ତାନି କରାଯାଇଥାଏ। ମାତ୍ର ଚଳିତ ବର୍ଷ ସବୁ ଜିଲ୍ଲାରେ ଭଲ ଅମଳ ହୋଇଥିବାରୁ, ସ୍ଥାନୀୟ ବଜାରରେ ଦେଶୀ ଆମ୍ବ ହିଁ ସାବିତ୍ରୀ ବ୍ରତ ସମୟରେ ମୁଖ୍ୟ ଆକର୍ଷଣ ସାଜିବ। ଜୁନ୍ ମାସ ବେଳକୁ ଓଡ଼ିଶାର ଦେଶୀ କିସମର ଆମ୍ବ ଉତ୍ପାଦନ ଶିଖରରେ ପହଞ୍ଚିବାକୁ ଥିବା ବେଳେ, ସାବିତ୍ରୀ ବ୍ରତ ପାଇଁ ଏବେଠାରୁ ବଜାର ସରଗରମ ହେବାରେ ଲାଗିଛି। ବାହାର ରାଜ୍ୟର ଆମ୍ବ ସହ ଓଡ଼ିଶାର ସୁଆଦିଆ ଦେଶୀ ଆମ୍ବ ଏଥର ଗ୍ରାହକଙ୍କୁ ବେଶ ଆକୃଷ୍ଟ କରିବ ବୋଲି ବ୍ୟବସାୟୀ ମହଲରେ ଆଶା କରାଯାଉଛି।



## ଓଡ଼ିଆରେ +୨ ବିଜ୍ଞାନ ପୁସ୍ତକ ବଣ୍ଟନ

# ଜିଲ୍ଲା ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା



**ଯାଜପୁର, ୫ା୫(ସମିସ)**

ଯାଜପୁର ଜିଲ୍ଲା ସ୍କୁଲ ସମ୍ମିଳନୀ କକ୍ଷରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଓଡ଼ିଆରେ ଲିଖିତ ବିଜ୍ଞାନ ପାଠ୍ୟପୁସ୍ତକ ପ୍ରଚଳନ ସମ୍ପର୍କିତ ଆଲୋଚନା ଜିଲ୍ଲାର ସମସ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉଚ୍ଚଶିକ୍ଷା ମାଧ୍ୟମିକ ନିର୍ଦ୍ଦେଶ ଲେଖିଥିବା ଅନୁଯାୟୀ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ତରଫରୁ ଆଜି ସଦସ୍ୟ ସଚିବ ଡ. ସୁବ୍ରତ କୁମାର ପୃଷ୍ଟି ଓ ପ୍ରକଳ୍ପ ନିର୍ଦ୍ଦେଶକ ନିରଦ ବରଣ ଖୁଣ୍ଟିଆଙ୍କ ଉପସ୍ଥିତିରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଓଡ଼ିଆ ବିଜ୍ଞାନ ଅଧ୍ୟୟନ ଓ ଶିକ୍ଷା ପ୍ରଦାନ ସମ୍ବନ୍ଧୀୟ ସମସ୍ୟା ଓ ଏହାର ସମାଧାନ ତଥା ଉପାଦେୟତା ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ମାତୃଭାଷାରେ ବିଜ୍ଞାନ ଶିକ୍ଷା, ଶବ୍ଦାବଳୀ ମାନକୀକରଣ ଦ୍ୱାରା ଶବ୍ଦଗୁଡ଼ିକର ସରଳ ଓଡ଼ିଆ ରୂପାନ୍ତର, ପୁସ୍ତକର ସମୀକ୍ଷା ପ୍ରସ୍ତୁତ ପୁସ୍ତକର ବିଷୟବସ୍ତୁ, ଚିତ୍ର, ଉଦାହରଣ ଏବଂ ଅଭ୍ୟାସ ପ୍ରଶ୍ନ ଓ ଶିକ୍ଷଣ ପଦ୍ଧତି ଓଡ଼ିଆ ମାଧ୍ୟମରେ ବିଜ୍ଞାନର ପ୍ରୟୋଗାତ୍ମକ ଦିଗ କିପରି ପଢ଼ାଯିବ, ସେ ବିଷୟରେ ଆଲୋକପାତ କରି ଡ. ପୃଷ୍ଟି କହିଥିଲେ, 'ଭାଷା କେବେ ବି ଜ୍ଞାନ ଆହରଣରେ ବାଧା ହେବା ଉଚିତ ନୁହେଁ। ଅତୀତରେ ଭାରତବର୍ଷକୁ ଜ୍ଞାନର ଆଲୋକ ପ୍ରଦାନ କରିଥିବା ଯାଜପୁର ଆଜି ବିଜ୍ଞାନ କ୍ଷେତ୍ରରେ ବହୁ ପଛରେ ପଡ଼ିଛି। ତେଣୁ ଖଣିଜସମ୍ପଦ ଭରା ଏହି ମାଟିର ପିଲାମାନେ ନିଜ ଭାଷାରେ ବିଜ୍ଞାନ ପଢ଼ିଲେ ସେମାନେ ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ ହେବାର ସ୍ୱପ୍ନକୁ ସାକାର କରି ପାରିବେ।' ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କ ପାଇଁ ଡାକ୍ତରୀ ଓ ଇଂଜିନିୟରିଂ ନାମଲେଖାରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷିତ ରହିଛି। ସେହିଭଳି ଆଇଏଏସ୍ ଓ ଓଏଏସ ଆଦି ସମସ୍ତ ନିଯୁକ୍ତି ପରୀକ୍ଷା, ଡାକ୍ତରୀ ଓ ଇଂଜିନିୟରିଂ ପ୍ରବେଶିକା ପରିକ୍ଷା ପ୍ରଶ୍ନପତ୍ର ଓଡ଼ିଆରେ ଆସୁଥିବାରୁ ଓଡ଼ିଆରେ ବିଜ୍ଞାନ ପଢ଼ିଲେ ଭବିଷ୍ୟତରେ କୌଣସି ସମସ୍ୟା ସୃଷ୍ଟି ହେବନାହିଁ ବୋଲି ପ୍ରଫେସର ନୀରଦବରଣ ଖୁଣ୍ଟିଆ ସୂଚନା ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସାହୁ ଇଂଲିଶରେ ଦୁର୍ବଳ ସମସ୍ତ ପିଲା କିପରି ଓଡ଼ିଆରେ ବିଜ୍ଞାନ ବିଷୟକୁ ପଢ଼ିବେ, ସେ ବିଷୟରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଅଧ୍ୟକ୍ଷ ତଥା ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ କି ଉଚ୍ଚ ମାଧ୍ୟମିକ ସ୍ତରରେ ବିଜ୍ଞାନ ଶିକ୍ଷାପାଇଁ ଓଡ଼ିଆ ଭାଷା ଆଦୌ ପ୍ରତିବନ୍ଧକ ହେବ ନାହିଁ ବରଂ ଇଂରାଜିରେ ଦୁର୍ବଳ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହା ବହୁମାତ୍ରାରେ ସାହାଯ୍ୟ କରିବା ସହ ସେମାନେ ବିଷୟବସ୍ତୁକୁ ଠିକରେ ବୁଝିପାରିବେ ଓ ପରୀକ୍ଷାରେ ମଧ୍ୟ ଓଡ଼ିଆରେ ଲେଖି ପାରିବେ। ଶେଷରେ ମେଟ୍ରିକ ପରୀକ୍ଷାରେ ଜିଲ୍ଲାର ସର୍ବାଧିକ ନମ୍ବର ରଖିଥିବା ସତ୍ୟସାଇ ଉଚ୍ଚବିଦ୍ୟାଳୟ, କାକୁଡିକୁଦର ଶୁଭମ ସାହୁଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଓଡ଼ିଆ ଭାଷାରେ ଲିଖିତ ଯୁକ୍ତ ଦୁଇ ବିଜ୍ଞାନ ପୁସ୍ତକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସୁଦର୍ଶନପାଢ଼ୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ଚିନ୍ମୟୀ ସିଂହ ଓ ରୋଜି ବାରିକଙ୍କୁ ଇନ୍ଦୁମତୀ ପୃଷ୍ଟି ମେଧାବୀ ବାଳିକା ଶିକ୍ଷା ପୁରସ୍କାର ପ୍ରଦାନ ସହ ଓଡିଆ ବିଜ୍ଞାନପୁସ୍ତକ ସେଟ ପ୍ରଦାନ କରାଯାଇଥିଲା। ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି ଏହି ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ।

## ଗ୍ୟାସ ସମସ୍ୟା ନେଉଛି ଉଗ୍ରରୂପ

# ହୋଟେଲରେ ଚଢ଼ଉ, ୧୨ ଘରୋଇ ସିଲିଣ୍ଡର୍ ଜବତ



**ସୁକିନ୍ଦା, ୫ା୫(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଡୁବୁରୀ ଛକ ସ୍ଥିତ ବିଭିନ୍ନ ହୋଟେଲ ଉପରେ ଚଢ଼ଉ କରାଯାଇ ସେଠାରେ ବ୍ୟବହୃତ ୧୨ରୁ ଊର୍ଦ୍ଧ୍ୱ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ ହୋଇଥିବା ଜଣାପଡ଼ିଛି। ଗତ କିଛି ମାସ ଧରି ସୁକିନ୍ଦା ଗ୍ୟାସ ବିତରକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କ ଅନୁପସ୍ଥିତିରେ ଏହି ଅଞ୍ଚଳରେ ଘରୋଇ ଗ୍ୟାସ୍ ସମସ୍ୟା ଉଗ୍ରରୂପ ନେଇଛି। ଗ୍ୟାସ କମ୍ପାନୀ ପକ୍ଷରୁ ଅନ୍ୟ ଜଣେ ବିତରକଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଗ୍ୟାସ୍ ବିତରଣ ଠିକ୍ ଭାବେ ହୋଇପାରୁନାହିଁ। ଯେଉଁଥି ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସପ୍ତାହରେ ଦିନେ କିମ୍ବା ଦୁଇଦିନ ବିତରଣ ହେଉଥିବା ବେଳେ ବିତରକ କୌଣସି ନିର୍ଦ୍ଦିଷ୍ଟ ଦିନ କିମ୍ବା ତାରିଖ ସ୍ଥିର କରୁନଥିବାରୁ ଦୈନିକ ଶହଶହ ଲୋକେ ଗ୍ୟାସ ପାଇଁ ରାତି ୩ଟାରୁ ସିଲିଣ୍ଡର୍ ସହ ୬ରୁ ୭ଘଣ୍ଟା ଲାଇନ୍‌ରେ ରହିବା ପରେ ମଧ୍ୟ ଗ୍ୟାସ ନପାଇ ଫେରୁଥିବା ଦେଖିବାକୁ ମିଳିଛି। ସୋମବାର ଗ୍ୟାସ ପାଇଁ ୫ ଘଣ୍ଟା ଅପେକ୍ଷା କରିବା ପରେ ଗ୍ୟାସ ବିତରକ ନ ଆସିବାରୁ ନିରୁପାୟ ହୋଇ ଅନେକ ଲୋକେ ସୁକିନ୍ଦା ବିଡିଓ ପ୍ରଜ୍ଞାପରମିତା ପୃଷ୍ଟିଙ୍କୁ ଭେଟି ଏଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବୀ କରିଥିଲେ। ବହୁତ୍ ଶୀଘ୍ର ଏହାର ସ୍ଥାୟୀ ସମାଧାନ କରାଯିବା ପାଇଁ ବିଡିଓ ପ୍ରତିଶ୍ରୁତି ଦେବା ସହ ଡୁବୁରୀ ଅଞ୍ଚଳର କିଛି ହୋଟେଲ ଉପରେ ଚଢ଼ଉ କରି ସେଠାରେ ବ୍ୟବହୃତ ୧୨ରୁ ଊର୍ଦ୍ଧ୍ୱ ଘରୋଇ ସିଲିଣ୍ଡର ଜବତ କରିଥିବା ଜଣାପଡ଼ିଛି। ଏହି ଚଢ଼ଉ ସମୟରେ ବିଡିଓଙ୍କ ସହ ବ୍ଲକ ଯୋଗାଣ ଅଧିକାରିଣୀ ଶୁଭାଙ୍ଗୀ ରାୟ ଓ ସ୍ଥାନୀୟ ପୁଲିସ କର୍ମଚାରୀ ସାମିଲ ଥିଲେ।

# ହଜିଲା ମୋବାଇଲ ଫେରି ପାଇଲେ ମହିଳା

**କଏଁଗୋଲା, ୫ା୫(ସମିସ):** ମଙ୍ଗଳପୁର ଥାନା ଅଧୀନ ଦୁବକଣ ଗ୍ରାମର ମାନସୀ ଜେନାଙ୍କ ମୋବାଇଲ ଫୋନ ଗତ ଜାନୁଆରୀ ୯ ତାରିଖରେ ହଜିଯାଇଥିଲା। ଏ ନେଇ ସେ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ମଙ୍ଗଳପୁର ଥାନା ଏସଆଇ ଅନିତା ପ୍ରଧାନ ଯାଜପୁର ଜିଲ୍ଲା ସାଇବର ସେଲ ସହାୟତା ଅଧିକାରୀ ଟେଲିକମ ସେବା ପ୍ରଦାନକାରୀ କମ୍ପାନୀର ନୋଡାଲ ଅଧିକାରୀଙ୍କୁ ଦ୍ୱାରା ଯୋଗାଯୋଗ କରି ମୋବାଇଲର ସନ୍ଧାନ କରିଥିଲେ। ଗତକାଲି ଏସ୍ଆଇ ଅନିତା ପ୍ରଧାନ ମାନସୀଙ୍କୁ ତାଙ୍କର ଫୋନ୍‌କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ଥାନା ଅଧିକାରୀ ରଞ୍ଜନ କୁମାର ବେହେରା କହିଛନ୍ତି ମୋବାଇଲ ହଜିଗଲେ ତୁରନ୍ତ ଥାନାରେ ଅଭିଯୋଗ କରିବା ସହ ସିମ୍ ବ୍ଲକ କରାଇବା ଉଚିତ। ଏହା ଦ୍ୱାରା ବ୍ୟକ୍ତିଗତ ତଥ୍ୟ ସୁରକ୍ଷିତ ରହିପାରିବ। ମୋବାଇଲ ହଜିଲେ ଆତଙ୍କିତ ନ ହୋଇ ତୁରନ୍ତ ପୁଲିସକୁ ସୂଚନା ଦିଅନ୍ତୁ। ଆଇଏମଇଆଇ ନମ୍ବର ସବୁବେଳେ ସୁରକ୍ଷିତ ଭାବେ ରଖନ୍ତୁ ବୋଲି ସେ କହିଛନ୍ତି।



# ବସ୍‌ଷ୍ଟାଣ୍ଡ ନିର୍ମାଣକୁ ନେଇ ତହସିଲ ପରିସରରେ ହଙ୍ଗାମା



**ବିଞ୍ଝାରପୁର, ୫ା୫(ସମିସ):** ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ବସ୍‌ଷ୍ଟାଣ୍ଡ ପାଇଁ ସରକାରଙ୍କ ପକ୍ଷରୁ ମଞ୍ଜୁରୀ ମିଳିଥିଲେ ସୁଦ୍ଧା ବିଞ୍ଝାରପୁର ତହସିଲ ପକ୍ଷରୁ ହୋଇପାରୁନି ସଠିକ ଜାଗା ନିରୂପଣ। ଯାହାକୁ ନେଇ ଆଜି ତହସିଲ କାର୍ଯ୍ୟାଳୟରେ ମୁହାଁମୁହିଁ ହୋଇଛନ୍ତି ଦୁଇ ଅଞ୍ଚଳବାସୀ। ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକରେ ଦୀର୍ଘ ଦିନ ହେବ ବସ୍‌ଷ୍ଟାଣ୍ଡ ନଥିବାରୁ ଜନସାଧାରଣମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସିଂହପୁର ବଜାରରେ ୧୯୭୫ ମସିହାରୁ ଅସ୍ଥାୟୀ ଷ୍ଟାଣ୍ଡ ରହିଛି। ଯେଉଁ ସ୍ଥାନରେ ବ୍ୟାପକ ଭାବେ ଗାଡ଼ି ରହଣି କିମ୍ବା ଯାତ୍ରୀମାନଙ୍କ ସୁବିଧା ପାଇଁ କୌଣସି ସୁବିଧା ସୁଯୋଗ ନାହିଁ। ଯାହାକୁ ନେଇ ସରକାର ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିଥିବା ବେଳେ ତହସିଲକୁ ସ୍ଥାନ ନିରୂପଣ କରିବା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତହସିଲ ପକ୍ଷରୁ ପ୍ରଥମେ ବ୍ଲକର ସୀମାନ୍ତ ସିଂହପୁର ଅଞ୍ଚଳରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥିର କରାଯାଇଥିବା ବେଳେ ସେଠାରେ ସଠିକ ସ୍ଥାନ ନ ମିଳିବାରୁ ବସଷ୍ଟାଣ୍ଡଟିକୁ ବାଛଳ ଅଞ୍ଚଳକୁ ସ୍ଥାନାନ୍ତରିତ କରାଯାଇଥିଲା। କିନ୍ତୁ ବାଛଳରେ ବସ୍‌ଷ୍ଟାଣ୍ଡ ହେବାକୁ ବିରୋଧ କରିଥିଲେ ସିଂହପୁରବାସୀ। ଯାହାକୁ ନେଇ ଆଜି ସ୍ଥାନୀୟ ତହସିଲଦାର ଉଭୟ ଅଞ୍ଚଳର ଜନପ୍ରତିନିଧିମାନଙ୍କୁ ଆଲୋଚନା ପାଇଁ ଡାକିଥିବା ବେଳେ ସିଂହପୁର ଓ ବାଛଳ ଅଞ୍ଚଳବାସୀଙ୍କ ମଧ୍ୟରେ ତହସିଲ ପରିସରରେ କଥା କଟାକଟି ହୋଇଥିବା ଦେଖିବାକୁ ମିଳିଥିଲା। ବିଞ୍ଝାରପୁର ତହସିଲଦାନ କାବେରୀ ମୁହୁଲି ଜନଶୁଣାଣି ପାଇଁ ଆଖପାଖ ଅଞ୍ଚଳ ୬ଟି ପଞ୍ଚାୟତର ସରପଞ୍ଚଙ୍କୁ କାର୍ଯ୍ୟାଳୟକୁ ଡାକିଥିବା ବେଳେ ତହସିଲ କାର୍ଯ୍ୟାଳୟରେ ବିଜେପି କର୍ମୀମାନେ ଉପସ୍ଥିତ ରହି ସିଂହପୁରରେ ଷ୍ଟାଣ୍ଡ କରିବାକୁ ଦାବି ରଖିଥିଲେ। ଯାହା ଫଳର କୌଣସି ସମାଧାନ ହୋଇନପାରି ନଥିବା କଥା ବାଛଳ ସରପଞ୍ଚ କଳ୍ପନା ବେହେରା ଅଭିଯୋଗ ଆଣିଛନ୍ତି। ଘଟଣାସ୍ଥଳରେ ୨ ଗୋଷ୍ଠୀଙ୍କ ମଧ୍ୟରେ ବିବାଦକୁ ନେଇ ବର୍ତ୍ତମାନ ବସ୍‌ଷ୍ଟାଣ୍ଡ କେଉଁଠି ହେବା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଶନି ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନା



**ଯଖପୁରା, ୫ା୫(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ମାଣତୀରା ପଞ୍ଚାୟତର ରାବଣା ଗ୍ରାମରେ ଗ୍ରହରାଜ ଶନିଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ପ୍ରତିଷ୍ଠା ଉତ୍ସବ ରିତିନୀତି ଅନୁଯାୟୀ ତିନି ଦିନ ଧରି ଚାଲିଥିଲା। ୩ରୁ ଆରମ୍ଭ ହୋଇ ୫ ତାରିଖରେ ଶେଷ ହୋଇଥିଲା। ପ୍ରଥମ ଦିନ ଅଙ୍କୁରାରୋପଣ, କୁଣ୍ଡୋମଣ୍ଡଳ ନିର୍ମାଣ ଓ ଧାନାଧିବାସ ହୋଇଥିବା ବେଳେ ଦ୍ୱିତୀୟ ଦିନ ଏକ ବିରାଟ କଳସ ଶୋଭାଯାତ୍ରା ଅଣାଯାଇ ସ୍ଥାପନା କରାଯାଇଥିଲା। ମଙ୍ଗଳବାର ଗ୍ରହରାଜଙ୍କୁ ଗ୍ରାମ୍ୟ ପରିଭ୍ରମଣ କରାଯାଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ମୁଖ୍ୟକର୍ତ୍ତା ଭାବେ ସୁନାକର ସାହୁ, ସହଧର୍ମିଣୀ ସାବିତ୍ରୀ ଓ ସହ କର୍ତ୍ତା ଭାବେ ଆଦିକନ୍ଦ ପରିଡ଼ା ଓ ମଞ୍ଜୁଲତା ପରିଡ଼ା କାର୍ଯ୍ୟ କରିଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାଦି ପାଲା ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଗଣେଶ୍ୱର ନାଥ, ଦିଗମ୍ବର ସାହୁ, ସୁଧାକର ପୃଷ୍ଟି, ଶ୍ୟାମସୁନ୍ଦର ଦାସ, ସୌମ୍ୟରଞ୍ଜନ ମାଝୀ, ଚନ୍ଦନ ପରିଡ଼ା, ଅମୂଲ୍ୟ ସାହୁ, ସୁଦର୍ଶନ ସାହୁ, ପ୍ରଦୀପ ବେହେରା, ଦୀପକ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ମାଟ୍ରିକ୍ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ବ୍ୟାସନଗର, ୫ା୫(ସମିସ):** ଚଳିତ ବର୍ଷ ପ୍ରକାଶିତ ହୋଇଥିବା ମାଟ୍ରିକ ପରୀକ୍ଷାରେ କୃତୀ ଛାତ୍ରୀଙ୍କୁ ଯୁବ ସମାଜସେବୀ ତଥା ବିଜେଡି ନେତା ଇଂ. ସୋମ୍ୟରଞ୍ଜନ ଧଳ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନାଯୋଗ୍ୟ ଯେ ଯାଜପୁର ନିର୍ବାଚନମଣ୍ଡଳୀ ନାଥସାହି ପଞ୍ଚାୟତର ମାନସ ମହାପାତ୍ରଙ୍କ ଝିଅ ତଥା ପିଏମ୍‌ଶ୍ରୀ ଶେଷଦେବ ବାସନ୍ତୀ ହାଇସ୍କୁଲର ଛାତ୍ରୀ ସ୍ୱଙ୍ଗଶ୍ରୀ ମହାପାତ୍ର ଚଳିତ ବର୍ଷ ଦଶମ ପରୀକ୍ଷାରେ ୫୬୯ ମାର୍କ ରଖି ଯାଜପୁର ଜିଲ୍ଲାର ଦ୍ୱିତୀୟ ଟପ୍ ମାନ୍ୟତା ହାସଲ କରିଛନ୍ତି। ତେବେ ଏହି ଖବର ପାଇ ଯୁବ ସମାଜସେବୀ ସୌମ୍ୟରଞ୍ଜନ ତୁରନ୍ତ ଛାତ୍ରୀ ସ୍ୱଙ୍ଗଶ୍ରୀ ମହାପାତ୍ରଙ୍କ ନାଥସାହି ସ୍ଥିତ ବାସଭବନରେ ପହଞ୍ଚି ତାଙ୍କୁ ଏହି ସଫଳତା ପାଇଁ ଉପଢୌକନ, ଏକ ବ୍ୟାଗ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଉପସ୍ଥିତ ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ଶୁଭେଚ୍ଛା ଜଣେଇଥିଲେ।

# ଭାଙ୍ଗି ଯାଇଥିବା ରାଜପଥ ନିର୍ମାଣ ଦାବି



**କୁଆଖିଆ, ୫ା୫(ସମିସ):** ରସୁଲପୁର ବ୍ଲକ ସମ୍ମୁଖ ୧୬ ନଂ. ଜାତୀୟ ରାଜପଥ ଦବି ଯିବାର ଦୁଇ ବର୍ଷ ଅତିକ୍ରାନ୍ତ ହୋଇଯାଇଥିବା ବେଳେ ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ସରିପାରୁନାହିଁ। ଫଳରେ ବ୍ୟସ୍ତ ବହୁଳ ୧୬ ନଂ. ଜାତୀୟ ରାଜପଥରେ ଦୈନିକ ଦୁର୍ଘଟଣା ଘଟି ଅନେକ ଧନଜୀବନ କ୍ଷୟକ୍ଷତି ହେଉଛି। ଦୁର୍ଘଟଣା ମୁକ୍ତ ରସୁଲପୁର ବ୍ଲକ ଅଞ୍ଚଳ କରିବା ଦାବିରେ ଆଜି କଳିଙ୍ଗ ଯୁବକ ସଙ୍ଘ ଓ ଲାୟନ୍ସ କ୍ଲବର କର୍ମକର୍ତ୍ତା ବୃନ୍ଦ ଯୁବ ସଂଗଠକ ଜନ୍ମେଜୟ ସାହୁଙ୍କ ନେତୃତ୍ୱରେ ଯାଜପୁର ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ୧୫ ଦିନ ମଧ୍ୟରେ ଜାତୀୟ ରାଜପଥ ନିର୍ମାଣ କାମ ସରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ କଳିଙ୍ଗ ଯୁବକ ସଙ୍ଘ ଓ ଲାୟନ୍ସ କ୍ଲବ ପକ୍ଷରୁ ଶିଶିର କୁମାର ପଣ୍ଡା, ସରୋଜ କୁମାର ସାହୁ, ବିକାଶ କୁମାର ସାହୁ, ଯଶୋବନ୍ତ ଦାସ, ମାନସ କୁମାର ଆର୍ଚ୍ଚାର୍ଯ୍ୟ, ସରୋଜ ସାହୁ, ରୁଦ୍ରପ୍ରତାପ ଓଝା, ଶ୍ରୁତି ରଞ୍ଜନ ନାୟକ, ସୌମ୍ୟ ରଞ୍ଜନ ଦାସ, ନିତ୍ୟାନ ଦାସ, ଆଶିଷ ଦାସ, ରୋହନ ଦାସ ଓ ଦିବ୍ୟଜ୍ୟୋତି ରାଉଳ ଯୋଗଦେଇଥିଲେ।

# ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ

**ବ୍ରହ୍ମବରଦା, ୫ା୫(ସମିସ):** ରସୁଲପୁର ବ୍ଲକ ବନ୍ଧଡିହ ଗ୍ରାମର ସରସ୍ୱତୀ ଶିକ୍ଷା ମନ୍ଦିରରେ ୧୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କଟକ ବିବେକାନନ୍ଦ ଜ୍ଞାନମନ୍ଦିର ସମ୍ପାଦକ ତାର କାନ୍ତ ଅଗସ୍ତି ସଭାପତିତ୍ୱରେ ସଭା ପରିଚାଳନ ହୋଇଥିଲା। ଏହି ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟଅତିଥି ଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ଡ. ରମେଶ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ରସୁଲପୁର ବ୍ଲକର ଉପମଣ୍ଡଳ ଶିକ୍ଷାଧିକାରୀ ଡ. ପଭଞ୍ଜନ ପତି, ସମ୍ମାନିତ ଅତିଥି ଭାବେ ଯୋଗେନ୍ଦ୍ର ନାଥ ବସ୍ତିଆ, ବିଶିଷ୍ଟ ଅତିଥି ଭାବେ ଭାବେ ସୁରେଶ ଚନ୍ଦ୍ର ପଣ୍ଡା, ରାଜ୍ୟ ସମ୍ପାଦକ ହିନ୍ଦ ମଜଦୁର ସଂଘ ପ୍ରଦୀପ ଦାସ, ଡ. ପ୍ରଫୁଲ ଗିରି, ସମ୍ମାନିତ ଅତିଥି ଭାବେ କୁଆଖିଆ ଥାନାର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସେଠୀ, ସୌଭାଗ୍ୟ ନନ୍ଦ ମିଶ୍ର ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଶଙ୍କର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ତାରିଣୀଙ୍କ ଜନ୍ମ ଉତ୍ସବ

**କଏଁଗୋଲା, ୫ା୫(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ବିରିପଟା ପଞ୍ଚାୟତ ବରେଇଁ ଗ୍ରାମରେ ମା' ତାରିଣୀଙ୍କ ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମବାସୀ ଏକତ୍ରିତ ହୋଇ ଭକ୍ତି ଓ ଶ୍ରଦ୍ଧାର ସହିତ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ସକାଳୁ ମଙ୍ଗଳ ଆରତି ସହ ସମସ୍ତ ନିତିକାନ୍ତି ସମାପନ ହୋଇଥିଲା। ପରେ ମା'ଙ୍କ ପୂଜା, ହୋମ-ଯଜ୍ଞ ଆଦି କରାଯାଇଥିଲା। ପ୍ରମୋଦ ଦାସ ଏବଂ ତାଙ୍କ ସହଧର୍ମିଣୀ ରଶ୍ମିତା ଦାସ ସଂକଳ୍ପ କାର୍ଯ୍ୟ କରିଥିବା ବେଳେ ପୂଜା କାର୍ଯ୍ୟରେ ଗ୍ରାମର ଚକ୍ରଧର ମିଶ୍ର, ସୁରେନ୍ଦ୍ର ମିଶ୍ର, ରମେଶ ବାହାଲ, ପ୍ରଫୁଲ୍ଲ ଯେନା, ବିଦୁର ଯେନା, ନାରାୟଣ ସାମଲ, ଚନ୍ଦ୍ରକାନ୍ତ ପରିଡ଼ା, ଫକୀର ପଣ୍ଡା, ପ୍ରମୋଦ ବିଶ୍ୱାଳ, ସୂର୍ଯ୍ୟକାନ୍ତ ମିଶ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ।








# ମା'ତାରିଣୀଙ୍କ ସ୍ୱନକ୍ଷତ୍ର ଉତ୍ସବ ଉଦ୍‌ଯାପିତ



**ବ୍ରହ୍ମବରଦା, ୫ା୫(ସମିସ):** ରସୁଲପୁର ବ୍ଲକ ବ୍ରହ୍ମବରଦା ତାରିଣୀ ଛକ ବଣିକ ସଂଘ ଆନୁକୂଲ୍ୟରେ ତ୍ରୟୋଦଶ ମା' ତାରିଣୀଙ୍କ ବାର୍ଷିକ ଯଜ୍ଞ ଉତ୍ସବ ଉଦଯାପିତ ହୋଇଛି। ମୁଖ୍ୟ ପଣ୍ଡିତ ଡ.ପ୍ରଭଞ୍ଜନ ପତି, ବିଜୟପତି, ନିରାକାର ଦାସ ଓ ପୂଜକ ଦେବେନ୍ଦ୍ର ପତି, ନିର୍ମଳ ପତି ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ। କର୍ତ୍ତାଭାବେ ଅରୁଣ ବେହେରା, ସହଧର୍ମିଣୀ ସଂଯୁକ୍ତା ବେହେରା ଓ ଉପକର୍ତ୍ତା ସତ୍ୟାନନ୍ଦ ରାଉତଙ୍କ ସମେତ ୨୯ କଳସଧାରୀ ବ୍ରାହ୍ମଣୀ ନଦୀରୁ ଜଳ ଉଠାଇ ଯଜ୍ଞମଣ୍ଡପ ନିକଟରେ ସ୍ଥାପନ କରିଥିଲେ। ଏହି କ୍ରମରେ ଶନିବାର ଅଙ୍କୁରାରୋପଣ, ରବିବାର ଘଟାଧୀବାସ, ସୂର୍ଯ୍ୟପୂଜା, ଉପଚାର ପୂଜା, ରୁଦ୍ର ମହାଯଜ୍ଞ, ଶନିବାର ଗୀତା ମହାଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ମଙ୍ଗଳବାର ଚଣ୍ଡି ମହାଯଜ୍ଞ ସହ ରାତ୍ର ୧୦ଘଟିକାରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ଯଜ୍ଞ ଉତ୍ସବ କମିଟିର ସଭାପତି ବିପିନ ବିହାରୀ ଦେଓ, ବଣିକ ସଂଘର ବରିଷ୍ଠ କର୍ମକର୍ତ୍ତା ବିଜୟ ବେହେରା, ରବୀନ୍ଦ୍ର ମଣ୍ଡଳ, ହରିହର ସାହୁ, ନିତ୍ୟାନନ୍ଦ ରାଉତ, ବିଚିତ୍ର ବେହେରା, ବିଶ୍ୱରଞ୍ଜନ ସାହୁ, ଫିନୁ ବେହେରା, ଆଲୋକ ବେହେରା, ବିରଞ୍ଚି ଘଡ଼ାଇ, ଅଧର ବେହେରା, ରମେଶ ମାହାପାତ୍ର, ନବଘନ ବେହେରାଙ୍କ ସମେତ ବଣିକ ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟଯଜ୍ଞ କର୍ମରେ ସହଯୋଗ କରିଥିଲେ।




# କମ୍ୟୁନିଟି ସେଣ୍ଟର ନିର୍ମାଣରେ ଅନିୟମିତତା ଅଭିଯୋଗ

**ରାଜଘାଟ, ୫।୫ (ସମିସ):** ବସ୍ତା ବ୍ଲକ ତାଡଦା ପଞ୍ଚାୟତ ଅନ୍ତର୍ଗତ ପାଣସୁଳିଆ ଗ୍ରାମରେ ନିର୍ମାଣାଧୀନ କମ୍ୟୁନିଟି ସେଣ୍ଟରରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ଓ ଡିଜାଇନ ଉଲଂଘନ ହେଉଥିଲେ ମଧ ଠିକାଦାର ଯନ୍ତ୍ରୀଙ୍କ ନିର୍ଦ୍ଦେଶ ମାନୁ ନାହାନ୍ତି। ପାଣସୁଳିଆ ଗ୍ରାମର ଜନସାଧାରଣଙ୍କ ବ୍ୟବହାର ପାଇଁ ୫ଲକ୍ଷ ୨୩ହଜାର ୬ଶହ ୮୦ଟଙ୍କା ବ୍ୟୟ ଅଟକଳରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ହେଉଛି। ସେହି ଗ୍ରାମର ଜଣେ ୱାର୍ଡମେମ୍ବରଙ୍କୁ ଉକ୍ତ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି, ମାତ୍ର ୱାର୍ଡମେମ୍ବର ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ନମାନି ନିଜ ଇଚ୍ଛାରେ ସେହି ଗ୍ରାମର ଖାତା ନମ୍ବର ୩୧୩ ଯାହାକି ଗୋଚର କିସମ ଜାଗାରେ



କମ୍ୟୁନିଟି ସେଣ୍ଟର ନିର୍ମାଣ କରୁଛନ୍ତି। ଦୁଇ ମାସ ଧରି କାମ ଚାଲିଥିବା ବେଳେ ପିଲରରେ ନିମ୍ନମାନର ରଡ, ନିମ୍ନମାନର ଇଟା ସହ କମ ଭାଗମାପରେ ସିମେଣ୍ଟ ବ୍ୟବହାର, ଫଳକ ନିର୍ମାଣ ନ କରି ପାଖରେ ଥିବା ଏକ ବିଦ୍ୟାଳୟ ପାଚେରୀ କାନ୍ଥରେ କାମ ଚଳା ଫଳକ ହୋଇଥିବା ଅଭିଯୋଗ ହୋଇଛି। ସବୁଠାରୁ ବଡ଼କଥା ଉକ୍ତ ଠିକାଦାର ତଞ୍ଚକତା କରି ପାଖରେ ଥିବା ଏକ ଅଙ୍ଗନବାଡି ଗୃହକୁ ଯୋଡି ଉକ୍ତ କମ୍ୟୁନିଟି ସେଣ୍ଟର ନିର୍ମାଣ କରୁଛନ୍ତି ଫଳରେ ଗୋଟିଏ କାନ୍ଥକୁ ନିର୍ମାଣ ନ କରି ଅଙ୍ଗନବାଡି ଗୃହ କାନ୍ଥରେ କାମ ଚଳାଇ, ଉକ୍ତ ଅର୍ଥକୁ ଆତ୍ମସାତ କରିବାର ମସୁଧା କରୁଥିବା ଗ୍ରାମର ଗୌତମ କୁମାର ଦାସ, ମହେଶ୍ୱର ଜେନା, ପରମାନନ୍ଦ ଦଲାଇ, ଶିବଶଙ୍କର ଜେନା, ଶାନ୍ତନୁ କୁମାର ଦାସ, ଉଦୟ କୁମାର ଦାସ, ବିଶ୍ୱଜିତ ଧଳ, ଅଭିନାଶ ଦତ୍ତ ସହ ବହୁ ଗ୍ରାମବାସୀ ବାଲେଶ୍ୱର ଜିଲ୍ଲାପାଳ, ବସ୍ତା ବିଡ଼ିଓ, ବସ୍ତା ତହସିଲଦାର ଙ୍କ ନିକଟରେ ଅଭିଯୋଗ କରିବା ସହ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯାନୁଷ୍ଠାନ ପାଇଁ ଦାବି କରିଛନ୍ତି। ବ୍ଲକ ସହକାରୀ ଯନ୍ତ୍ରୀ ଯତୀନ୍ଦ୍ର ସିଂ କହିଛନ୍ତି, ମୁଁ ବାରମ୍ବାର ଉକ୍ତ ସ୍ଥାନରେ କାର୍ଯ୍ୟ କରିବାପାଇଁ ବାରଣ କରିଛି, ବିଡ଼ିଓ ଙ୍କୁ ଅବଗତ କରିଛି ମାତ୍ର ଠିକାଦାର କୌଣସି କର୍ଣ୍ଣପାତ କରୁନାହାନ୍ତି ତେଣୁ ବିଲ୍ କରାଯିବ ନାହିଁ ବୋଲି କହିଛନ୍ତି।

## ଆଇସିଡିଏସ୍ ବିଭାଗର ଅବହେଳା

# ଛତୁଆ କେନ୍ଦ୍ରରେ ପଡ଼ିରହିଛି ଶହଶହ କ୍ୱିଣ୍ଟାଲ ଗହମ

**ଜଳେଶ୍ୱର/ଜଳେଶ୍ୱର ବ୍ଲକ୍, ୫।୫ (ସମିସ)**

ରାଜ୍ୟ ସରକାରଙ୍କ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିନରେ ରାଜ୍ୟର ଶିଶୁ, କିଶୋରୀ କନ୍ୟା, ଗର୍ଭବତୀ ଓ ପ୍ରସୂତୀ ମାନଙ୍କୁ ଏସ୍.ଏଚ୍.ଜି ଗ୍ରୁପ ମିଶନ ଶକ୍ତି ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଯୋଗାଇ ଦିଆଯାଉଥିବା ପୁଷ୍ଟିକର ସୁଷମ ଖାଦ୍ୟ ଯୋଜନା ଜିଲ୍ଲାରେ ଦିନକୁ ଦିନ ଦିଗଭ୍ରଷ୍ଟ ହେବାରେ ଲାଗିଛି। ବିଭାଗ ଦ୍ୱାରା ନିମ୍ନ ମାନର ଖାଦ୍ୟ ଯୋଗାଣ ହେଉଥିବାର ଅଭିଯୋଗ ହୋଇ ଆସୁଥିବା ବେଳେ ଆଜି ପୂର୍ବରୁ ଛତୁଆ ପ୍ରସ୍ତୁତ କରୁଥିବା ମା' କଲ୍ୟାଣମୟୀ ଗ୍ରୁପର ପ୍ରସ୍ତୁତି କେନ୍ଦ୍ରରେ ଦୀର୍ଘଦିନଧରି ଖାଦ୍ୟ ପ୍ରସ୍ତୁତି ପାଇଁ ପଡ଼ିରହିଥିବା ଗହମର ମାନ ଯାଞ୍ଚ କରିବା ପାଇଁ ଏକ ଅଧିକାରୀ ଟିମ ଆସିଥିଲେ।



ସେମାନଙ୍କ ମଧ୍ୟରେ ଫୁଡ ପ୍ରୋସେସିଂ ଅଧିକାରୀ ଶଶିକାନ୍ତ ବେହେରା, ମିଶନ ଶକ୍ତି ବିଭାଗର ବିପିସି ସନ୍ତୋଷ ମିଶ୍ର, ଡିଏସଡବ୍ଲ୍ୟୁ ବିଭାଗର କନିଷ୍ଠ ଅଧିକାରୀ ସତ୍ୟଜିତ ହାଁସଦା, ପ୍ରଗାମ ଅଫିସର ଗିରିବାଲା ମହାନ୍ତ, ଏମ.ଟି.ଏସ ଗଣେଶ କିଙ୍କର ଦାସ, ଜଳେଶ୍ୱରର ଆଇ.ସି.ଡି.ଏସର ସିଡିପିଓ ମିନତୀ ସିଂ, ସୁପରଭାଇଜର ଶିତଲ ସମିତା ମାଝୀ, ନମିତା ସିଂ, ଜଳେଶ୍ୱର ଥାନାର ଏସ.ଆଇ ଚିରଞ୍ଜିବୀ ରାଉତ ପ୍ରମୁଖ ଜଣାଯାଇଛି। ଦୀର୍ଘ ଏକ ବର୍ଷ ପୂର୍ବରୁ ଏହି ଗ୍ରୁପକୁ ଯୋଗାଇ ଦିଆଯାଇଥିବା ୬୩୧ କ୍ୱିଣ୍ଟାଲ ଗହମ ଆଜିଯାଏ ବ୍ୟବହାର କରା ନ ଯାଇ ପଡ଼ିରହିଛି। ମା କଲ୍ୟାଣମୟୀ ଗ୍ରୁପର ସମ୍ପାଦିକାଙ୍କ କହିବାନୁଯାୟୀ ୬ ମାସର ଖାଦ୍ୟ ପ୍ରସ୍ତୁତି ପାଇଁ ତାଙ୍କୁ ଗହମ ଯୋଗାଇ ଦିଆଯାଇଥିଲା। ମାତ୍ର ୩ ମାସ ଖାଦ୍ୟ ପ୍ରସ୍ତୁତି ପରେ ହଠାତ୍ ତାଙ୍କୁ ନ ଜଣାଇ ଅନ୍ୟ ଏକ ଗ୍ରୁପକୁ ଖାଦ୍ୟ ତିଆରି ପାଇଁ ଜିଲ୍ଲା ଅଧିକାରିଣୀ ନିର୍ଦ୍ଦେଶ ଦେଇଦେଲେ। ଫଳରେ ତାଙ୍କ ପାଖରେ ତିନିମାସର ଗହମ ପଡ଼ିରହି ଖରାପ ହେବାରେ ଲାଗିଛି। ସରକାରଙ୍କ ଏହି ଖାଦ୍ୟ (ଗହମ) ନଷ୍ଟ ପାଇଁ ଦାୟୀ କିଏ। ଜଳେଶ୍ୱରରେ ଛତୁଆ ପ୍ରସ୍ତୁତିକୁ ନେଇ ବିଭାଗୀୟ ଅଧିକାରିଣୀ ଓ ଏସଏଚଜି ଗ୍ରୁପ ମାନଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ ଖାଦ୍ୟ ନଷ୍ଟ ହେବାର ପ୍ରମୁଖ କାରଣ ବୋଲି ଅଭିଯୋଗ ହେଉଛି। ରାଜ୍ୟରେ ଗହମ ପାଇଁ ଜନସାଧାରଣ ମୁଣ୍ଡ ପିଟୁଥିବା ବେଳେ ଶହଶହ କ୍ୱିଣ୍ଟାଲ ଗହମ ନଷ୍ଟ ହେବାରେ ଲାଗିଛି। ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।

# ଟ୍ରକ୍‌କୁ ପଛରୁ ପିଟିଲା ହାଇୱା, ଜଣେ ମୃତ

**ବସ୍ତା ବ୍ଲକ, ୫।୫ (ସମିସ):** ବାଲେଶ୍ୱର ଜିଲ୍ଲା ରୁପ୍ସା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଯୁକନଣ୍ଡି ଛକ ନିକଟରେ ସଡ଼କ ଦୁର୍ଘଟଣା ରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିବା ଜଣା ପଡ଼ିଛି। ମଙ୍ଗଳବାର ଭୋର ସମୟରେ ରାଜପଥର ଯୁକନଣ୍ଡି ଛକ ନିକଟରେ ବାଲେଶ୍ୱରରୁ ଜଳେଶ୍ୱର ଆଡକୁ ଯାଉଥିବା ଏକ ଟ୍ରକକୁ ଏକ ହାଇୱା ପଛରୁ ଧକ୍କା ଦେଇଥିଲା। ଫଳରେ ଗାଡି ଦୁଇଟି କ୍ଷତିଗ୍ରସ୍ତ ହୋଇଥିବାବେଳେ ହାଇୱାର ହେଲ୍ପର ଚାନ୍ଦ କିସ୍କୁ (୩୪) ଙ୍କ ମୃତ୍ୟୁ ହୋଇଥିଲା ଓ ଗାଡି ର ଡ୍ରାଇଭର ଆହତ ହୋଇଥିବା ଜଣାପଡ଼ିଛି। ରୁପ୍ସା ପୁଲିସ, ରାଜପଥ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଗାଡ଼ି ଚଳାଉଥିବା ବେଳେ ନିଦ ଆସି ଯିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। କିଛି ସମୟ ଧରି ରାଜପଥ ରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପୁଲିସ ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରିଥିବା ସୂଚନା ମିଳିଛି।

# ଦଳଗହିରା ଗ୍ରାମର ହରିହାଟ ଉତ୍ସବ ଉଦ୍‌ଯାପିତ

**ରେମୁଣା, ୫।୫(ସମିସ):** ରେମୁଣା ବ୍ଲକ ଅଧିନସ୍ଥ ଦଳଗହିରା ଗ୍ରାମର ହରିହାଟ ପଡ଼ିଆରେ ୨୦୨୬ ହରିହାଟ ଉତ୍ସବ ଉଦଘାଟିତ ହୋଇ ୧୦ ଦିନ ବ୍ୟାପି ଖୁବ ଧୁମ ଧାମରେ ହରି କଥା ଶ୍ରବଣ, କୀର୍ତ୍ତନ, ଭଜନ, ପ୍ରବଚନ, ପ୍ରସାଦ ସେବନରେ ଆଜି ଉଦଯାପିତ ହୋଇଯାଇଛି। ଉଦଯାପନୀ ଦହିଭଙ୍ଗା ଶୋଭାଯାତ୍ରାରେ ଭକ୍ତ ଶ୍ରଦ୍ଧାଳୁଗଣ ହରିନାମ ସଂକୀର୍ତ୍ତନରେ ମଜି ନାଚି ନାଚି ଗଡୁଥିବାର ଦୃଶ୍ୟ ସମସ୍ତଙ୍କୁ ଆଧ୍ୟାତ୍ମିକ ଭାବାଧାରାକୁ ଦ୍ୱିଗୁଣିତ କରିଥିବାର ଦେଖିବାକୁ ମିଳିଥିଲା। ଏହି ଗ୍ରାମର ହରିହାଟ ଉତ୍ସବ ଶତାୟୁ ବର୍ଷରେ ପଦାର୍ପଣ କରିଥିବାବେଳେ ପ୍ରତି ବର୍ଷ ଗ୍ରାମର ବରିଷ୍ଠ ମାନଙ୍କର ଉପଦେଶରେ ଗ୍ରାମରେ ଉଦ୍ୟୋଗି ଯୁବକ ଗଣ ଏହି ହରିହାଟ ଉତ୍ସବ ପରିଚାଳନା କରିଥାନ୍ତି। ହରିହାଟ ଉତ୍ସବ ପ୍ରତିଦିନ ଦିବା ରାତ୍ରି ନାମ ଯଜ୍ଞ ସକାଳ ଓ ସନ୍ଧ୍ୟାରେ ହରିଙ୍କ କଥା ପ୍ରବଚନ, ହରିବଂଶ ପଠନ, ଶ୍ରବଣ ଓ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଆଧ୍ୟାତ୍ମିକ ନୃତ୍ୟ ପରିବେଷଣ ସହିତ ୧୦ ଦିନ ବ୍ୟାପି ଦିବା ରାତ୍ରି ପ୍ରସାଦ ସେବନ କରି ଭକ୍ତମାନେ ନିଜକୁ କତାର୍ଥ କରିଥାନ୍ତି।

# କ୍ଲିନିଂ ସାମଗ୍ରୀ ପ୍ରସ୍ତୁତି ଓ ବିକ୍ରୟ କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ବାଲେଶ୍ୱର, ୫।୫(ସମିସ):** ବାଲେଶ୍ୱରର ଅଗ୍ରଣୀ ଶିଳ୍ପାନୁଷ୍ଠାନ ଓରି ପ୍ଲାଷ୍ଟ ସହଯୋଗରେ ସଦର ବ୍ଲକ ଅନ୍ତର୍ଗତ ଖାନନଗର ପଞ୍ଚାୟତର ବାଙ୍ଗରା ଗ୍ରାମରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରହିଛି। ଏଥିରେ ଗ୍ରାମର ମହିଳାମାନଙ୍କୁ ୮-୧୦ଜଣ ବିଶିଷ୍ଟ ଛୋଟ ଗ୍ରୁପରେ ବିଭକ୍ତ କରାଯାଇ ପର୍ଯ୍ୟାୟ କ୍ରମେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଭୁବନେଶ୍ୱରରୁ ଆସିଥିବା ବିଶେଷଜ୍ଞ ବିରଜା ପ୍ରଶନ୍ନ ଲାଲ ଏଥିରେ ପ୍ରଶିକ୍ଷକ ଭାବେ ଯୋଗଦେଇ ଫିନାଇଲ, ଫ୍ଲୋର କ୍ଲିନିଂ ଓ ଡିସ୍ ୱାସର ସୋପ୍ ଓ ଲିକ୍ୟୁଇଡ ପ୍ରଭୃତି ପ୍ରସ୍ତୁତି ପାଇଁ ଆବଶ୍ୟକୀୟ ଉପକରଣ, କଞ୍ଚାମାଲ, ଜ୍ଞାନକୌଶଳ ପ୍ରଭୃତି ସହ ପ୍ୟାକିଂ ଓ ମାର୍କେଟିଂ ବାବଦରେ ପ୍ରଶିକ୍ଷଣ ଦେଉଛନ୍ତି। ସାଧନା ଫାଉଣ୍ଡେସନର ସମ୍ପାଦିକା ସୁଜାତା ପଣ୍ଡା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହତ ଏହିଭଳି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି। ଓରି ପ୍ଲାଷ୍ଟର ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ଅନ୍ତର୍ଗତ ବାଙ୍ଗରା ଗ୍ରାମର ୫୦ଜଣ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ୬ଟି ଗ୍ରୁପ ଗଠନ ସହ ଏହି ପ୍ରଶିକ୍ଷଣ ଚାଲିଥିବା ସେ କହିଛନ୍ତି। ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ପ୍ୟାକିଂ ଓ ବ୍ରାଣ୍ଡିଂ ସହିତ ବିକ୍ରୟ ପାଇଁ ସ୍ଥାନୀୟ କୁରୁଡା ଛକରେ ଏକ ଷ୍ଟକ ପଏଂଟ ଖୋଲାଯାଇଛି ବୋଲି ଶ୍ରୀମତୀ ପଣ୍ଡା ପ୍ରକାଶ କରିଛନ୍ତି। ଓରି ପ୍ଲାଷ୍ଟର ମାନବ ସମ୍ବଳ ତଥା ସିଏସଆର ଅଧିକାରୀ ଜଗଦିଶ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଙ୍ଗରା ଅଙ୍ଗନବାଡି କେନ୍ଦ୍ର ନିକଟର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏଥିରେ ଅଙ୍ଗନବାଡି କର୍ମୀ କାଞ୍ଚନ ନାୟକଙ୍କ ସହଯୋଗରେ ଲାଛି ହାଁସଦା ସଂଯୋଜନା କରୁଛନ୍ତି।

# ବର୍ଦ୍ଧନା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**ଜଳେଶ୍ୱର ବ୍ଲକ, ୫।୫ (ସମିସ):** ଜଳେଶ୍ୱର ବ୍ଲକ ବର୍ଦ୍ଧନା ଗ୍ରାମପଞ୍ଚାୟତର ସରପଞ୍ଚ ମଧୁସ୍ମିତା ବେହେରାଙ୍କ ନାମରେ ୧୧ ୱାର୍ଡ ସଭ୍ୟ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଦୁର୍ନୀତି ଓ ସ୍ୱେଚ୍ଛାଚାରିତାର ସଂଗୀନ ଅଭିଯୋଗ ଆଣି ପଞ୍ଚାୟତର ମୋଟ ୧୩ ଜଣ ସଭ୍ୟଙ୍କ ମଧ୍ୟରୁ ୧୧ ଜଣ ସଭ୍ୟ ଏକାଠି ହୋଇ ଏପ୍ରିଲ ୨୪ ତାରିଖରେ ବାଲେଶ୍ୱର ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ଅଭିଯୋଗ ଅନୁସାରେ ସରପଞ୍ଚ ସାମାଜିକ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ

**୧୨ରେ ହେବ ଭୋଟ ଗ୍ରହଣ**



ଉଦ୍ଦିଷ୍ଟ ପାଣ୍ଠିକୁ ସରକାରୀ ନିୟମ ଉଲ୍ଲଂଘନ କରି ସଭ୍ୟମାନଙ୍କ ଅଗୋଚରରେ ଅନ୍ୟତ୍ର ବିନିଯୋଗ କରିବା, ଏହାସହିତ ଆବାସ ଯୋଜନା, ରାସ୍ତା ଓ ପାନୀୟ ଜଳ, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ପ୍ରକଳ୍ପରେ ବ୍ୟାପକ ଆର୍ଥିକ ଅନିୟମିତତାହୋଇଥିବା ସେମାନେ ଦର୍ଶାଇଛନ୍ତି। ପଞ୍ଚାୟତ ପରିଚାଳନାରେ ସରପଞ୍ଚ ସମ୍ପୂର୍ଣ୍ଣ ସ୍ୱେଚ୍ଛାଚାରୀ ଆଚରଣ ପ୍ରଦର୍ଶନ କରିବା ସହ ୱାର୍ଡ ସଭ୍ୟମାନଙ୍କୁ କୌଣସି ଗୁରୁତ୍ୱ ଦେଉନଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଥିଲା ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ, ୧୯୬୪ର ଧାରା ୨୪ ଅନୁଯାୟୀ ଏହି ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି। ମୋଟ ୧୩ ୱାର୍ଡ ସଭ୍ୟରୁ ୧୧ ଜଣ ଅନସ୍ଥା ପ୍ରସ୍ତାବକୁ ସମର୍ଥନ କରିଥିବାରୁ ସରପଞ୍ଚଙ୍କୁ ଖୁବ ଶୀଘ୍ର ତାଙ୍କ ପଦବୀରୁ ବହିଷ୍କାର କରାଯିବା ନେଇ ଅସନ୍ତୁଷ୍ଟ ୱାର୍ଡ ସଭ୍ୟ କାଳିଚରଣ ପାଳ, ଗଣେଶ ଚନ୍ଦ୍ର ସାମଲ, ତ୍ରିଲୋଚନ ସେଠୀ, ବିଜୟ କୁମାର ସାମଲ, ରଞ୍ଜିତା ବିର, ମିନତି ବେହେରା, କସ୍ତୁରୀ ଜେନା, ମଞ୍ଜରୀ ଧଳ, ମମତା ଦଳାଇ ଏବଂ ସୁଷମା ରାଣୀ ଜେନା ସ୍ୱତନ୍ତ୍ର ବୈଠକ ଆହ୍ୱାନ କରି ବିହିତ ପଦକ୍ଷେପ ନେବାକୁ ଉପଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ ଯାହାର ସତ୍ୟ ଯାଞ୍ଚ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ ପ୍ରଶାସନ ଚିଠି ନମ୍ବର୍ ୧୨୬୭ ମୂଳେ ଜଳେଶ୍ୱରବ୍ଲକର ଏବିଡ଼ିଓ ସୁଧୀର କୁମାର ସାହୁ, ଡବ୍ଲୁଇଓ ସଜତ୍ କୁମାର ଅନୁପମ, ଜେଇ ବିବେକାନନ୍ଦ ବାରିକ୍ ଙ୍କ ସହିତ ଚିଠି ନମ୍ବର ୧୨୬୮ ମୂଳେ ଜଳେଶ୍ୱର ତହସିଲର ଜମାଲପୁର ଆର ଆଇ ଶିବଶଙ୍କର ସେନାପତିଙ୍କୁ ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ ଯାହାର ସତ୍ୟାସତ୍ୟ ଯାଞ୍ଚ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଉପଜିଲ୍ଲାପାଳ ଚିଠି ନମ୍ବର୍ ୯୪ ମୂଳେ ବ୍ଲକ ପ୍ରଶାସନ ପକ୍ଷରୁ ଆସନ୍ତା ମେ ୧୨ ତାରିଖରେ ବର୍ଦ୍ଧନା ଗ୍ରାମ ପଞ୍ଚାୟତର କାର୍ଯ୍ୟାଳୟରେ ସମସ୍ତ ୱାର୍ଡ଼ ସଭ୍ୟ ସଭ୍ୟାମାନେ ସେମାନଙ୍କର ଅନାସ୍ଥା ପ୍ରସ୍ତାବରେ ଗୁପ୍ତ ଭାବରେ ଭୋଟ ପ୍ରଦାନ କରି ନିଜର ଅଧିକାରକୁ ସାବ୍ୟସ୍ତ ପ୍ରଦାନ କରିବେ।

# ଏ -୧ ଗ୍ରେଡ୍ ଛାତ୍ରଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା




**ବସ୍ତା ବ୍ଲକ, ୫।୫ (ସମିସ):** ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ବସ୍ତା ସ୍ଥିତ ପିଏମ୍ ଶ୍ରୀ ଶମ୍ଭୁନାଥ ସରକାରୀ ହାଇ ସ୍କୁଲ ଛାତ୍ର ଶୁଭମ୍ ବେହେରା ୫୫୨ ନମ୍ବର ରଖି ଏ -୧ ରେ ଉତ୍ତୀର୍ଣ୍ଣ ହୋଇ ନିଜର ସଫଳତା ସହିତ ବସ୍ତା ବ୍ଲକରେ ତୃତୀୟ ସ୍ଥାନରେ ରହି ସ୍କୁଲ ର ସମ୍ମାନ ଆଣି ଥିବାରୁ ମଙ୍ଗଳବାର ସକାଳେ ସ୍କୁଲ ପକ୍ଷରୁ ଶୁଭମଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଛି। ସ୍କୁଲ ର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଝରଣା ରାଉତଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ଶୁଭମ୍‌ଙ୍କୁ ବସ୍ତା ଏବିଇଓ ମିହିର ରଞ୍ଜନ ଦାସ ପୁଷ୍ପ ଗୁଚ୍ଛ ସହିତ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ଧିରେନ କୁମାର ମହାନ୍ତି, ଉପ ସଭାପତି ତରଙ୍ଗିଣୀ ମହାନ୍ତି ସହିତ ସ୍କୁଲ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ତଥା ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

# ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ପାଳିତ

**ରେମୁଣା, ୫।୫ (ସମିସ):** ରଘୁନାଥ ଜୀଉ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ବିଶାଳ ଶିକ୍ଷକ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଶିକ୍ଷକ ତଥା ବଳିଷ୍ଠ ଶିକ୍ଷାଦାନ କ୍ଷେତ୍ରରେ ପ୍ରସିଦ୍ଧ ଅର୍ଜନ କରିଥିବା ଶିକ୍ଷକ ସର୍ବଶ୍ରୀ ଅଜିତ କୁମାର ପଣ୍ଡା, ରଘୁନାଥ ସାହୁ, ସୁବୋଧ କୁମାର ପଣ୍ଡା, ଗୋବିନ୍ଦ ମୋହନ ଦାସ, ମନୋରଞ୍ଜନ ପଣ୍ଡା



ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ଦାଶରଥି ମହାଳିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ସର୍ବପ୍ରଥମେ ସମସ୍ତେ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ଏକ ବିଶାଳ ରୋଡ଼ ଶୋରେ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ପରେ ଆୟୋଜିତ ସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ବିନୟ କୁମାର ରଣା ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ଡ଼. ବସନ୍ତ କୁମାର ନାୟକ ଏବଂ ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼. ଶିରିସ ଚନ୍ଦ୍ର ଜେନା ଯୋଗଦେଇ ମତ ପ୍ରକାଶ କରିଥିଲେ। ପୂର୍ବତନ ଛାତ୍ର ରାମଚନ୍ଦ୍ର ସ୍ୱାଇଁ ମଞ୍ଚ ଆହ୍ୱାନ କରିଥିବାବେଳେ ମନୋରଞ୍ଜନ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ହରିଶ୍ଚନ୍ଦ୍ର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ଟପ୍ପର ତାଲିକାରେ ଖଇରା ବ୍ଲକରୁ ୪






**ଖଇରା, ୫।୫(ସମିସ):** ନିକଟରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ +୩ ଡିଗ୍ରୀ ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ ଖଇରା ମହାବିଦ୍ୟାଳୟରୁ ୩ଜଣ(୨ଜଣ ଛାତ୍ରୀ ଓ ଜଣେ ଛାତ୍ର) ଓ କୁପାରୀର ଡଃ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରୁ ଜଣେ ଛାତ୍ରୀ ଅଛନ୍ତି। କଳା ଅର୍ଥଶାସ୍ତ୍ର ରେ ଟପ୍ପର ହୋଇଥିବା ଖଇରା ମହାବିଦ୍ୟାଳୟ ଛାତ୍ର ଚନ୍ଦ୍ରକାନ୍ତ ସାମଲଙ୍କ ଘର ଔପଦା ବ୍ଲକର ଜଗନ୍ନାଥପୁର ଗ୍ରାମରେ। ସେ ୧ହଜାର ୮ଶହ ନମ୍ବରରୁ ୧ହଜାର୫୫୬ ନମ୍ବର ରଖି ଏହି ଯୋଗ୍ୟତା ହାସଲ କରିଥିବା ବେଳେ ସେ ଅଧ୍ୟାପକ ହେବାକୁ ଲକ୍ଷ ରଖିଥିବା କହିଛନ୍ତି। ସେହିଭଳି ଓଡିଆରେ ଖଇରା ବ୍ଲକ ସମସରପୁର ଗ୍ରାମର ଆକାଂକ୍ଷା ଗିରି ୧ହଜାର୪୯୯ ନମ୍ବର ରଖିଥିବା ବେଳେ ଜଣେ ଅଧ୍ୟାପିକା ହେବା ତାଙ୍କର ଲକ୍ଷ ବୋଲି କହିଛନ୍ତି। ସେହିଭଳି ବିଜ୍ଞାନ ବିଭାଗ ଗଣିତ ବିଷୟରେ ୧ହଜାର୬୬୫ନମ୍ବର ରଖି ଟପ୍ପର ହୋଇଥିବା ଇପସୀତା ଲେଙ୍କାଙ୍କ ଘର ସାରଡାଙ୍ଗ ପଞ୍ଚାୟତର ଭୁଆଁଳଗଡ଼ିଆ ଗ୍ରାମରେ। ବ୍ୟାଙ୍କ ପିଓ ପାଇଁ ସେ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ସଫଳତାର ଶ୍ରେୟ ମାବାପା ଓ କଲେଜ ଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି। ଏହାଛଡା ବିଜ୍ଞାନ ବିଭାଗରେ ପ୍ରାଣୀବିଜ୍ଞାନ ବିଷୟରେ ଟପ୍ପର ହୋଇଥିବା କୁପାରୀ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଛାତ୍ରୀ କାଜଲ ଜେନା ୧ହଜାର୬୩୭ ରଖି ଏହି ସଫଳତା ଲାଭ କରିଥିବା ବେଳେ ସେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦାନ ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହି ପରିପ୍ରେକ୍ଷୀରେ କୁପାରୀ ଗ୍ରାମନିବାସୀ କାଜଲଙ୍କୁ କୁପାରୀ କଲେଜ ପରିସରରେ ଅଧ୍ୟକ୍ଷ ଡ ସରୋଜ କୁମାର ଲେଙ୍କା ଙ୍କ ପୌରୋହିତ୍ୟରେ ପରିଚାଳନା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଛି।

# ଏ-୧ କୃତୀଧାରୀ ସମ୍ବର୍ଦ୍ଧିତ




**ସିମୁଳିଆ, ୫।୫ (ସମିସ):** ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାଫଳରେ ସିମୁଳିଆ ବ୍ଲକରେ ବିଭିନ୍ନ ବିଦ୍ୟାଳୟରୁ ଏ -୧ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ରୟାଲ ଗ୍ରୁପ ଅଫ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରୟାଲ ବିଦ୍ୟାଳୟ ତରଫରୁ ଏ୧ ଛାତ୍ରଛାତ୍ରୀଙ୍କୁ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ଇ୧ ଗ୍ରେଡ୍ ହାସଲ କରିଥିବା ସିମୁଳିଆ ବ୍ଲକର ସମସ୍ତ ୧୯ ଛାତ୍ରଛାତ୍ରୀଙ୍କୁ ମଇତାପୁର ର ରୟାଲ ସ୍କୁଲ ପରିସରରେ ଉଚ୍ଛସିତ ସମ୍ବର୍ଦ୍ଧନା ଦିଆଯାଇଛି। ରୟାଲ ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ଼. ବିଷ୍ଣୁମୋହନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିଲା। ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ନିର୍ଦ୍ଦେଶକ ପଦ୍ମଲୋଚନ ଦାଶ ସଭାପତିତ୍ୱ କରିଥିଲେ। ମଞ୍ଚାସିନ ଅତିଥି ମାନଙ୍କ ମଧ୍ୟରେ ବିଦ୍ୟାଳୟର ଏକାଡେମିକ ଆଡ଼ଭାଇଜର ସୂର୍ଯ୍ୟମଣି ବୋଇତି, ପ୍ରାକ୍ତନ ଓଷ୍ଟା ବ୍ଲକ ସଭାପତି କମଳାକାନ୍ତ ପତି, ବର୍ତ୍ତମାନର ବ୍ଲକ ସଭାପତି ଭଗବାନ ଚନ୍ଦ୍ର ବାରିକ, ରୟାଲ ସ୍କୁଲର ପରିଚାଳକ ରଞ୍ଜନ କୁମାର ମହାନ୍ତି, ରୟାଲ ପବ୍ଲିକର ପ୍ରିନ୍ସପାଲ ନିମାଇଁ ଚରଣ ଦାସ ଓ ଶିକ୍ଷକ ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ରୟାଲ ସ୍କୁଲର ସଂଯୋଜକ କିରଣ କୁମାର ଧୀନ୍ଦା ସୁଚାରୁରୂପେ ପରିଚାଳନା କରିଥିଲେ।

# ସୂର୍ଯ୍ୟମୁଖୀ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବଢୁଛି

**କାଳିପଦା, ୫।୫ (ସମିସ)**

ବାଲିଆପାଳ ବ୍ଲକରେ ସୂର୍ଯ୍ୟମୁଖୀ ଫୁଲ ଚାଷ ଧିରେ ଧିରେ ବଢ଼ିବାରେ ଲାଗିଛି। ପୂର୍ବରୁ ଲୋକେ ସଉକରେ ସୂର୍ଯ୍ୟମୁଖୀ ଫୁଲ ନିଜ ବାଡି ବଗିଚାରେ ଚାଷ କରୁଥିଲେ। ମାତ୍ର ଦୁଇ ତିନିବର୍ଷ ହେବ ଏହି ଅଞ୍ଚଳରେ ଚାଷୀ ହାଇ ଇଲଡିଂ ଧାନ ଚାଷ ନ କରି କରି ସୂର୍ଯ୍ୟମୁଖୀ ଫୁଲ ଚାଷ କରୁଥିବାର ଦେଖି ବାକୁ ମିଳୁଛି। ହାଇ ଇଲଡିଂ ଧାନ ଚାଷର ବିକଳ୍ପ ଭାବେ ସୂର୍ଯ୍ୟମୁଖୀ ଚାଷ ଦିନେ ଏ ଅଞ୍ଚଳରେ ଦେଖା ଦେବ। ଅଧିକ ହାଇ ଇଲଡିଂ ଧାନ ଚାଷ ସମୟରେ ପ୍ରତିବର୍ଷ ଜଳାଭାବ ଦେଖା ଦେଉଛି। ଧାନ ଚାଷରେ ପ୍ରଚୁର ପରିମାଣରେ ଜଳ ଆବଶ୍ୟକତା ଥିବାବେଳେ ଭୂତଳ ଜଳ ସ୍ତର କମୁଥିବାରୁ ଖରିପ୍ ଧାନ ଚାଷ ପାଇଁ ଜଳ ଅଭାବର ଅନୁଭବ ହେଉଛି। ମାତ୍ର ସୂର୍ଯ୍ୟ ମୁଖୀ ଚାଷ କମ୍ ପାଣି ଓ କମ୍ ସମୟରେ ଅଧିକ ଲାଭ ଦେଉଥିବାରୁ ଏହା ଏକ ଉତ୍ତମ ରବି ତୈଳ ବୀଜ ଫସଲ ଭାବେ ପରିଗଣିତ



ହୋଇଛି। ଚାଷୀ ଏଥିରୁ ତେଲ ବାହାର କରି ଆତ୍ମନିର୍ଭରଶୀଳ ହେଉଛନ୍ତି। ସୂର୍ଯ୍ୟମୁଖୀ ଏକ ତୈଳବୀଜ ଫସଲ ହୋଇଥିବାରୁ ଏହାର ବଜାର ଚାହିଦା ଅଧିକ। କୃଷକମାନେ ଏଥିରୁ ତେଲ ବାହାର କରି ନିଜେ ଖାଇବା ତେଲ ରୂପ ବ୍ୟାବହର କରିବା ସହିତ ବର୍ଷ ସାରା ତେଲ ବିକ୍ରି କରି ରୋଜଗାର କରିପାରୁଛନ୍ତି। ଧାନ ଚାଷ ତୁଳନାରେ ଏଥିରେ ଜଳସେଚନ ଓ ସାର ପ୍ରୟୋଗ କମ୍ ଆବଶ୍ୟକ ହୁଏ। ଏହା ପ୍ରାୟ ୯୦ ରୁ ୧୦୦ ଦିନ ମଧ୍ୟରେ ଅମଳକ୍ଷମ ହେଉଛି। ଉନ୍ନତ ବିହନ ଓ ଜ୍ଞାନ କୌଶଳ ବ୍ୟବହାର କରି ଚାଷୀ ଭଲ ଅମଳ ପାଉଛନ୍ତି। କହିବାକୁ ଗଲେ ଯଦି ସରକାରୀ ସ୍ତରରେ ଉଚିତ୍ ବଜାର ବ୍ୟବସ୍ଥା ଓ ସହାୟତା ମିଳି ପାରନ୍ତା ତାହେଲେ ସୂର୍ଯ୍ୟମୂଖୀ ଚାଷ ଓଡ଼ିଶା ସମେତ ଏ ଅଞ୍ଚଳର କୃଷକଙ୍କ ଆର୍ଥିକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି ସ୍ଥାନୀୟ ଚାଷୀମାନେ କହନ୍ତି। ଏବେ ଏହି ଚାଷ ସୁବର୍ଣ୍ଣ ରେଖା ନଦୀ ଅବବାହିକା କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ବାଲିଆପାଳ, ମଧୁପୁରା, ଜାମକୁଣ୍ଡା, ଡଗରା, ଚୌମୁଖ, ବିଷ୍ଣୁପୁର ଆଦି ପଞ୍ଚାୟତରେ ଚାଷୀ ଅଧିକ ଚାଷ କରୁଛନ୍ତି। ସରକାରଙ୍କ କୃଷି ବିଭାଗ ଏହି ଚାଷ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗଗନ ବେହେରା, ମନ୍ମଥ କୁମାର ଗିରି, ସୁମନ୍ତ କୁମାର ଦେହୁରୀ, ସଦାନନ୍ଦ ସାହୁ, ସୁକୁମାର ଦତ୍ତ, ପ୍ରଣମେଶ ଘୋଷ, ସୁକୁମାର ବେହେରା, ନିଆସୀ ଦେହୁରୀ, ସୁନାମଣୀ ସାହୁ ପ୍ରମୁଖ ଦାବି କରିଛନ୍ତି।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ

**ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୫।୫(ସମିସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ୟାମନଗର ଗ୍ରାମ ପଞ୍ଚାୟତର ଆମ୍ବିଶୋଳ (ବାରଡିହୀ) ଓ ଖୁଦିଆମାଝିସାହି ନମାଣିଆ ଠାରେ ଅଲଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଯୁବ ଆଦିବାସୀ ନେତା ଉଦୟ ନାଥ ମୁର୍ମୁଙ୍କ ସୌଜନ୍ୟରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କର୍ମକର୍ତ୍ତା ଯୋଗଦେଇ ପଣ୍ଡିତ ମୁର୍ମୁଙ୍କ ସ୍ମୃତି ଚାରଣ କରିବା ସହ ସାନ୍ତାଳୀ ଭାଷା ଓ ସାହିତ୍ୟ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଉଁଶବଣୀ ୟୁଜି ୟୁପି ସ୍କୁଲର ଶିକ୍ଷକ ବାରଶା ହାଁସଦା ଓ ନିରଞ୍ଜନ ହାଁସଦା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଣ୍ଡିତ ରଘୁନାଥ ମୁର୍ମୁ ଜୀବନ ଗାଥା ଉପରେ ଆଲୋଚନା କରିଥିଲେ ଏବଂ ସାଥିରେ ଉପସ୍ଥିତ ରହିଥିଲେ ଯୋଗେନ ମାରାଣ୍ଡି, ରାମେଶ୍ୱର ମୁର୍ମୁ, କାହ୍ନୁ ମୁର୍ମୁ, ବୁଦ୍ଧେଶ୍ୱର ହାଁସଦା, ମହନ ମୁର୍ମୁ, ସାକିଳାମୁର୍ମୁ, ସାଗର ମୁର୍ମୁ, ଜୟା ହାଁସଦା, ଗୀତାରାଣୀ ମୁର୍ମୁ, କନକଲତା ମାରାଣ୍ଡି, ରାଣୀ ମୁର୍ମୁ ଉପସ୍ଥିତ ରହିଥିଲେ ଠିକ ସେହିପରି କେ ଏମ୍ ସାହି ଗ୍ରାମ ପଞ୍ଚାୟତର ନ ମାଣିଆ ଠାରେ ଥିବା ପଣ୍ଡିତ୍ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ଉତ୍ସବରେ ଜଳେଶ୍ୱର ବିଜେପି ନେତା ବ୍ରଜ ମୋହନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିପ୍ଳବ ପ୍ରଧାନ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ବାଲେଶ୍ୱର (ଉତ୍ତର)



ବିଜେପି ଜିଲ୍ଲା ସମ୍ପାଦକ କାଳିଚରଣ ଦାସ, ବିଜେପି ମଣ୍ଡଳ ସଭାପତି ଅନୁପ ପ୍ରଧାନ, ସୁବର୍ଣ୍ଣରେଖା ତରୁଣ ପଟ୍ଟନାୟକ, ଗଣେଶ ସରେନ୍, ସୁଶାନ୍ତ ଘୋଷ ଏବଂ ୱାର୍ଡ ସଭ୍ୟା ଜବା ମାରାଣ୍ଡି, ରଞ୍ଜନ ସେଠି, ସୂର୍ଯ୍ୟକାନ୍ତ ମାରାଣ୍ଡି, ରବିନ୍ ମାରାଣ୍ଡି, ଜହର ସିଂହ, ସୁନୀଲ ଟୁଡୁ ଏବଂ ଗଜେନ୍ ବାସ୍କେ ସହିତ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଏହି ଜୟନ୍ତୀ ଉତ୍ସବରେ ସାମିଲ ହୋଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

**ଆୟବର୍ହିଭୂତ ମାମଲା**

# ଭିଜିଲାନ୍ସ କୋର୍ଟରେ ଅବସରପ୍ରାପ୍ତ ସିଲେଇ ଶିକ୍ଷକ ଦଣ୍ଡିତ



ଜୟପୁର,୫।୫(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଆୟବର୍ହିଭୂତ ମାମଲାରେ ଅବସରପ୍ରାପ୍ତ ସିଲେଇ ଶିକ୍ଷକ ଦୋଷୀ ସାବସ୍ତ୍ୟ ହୋଇ ଦଣ୍ଡିତ ହୋଇଛନ୍ତି।ସ୍ୱତନ୍ତ୍ରଭିଜିଲାନ୍ସଜଜ୍‌ମାନସକୁମାର ପଣ୍ଡା ଏହି ମାମଲାରୁ ବିଚାରଣା କରିବା ସହିତ ଅଭିଯୁକ୍ତ ରାୟଗଡା ଜିଲ୍ଲା ଡୁକୁମ ଆଜିବାସୀ ଉନ୍ନୟନ ତଥା ସମାଜ କଲ୍ୟାଣ ବିଭାଗର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସିଲେଇ ଶିକ୍ଷକ ୟୁ .ରାଜେନ୍ଦ୍ର ପାତ୍ର(୬୯)ଙ୍କୁ ଦୋଷୀ ସାବସ୍ତ୍ୟ କରିଛନ୍ତି। ଏହି ମାମଲାରେ ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି ଏବଂ ଜରିମାନା ଟଙ୍କା ଅନାଦେୟସ୍ଥଳେ ଅଧିକ ୪ ମାସ କାରାଦଣ୍ଡରେ ଦଣ୍ଡିତ ହେବେ। ମାମଲା ଅନୁଯାୟୀ, ଗତ ୨୦୧୩ ମସିହାରେ ସିଲେଇ ଶିକ୍ଷକ ଆୟବର୍ହିଭୂତ ନେଇ ଭିଜିଲାନ୍ସ ବିଭାଗରୁ ତଦନ୍ତ କରାଯାଇ ଦୁର୍ନିତୀ ନିବାରଣ ଧାରାର ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ଭାବେ ତତ୍କାଳିନ ଭିଜିଲାନ୍ସ ଡିଏସପି ରଞ୍ଜନ କୁମାର ଦାଶ ଏହାର ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ ୨୦୧୬ ମସିହାରେ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସ୍ୟୁକେଟର ଶଶି ଭୂଷଣ ପଟ୍ଟନାୟକ ଏବଂ ଉଦିତ ବଟୁଶର୍ମା ମାମଲାକୁ ପରିଚାଳନା କରିଥିଲେ।

# ମାଟ୍ରିକ୍ ପରୀକ୍ଷାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



କୋରାପୁଟ,୫।୫(ସମିସ): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଡୁମୁରିପୁଟ ସ୍ଥିତ ପି ଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ନିଘାମାନିଗୁଡ଼ାର ଏ-୨ ଓ ବି -୨ରେ ଉତ୍ତୀର୍ଣ୍ଣ ହୋଇଥିବା ୫ ଜଣ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆ ଯାଇଛି। ପ୍ରଧାନ ଶିକ୍ଷକ ଆର୍, ଶିବ ଶଙ୍କର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ ସ୍କୁଲ ପରିଚାଳନା କମିଟି ସଭାପତି ନବୀନ ଚୌଧୁରୀ, ଆଲୁମିନି ସମ୍ପାଦକ ଜିତେନ୍ଦ୍ର ସାହୁ, ବରିଷ୍ଠ ସଦସ୍ୟ ସୁବୋଧ କୁମାର ଚେଟ୍ଟି, ଏମ୍, ସୁରେଶ କୁମାର ଅତିଥି ଭାବେ ଯୋଗ ଦେଇ କୃତିତ୍ୱ ହାସଲ କରିଥିବା ବେଳେ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସୂଚନା ଅନୁଯାୟୀ ଚଳିତ ବର୍ଷ ବିଦ୍ୟାଳୟର ୧୨୯ ଜଣ ଛାତ୍ର ଛାତ୍ରୀ ଦଶମ ବୋର୍ଡ ପରୀକ୍ଷା ଦେଇଥିବା ବେଳେ ୧୨୩(୯୫.୩୪ ପ୍ରତିଶତ) ଜଣ ପାସ କରିଛନ୍ତି। ସେମାନଙ୍କ ମଧ୍ୟରୁ ସୋହନ ଖରା ଏ -୨(୪୮୦) ଗ୍ରେଡ ହାସଲ କରିଥିବା ବେଳେ ମନୀଷା ଖୋସଲା, ଅନୁସୂୟା ମାଝୀ, ଅର୍ଚ୍ଚନା ଟାକ୍ରୀ ଏବଂ ବାସନ୍ତୀ ସୂପିଆ ବି -୨ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ କାର୍ଯ୍ୟକ୍ରମରେ ଯୋଗଦେଲେ ଛାତ୍ର ଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ପିଏମ୍‌ଶ୍ରୀ ସରକାରୀ ଉନ୍ନତି ଉଚ୍ଚ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ୩ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଉମରକୋଟ,୫।୫(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ପରୀକ୍ଷା ଫଳରେ ପି ଏମ୍ ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ୧୧୫ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସାଇନା ମଙ୍ଗଲମ ୫୪୮ ମାର୍କ ରଖି ଜିଲ୍ଲାରେ ଦ୍ୱିତୀୟ ଟପ୍ପର ହୋଇଛନ୍ତି। ଯାହା ପୁରା ଜିଲ୍ଲା ର ଶିକ୍ଷା କ୍ଷେତ୍ରରେ ଉମରକୋଟ ପି ଏମ୍ ଶ୍ରୀ ସରକାରୀ ଉନ୍ନତି ଉଚ୍ଚ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ବିଦ୍ୟାଳୟ କୁ ପୁଣି ଉତ୍ସାହ ରେ ଭରି ଦେଇଛି। ଏହି ସଫଳତା ପାଇଁ ପ୍ରଥମେ ବାପା ମାଁ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ, ଗୁରୁଜୀ ଗୁରୁମା ମାନଙ୍କୁ ଶ୍ରେୟ ଦେଇଥିବା ବେଳେ ସାଇନା ଆହୁରି ଅଧିକ ପାଠପଢି ଡାକ୍ତର ହେବା ସହ ଗରିବ ଅସହାୟ ମାନଙ୍କ ସେବା କରିବି ବୋଲି କହିଛନ୍ତି। ୫୪୦ ମାର୍କ ରଖି ସିଦ୍ଧାର୍ଥ ପାଣିଗ୍ରାହୀ ଓ ସ୍ୱଦେଶ ଗୌରବ ବିଦ୍ୟାଳୟର ସମ୍ମାନ ଅର୍ଜନ କରିଛନ୍ତି। ମଙ୍ଗଳବାର ବିଦ୍ୟାଳୟ ଠାରେ ଏହି ତିନି ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଏବଂ ପ୍ରମାଣ ପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ସଭାପତି ତଥା ଆଇନଜୀବୀ ଶାନ୍ତନୁ ବାହିନୀପତି, ପ୍ରଧାନ ଶିକ୍ଷୟିତ୍ରୀ ସୋରିତା ରଥ , ରାଜେନ୍ଦ୍ର ସେଠୀ, ସୁନୀତା ପରିଚ୍ଛା,ଶୋଭନା ସାହୁ,ରୀନା ବେହେରା, ପୂରବୀ ରଥ ,ବୁଲୁ ଗୌଡ଼, ସୁକାନ୍ତି ମହାରଣା, ଗୀତା ପ୍ରଧାନ, ଆଦିତ୍ୟ ଶର୍ମା,କଲ୍ୟାଣୀ ଆଚାରୀ, ଲକ୍ଷ୍ମୀ ଆଚାରୀ, ପୂଜା ବିଶ୍ୱାସ, ସୁପ୍ରଭା ମଣ୍ଡଳ,ଧନୀରାମ ଗୌଡ଼,ପିଙ୍କି ସରକାର,ପ୍ରଣତି ପଲେଇ, ଜୟମଣୀ ଭତ୍ରା, ଦାମର ନାୟକ ପ୍ରିୟା ମଣ୍ଡଳ ଓ ବୀଣା ମଣ୍ଡଳ ପ୍ରମୁଖ ଉପସ୍ଥିତ ରହିଥିଲେ।।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ନବରଙ୍ଗପୁର,୫।୫ (ସମିସ) : ନବରଙ୍ଗପୁର ଜିଲ୍ଲା ସଦର ମହକୁମା ନିକଟ ନୂଆଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ପାଇଛି ଚଳିତ ୨୦୨୫-୨୬ ମେଟ୍ରିକ ପରୀକ୍ଷା ଫଳ। ଚଳିତ ବର୍ଷ ପ୍ରକାଶିତ ମାଟ୍ରିକ୍ ପରୀକ୍ଷା ଫଳାଫଳରେ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ନବରଙ୍ଗପୁର ସହର ନିକଟ ନୂଆଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶତ ପ୍ରତିଶତ ପରୀକ୍ଷା ଫଳ ହାସଲ କରିଥିବା ବେଳେ ଚଳିତ ଦଶମ ଶ୍ରେଣୀ ବୋର୍ଡ ପରକ୍ଷାରେ ଏ'୧ ଓ ଏ'୨ ପାଇ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀ ଏବଂ ଭାରତୀକୃଷ୍ଣ ଗଣିତ ପ୍ରତିଭା ପ୍ରାଦେଶିକ ମେଧା ପରୀକ୍ଷାରେ ୫୦ ପ୍ରତିଶତରୁ ଅଧିକ ନମ୍ବର ରଖି ସଫଳତା ପାଇଥିବା ୩ୟ, ୫ମ , ୭ମ ଓ ୯ମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କୁ ଟ୍ରଫି ଏବଂ ମାନପତ୍ର ଦେଇ ମେଧାବୀ ସମ୍ବର୍ଦ୍ଧନାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ୨୦୨୬ ମେଟ୍ରିକ୍ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ସତ୍ୟମ ଭୋଇ ୫୪୦ ମାର୍କ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ସେହିପରି ଦ୍ୱିତୀୟ ସ୍ଥାନରେ ନବରଙ୍ଗପୁର ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ଇଶିକା ବ୍ରହ୍ମା- ୫୨୯ ମାର୍କ ପ୍ରତିଶତ ରଖିଛନ୍ତି ଏବଂ ତୃତୀୟ ସ୍ଥାନରେ ନବରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆଦର୍ଶ ବ୍ରହ୍ମ ୫୧୭ ପ୍ରତିଶତ ମାର୍କ ରଖି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମୋଟ ୧୦୨ ଜଣ ଛାତ୍ର ଛାତ୍ରୀ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଥିବା ବେଳେ ସେଥିରୁ ଏ'୧ ଜଣେ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏ'୨ରେ ୧୪ ଜଣ , ବି'୧ରେ ୩୫ ଜଣ , ବି୨ ୪୦ଜଣ , ସି ଗ୍ରେଡରେ ୧୧ଜଣ ଏବଂ ଡି ଗ୍ରେଡ ରେ ଜଣେ ମିଶି ମୋଟ ୧୦୨ ଜଣ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି ତେବେ ଚଳିତ ବର୍ଷ ମଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶତ ପ୍ରତିଶତ ପରୀକ୍ଷା ଫଳ ହାସଲ କରିଥିବା ସୂଚନା ଦେଇଛନ୍ତି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ବସ୍ତିଆ। ମଙ୍ଗଳବାର ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଏସିଇଓ ଶ୍ରୀକାନ୍ତ ଜାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିଶୁଙ୍କୁ ପୁରସ୍କୃତ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କିଶୋରୀ ପଟ୍ଟନାୟକ, ଉପସଭାପତି ଲକ୍ଷ୍ମୀଧର ସାହୁ, ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ବସ୍ତିଆ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ସଂଯୋଜନା ପରୀକ୍ଷା ପ୍ରମୁଖ ତୁଷାର କାନ୍ତ ଠାକୁର କରିଥିବା ବେଳେ ଆଚାର୍ଯ୍ୟ ପ୍ରଭଞ୍ଜନ ତ୍ରିପାଠୀ, ହରେକୃଷ୍ଣ ତ୍ରିପାଠୀ, କରମ ଚାନ୍ଦ ପଣ୍ଡା , ଶଙ୍କର ନାରାୟଣ ସାହୁ,ବିଷ୍ଣୁପ୍ରିୟା ମହପାତ୍ର, ପଦ୍ମିନୀ ମହାପାତ୍ର, ନିବେଦିତା ମହାପାତ୍ର ପ୍ରମୁଖ ଗୁରୁଜୀ ଗୁରୁମା ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲେ।

# ବିଲ ହିଡରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବିଷମ କଟକ,୫।୫(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ଥାନା ଅନ୍ତର୍ଗତ ଚାଟିକୋଣା ଗ୍ରାମର ଏକ ବିଲ ହିଡରେ ଜଣେ ଯୁବକଙ୍କ ମୃତଦେହ ଠାବ ହୋଇଛି। ଯୁବକର ମୃତ୍ୟୁର କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ଜଣେ ଯୁବକର ମୃତ ଦେହ ପଡିଥିବା ନେଇ ସ୍ଥାନୀୟ ଲୋକେ ବିଷମ କଟକ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲା। ମୃତ ଯୁବକ ନିକଟରୁ ଆଧାରକାର୍ଡ ମିଳିଛି। ମୃତ ଯୁବକ ଜଣକ କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅନ୍ତର୍ଗତ ପାଣି ଗାଁର ଯୁଧିଷ୍ଠୀର ନାୟକ (୪୫) ବୋଲି ଜଣାପଡିଛି। ଘଟଣା ସଂକ୍ରାନ୍ତରେ ପୁଲିସ୍ ତାଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରିବା ପରେ ପରିବାର ଲୋକେ ବିଷମ କଟକ ପହଞ୍ଚି ଶବ ଚିହ୍ନଟ କରିଛନ୍ତି। ସଂପୃକ୍ତ ଯୁବକ ବେଙ୍ଗଲୁରରୁ ଘରକୁ ଫେରୁଥିବା ସମୟରେ କୌଣସି କାରଣରୁ ଗତକାଲି ବିଷମ କଟକ ରେଳ ଷ୍ଟେସନ୍‌ରେ ଓହ୍ଲାଇ ଯାଇଥିବା ନେଇ ସନ୍ଦେହ କରାଯାଉଛି। ସଂପୃକ୍ତ ଯୁବକ କାହିଁକି ସେ ବିଲ ହିଡ ପଟେ ଯାଇଥିଲେ ତାହା ସ୍ପଷ୍ଟ ହୋଇନାହିଁ। ପୁଲିସ୍ ମୃତଦେହକୁ ଜବତ କରିଛି। ଶବ ବ୍ୟବଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ସୂଚନା ଦେଇଛନ୍ତି।

# ନବରଙ୍ଗପୁର ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଯାଞ୍ଚ




ନବରଙ୍ଗପୁର, ୫।୫ (ସମିସ): ନବରଙ୍ଗପୁର ଜିଲ୍ଲା ଆଇନଜୀବୀ ସଂଘ ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ବିଭିନ୍ନ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ମନୋନୀତ ପ୍ରାର୍ଥୀ ମାନେ ନିଜ ନିଜ ପ୍ରସ୍ତାବକ ଓ ସମର୍ଥକ ମାନଙ୍କ ସହିତ ନିର୍ବାଚନ ଅଧିକାରୀଙ୍କ ନିକଟରେ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟାରେ ଭାଗ ନେଇଥିଲେ। ନାମାଙ୍କନ ଯାଞ୍ଚ ପରେ ସମସ୍ତଙ୍କ ନାମାଙ୍କନ କାଏମ ରହିଥିଲା। ଏହି କ୍ରମରେ ମନୋନୀତ ପ୍ରାର୍ଥୀ ରୂପେ ସଭାପତି ପଦବୀ ପାଇଁ ସିରାଜୁଦ୍ଦିନ ଅହମ୍ମଦ ଓ ସନ୍ତୋଷ କୁମାର ମିଶ୍ର, ଉପ ସଭାପତି ପଦବୀ ପାଇଁ ସ୍ନେହଲତା ଦେବୀ, ସମ୍ପାଦକ ପଦବୀ ପାଇଁ ତପନ କୁମାର ସିଂ ଓ କିଶୋରୀ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପଦବୀ ପାଇଁ ସ୍ୱାଗତିକା ସାମନ୍ତରାୟ, କୋଷାଧ୍ୟକ୍ଷ ପଦବୀ ପାଇଁ ଶେଖ ବାବା ଅଲିଶା, କାର୍ଯ୍ୟକାରି ସଦସ୍ୟ ପଦବୀ ପାଇଁ ଶ୍ରିନିବାସ ପାତ୍ର, ପ୍ରଶାନ୍ତ ପଟ୍ଟନାୟକ, ଗୋପାଳ ଶତପଥୀ ଓ ବାଲାଜୀ ପ୍ରସାଦ ମିଶ୍ରଙ୍କ ନାମାଙ୍କନ ଯୋଗ୍ୟ ବିବେଚିତ ହୋଇଛି। ଚଳିତ ନିର୍ବାଚନରେ ମୋଟ ୯ ଗୋଟି ପଦବୀ ପାଇଁ ୧୧ ଜଣ ନାମାଙ୍କନ ଦାଖଲ କରିଥିଲେ। ଆଗାମି ୮ ତାରିଖରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ଦିବସ ରହିଛି। ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀ ଆଇନଜୀବୀ ସରୋଜ କୁମାର ବେହେରା, ସହକାରୀ ନିର୍ବାଚନ ଅଧିକାରୀ ଆଇନଜୀବୀ କିଶୋର କୁମାର ପଟ୍ଟନାୟକ ଓ ପ୍ରଦୀପ କୁମାର ସାହୁ ପରିଚାଳନା କରିଥିଲେ।

# ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା

ଉମରକୋଟ,୫।୫ (ସମିସ): ବେକରେ ଗାମୁଛା ବାନ୍ଧି ଗଛରେ ଝୁଲିପଡି ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ଆତ୍ମହତ୍ୟା କରିଥିବା ବ୍ୟକ୍ତି ଜଣକ ହେଲେ କୋଡିଗାଁ ଥାନା ଅନ୍ତର୍ଗତ ଦେଓଗାଁର ଜଗନ୍ନାଥ କଲାର(୪୫)। ସୂଚନା ଅନୁସାରେ ଜଗନ୍ନାଥ ବିଗତ ୧୫ ଦିନ ହେବ ଉମରକୋଟ ବ୍ଲକ ହିରାପୁର ଗ୍ରାମରେ ଥିବା ଭାଣିଜି ତୁଲେଶ୍ୱରି ଘରକୁ ବୁଲିବାକୁ ଆସିଥିଲେ। ଗତକାଲି ରାତିରେ ତୁଲେଶ୍ୱରିଙ୍କ ପରିବାର ଲୋକେ ଓ ଜଗନ୍ନାଥ ଖାଇପିଇ ଶୋଇ ପଡିଥିଲେ। ଆଜି ସକାଳ ୫ ଘଣ୍ଟା ସମୟରେ ପରିବାର ଲୋକେ ଜାଣିବାକୁ ପାଇଲେ ଯେ ଜଗନ୍ନାଥ ହିରାପୁର ଗ୍ରାମ ନିକଟରେ ଥିବା କେନାଲ ପାଖରେ ଏକ ଗଛରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଛେଦ ପାଇଁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ତଦନ୍ତ ଭାର ଏସଆଇ ଅକ୍ଷୟ ମିଶ୍ର ସମ୍ଭାଳିଛନ୍ତି। ସୂଚନା ଥାଉକି ଗତ କିଛି ଦିନ ହେବ ଜଗନ୍ନାଥଙ୍କର ମାନସିକ ଅବସ୍ଥା ଠିକ୍ ନଥିଲା।

**● ଫସଲ ଋଣ ଟଙ୍କା ହଡ଼ପ ଅଭିଯୋଗ**

# ଗିରଫ ବ୍ୟାଙ୍କ ମ୍ୟାନେଜର କୋର୍ଟ ଚାଲାଣ



ଜୟପୁର,୫। ୫(ସମିସ): ଜୟପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ମାଲକାନଗିରି ଜିଲ୍ଲା ସଦର କୋରାପୁଟ କେନ୍ଦ୍ରୀୟ ସମବାୟ(କେସିସି) ବ୍ୟାଙ୍କର ଚାଷୀଙ୍କ ଠାରୁ ଫସଲ ଋଣ ବାବଦକୁ ଆଦାୟ ହୋଇଥିବା ୧ କୋଟି ୮ ଲକ୍ଷ ୭୫ ହଜାର ଟଙ୍କା ଆତ୍ମସାତ ଅଭିଯୋଗରେ ବ୍ୟାଙ୍କ ମ୍ୟାନେଜରଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଥିଲେ। ଅଭିଯୁକ୍ତ ବ୍ୟାଙ୍କ ମ୍ୟାନେଜର ସୁଧାଂଶୁ ଖରାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ତାଙ୍କ ଜାମିନ ଆବେଦନକୁ ଅଦାଲତ ଗ୍ରହଣ କରିଛନ୍ତି। ଏ ନେଇ ଶୁଣାଣି ଆସନ୍ତା ୧୫ ତାରିଖ ହେବ। ସେତେଦିନ ପର୍ଯ୍ୟନ୍ତ ସେ ଜେଲ୍ ହାଜତରେ ରହିବେ ବୋଲି ଜଣାପଡ଼ିଛି। ମାଲକାନଗିରି ଜିଲ୍ଲାର ପ୍ରାୟ ୫ଟି ଲ୍ୟାମ୍ପ୍‌ସ ପକ୍ଷରୁ ଚାଷୀ ମାନଙ୍କ ଠାରୁ ଫସଲ ଋଣ ଆଦାୟ ବାବଦକୁ ୮୬ ଲକ୍ଷ ୮୦ ହଜାର ଟଙ୍କା ଏବଂ ୯୦ ଜଣ ଚାଷୀ ମାନଙ୍କ ଋଣ ନୂତନୀକରଣ କରାଯାଇ ଅଧିକ ଋଣ ପ୍ରଦାନ ନେଇ ୨୧ ଲକ୍ଷ ୯୫ ହଜାର ଟଙ୍କା ପୁନଃର୍ବାର ଋଣ ଟଙ୍କା ମଧ ଆତ୍ମସାତ କରିଛନ୍ତି। ଏହି ଟଙ୍କା ଗୁଡିକ ଗତ ଫେବୃୟାରୀ ଓ ମାର୍ଚ୍ଚ ମାସ ମଧ୍ୟରେ ନିଜର ସମ୍ପର୍କୀୟ ଏବଂ ଅନ୍ୟାନ୍ୟ ଲୋକଙ୍କ ଜମାଖାତାକୁ ପଠାଇବା ସହିତ ଉପରୋକ୍ତ ଟଙ୍କା ଆତ୍ମସାତ୍ କରିଥିବା ନେଇ ଲ୍ୟାମ୍ପ୍‌ସ ଗୁଡିକର ପରିଚାଳନା ନିର୍ଦ୍ଦେଶକଙ୍କ ବିରୋଧରେ ଜୟପୁର କେସିସି ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଠାରେ ଅଭିଯୋଗ କରିଥିଲେ। ଏଥିନେଇ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲେ ସୁଦ୍ଧା ଏତେ ପରିମାଣର ଟଙ୍କା ଆତ୍ମସାତ ନେଇ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କ୍ରମେ ଡିଏସ୍‌ପି ସଦାନନ୍ଦ ପାଣି ଏବଂ ଅଭୟ ପ୍ରଧାନଙ୍କୁ ନେଇ ଗଠିତ ଦୁଇଜଣିଆ ଭିଜିଲାନ୍ସ ଦଳ ତଦନ୍ତ କରିଥିଲେ। ଏଥିରେ ବ୍ୟାପକ ଅନିୟମତା ହୋଇଥିବା ଏବଂ ଅଭିଯୁକ୍ତ ବ୍ୟାଙ୍କ ମ୍ୟାନେଜର ଏଥିରେ ସିଧାସଳଖ ଜଡିତ ନେଇ ପ୍ରମାଣ ହାସଲ କରିବା ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନିତୀ ନିବାରଣର ବିଭିନ୍ନ ଦଫାରେ ଦୁଇଟି ମାମଲା ରୁଜୁ କରାଯାଇ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଭିଜିଲାନ୍ସ ଏସ୍‌ପି ରବିନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି।

# କୋଟିଆରେ ହେଲା ସୁଭଦ୍ରାଙ୍କ ରଥଚକ ପ୍ରତିଷ୍ଠା

ପଟ୍ଟାଙ୍ଗି,୫।୫(ସମିସ): ଓଡ଼ିଶା-ଆନ୍ଧ୍ର ମଧ୍ୟରେ ବିବାଦ ଲାଗି ରହିଥିବା କୋଟିଆରେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ପହଞ୍ଚି ସୁଭଦ୍ରା ମାଙ୍କ ରଥଚକ ପ୍ରତିଷ୍ଠା କରିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ ଦେଇଥିଲେ। ମନ୍ତ୍ରୀଗଣ ଭୁବନେଶ୍ୱରରୁ ହେଲିକାପ୍ଟରରେ ଆସି ବିଏସ୍ଏଫ୍ ହେଲିପ୍ୟାଡ ଠାରେ ଅବତରଣ କରିଥିଲେ। କୋରାପୁଟ

**ରାଜସ୍ୱ ଓ ଆଇନ ମନ୍ତ୍ରୀ ଉପସ୍ଥିତ**

ଠାରେ ପହଞ୍ଚି ସେଠାରୁ କୋଟିଆରେ ପହଞ୍ଚିଥିଲେ। ଗଞ୍ଜେଇପଦର ଗ୍ରାମ ନିକଟରୁ ଉଭୟ ମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେଠାରୁ ସଂକୀର୍ତ୍ତନ ଏବଂ କଳସ ଯାତ୍ରା ମାଧ୍ୟମରେ ପ୍ରାୟ ଏକ କିମି ଚାଲି କୋଟିଆ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ। ପ୍ରଥମେ ଜଗନ୍ନାଥ ମନ୍ଦିରରେ ପହଞ୍ଚି ଦର୍ଶନ କରିବା ସହ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ମନ୍ଦିର ପ୍ରାଙ୍ଗଣରେ ସୁଭଦ୍ରା ମାଙ୍କ ରଥଚକଟିକୁ ପୂଜାର୍ଚ୍ଚନା କରାଯାଇ ପ୍ରତିଷ୍ଠା କରାଯାଇଥିଲା। ଏହାପରେ ସେଠାରୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜନ ହୋଇଥିବା ସଭାକାର୍ଯ୍ୟରେ ଯୋଗଦାନ ଦେଇଥିଲେ। ସେଠାରେ





ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ କୋଟିଆ ସଦା ସର୍ବଦା ଓଡ଼ିଶାର ହୋଇ ରହିବ କୋଟିଆ ଜଗନ୍ନାଥ ମନ୍ଦିରର ଉନ୍ନତି କରଣ କରାଯିବା ସହ କୁନ୍ଦୁଲି ଠାରୁ ଦେଓମାଳି ଓ କୋଟିଆର ରାସ୍ତାକୁ ସାଢ଼େ ସାତ ମିଟର ରାସ୍ତା ପ୍ରଶସ୍ତ କରିବା ଯୋଜନା କରାଯାଇଥିବା ସହ ସମସ୍ତ ପ୍ରକାର ଉନ୍ନତି କରାଯିବ ବୋଲି ନିଜର ମତ ପ୍ରକାଶ କରିଥିଲେ। ଏହାପରେ ନୂତନ ଜଙ୍ଗଲ ଜମି ପଟ୍ଟା, ନୂତନ ସୁଭଦ୍ରା ଯୋଜନା ହିତାଧିକାରୀ, ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି ସମୟରେ ପୁରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ,ଜୟପୁର ବିଧାୟକ ତାରାପ୍ରସାଦ ବାହିନୀ ପତି,ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଆରକ୍ଷୀ ଅଧିକ୍ଷକ ରୋହିତ ଭର୍ମା, ପୂର୍ବତନ ସାଂସଦ ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ଜିଲ୍ଲାପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି,ଜିଲ୍ଲାପରିଷଦ ସଦସ୍ୟା ଟିକାଇ ଗେମେଲ, ଜିଲ୍ଲାପରିଷଦ ସଦସ୍ୟ ଲଇଛନ ଖରା, କୋଟିଆ ସରପଞ୍ଚ ଲିୟୁ ଗେମେଲ, ବିଜେପି ଦଳର ରାଜ୍ୟ ଅନୁସୂଚିତ ଜନଜାତିର ଉପ ସଭାପତି ଚୈତ୍ୟନ ନାନ୍ଦିବାଲି ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମ କୃଷ୍ଣ ନାୟକ ଏବଂ ତହସିଲଦାର ଦେବେନ୍ଦ୍ର ଧାରୁଆ ତତ୍ତ୍ୱାବଧାନରେ ସମସ୍ତ ବ୍ଲକ୍‌ର ବିଭିନ୍ନ ବିଭାଗର କର୍ମଚାରୀ ସହଯୋଗ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଏସ୍‌ଡିପିଓ ସୁମିତ୍ରା ଜେନା, ଲକ୍ଷ୍ମୀପୁର ଏସ୍‌ଡି ପିଓ ମନୋଜ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ ପୁଲିସ କର୍ମଚାରୀ ମୁତୟନ ରହିଥିଲେ।

# ଆର୍‌ଏସ୍‌ପିର ବିଭିନ୍ନ ବିଭାଗର ଶ୍ରେଷ୍ଠ ଉତ୍ପାଦନ ରେକର୍ଡ



ରାଉରକେଲା,୫।୫(ସମିସ): ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ଅଧିନସ୍ଥ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଉତ୍କର୍ଷ କାର୍ଯ୍ୟକ୍ଷମତା ସହିତ ନିଜର ନିରନ୍ତର କ୍ଷମତା ଉପଯୋଗକୁ ଗୁରୁତ୍ୱ ଦେଇ ଗତ ଅପ୍ରେଲ ମାସରେ ଏହାର ଶ୍ରେଷ୍ଠ ଉତ୍ପାଦନ ରେକର୍ଡ ହାସଲ କରିଛି। ଉଲ୍ଲେଖନୀୟ ଯେ, ଅପ୍ରିଲ ମାସିକ ପ୍ରଦର୍ଶନରେ ସିଣ୍ଟର ପ୍ଲାଣ୍ଟ-୩ ବିଭାଗ ୩, ୧୩, ୨୩୪ ଟନ୍ ସିଣ୍ଟର ଉତ୍ପାଦନ ହାସଲ କରିଛି। ଯାହା ଅପ୍ରେଲ ମାସରେ ଶ୍ରେଷ୍ଠ ସମୁଦାୟ ସିଣ୍ଟର ୬,୧୧,୨୫୯ ଟନ୍ ଉତ୍ପାଦନ କରିବାରେ ପ୍ରମୁଖ ଯୋଗଦାନ ଦେଇଛି। ଅନୁରୂପ ପ୍ରଦର୍ଶନକୁ ପ୍ରତିଫଳିତ କରି ବ୍ଲାଷ୍ଟ ଫର୍ଣ୍ଣେସ୍-୫ (ବିଏଫ-୫) ମଧ୍ୟ ଅପ୍ରେଲ ଉତ୍ପାଦନ ୨, ୭୩, ୧୮୬ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ ରେକର୍ଡ ହାସଲ କରିଥିଲା। ଅପ୍ରେଲ ମାସରେ ଷ୍ଟିଲ୍ ମେଲ୍ଟିଂ ସପ -୨ (ଏସଏମଏସ-୨) ବିଭାଗ ମଧ୍ୟ ୩,୧୮, ୯୨୫ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କରି ଉତ୍କର୍ଷ ହାସଲ କରିଥିବା ବେଳେ ଉଭୟ ଷ୍ଟିଲ୍ ମେଲ୍ଟିଂ ସପ୍‌ରୁ ମୋଟ ଅଶୋଧିତ ଇସ୍ପାତ ୩,୪୩,୩୬୫ ଟନ୍ ଥିଲା। ଫିନିସିଂ ମିଲ୍‌ଗୁଡ଼ିକରେ ନ୍ୟୁ ପ୍ଲେଟ୍ ମିଲ୍ ୮୮,୨୦୩ ଟନ୍ ପ୍ଲେଟ୍ ରୋଲ୍ କରିଥିବା ବେଳେ ହଟ୍ ଷ୍ଟ୍ରିପ୍ ମିଲ୍ -୨ (ଏଚଏସଏମ-୨) ବିଭାଗରୁ ଏଚଆର କଏଲ୍ (ମୋଟ) ୨,୩୦,୮୩୧ ଟନ୍ ରୋଲିଂ ହୋଇଥିଲା। ଉଭୟ ବିଭାଗରେ ଏହା ଅପ୍ରେଲ ମାସର ଶ୍ରେଷ୍ଠ ପ୍ରଦର୍ଶନ ବୋଲି ଜଣାପଡିଛି। ସେହିପରି ଏଚଏସଏମ-୨ ବିଭାଗର ସିଟ୍ ସିଅରିଂ ଲାଇନ୍ (ଏସଏସଏଲ)ରୁ ଏଚଆର ପ୍ଲେଟ୍ ଉତ୍ପାଦନ ୨୬,୬୮୬ ଟନ୍ ହୋଇଥିଲା। ଅପ୍ରେଲ ମାସରେ ମୋଟ ବିକ୍ରୟଯୋଗ୍ୟ ଇସ୍ପାତ ୩,୬୧,୮୦୧ ଟନ୍ ଅତିକ୍ରମ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି ପ୍ରଦର୍ଶନ, ଆରଏସପିର ଦକ୍ଷ କର୍ମଚାରୀ ଏବଂ ରଣନୈତିକ କାର୍ଯ୍ୟ ପଦକ୍ଷେପ ଦ୍ୱାରା ଉତ୍ପାଦକତା ଏବଂ ଦକ୍ଷତା ଦିଗରେ ନିରନ୍ତର ପ୍ରୟାସକୁ ଦର୍ଶାଉଛି। ଏଥିସହିତ ଆରଏସପି ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏହାର ବାର୍ଷିକ ଉତ୍ପାଦନ ଯୋଜନା ଅନୁରୂପ ମାସିକ ଉତ୍ପାଦନ ଲକ୍ଷ୍ୟ ହାସଲ କରିଛି। ଏଥିରେ କୋକ୍ ଓଭନ୍ ବ୍ୟାଟେରୀ-୬ରେ ପ୍ରତିଦିନ ୩୬୩ ଟି ଓଭନ୍ ପୁସିଂ, ସିଣ୍ଟରିଂ ପ୍ଲାଣ୍ଟ-୧ରୁ ୧,୨୭,୨୩୫ ଟନ୍‌ର ସିଣ୍ଟର ଉତ୍ପାଦନ, ସିଣ୍ଟରିଂ ପ୍ଲାଣ୍ଟ-୨ରୁ ୧,୭୦,୭୯୦ ଟନ୍‌ର ସିଣ୍ଟର ଉତ୍ପାଦନ, ଏଚଏସଏମ -୨ ବିଭାଗରୁ ୧,୮୯,୨୦୫ ଟନ୍ ବିକ୍ରିଯୋଗ୍ୟ ଏଚଆର କଏଲ ଏବଂ ୫,୦୧୯ ଟନ୍ ର ଇଆରଡବ୍ଲ୍ୟୁ ପାଇପ୍ ଉତ୍ପାଦନ ଅନ୍ତର୍ଭୁକ୍ତ ଅଛି। ଏହି ଉଲ୍ଲେଖନୀୟ ସଫଳତା ସୂଚକ ଅପ୍ରେଲ ପ୍ରଦର୍ଶନ ସମଗ୍ର ସେଲର ଉତ୍ପାଦନ ଲକ୍ଷ୍ୟ ସହିତ ଆରଏସପିର କାର୍ଯ୍ୟ ଦକ୍ଷତା, ନବସୃଜନ ଏବଂ ସମନ୍ୱୟ ପ୍ରତି ପ୍ରତିବଦ୍ଧତାକୁ ଦୋହରାଇଛି।

# ଆଜିଠୁ ଦ୍ୱିତୀୟ ଚିନ୍ତା-ପ୍ରତିମା ବହୁଭାଷୀ ନାଟକ ମହୋତ୍ସବ

ରାଉରକେଲା, ୫।୫(ସମିସ)




ରାଉରକେଲାର ନାଟ୍ୟାନୁଷ୍ଠାନ ପ୍ରୟାସ ପକ୍ଷରୁ ୬ ତାରିଖ ବୁଧବାରରୁ ୧୦ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ଚିନ୍ତା-ପ୍ରତିମା ବହୁଭାଷୀ ନାଟକ ମହୋତ୍ସବ ଆୟୋଜିତ ହେବ। ଏନେଇ ପ୍ରୟାସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ବିଶିଷ୍ଟ ନାଟ୍ୟକାର ଚିନ୍ତାମଣି ଜେନା ଓ ପ୍ରତିମା ଜେନା ସ୍ମୃତିରେ ଏହି ନାଟ୍ୟ ମହୋତ୍ସବର ଆୟୋଜନ କରାଯାଉଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରୟାସ ଅନୁଷ୍ଠାନର ସଭାପତି ଡ. ନିବେଦିତା ଜେନା, ଉପସଭାପତି ରମେଶ ଚନ୍ଦ୍ର ସାହୁ, ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ପ୍ରମୁଖ ସୂଚନା ଦେଇ କହିଛନ୍ତି। ଏହି ପାଞ୍ଚ ଦିନରେ ସୂର୍ଯ୍ୟୋଦୟ ପୂର୍ବେ, ଶୁଣ ସୁଜନେ, ଶହୀଦ ରାଣୀ ଜିନତ ବେଗମ, ଶାସ୍ତି (ବଙ୍ଗଳା) ଓ ଶତାବ୍ଦୀର ଆର୍ତ୍ତନାଦ ଆଦି ନାଟକ ବିଭିନ୍ନ ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ହେବ। ଶୁଣ ସୁଜନେ ଓ ଶାସ୍ତି (ବଙ୍ଗଳା) ନାଟକ ବ୍ୟତୀତ ଅନ୍ୟ ତିନୋଟି ନାଟକର ରଚୟିତା ନାଟ୍ୟାଚାର୍ଯ୍ୟ ଚିନ୍ତାମଣି ଜେନା ହୋଇଥିବା ବେଳେ ଏହି ନାଟକ ଦ୍ୱୟର ରଚନାକାର ଯଥାକ୍ରମେ ବିଶ୍ୱଜିତ ଦାସ ଓ ବୀରୁ ମୁଖୋପାଧ୍ୟାୟ ଅଛନ୍ତି। ଏହା ସହନାଟ୍ୟାଚାର୍ଯ୍ୟ ଚିନ୍ତାମଣି ଜେନାଙ୍କ ନାଟ୍ୟସମ୍ଭାର, ଭାଗ -୨ ଶୀର୍ଷକ ଗ୍ରନ୍ଥ ପ୍ରଥମ ଦିନ ୬ ତାରିଖରେ ଲୋକାର୍ପିତ ହେବ। ଏହାର ସଂକଳନ ଓ ସମ୍ପାଦନା ଦାୟିତ୍ୱ ଡ. ନିବେଦିତା ଜେନା ଓ ଡ. ରମେଶଚନ୍ଦ୍ର ମଲ୍ଲିକ ଗ୍ରହଣ କରିଥିଲା ବେଳେ ଏବଂ ପ୍ରକାଶନ ଦାୟିତ୍ୱ ରାଉରକେଲାର "କ୍ରିଏଟିଭ ଇଙ୍କ ଲିଟେରାରି ପ୍ରେସ'କୁ ଦିଆଯାଇଛି ବୋଲି ସୂଚନା ମିଳିଛି। ଏହି ସଙ୍କଳନରେ ନାଟ୍ୟାଚାର୍ଯ୍ୟ ଚିନ୍ତାମଣି ଜେନାଙ୍କର ସାମାଜିକ ଓ ପରୀକ୍ଷାମୂଳକ ନାଟକଗୁଡିକ ପ୍ରକାଶ ପାଇଛି। ଏହି ପାଞ୍ଚ ଦିନରେ ନାଟକ କ୍ଷେତ୍ରରେ ଅଗ୍ରଣୀ ବ୍ୟକ୍ତିମାନଙ୍କୁ ଚିନ୍ତା-ପ୍ରତିମା ସ୍ମୃତି ନାଟ୍ୟସମ୍ମାନ' ପ୍ରଦାନ କରାଯିବ। ଏହି ନାଟ୍ୟୋତ୍ସବରେ ନାଟକ ଓ ଯାତ୍ରା ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସମ୍ମାନରେ ନାଟ୍ୟକାର ମିହିର କୁମାର ମେହେରଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେହିପରି ଶରତ ଦାଶ, ପୁଷ୍ପା ମିଶ୍ର ଓ ସୁଜ୍ଞାନୀ ରାୟଙ୍କୁ 'ଚିନ୍ତା-ପ୍ରତିମା ନାଟ୍ୟବନ୍ଧୁ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ସୂଚନା ମିଳିଛି। ଉଦଯାପନୀ ଦିନ ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ଓ ପ୍ରୟାସ, ରାଉରକେଲାର ମିଳିତ ଆନୁକୂଲ୍ୟରେ 'ନାଟ୍ୟାଚାର୍ଯ୍ୟ ଚିନ୍ତାମଣି ଜେନାଙ୍କ ନାଟକର ଦିଗ ଓ ଦିଗବଳୟ' ଶୀର୍ଷକରେ ଏକ ଆଲୋଚନାଚକ୍ର ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଓ ବିଶିଷ୍ଟ ନାଟ୍ୟକାର ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ମିହିର କୁମାର ମେହେର, ବିଶିଷ୍ଟ ନାଟ୍ୟକାର ମୁଖ୍ୟବକ୍ତା ଭାବେ ପ୍ରଫେସର ସମର ମୁଦାଲି, ସମ୍ମାନିତ ବକ୍ତା ଭାବେ ଓଡିଆ ବିଭାଗ ମୁଖ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟ ଡ. ରମେଶଚନ୍ଦ୍ର ମଲ୍ଲିକ ଯୋଗ ଦେବେ ବୋଲି ସୂଚନା ଦିଆଯାଇଛି।

ସେହିପରି ଆଲୋଚନା ଚକ୍ରର ସମାପନ ପରେ ପ୍ରୟାସ ପକ୍ଷରୁ ଏକ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଅତି କମରେ ଦଶ ଜଣ ପ୍ରତିଯୋଗୀ ହେଲେ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ପ୍ରୟାସର ସଭାପତି ସୂଚନା ପ୍ରଦାନ କରିଛନ୍ତି। ଏହି ଅବସରରେ ସଦସ୍ୟ ସନ୍ତୋଷିନି ବାରିକ, ସୁଶାନ୍ତ ଦଳାଇ, ଶୁଭେନ୍ଦୁ ସାମଲ, ରାମଚନ୍ଦ୍ର ଗୌଡ଼, ରାଜେଶ ରାୟ, ବିଶ୍ୱଜିତ ମହାପାତ୍ର, ପଦ୍ମ ଲୋଚନ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଶୀତଳଷଷ୍ଠୀ ପାଇଁ ପ୍ରସ୍ତୁତି ବୈଠକ



ବଣାଇଁ,୫।୫(ସମିସ): ପବିତ୍ର ଶୀତଳଷଷ୍ଠୀ ଉତ୍ସବ ନିମନ୍ତେ ପ୍ରସିଦ୍ଧ ଶୈବପିଠ ବାବା ବାଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଆସନ୍ତା ଜୁନ ମାସ ୧୮ ତାରିଖରେ ଶିବ ବିବାହ ଓ ୧୯ ତାରିଖରେ ଶୀତଳଷଷ୍ଠୀ ଉତ୍ସବ ପାଳନ ହେବ। ଚଳିତ ବର୍ଷ ଶିବ ବିବାହ କାର୍ଯ୍ୟ ବର ପିତା ଭାବେ ସପନ କୁମାର ଦାଶ, ମାତା ଭାବେ ନୀତୁରାଣୀ ଦାଶ ସମ୍ପନ୍ନ କରିବେ। ସେହିଭଳି କନ୍ୟା ପିତା ଭାବେ ରାଜୁ ପୃଷେଠ ଓ କନ୍ୟାମାତା ଭାବେ କବିତା ସାହୁ କନ୍ୟାଦାନ କରିବାକୁ ସ୍ଥିରିକୃତ ହୋଇଛି। ମେ ୭ ତାରିଖ ଗୁରୁବାର ଦିନ ପତ୍ରପେଣ୍ଡି (ସଂକଳ୍ପ) ଉତ୍ସବ ମା ବାସୁଳୀଙ୍କ ମନ୍ଦିରରେ ସମ୍ପନ୍ନ ହେବାକୁ ଥିବା ବେଳେ ମେ ୧୦ ତାରିଖ ରବିବାର ଦିନ ବରପକ୍ଷ କନ୍ୟାପକ୍ଷ ଘରକୁ ଘରଦେଖି ଯିବା, ମେ ମାସ ୧୩ ତାରିଖରେ କନ୍ୟାପକ୍ଷ ତରଫରୁ ବରଘରକୁ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିଭଳି ଚଳିତ ବର୍ଷ ଦୁଇଟି ଜ୍ୟେଷ୍ଠ ମାସ ପଡୁ ଥିବାରୁ (ମଳ ମାସ) ସରିବା ପରେ ଜୁନ ମାସ ୧୭ ତାରିଖ ଦିନ ଶିବପାର୍ବତୀଙ୍କୁ ମନ୍ଦିରରୁ ଅଣାଯାଇ ମଙ୍ଗଳକୃତ୍ୟ ସମ୍ପର୍ଣ୍ଣ ହେବ। ପରିଶେଷରେ ଜୁନ ୧୮ ତାରିଖ ଦିନ ଶିବ ବିବାହ ପାଇଁ ବାବା ବାଣେଶ୍ୱର ମନ୍ଦିରରୁ ବରଯାତ୍ରୀ ବଣାଇଁ ସ୍ଥିତ ମା' ବାସୁଳୀ ମନ୍ଦିରକୁ ଯାଇ ବିବାହ କରିବେ। ଜୁନ ୧୯ ତାରିଖରେ ଶିବ ପାର୍ବତୀଙ୍କ ପ୍ରତ୍ୟାବର୍ତ୍ତନ ତଥା ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବ। ସେଦିନ ସନ୍ଧ୍ୟା ୭ଟାରୁ ନଗର ପରିକ୍ରମା କାର୍ଯ୍ୟକ୍ରମ ରହିଛି। ପରେ ଜୁନ ୨୧ ତାରିଖ ଦିନ ଚତୁର୍ଥୀ କର୍ମ ଓ ପ୍ରସାଦ ସେବନ, ଜୁନ ୨୫ ତାରିଖ ଦିନ ଅଷ୍ଟ ମଙ୍ଗଳା ପୂଜା, ବନ୍ଦାପନା ଓ କ୍ଷୀରି ଭୋଗ ପରେ କାର୍ଯ୍ୟକ୍ରମ ସମାପନ ହେବ ବୋଲି ବାବା ବାଣେଶ୍ୱର ମନ୍ଦିର ଉନ୍ନୟନ କମିଟି ସମ୍ପାଦକ ମହେଶ୍ୱର ସାହୁ କହିଛନ୍ତି।

● ମୋଟେର-ଲଡୁଗାଁ ପିଡବ୍ଲୁଡି ରାସ୍ତା

# ଅଧପନ୍ତରିଆ କଂକ୍ରିଟ କାମ, ବିପଦକୁ କରୁଛି ଆମନ୍ତ୍ରଣ



କୋକସରା,୫।୫(ସମିସ): କୋକସରା ବ୍ଲକ୍ ମେଟେର ଠାରୁ ଲଡୁଗାଁକୁ ସଂଯୋଗ କରୁଥିବା କଂକ୍ରିଟ ରାସ୍ତା ପିଡବ୍ଲୁଡି ରାସ୍ତାର ଚିକିଲି ଠାରେ ଅଧପନ୍ତରିଆ ହୋଇ ରହିଛି।ଯାହାଫଳରେ ପ୍ରତି ମୂହୁର୍ତ୍ତରେ ବିପଦର ସମ୍ମୁଖୀନ ହେବା ସମ୍ଭାବନା ରହିଛି। ରାସ୍ତାର ଗୋଟିଏ ପଟେ କଂକ୍ରିଟ ପଡିଥିବାବେଳେ ଅନ୍ୟପଟେ ଅନେକ ଦିନ ରାସ୍ତା ସମ୍ପୂର୍ଣ୍ଣ ନକରି ଛାଡ଼ି ଦିଆଯାଇଛି। ଏଣେ ଛାଡିଥିବା ସ୍ଥାନରେ ଲୁହା ରଡ୍ ଗୁଡ଼ିକ ଲମ୍ବିଥିବା ଯୋଗେ ସାମାନ୍ୟ ଅସାବଧାନତା ହେଲେ ଦୁର୍ଘଟଣା ଘଟିଥିବାର ଆଶଙ୍କା ରହିଛି। ଏହି ରାସ୍ତାର ଦୁଇ ତିନୋଟି ସ୍ଥାନରେ ଏଭଳି ଅଧପନ୍ତରିଆ କରି ଛାଡ଼ି ଦିଆଯାଇଛି। ଦିନବେଳା ଲୋକେ ଯେମିତି ସେମିତି ଚଳି ଯାଉଥିବା ବେଳେ ରାତିରେ ଯଦି କୌଣସି ଲୋକ ରାସ୍ତା ଆସୁଥିଲେ ଦୁର୍ଘଟଣା ଘଟିବା ଥାୟ। ଅନ୍ୟପଟେ ନିର୍ମାଣକାରୀ ଠିକା ସଂସ୍ଥା ପକ୍ଷରୁ ଉକ୍ତ ସ୍ଥାନ ଗୁଡିକରେ କୌଣସି ସତର୍କ ସୂଚନା ମଧ୍ୟ ଦିଆଯାଇ ନାହିଁ। ଠିକା ସଂସ୍ଥାର ଏଭଳି ଅବହେଳା ଯୋଗୁଁ ଲୋକଙ୍କ ଧାନ ଜୀବନ ହାନି ଘଟିପାରେ। ତେଣୁ କୌଣସି ବଡ଼ ଅଘଟଣ ଘଟିବା ପୂର୍ବରୁ ରାସ୍ତା ସମ୍ପୂର୍ଣ୍ଣ କରିବା ପାଇଁ ଜନ ସାଧାରଣରେ ଦାବି ହୋଇଛି। ଏ ବିଷୟରେ ପୂର୍ତ୍ତ ବିଭାଗକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ନହେବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# 'ଓଡ଼ିଆ ଜାତିର ବାହୁବଳୀ ପିଣ୍ଡିକି ବାହୁବଳେନ୍ଦ୍ର' ଆଲୋଚନାଚକ୍ର

ରାଉରକେଲା,୫।୫(ସମିସ): ସ୍ଥାନୀୟ ସେକ୍ଟର-୬ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ କେଶବ ନଗର ଶାଖାର ମିଳିତ ଆନୁକୂଲ୍ୟରେ ଆୟୋଜିତ ମାସିକ ସାରସ୍ୱତ ସମାବେଶରେ ଓଡ଼ିଆ ଜାତିର ବାହୁବଳୀ ପିଣ୍ଡିକି ବାହୁବଳେନ୍ଦ୍ର ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶାଖାର ସଭାପତି ବିଜୟିନୀ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ରାଉରକେଲା କଲେଜର ପ୍ରାକ୍ତନ ଅଧକ୍ଷା ପ୍ରଫେସର ସୁଜାତା ପ୍ରଧାନ, ବିଷୟ ବିଶେଷଜ୍ଞ ଭାବେ ପ୍ରଭାବୀ ଯୁବ ଲେଖକ ଭେଙ୍କଟ ବାଲାଜୀ ବିଶ୍ୱନାଥ ଶତପଥୀ ଯୋଗଦେଇ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଷୟ ବିଶେଷଜ୍ଞ ଶ୍ରୀ ଶତପଥୀ ତାଙ୍କ ବକ୍ତବ୍ୟରେ କହିଥିଲେ, ସେ ଜାତିବାଦର ଉର୍ଦ୍ଧ୍ୱରେ ଥିଲେ। ସେ ୧୮୦୩ ମସିହା ଡିସେମ୍ବର ମାସରେ ସେନାପତି ରପେ ଇଂରେଜମାନଙ୍କ ସହ ଲଢେଇ କରି ତାଙ୍କୁ ପରାସ୍ତ କରିଥିଲେ। ୧୮୨୦ରେ ସେ ପୁରୀକୁ ସ୍ୱାଧୀନ କରିଥିଲେ। ଦୀର୍ଘ ୧୮ ବର୍ଷରେ ସେ ଇଂରେଜମାନଙ୍କୁ ୫୪ ଥର ପରାସ୍ତ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ପ୍ରଧାନ ସୁନ୍ଦରଗଡ ଜିଲ୍ଲାର ବୀର ବିର୍ସା ମୁଣ୍ଡା, ମାଦ୍ରି କାଲୋ, ନିର୍ମଳ ମୁଣ୍ଡା, ଉଷାକୋଠି, ଆମକୋ ସିମକୋ, ବାର ବଖରା, ବିକ୍ରମ ଖୁଣ୍ଟ, ଜୁନାଗଡ଼ ଗୁମ୍ଫା ସମ୍ପର୍କରେ ଆଲୋଚନା କରିଥିଲେ।



ପ୍ରାରମ୍ଭରେ ସଭାପତି ଶ୍ରୀ ଜେନା ସ୍ୱାଗତ ଭାଷଣ ଓ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁରେନ୍ଦ୍ର ଶତପଥୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସୁସ୍ମିତା ମହାପାତ୍ର ସଂଯୋଜନା କରିଥିଲେ। କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ରାଉତ ପ୍ରାକ୍ କଥନ ଓ ସମ୍ପାଦକ ଶ୍ରୀମତୀ ମହାପାତ୍ର ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଶେଷରେ ଶାଖାର ବିଦ୍ୟାଳୟ ପ୍ରମୁଖ ସୌମ୍ୟପ୍ରସାଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମାମାନେ ଉପସ୍ଥିତ ଥିଲେ। ଶାଖାର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

# 'ଉମିଦ୍' ପକ୍ଷରୁ ଅଟିଜିମ୍ ନେଇ ସଚେତନତା କାର୍ଯ୍ୟକ୍ରମ

ରାଉରକେଲା, ୫।୫(ସମିସ): ସହରର ଅଗ୍ରଣୀ ଅନୁଷ୍ଠାନ "ଉମିଦ୍' ପକ୍ଷରୁ ସେକ୍ଟର-୨୦ ରାଉରକେଲା କ୍ଲବ ପରିସରରେ ଅଟିଜିମ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଇଜିଏଚର ମୁଖ୍ୟ ଚିକିତ୍ସାଧିକାରୀ ଡା. ଜୟନ୍ତ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି, "ଉମିଦ୍' ପକ୍ଷରୁ ଅଟିଜିମ୍ ନେଇ ଏହି ସଚେତନତା କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଅଟିଜିମ୍ ଥିବା ପ୍ରତ୍ୟେକ ବ୍ୟକ୍ତି ଅନନ୍ୟ ହୋଇଥିବା ବେଳେ ସେମାନଙ୍କର ନିଜସ୍ୱ ଶକ୍ତି, ପ୍ରତିଭା ଏବେ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଶଶାଙ୍କ ଶେଖର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଛନ୍ତି, ଏହି ଅଟିଜିମ୍ ସଚେତନତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଜ୍ଞାନ ପ୍ରସାର କରିବା, କଳଙ୍କ ହ୍ରାସ କରିବା ଏବଂ ଅଟିଜିମ୍ ସ୍ପେକ୍ଟ୍ରମ୍ ଉପରେ ବ୍ୟକ୍ତିମାନଙ୍କର ଗ୍ରହଣକୁ ପ୍ରୋତ୍ସାହିତ କରିବା।

ଅନ୍ୟତମ ବକ୍ତା ଡାକ୍ତର ଅନୁରୂପା ସେନାପତି କହିଛନ୍ତି, ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ପିତାମାତା, ଶିକ୍ଷକ, ସ୍ୱାସ୍ଥ୍ୟସେବା ବୃତ୍ତିଗତ ଏବଂ ସମ୍ପ୍ରଦାୟକୁ ଅଟିଜମ୍ର ପ୍ରାରମ୍ଭିକ ଲକ୍ଷଣ, ସମୟୋଚିତ ହସ୍ତକ୍ଷେପର ଗୁରୁତ୍ୱ ଏବଂ ସ୍ପିଚ୍ ଥେରାପି, ବୃତ୍ତିଗତ ଚିକିତ୍ସା ଏବଂ ଆଚରଣଗତ ହସ୍ତକ୍ଷେପ ଭଳି ଚିକିତ୍ସାର ଭୂମିକା ବିଷୟରେ ଶିକ୍ଷା ଦେବା। ୪ ବର୍ଷ ଧରି ଆମେ ଉଲ୍ଲେଖନୀୟ ଫଳାଫଳ ପ୍ରଦାନ କରିବାରେ ସକ୍ଷମ ହୋଇଛୁ ଏବଂ ଆମର ଉତ୍ସର୍ଗୀକୃତ ଚିକିତ୍ସକଙ୍କ ନିରନ୍ତର ପ୍ରୟାସ ଏବଂ ସମ୍ପୃକ୍ତି ଦ୍ୱାରା ଆମର କେନ୍ଦ୍ରରୁ ୨୦୦ରୁ ଅଧିକ ପିଲା ଉପକୃତ ହୋଇଛନ୍ତି ବୋଲି କହିଥିଲେ। ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ମୁଖ୍ୟନିର୍ବାହୀ ଅଧିକାରୀ ଡ. ସୁଶାନ୍ତ ଆଚାର୍ଯ୍ୟ କହିଲେ ଅଟିଜିମ୍ ଥିବା ଅନେକ ଲୋକଙ୍କର ଉଲ୍ଲେଖନୀୟ କ୍ଷମତା ଅଛି, ଯେଉଁଥିରେ ଦୃଢ଼ ସ୍ମୃତି, ବିବରଣୀ ପ୍ରତି ଧ୍ୟାନ ଏବଂ ସୃଜନଶୀଳତା ଅନ୍ତର୍ଭୁକ୍ତ।



ଅନ୍ୟମାନଙ୍କ ମଧ୍ୟରେ କ୍ରିଷ୍ଣା ବିକାଶ ଗ୍ରୁପ ହସ୍ପିଟାଲର ନିର୍ଦ୍ଦେଶକ ଡାକ୍ତର ପ୍ରବୀର କୁମାର ରାୟ ସମ୍ମାନିତ ଅତିଥି, ସମାଜସେବୀ ମମତା ଗୌତମ, ଆଲାମ ସଂହ ରୁପ୍ରା ଅତିଥି ଭାବେ ଯୋଗଦେଇ କହିଥିଲେ, ଆମେ ଏମିତି ପରିବେଶ ସୃଷ୍ଟି କରିବା ଉଚିତ ଯେଉଁଠି ଅଟିଜିମ୍ ବ୍ୟକ୍ତିମାନେ ସୁରକ୍ଷିତ, ସମ୍ମାନିତ ଓ ସଶକ୍ତ ଅନୁଭବ କରିବେ।

# ଆର୍‌ଏସ୍‌ପିର ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଶୁଭାରମ୍ଭ

## ଭାଗନେଲେ ୧୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ



ରାଉରକେଲା, ୫।୫(ସମିସ)

ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ବାର୍ଷିକ ୩୯ତମ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ମଇ ୫ ତାରିଖରେ ଇସ୍ପାତ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସହରସେବା ଏବଂ ସିଏସଆର ବିଭାଗର ସିଜିଏମ୍ ଟିଜି କାନେକର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିସିଡବ୍ଲୁ ବିଭାଗର ସିଜିଏମ ଆଲୋକ ବେହେରା ଓ ପ୍ରାକ୍ତନ କ୍ରିଡାବିତ ପିଏନ ଗନ୍ତାୟତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ କାରଖାନାର ବହୁ ଅଧିକାରୀ ଉପସ୍ଥିତ ଥିଲେ। ମଇ ୨୫ ତାରିଖ ପର୍ଯ୍ୟନ୍ତ ୨୧ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୧୨୫୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀ କାନେକର ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡା ପ୍ରତି ବଢୁଥିବା ଉତ୍ସାହକୁ ପ୍ରଶଂସା କରିବା ସହ ଅଂଶଗ୍ରହଣକାରୀମାନଙ୍କୁ ଶୃଙ୍ଖଳା, ପ୍ରତିବଦ୍ଧତା ଏବଂ ଦଳଗତ କାର୍ଯ୍ୟର ଦୃଢ଼ ମନୋଭାବ ପୋଷଣ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ, କ୍ରୀଡା ବିଭାଗର ଡେପୁଟି ମ୍ୟାନେଜର ରଘୁନନ୍ଦନ ପାଢ଼ୀ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଉଦ୍‌ଘାଟନୀ ସମାରୋହକୁ ସିଲିକନ୍ ଷ୍ଟିଲ୍ ମିଲ୍‌ର ଜୁନିୟର ଇଞ୍ଜିନିୟର ଅନିଲ ମଲ୍ଲିକ ପରିଚାଳନା କରିଥିଲେ। ଅଂଶଗ୍ରହଣକାରୀମାନେ ଆଥଲେଟିକ୍ସ, ବ୍ୟାଡମିଣ୍ଟନ୍, ବାସ୍କେଟବଲ୍, ବକ୍ସିଂ, ଚେସ୍, କ୍ରିକେଟ୍, ସାଇକେଲିଂ, ଫୁଟବଲ୍, ହକି, କବାଡି, ଟେବୁଲ୍ ଟେନିସ୍, ଭଲିବଲ୍, ଭାରୋତ୍ତୋଳନ ଏବଂ ପାୱାର ଲିଫ୍ଟିଂ ଏବଂ ଯୋଗ ଭଳି ୧୬ଟି ବିଭାଗରେ ଉକ୍ତ ଶିବିରରେ କ୍ରୀଡ଼ା ତାଲିମ ନେବେ ବୋଲି ଜଣାପଡିଛି। ଚଳିତ ବର୍ଷ ଲନ୍ ଟେନିସ୍ ଏବଂ ତୀରନ୍ଦାଜି ମଧ୍ୟ ନୂତନ ଭାବେ ଯୋଡ଼ାଯାଇଛି। ଏଥିରେ ବିଭିନ୍ନ କ୍ରୀଡା କ୍ଷେତ୍ରର ଅଭିଜ୍ଞ ପ୍ରଶିକ୍ଷକମାନଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଉଛି। ଏହି ଶିବିର ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ, ଇସ୍ପାତ ଷ୍ଟାଡିୟମ, ଇସ୍ପାତ ବାସ୍କେଟବଲ୍ କମ୍ପ୍ଲେକ୍ସ, ଇସ୍ପାତ ଇଣ୍ଡୋର ଷ୍ଟାଡିୟମ, ଇଣ୍ଡୋ ଜର୍ମାନ କ୍ଲବ ଏବଂ ଇସ୍ପାତ ଷ୍ଟାଡିୟମର ଚେସ୍ ହଲ୍‌ରେ ଆୟୋଜିତ ହେଉଛି।

● ଶୀତଳ ଭଣ୍ଡାରରେ ଜଙ୍ଗଲ ଅଧିକାର

# ସେମେଲପଦରବାସୀଙ୍କୁ ମିଳୁନି ନ୍ୟାୟ

ଥୁଆମୂଳରାମପୁର,୫।୫ (ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ୍ କର୍ଲାପାଟ ପଞ୍ଚାୟତର ସେମେଲପଦର ଗ୍ରାମରେ "ଜଙ୍ଗଲ ଅଧିକାର' ଏବେ ମଧ୍ୟ କାଗଜରେ ଅଟକି ରହିଛି। ଦଶକ ଦଶକ ଧରି ଏଠାରେ ବସବାସ କରୁଥିବା ଆଦିବାସୀ ପରିବାରମାନେ ଆଜି ପର୍ଯ୍ୟନ୍ତ ତାଙ୍କର ଆଇନସମ୍ମତ ଅଧିକାର ପାଇପାରିନାହାନ୍ତି। ୨୦୦୬ ମସିହାରେ ଜଙ୍ଗଲ ଅଧିକାର ଆଇନ୍ ପ୍ରଣୟନ ହୋଇଥିଲା, ଯାହାର ଲକ୍ଷ୍ୟ ଥିଲା ଆଦିବାସୀ ଓ ବନବାସୀଙ୍କୁ ତାଙ୍କର ପାରମ୍ପରିକ ଅଧିକାର ଫେରାଇବା। କିନ୍ତୁ ଆଇନ୍ ଲାଗୁ ହୋଇ ୨୦ ବର୍ଷ ହୋଇଯାଇଥିଲେ ସୁଦ୍ଧା ସେମେଲପଦର ଗ୍ରାମର ଲୋକମାନେ ଏହାର ସୁଫଳରୁ ବଞ୍ଚିତ ରହିଛନ୍ତି। ୨୦୨୪ ମସିହା ନଭେମ୍ବର ୨୦ ତାରିଖରେ ଚୁଡାନ୍ତ ଗ୍ରାମସଭାବସି ୬୯ ଜଣ ଗ୍ରାମବାସୀଙ୍କ ବ୍ୟକ୍ତିଗତ ଜମି ଅଧିକାର ସହିତ ୬୬୫.୫୨ ହେକ୍ଟର ଜଙ୍ଗଲ ଉପରେ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାରକୁ ଅନୁମୋଦନ କରାଯାଇଥିଲା। ପରେ, ୧୮ ଡିସେମ୍ବର ୨୦୨୪ରେ ଥୁଆମୂଳ ରାମପୁର ତହସିଲଦାର ଦାବିକୁ ଉପଖଣ୍ଡ ସ୍ତରୀୟ କମିଟିଙ୍କୁ ପଠାଇଥିଲେ। କିନ୍ତୁ ଏହାପରେ ୧୭ ମାସ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏହାର ଅନୁମୋଦନ ଅନ୍ତିମ ପର୍ଯ୍ୟାୟକୁ ପହଞ୍ଚିପାରିନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢୁଛି। ଗ୍ରାମବାସୀ ଏବଂ ଜଙ୍ଗଲ ଅଧିକାର କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଯାଇ ମାମଲା ଉଠାଇଥିଲେ। ଜିଲ୍ଲାପାଳଙ୍କ ତରଫରୁ ଶୀଘ୍ର ସମାଧାନ ହେବ ବୋଲି ଆଶ୍ୱାସନ ମିଳିଥିଲେ ମଧ୍ୟ ତାହା ଅବଧି ପର୍ଯ୍ୟନ୍ତ କେବଳ ପ୍ରତିଶ୍ରୁତିରେ ସୀମିତ ରହିଛି। ଏହାର ଫଳରେ ୬୯ଟି ପରିବାର ଆଜି ମଧ୍ୟ ନିଜ ଅଧିକାର ପାଇଁ ଅପେକ୍ଷା କରୁଛନ୍ତି। ସେମେଲପଦର ସହିତ ବ୍ଲକ୍‌ର ତେତେଲପଦର ଓ ଚାଟିକନା ଭଳି ଅନ୍ୟ ଅଣସର୍ଭେ ଗ୍ରାମଗୁଡିକର ଅବସ୍ଥା ମଧ୍ୟ ଏକେରହିଛି। ଏହି ଗ୍ରାମଗୁଡିକ ଏପର୍ଯ୍ୟନ୍ତ ରାଜସ୍ୱ ଗ୍ରାମର ମାନ୍ୟତା ପାଇପାରିନାହାନ୍ତି, ଯାହାରଫଳରେ ମୌଳିକ ସୁବିଧା ଓ ସରକାରୀ ଯୋଜନା ଲାଭ ନେବାରେ ଅନେକ ବାଧା ସୃଷ୍ଟି ହେଉଛି। ତତ୍କାଳୀନ ଜିଲ୍ଲାପାଳଙ୍କ ସମୟରେ ଆରମ୍ଭ ହୋଇଥିବା ରାଜସ୍ୱ ଗ୍ରାମ ମାନ୍ୟତା ପ୍ରକ୍ରିୟା ବର୍ଷରୁ ବର୍ଷ ଧରି ସରକାରୀ ଅବହେଳା ଓ ଲାଲଫିତା ଶାସନରେ ଅଟକି ରହିଛି। ରାଜସ୍ୱ ପରିଷଦରୁ ଫେରିଆସିଥିବା ଫାଇଲଗୁଡିକୁ ସଂଶୋଧନ କରି ପୁନର୍ବାର ପଠାଇବାରେ ବିଳମ୍ବ ହେଉଥିବାରୁ ପ୍ରକ୍ରିୟା ଆଗକୁ ବଢୁନାହିଁ। ଜିଲ୍ଲାପାଳ ଓ ତହସିଲଦାରମାନଙ୍କ ପରିବର୍ତ୍ତନ ହେଉଥିଲେ ମଧ୍ୟ ଗ୍ରାମବାସୀଙ୍କ ସମସ୍ୟା ଅପରିବର୍ତ୍ତିତ ରହିଛି। ଗ୍ରାମବାସୀମାନେ ଶୀଘ୍ର ଜଙ୍ଗଲ ଅଧିକାର ପ୍ରମାଣପତ୍ର ବଣ୍ଟନ କରିବା ସହିତ ସେମେଲପଦର, ତେତେଲପଦର ଓ ଚାଟିକନାକୁ ରାଜସ୍ୱ ଗ୍ରାମ ମାନ୍ୟତା ଦେବାକୁ ଦାବି କରିଛନ୍ତି। ଆଇନ୍ ଥିଲେ ମଧ୍ୟ ଯଦି ଲୋକଙ୍କୁ ତାଙ୍କର ଅଧିକାର ସମୟରେ ମିଳୁନାହିଁ, ତେବେ ସେହି ଆଇନ୍‌ର ଉଦ୍ଦେଶ୍ୟ ପୂରଣ ହେଉନାହିଁ ସେମେଲପଦର ଗ୍ରାମର ଘଟଣା ଏହାର ଏକ ସ୍ପଷ୍ଟ ଉଦାହରଣ।



### ଗ୍ରାମସଭାରେ ଅନୁମୋଦନ ପରେ ଅଟକିଛି ଅଧିକାର ପ୍ରମାଣପତ୍ର

### ତିହିଡ଼ି ତହସିଲ ରାସ୍ତାରେ ଆଣ୍ଠୁଏ ପାଣି

# ହୀନସ୍ତା ହେଉଛନ୍ତି ୭ ସରକାରୀ କାର୍ଯ୍ୟାଳୟର କର୍ମଚାରୀ

ତିହିଡ଼ି, ୫।୫(ସମିସ)

ତିହିଡ଼ି-ବଉଳପାଳ ଛକ ରାସ୍ତାର ତିହିଡ଼ି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସାମାନ୍ୟ ବର୍ଷାରେ ଜମୁଛି ଆଣ୍ଠୁଏ ଉଚ୍ଚର ପାଣି। ଫଳରେ ସାଧାରଣ ଜନତା ଯାତାୟାତରେ ଘୋର ସମସ୍ୟା ଭୋଗୁଥିବାବେଳେ ହୀନସ୍ତା ହେଉଛନ୍ତି ଏହି ରାସ୍ତା ଉପରେ ନିର୍ଭର କରୁଥିବା ୭ଟି ସରକାରୀ କାର୍ଯ୍ୟାଳୟର କର୍ମଚାରୀ। ଗତକାଲି ସନ୍ଧ୍ୟାରେ ବର୍ଷା ହେବା ଫଳରେ ଭଦ୍ରକ-ଚାନ୍ଦବାଲି ରାସ୍ତା ଠାରୁ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ପାଣିରେ ଆଜି ପର୍ଯ୍ୟନ୍ତ ବୁଡ଼ି ରହିଛି। ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏହି ରାସ୍ତାରେ ଖାଲି ତିହିଡ଼ି ବ୍ଲକର ୮ଟି ପଞ୍ଚାୟତବାସୀ ଯାତାୟତ ପାଇଁ ନିର୍ଭର କରୁନାହାନ୍ତି, ଧାମନଗର ବ୍ଲକକୁ ଯିବା ପାଇଁ ମଧ ଏହି ରାସ୍ତା ଉପରେ ଶହଶହ ଲୋକ ନିର୍ଭର କରିଥାନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ତିହିଡ଼ି ତହସିଲ କାର୍ଯ୍ୟାଳୟ, ଭାଟପଡ଼ା ରାଜସ୍ୱ ନିରୀକ୍ଷକ, ଉପନିବନ୍ଧନ କାର୍ଯ୍ୟାଳୟ, ତିହିଡ଼ି ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ କାର୍ଯ୍ୟାଳୟ, ଭାଟପଡ଼ା ପୋଷ୍ଟ ଅଫିସ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଆଦି ବହୁ କାର୍ଯ୍ୟାଳୟ ରହିଛି। ସାଧାରଣ ଲୋକଟିଏ ଏଠାକୁ ଆସିବାକୁ ହେଲେ ଆଣ୍ଠିଏ ପାଣିରେ ପଶିବା ନିଶ୍ଚିତ। ଆଗକୁ ବର୍ଷା ଋତୁ ଆସୁଛି। ସମସ୍ୟା ଅଧିକ ଉଗ୍ର ହେବା ସ୍ୱାଭାବିକ। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାରୁ ବର୍ଷା ଜଳ ବାହାରିଯିବା ପାଇଁ ତୁରନ୍ତ ପ୍ରଶାସନ ପଦକ୍ଷେପ ନିଅନ୍ତୁ ବୋଲି ପୂର୍ବତନ ସମିତି ସଭ୍ୟ ସଂଗ୍ରାମ କେଶରୀ ଦାସ, ସମାଜସେବୀ ଗଣେଶ ପ୍ରସାଦ ନାୟକ ପ୍ରମୁଖ ଦାବି କରିଛନ୍ତି।



# ରେମୁଣା ସାମ୍ବାଦିକ ୟୁନିଅନ ପକ୍ଷରୁ ନାରଦ ଜୟନ୍ତୀ

ରେମୁଣା, ୫।୫ (ସମିସ): ରେମୁଣା ସାମ୍ବାଦିକ ୟୁନିଅନ ପକ୍ଷରୁ ଆଦ୍ୟ ସାମ୍ବାଦିକ 'ଦେବର୍ଷୀ ନାରଦ ଜୟନ୍ତୀ 'ସତ୍ୟବତୀ ନଗର ସ୍ଥିତ ସାରସ୍ୱତ ଭବନରେ ଆଜି ଅପରାହ୍ନ ୪ଟା ସମୟରେ ୟୁନିଅନର ସଭାପତି ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀଙ୍କପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟ ଉଦଘାଟକ ଭାବେ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମିର ପ୍ରାକ୍ତନ ସଦସ୍ୟ ସାହିତ୍ୟିକ ଡ଼. ଭାଗବତ ପ୍ରସାଦ ଦାସ, ମୁଖ୍ୟ ବକ୍ତା ବରିଷ୍ଠ ଆଇନଜୀବୀ ସରୋଜ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବ୍ୟାକରଣବିତ ପଣ୍ଡିତ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଜୟନ୍ତୀ ଉତ୍ସବକୁ ଉଦଘାଟନ କରିଥିଲେ। ଅନ୍ୟତମ ବକ୍ତା ଭାବେ ମେଜର ଗିରିଶ କୁମାର ଷଡ଼ଙ୍ଗୀ, ଶିକ୍ଷାବିତ ବୃନ୍ଦାବନ ବେହେରା, ଯୋଗେଶ ଚନ୍ଦ୍ର ବେହେରା, ବଡ଼ପାଳ ସରପଞ୍ଚ କମଳ ଲୋଚନ ପଣ୍ଡା, ଯୁବ ସାମ୍ବାଦିକ ସରୋଜ କୁମାର ସାହୁ, ଦୀପକ କୁମାର ମାଝୀ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ନିରଞ୍ଜନ ମହାରଣା ପ୍ରମୁଖ ଦେବର୍ଶୀ ନାରଦଙ୍କ ଜୀବନ ଦର୍ଶନ ଉପରେ ବକ୍ତବ୍ୟ ଦେଇଥିଲେ। ୟୁନିଅନର ସମ୍ପାଦକ ଲୋକନାଥ ପିରି ସ୍ୱାଗତ ଅଭିଭାଷଣ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ବେଦପାଠ ସହିତ ଅତିଥି ପରିଚୟ ଦେଇଥିଲେ। ସଭାପ୍ରାରମ୍ଭରେ ରେମୁଣାର ଜଣେ ମହିଳା ଖବର କାଗଜ ବିତରକ ଅନ୍ନପୂର୍ଣ୍ଣା ଦାସଙ୍କ ବିୟୋଗରେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ୧ ମିନିଟ ନିରବ ପ୍ରାଥନା କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ବ୍ୟଙ୍ଗକବି ପ୍ରଭାକର ସାହୁଙ୍କ ସଂଯୋଜନାରେ ଦେବର୍ଷୀ ନାରଦାଙ୍କ



ଉପରେ ଏକ କବିତା ପାଠୋତ୍ସବ ହୋଇଥିଲା। ଏଥିରେ କବୟିତ୍ରୀ ସଇଦନ ବିବି, ଜୟଶ୍ରୀ ମିଶ୍ର, ସୁନାମଣି ଜେନା, ଅଜିତ କୁମାର ପଣ୍ଡା, ହିରାଲାଲ ପାକଳ, ବରିଷ୍ଠ କବି ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ପ୍ରମୁଖଙ୍କ ସହିତ ୨୦ ରୁ ଅଧିକ କବି, କବୟିତ୍ରୀ ମାନେ କବିତା ପାଠ କରିଥିଲେ। ଜୟନ୍ତୀ ଉତ୍ସବ ପ୍ରାରମ୍ଭରେ କଣ୍ଠଶିଳ୍ପୀ ସଙ୍ଗୀତ ଗୁରୁ ହିରାଲାଲ ପାକଳ ସ୍ୱାଗତ ସଙ୍ଗୀତ ଦେବର୍ଷୀ ନାରଦଙ୍କ ଉପରେ ଗାନ କରିଥିଲେ। ଯୁବ ସାମ୍ବାଦିକ ମାନସ କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ।

# ପାଣି ପାଇଁ ମହିଳାଙ୍କ ରାସ୍ତା ଅବରୋଧ



ନୀଳଗିରି, ୫।୫ (ସମିସ): ନୀଳଗିରି ବ୍ଲକର ମାଟିଆଳି ପଞ୍ଚାୟତର ନଟାପଡ଼ା ଗ୍ରାମର ୨୦୦ରୁ ଅଧିକ ପରିବାର ରହୁଥିବା ବେଳେ ଆଜକୁ ୧୫ଦିନ ଧରି ଜଳ ଯୋଗାଣ ପାଇପ୍‌ରେ ପାଣି ଆସୁ ନ ଥିବା ବେଳେ ଗ୍ରାମର ସମସ୍ତ ପରିବାର ଡହଳ ବିକଳ ହେଉଛନ୍ତି। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ପରେ ବି କୌଣସି ସୁଫଳ ନ ମିଳିବାରୁ ଶେଷରେ ମଙ୍ଗଳବାର ଦିନ ମହିଳାମାନେ ହାତରେ ଗରା ବାଲଟି ଧରି ନରଣପୁର ମାଟିଆଳୀ ରାସ୍ତାର ନଟାପଡ଼ା ଛକ ନିକଟରେ ରାସ୍ତା ଅବରୋଧ କରି ପ୍ରତିବାଦ କରିଛନ୍ତି। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କଲା ପରେ ଘଟଣା ସ୍ଥଳରେ ବିଭାଗୀୟ ଯନ୍ତ୍ରୀ ପହଞ୍ଚି ତୁରନ୍ତ ପାଇପ୍ ଯୋଗେ ଜଳ ଯୋଗାଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଏହି ରାସ୍ତାରୋକରେ ଶାନ୍ତିଲତା ବିଶ୍ୱାଳ, ଜୟନ୍ତ ସିଂ, କଳ୍ପଲତା ବେହେରା, କରୁଣାକର ଦାସ, ସୁଷମା ଦାସ, ସତ୍ୟଜିତ୍ ବେହେରା, ମାମି ମଲିକ୍, ଶାନ୍ତିଲତା ସ, ରାମଚନ୍ଦ୍ର ସିଂ, କରୁଣାକର ବେହେରା, ଶ୍ୟାମସୁନ୍ଦର ସିଂ, ରବୀନ୍ଦ୍ର ସିଂ ପ୍ରମୁଖ ସାମିଲ ଥିଲେ।

# ମାତୃଶକ୍ତି ବନ୍ଦନ; ମା' ଓ ମାଟି ମହୋତ୍ସବର ତୃତୀୟ ସନ୍ଧ୍ୟା

ଭଦ୍ରକ, ୫।୫(ସମିସ): ପୁରାଣରେ ବର୍ଣ୍ଣିତ ନାରୀ ଚରିତ୍ର ସାବିତ୍ରୀ, ସୀତା, ଉର୍ମିଳା, ଅନସୂୟା, କୁନ୍ତୀ, ଗାନ୍ଧାରୀ, ଅହଲ୍ୟା, ଦ୍ରୌପଦୀ, ଯଶୋଦା, ଗାର୍ଗୀ, ଲୋପାମୁଦ୍ରା ପରି ଅଧିକାଂଶ ନାରୀ ଚରିତ୍ର ଯେପରି ପୂଜନୀୟା ସେପରି ଇତିହାସର ତଥା ସାମ୍ପ୍ରତିକ ସମୟର ବହୁ ନାରୀ ଚରିତ୍ର ବନ୍ଦନୀୟା। ଯୁଗେ ଯୁଗେ ମା' ତଥା ନାରୀ ଚରିତ୍ର ବନ୍ଦନୀୟା ବୋଲି ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟି ତଥା ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ, ଭଦ୍ରକ ଏବଂ ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶା, ଭଦ୍ରକ ଆନୁକୂଲ୍ୟରେ ଭଦ୍ରକ ସହର କଚେରୀ ବଜାର ସ୍ଥିତ ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଆୟୋଜିତ ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ -୨୦୨୬ ତୃତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟିର ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟ ତଥା ଭୂମି କନ୍ୟା ମହିଳା ସଙ୍ଗଠନ ଓଡ଼ିଶାର ସଭାନେତ୍ରୀ ସଂଯୁକ୍ତା ବଳ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ସନ୍ଧ୍ୟାରେ ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। 'ଅମୃତ ଦର୍ଶନ'ପତ୍ରିକାର ସମ୍ପାଦକ ତଥା ବିଶିଷ୍ଟ ପ୍ରବାଚକ




ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା, କାଉନସିଲର ସ୍ୱାଗତିକା ନାୟକ, କବୟିତ୍ରୀ ଓ ଅଧିବକ୍ତା ଚୈତାଳି ଖିଲାର ସମ୍ମାନନୀୟା ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କବିତା ପାଠ ହୋଇ ଥିଲା ଏବଂ କବୟିତ୍ରୀ ଓ ପ୍ରାବନ୍ଧିକା ପ୍ରୀତିଲତା ପଣ୍ଡା ଓ ଅଧାପିକା ଦେବସ୍ମିତା ମିଶ୍ର କବିତା ସଂଯୋଜନା କରିଥିଲେ। ବିଶିଷ୍ଟ କବୟିତ୍ରୀ ବିଦ୍ୟୁତ୍ ପ୍ରଭାଙ୍କ ସ୍ମୃତିରେ ୩ୟ ସନ୍ଧ୍ୟା ମଞ୍ଚକୁ ଉତ୍ସର୍ଗ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ସ୍ୱାଗତ ଭାଷଣ ଓ ତେଜସ୍ୱିନୀ ମହିଳା ସଙ୍ଗଠନ ର ସଭାନେତ୍ରୀ କଳ୍ପନା ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହୋତ୍ସବର ଉପସଭାପତି, କବୟିତ୍ରୀ ଓ ଶିକ୍ଷୟିତ୍ରୀ ମନୋରମା ରାୟ ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ଭାଷଣ ସଙ୍ଗୀତ ପରିବେଷଣ କରିଥିଲେ ଓ ତେଜସ୍ୱିନୀ ମହିଳା ସଙ୍ଗଠନ ସମ୍ପାଦିକା ଅଞ୍ଜନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ୨ସଂଗଠନର ମାର୍ଗଦର୍ଶକ ଓ ମହୋତ୍ସବ କମିଟି ର ସମ୍ପାଦକ ରବିନାରାୟଣ ଖିଲାର, ଆବାହକ ନୀହାର ରଞ୍ଜନ କର, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ବାରିକ ପ୍ରମୁଖ ମଞ୍ଚ ଓ ମହୋତ୍ସବ ପରିଚାଳନା କରିଥିଲେ। ସୁଦର୍ଶନ ନାୟକ ପରିଚାଳିତ ଦର୍ଶନ ସାଂସ୍କୃତିକ ଏକାଡେମୀ, ଭଦ୍ରକର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଓଲଙ୍ଗ ଓଏଭି ପକ୍ଷରୁ ଦହି ସରବତ ବଣ୍ଟନ



ଭଦ୍ରକ, ୫।୫(ସମିସ): ପ୍ରଚଣ୍ଡ ରୌଦ୍ର ତାପକୁ ଦୃଷ୍ଟିରେ ରଖି ଓଲଙ୍ଗ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଏକ ସାମାଜିକ ସେବାମୂଳକ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଫିସରୀ ଛକଠାରେ ଦହି ସରବତ ବଣ୍ଟନ କରାଯାଇଛି। ବିଦ୍ୟାଳୟ ଅଧକ୍ଷ ମାନସ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ମିଳିତ ଭାବେ 'ଦହି ସରବତ ବଣ୍ଟନ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ପ୍ରାୟ ହଜାରେ ଯାତ୍ରୀ ଓ ସ୍ଥାନୀୟ ଲୋକମାନଙ୍କୁ ସେବା ପ୍ରଦାନ କରାଯାଇଥିଲା।

# ଶ୍ରୀ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ସମୂହ ବ୍ରତୋପନୟନ

ଜଳେଶ୍ୱର, ୫।୫ (ସମିସ): ଜଳେଶ୍ୱର ଶ୍ରୀ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ମଙ୍ଗଳବାର ଦିନ ସମୂହ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ରାଜ୍ୟ ତଥା ରାଜ୍ୟ ବାହାର ସ୍ୱଚ୍ଛଳ ନ ଥିବା ବ୍ରାହ୍ମଣ ପିଲା ମାନଙ୍କର ବ୍ରତଘର ସାଇ ମନ୍ଦିର ସ୍ଥିତ ପ୍ରଶାନ୍ତି ପ୍ରଜ୍ଞା ପ୍ରକୋଷ୍ଠ ପରିସରରେ ଅନୁଷ୍ଠିତ ହୋଇଥିବା ବେଳେ ସାଇ ସମିତି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ବ୍ରତଘର ହୋଇଥିବା ବ୍ରହ୍ମଚାରୀ ମାନେ ହେଲେ ପଶ୍ଚିମବଙ୍ଗର ଦାନ୍ତୁନ ଥାନା କୁସୁମୀ ଗ୍ରାମର ରାଜ କିଶୋର ପଣ୍ଡା, ସାଇପୁର ଗ୍ରାମର ସୁବ୍ରତ ପଣ୍ଡା, ସଡରଙ୍ଗ ଗ୍ରାମର ଦୀପମ ନନ୍ଦ, ଦୀଘା ଥାନା ମିର୍ଜାପୁର ଗ୍ରାମର ଅତନୁ ପଣ୍ଡା, ଜଳେଶ୍ୱର ଥାନା ଶାନ୍ତିଆ ଗ୍ରାମର ଶଙ୍କର ପଣ୍ଡା, ଦୀପୁ ପଣ୍ଡା, ଗବରଘଟା ଗ୍ରାମର ଶିବଶଙ୍କର ଆଚାର୍ଯ୍ୟ, ଭୋଗରାଇ ଥାନା ଜଳେଶ୍ୱରପୁର ଗ୍ରାମର ଶୁଭଶଙ୍କର ଆଚାର୍ଯ୍ୟ ପ୍ରମୁଖ ୮ଜଣଙ୍କ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ସକାଳେ ସୁବର୍ଣ୍ଣରେଖା ନଦୀରୁ ସମ୍ମିଳିତ ଘଟ ଉତୋଳନ ସହିତ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ସାଇ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା। ଜଳେଶ୍ୱର ସତ୍ୟସାଇ ସଂଗଠନର ସାହାଯ୍ୟରେ ଏହି କାର୍ଯ୍ୟକ୍ରମ ୧୯ବର୍ଷ ଧରି ବହୁ ବ୍ରାହ୍ମଣ ପିଲାମାନଙ୍କର ବ୍ରତଘର କରାଯାଇ ଆସୁଅଛି। ଫଳରେ ବହୁ ଗରିବ ବ୍ରାହ୍ମଣ ଉପକୃତ ହେଉଥିବା ଜଣାଯାଇଛି।

# କଲଚରାଲ କାନଭାସ ଏକାଡେମୀର ବାର୍ଷିକ ଉତ୍ସବ

ବାଲେଶ୍ୱର, ୫।୫ (ସମିସ): ଦୁଇ ଦିନ ଧରି କଲଚରାଲ୍ କାନଭାସ ଏକାଡେମୀ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ, ନାଚ, ଗୀତ ଇତ୍ୟାଦି ପ୍ରତିଯୋଗିତା ଆୟୋଜନ କରାଯାଇ ବିଚାରକ ମଣ୍ଡଳୀ ଦ୍ୱାରା ବିଜେତା ଚୟନ କରାଯାଇଥିଲା। ଅନୁଷ୍ଠାନ ସଭାପତି ଡ. ବିଜୟ ମହାକୁଡ଼ଙ୍କ ପୌରୋହିତ୍ୟରେ ଏକ ସଭା ଆୟୋଜନ କରାଯାଇଥିଲା। ସଭାକୁ ଉଦ୍‌ଘାଟନ କରିଥିଲେ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ। ଉଦଘାଟକ ସହ ଅନୁଷ୍ଠାନ ସଭାପତି ନାଟ୍ୟକାର, ଗବେଷକ ବିଜୟ ମହାକୁଡ଼,



ଉପଦେଷ୍ଟା ସାହିତ୍ୟିକ, ଗୀତିକାର, ନାଟ୍ୟକାର ପୀତାମ୍ବର ଦାସ, ଅନୁଷ୍ଠାନ ଅଧକ୍ଷା ଜ୍ୟୋର୍ତିମୟୀ ରଣା, ଉପସଭାନେତ୍ରୀ ଶୁଭଶ୍ରୀ ଦାସ, ସମ୍ପାଦକ ପ୍ରକାଶ ଦାସ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ପୀତାମ୍ବର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ। ଉପଦେଷ୍ଟା ପୀତାମ୍ବର ଦାସଙ୍କ ତତ୍ତ୍ୱାବଧାନରେ ଏକ କବିତା ପାଠ ଉତ୍ସବ ପାଳନ କରାଯାଇଥିଲା। ଡ. ରାଧା ରଞ୍ଜନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ମୁଖ୍ୟ ଅଥିତି ଡ. ଭାଗବତ ଦାସ ମୁଖ୍ୟ ଅତିଥି, ଡ. ଜ୍ୟୋତ୍ସ୍ନା ରାୟ, ପଦ୍ମଲୋଚନ ପ୍ରଧାନ, ମଧୁସୂଦନ ମିଶ୍ରଙ୍କ ସଂଯୋଜନାରେ ଚାଳିଶରୁ ଉର୍ଦ୍ଧ୍ୱ କବି ଓ କବୟତ୍ରୀ କବିତା ପାଠ କରିଥିଲେ। ସଭାପତି ବିଜୟ ମହାକୁଡ଼ଙ୍କ ସଭାପତିତ୍ୱରେ ସଭା ଆରମ୍ଭ କରାଯାଇ ସମ୍ପାଦକ ପ୍ରକାଶ ଦାସ ଅଧିକାରୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

# ମା' ସ୍ୱପ୍ନେଶ୍ୱରୀ ମଙ୍ଗଳା ମନ୍ଦିର କମିଟି ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର, ୫।୫(ସମିସ): ସହର ଉପକଣ୍ଠ ଫକୀରମୋହନ ନଗର ସ୍ଥିତ ମା' ସ୍ୱପ୍ନେଶ୍ୱରି ମଙ୍ଗଳା ମନ୍ଦିର କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବେଣୁ ମାଧବ ଶତପଥୀ ଓ ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ କୁମାର ଚକ୍ରବର୍ତ୍ତୀ ମିଳିତ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରକ୍ତ କେନ୍ଦ୍ର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କମିଟି ସଭାପତି ଲକ୍ଷ୍ମୀଧର ପଣ୍ଡା ଓ ସମ୍ପାଦକ ତଥା ଅବସରପ୍ରାପ୍ତ ବାୟୁ ସେନା ଅଧିକାରୀ ରମେଶ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୧୯ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।



# ମହୁମାଛି ଆକ୍ରମଣରେ ୨ ଗୁରୁତର

ନୀଳଗିରି, ୫।୫ (ସମିସ): ମହୁମାଛି ଆକ୍ରମଣରେ ଦୁଇ ଜଣ ଗୁରୁତର ଅବସ୍ଥାରେ ନୀଳଗିରି ମେଡ଼ିକାଲକୁ ଆସିଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରେମୁଣା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ବାଲେଶ୍ୱର ଅଞ୍ଚଳର ସାର୍ଥକ ରଞ୍ଜନ ଦାସ ରଞ୍ଜନ ବେହେରା ମିତ୍ରପୁରରୁ ନୀଳଗିରି ଆସୁଥିବା ବେଳେ ଧୋବାସିଳା ନିକଟରେ ମହୁମାଛି ଅତର୍କିତ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତୁରନ୍ତ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ପାଖ ପାଖି ଦୁଇ ଶହରୁ ତିନିଶହ ମହୁମାଛି ଆକ୍ରମଣ କରିଥିବା ଦେଖିବାକୁ ମିଳିଥିଲା।

# ଦଶମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

ନୀଳଗିରି, ୫।୫ (ସମିସ): ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଜୁରିଆ ପାଟଣା ଗ୍ରାମର ମନୋରଞ୍ଜନ ମଲ୍ଲିକଙ୍କ ପୁଅ ବବୁଲ ମଲ୍ଲିକ ଚଳିତ ମାଟ୍ରିକ ପରୀକ୍ଷା ରେ ପାସ କରିଥିଲେ। କୌଣସି କାରଣରୁ ଆଜି ରାତି ପ୍ରାୟ ୮ ଘଟିକା ସମୟରେ ମାନସିକ ଭାରସାମ୍ୟ ହରାଇ ନିଜ ଘର ଭିତରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ନୀଳଗିରି ମେଡିକାଲକୁ ଆଣିଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନୀଳଗିରି ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବେଳେ ଆସନ୍ତା ୬ରେ ବ୍ୟବଚ୍ଛେଦ ହେବ ବୋଲି ଜଣା ପଡ଼ିଛି।

# ୩ ଟପ୍ପରଙ୍କୁ ପୂର୍ବତନ ବିଧାୟକଙ୍କ ସମ୍ବର୍ଦ୍ଧନା

ନୀଳଗିରି, ୫।୫(ସମିସ): ଚଳିତ ମାଟ୍ରିକ ବୋର୍ଡ ପରୀକ୍ଷାରେ ରାଜ୍ୟ ଓ ନୀଳଗିରି ଉପଖଣ୍ଡରେ ୩ ଟପ୍ପରଙ୍କୁ ଆଜି ନୀଳଗିରି ର ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ସମ୍ବର୍ଦ୍ଧିତ କରିଛନ୍ତି। ସେମାନେ ହେଲେ ନୀଳଗିରି ସାରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଛାତ୍ର ତଥା ଔପଦା ବ୍ଲକ ବାଉଁଶ ବଣିଆ ଗ୍ରାମର ଆୟୁଷ୍ମାନ ଦାସ ସର୍ବାଧିକ ୫୮୨ ନମ୍ବର ରଖି ଏ -୧ ରେ ପାସ କରି ରାଜ୍ୟସ୍ତରରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ବେଳେ, ଉକ୍ତ ବ୍ଲକ ଫତେପୁର ପଞ୍ଚାୟତ ର ଛାତ୍ର ରଶ୍ମିରଞ୍ଜନ ବାରିକ ୫୮୦ ରଖି ଏ -୧, ଜ୍ୟୋତିର୍ମୟୀ ବାରିକ ୫୬୯ ରଖି ଏ -୧ ରେ ଉତ୍ତୀର୍ଣ୍ଣ ହୋଇ ଟପ୍ପର ହୋଇଛନ୍ତି। ଏ ନେଇ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ସମସ୍ତ ମେଧାବୀଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧିତ କରିବା ସହିତ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଉକ୍ତ ଛାତ୍ର ଛାତ୍ରୀ ମାନେ ସମସ୍ତ ଶ୍ରେୟ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ, ପିତା, ମାତାଙ୍କୁ ଦେଇଛନ୍ତି। ଭବିଷ୍ୟତ ରେ ଜଣେ ଜଣେ ଦେଶର ସେବକ ସେବିକା ହେବେ ବୋଲି କହିଛନ୍ତି।

# କଳା କ୍ଷେତ୍ରରେ ସମର କ୍ୟାମ୍ପ୍ ଉଦ୍‌ଘାଟିତ

ବାଲେଶ୍ୱର, ୫।୫(ସମିସ): ଚାରୁ ଓ କାରୁକଳା ମହାବିଦ୍ୟାଳୟ ଏବଂ ଫକୀରମୋହନ ଆର୍ଟିଷ୍ଟିକ କ୍ରାଫ୍ଟ ସ୍କୁଲ ଓ ଇନ୍‌ଟାକ ବାଲେଶ୍ୱର ଚାପଟର ମିଳିତ ସହଯୋଗରେ ଆର୍ଟ ଓ କ୍ରାଫ୍ଟର ସମର କ୍ୟାମ୍ପ ମହାବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଇନ୍‌ଟାକ ଚାପଟର ବାଲେଶ୍ୱରର କନ୍‌ଭେନର ଉଦୟ ନାରାୟଣ ଦାସ ଯୋଗ ଦେଇ ସମର କ୍ୟାମ୍ପକୁ ଉଦ୍‌ଘାଟନ କରି ସମର କ୍ୟାମ୍ପ ମାଧ୍ୟମରେ ଛାତ୍ରଛାତ୍ରୀଙ୍କର ଅର୍ନ୍ତନିହିତ



କଳାକୁ ପରିପ୍ରକାଶ କରିବାରେ ଏହା ଏକ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଡାକ୍ତର ଦେବାଶିଷ ମିସ୍ତ୍ରୀ, ଅଧ୍ୟାପକ ଦୈତାରୀ ବେହେରା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧକ୍ଷ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିବା ସହିତ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ୟାମ୍ପରେ ୩ରୁ ୧୦ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଏଥିରେ ଚିତ୍ରକଳା, ଜଳରଙ୍ଗ ଚିତ୍ର, ଟେରାକୋଟା, ମାଟି କାମ, ଫୁଲ ତିଆରି ଓ ପଟ୍ଟଚିତ୍ର ସକାଳ ୭ ରୁ ୯ ଘଟିକା ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଶିକ୍ଷା ପ୍ରଦାନ କରାଯିବ। ଏହି କ୍ୟାମ୍ପରେ ବହୁଳ ମାତ୍ରାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବାକୁ ଅଧକ୍ଷ ଶ୍ରୀ ଦାସ ସୂଚନା ଦେଇଛନ୍ତି।

# ପୁନରୁଦ୍ଧାର ସତ୍ତ୍ୱେ ସାଇଫନ ଦଳପୂର୍ଣ୍ଣ

ବାରିକପୁର, ୫।୫(ସମିସ)

ଭଣ୍ଡାରିପୋଖରୀ ବ୍ଲକ ପରିସୀମା ମଧ୍ୟରେ ରହିଥିବା ଡ୍ରେନେଜ ନାଳ ଗୁଡିକର ପୁନଃରୁଦ୍ଧାର କାର୍ଯ୍ୟ ଜାରି ରହିଛି। ବିଶେଷକରି ଜଳ ନିଷ୍କାସନ ପାଇଁ ଗୁରୁତ୍ୱ ବହନ କରୁଥିବା ପର୍ବତୀ ସାଇଫନ ସଂଲଗ୍ନ ଡ୍ରେନେଜ ନାଳର ସଫେଇ କାର୍ଯ୍ୟ ଶେଷ ହୋଇଥିବା ଜଣାପଡ଼ିଛି। ଏହି ନାଳଦେଇ ସୁଦୂର ମଞ୍ଜୁରୀରୋଡ଼ ଠାରୁ ମଞ୍ଜୁରୀ ଯାଏଁ ବର୍ଷା ଦିନିଆ ଉଦ୍‌ବୃତ୍ତ ଜଳ ନିଷ୍କାସିତ ହୋଇଥାଏ। ପ୍ରତ୍ୟେକ ବର୍ଷ ଜଳ ନିଷ୍କାସନରେ ବାଧା ଉପୁଜିବାରୁ ନାଳଟିର ପୁନରୁଦ୍ଧାର ପାଇଁ ବାରମ୍ବାର ଦାବି ହେଉଥିଲା। ତେଣୁ ଚଳିତ ବର୍ଷ ଡ୍ରେନେଜ ବିଭାଗ ପକ୍ଷରୁ ଉକ୍ତ ନାଳର



ପୁନରୁଦ୍ଧାର କାର୍ଯ୍ୟ ହୋଇଛି। ମାଳଦା ନିକଟସ୍ଥ ସରତା ପୋଲ ଠାରୁ ଜୋରାଗଡ଼ିଆ, ଗିଲପଦୀ, ନପଙ୍ଗ, ଖଡ଼ିଶିଙ୍ଗା, ଲକ୍ଷ୍ମୀସାଗର ଦେଇ ପର୍ବତୀ ସାଇଫନ ଯାଏଁ ନାଳ ସଫେଇ ହୋଇଥିବା ବିଭାଗ କହିଛି। ପ୍ରକୃତ ପକ୍ଷେ ନାଳଟି ଯେଉଁଭଳି ପୁନରୁଦ୍ଧାର ହେବା କଥା ତାହା ହୋଇନଥିବା ଲୋକେ କହିଛନ୍ତି। କିଛି ଜାଗାରେ ନାଳ ସଫେଇ ସାମାନ୍ୟ ଆଖିଦୃଶିଆ ହୋଇଥିବା ବେଳେ ଆଉକିଛି ସ୍ଥାନରେ ନାଳରୁ ସ୍ୱଳ୍ପ ମାଟି ଉଠାଯାଇଛି। କିଛି ଜାଗାରେ ଏବେ ବି ଅମରୀ ବଣ ରହିଛି। ବିଶେଷ କରି ପର୍ବତୀ ସାଇଫନ ଠାରୁ ପ୍ରାୟ ୧୦୦ ମିଟର ଯାଏଁ ଦଳ ସଫା ହୋଇଥିଲେ ସୁଦ୍ଧା ବର୍ଷାଦିନ ପୂର୍ବରୁ ଏବେ ପୁଣି ସେଠାରେ ଦଳ ଭର୍ତି ହୋଇଗଲାଣି। ସାଇଫନ ନିକଟରେ କୁଜି ବରୁଆଁ ଓ ଦଳ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହା ଜଳ ନିଷ୍କାସନରେ ଘୋର ବାଧା ସୃଷ୍ଟି କରିବ। ବିଗତ ୨/୩ ମାସ ମଧ୍ୟରେ ଦଳ ସଫା ହୋଇଥିବା ବିଭାଗୀୟ ଯନ୍ତ୍ରୀ କହିଥିଲେ ମଧ ପୁଣି କେଉଁ କାରଣରୁ ସାଇଫନ ସ୍ଥାନଟି ଜରାଜୀର୍ଣ୍ଣ ହେବାକୁ ଯାଉଛି ତାହା ବୁଝା ପଡୁନାହିଁ। ତେଣୁ ବର୍ଷାଦିନ ଆସିବା ପୂର୍ବରୁ ସାଇଫନ ମୁହଁରୁ ସମ୍ପୂର୍ଣ୍ଣ ଦଳ ସଫା ପାଇଁ ଦାବି ହୋଇଛି।

## ୧୭୨ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ସମାରୋହ

# ବିପ୍ଳବୀ ଧରଣୀଧର ଗର୍ବ ଓ ଗୌରବର ପ୍ରତୀକ








କେନ୍ଦୁଝର,୫।୫(ସମିସ)

କେନ୍ଦୁଝରର ବରପୁତ୍ର ତଥା ମହାନ ବିପ୍ଳବୀ ଧରଣୀଧରଙ୍କ ୧୭୨ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ମଙ୍ଗଳବାର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଓ ଭୂୟାଁ ସାଂସ୍କୃତିକ ସଂଗଠନ ସହଯୋଗରେ ମହାସମାରୋହରେ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରେକ୍ଷାଳୟଠାରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ନିତ୍ୟାନନ୍ଦ ଗଣ୍ଡ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଦୈତାରୀ ନାଏକ, ସମ୍ମାନିତ ଅତିଥିଭାବେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ, ଭୂୟାଁ ସାଂସ୍କୃତିକ ସଂଗଠନର ସଭାପତି ହରିଶଙ୍କର ନାଏକ, ସମ୍ପାଦକ ଶ୍ୟାମସୁନ୍ଦର ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ମାନସ ନାଏକ ଓ ମୁଖ୍ୟବକ୍ତା ଭାବେ ଗବେଷକ ପଣ୍ଡିତ ଦୈତାରୀ ମହାପାତ୍ର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ଗଣ୍ଡ ବିପ୍ଳବୀ ଧରଣୀଧର କେନ୍ଦୁଝରର ଗର୍ବ ଓ ଗୌରବ, ସ୍ପର୍ଦ୍ଧା ଓ ସ୍ୱାଭିମାନର ପ୍ରତୀକ ବୋଲି କହିଥିଲେ। ଇଂରେଜ୍ ସମର୍ଥିତ ରାଜତନ୍ତ୍ରର ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ଧରଣୀଧରଙ୍କ ସଂଗ୍ରାମ ଭାରତ ଇତିହାସରେ ଏକ ଯୁଗାନ୍ତକାରୀ ଘଟଣା। ଉପବାଚସ୍ପତି ଶ୍ରୀ ଭୋଇ ଧରଣୀଧରଙ୍କୁ ଅତ୍ୟାଚାରିତ ସମାଜର ତ୍ରାଣକର୍ତ୍ତା ଭାବେ ବର୍ଣ୍ଣନା କରିବା ସହ ରାଜତନ୍ତ୍ରର ଅନ୍ୟାୟ, ଅନୀତି, ବେଠି, ବ୍ୟଭିଚାର ଏବଂ ପ୍ରଜାବିରୋଧୀ ଶାସନ ବିରୋଧରେ କିପରି ଆଦିବାସୀମାନଙ୍କୁ ସଂଗଠିତ କରି ବିପ୍ଳବ କରିଥିଲେ ତାହା ଅବତାରଣା କରିଥିଲେ। ଧରଣୀଧରଙ୍କ ଆଦର୍ଶକୁ ପାଥେୟ କରି କାର୍ଯ୍ୟ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ନାଏକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ବିପ୍ଳବୀ ଧରଣୀଧରଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ। ଭୂୟାଁ ସାଂସ୍କୃତିକ ସଂଗଠନ କେନ୍ଦୁଝରର ସମ୍ପାଦକ ଶ୍ୟାମସୁନ୍ଦର ନାଏକ ବିବରଣୀ ଉପସ୍ଥାପନ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାଏକ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସାର୍ଥକ ରାୟ ସଂଚାଳନା କରିଥିଲା ବେଳେ ପ୍ରକଳ୍ପ ନିର୍ଦ୍ଦେଶକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର ଶିବଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିପ୍ଳବୀ ଧରଣୀଧରଙ୍କ ଜୀବନାଦର୍ଶର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୁଆଲି ଅଞ୍ଚଳର ଶ୍ରୀଯୁକ୍ତ କବିନ୍ଦ୍ର ନାଏକଙ୍କୁ 'ଧରଣୀଧର ସମ୍ମାନ' ପ୍ରଦାନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା/ଉତ୍କର୍ଷ ହାସଲ କରିଥିବା ଜନଜାତି ବର୍ଗର ବ୍ୟକ୍ତିବିଶେଷ, ଅନୁଷ୍ଠାନ, ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୫ ମସିହା ହାଇସ୍କୁଲ୍ ସାର୍ଟିଫିକେଟ୍ ପରୀକ୍ଷାରେ କେନ୍ଦୁଝର ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ଜନଜାତି ବର୍ଗର ଛାତ୍ରଛାତ୍ରୀ, ଭୂୟାଁ ବର୍ଗର ଛାତ୍ରଛାତ୍ରୀ, +୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ, ୨ ଜଣ ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ନେକେଡାଘର ଓ ଜେଲ ରୋଡ ସମେତ ବିଭିନ୍ନ ସ୍ଥାନରେ ଥିବା ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ବରେଣ୍ୟ ଅତିଥିଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା ଏବଂ ସକାଳେ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା।

## ଧରଣୀଧର ବିଶ୍ୱବିଦ୍ୟାଳୟରେ ଜୟନ୍ତୀ ପାଳିତ

କେନ୍ଦୁଝର, ୫।୫(ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟରେ ବିପ୍ଳବୀ ଧରଣୀଧର ନାଏକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସକାଳେ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିପ୍ଳବୀ ଧରଣୀଧର ନାଏକଙ୍କ ପ୍ରତିମୂର୍ତ୍ତି ଓ ଅନ୍ୟାନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ବିଶ୍ୱବିଦ୍ୟାଳୟରର କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଇଡିପି ଡକ୍ଟର ପ୍ରଭୁପ୍ରସାଦ ଦାସ ଓ କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି ଯୋଗ ଦେଇଥିଲେ। ଧରଣୀଧରଙ୍କର ତ୍ୟାଗପୂତ ଜୀବନର ପ୍ରସାରରେ ଲାଗିଥିବା ତ୍ରିଲୋଚନ ନାଏକଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତା ଓ ବୈଷୟିକ ଜ୍ଞାନ ପ୍ରତିଯୋଗିତାରେ କୃତକାର୍ଯ୍ୟ ପ୍ରତିଯୋଗୀଙ୍କୁ କୁଳପତି ପୁରସ୍କାର ପ୍ରଦାନ



ସଭାଗୃହଠାରେ କୁଳପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ପରିଚୟ ପ୍ରଦାନ ଓ ବିପ୍ଳବୀ ଧରଣୀଧର ନାଏକଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ଜୟନ୍ତୀ ପାଳନ କମିଟିର ସଂଯୋଜକ ଡକ୍ଟର ସୁମନ୍ତ୍ର ନାଏକ। ଅନ୍ୟତମ ଅତିଥି ଭାବରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ କରିଥିଲେ। ପରିଚାଳନା କରିଥିଲେ ନୀରୋଜା ନଳିନୀ ନାୟକ, ବିଜୟ କୁମାର ଦାସ, ରଶ୍ମିତା ନାୟକ, ସୁଶ୍ରୀ ଗୀତାଞ୍ଜଳି ନାୟକ, ଲେଫଟନାଣ୍ଟ ସଲମା କିସ୍କୁ। ଧନ୍ୟବାଦ ଅର୍ପଣ କରିଥିଲେ ଆକାଙ୍କ୍ଷା ପୃଷ୍ଟି। ସଭା ସଂଯୋଜନା କରିଥିଲେ ଛାତ୍ରୀ ମାନସୀ ସେଠୀ।

## ନାବାଳିକାଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଯୋଡ଼ା, ୫।୫(ସମିସ): କେନ୍ଦୁଝର ଜିଲ୍ଲାର ଯୋଡ଼ା ୱେଷ୍ଟ ଲେବର କୋଲନୀରୁ ମଙ୍ଗଳବାର ସକାଳୁ ଏକ ନାବାଳିକା ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏହା ପଛରେ କାରଣ ଅସ୍ପଷ୍ଟ ରହିଛି। କୌଣସି କାରଣରୁ ନାବଳିକା ଜଣଙ୍କ ନିଜ ଓଢ଼ଣିରେ ଫାଶୀ ଲଗେଇ ଝୁଲି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ପୁଲିସକୁ ଖବର କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠେଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ଆତ୍ମହତ୍ୟାର କାରଣ ଦିଗରେ ତଦନ୍ତ କରୁଥିବା ଜଣାପଡ଼ିଛି।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗ; ଯୁବକ ଗିରଫ

ତୁରୁମୁଙ୍ଗା, ୫।୫(ସମିସ): ତୁରୁମୁଙ୍ଗା ଥାନା ଅଞ୍ଚଳରେ ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରି ପରେ ବିବାହକୁ ମନା କରିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଡେଣ୍ଡୁଆଁ ଗ୍ରାମର ଜଣେ ଯୁବତୀଙ୍କ ସହ ଅଭିଯୁକ୍ତ ଜଣକ ଦୀର୍ଘଦିନ ଧରି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ବିବାହ କରିବାକୁ ଅସ୍ୱୀକାର କରିବାରୁ ଯୁବତୀ ଥାନାରେ ପ୍ରତାରଣା ଅଭିଯୋଗ ଦାଖଲ କରିଥିଲେ। ତୁରୁମୁଙ୍ଗା ପୁଲିସ ମାମଲା ରୁଜୁ କରି ତଦନ୍ତ କରି ମଙ୍ଗଳବାର ଅଭିଯୁକ୍ତ ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ଼ ଥାନା ଅଧୀନ ତଳଗାଁ ଗ୍ରାମର ଆଶିଷ ମଣ୍ଡଳ (୨୮)କୁ କୋର୍ଟ ଚାଲାଣ କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ୧୧୩/୨୬ରେ ମାମଲା ରୁଜୁ ହୋଇଛି। ଅତିରିକ୍ତ ଥାନାଧିକାରୀ ସବିତା ନାଏକ ତଦନ୍ତ କରୁଛନ୍ତି।

## ଚୋରା ମଦ ଜବତ, ୩ ଗିରଫ

ହାଟଡ଼ିହୀ, ୫।୫(ସମିସ): କେନ୍ଦୁଝର ଅବକାରୀ ଅଧୀକ୍ଷକ ତେଜରାଜ ଯାନୀଙ୍କ ନିର୍ଦ୍ଦେଶକ୍ରମେ ହାଟଡିହୀ ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହୀ ଅବକାରୀ ଥାନା ଷ୍ଟାଫ୍‌ଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ନନ୍ଦିପଦା ଓ ସୋସୋ ଥାନା ଅନ୍ତର୍ଗତ ସୁନ୍ଦରପାଳ, ପୁରୁଣାପାଣି, ଷଡ଼ଙ୍ଗୀ ଓ ସୋସୋ ଅଞ୍ଚଳରେ ଚଢ଼ଉ କରି ୩୪ଲିଟର ଦେଶୀ ମହୁଲିମଦ ଓ ୨୦.୧୦୦ ଲିଟର ବିଦେଶୀ ମଦ ଜବତ କରିବା ସହ ଉକ୍ତ ଗ୍ରାମର ହାଜମ ମାରାଣ୍ଡି, ସବେନ ବେସରା, ଅଶୋକ ସୋରେନ ଓ ବ୍ରହ୍ମାନନ୍ଦ ସିଂଙ୍କ ନାମରେ ହାଟଡିହୀ ଅବକାରୀ ବିଭାଗ ପକ୍ଷରୁ ୪ଟି ଅବକାରୀ ମାମଲା ରୁଜୁ କରାଯାଇଛି। ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଉକ୍ତ ଚଢ଼ଉରେ ହାଟଡିହୀ ଅବକାରୀ ଥାନା ସହ ଉପନିରୀକ୍ଷକ ସୁଶାନ୍ତ ରାଉତ କନେଷ୍ଟବଳ ଜଗମୋହନ ବେହେରା, ଆରତି ବେହେରା, ସୁରେଶ ବେହେରା ଓ ଅନ୍ୟ ଷ୍ଟାଫ୍ ସାମିଲ ଥିଲେ।

## ଜଙ୍ଗଲରେ ନିଆଁ ଲଗାଇ ୩ ଗିରଫ



କେନ୍ଦୁଝର, ୫।୫(ସମିସ): ପୋଡୁ ଚାଷ ପାଇଁ ଗଛ କାଟି ନିଆଁ ଲଗାଇବା ଘଟଣାରେ ବନ ବିଭାଗ ୨ଟି ମାମଲାରେ ୩ ଜଣଙ୍କୁ ଗିରଫ କରିଛି। ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ କାଞ୍ଜିପାଣି ସେକସନ କଖାରୁଆ ଡିପିଏଫ୍ ଜଙ୍ଗଲରେ ପୋଡୁ ଚାଷ ପାଇଁ ଶାଳ ଓ ଅନ୍ୟାନ୍ୟ ୧୧୦ରୁ ଅଧିକ ଗଛ କାଟି ନିଆଁ ଲଗାଇବା ଘଟଣାରେ ଲୁଙ୍ଗାଝର ଗ୍ରାମର ଲାଲମୋହନ ଦନାଏକ (୫୯)କୁ ଗିରଫ କରିଛି। କଖାରୁଆ ଡିପିଏଫ୍‌ରେ ଲାଲାମୋହନ ଦନାଏକ ଏବଂ ଅନ୍ୟ କେତେକ ଲୋକ ଶତାଧିକ ପୁରୁଣା ଗଛ କାଟ ନିଆଁ ଲଗାଇଥିଲେ। ଏହି ଘଟଣାରେ ବନ ବିଭାଗ ଓଆର କେସ ନମ୍ବର ୭ ଅଫ୍ ବିଜେ ୨୦୨୬-୨୭ରେ ମାମଲା ରୁଜୁ କରି ଲାଲମୋହନ ନାଏକଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ସେହିପରି ତେଲକୋଇ-କାଞ୍ଜିପାଣି ପୂର୍ତ୍ତ ବିଭାଗ ରାସ୍ତା ପାଶ୍ୱର୍ର କାଞ୍ଜିପାଣି ସଂରକ୍ଷିତ ଜଙ୍ଗଲରେ କାଞ୍ଜିପାଣି ଗ୍ରାମର ଶିରପାଣି ଜୁଆଙ୍ଗ (୪୫) ଏବଂ ସୁବା ଜୁଆଙ୍ଗ (୪୨) ପୋଡୁ ଚାଷ ପାଇଁ ପାହାଡରେ ଶତାଧିକ ଗଛ କାଟି ନିଆଁ ଲଗାଇ ଦେଇଥିଲେ। ବନ ବିଭାଗ ସୂଚନା ପାଇଁ ଓଆର କେସ ନମ୍ବର ୮ ବିଜେ ଅଫ୍ ୨୦୨୬-୨୭ରେ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜେଏମଏଫସି କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଗିରଫ ୩ ଜଣଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ୍ ଏଚ୍‌ଡିଙ୍କ ନିର୍ଦ୍ଦେଶକ୍ରମେ ଜଙ୍ଗଲ ନିଆଁ ରୋକିବା ପାଇଁ ଏକ ସ୍କ୍ୱାଡ ଗଠନ କରାଯାଇଛି। ସ୍କ୍ୱାଡରେ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ନୟନକାନ୍ତ ସାହୁ, କାଞ୍ଜିପାଣି ବନପାଳ ସାବିତ୍ରୀ ସାହୁ, କାଞ୍ଜିପଣି ବିଟ୍ ବନରକ୍ଷୀ ଯୋଗେନ୍ଦ୍ର ନାୟକ, ତଣ୍ଡିଯୋଡା ବିଟ୍ ବନରକ୍ଷୀ ଶ୍ରାବଣୀ ମହାନ୍ତଙ୍କ ସମେତ ୧୦ ଜଣ ଅଛନ୍ତି।

## ନବୀନଙ୍କୁ ଭେଟିଲେ ଆନନ୍ଦପୁର ନିର୍ବାଚିତ ପ୍ରତିନିଧି



ଆନନ୍ଦପୁର, ୫।୫(ସମିସ): ଆନନ୍ଦପୁର ପୌରପାଳିକାର ନିର୍ବାଚିତ ଲୋକ ପ୍ରତିନିଧିମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। କେନ୍ଦୁଝର ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ କୁମାର ରାମଙ୍କ ନେତୃତ୍ୱରେ ଆନନ୍ଦପୁର ପୌରାଧ୍ୟକ୍ଷା ସୁଶ୍ରୀ ରଜନୀରାଣୀ ଖଟୁଆ, କାଉନସିଲର ଲୀନାରାଣୀ ସାହୁ, ଉର୍ବଶୀ ସାହୁ, ସୁଜିତ ସାହୁ, ନିବେଦିତା ବେହେରା, ମଣିଲତା ରାମ, ରଶ୍ମିତା ବାରି ଦମୟନ୍ତୀ ସେଠୀ ଜୟନ୍ତୀ ବେହେରା, ସୁରେନ୍ଦ୍ର ଦାସ, ଲକ୍ଷ୍ମୀଧର ଦେହୁରୀ ପ୍ରମୁଖ ନବୀନ ନିବାସରେ ସାକ୍ଷାତ କରି ଆଗାମୀ ପୌର ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସତ୍ୟାନନ୍ଦ ମିଶ୍ର ଯୁବନେତା ସତ୍ୟବ୍ରତ ରାମ ବାପି ବେହେରାଙ୍କ ସମେତ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଖତ ଖାଉଛି ଲକ୍ଷ ଲକ୍ଷ ଟଙ୍କାର ଗୋଷ୍ଠୀ ଶୌଚାଳୟ




ଚମ୍ପୁଆ, ୫।୫(ସମିସ): ଚମ୍ପୁଆ ଏନଏସି ପକ୍ଷରୁ ପରିମଳ ବ୍ୟବସ୍ଥାର ସୁଧାର ଆଣିବା ନିମନ୍ତେ କେତେକ ୱାର୍ଡରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିଥିଲେ ମଧ୍ୟ ଆନୁଷଙ୍ଗିକ ଅବ୍ୟବସ୍ଥା ପାଇଁ ନିର୍ମାଣ ପରେ ବି ୱାର୍ଡବାସୀଙ୍କ କାମରେ ଏହି ଶୌଚାଳୟ ଲାଗିପାରି ନଥିବା ଦେଖିବାକୁ ମିଳିଛି। ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ଚମ୍ପୁଆ ଏନଏସିର ୧ ନମ୍ବର ୱାର୍ଡ ଗୋଧୂଳି ଗ୍ରାମରେ ଥିବା ଗୋଷ୍ଠୀ ଶୌଚାଳୟ। ପ୍ରାୟ ୯ ୯ ଭାଗ ଆଦିବାସୀ ଶ୍ରେଣୀର ଲୋକ ବସବାସ କରୁଥିବା ଏହି ୱାର୍ଡରେ ପ୍ରାୟ ୮ ବର୍ଷ ପୂର୍ବରୁ ଏହି ଗୋଷ୍ଠୀ ଶୌଚାଳୟ ଲକ୍ଷାଧିକ ଟଙ୍କା ବ୍ୟୟଅଟକଳରେ ନିର୍ମାଣ କରାଯାଇଥିଲା। ଦୀର୍ଘ ଦିନ ଧରି ଉକ୍ତ ଶୌଚାଳୟକୁ ଜଳ ସଂଯୋଗ ହୋଇପାରି ନଥିଲା। ଫଳରେ ଏହା ଲୋକଙ୍କ ନିମନ୍ତେ ବ୍ୟବହାର ଯୋଗ୍ୟ ହୋଇପାରି ନଥିଲା। ତରବରିଆ ଭାବରେ ନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ ଏହା ଅଳ୍ପ ଦିନ ମଧ୍ୟରେ ନଷ୍ଟ ହେବାକୁ ଆରମ୍ଭ କରିଥିବା ବେଳେ ଏନଏସି ପକ୍ଷରୁ ବ୍ୟବହାର ହୋଉନଥିବା ଏହି ଗୋଷ୍ଠୀ ଶୌଚାଳୟର ମରାମତି ବାବଦକୁ ପୁଣି ଥରେ ଅର୍ଥ ଖର୍ଚ୍ଚ କରାଯାଇଥିଲା। ମାତ୍ର ଜଳ ସଂଯୋଗ କରାଯାଇ ନଥିଲା। ଫଳରେ ଏହି ଗୋଷ୍ଠୀ ଶୌଚାଳୟ ପଡିରହିବା ସହିତ ଚମ୍ପୁଆ ଏନଏସିର ଉନ୍ନତିକୁ ଉପହାସ କରୁଥିବା ଦେଖାଯାଇଛି। ଅନ୍ୟପକ୍ଷରେ ବିଭାଗର ଅଧପନ୍ତରିଆ କାମ କରି ବାଃବାଃ ନେଉଥିବା ବେଳେ ଗୋଧୁଳିର ପରିମଳ ବ୍ୟବସ୍ଥା ଉଜୁଡିବାକୁ ଲାଗିଲାଣି। ବିଭାଗ ଶୌଚାଳୟ ନିର୍ମାଣ କଲା ସତ କିନ୍ତୁ ଲୋକଙ୍କ ପାଇଁ ନିର୍ମାଣ ହୋଇଥିଲେ ମଧ୍ୟ ଲୋକଙ୍କ କାମରେ ଆସୁନଥିବାରୁ କାହିଁକି ବିଭାଗ ଏପରି କରୁଛି ବୋଲି ସ୍ଥାନୀୟ ଲୋକ ପ୍ରଶ୍ନ ଉଠାଇଛନ୍ତି। ଏପରିକି ଜଳ ସଂଯୋଗ ହୋଇପାରି ନଥିବାରୁ ଏହା ଲୋକଙ୍କ କାମରେ ଆସୁନାହିଁ ବୋଲି ୧ ନମ୍ବର ୱାର୍ଡ କାଉନସିଲର ଛତ୍ରପତି ନାଏକ କହିଥିବା ବେଳେ ଏନଏସି ସାନିଟାଇଜ୍ ଏକ୍ସପୋର୍ଟ ସାହାବାଜ ଖାନଙ୍କୁ ପଚାରିବାରୁ କହିଛନ୍ତି ଯେ ବିଭିନ୍ନ ୱାର୍ଡର ସାନିଟେସନ ପାଇଁ ଦିନ ଭାଗ କରାଯାଇଛି, ଆସନ୍ତାକାଲି ସୁଦ୍ଧା ଏଥିପ୍ରତି ଦୃଷ୍ଟି ଦିଆଯିବ।

## କାନପୁର ଉଚ୍ଚବିଦ୍ୟାଳୟ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଆନନ୍ଦପୁର, ୫।୫(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ କାନପୁରସ୍ଥିତ ନନ୍ଦିନୀଦେବୀ ସରକାରୀ ଉଚ୍ଚବିଦ୍ୟାଳୟ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛି। ମୋଟ ୨୯ ଜଣ ପରୀକ୍ଷାର୍ଥୀ ମ୍ୟାଟ୍ରିକ ହାସଲ କରିଛନ୍ତି। ଛାତ୍ରୀଙ୍କ କୃତିତ୍ୱକୁ ନେଇ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଧାନଶିକ୍ଷୟିତ୍ରୀ ମୌସୁମୀ ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି



ପରୀକ୍ଷା ଦେଇଥିବାବେଳେ ଏ୧ରେ ଜଣେ, ବି ୧ରେ ୨ଜଣ, ବି୨ରେ ୮ ଜଣ, ସି୨ରେ ୯ଜଣ, ଡିରେ ୮ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଛାତ୍ରୀ ସ୍ମୃତିରେଖା ଚକ୍ର ୫୪୧ ନମ୍ବର ରଖି ଏ-୧ ଗ୍ରେଡ ପାଇଁ ସଫଳତା ମହେନ୍ଦ୍ର ଚକ୍ର, ପଞ୍ଚଶଖା ଶିକ୍ଷାସେତୁ ସଭାପତି ବାବାଜୀ ଚରଣ ଜେନାଙ୍କ ସହ ସମସ୍ତ କମିଟି ସଦସ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ଶୁଭେଚ୍ଛା ଜ୍ଞାପନ ପୂର୍ବକ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ବୋଲି କାମନା କରିଛନ୍ତି।


## ରାଇତଳା ଗ୍ରାମରେ ବାର୍ଷିକ ନାମଯଜ୍ଞ



ଆନନ୍ଦପୁର, ୫/୫(ସମିସ): ଘସିପୁରା ବ୍ଲକ ଅଳତି ପଞ୍ଚାୟତ ରାଇତଳା ଗ୍ରାମର ରବିନ୍ଦ୍ର ରାଉତଙ୍କ ନେତୃତ୍ୱରେ ତୃତୀୟ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ନିଷ୍ଠାର ସହ ୩ ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ଅଧିବାସ ଓ ଦ୍ୱିତୀୟ ରାତି ନାମଯଜ୍ଞ ହୋଇଥିଲା। ନଣ୍ଡାବର, ବେଲଦା, ନଛିପୁରା ଓ ରାଇତଳା ସଂକୀର୍ତ୍ତନ ଦଳ ନଦିଆ କିର୍ତ୍ତନ ତାଳେତାଳେ ଗ୍ରାମ ପରିକ୍ରମା କରିଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ଭକ୍ତ ନଦିଆ କୀର୍ତ୍ତନ ସହ ଉଦଣ୍ଡ କୀର୍ତ୍ତନ କରିଥିଲେ। ନଗର ଦିନ ଶହ ଶହ ଗୌରଭକ୍ତ ରାଇତଳା ଗ୍ରାମ ପରିକ୍ରମା କରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିପାରିଥିଲେ। ଶ୍ରଦ୍ଧାଳୁ ରାକେଶ ରାଉତ ଦଧିହାଣ୍ଡି ଭାଙ୍ଗି କାର୍ଯ୍ୟକ୍ରମକୁ ସମାପନ କରିଥିଲେ। ଗ୍ରାମର ସମସ୍ତ ଗୌର ଭକ୍ତ ନିଷ୍ଠାର ସହ ସହଯୋଗ କରିଥିଲେ।

## ରତିକାନ୍ତଙ୍କୁ ରାଜ୍ୟ ବିଜେଡି ସମ୍ପାଦକ ଦାୟିତ୍ୱ

ହାଟଡ଼ିହୀ, ୫।୫(ସମିସ): ହାଟଡ଼ିହୀ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତଙ୍କୁ ରାଜ୍ୟ ସମ୍ପାଦକ ଭାବେ ବିଜେଡ଼ି କାର୍ଯ୍ୟାଳୟ ପକ୍ଷରୁ ଏକ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ରତିକାନ୍ତ ପୂର୍ବରୁ ଦୀର୍ଘ ୧୦ ବର୍ଷ ଧରି ଜିଲ୍ଲାର ବିଜେଡ଼ି ଉପସଭାପତି ଦାୟିତ୍ୱ ତୁଲାଇବା ସହ ଗତ ୨୦୧୭ରୁ ୨୦୨୨ ଯାଏଁ ସାଂସଦ ପ୍ରତିନଧି ଭାବେ ଦାୟିତ୍ୱ ବହନ କରିଛନ୍ତି। ପରେ ମହିଳା ସୁରକ୍ଷା କମିଟିର ରାଜ୍ୟ ସଦସ୍ୟ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ବର୍ତ୍ତମାନ ରତିକାନ୍ତ ହାଟଡ଼ିହୀ ବ୍ଲକ ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ବହନ କରୁଥିବା ବେଳେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖି ରାଜ୍ୟ ସମ୍ପାଦକ ଭଳି ଆଉ ଏକ ଦାୟିତ୍ୱ ପ୍ରଦାନ କରିଥିବାରୁ ରତିକାନ୍ତ ବିଜେଡ଼ି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇବା ସହ ମିଳିଥିବା ରାଜ୍ୟ ସମ୍ପାଦକ ଦାୟିତ୍ୱକୁ ସଠିକ୍ ଭାବେ ତୁଲାଇବେ ବୋଲି ସଂକଳ୍ପ ନେଇଛନ୍ତି। ବିଜେଡ଼ି କେନ୍ଦୁଝର ଜିଲ୍ଲାର ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲ୍ଲାପରିଷଦ ସଭ୍ୟ ବିମ୍ବାଧର ବିଶ୍ୱାଳଙ୍କ ସମେତ ଗୌରାଙ୍ଗ ରଣା, ଗୋପାଳ ନାୟକ, ବୀରେନ୍ଦ୍ର ବିଶ୍ୱାଳ, ଅମରେନ୍ଦ୍ର ଧଳ, ଦୀପ୍ତିରଞ୍ଜନ ଦାସ, ଉଦୟନାଥ ସା, ଦିଲ୍ଲୀପ ମଲ୍ଲିକ, ତ୍ରୈଲୋକ୍ୟ ସାହୁ, ପ୍ରଶାନ୍ତ ନାୟକ, ଗଣେଶ ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



## ଆନନ୍ଦପୁର ବିଧାୟକଙ୍କୁ ମିଳିଲା ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ

ଆନନ୍ଦପୁର, ୫।୫(ସମିସ): ବିଧାୟକ ଅଭିମନ୍ୟୁ ସେଠୀଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଏକ ନୂତନ ଦାୟିତ୍ୱ ମିଳିଛି। ତାଙ୍କର ଶୃଙ୍ଖଳିତ ନେତୃତ୍ୱ ଏବଂ ସୁସଂଗଠନ ପାଇଁ ସେ ଏବେବି ନିଜ ନିର୍ବାଚନମଣ୍ଡଳୀର ଆନନ୍ଦପୁର ଓ ହାଟଡ଼ିହୀ ଭଳି ୨ଟି ବ୍ଲକ ସହ ବିଭିନ୍ନ ଜୋନ୍ ଓ ପଞ୍ଚାୟତରେ ମଜବୁତ୍ ସଂଗଠନ ରଖିଛନ୍ତି। ସେ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କ ସମେତ ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇବା ସହ ତାଙ୍କର ଏହି ନୂତନ ଦାୟିତ୍ୱକୁ ସେ ଉଚିତ ଭାବେ ତୁଲାଇବେ ବୋଲି କହିଛନ୍ତି। ବିଜେଡ଼ି କେନ୍ଦୁଝର ଜିଲ୍ଲାର ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲ୍ଲାପରିଷଦ ସଭ୍ୟ ବିମ୍ବାଧର ବିଶ୍ୱାଳ, ଜିଲ୍ଲାପରିଷଦ ସଭ୍ୟା କୌଶଲ୍ୟା ସେଠୀଙ୍କ ସମେତ ସରପଞ୍ଚ ଚିନ୍ମୟ ନାୟକ, ବରିଷ୍ଠ ବିଜେଡ଼ି ନେତା ସୁରେନ୍ଦ୍ର ଜେନା, ବିଶ୍ୱନାଥ ନାୟକ, ଗୌରାଙ୍ଗ ରଣା, ଗୋପାଳ ନାୟକ, ବୀରେନ୍ଦ୍ର ବିଶ୍ୱାଳ ଯୁବନେତା ଅମରେନ୍ଦ୍ର ଧଳ, ଦୀପ୍ତିରଞ୍ଜନ ଦାସ, ଉଦୟନାଥ ସା, ଦିଲ୍ଲୀପ ମଲ୍ଲିକ, ତ୍ରୈଲୋକ୍ୟ ସାହୁ, ପ୍ରଶାନ୍ତ ନାୟକ, ଗଣେଶ ସ୍ୱାଇଁ, ମଦନମୋହନ ନନ୍ଦୀ, ସରପଞ୍ଚ ଅଜିତ ରାଉତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



## ମୟୂରଭଞ୍ଜ ଜିଲ୍ଲା ସଂଯୋଜିକା ଦାୟିତ୍ୱରେ ସାବିତ୍ରୀ

ହାଟଡ଼ିହୀ, ୫।୫(ସମିସ): ହାଟଡ଼ିହୀ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀଙ୍କୁ ମୟୂରଭଞ୍ଜ ଜିଲ୍ଲାର ବିଜୁ ମହିଳା ଜନତା ଦଳର ଜିଲ୍ଲା ସଂଯୋଜିକା ଭାବେ ବିଜେଡ଼ି କାର୍ଯ୍ୟାଳୟରୁ ଦାୟିତ୍ୱ ମିଳିଛି। ପୂର୍ବରୁ ସାବିତ୍ରୀ ଅନେକ ଗୁରୁଦାୟିତ୍ୱ ତୁଲାଇ ଦଳ ସଭାପତିଙ୍କ ପ୍ରିୟଭାଜନ ହୋଇଛନ୍ତି କ୍ଷ ତେବେ, ଚଳିତବର୍ଷ ପୁନର୍ବାର ବିଶ୍ୱାସ ଓ ଆସ୍ଥା ରଖି ଦଳ ସଭାପତି ଆଉ ଏକ ଗୁରୁଦାୟିତ୍ୱ ଦେଇଥିବାରୁ ସେ ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇବା ସହ ମୟୂରଭଞ୍ଜ ଜିଲ୍ଲାର ମହିଳା ସଂଗଠନକୁ ମଜବୁତ୍ କରିବା ପାଇଁ ସଂକଳ୍ପ ନେଇଛନ୍ତି। ତାଙ୍କର ଏହି ନୂତନ ଦାୟିତ୍ୱ ପାଇଁ ବିଜେଡ଼ି କେନ୍ଦୁଝର ଜିଲ୍ଲାର ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲ୍ଲାପରିଷଦ ସଭ୍ୟ ବିମ୍ବାଧର ବିଶ୍ୱାଳଙ୍କ ସମେତ ଗୌରାଙ୍ଗ ରଣା, ଗୋପାଳ ନାୟକ, ବୀରେନ୍ଦ୍ର ବିଶ୍ୱାଳ, ଅମରେନ୍ଦ୍ର ଧଳ, ଦିପ୍ତୀରଞ୍ଜନ ଦାସ, ଉଦୟନାଥ ସା, ଦିଲ୍ଲୀପ ମଲ୍ଲିକ, ତ୍ରୈଲୋକ୍ୟ ସାହୁ, ପ୍ରଶାନ୍ତ ନାୟକ, ଗଣେଶ ସ୍ୱାଇଁ, ଅରୂପ ସା, ପ୍ରଦୀପ ରାଉତ, ସନ୍ତୋଷ ସେଠୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



## ଝରାପାଲି ମାର୍କେଟ୍ୟାର୍ଡରେ ଚାଷୀ ସଚେତନତା ଶିବିର

ବରଗଡ଼, ୫।୫(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଝରାପାଲି ମାର୍କେଟ ୟାର୍ଡ୍ ପରିସରରେ ରବିଧାନ ବିକ୍ରି ପାଇଁ ଚାଷୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଝରାପାଲି ମାର୍କେଟ ଇନ୍‌ଚାର୍ଜ ଜାମିନୀ ଦାସ ଶିବିର ପରିଚାଳନା କରିଥିଲେ । ସଂକ୍ରିଡା ପ୍ରାଥମିକ କୃଷି ସେବା ସମବାୟ ସମିତି ଲିର ସମ୍ପାଦକ ସୁବାଷ ଚନ୍ଦ୍ର ପୁରୋହିତ, ଝିଲିମିଣ୍ଡା ମାର୍କେଟ ଇନ୍‌ଚାର୍ଜ ବୁଲୁ



ଦାସ ଓ ଏଗ୍ରିକଲଚର ଅଫିସର ପଂକଜିନୀ ପଣ୍ଡା ଯୋଗଦେଇ ଚଳିତ ରବି ଋତୁରେ ଚାଷୀମାନେ ଧାନ ଆଣି ବିକ୍ରି କରିବା ପାଇଁ ଆଲୋଚନା ହୋଇଥିଲା । ଏହି ସମୟରେ ବିଭିନ୍ନ ଗ୍ରାମରୁ ଆସିଥିବା ବହୁ ସଂଖ୍ୟାରେ ଛୋଟ ଚାଷୀ, ବଡ ଚାଷୀମାନେ ଯୋଗ ଦେଇ, ନିଜେ ନିଜର ଦାବି ଉପରେ ମତବ୍ୟକ୍ତ କରିଥିଲେ । ଆଲୋଚନା ମାଧ୍ୟମରେ ସମସ୍ତ ସମାଧାନ କରିବା ପାଇଁ ସର୍ବସମ୍ମତିକ୍ରମେ ମତପ୍ରକାଶ ପାଇଥିଲା । ଝରାପାଲି ମାର୍କେଟ୍ୟାର୍ଡ୍ କର୍ମଚାରୀ ଓ ସଂକ୍ରିଡା ସେବା ସମବାୟ ସମିତି ଲିର କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଝରାପାଲି ମାର୍କେଟ୍ୟାର୍ଡ୍ ଇନ୍‌ଚାର୍ଜ ଜାମିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବିନାଶ ପତି ହେଲେ ଉପାଧ୍ୟକ୍ଷ

ବରଗଡ଼, ୫।୫(ସମିସ): ଏସଡିସିସି ବ୍ୟାଙ୍କ କର୍ମଚାରୀ ସଂଘ, ବରଗଡ଼ର ଅଧ୍ୟକ୍ଷ ଅବିନାଶ ପତିଙ୍କୁ ଅଲ୍ ଓଡ଼ିଶା ସେଣ୍ଟ୍ରାଲ୍ କୋଅପରେଟିଭ୍ ବ୍ୟାଙ୍କ ଇମ୍ପ୍ଲୋୟିଜ୍ ଫେଡେରେସନର ଉପାଧ୍ୟକ୍ଷ ଭାବେ ଚୟନ କରାଯାଇଛି । ସଂଘର ସମସ୍ତ ସଦସ୍ୟଙ୍କ ପାଇଁ ଗର୍ବର ବିଷୟ ଅଟେ ଏବଂ ଏହା ତାଙ୍କର ଦୃଢ଼ ନେତୃତ୍ୱ, ନିଷ୍ଠା ଓ କର୍ମଚାରୀଙ୍କ ମଙ୍ଗଳ ପାଇଁ ତାଙ୍କର ଅବିରତ ପ୍ରୟାସକୁ ପ୍ରତିଫଳିତ କରେ । ଏହି ଅବସରରେ



ବ୍ୟାଙ୍କର କନଫରେନ୍ସ ହଲ୍‌ରେ ଶ୍ରୀ ପତିଙ୍କୁ ଅଭିନନ୍ଦନ ଓ ସମ୍ମାନ ଜଣାଇବା ପାଇଁ ସଭା ଆୟୋଜିତ ହୋଇଥିଲା । ସଭା ବ୍ୟାଙ୍କର ଏଜିଏମ୍ ସୁଧୀର କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ହୋଇଥିଲା । ସଂଘର ସଦସ୍ୟମାନେ ଶ୍ରୀ ପତିଙ୍କୁ ଅଭିନନ୍ଦନ ଜଣାଇ ତାଙ୍କର ନୂତନ ଦାୟିତ୍ୱ ପାଳନରେ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ସେ ନୂତନ ଭୂମିକାରେ ରାଜ୍ୟ ଓ ଜାତୀୟ ସ୍ତରରେ କର୍ମଚାରୀଙ୍କ ସ୍ୱରକୁ ଆହୁରି ମଜବୁତ କରିବେ ।

## ନୂତନ ତହସିଲଦାରଙ୍କୁ ସ୍ୱାଗତ

ଅତାବିରା, ୫।୫(ସମିସ): ଅତାବିରା ତହସିଲଦାର କେ ରିଚି କୁମାର ଗତ ୧୮ ତାରିଖ ହାଇକୋର୍ଟ ଯିବା ରାସ୍ତାରେ ସମ୍ବଲପୁର ଜିଲ୍ଲା ବାମ୍ରାରେ ଦୁର୍ଘଟଣାଗ୍ରସ୍ତ ହୋଇ ଚିକିତ୍ସାଧୀନ ହେଉଥିବା ବେଳେ ସବ ରେଜିଷ୍ଟ୍ରାର ଅଙ୍କିତ ପଣ୍ଡା ତହସିଲଦାର ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି । ଅତାବିରା ତହସିଲକୁ ବଦଳି ହୋଇ ଆସିଥିବା ସୁପରଭାଇଜର, ୧୫



ଆର ଆଇ, ୪ ଜଣ ଏଆରଆଇ, ୮ ଅମିନ, ୩ ଜଣ କିରାଣୀ ଅବସ୍ଥାପିତ ହୋଇଛନ୍ତି । ମଙ୍ଗଳବାର କର୍ମଚାରୀଙ୍କ ସ୍ୱାଗତ ଓ ଦାୟିତ୍ୱ ହସ୍ତାନ୍ତର କାର୍ଯ୍ୟକ୍ରମ ହୋଇଥିଲା । ଅତିରିକ୍ତ ତହସିଲଦାର ଦୀପକ ପତି ଓ ରୋସନୀ ରାଣୀ ଖମାରୀ ସମେତ ସେକ୍ସନ ଅଫିସର ସବିତା ନନ୍ଦ, ନାଜିର ମାଧାବୀ ମେହେର, ସୁପର ଭାଇଜର ଯୋଗୀନ୍ଦ୍ର ମହାନନ୍ଦ, ହରିଚନ୍ଦନ ବେହେରା, ଡିଇଓ ରିଙ୍କୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ରିପ୍ରେଜେଟିଭ୍ ସଂଘ ପକ୍ଷରୁ ରକ୍ତଦାନ ଶିବିର

ବରଗଡ଼, ୫।୫(ସମିସ): ବରଗଡ଼ ଶାଖା ଓଡ଼ିଶା ସେଲ୍ସ ରିପ୍ରେଜେଟିଭ ସଂଘ ତରଫରୁ ସ୍ଥାନୀୟ ଓସ୍ମୁ ଭବନ ରେ ସ୍ଥିତ ପରିସରରେ ରକ୍ତଦାନ ଶିବିରର ଆୟୋଜନ କରାଯାଇ ଥିଲା । ଉକ୍ତ ଶିବିରରେ ସଂଘର ୫୦ ଜଣ ସଦସ୍ୟ ରକ୍ତଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଂଘର ସଭାପତି ବିଶ୍ୱଜିତ୍ ରାଉତ, ସମ୍ପାଦକ



ସନ୍ତୋଷ ପରିଡ଼ା, ଅରୁଣ ଶତପଥୀ ସନ୍ତୋଷ ଦ୍ୱାରି, ପ୍ରତୁଶ ମିଶ୍ର, ପ୍ରକାଶ ମହାପାତ୍ର, ଶରତ ବେହେରା, ହୃଦାନନ୍ଦ ସାହୁ, ରାଧେଶ୍ୟାମ ପଟେଲ, ବଳିଷ୍ଠ ମେହେର ଅନ୍ୟାନ୍ୟ ସକ୍ରିୟ ସଦସ୍ୟ ସହଯୋଗ କରିଥିଲେ । ପରେ ସଂଘର କାର୍ଯ୍ୟାଳୟ ଠାରେ ଡ.ପ୍ରବୀଣ ଅଗ୍ରୱାଲ ଓ ତାଙ୍କ ପତ୍ନୀ ଅର୍ଚ୍ଚନା ଅଗ୍ରୱାଲ ଦୁହେଁ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏଥିସହିତ 'ରକ୍ତଦାନ ମହାଦାନ'ଶୀର୍ଷକରେ ଆଲୋଚନା ମଧ୍ୟ କରାଯାଇଥିଲା । ଉପସ୍ଥିତ ସଦସ୍ୟମାନେ ରକ୍ତଦାନ କରି କିପରି ଆମେ ଅନ୍ୟଜଣଙ୍କ ମୂଲ୍ୟବାନ ଜୀବନକୁ ବଞ୍ଚାଇ ପାରିବା ମତାମତ ରଖିଥିଲେ । ସଂଘର ପ୍ରାୟ ୭୦ ଜଣ ସଦସ୍ୟ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୫୮ ଦିନରେ ଚାଷୀ ଆନ୍ଦୋଳନ

ବରଗଡ଼, ୫।୫(ସମିସ)



ନବନିର୍ମାଣ କୃଷକ ସଙ୍ଗଠନ ତରଫରୁ ୨୮ ଏପ୍ରିଲରୁ ମେ'୧୪ ପର୍ଯ୍ୟନ୍ତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ କଟକର ସତ୍ୟଭାମାପୁର ଠାରୁ ବାହାରି ୮ ଜିଲ୍ଲା ଅତିକ୍ରମ କରି ମଙ୍ଗଳବାର ବରଗଡ଼ ଜିଲ୍ଲାରେ କୃଷକ ସ୍ୱାଭିମାନ ଯାତ୍ର ପହଞ୍ଚିଥିଲା । ସ୍ୱାଭିମାନ ଯାତ୍ରା ଅକ୍ଷୟ କୁମାର (ରାଷ୍ଟ୍ରୀୟ ସଂଯୋଜକ ଓ ପ୍ରତିଷ୍ଠାତା ), ରଶ୍ମିରଞ୍ଜନ ସ୍ୱାଇଁ, ଏମଡି ମନୱାର ଅଲି, ଡ଼.କୁଳମଣି, ରଣଜିତ ପଟ୍ଟନାୟକ, ପ୍ରଭାତ ମହାଲିକଙ୍କ ନେତୃତ୍ୱରେ ସଂଯୁକ୍ତ କୃଷକ ସଂଗଠନର ଧାନ ବିକ୍ରି ୫୮ ଦିନ ଆନ୍ଦୋଳନ ସ୍ଥଳକୁ ପହଞ୍ଚି ଥିଲେ । ସେଠାରେ ଆନ୍ଦୋଳନରତ କର୍ମକର୍ତ୍ତାମାନେ ରମେଶ ମହାପାତ୍ର, ବିରେନ କର, ପାଣ୍ଡବ କର୍ଣ୍ଣ, ଭୁବନ ପଧାନ, ନରେନ୍ଦ୍ର ପଧାନ, କାରଣ ସାହୁ, ଥବିର ସାହୁ, ସୁଦାମ ପାତ୍ର, ବୀରବଳ ମହାକୁଡ଼, ସୁରେଶ ନିକେଣ୍ଟି, ନିରଞ୍ଜନ ପଧାନ, ପୂର୍ଣ୍ଣ ସାହୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଅବସରରେ ଆୟୋଜିତ ସଭାକୁ ଶ୍ରୀ କୁମାର ସମ୍ବୋଧନ କରି ସ୍ୱର୍ଗତ କିଶନ ପଟ୍ଟନାୟକଙ୍କୁମାନେ ପକାଇ ତାଙ୍କର ଗୋଟିଏ ଉକ୍ତି ଉଦ୍ଧାର କରି କହିଥିଲେ ଯେ ଦେଶ ସେତେବେଳେ ବିକଶିତ ହେବ ଯେତେବେଳେ ଅନ୍ତଃରାଷ୍ଟ୍ରୀୟ ଋଣ ସରକାର କରିବେ ନାହିଁ କିମ୍ବା ମାଟି ତଳେ ଥିବା ଖଣିଜ ଦ୍ରବ୍ୟ ବିକ୍ରି କରିବେ ନାହିଁ । ଆଜି ସମଗ୍ର ଦେଶରେ କୃଷକ ଅବହେଳିତ, ଅତ୍ୟାଚାରୀତ, ଲୁଣ୍ଠିତ ଏବଂ ଫସଲର ମୂଲ୍ୟ ପାଉନାହିଁ ଯଦି ଗଣତାନ୍ତ୍ରିକ ପଦ୍ଧତି ଆନ୍ଦୋଳନ କଲେ ମିଛ କେଶ କରି ହକ ଅଧିକାର ଆନ୍ଦୋଳନ ଚାପି ଦେବାପାଇଁ ସରକାର ମାନେ ଚେଷ୍ଟିତ । ଏଣୁ ସମସ୍ତ କୃଷକ ଶ୍ରମିକ ଏକ ହୋଇ ଭଗତ ସିଂଙ୍କ ଆହ୍ୱାନକ୍ରମେ ସରକାର ଯଦି ବଧିର ହୋଇଯାଏ ତାହାହେଲେ ବଡ଼ ଆବାଜ ଦରକାର । ଆସନ୍ତୁ ସମସ୍ତେ ମିଶି କୃଷକମାନଙ୍କ ସ୍ୱାର୍ଥଦୃଷ୍ଟିରୁ ଏକ ହୋଇ କମନ ଏଜେଣ୍ଡା ତିଆରୀ କରି ପ୍ରାଇଜ, ପ୍ରେସ୍ଟିଜ ଏବଂ ପେନସନ ଦେବା ପାଇଁ ସରକାରକୁ ଦାବି କରିବା ଯଦି କାର୍ଯ୍ୟକାରୀ ନ ହେଲେ ମିଳିତ ଭାବରେ ପ୍ରତିବାଦ କରିବା କହିଥିଲେ । ସଂଗଠନର ବିରେନ କର ସମସ୍ତଙ୍କୁ

**● ଧାନ ବିକ୍ରି ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ**

**● ନବ ନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତାଙ୍କ ସମର୍ଥନ**

ଧନ୍ୟବାଦ ଦେଇଥିଲେ । ସଭା ପରେ ନବନିର୍ମାଣ କୃଷକ ସଂଗଠନର ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟି ଚାଷୀଙ୍କ ସମସ୍ତ ଧାନ ଶୀଘ୍ର କଣିବା ପାଇଁ ଆଲୋଚନା କରିଥିଲେ । ଯଦି ୧୪ ମେ ମଧ୍ୟରେ ସମାଧାନ ନ ହୁଏ ତାହାହେଲେ ଭୁବନେଶ୍ୱରରେ ଏହାର ସ୍ୱର ଗୁଞ୍ଜରିତ ହେବ ବୋଲି ଚେତାବନୀ ଦେଇଛନ୍ତି ।

## ଅବୈଧ ସଟ୍ଟା ଉପରେ ଚଢ଼ଉ; ୪ ଗିରଫ

ବରଗଡ଼, ୫।୫(ସମିସ): ବରଗଡ଼ ଜିଲ୍ଲାରେ ଚାଲୁଥିବା ଅବୈଧ ସଟ୍ଟାକୁ ନେଇ ପୁଲିସ ପକ୍ଷରୁ ଜୋରଦାର ଅଭିଯାନ ଚାଲିଛି । ବରଗଡ଼ ଗ୍ରାମୀଣ ଥାନା ଅଞ୍ଚଳରେ ଗତ ୪ ତାରିଖରେ ସଟ୍ଟା ଚାଲାଉଥିବା ଏକ ଗ୍ୟାଙ୍ଗକୁ



ପୁଲିସ ଧରି ୪ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କଠାରୁ ଅନେକ ଅପରାଧ ସାମଗ୍ରୀ ଜବତ ହୋଇଛି । ସୂଚନା ଅନୁସାରେ, ବରଗଡ଼ ଏସ୍‌ପି ପ୍ରହ୍ଲାଦ ସହାୟ ମୀନା, ଏସ୍‌ଡିପିଓ ପଦାର୍ ବିନ୍ଦ ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଚଢ଼ଉ ଅଭିଯାନ ଚାଲିଥିଲା । ବିଶ୍ୱସ୍ତ ସୂତ୍ରରୁ ଆଧାରରେ ପୁଲିସ ତୋରା ଅଞ୍ଚଳର ସୁତାମିଲ ଛକରେ ଚଢ଼ଉ କରିଥିଲେ । ଏସଆଇ ଅଭୟ କୁମାର ଦଲାଇଙ୍କ ନେତୃତ୍ୱରେ ପୁଲିସ ସଟ୍ଟା କାରବାର କରୁଥିବା ଗୋଷ୍ଠୀକୁ ଧରିବାରେ ସଫଳ ହୋଇଥିଲା । ଚଢ଼ଉ ସମୟରେ ଅଭିଯୁକ୍ତଙ୍କ ପାଖରୁ ନଗଦ ଟଙ୍କା, ସଟ୍ଟା ସମ୍ବନ୍ଧୀୟ ଚିଟ୍, ଏକ ବୋର୍ଡ ଓ ମୋବାଇଲ ଫୋନ୍ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି । ମୋଟ ରୁପେ ୧୦, ୬୫୦ ଟଙ୍କା ନଗଦ, ଦୁଇଟି ସଟ୍ଟା ଚିଟ୍, ଗୋଟିଏ ବୋର୍ଡ ଓ ଚାରିଟି ମୋବାଇଲ ଫୋନ୍ ପୁଲିସ ହାତକୁ ଲାଗିଛି । ଏଥିସହିତ ଗୋଟିଏ ହୋଣ୍ଡା ଏକ୍ଟିଭା ସ୍କୁଟି ମଧ୍ୟ ଜବତ କରାଯାଇଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ପ୍ରକାଶ ସେନାପତି, ଭୋଜରାଜ ଦୀପ, ହେମନ୍ତ ଦୀପ ଓ ସୁଦାମ ଦୀପ । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ ଏହି ଗ୍ୟାଙ୍ଗ ଦୀର୍ଘଦିନ ଧରି ତୋରା ଓ ଏହା ଆଖ ପାଖ ଅଞ୍ଚଳରେ ସଟ୍ଟା ଚାଲାଉଥିଲେ । ସେମାନେ ଏଜେଣ୍ଟ ମାଧ୍ୟମରେ ଏହି ଅବୈଧ କାରବାରକୁ ବିସ୍ତାର କରୁଥିବା ମଧ୍ୟ ତଦନ୍ତରେ ଜଣାପଡ଼ିଛି । ଅଧିକ ତଦନ୍ତରେ ଜଣାପଡ଼ିଛି ଯେ ହେମନ୍ତ ଦୀପ ଓ ସୁଦାମ ଦୀପ ଏହି ସଟ୍ଟାର ମୁଖ୍ୟ ସଞ୍ଚାଳକ ଥିଲେ । ସେମାନଙ୍କ ବିରୋଧରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ଅନେକ ମାମଲା ରହିଥିବା ପୁଲିସ ତଦନ୍ତରୁ ପ୍ରକାଶ ପାଇଛି । ବରଗଡ଼ ଟାଉନ ଥାନା ଓ ବରପାଲି ଥାନାରେ ମଧ୍ୟ ସେମାନଙ୍କ ନାମରେ ଅପରାଧିକ ମାମଲା ରହିଛି । ଏହି ଘଟଣା ସମ୍ବନ୍ଧରେ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ କରାଯାଇଛି ଏବଂ ଭାରତୀୟ ଦଣ୍ଡବିଧିର ବିଭିନ୍ନ ଧାରା ସହିତ ଲଟେରି ନିଷେଧ ଆଇନ ଅନୁଯାୟୀ କାର୍ଯ୍ୟବାହୀ ହେଉଛି । ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଗ୍ରାମାଞ୍ଚଳ ଥାନା ଅଧିକାରୀ ସୁଶାନ୍ତ ଦାଶ କହିଛନ୍ତି ।

## ସେବାନିବୃତ୍ତ ସମ୍ବର୍ଦ୍ଧନା ଉତ୍ସବ

ବରଗଡ଼, ୫।୫(ସମିସ): ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୧ ନିଗମାନନ୍ଦ ବିହାର ଉନ୍ନୟନ କମିଟି ଆନୁକୂଲ୍ୟରେ ସରକାରୀ ସେବା ନିବୃତ୍ତ ଆଞ୍ଚଳିକ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ



ବୈଜୟନ୍ତୀ ଦଳପତି ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ମଚାରୀ ବିଳାସିନୀ ଦାଶଙ୍କୁ ପଡ଼ାବାସୀଙ୍କ ପକ୍ଷରୁ ସେବା ନିବୃତ୍ତ ସମ୍ମାନ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଉନ୍ନୟନ କମିଟି ସଭାପତି ସଦାଶିବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ପଡ଼ାବାସୀ ଉପସ୍ଥିତ ରହି ଉଭୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ଦିନରେ ପଡ଼ାର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ ଓ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ ।

## ପଥଚାରୀଙ୍କୁ ସରବତ୍ ବାଣ୍ଟିଲା ପୁଲିସ

ବରଗଡ଼, ୫।୫(ସମିସ): ବରଗଡ଼ ଜିଲ୍ଲାରେ ଗ୍ରୀଷ୍ମର ପ୍ରକୋପ ଅସହ୍ୟ ହେବାରେ ଲାଗିଛି । ଦିନ ବେଳେ ଆକାଶରୁ ବର୍ଷୁଛି ନିଆଁ । ଅସହ୍ୟ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ବିଶେଷକରି ରାସ୍ତାରେ ଯାଉଥିବା ପଥଚାରୀମାନେ ପ୍ରଖର



ରୌଦ୍ରତାପ ଯୋଗୁଁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏଭଳି ପରିସ୍ଥିତିରେ ଜନସାଧାରଣଙ୍କ ସେବାରେ ସାମିଲ ହୋଇଛି ବରଗଡ଼ ଜିଲ୍ଲା ପୁଲିସ । ପୁଲିସ ପ୍ରଶାସନ ପକ୍ଷରୁ ପଥଚାରୀଙ୍କୁ ସରବତ୍ ବଣ୍ଟନ କରାଯାଇଛି । ମଙ୍ଗଳବାର ଦିନ ବରଗଡ଼ ଜିଲ୍ଲା ପୁଲିସ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ପି ପ୍ରହ୍ଲାଦ ସହାୟ ମିନା ଉପସ୍ଥିତ ରହି ପଥଚାରୀଙ୍କୁ ଥଣ୍ଡା ସରବତ୍ ବଣ୍ଟନ କରିଥିଲେ । ଗ୍ରୀଷ୍ମ ପ୍ରବାହର ତୀବ୍ରତାକୁ ଦୃଷ୍ଟିରେ ରଖି ସାଧାରଣ ଲୋକଙ୍କୁ ପ୍ରଚଣ୍ଡ ଖରା ଓ ତୃଷାରୁ କିଛି ମାତ୍ରାରେ ଆଶ୍ୱସ୍ତି ଦେବା ଆମର ମୁଖ୍ୟ ଲକ୍ଷ୍ୟ । ଏହି ଜଳସେବା କାର୍ଯ୍ୟକ୍ରମ ଦ୍ୱାରା ସାଧାରଣଲୋକଙ୍କ ସହ ଥିବା ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ବରଗଡ଼ ଜିଲ୍ଲା ପୂର୍ବତନ କନେଷ୍ଟବଳ ମହାସଂଘ ସଭାପତି ସୁବାସ ମିଶ୍ର କହିଛନ୍ତି । ଖରାରେ ପଥଚାରୀଙ୍କୁ ମିଳୁଥିବା ଶୀତଳ ପାନୀୟ ସଞ୍ଜୀବନୀ ସଦୃଶ ପାଲଟିଛି ।

## କିରାଣି ସହ ଶିକ୍ଷକଙ୍କ ଗିରଫ କେବେ?

ପଦ୍ମପୁର, ୫।୫(ସମିସ): ଏକ ୟୁଟ୍ୟୁବ ଚାନେଲରେ ପ୍ରସାରିତ ଏକ ପୀଡ଼ିତା ଶିକ୍ଷୟିତ୍ରୀଙ୍କ ବାର୍ତ୍ତାଳାପରୁ ସ୍ପଷ୍ଟ ଜଣା ପଡୁଛି ଟଙ୍କା ଖାଇବାରେ ମାହିର ଥିବା କିରାଣୀ ବାବୁଙ୍କ କଥା । ନିକଟରେ ପୁରେନାଗ୍ରାମବାସୀ ୬୧୦ ସ୍କିମ୍ ଅନ୍ତର୍ଗତ ସ୍କୁଲମାନଙ୍କରେ ହୋଇଥିବା ନିଯୁକ୍ତିରେ ଅନିୟମିତତା ସମ୍ପର୍କରେ ପଦ୍ମପୁରରେ ହୋଇଥିବା ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଜିଲ୍ଲାପାଳ ସାତଦିନ ମଧ୍ୟରେ ସମାଧାନ କରିବାପାଇଁ ନିର୍ଦ୍ଦେଶ ଦେବା ସତ୍ତ୍ୱେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଶିକ୍ଷା ଜିଲ୍ଲା ଅଫିସ କିପରି କାର୍ଯ୍ୟ କରୁଛି ତାହା ସହଜରେ ଅନୁମେୟ । ବାବୁ ଜଣକ କିଛି ଦଲାଲ୍ ଶିକ୍ଷକଙ୍କୁ ଧରି ମନଇଚ୍ଛା କେଉଁଠି ୪ ତ କେଉଁଠି ୩ ଶିକ୍ଷକ ନିଯୁକ୍ତି କରି ପ୍ରକୃତରେ ଯେଉଁଠି ଶିକ୍ଷକ ନିଯୁକ୍ତି ନିହାତି ଆବଶ୍ୟକ ସେଠାରେ କଲେ ନାହିଁ । ଫଳସ୍ୱରୂପ ସେହି ସ୍କୁଲମାନଙ୍କର ଅବସ୍ଥା ଶୋଚନୀୟ । ଶିକ୍ଷକ ନ ଥିବାରୁ ଅନେକ ଗରିବ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡୁଥିବା ବେଳେ ଅନେକ ଦାଦନ ଖଟିବାକୁ ତାମିଲନାଡୁ ଯାଇ ଜୀବିକା ନିର୍ବାହ କରିବାର ବାଟ ଖୋଜୁଛନ୍ତି । ସରକାର ଯେତେ ପ୍ରକାର ଚେଷ୍ଟା କଲେ ମଧ୍ୟ ଏପରି ଅସାଧୁ କର୍ମଚାରୀଙ୍କ ପାଇଁ ତାହା ସଫଳ ହୋଇ ପାରୁନାହିଁ । ବାବୁ ଜଣକ ନିଜ ସମ୍ପୃକ୍ତିଯ ଥିବା ସ୍କୁଲରେ ତିନି ଜଣ ଶିକ୍ଷକ ଥିବା ସତ୍ତ୍ୱେ ଦୁଇ ଜଣ ଶିକ୍ଷକ ନିଯୁକ୍ତି କରିଦେଲେ କିନ୍ତୁ ଜଣେ ଶିକ୍ଷକରେ ଚାଲୁଥିବା ସ୍କୁଲକୁ ସମ୍ପୂର୍ଣ୍ଣ ଅଣଦେଖା କରିଦେଲେ ଯେପରି କି ଶିକ୍ଷକ ନିଯୁକ୍ତି ତାଙ୍କର ପୈତୃକ ସମ୍ପତ୍ତି । ନିଯୁକ୍ତି ସମୟରେ ଥିବା ଜିଲ୍ଲା ଶିକ୍ଷାଧିକାରୀ ମଧ୍ୟ ତଦନ୍ତ ପରିସର ଭୁକ୍ତ ହେଲେ ଆହୁରି ରହସ୍ୟ ଉନ୍ମୋଚିତ ହୋଇପାରିବ । କିଛି ସ୍କୁଲରେ ଆଠ ଜଣ ଶିକ୍ଷକରୁ ୭ ଜଣ ଶିକ୍ଷକ ଥିବା ସତ୍ତ୍ୱେ ଜଣେ ଶିକ୍ଷକ ନିଯୁକ୍ତି କରାଯାଇ ୮ ଜଣ କରାଯିବା କଣ ଉଚିତ କି? । ବାବୁଙ୍କ କଲ ରେକର୍ଡ଼କୁ ଯାଞ୍ଚ କରାଯାଇ ଦଲାଲଶିକ୍ଷକଙ୍କ କଳା କାରନାମା ପଦାକୁ ବାହାର କରି ଉପଯୁକ୍ତ ଦଣ୍ଡ ଦିଆ ଗଲେ ହୁଏତ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ହଇରାଣ ନ ହୋଇ ସୂଚାରୁ ରୁପେ ତାଙ୍କର ଦାୟିତ୍ୱ ନିର୍ବାହ କରି ପାରିବେ ।

**● ୧୩ ଦିନିଆ ରକ୍ତଦାନ ଶିବିର**

## ପଞ୍ଚମ ଦିନରେ ୩୨ ୟୁନିଟ୍ ସଂଗ୍ରହ

ବରଗଡ଼, ୫।୫(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ ସମସ୍ତ ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ କିଛି କାଂଶରେ ଦୂର କରିବା ପାଇଁ ଶ୍ରୀରବି ଶଙ୍କର ଜିଙ୍କ ଜନ୍ମଦିନ ଅବସରରେ ନିଷ୍ଠା ପରିବାର ଓ ଆର୍ଟ ଅଫ ଲିଭିଂ ପରିବାର ର ମିଳିତ ଆନୁକୂଲ୍ୟରେ ତେର ଦିନିଆ ରକ୍ତଦାନ ଶିବିର ଚାଲିଛି । ଆଜି ପଞ୍ଚମ ଦିନରେ ବରଗଡ଼ ବ୍ଲକ ଅନ୍ତର୍ଗତ ତୋରାପଞ୍ଚାୟତର ସାହୁ ଟିକ୍ରା ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବରେଣ୍ୟ ଅତିଥି ଭାବରେ ଆର୍ଟ ଅଫ ଲିଭିଂ ପରିବାରର ହିମାଂଶୁ ପଣ୍ଡା, ଡାକ୍ତର ଅଶ୍ୱିନୀ ଭୋଇ ଯୋଗଦେଇ ଶିବିରକୁ ଶୁଭାରମ୍ଭ



କରିଥିଲେ । ଶିବିରରୁ ବରଗଡ଼ ରକ୍ତ ଭଣ୍ଡାର ପକ୍ଷରୁ ୩୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଶିବିରକୁ ନିଷ୍ଠା ପରିବାର ଓ ଆର୍ଟ ଅଫ ଲିଭିଂ ପରିବାରର ସଦସ୍ୟ ସଦସ୍ୟାଙ୍କ ସହ ସାହୁ ଟିକ୍ରା ଗ୍ରାମବାସୀ ପରିଚାଳନା କରିଥିଲେ । ସମସ୍ତ ରକ୍ତ ଦାତା, ସହଯୋଗୀ, ଶୁଭେଚ୍ଛୁଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

**ବରଗଡ଼ ଜିଲ୍ଲା ପ୍ରିମିୟର ଲିଗ୍ ବିଡିପିଏଲ-୮ ଦ୍ୱିତୀୟ ଦିବସ**

# ବରଗଡ଼ ଯୋଦ୍ଧାସ, କ୍ରିଷ୍ଣା ବିକାଶ କ୍ଲବ୍ ବିଜୟୀ

ବରଗଡ଼, ୫।୫(ସମିସ)




ବରଗଡ଼ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ହେଉଛି ୮ମ ବରଗଡ଼ ଜିଲ୍ଲା ପ୍ରିମିୟର ଲିଗ୍ (ବିଡିପିଏଲ-୮)ର ଆଜି ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ୍ ବରଗଡ଼ ଯୋଦ୍ଧାସ, ବରଗଡ଼ କ୍ରୀଷ୍ଣା ବିକାଶ କ୍ରିକେଟ କ୍ଲବ୍‌କୁ ୫ ୱିକେଟ ହରାଇ ପ୍ରତିଯୋଗିତାରେ ନିଜର ଦ୍ୱିତୀୟ ମ୍ୟାଚ୍ ଜିତି ନେଇଛି । ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ଜିତି ବରଗଡ଼ ଯୋଦ୍ଧାସ ଦଳ ବୋଲିଂ କରିବାକୁ ନିଷ୍ପତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି କ୍ରୀଷ୍ଣା ବିକାଶ ଦଳ ୧୭.୧ ଓଭରେ ସମସ୍ତ ୱିକେଟ ହରାଇ କରିଥିଲା ୧୨୩ ରନ୍ । ଦଳ ପକ୍ଷରୁ ହିମାଂଶୁ ବିଷ୍ଟ ୪୮ ରନ୍, ରୋହିତ୍ ସିଂ ୧୮ ରନ୍, ଅମନ ଭୋଇ ୧୪ ରନ୍, ସ୍ୱସ୍ତିକ ସାମଲ ୧୨ ରନ୍, ସୌରଭ ନାୟକ ୧୩ ରନ୍ କରିଥିଲେ । ପ୍ରତିପକ୍ଷ ବରଗଡ଼ ଯୋଦ୍ଧାସ ପକ୍ଷରୁ ସୟଦ ଜାକି୧୦/୪ୱିକେଟ, ଆଜାଦ୍ ପ୍ରଧାନ ୨୨/୨ ୱିକେଟ, ସେକ ହେୟାତ ୩୯/୧ ୱିକେଟ, ଅଂଶୁମାନ ମିଶ୍ର ୨୮/୧ ୱିକେଟ ଓ ପ୍ରକାଶ ମାହାନା ୨୦/୧ ୱିକେଟ ନେଇଥିଲେ । ୧୨୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇ ଥିବା ବରଗଡ଼ ଯୋଦ୍ଧାସ ଦଳ ବିନୟ ଶର୍ମାଙ୍କ ୫୦ ରନ୍, ମନୋଜ ଶର୍ମା ୨୮ ରନ୍, ଫିର୍ଦୋସ ହୁସେନ ୨୮ ରନ୍, ଅଂଶୁମାନ ମିଶ୍ର ଅପରାଜିତ ୧୦ରନ୍ ଓ ପ୍ରକାଶ ମାହାଣା ୪ରନ୍ କରି ଅପରାଜିତ ରହି ୧୭.୩ ଓଭରରେ ୧୨୪/୩ ରନ୍ କରି ମ୍ୟାଚ୍‌କୁ ୭ ୱିକେଟରେ ଜିତି ନେଇଥିଲେ । କ୍ରିଷ୍ଣା ବିକାଶ ଦଳର ସ୍ୱସ୍ତିକ ସାମଲ ୨୩/୧ୱିକେଟ, ପିକେସ ସ୍ୱାଇଁ ୩୬/୧ ୱିକେଟ, ରୋହିତ୍ ସିଂ ୨୪/୧ ୱିକେଟ ନେଇଥିଲେ । ମ୍ୟାଚ୍‌ର ଅମ୍ପାୟାର ଥିଲେ ଓସିଏ ମାନ୍ୟତା ପ୍ରାପ୍ତ ଅମ୍ପାୟାର ପ୍ରଦିପ ନନ୍ଦ ଓ ଅକ୍ଷୟ ସାହାଣୀ । ତୃତୀୟ ଅମ୍ପାୟାର ଥିଲେ ସାଜନ୍ ସାହୁ । ମ୍ୟାଚ୍ ପରେ ଜିଲ୍ଲା କ୍ରିକେଟ ଆସୋସିଏସନ୍ ଉପସଭାପତି ଡ ଶୁଭ୍ରାଂଶୁ ଶେଖର ମହାପାତ୍ର ଙ୍କ ପୌରୋହିତ୍ୟ ଓ ଶୁଭମ୍ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ସମାଜସେବୀ ଡ.ସତ୍ୟ କେତନ ମହାନ୍ତି, ମା' ସମଲେଶ୍ୱରୀ ଇଲେଭେନର ଫ୍ରାଞ୍ଚାଇଜି ଅମିୟ ଶର୍ମା ଓ କ୍ରୀଡା ସଂଗଠକ ମୁନୁ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବରଗଡ଼ ଯୋଦ୍ଧାସ ଦଳର ୨୮ ବଲରେ ୩ ଛକା ଓ ୬ ଚୌକା ସହ ୫୦ ରନ୍ କରି ଦଳକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ନେଇଥିଲେ । ଖେଳାଳି ବିନୟ ଶର୍ମାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ । ସେହିଭଳି ଗତକାଲିର ଦ୍ୱିତୀୟ ମ୍ୟାଚ୍ ବରଗଡ଼ କ୍ରିଷ୍ଣା ବିକାଶ କ୍ରିକେଟ କ୍ଲବ୍, ମା'ସମଲେଶ୍ୱରୀ ଇଲେଭେନ ଦଳକୁ ହରାଇ ବିଜୟୀ ହୋଇଥିଲା । ମଙ୍ଗଳବାର ଜିଲ୍ଲା କ୍ରିକେଟ ଆସୋସିଏସନ୍ କାର୍ଯ୍ୟକାରୀ କମିଟି ସଦସ୍ୟ ଚନ୍ଦ୍ର ଶେଖର ପ୍ରଧାନଙ୍କ ପୌରୋହିତ୍ୟ ଓ ଶୁଭମ୍ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବରେ ରୋଲେକ୍ସ ଇଞ୍ଜିନ ଅଏଲର ଅତିରିକ୍ତ ପରିଚାଳନା ନିର୍ଦ୍ଦେଶକ ପ୍ରମୋଦ ନାୟକ, କ୍ରୀଷ୍ଣା ବିକାଶ କ୍ରିକେଟ କ୍ଲବ୍‌ର ଫ୍ରାଞ୍ଚାଇଜି ପୀତାମ୍ବର ପ୍ରଧାନ, ଯୁବବ୍ୟବସାୟୀ ଜିତୁ ଗଣତ୍ରା ଅତିଥି ଭାବରେ ଯୋଗଦେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ହିମାଂଶୁ ବିଷ୍ଟଙ୍କୁ ପୁରସ୍କୃତ କରିଥିଲେ ।

## ସାମ୍ବାଦିକଙ୍କ ମୂଲ୍ୟ, ସମ୍ମାନ ଏବଂ ସୁରକ୍ଷା ସୁନିଶ୍ଚିତ ପାଇଁ ସ୍ମାରକପତ୍ର

ବରଗଡ଼, ୫।୫(ସମିସ): ଓଡ଼ିଶାରେ ସାମ୍ବାଦିକଙ୍କ ମୂଲ୍ୟ, ସମ୍ମାନ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ, ସରକାର ତୁରନ୍ତ ବିଚାର ଓ କାର୍ଯ୍ୟାନୁଷ୍ଠାନ ପାଇଁ ଜର୍ଣ୍ଣଲିଷ୍ଟ ଅସୋସିଏସନ୍ ଅଫ ବରଗଡ଼ (ଜାବ) ପକ୍ଷରୁ ସୋମବାର ବଳାବ୍ୟାଜ ଧାରଣ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ବରଗଡ଼ ଜିଲ୍ଲପାଳ ଆଦିତ୍ୟ ଗୋୟଲଙ୍କୁ ପ୍ରଦାନ କରାଯାଇଛି । ବରଗଡ଼ ସାମ୍ବାଦିକ ସଂଘର ସମ୍ପାଦକ ପ୍ରେମାନନ୍ଦ ଖମାରୀ, ଜାବର ଉପସଭାପତି ବ୍ୟୋମକେଶ କର, ଜିଲ୍ଲା ସଂଯୋଜକ ରଞ୍ଜନ ଦେବତା, ରମଣୀ ରଞ୍ଜନ ବେହେରା, ଦିଲୀପ ଆଚାର୍ଯ୍ୟ, ବୀଘ୍ନେସ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶନିବାର ଦିନ ସକାଳେ ସମ୍ପାଦକ ବଦ୍ରୀ ପ୍ରସାଦ ସାହୁଙ୍କ ସମେତ ଉପସଭାପତି ବ୍ୟୋମକେଶ କର, ବରିଷ୍ଠ ସଦସ୍ୟ ଲଲାଟେନ୍ଦୁ ଦାଶ ଓ 'ସକାଳ' ଜିଲ୍ଲା ପ୍ରତିନିଧି ସରୋଜ ଷଡ଼ଙ୍ଗୀ ପ୍ରମୁଖ ଜିଲ୍ଲପାଳ ଆଦିତ୍ୟ ଗୋୟଲଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ସ୍ମାରକପତ୍ରରେ ସାମ୍ବାଦିକଙ୍କ ମୂଲ୍ୟ, ସମ୍ମାନ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ, ସରକାର ତୁରନ୍ତ ବିଚାର ଓ କାର୍ଯ୍ୟାନୁଷ୍ଠାନ ପାଇଁ ନିମ୍ନଲିଖିତ



ବିଷୟ ଗୁଡ଼ିକ ଉପରେ ବିଚାର କରିବା ଜରୁରୀ । ହିଂସା ରୋକିବା ଏବଂ ନିର୍ଭୟ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ପାଇଁ ଆଗାମୀ ବିଧାନସଭା ଅଧିବେଶନରେ ଓଡ଼ିଶା ସାମ୍ବାଦିକ ସୁରକ୍ଷା ବିଲ୍ ଆଣି ତୁରନ୍ତ ପାରିତ ଓ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି । ରାଜ୍ୟ ଅଧିସ୍ୱୀକୃତି କମିଟିର ପୁନରୁଦ୍ଧାର ଓ ସାମ୍ବାଦିକଙ୍କ ପାଇଁ ସୁବିଧା : ରାଜ୍ୟ ସ୍ତରୀୟ ସ୍ୱୀକୃତି କମିଟି ଦୀର୍ଘ ଦିନ ଧରି ଅକାର୍ଯ୍ୟକ୍ଷମ ହୋଇପଡ଼ିଛି । ଆମେ କମିଟିର ତୁରନ୍ତ ପୁନରୁଦ୍ଧାର ଏବଂ ପ୍ରିଣ୍ଟ, ଇଲେକ୍ଟ୍ରୋନିକ୍, ଡିଜିଟାଲ୍ ଓ ଫ୍ରିଲାନ୍ସ ମିଡିଆର ସମସ୍ତ ଯୋଗ୍ୟ କାର୍ଯ୍ୟରତ ସାମ୍ବାଦିକଙ୍କୁ ସ୍ୱଚ୍ଛ ଓ ସମୟବଦ୍ଧ ଭାବେ ସ୍ୱୀକୃତି ପ୍ରଦାନ ପାଇଁ ଅନୁରୋଧ କରୁଛୁ । ବସ୍/ରେଳ ଯାତ୍ରା ରିହାତି, ଟୋଲ୍ ଛାଡ଼, ସରକାରୀ କାର୍ଯ୍ୟକ୍ରମରେ ପ୍ରବେଶ, ସ୍ୱାସ୍ଥ୍ୟ ଯୋଜନା ଏବଂ ଗୃହ ନିର୍ମାଣରେ ପ୍ରାଥମିକତା ସମେତ ସ୍ୱୀକୃତି ସହିତ ଜଡ଼ିତ ସମସ୍ତ ସୁବିଧା ତୁରନ୍ତ ପୁନଃପ୍ରଚଳନ ଓ ସମ୍ପ୍ରସାରଣ କରାଯାଉ ବୋଲି ଦାବି ପତ୍ରରେ ଉଲ୍ଲେଖ ରହିଛି ।

## ବ୍ୟବସାୟୀଙ୍କ ଦୋକାନ ଓ ଘରୁ ଡକାୟତି ଅଭିଯୋଗ

ପଟ୍ଟାମୁଣ୍ଡାଇ, ୫।୫(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଚୁନଡିଅଠାରେ ଥିବା ଏକ ସାନିଟାରୀ ଦୋକାନ ଓ ଦୋକାନ ସଂଲଗ୍ନ ପଛ ପଟରେ ଥିବା ବାସଭବନରୁ ଡକାୟତି ହୋଇଥିବା ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏତଲା ଦିଆଯାଇଛି । ସମସ୍ତ ଡକାୟତ ମୁଖା ପିନ୍ଧିଥିବାବେଳେ ହାତରେ ମାରଣାସ୍ତ୍ର ଧରିଥିଲେ । ସେମାନେ ଘରର ସମସ୍ତ ଆସବାବପତ୍ର ଫୋପାଡି ମରଣାସ୍ତ୍ର ଦେଖାଇ ସୁନା, ରୁପା, ଟଙ୍କା, ମୋବାଇଲ ଆଦି ଲୁଟି ନେଇଥିବା ନେଇ ବ୍ୟବସାୟଙ୍କ ପୁଅ ମୁକେଶ ରାୟ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ବ୍ୟବସାୟୀ ଗୌତମ ରାୟଙ୍କ ଚୁନଡିହଠାରେ ଏକ ସାନିଟାରୀ ଦୋକାନ ଥିବାବେଳେ ଦୋକାନ ସଂଲଗ୍ନ ପଛ ପଟରେ ବାସଭବନ ରହିଛି । ରବିବାର ରାତି ପ୍ରାୟ ୪ଟା ବେଳେ ୫ ଜଣ ଦୁର୍ବୃତ୍ତ ମୁଖା ପିନ୍ଧି ଦୋକାନ ଭିତରେ ପଶିଥିଲେ । ଦୋକାନ ଘରେ ଥିବା ବ୍ୟବସାୟୀ ଗୌତମ ରାୟଙ୍କୁ ମାରଣାସ୍ତ୍ର ଦେଖାଇ ସେ ପନ୍ଧିଥିବା ୮ ଭରିର ସୁନା ଚେନ ସହିତ ଦୁଇ ଭରିର ଏକ ମୁଦିକୁ ବଳପୂର୍ବକ ଲୁଟି ନେଇଥିଲେ । ପରେ ତାଙ୍କୁ ନିସ୍ତୁକ ମାଡ ମାରି ତାଙ୍କ ମୋବାଇଲ ନେଇଯିବା ସହିତ ତାଙ୍କୁ ଏକ ଘରେ ବନ୍ଦ କରି ଦେଇଥିଲେ । ପରେ ଦୋକାନ ସଂଲଗ୍ନ ବାସଭବନରେ ପସି ପରିବାର ଲୋକଙ୍କୁ ମାରଣାସ୍ତ୍ର ଦ୍ୱାରା ଭୟଭୀତ କରି ଗଡ଼ରେଜ ଭାଙ୍ଗି ସମସ୍ତ ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଥିଲେ । ପରିବାର ସଦସ୍ୟଙ୍କ ହାତଗୋଡ ବାନ୍ଧି ବାହାର ପଟୁ ବନ୍ଦ କରି ଚାଲି ଯାଇଥିଲେ ବୋଲି ମୁକେଶ ଆଦର୍ଶ ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି । ଏହି ଘଟଣା ସମ୍ପର୍କରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କୁ ପଚାରିବାରୁ ସେ କହିଲେ ଏହି ଘଟଣାକୁ ଗୁରୁତର ସହ ନିଆଯାଇ ତଦନ୍ତ ଆରମ୍ଭ କରାଯାଇଛି ।

## ଚିକିତ୍ସା ହେବାକୁ ଯାଇ ଶବ ହୋଇ ଫେରିଲେ ପ୍ରଶାନ୍ତ

ଡେରାବିଶ, ୫।୫(ସମିସ): ଖମୋଳ ପଞ୍ଚାୟତ ଅନ୍ତର୍ଗତ କରିମୂଳ ଗ୍ରାମର ପ୍ରଶାନ୍ତ ସ୍ୱାଇଁ (୫୬) ଗତକାଲି ଚିକିତ୍ସିତ ହେବାକୁ କଟକ ବଡ଼ ଡାକ୍ତରଖାନାକୁ ଯାଇ ଆଜି ଶବ ହୋଇ ଘରକୁ ଫେରିବା ଘଟଣା ତାଙ୍କ ପରିବାର ଓ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ପ୍ରଶାନ୍ତ ଅସୁସ୍ଥତା ଅନୁଭବ କରି ଚିକିତ୍ସା ନିମନ୍ତେ ଏକାକୀ ଗତକାଲି ସକାଳୁ କଟକସ୍ଥ ଏସ୍‌ସିବି ମେଡିକାଲକୁ ଯାଇଥିଲେ । ସେଠାରେ ପହଞ୍ଚି ଡାକ୍ତରଙ୍କୁ ଦେଖାଇବା ପୂର୍ବରୁ ଲାଇନ୍‌ରେ ଠିଆ ହୋଇଥିବା ସମୟରେ ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳି ପ୍ରଭାବରେ ହଠାତ୍ ସେ ଅଚେତ ହୋଇପଡ଼ିଥିଲେ । କିଛି ସମୟ ପରେ ଚେତା ଆସିବାରୁ ଘରକୁ ଫୋନ୍ କରି ତାଙ୍କର ଚେତା ଚାଲିଯିବା ଓ ପୁଣି ଫେରିବା ଘଟଣା ସମ୍ପର୍କରେ କହିଥିଲେ । ସେତେବେଳେ ସେ ସୁସ୍ଥ ଅନୁଭବ କରୁଛନ୍ତି ଓ ଡାକ୍ତରଙ୍କୁ ଦେଖାଇ ଫେରିବେ ବୋଲି କହିଥିଲେ । ତେବେ କିଛି ସମୟ ପରେ ଦ୍ୱିତୀୟଥର ସେ ଅଚେତ ହୋଇପଡ଼ିଥିଲେ ଓ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହିତ ସ୍ଥାନୀୟ ଥାନାକୁ ଏ ସମ୍ପର୍କରେ ଜଣାଇଥିଲେ । ପରେ ଖବର ପାଇ ପରିବାର ଲୋକ ସେଠାରେ ପହଞ୍ଚି ପ୍ରଶାନ୍ତଙ୍କ ମୃତଦେହକୁ ଚିହ୍ନଟ କରିଥିଲେ । ଆଜି ଡାକ୍ତରଖାନା କର୍ତ୍ତୃପକ୍ଷ ବ୍ୟବଚ୍ଛେଦ କରି ପରିବାରକୁ ମୃତଦେହ ହସ୍ତାନ୍ତର କରିଥିଲେ । ପରିବାର ଲୋକ ପ୍ରଶାନ୍ତଙ୍କ ମୃତ୍ୟୁ ଅଂଶୁଘାତଜନିତ ହୋଇଥିବା ପ୍ରକାଶ କରିଛନ୍ତି । ଆଜି ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ପ୍ରଶାନ୍ତ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାବେଳେ ତାଙ୍କର ଏହି ଆକସ୍ମିକ ମୃତ୍ୟୁରେ ତାଙ୍କ ପତ୍ନୀ ଓ ତିନିଝିଅ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି ।

## ଗାନ୍ଧୀ ବିଚାରର ମଣିଷ ରବି ଭାଇଙ୍କ ଜୟନ୍ତୀ



ରାଜକନିକା, ୫।୫(ସମିସ): କନିକା ମାଟିର ମଣିଷ, ଚରମ ଗାନ୍ଧିବାଦୀ, ସର୍ବୋଦୟ ବିଚାରବାଦର ସନ୍ଥ ମଣିଷ ତରାସ ଗ୍ରାମର ରବିନାରାୟଣ ଜେନାଙ୍କ ଆଜି ୮୧ତମ ଜୟନ୍ତୀ ପାଳିତ ହୋଇ ଆଜି ମରିଯାଉଥିବା ମଣିଷପଣିଆକୁ ଜାଗ୍ରତ କରିବାକୁ ଆହ୍ୱାନ ଦିଆଯାଇଛି । ପ୍ରଚଣ୍ଡ ମାନବବାଦର ଏହି ବୈଚାରିକ ଚେତନାପୁଷ୍ଟ ମଣିଷର ତ୍ୟାଗକୁ ମନେ ପକାଇ ଆଜିର ସମାଜରେ ବସ୍ତୁବାଦ ପରିହାର କରିବାକୁ ମତ ପ୍ରକାଶ ପାଇଛି । ରବି ଭାଇଙ୍କ ହାତଗଢା ଅନୁଷ୍ଠାନ ତରାସ ନୋଡାଲ ହାଇସ୍କୁଲ ପରିସରରେ ସାମାଜିକ କର୍ମୀ ଶଶିକାନ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଜୟନ୍ତୀରେ ରବି ଭାଇଙ୍କ ତମାମ ଜୀବନଚର୍ଯ୍ୟାର ଅନୁଶୀଳନ କରିବାକୁ ଅତିଥି ଶିକ୍ଷକ ନେତା କାଳୀପ୍ରସାଦ ନାୟକ, କୃତ୍ତିବାସ ଜେନା, ଗୋପୀନାଥ ବିଶ୍ୱାଳ, ମୁରଲୀଧର ନାୟକ, ନୃସିଂହ ବେହେରା, ସାମ୍ବାଦିକ ସୁକାନ୍ତ ଦାଶ, ଶରତ ରାଉତ, ବିଭୂତି ଭୂଷଣ ନାୟକ, ଦିଲ୍ଲୀପ ରାଉତ, ଶିବପ୍ରସାଦ ମଲ୍ଲିକ, ଶଶୀଭୂଷଣ ଦାସ, ରାଜନାରାୟଣ ଜେନା ପ୍ରମୁଖ ମତ ଦେଇଥିଲେ । ରବି ଭାଇଙ୍କ ତ୍ୟାଗମୟ ଜୀବନକୁ ଅନୁଶୀଳନ କରିବା ଲକ୍ଷ୍ୟ ନେଇ ଚଳିତ ମାଟ୍ରିକ ପରୀକ୍ଷାରେ ବ୍ଲକର ସର୍ବାଧିକ ନମ୍ବର ରଖିଥିବା ଆରଏନ ହାଇସ୍କୁଲର ପ୍ରିୟାଂଶୁ ପଲାଇ, ଜୟନଗର ହାଇସ୍କୁଲର ପ୍ରଭୁଦତ୍ତ ରାଉତ ଓ ବରାଡିଆ ହାଇସ୍କୁଲର ଶୁଚିସ୍ମିତା ଦାସଙ୍କ ସହ ତରାସ ହାଇସ୍କୁଲ ଟପ୍ପର ପ୍ରଜ୍ଞା ନାୟକ, ନବୋଦୟ ଟପ୍ପର ମନସ୍ୱିନୀ ନାୟକ, ରୟାଲ ପବ୍ଲିକ ସ୍କୁଲ ଟପ୍ପର ସମୃଦ୍ଧି ବାରିକ, ଚାନ୍ଦବାଲି ଭେଙ୍କଟେଶ୍ୱର ସ୍କୁଲ ଟପ୍ପର ସ୍ୱୟଂପ୍ରତ୍ୟୁଷଙ୍କୁ ଉପଢୌକନ, ମାନପତ୍ର ଓ ଗଛ ଚାରା ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ରବି ଭାଇଙ୍କ ସାମାଜିକ ବିଚାରବୋଧକୁ ଉଜ୍ଜୀବିତ କରିବା ପାଇଁ ରବି ଜେନା ବିଚାର ମଞ୍ଚ ନାମରେ ଏକ ସଂଗଠନ ରୂପରେଖ ନେଇ ବିବିଧ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରାଯାଇଛି । ତରାସ ନେତାଜୀ କ୍ଲବ୍ ସଭାପତି ବନଜ ବାରିକ, ଉପଦେଷ୍ଟା ଭରତ ବାରିକ, ଶୁଭ୍ରଜିତ ବିଶ୍ୱାଳ, ଦେବଜ୍ୟୋତି ଜେନା, ଝରଣା ବଳ, ସୁଶାନ୍ତ ନାୟକ, ସଞ୍ଜୟ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଜୟନ୍ତୀରେ ତାଙ୍କ ବିଚାରବାଦର ବହୁ ଅନୁଗାମୀ ଯୋଗ ଦେଇଥିଲେ ।

### ୭୮୬ ଲିଟର ଚୋରାମଦ ଜବତ; ୮ ଗିରଫ

# ଚଢ଼ଉ ସତ୍ତ୍ୱେ ରୋକାଯାଇପାରୁନି ଅବୈଧ ବ୍ୟବସାୟ

କେନ୍ଦ୍ରାପଡ଼ା, ୫।୫(ସମିସ)







ଜିଲ୍ଲାରେ ଅବୈଧ ମଦ ବ୍ୟବସାୟ ଉପରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ଜୋରଦାର କରାଯାଇଥିବା ସତ୍ତ୍ୱେ ଏହାର ପ୍ରଭାବ ଦୃଶ୍ୟମାନ ହେଉନି । ମଙ୍ଗଳବାର ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରାଯାଇ ୭୮୬ ଲିଟର ଚୋରାମଦ ଜବତ ହେବା ସହ ୮ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ତେବେ ନିୟମିତ ଚଢ଼ଉ ସତ୍ତ୍ୱେ ଅବୈଧ ବ୍ୟବସାୟ ଉପରେ ରୋକ୍ ଲାଗୁ ନ ଥିବା ଅଭିଯୋଗ ହେଉଛି ।

ଆଜି କୁଦାନଗରୀ, କେନ୍ଦ୍ରାପଡ଼ା ସଦର, ନିକିରାଇ, ଜମ୍ବୁ ମେରାଇନ ଓ ମହାକାଳପଡ଼ା ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରୁ ଅବକାରୀ ଟିମ୍ ୭୮୬ ଲିଟର ଦେଶୀ, ବିଦେଶୀ ଓ ଗୁଡ଼ପୋଚ ମଦ ଜବତ କରାଯାଇଥିଲା । ଏଥିସହିତ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ହନ୍ତପଡ଼ା, ଗଣେଶପୁର, ବାରୁଅ, ପ୍ରଭାକରପୁର ଓ ମଲଡିଆ ଭଳି ଗ୍ରାମରୁ ଏହି ମଦ ଜବତ ହୋଇଥିବା ସୂଚନା ମିଳିଛି । ଏହି ଚଢ଼ଉରେ ଅବକାରୀ ଉପନିରୀକ୍ଷକ ଋତୁପ୍ରଭା ସ୍ୱାଇଁ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ରଙ୍କ ସହିତ ଅନ୍ୟ କର୍ମଚାରୀ ସାମିଲ ଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଏପରି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି କୁହାଯାଇଛି । ଚଢ଼ଉ ହେଉଛି, କିନ୍ତୁ ବନ୍ଦ ହେଉନି ଚୋରା କାରବାର । ଯେତେ ଧରାଯାଉଛି, ସେତେ ବଢୁଛି କାହିଁକି ଅବୈଧ ମଦ ବ୍ୟବସାୟ ବୋଲି ପ୍ରଶ୍ନ ଉଠିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କେନ୍ଦ୍ରାପଡ଼ା ସହରରେ ଥିବା ଥାନା ନିକଟରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଖୋଲାମେଲାରେ ଚାଲିଛି ଏହି ବ୍ୟବସାୟ । ଘର ପାଖ, ବିଦ୍ୟାଳୟ ପାଖ ଓ ବଜାର ଅଞ୍ଚଳରେ ସମସ୍ତଙ୍କ ଜାଣନ୍ତରେ ଚୋରାମଦ ବିକ୍ରି ହେଉଥିବା ଅଭିଯୋଗ ଆସୁଛି । ତଥାପି ଏହାକୁ ରୋକିବାରେ ପ୍ରଶାସନ ସଫଳ ହୋଇପାରୁନାହିଁ । ଚଢ଼ଉରେ ଛୋଟ ବ୍ୟବସାୟୀ ଧରାପଡୁଥିବାବେଳେ ମୁଖ୍ୟ ଖେଳାଳିମାନେ ଲୁଚିଯାଉଛନ୍ତି ବୋଲି ଲୋକମାନେ ଅଭିଯୋଗ କରୁଛନ୍ତି । ଚଢ଼ଉ ପୂର୍ବରୁ ମାଫିଆ ସୂଚନା ପାଇଯାଉଥିବା ଓ ମାସିକିଆ ବଟି ଦ୍ୱାରା କିଛି ଲୋକଙ୍କ ମୁହଁ ବନ୍ଦ ହୋଇଯାଉଥିବା ଅଭିଯୋଗ ମଧ୍ୟ ଜୋରଦାର ହେଉଛି ।

ଅବୈଧ ମଦ ବ୍ୟବସାୟ କେବଳ ଆଇନଶୃଙ୍ଖଳାର ସମସ୍ୟା ନୁହେଁ, ଏହା ସ୍ୱାସ୍ଥ୍ୟ ଓ ସମାଜିକ ସୁରକ୍ଷା ପାଇଁ ମଧ୍ୟ ବଡ଼ ବିପଦ ହୋଇପାରେ । ନକଲି ମଦ ଦ୍ୱାରା ଜୀବନ ଯିବାର ଆଶଙ୍କା ଥିବାବେଳେ ଏହାକୁ ରୋକିବା ପାଇଁ କଠୋର ଓ ସ୍ଥାୟୀ ପଦକ୍ଷେପ ଆବଶ୍ୟକ ହୋଇପଡ଼ିଛି । ଚଢ଼ଉ ଓ ଜବତ ଘଟଣା ପ୍ରଶାସନର କାର୍ଯ୍ୟକଳାପକୁ ଦର୍ଶାଉଥିବା ସତ୍ତ୍ୱେ ମୂଳ ସମସ୍ୟାର ସମାଧାନ ହେଉ ନ ଥିବା ସ୍ପଷ୍ଟ ଜଣାପଡୁଛି । ଯଦି ବଡ଼ ବ୍ୟବସାୟୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନ ହୁଏ, ତେବେ ଏପରି ଚଢ଼ଉ କେବଳ ଔପଚାରିକତାରେ ସୀମିତ ରହିଯିବ ବୋଲି ସାଧାରଣ ମତ ପ୍ରକାଶ ପାଉଛି ।

### ଦେବାଶିଷ ଆଚାର୍ଯ୍ୟ ବିଜେଡିର ରାଜ୍ୟ ସମ୍ପାଦକ

## ପାଟକୁରା ବିଜେଡିରେ ଖୁସିର ଲହରି



ଡେରାବିଶ, ୫।୫(ସମିସ): ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଆଜି ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ଓ ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଥିବାବେଳେ ସମଗ୍ର ରାଜ୍ୟରେ ବିଜେଡିର ତୁଙ୍ଗ ନେତାଙ୍କୁ ବିଭିନ୍ନ ସାଂଗଠନିକ ଦାୟିତ୍ୱ ଅର୍ପଣ କରିଛନ୍ତି । ଏହି କ୍ରମରେ ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କୁ ରାଜ୍ୟ ସମ୍ପାଦକ ଭାବେ ଦାୟିତ୍ୱ ଅର୍ପଣ କରିଥିବା ଜଣାଯାଇଛି । ଆଜି ଏ ଖବର ପାଟକୁରା ନିର୍ବାଚନମଣ୍ଡଳୀରେ ପ୍ରଚାର ହେବା ପରେ ବିଜେଡି କର୍ମୀ ମହଲରେ ଆନନ୍ଦର ଲହରି ଖେଳିଯାଇଛି ।

ଶ୍ରୀ ଆଚାର୍ଯ୍ୟ ଦୀର୍ଘବର୍ଷ ହେବ ବିଜେଡିର ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିବା ସହିତ ୨୦୧୩ରୁ ଅଦ୍ୟାବଧି ଡେରାବିଶ ବ୍ଲକ ବିଜେଡି ସଭାପତି ଭାବେ ମଙ୍ଗ ସମ୍ଭାଳିଛନ୍ତି । ପୂର୍ବ ନିର୍ବାଚନମାନଙ୍କରେ ଶ୍ରୀ ଆଚାର୍ଯ୍ୟ ଦଳୀୟ କର୍ମୀଙ୍କୁ ସଂଗଠିତ କରି ପାଟକୁରାର ପୂର୍ବତନ ବିଜେଡି ସମର୍ଥିତ ବିଧାୟକ ପ୍ରାର୍ଥୀ ଓ ବିଭିନ୍ନ ସଭ୍ୟ ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟଙ୍କୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି । ଏପରିକି ଶ୍ରୀ ଆଚାର୍ଯ୍ୟଙ୍କ ପ୍ରଚେଷ୍ଟାରେ ଗତ ସମସ୍ତ ବିଧାନସଭା ଓ ଲୋକସଭା ନିର୍ବାଚନରେ ଡେରାବିଶରେ ବିଜେଡି ସମର୍ଥିତ ପ୍ରାର୍ଥୀ ବିପୁଳ ଭୋଟ ପାଇ ଜିତିଥିବାବେଳେ ଡେରାବିଶ ବ୍ଲକ ଅନ୍ତର୍ଗତ ତିନୋଟି ଜିଲ୍ଲା ପରିଷଦ ସଭ୍ୟପଦ ବିଜେଡି ସଫଳତାର ସହ ହାସଲ କରିପାରିଥିଲା । ଦେବାଶିଷଙ୍କୁ ଏହି ଗୁରୁଦାୟିତ୍ୱ ଅର୍ପଣ କରାଯାଇଥିବାରୁ ସେ ବରିଷ୍ଠ ବିଜେଡି ନେତା ମନିନ୍ଦ୍ର ପ୍ରସାଦ ରଥ, ଦେବରାଜ ମହାପାତ୍ର, ଶ୍ରୀମନ୍ତ ରାଉତରାୟ, ଅକ୍ଷୟ ନାୟକଙ୍କ ସମେତ ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ଦଳୀୟ କର୍ମୀ, ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି ।

## ମାଣିଖଣ୍ଡିରେ ବହୁପୁରାତନ ବିଶ୍ୱଶାନ୍ତି ଯଜ୍ଞ

ଡେରାବିଶ, ୫।୫(ସମିସ): ୧୦୦ ବର୍ଷରୁ ଅଧିକ ଦିନ ଧରି ବିଶ୍ୱଶାନ୍ତି କାମନାରେ ଅଦ୍ୱିତୀୟ ଯଜ୍ଞ ପରମ୍ପରାକୁ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅଧୀନସ୍ଥ ଗୋଲରାହାଟ, ବାଲିଆ ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଅଞ୍ଚଳବାସୀ ଅତୁଟ ରଖିଛନ୍ତି । ସାମୂହିକ ସହଯୋଗ ଓ ଆସ୍ଥାର ଏହି ଦୃଢ଼ ଦୃଷ୍ଟାନ୍ତ ଆଜି ମଧ୍ୟ ସମାଜକୁ ଏକତାର ସନ୍ଦେଶ ଦେଉଛି । ଏହି ବିଶ୍ୱଶାନ୍ତି ମହାଯଜ୍ଞ ମାଣିଖଣ୍ଡି ଅଞ୍ଚଳରେ ଜଣେ ଅଜଣା ମହାପୁରୁଷଙ୍କ ପୀଠରେ ଆୟୋଜିତ ହେଉଛି । ସାତଦିନ ଧରି ଚାଲିଥିବା ଏହି ଯଜ୍ଞରେ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନେ ଭାଗ ନେଇଥା'ନ୍ତି । ଏହି ପୀଠର ଏକ ବିଶେଷ ଆକର୍ଷଣ ହେଉଛି ମହାପୁରୁଷ ଲଗାଇଥିବା ପ୍ରାଚୀନ ବୃକ୍ଷ । ଯାହା ଦୀର୍ଘବର୍ଷ ଧରି ପୂଜାର୍ଚ୍ଚନାର କେନ୍ଦ୍ରବିନ୍ଦୁ ହୋଇ ରହିଛି । ଏହି ବୃକ୍ଷକୁ ଏପର୍ଯ୍ୟନ୍ତ ବନବିଭାଗ ମଧ୍ୟ ସଠିକ ଭାବେ ଚିହ୍ନଟ କରିପାରିନାହିଁ ବୋଲି ଯଜ୍ଞ କମିଟି ସମ୍ପାଦକ ଅନିରୁଦ୍ଧ ବେହେରା କହିଛନ୍ତି ।

ସ୍ଥାନୀୟ ବୟସ୍କ ଲୋକଙ୍କ ମତାନୁସାରେ, ଏହି ମହାପୁରୁଷଙ୍କ ସମ୍ପର୍କ ଅଚ୍ୟୁତାନନ୍ଦ ଦାସଙ୍କ ସମୟ ସହ ଥିବା ସମ୍ଭାବନା ରହିଛି । ଯଦିଓ ତାଙ୍କର ସଠିକ ପରିଚୟ ଆଜି ପର୍ଯ୍ୟନ୍ତ ଅଜଣା, ଯଜ୍ଞ କମିଟିର ସଭାପତି ବନମାଳୀ ଦୁବେ ଏହି ପରମ୍ପରାର ପୌରାଣିକତାକୁ ଉଲ୍ଲେଖ କରିଥିଲେ । ପୀଠରେ ସିଦ୍ଧ ଶ୍ରୀଧର ମହାରାଜ ବର୍ଷ ସାରା ପୂଜାନୀତି କରୁଥିବାବେଳେ ପୂଜକ ଭାବେ ପ୍ରମୋଦ ମହାପାତ୍ର ନିଯୁକ୍ତ ଅଛନ୍ତି । ଏହି ମହାଯଜ୍ଞର କର୍ତ୍ତା ଭାବେ ବରେନ୍ଦ୍ର ମହାନ୍ତି ଓ ନଳିନୀ ମହାନ୍ତି ଦାୟିତ୍ୱ ନିଭାଉଛନ୍ତି । ଯଜ୍ଞର ସୁଚାରୁ ପରିଚାଳନା ପାଇଁ ଗଠିତ କମିଟିରେ ସୁନୀଲ ସାହୁ, ବିଭୁପ୍ରସାଦ ବେହେରା, ବ୍ରଜସୁନ୍ଦର ମହାନ୍ତି, ପରମାନନ୍ଦ ବେହେରା, ଜ୍ଞାନରଞ୍ଜନ କର, ତୁଷାର ସାହୁ, ବ୍ରଜକିଶୋର ସାହୁ, ଜ୍ଞାନେନ୍ଦ୍ର ସାହୁ, ପ୍ରଦୀପ ସାହୁ, ବିଶ୍ୱଜିତ ନାୟକ, ବିଚିତ୍ର ବିଶ୍ୱାଳ ପ୍ରମୁଖ ନିଷ୍ଠାର ସହ ଯୋଗଦାନ କରୁଛନ୍ତି ।

## ତରଡ଼ିପାଳ ହାଇସ୍କୁଲରେ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ପଟ୍ଟାମୁଣ୍ଡାଇ ସଦର, ୫।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତରଡିପାଳ ହାଇସ୍କୁଲର ୧୯୮୯ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ଗୋବର୍ଦ୍ଧନ ଧଳଙ୍କ ପୌରୋହିତ୍ୟ ଓ ଆର୍ଯ୍ୟବାଳା ଜେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଶିକ୍ଷକ ରାଜକୁମାର ବିଶ୍ୱାଳ, ନନ୍ଦକିଶୋର ଭୂୟାଁ, ସୁଶୀଳ ବିଶ୍ୱାଳ, ଆଲ୍ଲାଦିନ ଭଦ୍ର, ପର୍ଶୁରାମ ବିଶ୍ୱାଳ, କାଙ୍ଗାଳି ଦାସ, ବିଚିତ୍ରାନନ୍ଦ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଧୋୟାଞ୍ଚଳର ଏହି ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ । ଗୁରୁପୂଜନ ଉତ୍ସବରେ ଛାତ୍ରଛାତ୍ରୀ ଗୁରୁଙ୍କ ପାଦ ଧୋଇ ଦେଇ ସିନ୍ଦୁର ଚନ୍ଦନ ଲଗାଇବା ସହିତ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପୁରାତନ ଛାତ୍ର ଅଜୟ ଦାଶ, ବବିସ୍ମିତା ବିଶ୍ୱାଳ, ସ୍ମୃତିରଞ୍ଜନ ବିଶ୍ୱାଳ, ନିର୍ମଳ ନାୟକ, ଅଜିତ ବିଶ୍ୱାଳ, କିଶୋର ବାରିକ, ପ୍ରତିମା ବିଶ୍ୱାଳ, ସୌଦାମିନୀ ନାଥଶର୍ମା, କଳିଙ୍ଗ ବିଶ୍ୱାଳ, କଳ୍ପନା ନାଥଶର୍ମା, ଲିଲିଲତା ବିଶ୍ୱାଳ, ସୌମେନ୍ଦ୍ର ଦାଶ, ପ୍ରକାଶ ବିଶ୍ୱାଳ, ସ୍ମିତା ବିଶ୍ୱାଳ, ନିଶିକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍କୁଲ ଜୀବନର ସ୍ମୃତିଚାରଣ କରିବା ସହ ଏହି ମହାନ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଶପଥ ନେଇଥିଲେ । ପୁରାତନ ଛାତ୍ର ସବିତା ବିଶ୍ୱାଳ ସ୍ୱାଗତ ଭାଷଣ ଓ ଗୀତାଞ୍ଜଳି ନାଥଶର୍ମା ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଦିବଂଗତ ଶିକ୍ଷକ ଓ ବ୍ୟାଚ ଛାତ୍ରଛାତ୍ରୀଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ମିନତୀ ରାଉତ ଧନ୍ୟବାଦ ଦେଇଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ବିକ୍ରମ ସାମଲ, ସୁଶାନ୍ତ ମଲିକ, ମିନତୀ ବେହେରା, ଶରତ ବିଶ୍ୱାଳ, ସ୍ମୃତିଛନ୍ଦା ବିଶ୍ୱାଳ, ରମେଶ ଦାଶ, ଶରତ ବେହେରା ପରିଚାଳନା କରିଥିବାବେଳେ ରଞ୍ଜିତା ନାଥଶର୍ମା, ଚନ୍ଦ୍ରପ୍ରଭା ବିଶ୍ୱାଳ, ବବିଲତା ବିଶ୍ୱାଳ, ସୁଶାନ୍ତ କର, ଅବନ୍ତୀ ପଲାଇ, ଜୟନ୍ତୀ ବିଶ୍ୱାଳ, ମହାମାୟା ମହାପାତ୍ର, ନିର୍ମଳ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

## ରାସ୍ତା କାମ ଅଧା କରି ଠିକାଦାର ଛୁ', ଲୋକେ ହନ୍ତସନ୍ତ



ମହାକାଳପଡ଼ା, ୫।୫(ସମିସ): ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା ପଦାରେ ପଡ଼ିଛି । ରାସ୍ତା କାମ ଅଧା କରି ଠିକାଦାର ଛୁ ମାରିଛି । ଫଳରେ ଏବେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବଡ଼କୂଳ ପଞ୍ଚାୟତର ଦହିମାଛ ପତିତପାବନ ମଠ ମୁଖ୍ୟ ଛକରେ ଏକ କଲଭର୍ଟ କାମ ଶେଷ ହୋଇଥିଲେ ମଧ୍ୟ ଦୁଇ ପାର୍ଶ୍ୱ ସଂଯୋଗ ରାସ୍ତା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ । ଦୀର୍ଘ ତିନିମାସ ଧରି ଠିକାଦାରଙ୍କ ଦେଖାନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି । ଦୁଇ ପାର୍ଶ୍ୱରେ ଯେଉଁ ମାଟି ପଡ଼ିଥିଲା ଏବେ ବର୍ଷାରେ ତାହା କାଦୁଅ ପଚପଚ ହେଉଛି । ଯାହାଫଳରେ ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା କାମ ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## କଳିଙ୍ଗ ଆବାସିକ ବିଦ୍ୟାଳୟରେ ମହାବୀର ଓ ନୀଳ ସରସ୍ୱତୀଙ୍କ ପୂଜା

ଡେରାବିଶ, ୫।୫(ସମିସ): ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥ କଳିଙ୍ଗ ଆବାସିକ ବିଦ୍ୟାଳୟ ପରିସରରେ ଚତୁର୍ଥ ପ୍ରହର ନାମଯଜ୍ଞ, ପୀଠାଧିଶ୍ୱର ସଙ୍କଟ ମୋଚନ ପ୍ରଭୁ ମହାବୀର ଓ ବିଦ୍ୟାଦାତ୍ରୀ ମା' ନୀଳ ସରସ୍ୱତୀଙ୍କ ପୂଜା, ଗୀତାଯଜ୍ଞ ଅନୁଷ୍ଠିତ



ହୋଇଯାଇଛି । ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ତ୍ରିଦିବସୀୟ ଆଧାତ୍ମିକ କାର୍ଯ୍ୟକ୍ରମରେ ରବିବାର ଚତୁର୍ଥ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିବାବେଳେ ସୋମବାର ମା' ନୀଳ ସରସ୍ୱତୀଙ୍କ ପୂଜା ଓ ହନୁମାନ ମେଳା ଅନୁଷ୍ଠିତ ହୋଇଥିଲା । ଆଜି ପୂର୍ବାହ୍ନରୁ ଗୀତାଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଛାତ୍ରାଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଯଜ୍ଞର ପୂର୍ଣ୍ଣାହୁତି ପରେ ଅନ୍ନଯଜ୍ଞ ଆୟୋଜନ କରାଯାଇ ଉପସ୍ଥିତ ଶ୍ରଦ୍ଧାଳଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

## ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ

ରାଜନଗର, ୫।୫(ସମିସ): କେରଡ଼ାଗଡ଼ସ୍ଥ ଶ୍ରୀଜଗନ୍ନାଥ ହାଇସ୍କୁଲର ୧୯୯୯ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ ଧାନଦିଆ ନୂଆଗାଁଠାରେ ଅନୁଷ୍ଠିତ ହୋଇଯାଇଛି । ଅମର ବଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚିନାରାୟଣ ଜେନା, ମହେଶ୍ୱର ସୂତାର, ସୁବାସ ଦାସ, ଅକ୍ଷୟ ଦାସ, କାଙ୍ଗାଳି ପ୍ରଧାନ, ଅଶୋକ ଖଟୁଆ, ନୀଳାମ୍ବର



ସ୍ୱାଇଁ, କିଶୋର ଦାସ, ନିରଞ୍ଜନ ନାୟକ, ନଟବର ରାଉତ, ଅଭୟ ସ୍ୱାଇଁ, ବ୍ରହ୍ମାନନ୍ଦ ସ୍ୱାଇଁ, ବିଦୁଭୂଷଣ ବିଶ୍ୱାଳ ଓ ବିଚିତ୍ର ଖଟୁଆ ପ୍ରମୁଖ ଶିକ୍ଷକଙ୍କୁ ଛାତ୍ରଛାତ୍ରୀ ପୂଜା କରିବା ପରେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାକ୍ତନ ଛାତ୍ର ଅରୂପ ବଳ, ମନୋରଞ୍ଜନ ସାହୁ, ହରେକୃଷ୍ଣ ରାଉତ, ବସନ୍ତ ବେହେରା, ଦେବଦତ୍ତ ସାହୁ, ହରେକୃଷ୍ଣ ଜେନା, ଅମ୍ବାରିସ ରାଉତ, ନିରଞ୍ଜନ ରାଉତ, ବ୍ରହ୍ମାନନ୍ଦ ରାଉତ, ଲକ୍ଷ୍ମୀଧର ସ୍ୱାଇଁ, ପ୍ରତାପ ସାହୁ, ସୁଧାଂଶୁ ପଣ୍ଡା, ରଘୁନାଥ ସେଠୀ, ସଞ୍ଜୟ ପଣ୍ଡା, କିଶୋର ରାଉତ, ପ୍ରତୀମା ପାତ୍ର, ଅରୁଣ୍ଧତୀ ରାଉତ, ରଶ୍ମିତା ଦାସ, ରୀତାଞ୍ଜଳି କବି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

### ନାହିଁ ନିଷ୍କାସନ ବ୍ୟବସ୍ଥା

# ବିଦ୍ୟାଳୟ ଖେଳ ପଡ଼ିଆରେ ପାଣି, ଛାତ୍ରଛାତ୍ରୀ ଖେଳକୁଦରୁ ବଞ୍ଚିତ

ପଞ୍ଚୁପାଣ୍ଡବ, ୫।୫(ସମିସ)



ଡେରାବିଶ ବ୍ଲକ ରଘୁରେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆ (ଶିଶୁ ପାର୍କ) ରେ ପାଣି ଲହଡ଼ି ମାରୁଥିବା ଦେଖିବାକୁ ମିଳୁଛି । ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନିର୍ମାଣ ହୋଇଥିବା ଖେଳ ପଡ଼ିଆରେ ପାଣି ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ପଡ଼ିଆରେ ଆଣ୍ଠୁଏ ପାଣି ଜମିଥିବା ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟରେ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚରେ ବିଭିନ୍ନ କାମ କରାଯାଇଛି । କିନ୍ତୁ କେତେକ ଠିକାଦାର ନିମ୍ନମାନର କାମ କରି ସରକାରଙ୍କ ଟଙ୍କା ହରିଲୁଟ କରିଥିବା ଅଭିଯୋଗ ହେଉଛି । ଏହି ବିଦ୍ୟାଳୟର ପାଚେରି ପ୍ରତିବର୍ଷ ଭାଙ୍ଗୁଛି ଓ ମରାମତି ହେଉଥିବା ଅଭିଯୋଗ ହେଉଛି । ନିମ୍ନମାନର କାମ ହୋଇଥିବାବେଳେ ପ୍ରଶାସନିକ ଅଧିକାରୀ ଠିକାଦାରଙ୍କ ସହ ସଲାସୁତୁରା ହୋଇ ବିନା ତଦନ୍ତରେ ବିଲ୍ ପୈଠ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଛାତ୍ରଛାତ୍ରୀଙ୍କ ପାଇଁ ଏତେ ଟଙ୍କା ଖର୍ଚ୍ଚ କରିବା ପରେ ପିଲା ମାନେ ଖେଳକୁଦରୁ ବଞ୍ଚିତ ହେଉଛନ୍ତି । ଅଦିନିଆ ବର୍ଷାରେ ଆଣ୍ଠୁଏ ପାଣି ହେଉଥିବାବେଳେ ବର୍ଷାଦିନେ ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ୟା ହେବ ବୋଲି ଅଭିଭାବକ କହିଛନ୍ତି । ଏହାର ତଦନ୍ତ କରାଯାଇ ପାଣି ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ପଦ୍ମଲୋଚନ ବିଦ୍ୟାପୀଠ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ

ପଟ୍ଟାମୁଣ୍ଡାଇ, ୫।୫(ସମିସ): ଚନ୍ଦନନଗର ପଦ୍ମଲୋଚନ ବିଦ୍ୟାପୀଠ ୧୯୯୯ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ନଳିନୀ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଗୁରୁପୂଜନ ଉତ୍ସବରେ ପୂର୍ବତନ ପ୍ରଧାନଶିକ୍ଷକ ପଞ୍ଚାନନ ଧଳ, ପ୍ରାକ୍ତନ ଶିକ୍ଷକ ମହେଶ୍ୱର ଦାସ, ମିନତୀ ମହାନ୍ତି ଓ ବର୍ତ୍ତମାନର ପ୍ରଧାନଶିକ୍ଷକ ହେମନ୍ତ ରାଉତ, ପଞ୍ଚସଖା ସେତୁ ସଭାପତି ପ୍ରଫୁଲ ଦାସ, ସାମ୍ବାଦିକ ଭାସ୍କର ରାଉତରାୟ, ନିରଞ୍ଜନ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀ ବିଦ୍ୟାପୀଠର ବିକାଶ ପାଇଁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ । ପୁରାତନ ଛାତ୍ରଛାତ୍ରୀ ଗୁରୁଙ୍କ ପାଦ ଧୋଇ ପୂଜାର୍ଚ୍ଚନା କରିଥିଲେ । ଏ ଅବସରରେ ଏମଏସସିରେ ସ୍ୱର୍ଣ୍ଣପଦକ ପାଇଥିବା ପୁରାତନ ଛାତ୍ରୀ ଲୋପାମୁଦ୍ରା ମହାପାତ୍ର ଓ ଜଣେ ମହିଳା କୃଷିଜୀବୀ ପୁରାତନ ଛାତ୍ରୀ ପ୍ରତୀମା ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅରୁନ୍ଧତୀ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୁରାତନ ଛାତ୍ର ରଞ୍ଜିତ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପୁରାତନ ଛାତ୍ର ରାଜେନ୍ଦ୍ର ଦାସ, ନିରଞ୍ଜନ ନାଥ, ଶ୍ୱେତାଳିନା ଦାସ, ରାଜେନ୍ଦ୍ର ମଲ୍ଲିକ, ସୁବ୍ରତ






ନାଥ, ସବିତା ମହାକୁଡ୍ଡ, ରଶ୍ମିରଞ୍ଜନ ଦାସ, ବିଜୟ ପାତ୍ର ପ୍ରମୁଖ ସ୍କୁଲ ଜୀବନର ସ୍ମୃତିଚାରଣ କରିବା ସହ ବିଦ୍ୟାପୀଠର ବିକାଶ ପାଇଁ ଶପଥ ନେଇଥିଲେ । ମାନସ ମଲ୍ଲିକ ଧନ୍ୟବାଦ ଦେଇଥିଲେ ।

ସରକାରଙ୍କ ଏକ ପେଡ୍ ମାଆ କେ ନାମ ସ୍ଲୋଗାନ ପ୍ରହସନ

# ଗଛ କାଟି ଇକୋ ଟ୍ୟୁରିଜିମ କରିବାକୁ ଚାଲିଛି ମସୁଧା

ରାଇରଙ୍ଗପୁର, ୫।୫(ସମିସ)



ଏସିଆ ମହାଦେଶର ଦ୍ୱିତୀୟ ସର୍ବବୃହତ ଜୈବ୍ୟ ମଣ୍ଡଳ ଶିମିଳିପାଳ ଅଭୟାରଣ୍ୟ ନଷ୍ଟ ହେବା ସମ୍ଭାବନା ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଇକୋ-ଟ୍ୟୁରିଜିମ୍ ନିର୍ମାଣ କରିବା ବାହାନାରେ ହଜାର ହଜାର ଗଛ ବଳି ପଡ଼ିବାକୁ ଯାଉଛି। ଏ ନେଇ ହଜାର ହଜାର ସଂଖ୍ୟକ ଗଛ କଟାଯିବାକୁ ଚିହ୍ନଟ ହୋଇଛି। ତେବେ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଗଛ କଟାଗଲେ ଭଞ୍ଜସେନା ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଦୃଢ଼ ଚେତାବନୀ ଦିଆଯାଇଛି। ବିଜେପି ସରକାରଙ୍କ ପକ୍ଷରୁ ଜଙ୍ଗଲ ଓ ପରିବେଶର ସୁରକ୍ଷା ନିମନ୍ତେ ଏକ ପେଡ ମାଆ କେ ନାମ ସ୍ଲୋଗାନ ଦିଆଯାଇ ଚାରା ରୋପଣ କରାଯାଉଛି। କିନ୍ତୁ ଉକ୍ତ ଘଟଣାରେ ସ୍ଲୋଗାନ ବର୍ତ୍ତମାନ ଲୋକ ଦେଖାଣିଆ ସାଜିଛି ବୋଲି ଜଣାପଡ଼ିଛି।

ଶିମିଳିପାଳ ଅଭୟାରଣ୍ୟକୁ ଯଶିପୁର ପଟୁ ପ୍ରବେଶ ନିମନ୍ତେ ଥିବା କାଳିକା ପ୍ରସାଦ ତନଖି ଫାଟକ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଇକୋ-ଟ୍ୟୁରିଜିମ୍ ନିର୍ମାଣ କରାଯିବା ନେଇ ଯୋଜନା ହୋଇଛି। ସେଥି ନିମନ୍ତେ ୨୦ ଏକର ଜମି ଆବଶ୍ୟକ ଅଟେ। ଉକ୍ତ ଜମି ଚିହ୍ନଟ ନିମନ୍ତେ ଜିଲ୍ଲାପାଳ ଯଶିପୁର ତହସିଲଦାରଙ୍କୁ ଚିଠି ଯୋଗେ ସୂଚିତ କରିଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କୁ ନେଇ ପଲ୍ଲୀସଭା କରି ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବିନା ପଲ୍ଲିସଭାରେ ଜମି ଚିହ୍ନଟ କରାଯାଇଛି ବୋଲି ଭଞ୍ଜସେନା ପକ୍ଷରୁ ଅଭିଯୋଗ କରାଯାଇଛି। ଜଙ୍ଗଲ ସୁରକ୍ଷା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଇକୋ-ଟ୍ୟୁରିଜିମ୍ ନିର୍ମାଣ ସକାଶେ ଯଶିପୁର ତହସିଲ ଅନ୍ତର୍ଗତ ଶିମିଳିପାଳ ପ୍ରବେଶ ଦ୍ୱାର କଳିକାପ୍ରସାଦ ଫାଟକ ନିକଟରେ ହଜାର ହଜାର ଗଛ ବଳି ପଡ଼ିବାକୁ ଚିହ୍ନଟ କରାଯାଇଛି। ଯଶିପୁର ତହସିଲ ଅନ୍ତର୍ଗତ ପର୍ଯ୍ୟାପ୍ତ ପରିମାଣର ସରକାରୀ ଜମି ଖାଲି ପଡ଼ିଛି। କିନ୍ତୁ ତାହାକୁ ଛାଡି ସଂରକ୍ଷିତ ଜଙ୍ଗଲରେ ଗଛ କାଟି ଇକୋ ଟ୍ୟୁରିଜିମ କରିବା ନିମନ୍ତେ ମସୁଧା ହେଉଛି। ତେବେ ଉକ୍ତ ଜମି ଯଶିପୁର ନିର୍ବାଚନମଣ୍ଡଳୀ ଅଧୀନରେ ଅଟେ। ଯାହାକି ଖୋଦ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କର ଅଟେ। ଖୋଦ ମନ୍ତ୍ରୀଙ୍କ ଅଞ୍ଚଳରେ ମୟୂରଭଞ୍ଜ ଜିଲ୍ଲାର ଗୌରବ ଶିମିଳିପାଳ ଅଭୟାରଣ୍ୟକୁ ନଷ୍ଟ କରିବାକୁ ଯୋଜନା ହୋଇଛି। ଯାହାକୁ ବିଭିନ୍ନ ମହଲରୁ ବିରୋଧ କରାଯାଇଛି।

ଗଛ କାଟିବା ନିଷ୍ପତ୍ତିକୁ ବିରୋଧ କରି ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା 'ଏକ୍ସ' ମାଧ୍ୟମରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ଗଛ ନ କାଟିବାକୁ ନିବେଦନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ଅନେକ ବେକାର ଯୁବକ/ଯୁବତୀ ରହିଛନ୍ତି। ତେବେ ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପର ବିକାଶ ହେଲେ ଯୁବକ/ଯୁବତୀ ନିଯୁକ୍ତି ସୁଯୋଗ ପାଇ ଆତ୍ମନିର୍ଭରଶୀଳ ହୋଇପାରିବେ। କିନ୍ତୁ ଆମ ଗୌରବ ଶିମିଳିପାଳକୁ ନଷ୍ଟ କରି ବିକାଶ ସମ୍ଭବ ନୁହେଁ। ଯଶିପୁର ତହସିଲ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ଖାଲି ଜାଗା ଥିବା ସତ୍ତ୍ୱେ ଜଙ୍ଗଲ ନଷ୍ଟ କରି ଇକୋ ଟ୍ୟୁରିଜିମ କରିବାର ଯଥାର୍ଥତା ନାହିଁ। ଶିମିଳିପାଳ ଆମ ପରିଚୟ ଅଟେ, ଶିମିଳିପାଳ ନଷ୍ଟ ହେଲେ ଆମ ପରିବେଶ ନଷ୍ଟ ହେବ। ତେଣୁ ଇକୋ-ଟ୍ୟୁରିଜିମ୍ ନିମନ୍ତେ ଅନ୍ୟ ସ୍ଥାନ ଚୟନ କରିବାକୁ ଶ୍ରୀ ଜେନା କହିଛନ୍ତି। ନଚେତ ଭଞ୍ଜସେନା ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ସହ ଆଇନର ଆଶ୍ରୟ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି।

- ଜଙ୍ଗଲ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ବଳି ପଡ଼ିବ ହଜାର ହଜାର ଗଛ
- ଖାଲି ସ୍ଥାନରେ କରାଯିବାକୁ ଦାବି
- ଇକୋ ଟ୍ୟୁରିଜିମ୍ ବାହାନାରେ ଶିମିଳିପାଳରେ ଗଛ କଟାଯିବାକୁ ହୋଇଛି ଚିହ୍ନଟ
- ଗଛ କଟାଗଲେ ଆଇନର ଆଶ୍ରୟ ସହ ଆନ୍ଦୋଳନ ଚେତାବନୀ ଦେଲା ଭଞ୍ଜସେନା

## ବିଜେଡିର ରାଜ୍ୟ କମିଟିରେ ମୟୂରଭଞ୍ଜର ୮ ଜଣ

**ବାରିପଦା/ରାଇରଙ୍ଗପୁର, ୫।୫(ସମିସ):** ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ କମିଟି ପାଇଁ ନୂତନ କର୍ମକର୍ତ୍ତା ଭାବେ ମୟୂରଭଞ୍ଜ ଜିଲ୍ଲାର ୮ ଜଣଙ୍କ ନାମ ଘୋଷଣା କରିଛନ୍ତି। ପୂର୍ବରୁ ଜିଲ୍ଲାର ଦୁଇଟି ସାଂଗଠନିକ ଜିଲ୍ଲାର ସଭାପତି ଓ କାର୍ଯ୍ୟକାରୀ ସଭାପତି ତାଙ୍କ ଦ୍ୱାରା ନିଯୁକ୍ତ ହୋଇଥିବାବେଳେ ବର୍ତ୍ତମାନ ବରିଷ୍ଠ ସାଧାରଣ ସମ୍ପାଦକ, ସାଧାରଣ ସମ୍ପାଦକ ଓ ସମ୍ପାଦକ ନାମ ଘୋଷଣା କରିଛନ୍ତି। ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ବରିଷ୍ଠ ସାଧାରଣ ସମ୍ପାଦକ ଓ କାଶୀନାଥ ହେମ୍ବ୍ରମ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ପାଉଥିବାବେଳେ ସମ୍ପାଦକ ଭାବେ ଦେବାଶିଷ ମହାନ୍ତି, ସୁନୀଲ କୁମାର ଦାଶ, ସୁବ୍ରମଣ୍ୟମ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସତ୍ୟବ୍ରତ ଦାସ ଓ ଦୀପକ ମଲ୍ଲୁଆଳ ଦାୟିତ୍ୱ ତୁଲାଇବେ। ସେହିପରି ମୟୂରଭଞ୍ଜ-୨ ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ଭାବେ ଚନ୍ଦ୍ରଶେଖର ସାହୁ ଓ ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ଭାବେ ଅଭିଷେକ ସାହୁଙ୍କ ନାମ ଘୋଷଣା କରାଯାଇଛି। ଦଳର ସଂଗଠନକୁ ମଜଭୁତ କରିବା ପାଇଁ ସମସ୍ତେ କାର୍ଯ୍ୟ କରିବା ସହିତ ନୂତନ ଦାୟିତ୍ୱ ପାଇଁ ଶ୍ରୀ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ୧୨ ଫୁଟ୍‌ର ଅହିରାଜ ଉଦ୍ଧାର



**କପ୍ତିପଦା, ୫।୫ (ସମିସ):** ଏକ ବିଶାଳକାୟ ଅହିରାଜ କୁକୁଡ଼ା ଦୋକାନ ଭିତରେ ପଶି ଯାଇଥିବାବେଳେ ତାହାକୁ ଉଦ୍ଧାର କରିଛି ବନ ବିଭାଗ। କପ୍ତିପଦା ବନାଞ୍ଚଳ ଅଧୀନ ପଦ୍ମପୋଖରୀ ଗ୍ରାମରେ ଜଣେ ବ୍ୟକ୍ତିଙ୍କ କୁକୁଡ଼ା ଦୋକାନ ଭିତରେ ଏକ ଅହିରାଜ ସାପ ପଶିଥିବା ଦୋକାନୀ ଦେଖିବାକୁ ପାଇଥିଲେ। ସେ ଘଟଣା ବାବଦରେ କପ୍ତିପଦା ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନ ବିଭାଗ ସହିତ ସ୍ନେକ ହେଲ୍ପଲାଇନ ସଦସ୍ୟ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ଅହିରାଜଟି ଦୋକାନରୁ ବାହାରି ନିକଟସ୍ଥ ଏକ ବୁଦା ନିକଟରେ ଲୁଚିଯାଇଥିବା ବନ ବିଭାଗ ଦେଖିବାକୁ ପାଇଥିଲା। ଏହାପରେ ସାପକୁ ଦୀର୍ଘ ସମୟ ଚେଷ୍ଟା ପରେ ଧରିବା ସହିତ ସୁରକ୍ଷିତ ଭାବେ ଶିମିଳିପାଳରେ ଛାଡ଼ି ଦିଆଯାଇଛି। ଉଦ୍ଧାର ଅହିରାଜର ଲମ୍ବ ୧୨ ଫୁଟ୍‌ରୁ ଅଧିକ ହୋଇଥିବାବେଳେ ନିକଟସ୍ଥ ଜଙ୍ଗଲରୁ ଆସିଥିବା କୁହାଯାଉଛି।

## ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

**କୁଆମରା, ୫।୫(ସମିସ):** ଖୁଣ୍ଟା ଥାନା ପୁରୁଣାପାଣି ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଯୌତୁକ ନିର୍ଯାତନା ଦେଉଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୁରୁଣାପାଣି ଗ୍ରାମର ପବିତ୍ରା ପାତ୍ର (୩୦) ବିଗତ ଦିନିବର୍ଷ ତଳେ ବେତନଟୀ ଥାନା ଅନ୍ତର୍ଗତ ସଠିଲ ଗ୍ରାମର ବୁଲୁ ପାତ୍ରଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ମାତ୍ର କିଛିଦିନ ତଳେ ୫୦ ହଜାର ଟଙ୍କା ବାପଘରୁ ଆଣିବାକୁ ପବିତ୍ରାଙ୍କୁ ତାଙ୍କ ସ୍ୱାମୀ ବୁଲୁ କହିଥିଲେ। ବାପଘରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ବାପଘର ଲୋକେ ଟଙ୍କା ଦେଇପାରି ନ ଥିଲେ। ଫଳରେ ବୁଲୁ କିଛିଦିନ ହେବ ପବିତ୍ରାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ଆଧାରରେ ୧୧୯/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି କହିଛନ୍ତି। ପବିତ୍ରା ନିର୍ଯାତନା ସହି ନ ପାରି ଏବେ ବାପ ଘରେ ରହୁଥିବା ଜଣାପଡ଼ିଛି।

## ପାରିବାରିକ କଳହକୁ ନେଇ ଥାନାରେ ପୃଥକ ମାମଲା

**କୁଆମରା, ୫।୫(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ରାଇପଦା ଗ୍ରାମରେ ପାରିବାରିକ କଳହକୁ ନେଇ ଥାନାରେ ପୃଥକ ମାମଲା ରୁଜୁ ହୋଇଛି। ଭାଗବତ ମହାପାତ୍ରଙ୍କୁ ତାଙ୍କ ପୁଅ ନିରାକାର ଓ ବୋହୂ ଶିଖା ମାରପିଟ୍ କରିବା ସହ ଚେକ୍‌ରେ ଦସ୍ତଖତ କରାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ୧୧୭/୨୬ରେ ଏକ ମାମଲା ରୁଜୁ ହୋଇଥିବାବେଳେ ବୋହୂ ଶିଖା ଶଶୁରଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ଶଶୁର ତାଙ୍କୁ ମାଡ଼ ଓ ଗୋଇଠା ମାରିବା ସହ ଅଶ୍ଳୀଳ ଇଙ୍ଗିତ ଓ ଗାଳି ଗୁଲଜ କରିଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି। ଶିଖାଙ୍କ ଅଭିଯୋଗ ମୂଳେ ୧୧୮/୨୬ରେ ଆଉ ଏକ ମାମଲା ରୁଜୁ ହୋଇଛି। କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ଏ ନେଇ ତଦନ୍ତ ଚଳାଇଛନ୍ତି।

## ୧୧ରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

**ରାଇରଙ୍ଗପୁର, ୫।୫(ସମିସ):** ଆସନ୍ତା ୧୧ ତାରିଖରେ ରାଇରଙ୍ଗପୁରସ୍ଥ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସକାଳ ୭ଟା ସମୟରେ ଆରମ୍ଭ ହୋଇ ଜନସାଧାରଣଙ୍କ ଆପତ୍ତି / ଅଭିଯୋଗର ଶୁଣାଣି କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଜନଅଭିଯୋଗ ଶୁଣାଣି ଶିବିରରେ ବାମନଘାଟୀ ଉପଖଣ୍ଡର ସମସ୍ତ ଉପଖଣ୍ଡସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ, ସିଡିପିଓ, ବାମନଘାଟୀ ଉପଖଣ୍ଡ ଅଧୀନସ୍ଥ ସମସ୍ତ ବ୍ଲକସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଅଭିଯୋଗର ଶୁଣାଣି କରାଯିବ। ଉକ୍ତ ଜନଅଭିଯୋଗ ଶୁଣାଣି ଶିବିରରେ ବାମନଘାଟି ଉପଖଣ୍ଡ ଅଧୀନସ୍ଥ ୭ଟି ବ୍ଲକ ଓ ରାଇରଙ୍ଗପୁର ପୌରପାଳିକା ଲୋକେ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପସ୍ଥିତ ହୋଇ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କିତ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ ବୋଲି ସୂଚିତ କରାଯାଉଛି।

କରଞ୍ଜିଆ ଥାନା ପକ୍ଷରୁ ମେଗା ରକ୍ତଦାନ ଶିବିର

## ୧୧୭ ୟୁନିଟ୍ ରକ୍ତ ସଂଗୃହୀତ

**କରଞ୍ଜିଆ, ୫।୫(ସମିସ):** ଆଜି କରଞ୍ଜିଆ ଥାନାର ଆମ ପୁଲିସ ସମିତି ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିରର ଆୟୋଜନ ହୋଇଛି। ଏଥିରେ ମୋଟ ୧୧୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। କରଞ୍ଜିଆ ଥାନା ପରିସରରେ ଆଇଆଇସି ମୃତ୍ୟୁଞ୍ଜୟ ଲଧାନ ଓ ଥାନା ଅଫିସର, କର୍ମଚାରୀଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ମୁଖ୍ୟଅତିଥି ଭାବେ ଅତିରିକ୍ତ ଏସପି ଯଦୁନାଥ ଜେନା ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ଉପଜିଲ୍ଲାପାଳ ଡା. ଦୟାସିନ୍ଧୁ ପରିଡ଼ା, ପିଏ ଆଇଟିଡିଏ ଚିତ୍ତରଞ୍ଜନ ମହାନ୍ତ, ଏସଡିପିଓ ନବକୃଷ୍ଣ ନାୟକ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କରଞ୍ଜିଆ ରକ୍ତ ଭଣ୍ଡାର ଅଧିକାରୀ ଡା. ଗୌରାଙ୍ଗ ଚାରଣ ନାୟକ, ଡା. ଅଙ୍କିତା ବିଶ୍ୱାଳ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରକ୍ତକେନ୍ଦ୍ରର ଗାୟତ୍ରୀ ସାହୁ, ମାନସ ବାରିକ, ରଜତ ମହାକୁଡ଼, ସୁମନ୍ତ ମହାନ୍ତ, ସଞ୍ଜୀବ ମହାନ୍ତ, ତ୍ରିଲୋଚନ ମହାନ୍ତ, ଅଭିଜିତ ମୁଖି ରକ୍ତ ସଂଗ୍ରହ କରିବାରେ ସାହାଯ୍ୟ କରିଥିଲେ। ମନୋଜ ମହାନ୍ତି, ସୁଧୀର ଭାରୁକା, କମଳ ସାହା, ଓମ ସାହା, ନଗେନ୍ଦ୍ର ସିଂଙ୍କ ସମେତ ବହୁ ଅନୁଷ୍ଠାନର ସଦସ୍ୟ, ଥାନା କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ ଶିବିରରେ ୧୧୭ ଜଣ ରକ୍ତଦାତା ରକ୍ତ ଦେଇଥିଲେ। ଅଧିକ ଥର ରକ୍ତଦାନ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା।




## ମାଟ୍ରିକ୍ ପରୀକ୍ଷାରେ କେଜିବିଭିର ସଫଳତା



**ବଡ଼ସାହି, ୫।୫(ସମିସ):** ଚଳିତ ବର୍ଷର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ବଡ଼ସାହି କେଜିବିଭିର ଛାତ୍ରୀ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଏ ବର୍ଷ କେଜିବିଭିର ମୋଟ ୨୮ ଜଣ ଛାତ୍ରୀ ପରୀକ୍ଷା ଦେଇ ସମସ୍ତେ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଥିବାବେଳେ ତନ୍ମଧ୍ୟରୁ ୧୦ ଜଣ ୬୦ ଶତକଡାରୁ ଅଧିକ ନମ୍ବର ରଖିଛନ୍ତି। ସ୍ଥାନୀୟ କେଜିବିଭି ଛାତ୍ରୀ ରେଖା ବେହେରା ୫୦୩ ନମ୍ବର ରଖି ଏ-୨ ବର୍ଗରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ଓ ସମଗ୍ର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସୁଶ୍ରୀ ରେଖା ବେହେରା ମୟୂରଭଞ୍ଜର ସମସ୍ତ କେଜିବିଭି ମଧ୍ୟରେ ସର୍ବାଧିକ ନମ୍ବର ରଖି ଜିଲ୍ଲାରେ ପ୍ରଶଂସାର ପାତ୍ରୀ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି। ଏହି ସଫଳତାର ଶ୍ରେୟ ସେ ତାଙ୍କର ଶିକ୍ଷକ ଶିକ୍ଷୟିତ୍ରୀ ଓ ପିତାମାତାଙ୍କୁ ପ୍ରଦାନ କରିଥିବାବେଳେ ଭବିଷ୍ୟତରେ ସେ ଶିକ୍ଷକତା ବୃତ୍ତିକୁ ଆପଣାଇ ଶିକ୍ଷାଦାନ କରିବେ ବୋଲି ମତ ପ୍ରକାଶ କରିଛନ୍ତି।

## କୁଡୁମୀ ଜାତିର ସଂସ୍କୃତି ବନାମ ଅପସଂସ୍କୃତି ସଚେତନତା କର୍ମଶାଳା




**ମହୁଲଡିହା, ୫।୫(ସମିସ):** ଠାକୁରମୁଣ୍ଡା ବ୍ଲକ କେଶଡିହା ପଞ୍ଚାୟତ ଅନ୍ତର୍ଗତ ପୁରୁଣାପାଣି ଗ୍ରାମରେ ଠାକୁରମୁଣ୍ଡା କୁଡୁମୀ ସଂଗଠନ ପକ୍ଷରୁ ଜାତିର ସଂସ୍କୃତି ବନାମ ଅପସଂସ୍କୃତିର ଏକଦିବସୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଣେଶ୍ୱର ମହାନ୍ତଙ୍କ ସଭାପତିତ୍ୱରେ ବୈଠକ ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ଗଣେଶ୍ୱର ମହାନ୍ତ କରଡ଼ାପାଳ ଗ୍ରାମର ସଦଖିଆର ସଂସ୍କୃତି ଓ ଅପସଂସ୍କୃତି ବିଷୟରେ ଆଲୋକପାତ କରିଥିବାବେଳେ ଲକ୍ଷ୍ମୀଧର ମହାନ୍ତ ଯଶିପୁର ସିଙ୍ଗାରପୁର ଗ୍ରାମର ବାହାଘରରେ ବର ବରଣିଠାରୁ ବାହାଘର ପର୍ଯ୍ୟନ୍ତ ହେଉଥିବା ଅପସଂସ୍କୃତି ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିପ୍ରତି ସଚେତନ ରହି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଘାଣ୍ଟିଆଦ ଗ୍ରାମର ଭକ୍ତବନ୍ଧୁ ମହାନ୍ତ, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ ମହାନ୍ତ, ହୃଷିକେଶ ମହାନ୍ତ (ମିଟୁଆଣୀ), ସୁରେଶ ମହାନ୍ତ (ଚମ୍ପାଝର), ମନମୋହନ ମହାନ୍ତ ପ୍ରମୁଖ ବିଭିନ୍ନ ଦିଗରୁ ଜାତିକୁ ପ୍ରବେଶ କରୁଥିବା ଅପସଂସ୍କୃତି ସମ୍ବନ୍ଧରେ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ଗ୍ରାମର ଝୁମର ଶିଳ୍ପୀ ଶଙ୍କର ଚରଣ ମହାନ୍ତ ଗୀତ ମାଧ୍ୟମରେ ଅପସଂସ୍କୃତି ଉପରେ ସଚେତନ କରିଥିଲେ। ରାଧାଶ୍ୟାମ ମହାନ୍ତ କର୍ମଶାଳା ପରିଚାଳନା କରିଥିଲେ।

ସର୍ବଭାରତୀୟ ଓପନ କରାଟେ ଚାମ୍ପିଅନସିପ୍

## ବାରିପଦା ଉତ୍କଳ କରାଟେ ସ୍କୁଲକୁ ୨୬ ସ୍ୱର୍ଣ୍ଣପଦକ




**ବାରିପଦା, ୫।୫(ସମିସ):** ରାଞ୍ଚିସ୍ଥ ହରିବଂଶ ତାନାଭଗତ୍ ଇଣ୍ଡୋର ଷ୍ଟାଡିୟମରେ ତୃତୀୟ ସିକୋକାଇ ସର୍ବଭାରତୀୟ ଓପନ କରାଟେ ଚମ୍ପିନସିପ ଉଦଯାପିତ ହୋଇଯାଇଛି। ଏହି ଚାମ୍ପିଅନସିପରେ ବାରିପଦା ଉତ୍କଳ କରାଟେ ସ୍କୁଲ ମେନ୍ ଡୋଜୋ (ଦାରଗାଡାହିସ୍ଥ ଯୁବ୍ଲି ପେଟ୍ରୋଲ ପମ୍ପ ପାଖ)ରୁ କ୍ୟୋନସି ଶ୍ରୀକାନ୍ତ ବାରିକ ଓ ମୁଖ୍ୟ ପ୍ରଶିକ୍ଷକ ସେଂଶି ସୁଶାନ୍ତ ବାରିକ ତତ୍ତ୍ୱାବଧାନରେ ୩୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେସମାନଙ୍କ ମଧ୍ୟରୁ ଜୟଦୀପ ମହାନ୍ତ, ସାଇ ସୁର୍ଯ୍ୟାଂଶୁ ସାହୁ, ଆଦିର ଦେ, କିଷ୍କିନ୍ଧା ମୁର୍ମୁ, ଆରୋହୀ ମହାପାତ୍ର, ଲୌକିକ ମହାନ୍ତ, ଶୁଭଙ୍କର ପ୍ରତିହାରୀ, ଆରାଧ୍ୟା ମହାର୍ଣ୍ଣା, କ୍ରିଷ୍ଣା ମୁଖୀ, ଇତିଶ୍ରୀ ନାଏକ, ପ୍ରିୟାଂଶୁ ମିଶ୍ର, ତାନ୍ୟା ତାପ୍ତି ମହାନ୍ତି, ଭାର୍ଗଭ ବାସୁରି, ଅଞ୍ଜଳି ଟୁଡୁ, ଆର୍‌ଜେ ଦେବରାଜ ସିଂ, ସାଇଓମ ମହାପାତ୍ର କାତାରେ ସ୍ୱର୍ଣ୍ଣ, କାବ୍ୟାଂଶ କୁମାର ଗିରି, ଜିଜ୍ଞାଶା ବାସୁରି, ବୈଭବ ପଟ୍ଟନାୟକ, ଏସନ ମହାନ୍ତ, ସାଇ ଆରାଧ୍ୟ ଖିଲାର, ସୂର୍ଯ୍ୟକନ୍ତ ପୌଲ, ରିତିକା ରାଣୀ ବେହେରା, ରିତେଶ କମିଲା, ସମୀକ୍ଷା ବାରିକ କାତାରେ ରୌପ୍ୟ, ତନିଶା ମହାନ୍ତ, ଜେ ପବନ ନନ୍ଦନ, ଯଶ ବିଶ୍ୱାଳ, ପ୍ରୀୟାଂଶୀ ହେମ୍ବ୍ରମ, ସାଇ ପରିନିତା ମଣ୍ଡଳ, ଜୟନ୍ତୀ ସେଠୀ, ପଦ୍ମଜା ଦତ୍ତ କାତାରେ କାଂସ୍ୟ ପଦକ, ଜୟଦୀପ ମହାନ୍ତ, ରିତିକାରାଣୀ ବେହେରା, ବୈଭବ ପଟ୍ଟନାୟକ, ଆଦିର ଦେ, ଜିଜ୍ଞାସା ବାସୁରୀ, ତନିଶା ମହାନ୍ତ, ସାଇ ସୂର୍ଯ୍ୟାଂଶୁ ସାହୁ, ତାନ୍ୟା ତାପ୍ତି ମହାନ୍ତି, ଆର୍ ଜେ ଦେବରାଜ ସିଂ, ସମୀକ୍ଷା ବାରିକ କୁମିତେରେ ସ୍ୱର୍ଣ୍ଣ, କାଭ୍ୟାଂଶ କୁମାର ଗିରି, କିଷ୍କିନ୍ଧା ମୁର୍ମୁ, ପଦ୍ମଜା ଦତ୍ତ, ସୂର୍ଯ୍ୟକାନ୍ତ ପୌଲ, ରିତେଶ କମିଲା, ଭାର୍ଗବ ବାସୁରି, ଅଞ୍ଜଳି ଟୁଡୁ, ଜୟନୀ ସେଠୀ ଆଦି କୁମିତେରେ ରୌପ୍ୟ, ଆରୋହୀ ମହାପାତ୍ର, ଏସଏନ ମହାନ୍ତ, ସାଇ ଆରୋଧ ଖିଲାର, ଶୁଭଙ୍କର ପ୍ରତିହାରୀ, ଜେ ପବନ ନନ୍ଦନ, କ୍ରିଷ୍ଣା ମୁଖୀ, ଇତିଶ୍ରୀ ନାୟକ, ପ୍ରିୟାଂଶୁ ମିଶ୍ର, ଯଶ ବିଶ୍ୱାଳ, ପ୍ରୀୟଂଶୀ ହେମ୍ବ୍ରମ, ସାଇ ପରିନିତା ମଣ୍ଡଳ, ସାଇଓମ ମହାପାତ୍ର ଆଦି କୁମିତେରେ କାଂସ୍ୟ, ଜିଜ୍ଞାସା ବାସୁରୀ, ଇତିଶ୍ରୀ ନାଏକ, କିଷ୍କିନ୍ଧା ମୁର୍ମୁ ଆଦି ଦଳଗତ କାତାରେ ରୌପ୍ୟ ଓ ଜୟଦୀପ ମହାନ୍ତ, କାବ୍ୟାଂଶ କୁମାର ଗିରି, ବୈଭବ ପଟ୍ଟନାୟକ ଦଳଗତ କାତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସ୍କୁଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଆସିଥିବା ଉପନିର୍ଦ୍ଦେଶକ କରୁଣା କର ହେମ୍ବ୍ରମ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବେଆଇନ ଗୋରୁ ଚାଲାଣ, ୫୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର



**ଉଦଳା, ୫।୫(ସମିସ):** ବେଆଇନ ଭାବେ ଗୋରୁ ଚୋରା ଚାଲାଣ କରିବା ନିମନ୍ତେ ମାଫିଆ କରିଥିଲେ ଯୋଜନା ଓ ୮୦ରୁ ଉର୍ଦ୍ଧ୍ୱ ଗୋରୁ ଆଣି ଜଙ୍ଗଲ ଭିତରେ ବାନ୍ଧି ରଖିଥିଲେ। ଏ ଖବର ପାଇ ପୁଲିସ ଜଙ୍ଗଲରେ ଚଢ଼ଉ କରିଥିବାବେଳେ ୫୦ ଗୋରୁ ଉଦ୍ଧାର କରିଛି। ୫୦ ଗୋରୁ ଉଦ୍ଧାର କରିଥିବାବେଳେ ବାକି ଗୋରୁଙ୍କୁ ଉଦ୍ଧାର କରିପାରିନାହିଁ ପୁଲିସ। ଉଦଳା ଥାନା ଚୁଳିଆପୋଷି ଗୋରୁ ହାଟ ପଛ ପାଖ ଜଙ୍ଗଲରେ ବେଆଇନ ଭାବେ ଗୋରୁ ଚାଲାଣ କରାଯିବା ନିମନ୍ତେ ୮୦ରୁ ଅଧିକ ଗୋରୁ ବନ୍ଧାଯାଇଥିବା ପୁଲିସ ଖବର ପାଇଥିଲା। ଖବର ପାଇ ଉଦଳା ପୁଲିସ ଜଙ୍ଗଲରେ ଚଢ଼ଉ କରିଥିବାବେଳେ ୫୦ ଗୋରୁଙ୍କୁ ଉଦ୍ଧାର କରିଥିଲା। ଗୋରୁ ମାଫିଆ ଗୋରୁ ଆଣି ବାନ୍ଧି ରଖିଥିବାବେଳେ ଉକ୍ତ ଗୋରୁମାନଙ୍କୁ ବାହାରକୁ ଚାଲାଣ କରିବେ ବୋଲି ଯୋଜନା କରିଥିଲେ। ହେଲେ ପୁଲିସ ଚଢ଼ଉ କରି ଗୋରୁ ଜବତ କରିଛି। ପୁଲିସ ପହଞ୍ଚିବା ସମୟରେ ଘଟଣାସ୍ଥଳରେ ଥିବା ମାଫିଆ ଗୋରୁ ଗାଡ଼ି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେପଟେ ଗୋରୁଗୁଡିକୁ ଜଙ୍ଗଲରୁ ଆଣିବା ନିମନ୍ତେ ପୁଲିସ ନିକଟରେ ପର୍ଯ୍ୟାପ୍ତ ଗାଡ଼ି ନ ଥିବାରୁ ଆହୁରି ୩୦ ଗୋରୁଙ୍କୁ ପୁଲିସ ଜଙ୍ଗଲରେ ଉଦ୍ଧାର କରି ନ ପାରି ଛାଡ଼ି ଦେଇଥିବା ସୂଚନା ମିଳିଛି।

ରବିଋତୁ ଧାନ ବିକ୍ରି ପାଇଁ ରେକର୍ଡ ସଂଖ୍ୟକ ଚାଷୀଙ୍କ ପଞ୍ଜୀକରଣ

# ଚାଲିଛି ସାଟେଲାଇଟ୍ ସର୍ଭେ, ୧୨ରେ ଧାନ ସଂଗ୍ରହ କମିଟି ବୈଠକ

ବାରିପଦା, ୫।୫(ସମିସ)



ମୟୂରଭଞ୍ଜ ଜିଲ୍ଲାରେ ଚଳିତ ୨୦୨୫-୨୬ ବର୍ଷ ପାଇଁ ଚାଷୀଙ୍କଠାରୁ ରବିଋତୁ ଧାନ କ୍ରୟ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଚାଷୀ ପଞ୍ଜୀକରଣ ଶେଷ ହୋଇଛି। ଏଥର ସର୍ବାଧିକ ୫ ହଜାର ୧୯୫ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ଯାହାକି ସର୍ବକାଳୀନ ରେକର୍ଡ। ୨୦୨୧-୨୨ରେ ୧୦୪୫ ଜଣ, ୨୦୨୨-୨୩ରେ ୧୨୪୩ ଜଣ, ୨୦୨୩-୨୪ରେ ୧୦୪୫ ଜଣ ଚାଷୀ ଧାନ ବିକ୍ରି କରିଥିବାବେଳେ ଗତବର୍ଷ ୨୦୨୪-୨୫ରେ ୩୫୬୪ ଜଣ ଚାଷୀ ଧାନ ବିକ୍ରି କରିଥିଲେ। ସେ ତୁଳନାରେ ଏଥର ପାଖାପାଖି ୧୭୦୦ ଜଣ ଚାଷୀ ବଢ଼ିଛନ୍ତି। ତେବେ ପଞ୍ଜିକୃତ ଚାଷୀଙ୍କ ସତ୍ୟାସତ୍ୟ ଯାଞ୍ଚ ପାଇଁ ସେମାନଙ୍କ ଚାଷଜମି ସାଟେଲାଇଟ ସର୍ଭେ କାର୍ଯ୍ୟ ଜାରି ରହିଛି। ପଞ୍ଜୀକରଣ କରିଥିବା ଚାଷୀ ପ୍ରକୃତରେ ରବି ଚାଷ କରିଛନ୍ତି ନା ସରକାରୀ ଲାଭ ନେବା ଆଶାରେ ପଞ୍ଜୀକରଣ କରିଛନ୍ତି, ତାହା ଯାଞ୍ଚ କରାଯାଉଛି। ଏହାପରେ ୧୨ ତାରିଖରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହେବା ପରେ ଜିଲ୍ଲାରେ ରବି ଧାନ ସଂଗ୍ରହ ବା କ୍ରୟ ଆରମ୍ଭ ହେବ।

ସୂଚନା ମୁତାବକ, ଗତବର୍ଷ ଜିଲ୍ଲାରେ ରବିଧାନ ବିକ୍ରି ପାଇଁ ମୋଟ ୩୮୩୪ ଜଣ ଚାଷୀ ପଞ୍ଜିକୃତ କରିଥିବାବେଳେ ୩୬୩୧ ଜଣ ଯୋଗ୍ୟ ବିବେଚିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩୫୬୪ ଜଣ ଚାଷୀ ୨ ଲକ୍ଷ ୮ କ୍ୱିଣ୍ଟାଲ ୯୦୬.୫୯ କିଗ୍ରା ଧାନ ବିକ୍ରି କରିଥିଲେ। ରାସଗୋବିନ୍ଦପୁର ଲ୍ୟାମ୍ପ୍‌ସରେ ସର୍ବାଧିକ ଚାଷୀ ଧାନ ବିକ୍ରି କରିଥିବାବେଳେ ଗୋପବନ୍ଧୁନଗରର ପଶୁଦା ଲ୍ୟାମ୍ପ୍‌ସରେ ସର୍ବନିମ୍ନ ଚାଷୀ ଧାନ ବିକ୍ରି କରିଥିଲେ। ଚଳିତଥର ଯୋଗ୍ୟ ଚାଷୀଙ୍କଠାରୁ ରବି ଧାନ ସଂଗ୍ରହ/କ୍ରୟ ନିମନ୍ତେ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶାବଳୀ ଅନୁସାରେ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜିଲ୍ଲା ଯୋଗାଣ/ଆରଏମସି ଓ ଡିଆରସିଏସ ବିଭାଗ ମିଳିତ ତତ୍ତ୍ୱାବଧାନ ଚାଷୀଙ୍କ ସୁବିଧା ପାଇଁ ଲକ୍ଷ୍ୟ ରଖାଯାଇଛି। ୨୪ଟି ଲ୍ୟାମ୍ପସର ୨୫ଟି ଧାନ ସଂଗ୍ରହ କେନ୍ଦ୍ରରେ ଖରିଫ ଋତୁ ଭଳି ରବିଋତୁରେ ମଧ୍ୟ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଧାନର ସହାୟକ ମୂଲ୍ୟ ଧାର୍ଯ୍ୟ କରାଯାଇଛି। ଧାନ ବିକ୍ରୟ ପାଇଁ ଚାଷୀ ପୂର୍ବ ନିୟମାବଳୀ ପାଳନ କରିବେ। ବିକ୍ରୟ ଧାନର ସହାୟକ ମୂଲ୍ୟ ଚାଷୀଙ୍କ ପଞ୍ଜିକୃତ ବ୍ୟାଙ୍କ ପାସ ବହିରେ ୨୪ରୁ ୪୮ ଘଣ୍ଟା ମାଧ୍ୟମରେ ଅନଲାଇନ ଜରିଆରେ ପ୍ରଦାନ କରାଯିବ। ଚାଷୀଙ୍କ ଆପତ୍ତି ଅଭିଯୋଗ ଉପରେ ଦୃଷ୍ଟିପାତ କରି ତ୍ୱରିତ ସମାଧାନ କରି ଧାନ ସଂଗ୍ରହ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ
# ୨୫ରୁ ଧାନକ୍ରୟ ଆରମ୍ଭ

**ଝାରସୁଗୁଡା, ୫।୫(ସମିସ)**

ଝାରସୁଗୁଡା ଜିଲ୍ଲାରେ ଖରିଫ ବିପଣନ ବର୍ଷ ୨୦୨୫- ୨୦୨୬ ରେ ରବି ଧାନ ସଂଗ୍ରହ ନିମନ୍ତେ ଝାରସୁଗୁଡା ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ କୁଣାଲ ମୋତିରାମ ଚୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ମଞ୍ଚାସୀନ ଥିଲେ। ସଭା ଆରମ୍ଭରେ ବେସମରିକ ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେଶ୍ରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏ ବର୍ଷ ରବି ଋତୁରେ କିପରି ଭଲ ଭାବରେ ଧାନ କିଣା ଯାଇପାରିବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ଜିଲ୍ଲାପାଳ ଚଳିତ ରବି ଋତୁ ନିମନ୍ତେ ଜିଲ୍ଲାର ମୋଟ ୨୩୪୬ ଚାଷୀ ଧାନ ବିକ୍ରୟ ନିମନ୍ତେ ପଞ୍ଜୀକରଣ କରିଥିବା ଏବଂ ମୋଟ ୨୮ ଗୋଟି ପ୍ରାଥମିକ ସମବାୟ ସମିତି ମାଧ୍ୟମରେ ଯୋଗ୍ୟ ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ କରିଯିବ ବୋଲି ସୂଚନା ଦେଇଥିଲେ।



ବୈଠକରେ ଆଲୋଚନା ପ୍ରକାରେ ଆସନ୍ତା ୨୫ ତାରିଖ ଠାରୁ ଜିଲ୍ଲାରେ ଧାନ ସଂଗ୍ରହ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ବିଧାୟକ ଜିଲ୍ଲାକୁ ବାହାର ରାଜ୍ୟର ଧାନ ପ୍ରବେଶ ଉପରେ ରୋକ ଲଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ଚାଷୀଙ୍କ ସୋସାଇଟି ମାଧ୍ୟମରେ ପଞ୍ଜୀକରଣ, ସାମୁହିକ ସଚେତନତା ମାଧ୍ୟମରେ ଚାଷୀ ଉପକୃତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ମଣ୍ଡି ଗୁଡିକରେ ସମସ୍ତ ସୁବିଧା ଉପଲବ୍ଧ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହିତ ୭୫ କେଜିକୁ ୨ ଟି ପର୍ଯ୍ୟାୟରେ ଅନୁମତି ଦେବା ପାଇଁ ଅନୁରୋଧ କରିଥିଲେ। ବୈଠକରେ ଚାଲୁ ଧାନ ସଂଗ୍ରହ ପ୍ରକ୍ରିୟା, ଟୋକେନ ବ୍ୟବସ୍ଥା, ଚାଷୀଙ୍କ ସୁବିଧା, ମଣ୍ଡି ପରିଚାଳନା ଓ ମୂଳଭୂତ ସୁବିଧା ଉପରେ ଆଲୋଚନା କରାଯାଇଥିଲା। ଏହାସହ ଧାନ କ୍ରୟରେ କୌଣସି ପ୍ରକାର ଅସୁବିଧା ହେଲେ ସେ ସବୁର ତୁରନ୍ତ ସମାଧାନ କରିବାକୁ ଆବଶ୍ୟକ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହିତ ଧାନ ସଂଗ୍ରହର ଲକ୍ଷ୍ୟ, ନିବନ୍ଧିତ ଚାଷୀଙ୍କ ସଂଖ୍ୟା, ଟୋକେନ ଇସ୍ୟୁ ଓ ଉଠାଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ମଣ୍ଡିରେ ଭଲ ପରିଚାଳନା, ସମୟୋପଯୁକ୍ତ ଧାନ ଉଠାଣ, ଚାଷୀଙ୍କୁ ସହଜ ସୁବିଧା ଯୋଗାଇବା, ଅଧିକ ଟାର୍ଗେଟ ଦେବା, ସମବାୟ ସମିତି ଗୁଡିକରେ କୌଣସି ଅସୁବିଧା ନ ହେବା, ଟୋକନ ମିଳିବାରେ କୌଣସି ସମସ୍ୟା ନ ହେବା, ଚାଷୀର ଟୋକନ ଯେପରି ଫେରାଇ ଦିଆ ନ ଯିବ ସେଥିପ୍ରତି ଦୃଷ୍ଟି ଦେବା ଉପରେ ଜୋର ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡିଆରସିଏସ ମମତା ରାଣୀ କୁଜୁର, ଏଆରସିଏସ ରମେଶ ଚନ୍ଦ୍ର ଟପ୍ପୋ, ସେକ୍ରେଟାରୀ, ନିୟନ୍ତ୍ରିତ ବଜାର କମିଟି ସୁଜିତ କୁମାର ମହାପାତ୍ର, ସହକାରୀ ଯୋଗାଣ ଅଧିକାରୀ ଜୟନ୍ତ କୁଣ୍ଡୁ, ସୂର୍ଯ୍ୟ କୁମାର ପାଣିଗ୍ରାହୀ, ମିଲର, କୃଷକମାନେ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର କୃଷିରଥର ଶୁଭାରମ୍ଭ



**ଝାରସୁଗୁଡା, ୫।୫(ସମିସ):** କୃଷକମାନଙ୍କୁ ସାର ବ୍ୟବହାର, ଏଗ୍ରିଷ୍ଟ୍ୟାକ ଓ କୃଷି ସମ୍ପର୍କିତ ସୂଚନା ପହଞ୍ଚାଇବା ଉଦ୍ଦେଶ୍ୟରେ ଝାରସୁଗୁଡା ଜିଲ୍ଲାରେ ସ୍ୱତନ୍ତ୍ର କୃଷି ରଥର ଶୁଭାରମ୍ଭ ହୋଇଛି। ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ପତାକା ଦେଖାଇ ସ୍ୱତନ୍ତ୍ର କୃଷି ରଥର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସ୍କିମ ଅଫିସର ଭାଗ୍ୟଶ୍ରୀ ଦାସ, ସହକାରୀ କୃଷି ଅଧିକାରୀ ସସ୍ମିତା ପଟେଲ, ବ୍ଲକ କୃଷି ଅଧିକାରୀ ଅମ୍ରିତ ଲୁଗୁନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କୃଷି ରଥ ଆସନ୍ତା ୧୪ ମଇ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ ପରିକ୍ରମା କରିବ।

# ସୁଭଦ୍ରା ଶକ୍ତିମେଳା ଉଦ୍‌ଯାପିତ




**ଝାରସୁଗୁଡ଼ା, ୫।୫(ସମିସ):** ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଗତ ୨୮ ଏପ୍ରିଲରୁ ଆରମ୍ଭ ହୋଇ ୭ଦିନ ଧରି ଚାଲିଥିବା ସୁଭଦ୍ରା ଶକ୍ତିମେଳା ସୋମବାର ଉଦ୍‌ଯାପିତ ହୋଇଛି । ଝାରସୁଗୁଡ଼ା ବିଟିଏମ ପଡ଼ିଆରେ ଚାଲିଥିବା ସୁଭଦ୍ରା ଶକ୍ତିମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସାମଲ ନାୟକ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଲଳିତ ମଗର ଯୋଗଦେଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଜିଲ୍ଲା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ, କିର୍ମିରା ବ୍ଲକ ଉପାଧ୍ୟକ୍ଷା ସାବିତ୍ରୀ ମାଝୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ସୁଭଦ୍ରା ମାଆମାନଙ୍କୁ ସମ୍ବର୍ଦ୍ଧନା ଏବଂ ଚେକ ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଦ୍ୱାରା ରୂପଚର୍ଯ୍ୟା ପ୍ରଦର୍ଶନୀ କରାଯାଇଥିଲା। ଏହାପରେ ରେନ୍ ଝେନ୍ ତରଫରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଆଦିବାସୀ ଭାଇ ବ୍ୟାଣ୍ଡ ତରଫରୁ ନାଗପୁରୀ ଅରକେଷ୍ଟ୍ରା କାର୍ଯ୍ୟକ୍ରମ ହୋଇଥିଲା।

# ହାଇୱା ଚଢ଼ାଇ ସ୍କୁଟି ଚାଳକକୁ ହତ୍ୟା

**ହାଇୱା ଜବତ; ଅଭିଯୁକ୍ତ ଅଟକ**

**ଦେବଗଡ଼, ୫।୫(ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହାଇୱା ଚଢ଼ାଇ ଜଣେ ସ୍କୁଟି ଚାଳକଙ୍କୁ ହତ୍ୟା କରାଯାଇଛି। ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଦେବଗଡ଼ ଥାନା ତିଳେଇବଣି ଫାଣ୍ଡି ଅନ୍ତର୍ଗତ ଚଟିବରଘାଟ ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥ ଉପରେ ଘଟିଛି। ଏନେଇ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ଏକ ହତ୍ୟା ମାମଲା ରଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ରିଆମାଳ ଥାନା ମହେନ୍ଦ୍ରପୁର ଗ୍ରାମର କାର୍ତ୍ତିକ ଓରାମ ଆଜି ନିଜ ସ୍ତ୍ରୀ ଗୀତା ମିଞ୍ଜଙ୍କ ସହ ତିଳେଇବଣି ବଜାରକୁ ଆସିଥିଲେ। ସେହି ସମୟରେ ଅଭିଯୁକ୍ତ ହାଇୱା ଚାଳକ ଅସନଲତା ଗ୍ରାମର ସୁଶୀଲ କିଷାନଙ୍କ ସହ କାର୍ତ୍ତିକଙ୍କ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା। ତେବେ ବଜାର ସାରି ଉଭୟ କାର୍ତିକ ଓ ତାଙ୍କ ସ୍ତ୍ରୀ ନିଜ ସ୍କୁଟି ଯୋଗେ ମଧ୍ୟାହ୍ନରେ ନିଜ ଗ୍ରାମ ମହେନ୍ଦ୍ରପୁରକୁ ଫେରୁଥିବା ସମୟରେ ଚଟିବରଘାଟ ଗ୍ରାମ ନିକଟରେ ସେମାନଙ୍କ ସ୍କୁଟି ଟାୟାର ପଞ୍ଚର ହୋଇଯିବାରୁ ସ୍ୱାମୀ ସ୍ତ୍ରୀ ରାସ୍ତା କଡରେ ସ୍କୁଟି ସହ ଛିଡା ହୋଇଥିଲେ। ହାଇୱା ଚାଳକ ସୁଶୀଲ ସେମାନଙ୍କୁ ପିଛା କରି ସେଠାରେ ପହଞ୍ଚି କିଛି ମନ୍ତବ୍ୟ ଦେବାରୁ କାର୍ତ୍ତିକ ସହ ପୁଣି ଥରେ ଯୁକ୍ତି ତର୍କ ହେବା ସହ ଉଭୟ ସୁଶୀଲ ଓ କାର୍ତ୍ତିକ ପରସ୍ପରକୁ ଧମକ ଦେଇଥିଲେ। ତେବେ କାର୍ତ୍ତିକଙ୍କ ସ୍ତ୍ରୀ ଗୀତା ନିଜ ସ୍ୱାମୀକୁ ବୁଝାସୁଝା କରି ନିଜ ସ୍କୁଟି ପାଖକୁ ଚାଲି ଆସି ଛିଡା ହୋଇଥିବା ବେଳେ ଅଭିଯୁକ୍ତ ସୁଶୀଲ ହାଇୱାକୁ ଚଳାଇ ସ୍କୁଟି ନିକଟରେ ଥିବା କାର୍ତ୍ତିକ ଉପରେ ଚଢ଼ାଇ ଦେଇ ଫେରାର ହୋଇଯାଇଥିଲା। ଏହା ଦେଖି କାର୍ତ୍ତିକଙ୍କ ସ୍ତ୍ରୀ ଗୀତା ନିଜ ସମ୍ପର୍କୀୟଙ୍କୁ ଫୋନ ଯୋଗେ ଘଟଣା ସମ୍ପର୍କରେ ସୂଚନା ଦେବାସହ ସେଠାରେ ପଡ଼ିଥିବା ଗୁରୁତର କାର୍ତ୍ତିକକୁ ୧୦୮ ଆମ୍ବୁଲାନ୍ସ ସହାୟତାରେ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ କାର୍ତ୍ତିକକୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ଦେବଗଡ଼ ଥାନା ପୁଲିସ ଫେରାର ହେବାକୁ ପ୍ରୟାସ କରୁଥିବା ଅଭିଯୁକ୍ତ ସୁଶୀଲକୁ ଧରିବା ସହ ହାଇୱାକୁ ଜବତ କରିଥିଲା। ଜମନକିରା ପୁଲିସ ସହାୟତାରେ ଅଭିଯୁକ୍ତକୁ ଅଟକ ରଖି ପଚରାଉଚୁରା ଆରମ୍ଭ କରିଛି। ତେବେ ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବାକୁ ଥିବା ବେଳେ ଆସନ୍ତାକାଲି ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାର ଅଧିକ ତଦନ୍ତ କରାଯିବ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

# ଦୁର୍ଘଟଣାରେ ରାତ୍ରି ଜଗୁଆଳି ମୃତ

**ଦେବଗଡ଼, ୫।୫(ସମିସ):** ସୋମବାର ରାତ୍ରିରେ ଦେବଗଡ଼ ପୌରାଞ୍ଚଳ ରଜାମୁଣ୍ଡା ନିକଟରେ ଏକ ବାଇକ ଦୁର୍ଘଟଣାରେ ଜଣେ ରାତ୍ରି ଜଗୁଆଳିଙ୍କ ମୃତ୍ୟୁ ଘଟିଛି। ମୃତ ଜଣକ ଦେବଗଡ଼ ବାବୁସାହିର ହରବନ୍ଧୁ ଜିତଙ୍କ ପୁଅ ରିମୁନ କୁମାର ଜିତ(୩୪) ବୋଲି ଜଣାପଡ଼ିଛି। ରିମୁନ ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ରାତ୍ରି ଜଗୁଆଳି ଭାବେ କାମ କରୁଥିଲେ। ସୋମବାର ରାତ୍ରି ପ୍ରାୟ ୧୦ଟା ୩୦ ମିନିଟ ସମୟରେ ଘରୁ ବାହାରି ବାଇକରେ କାର୍ଯ୍ୟକ୍ଷେତ୍ରକୁ ଯାଉଥିବା ବେଳେ ରାସ୍ତା ଉପରେ ଶୋଇଥିବା ଏକ ଗାଈକୁ ଧକ୍କା ଦେଇ ରାସ୍ତାରେ ଛିଟିକି ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡ ଏବଂ ମୁହଁରେ ଗୁରୁତର ଆଘାତ ଲାଗିଥିଲା। ସ୍ଥାନୀୟ ଯୁବକମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଆଜି ସକାଳେ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଦେବଗଡ଼ ପୌରାଞ୍ଚଳର ରଜାମୁଣ୍ଡା, ପୁରୁଣାଗଡ଼, କଲେଜ ରୋଡ଼, ହାତୀଶାଳ ସାହି ସମେତ ବିଭିନ୍ନ ଜନ ଗହଳି ପୂର୍ଣ୍ଣ ଅଞ୍ଚଳରେ ବର୍ଷ ତମାମ ବୁଲାଗୋରୁ ରାସ୍ତା ଅବରୋଧ କରୁଥିବାରୁ ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ତଥାପି ବୁଲା ଗୋରୁଙ୍କ ଅବାଧ ବିଚରଣକୁ ରୋକିବାରେ ପୌର ପରିଷଦ ବିଫଳ ରହିଛି। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# 'ଭାଷା ସମୃଦ୍ଧି ଅଭିଯାନ' ସମୀକ୍ଷା ବୈଠକ



**ଦେବଗଡ଼, ୫।୫(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ଭର୍ଚୁଆଲ ଏକାଡେମୀର ଭାଷା ସମୃଦ୍ଧି ଅଭିଯାନ କାର୍ଯ୍ୟକ୍ରମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସାହୁ ଜିଲ୍ଲାରେ ଓଡ଼ିଆ ସଂସ୍କୃତି ଭାଷା ସାହିତ୍ୟ ଇତିହାସ ସଂରକ୍ଷଣ ପାଇଁ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଓ ଡିଜିଟାଇଜେସନ୍ ମାଧ୍ୟମରେ ସଂରକ୍ଷଣ, ଉନ୍ନତୀକରଣ ଓ ମାନବୃଦ୍ଧି କରିବା ସହ କୃତ୍ରିମ ବୁଦ୍ଧିମତା ଓ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଏକ ମଡେଲ ଡିଜିଟାଲ ଭାଷା ଭଣ୍ଡାର ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହିତ ଓଡ଼ିଆ ଭାଷା ଭଣ୍ଡାରକୁ ଭାରତ ସରକାରଙ୍କ ଭାସିନି ପ୍ଲାଟଫର୍ମ ସହିତ ସଂଯୋଗ କରାଯାଇ ଓଡ଼ିଶାର ବହୁମୂଲ୍ୟ କୃତିତ୍ୱକୁ ଅନ୍ୟ ଭାରତୀୟ ଭାଷା ତଥା ଇଂରାଜୀରେ ଅନାୟାସରେ ଅନୁବାଦ ପାଇଁ ମତବ୍ୟକ୍ତ କରିଥିଲେ। ଏହାବ୍ୟତୀତ ଓଡ଼ିଆ ଭାଷା ଭଣ୍ଡାରରେ ଉପଲବ୍ଧ ତଥ୍ୟକୁ ୱିକି, ଗୁଗଲ ଏବଂ ମାଇକ୍ରୋସଫ୍ଟ ଆଦି ଡିଜିଟାଲ ସର୍ଚ୍ଚ ଇଞ୍ଜିନ ପ୍ଲାଟଫର୍ମକୁ ମୁକ୍ତ ତଥ୍ୟ ଭାବରେ ପ୍ରଦାନ କରାଯାଇ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିତ୍ୱ, ସ୍ଥାନ, କୃତିଅନୁଷ୍ଠାନ ପ୍ରଶାସନିକ ବିଧି ଓ ନିୟମାବଳୀ ଜଗନ୍ନାଥ ଚେତନା, ପାରମ୍ପରିକ ଔଷଧ, ଭାଷା, କଳା, ସାହିତ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ, ବୈଷୟିକ ବିଦ୍ୟା, କୃଷି, ମତ୍ସ୍ୟ ପାଳନ ଓ ପ୍ରାଣୀପାଳନ, କ୍ରୀଡ଼ା, ସିନେମା ଇତିହାସ, ଅର୍ଥନୀତି, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ସ୍ୱାସ୍ଥ୍ୟ ପୋଷକତତ୍ତ୍ୱ, ଭେଷଜ ବିଜ୍ଞାନ, ଜଙ୍ଗଲ ପରିବେଶ, ଆୟୁଷ ଓ ପାରମ୍ପରିକ ଔଷଧ, ଉଦ୍ଭିଦ ବୃକ୍ଷଲତା, ମନ୍ଦିର ଓ ପୁରାତନ ସ୍ଥାପତ୍ୟ ଓ ସ୍ମରଣୀୟ ଘଟଣାବଳୀଗୁଡିକୁ ଡିଜିଟାଇଜେସନ ମାଧ୍ୟମରେ ସଂରକ୍ଷଣ ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଭାରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ୍ ଚୋପଦାର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲୀପ କୁମାର ପ୍ରଧାନ, ଏସିଏଫ୍ ଅରୁଣ କୁମାର ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର୍, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଭାରପ୍ରାପ୍ତ ମୁଖ୍ୟଚିକିତ୍ସାଧିକାରୀ ପ୍ରଭାତ କୁମାର ଓଝା, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଶୋକ ଇନ୍ଦୁଆର୍, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ପାତ୍ର, ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମାଟ୍ରିକ ପରୀକ୍ଷାରେ ଝାରସୁଗୁଡ଼ା ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା



**ଝାରସୁଗୁଡା, ୫।୫(ସମିସ):** ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଝାରସୁଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଏହି ବିଦ୍ୟାଳୟର ଛାତ୍ରୀ ତୁଳସୀ ରୋହିଦାସ ଏ-୧ ଗ୍ରେଡରେ ୫୭୨ ତଥା ଶତକଡା ୯୫.୩ ପ୍ରତିଶତ ମାର୍କ ରଖି ଜିଲ୍ଲାର ଦ୍ୱିତୀୟ ଟପ୍ପର ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେହିପରି ଏହି ବିଦ୍ୟାଳୟର ଆହୁରି ୪ ଜଣ ଛାତ୍ରଛାତ୍ରୀ ଶତକଡା ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଙ୍କିତା ମହାନ୍ତି ୫୫୩ ତଥା ୯୨.୧ ପ୍ରତିଶତ, ରେଣୁବାଳା ସାହୁ ୫୪୫ ତଥା ୯୦.୮ ପ୍ରତିଶତ, ଅଭିଜିତ୍ ପ୍ରଧାନ ୫୪୦ ତଥା ୯୦ ପ୍ରତିଶତ ଓ ସଦାନନ୍ଦ ବିଶ୍ୱାଳ ୫୪୦ ତଥା ୯୦ ପ୍ରତିଶତ ମାର୍କ ରଖିଛନ୍ତି । ସାତ ଜଣ ଛାତ୍ରଛାତ୍ରୀ ଶତକଡା ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖି ଏ-୨ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ବି-୧ ଗ୍ରେଡରେ ୧୧ ଜଣ, ବି-୨ ଗ୍ରେଡରେ ୧୭ ଜଣ, ସି-ଗ୍ରେଡରେ ୨୪ ଜଣ, ଡି-ଗ୍ରେଡରେ ୪୨ ଜଣ ଓ ଇ- ଗ୍ରେଡରେ ୨୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପରୀକ୍ଷା ଦେଇଥିବା ୧୩୩ ଜଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୧୩୨ ଜଣ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟାଳୟର ପାସ୍ ହାର ୯୮.୫୦ ପ୍ରତିଶତ ରହିଛି। ଝାରସୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ ଅନିଲ ପଟେଲ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ତଥା ବିଦ୍ୟାଳୟ ବିକାଶ ପରିଚାଳନା କମିଟିର ସଦସ୍ୟମାନେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ବିଶ୍ୱନାଥ ମେହେର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଜଳଛତ୍ରର ଶୁଭାରମ୍ଭ




**ଝାରସୁଗୁଡା, ୫।୫(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ରାଜପୁର ଗ୍ରାମ ପଞ୍ଚାୟତର ବଘରାଚକା ଗ୍ରାମଠାରେ ବିଶ୍ୱନାଥ ମେହେର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ଏକ ଜଳଛତ୍ରର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜପୁର ସରପଞ୍ଚ ସରସ୍ୱତୀ ନାଏକ, ସମିତି ସଭ୍ୟା ସ୍ୱସ୍ମିତା ତନ୍ତି, ୱାର୍ଡ ସଭ୍ୟ ଜିତୁ ରାୟ ଓ ପୂର୍ବତନ ସମିତି ସଭ୍ୟ ପରାଧୀନ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଟ୍ରଷ୍ଟର ସଭାପତି ଟଙ୍କଧର ମେହେର, ଉପସଭାପତି ନାରାୟଣ ମେହେର, ସମ୍ପାଦକ ନୌକେଶ୍ୱର୍ ମେହେର, ସହସମ୍ପାଦକ ସଞ୍ଜୀବ ମେହେର, କୋଷାଧ୍ୟକ୍ଷ ହୁତାଶନ ମେହେର, ଉପଦେଷ୍ଟା ବୁଧୁରାମ ମେହେର ଓ ରାଧେକୃଷ୍ଣ ପଣ୍ଡା, ବୈକୁଣ୍ଠ ମହାନନ୍ଦ, ମୋହନ ସିଂହ, ମମତା ମେହେର, ଭାରତୀ ମେହେର, ତାରା ମେହେର, ସେବତୀ ମେହେର, ଭୂମିଷ୍ଠୁତା ମେହେର, ଲିଲିମା ମେହେର, ଲଳିତା ମେହେର, ବାବୁଲାଲ ମେହେର, କୀର୍ତ୍ତନ ମେହେର, ଚିନ୍ତାମଣି ମେହେର, ବୁଧୁରାମ୍ ମେହେର, ଲୋକନାଥ ମେହେର, ବାବୁଲି ମେହେର, ଚିତ୍ରସେନ ମେହେର, ପିଣ୍ଟୁ ମେହେରଙ୍କ ସହିତ ସମସ୍ତ କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଡିଏଭିରେ ଶିକ୍ଷକ ଦକ୍ଷତା ବିକାଶ କର୍ମଶାଳା ଉଦ୍‌ଘାଟିତ




**ଝାରସୁଗୁଡ଼ା, ୫।୫(ସମିସ):** ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ପ୍ରାରମ୍ଭିକ ଶିକ୍ଷା ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ଶିକ୍ଷୟିତ୍ରୀମାନଙ୍କ ପାଇଁ ତ୍ରିଦିବସୀୟ ଶିକ୍ଷକ ଦକ୍ଷତା ବିକାଶ କର୍ମଶାଳାର ଶୁଭାରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ କାର୍ଯ୍ୟକ୍ରମ ସଂଯୋଜକ, କ୍ଲଷ୍ଟର ହେଡ଼ ତଥା ବୁର୍ଲା ଡିଏଭି ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ, ବନହରପାଲି ଡିଏଭି ଅଧ୍ୟକ୍ଷା ଅନିତା ଭାଗ୍ୟରାଜ, ଲାଞ୍ଜିଗଡ଼ ଡିଏଭି ଅଧ୍ୟକ୍ଷା ମନଭିନ କୌର, ଛଟେନପାଲି ଡିଏଭି ଅଧ୍ୟକ୍ଷା ସସ୍ମିତା ତ୍ରିପାଠୀ, ଝିଲିଙ୍ଗ ଡିଏଭି ଅଧ୍ୟକ୍ଷା ଚିନ୍ମୟୀ ଚିତ୍ରାଙ୍ଗଦାଙ୍କ ସମେତ ଝାରସୁଗୁଡ଼ା ଡିଏଭି ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ତ୍ରିଦିବସୀୟ କର୍ମଶାଳାର ଶୁଭାରମ୍ଭ କରିଛନ୍ତି। ଜାତୀୟ ଶିକ୍ଷାନୀତି-୨୦୨୦ର ଆଦର୍ଶ ଓ ଲକ୍ଷ୍ୟ ଆଧାରରେ ପ୍ରାରମ୍ଭିକ ସ୍ତରର ଶିକ୍ଷାକୁ ଅଧିକ ଆନନ୍ଦମୟ, କାର୍ଯ୍ୟମୂଳକ ଓ ଶିଶୁକେନ୍ଦ୍ରିକ କରିବା ଉଦ୍ଦେଶ୍ୟରେ ଡିଏଭି ବିଦ୍ୟାଳୟ ସମୂହ, ଓଡ଼ିଶା ଜୋନ୍‌ର ଯୋଜନାନୁଯାୟୀ ଆୟୋଜିତ ଏହି କର୍ମଶାଳାରେ ଓଡ଼ିଶାର ୬ଟି ଜୋନ୍‌ରୁ ସମୁଦାୟ ୭୧ ଜଣ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଛନ୍ତି। କର୍ମଶାଳାରେ ୧୦ ଜଣ ଅଭିଜ୍ଞ ମୁଖ୍ୟ ପ୍ରଶିକ୍ଷିକାଙ୍କ ଦ୍ୱାରା ଶିକ୍ଷୟିତ୍ରୀମାନଙ୍କୁ ନୂତନ ଶିକ୍ଷା ପଦ୍ଧତି, ସୃଜନଶୀଳ କାର୍ଯ୍ୟକଳାପ ଓ ଶିଶୁସୁଲଭ କ୍ରିୟାକଳାପ, ଶିଶୁ ମନୋବିଜ୍ଞାନ ଓ ଅନୁଭୂତିମୂଳକ ଅଧ୍ୟୟନର ଭୂମିକା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି।

# 'ରନ୍ଧନ ଗ୍ୟାସ, ପେଟ୍ରୋଲିୟମ ଯୋଗାଣ ଓ ବର୍ଣ୍ଟନ' ସମନ୍ୱୟ ବୈଠକ

**ଦେବଗଡ଼, ୫।୫(ସମିସ)**



ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ଯୋଗାଣ ଅଧିକାରୀ କିଶୋଚନ୍ଦ୍ର ମହାରଣାଙ୍କ ଆବାହକତ୍ୱରେ ରନ୍ଧନ ଗ୍ୟାସ ସିଲିଣ୍ଡର ଓ ଅନ୍ୟାନ୍ୟ ପେଟ୍ରୋଲିୟମ ଇନ୍ଧନ ଯୋଗାଣ ଆବଶ୍ୟକତା ଉପରେ ଏକ ସମନ୍ୱୟ ବୈଠକ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଶ୍ରୀସାହୁ ଦେବଗଡ଼ ଜିଲ୍ଲାରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର୍ ଓ ପେଟ୍ରୋଲିୟମ ସାମଗ୍ରୀର କଳା ବଜାର ରୋକିବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ସେହିପରି ସିଲିଣ୍ଡର ଠିକ୍ ଭାବରେ ବ୍ୟବହାର କରିବା ଓ ବିଭିନ୍ନ ହୋଟେଲ ରେଷ୍ଟୁରାଣ୍ଟ ମାଲିକମାନେ ଗ୍ୟାସ ବ୍ୟବହାର କରୁଥିବା ରୋଷେଇ ଘରକୁ ଯାଞ୍ଚ କରିବା, ଡାକ୍ତରଖାନା, ଶିକ୍ଷା ପ୍ରତିଷ୍ଠାନ, ଆହାରକେନ୍ଦ୍ର, କାରାଗାରମାନଙ୍କରେ ଗ୍ୟାସ୍ ଯୋଗାଣ ଓ ବ୍ୟବହାରର ଯାଞ୍ଚ କରିବା ଉପରେ ଆଲୋକପାତ କରିଥିଲେ। ଏଥି ସହିତ ପ୍ରତ୍ୟେକ ବଡ଼ ଅନୁଷ୍ଠାନରେ ଏଲପିଜି ଗ୍ୟାସ ସହିତ ବିକଳ୍ପ ଇନ୍ଧନ ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଦେବଗଡ଼ ଜିଲ୍ଲାରେ ଏଲପିଜି ଗ୍ୟାସ ସିଲିଣ୍ଡର ଓ ପେଟ୍ରୋଲ ଡିଜେଲ ଆବଶ୍ୟକ ମୁତାବକ ଉପଲବ୍ଧ ରହିଥିବା ଜିଲ୍ଲାପାଳ ଶ୍ରୀ ସାହୁ ପ୍ରକାଶ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଭାରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ୍ ଚୋପଦାର, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀନିବାସ ଜାନୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁରତୀ ପ୍ରଧାନ, ଭାରପ୍ରାପ୍ତ ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ୍ କୁମାର ଓଝା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



## ଯନ୍ତ୍ରଣା ଦେଉଛି ପାର୍କିଂ

# ଗାଡ଼ି କୋଉଠି ରଖିବେ ଲୋକେ

ଭୁବନେଶ୍ୱର,୫।୫(ସମିସ)

ରାଜଧାନୀ ସହର କଳେବର ବଢ଼ିବା ସହ ଯାନବାହାନ ସଂଖ୍ୟା ମଧ୍ୟ ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଯାହା ଏବେ ସହରର ଟ୍ରାଫିକ୍ ସମସ୍ୟାକୁ ବଢ଼ାଇ ଦେଇଛି । ଏପରିସ୍ଥଳେ ପାର୍କିଂ ସମସ୍ୟା ପାଇଁ ଲୋକେ ରାସ୍ତା ଉପରେ ଗାଡ଼ି ରଖି ଚାଲି ଯାଉଛନ୍ତି । ଫଳରେ ଏହା ଟ୍ରାଫିକ୍ ସମସ୍ୟାକୁ ଦ୍ୱିଗୁଣିତ କରିପକାଉଛି । ବିଶେଷକରି ସନ୍ଧ୍ୟା ବେଳେ ରାଜଧାନୀ ସହରର ପ୍ରମୁଖ ଛକଗୁଡ଼ିକରେ ଯମଯନ୍ତ୍ରଣା ଭୋଗ କରୁଛନ୍ତି ଲୋକେ ।

ରାଜଧାନୀ ସହର ବଢ଼ିବା ସହିତ ଛକଗୁଡ଼ିକରେ ଦୋକାନବଜାର ସଂଖ୍ୟା ବଢ଼ିବଢ଼ି ଚାଲିଛି । ଗତ ୧୦ ବର୍ଷ ତୁଳନାରେ ରାଜଧାନୀରେ ଦୋକାନବଜାର ସଂଖ୍ୟା ପ୍ରାୟ ଦ୍ୱିଗୁଣିତ ହୋଇଛି । ବିଶେଷକରି ସିଆର୍‌ପି ଛକଠାରୁ ଆରମ୍ଭ କରି ଜୟଦେବବିହାର, କଟକ ରୋଡ୍‌ଠାରୁ ଆରମ୍ଭ କରି ଭୁବନେଶ୍ୱର ଏକାମ୍ରର ହାଟ ଅଞ୍ଚଳରେ ଦୋକାନବଜାର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ସେହିଭଳି ଖଣ୍ଡଗିରିଠାରୁ ତମାଣ୍ଡୋ, ରସୁଲଗଡ଼ରୁ ପଳାଶୁଣି, ଟଙ୍କପାଣି ରୋଡରୁ ବାଲିଅନ୍ତା ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ଜନବସତି ବୃଦ୍ଧି ପାଇବା ସହ ଦୋକାନବଜାର ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ପ୍ରମୁଖ ଅଞ୍ଚଳରେ ବିଏମ୍‌ସି ପକ୍ଷରୁ ଭେଣ୍ଡିଂ ଜୋନ୍ ମଧ୍ୟ ନିର୍ମାଣ କରାଯାଇଛି । କିନ୍ତୁ ଭେଣ୍ଡିଂ ଜୋନ୍ ପାଖରେ ଗାଡ଼ି ପାର୍କିଂର କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ରାସ୍ତା ଉପରେ ଗାଡ଼ି ରଖି ଭେଣ୍ଡିଂ ଜୋନ୍‌ରେ ଭିଡ଼ କରୁଛନ୍ତି । ଫଳରେ ରାସ୍ତା ସଙ୍କୁଚିତ ହେବା ସହ ଏହା ଦୁର୍ଘଟଣାର କାରଣ ପାଲଟୁଛି । ସିଆର୍‌ପି ଛକ ନିକଟରେ ଥିବା ପ୍ରିୟଦର୍ଶିନୀ ମାର୍କେଟ୍‌ରେ ଶହେରୁ ଅଧିକ ଛୋଟବଡ଼ ଦୋକାନ ଘର ରହିଥିବା ବେଳେ ବାହାରେ ଏବଂ ଭେଣ୍ଡିଂ ଜୋନ୍‌ରେ ପ୍ରାୟ ୨ ଶହ ଦୋକାନ ଘର ରହିଛି । ଯାହା ଉପରେ ୩ ଶହରୁ ଅଧିକ ପରିବାର ନିର୍ଭର କରୁଛନ୍ତି । ଏପରିସ୍ଥଳେ ଏହା ଉପରେ ସିଆର୍‌ପି, ନୂଆପଲ୍ଲୀଠାରୁ ଆରମ୍ଭ କରି ୟୁନିଟ୍-୮, ବରମୁଣ୍ଡା ଆଦି ଅଞ୍ଚଳର ହଜାର ହଜାର ଲୋକେ କିଣାବିକା ପାଇଁ ନିର୍ଭର କରୁଛନ୍ତି । ଏପରିସ୍ଥଳେ ପ୍ରତ୍ୟେକ ଦିନ ୧୦ ହଜାରରୁ ଅଧିକ ଲୋକେ ଏହି ଅଞ୍ଚଳକୁ ଆସୁଛନ୍ତି । ସେହିଭଳି ଭେଣ୍ଡିଂ ଜୋନ୍‌ରେ ଖୋଲିଥିବା ଫାଷ୍ଟଫୁଡ୍ ଦୋକାନରୁ ପ୍ରତ୍ୟେକ ଦିନ ହଜାର ହଜାର ଲୋକେ ଆସୁଥିବା ବେଳେ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇଥିବାରୁ ସାରାଦିନ ଲୋକଙ୍କ ଭିଡ଼ ଜମୁଛି । ଏସବୁ ପରେ ଏଠାରେ ଖୋଲିଥିବା ଭେଣ୍ଡିଂ ଜୋନ୍ ପାଇଁ ଆବଶ୍ୟକ ପାର୍କିଂ ବ୍ୟବସ୍ଥା ଆଦୌ କରାଯାଇନାହିଁ । ଫଳରେ ଲୋକେ ରାସ୍ତା ମଝିରେ ଗାଡ଼ି ରଖି ଚାଲି ଯାଉଛନ୍ତି । ସେହିଭଳି ପ୍ରିୟଦର୍ଶିନୀ ମାର୍କେଟ୍ ଆଗରେ ଥିବା ପାର୍କିଂ ଅଞ୍ଚଳରେ ଯେତିକି ଜାଗା ରହିଛି ଅତି ବେଶିରେ ୨ ଶହ ଗାଡ଼ି ରହିପାରିବ । ଅର୍ଥାତ୍ କେବଳ ଦୋକାନୀମାନେ ହିଁ ଏଠାରେ ଗାଡ଼ି ପାର୍କିଂ କରିପାରିବେ । ଗ୍ରାହକମାନଙ୍କ ଗାଡ଼ି ପାର୍କିଂ ପାଇଁ ବିଶେଷ ବ୍ୟବସ୍ଥା ନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସିଆର୍‌ପି ଛକରୁ ପ୍ରିୟଦର୍ଶିନୀ ମାର୍କେଟ୍‌କୁ ଯାଉଥିବା ଯାନବାହାନଗୁଡ଼ିକ ପାର୍କିଂ ଅଞ୍ଚଳରେ ପ୍ରବେଶ ପାଇଁ ସୁଚାର ବ୍ୟବସ୍ଥା ନ ଥିବାରୁ ଟିକେ ଭିଡ଼ ହେଲେ କିମ୍ବା ସନ୍ଧ୍ୟାରେ ରାସ୍ତା ଜାମ୍ ହୋଇଯାଉଛି । ଅନେକ ସମୟରେ ଲୋକେ ବାହାରେ ରାସ୍ତା ଉପରେ ହିଁ ଗାଡ଼ି ରଖି ମାର୍କେଟ୍‌କୁ ଯାଉଛନ୍ତି । ଅନେକ ସମୟରେ ଟ୍ରାଫିକ୍ ପୁଲିସ ଗାଡ଼ିଗୁଡ଼ିକ ଟାଣି ନେଉଛି । ଏଥିପାଇଁ ଜରିମାନା ଦେଇ ଲୋକେ ମୁକୁଳୁଛନ୍ତି ।



- ବିନା ପାର୍କିଂରେ ଖୋଲିଛି ଭେଣ୍ଡିଂ ଜୋନ୍
- ରାସ୍ତା ଉପରେ ଗାଡ଼ି ରଖି ଯାଉଛନ୍ତି ଚାଳକ
- ଗାଡ଼ି ଉଠାଇ ନେଉଛି ପୁଲିସ, ଫାଇନ୍ ଗଣୁଛନ୍ତି ଲୋକେ

## ଦ୍ୱୈତ ନଗରୀ ପାଇଁ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର,୫।୫(ସମିସ): ଦ୍ୱୈତ-ନଗରୀ ଭୁବନେଶ୍ୱର ଏବଂ କଟକ ଅଞ୍ଚଳରେ ବିଭିନ୍ନ ଛକ ସ୍ଥାନମାନଙ୍କରେ ଦେଖା ଦେଉଥିବା ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର । ମଙ୍ଗଳବାର ଉନ୍ନୟନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଯୋଜନା ଓ ସଂଯୋଜନ ବିଭାଗ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।

ସୂଚନା ଯୋଗ୍ୟ ଯେ ଭୁବନେଶ୍ୱର-କଟକ ସହରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଜନସାଧାରଣ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଶାସନ ସଚିବଙ୍କୁ ଏହାର ସମାଧାନ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ପଦ୍ଧତିଗତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ଅନୁସାରେ ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଏହି କମିଟିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ, ଭୁବନେଶ୍ୱର-କଟକ ପୁଲିସ କମିଶନର, ପରିଚାଳନା ନିର୍ଦ୍ଦେଶକ କ୍ୟାପିଟାଲ ରିଜିଅନ ଅର୍ବାନ୍ ଟ୍ରାନସପୋର୍ଟ(କ୍ରୁଟ୍), ଭୁବନେଶ୍ୱର ମହାନଗର ନିଗମ କମିଶନର, ଉପାଧ୍ୟକ୍ଷ-ବିଡିଏ, ପରିଚାଳନା ନିର୍ଦ୍ଦେଶକ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିଃ. (ବିଏସସିଏଲ), ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ(ସଡ଼କ-୧) ପ୍ରମୁଖ ସଦସ୍ୟ ରହିଥିବା ବେଳେ ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ଶାସନ ସଚିବ ସଦସ୍ୟ ଆବାହକ ଅଛନ୍ତି ।

ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଆହୂତ ଅନୁଷ୍ଠିତ ଆଜିର ବୈଠକରେ ପ୍ରଥମେ ଭୁବନେଶ୍ୱର ସହରର ଟ୍ରାଫିକ୍ ସମସ୍ୟାର ସମାଧାନ ସଂପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ଭୁବନେଶ୍ୱରର ରବି ଟକିଜ ଛକ, ମାଉସୀମା ମନ୍ଦିର ଛକ, ଶିଶୁ ଭବନ ଛକ, ମ୍ୟୁଜିୟମ ଛକ, କଳ୍ପନା ଛକ, ଜୟଦେବ ବିହାର ଛକ, ଏଜି ଛକ, କିଟ୍ ଛକ, କଳିଙ୍ଗ ହସ୍ପିଟାଲ ଛକ, ରାଜମହଲ ଛକ ଆଦି ବିଭିନ୍ନ ଛକରେ ରହୁଥିବା ଟ୍ରାଫିକ୍ ସମସ୍ୟା ଓ ଏହାର ସମାଧାନ ସଂପର୍କରେ ଉପସ୍ଥିତ କମିଟିର ସଦସ୍ୟମାନେ ବିସ୍ତୃତ ଆଲୋଚନା କରିଥିଲେ । ଉନ୍ନୟନ କମିଶନର ଏହି ପରିପ୍ରେକ୍ଷୀରେ ବିଡିଏ, ପୂର୍ତ୍ତ ବିଭାଗ, ବିଏମସି, ପୁଲିସ, ଟ୍ରାଫିକ ପୁଲିସ ଆଦି ପକ୍ଷରୁ ଏକ ଯୁଗ୍ମ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କମିଟି ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରି ବିଭିନ୍ନ ଛକ ମାନଙ୍କରେ ଯାନବାହନ ଚଳାଚଳ ଏବଂ ପଦଚାରୀମାନଙ୍କ ନିମନ୍ତେ ଟ୍ରାଫିକ୍ ପରିଚାଳନା ସଂପର୍କିତ ସ୍ଥିତି ଓ ଏହାର ପ୍ରତିକାରାତ୍ମକ ସାମୟିକ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରି ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ମିଳିତ ପ୍ରସ୍ତାବ ପାଇବା ପରେ ପ୍ରଥମେ ତୁରନ୍ତ ପରୀକ୍ଷାମୂଳକ ଭାବେ ଏହାକୁ କାର୍ଯ୍ୟକାରୀ କରିବାକୁ ଉନ୍ନୟନ କମିଶନର ନିର୍ଦ୍ଦେଶ ଦେଇଛନ୍ତି । ସମସ୍ୟାଗୁଡ଼ିକର ପର୍ଯ୍ୟାୟକ୍ରମେ ସମାଧାନ କରିବା ସହ ପରବର୍ତ୍ତୀ ସମୟରେ ସ୍ଥାୟୀ ସମାଧାନ ପାଇଁ ଦୀର୍ଘ ସୂତ୍ରୀ ପ୍ରସ୍ତାବ କାର୍ଯ୍ୟକାରୀ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଛି । ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ବିଏମସି କମିଶନର ଏବଂ ବିଏମସିଏଲ ଏମଡି ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା, ଭୁବନେଶ୍ୱର-କଟକ ପୁଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ସମେତ ପୁଲିସ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ ଏବଂ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।



- ଶୀଘ୍ର ପ୍ରତିକାରାତ୍ମକ ବ୍ୟବସ୍ଥା ପାଇଁ ଉନ୍ନୟନ କମିସନରଙ୍କ ନିର୍ଦ୍ଦେଶ
- ଦୀର୍ଘକାଳୀନ ଭିତ୍ତିରେ ସମାଧାନ ପାଇଁ ନିଆଯିବ ପଦକ୍ଷେପ

## ୮ ହଜାର ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ ଯୋଗାଣରେ ଉନ୍ନତି ଆଣିଲା ଟିପିସିଓଡିଏଲ



ଭୁବନେଶ୍ୱର, ୬।୫ (ସମିସ): ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ବିସିଡିଡି୨ ଡିଭିଜନ ଅନ୍ତର୍ଗତ ଭରତପୁର ପିଏସଏସ ଠାରେ ଏକ ୨୫ ଏମଭିଏ ପାୱାର ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ କରାଯାଇଛି । ଏହାଦ୍ୱାରା ଭରତପୁର, କଳିଙ୍ଗନଗର ଏବଂ ଖଣ୍ଡଗିରି ଅଞ୍ଚଳର ପ୍ରାୟ ୮,୦୦୦ ଉପଭୋକ୍ତା ଭରସାଯୋଗ୍ୟ ବିଦ୍ୟୁତ ସେବା ଏବଂ ଉନ୍ନତ ଭୋଲଟେଜ୍ ଦ୍ୱାରା ଉପକୃତ ହେବେ । ଏହା ସହିତ, ସମାନ ଡିଭିଜନ ଅଧୀନରେ ଥିବା ଖଣ୍ଡୁଆଳ ବସ୍ତିଠାରେ ଏକ ୨୫୦ କେଭିଏ ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି, ଯାହା ଖଣ୍ଡୁଆଳ ବସ୍ତି ଏବଂ ଜିଏ ପ୍ଲଟ୍ ଅଞ୍ଚଳର ପ୍ରାୟ ୩୫୦ ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ ଯୋଗାଣକୁ ସୁଦୃଢ଼ କରିବ ।

## ନକଲି ଏସିପିକୁ ବାନ୍ଧିଲା ମହିଳା ଥାନା ପୁଲିସ

ଭୁବନେଶ୍ୱର, ୫।୫ (ସମିସ):

ମିଛ ପରିଚୟ ଦେଇ ବିବାହ କରିବା ମହଙ୍ଗା ପଡ଼ିଛି । ପତ୍ନୀଙ୍କ ଅଭିଯୋଗ ପରେ ନକଲି ଏସିପିକୁ ଗିରଫ କରିଛି ମହିଳା ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଧୀନସ୍ଥ ଡେଙ୍ଗାପଦର ଗାଁର ପ୍ରଦୀପ୍ତ କୁମାର ବିଶ୍ୱାଳ (୩୮) ।

ପୁଲିସ ସୂଚନାନୁସାରେ, ରାଜଧାନୀର ଏକ ଘରୋଇ ସଂସ୍ଥାରେ ଚାକିରି କରିଥିବା ଯୁବତୀ ମାଟ୍ରିମୋନିଆଲ ସାଇଟ୍ ମାଧ୍ୟମରେ ପ୍ରଦୀପ୍ତ ସହ ପରିଚୟ ହୋଇଥିଲା । ପ୍ରଦୀପ୍ତ ନିଜକୁ ଏସିପି ବୋଲି ପରିଚୟ ଦେଇ ରାଜ୍ୟ ଅପରାଧ ରେକର୍ଡ ବ୍ୟୁରୋ (ଏସ୍‌ସିଆର୍‌ବି) ରେ ନିଯୁକ୍ତ ଥିବା କହିଥିଲା । ୨୦୨୧ ମସିହାରେ ଉଭୟ ବିବାହ କରିଥିଲେ । ହେଲେ ପ୍ରଦୀପ୍ତ ଅନେକ ସମୟରେ ପତ୍ନୀଙ୍କ ଠାରୁ ଟଙ୍କା ମାଗି ନେଉଥିଲା । ଏଥିସହିତ ସରକାରୀ ଚାକିରି କରାଇଦେବା ଆଳରେ ବିଭିନ୍ନ ଆଶାୟୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିଲା । ପରବର୍ତ୍ତୀ ସମୟରେ ଚାକିରି ଆଶାୟୀଙ୍କ ଅଭିଯୋଗ କ୍ରମେ କବିସୂର୍ଯ୍ୟନଗର ଓ ହିଞ୍ଜିଳି ଥାନା ପୁଲିସ ପ୍ରଦୀପ୍ତକୁ ଗିରଫ କରିଥିଲା । ପ୍ରଦୀପ୍ତ ଗିରଫ ହେବାପରେ ସେ ଏସିପି ନୁହେଁ ବୋଲି ପତ୍ନୀ ଜାଣିବାକୁ ପାଇଥିଲେ । ଜାମିନରେ ଆସିବା ପରେ ପତ୍ନୀଙ୍କୁ ନିର୍ଯାତନା ଦେଇ ଟଙ୍କା ମାଗୁଥିଲା । ନିର୍ଯାତନା ଅସହ୍ୟ ହେବାରୁ ପତ୍ନୀ ମହିଳା ଥାନାରେ ଲିଖିତ ଏତଲା ଦେଇଥିଲେ । ତାଙ୍କ ଅଭିଯୋଗ ଆଧାରରେ ତଦନ୍ତ କରୁଥିବା ପୁଲିସ ଆଜି ପ୍ରଦୀପ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେପଟେ ପ୍ରଦୀପ୍ତ ନାମରେ ବଡ଼ଗଡ଼ ଥାନାରେ ଏକ ଠକେଇ ମାମଲା ରୁଜୁ ହୋଇଛି । ସେ ଗିରଫ ହେବାପରେ ବଡ଼ଗଡ଼ ପୁଲିସ ତାକୁ ରିମାଣ୍ଡରେ ନେବାକୁ ଆବେଦନ କରିବ ବୋଲି ଜଣାପଡ଼ିଛି ।

- ଚାକିରି ଦେବାକୁ କହି ଆଶାୟୀଙ୍କୁ ଠକିଛି
- ରିମାଣ୍ଡରେ ନେବ ବଡ଼ଗଡ଼ ଥାନା ପୁଲିସ

## ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ପଣ୍ଡିତ ରଘୁନାଥଙ୍କ ଜୟନ୍ତୀ

ଭୁବନେଶ୍ୱର,୫।୫(ସମିସ): ପଣ୍ଡିତ ରଘୁନାଥ ମୁର୍ମୁ ଥିଲେ କଥିତ ଭାଷାକୁ ଲିଖିତ ଭାଷାରେ ପ୍ରତିଷ୍ଠା ଦବାର ପରମ୍ପରାର ମହାନ୍ ଦାୟଦ । ଅଗଣିତ ମଣିଷ ହାତକୁ ଭାଷା ଲେଖିବାର କ୍ଷମତା ପ୍ରଦାନ କରି ସେ ଅମର ହୋଇଯାଇଛନ୍ତି । ଗୋଟିଏ ଭାଷା କୋ÷ଣସି ସମ୍ପ୍ରଦାୟ କି ଜାତି ପାଖରେ ବନ୍ଦୀ ନୁହେଁ ବରଂ ଏହା ସାରା ବିଶ୍ୱର ଭାଷା ଅଟେ । ଅଲଚିକି ଭାଷା ସୃଷ୍ଟିରେ ସେ ବିଶ୍ୱ ସାହିତ୍ୟରେ କ୍ରାନ୍ତି ଆଣି ସାରସ୍ୱତ ଦୁନିଆରେ ଏକ ଅମ୍ଳାନ ପ୍ରତିଭା ହୋଇ ରହିଗଲେ ବୋଲି ଆଜିର ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ନୀଳାଦ୍ରି ବିହାର ଏବଂ ବିଧାନସଭା ପାଶ୍ୱର୍ରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ସମାରୋହ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ପାଳନ କରାଯାଇଅଛି । ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି । ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦେବଯାନୀ ଦାଶ, ପରମେଶ୍ୱର ସେଠୀ, ନଗର ବନ୍ଧୁ ମନୋରଞ୍ଜନ ମହାନ୍ତି, ଭୁବନେଶ୍ୱର ଗୋ÷ରବ ଗିରିଜା ଶଙ୍କର ମହାପାତ୍ର, ପ୍ରସନ୍ନ କୁମାର ବେହେରା, ଚୈତନ୍ୟ ତ୍ରିପାଠୀ, ପ୍ରଭାତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

## ପୁଣି ମଞ୍ଚରେ ଚଣ୍ଡାଶୋକ



ଭୁବନେଶ୍ୱର, ୫।୫(ସମିସ): କଳିଙ୍ଗ ଯୁଦ୍ଧ ପରେ, ଚତୁର୍ଦିଗରେ ବିକ୍ଷିପ୍ତ ଭାବେ ପଡ଼ି ରହିଛି କଳିଙ୍ଗ ବୀରଙ୍କ ମୃତ ଶରୀର । ଦୟା ନଦୀର ଶୁଦ୍ଧ ଜଳ ରାଶି ରକ୍ତ ରଞ୍ଜିତ । ଏପରିକି ଘୋଡ଼ା, ହାତୀ ଓ ଅନ୍ୟାନ୍ୟ ପଶୁ ମାନଙ୍କ ପାଇଁବି ପାନୀୟ ଅନୁପଯୁକ୍ତ ହେଇ ପଡ଼ିଛି । କିନ୍ତୁ ଏହି ବିଜୟ ଯୋଗୁଁ ବିଶେଷ ଆତ୍ମ ସନ୍ତୋଷରେ ଉତ୍‌ଫୁଲ୍ଲିତ ସମ୍ରାଟ୍ ଅଶୋକ ଓ ପାତ୍ର ମନ୍ତ୍ରୀ ମାନେ ପ୍ରଶଂସାରେ ଶତମୂଖ । ଏପରି ଏକ ମୁହୂର୍ତ୍ତରେ ବନ୍ଦିନୀ କଳିଙ୍ଗ କନ୍ୟା କାରୁବାକୀ ସମ୍ରାଟ୍ ଅଶୋକଙ୍କୁ ସମ୍ବୋଧନ କରନ୍ତି ଚଣ୍ଡାଶୋକ ! ଏହି କଥା ବସ୍ତୁକୁ ନେଇ ନାଟକ 'ଚଣ୍ଡାଶୋକ' ଆଗକୁ ଗତିଶୀଳ ହୋଇଛି । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମଙ୍ଗଳବାର ଭଞ୍ଜକଳା ମଣ୍ଡପରେ ନାଟ୍ୟକାର ପଦ୍ମଶ୍ରୀ ଡ଼. ପ୍ରତିଭା ରାୟଙ୍କ 'ଚଣ୍ଡାଶୋକ' ମଞ୍ଚସ୍ଥ ହୋଇଯାଇଛି । ଏହି ନାଟକକୁ ମିରର୍ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତି କରାଯାଇଛି । ସଙ୍ଗୀତ ଓ ନିର୍ଦ୍ଦେଶନା ରେ ରାଜ୍ କୁମାର ରହିଥିବା ବେଳେ ନାଟ୍ୟ ସମ୍ପାଦନା ଅନନ୍ତ ମହାପାତ୍ର, ନାଟ୍ୟ ପରିଚାଳନାରେ ସ୍ୱାଧିନ ମହାନ୍ତି ରହିଥିଲେ । ଏହି ନାଟ୍ୟ ସନ୍ଧ୍ୟାରେ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ଅଭିନେତା ଅଶ୍ରୁମୋଚନ ମହାନ୍ତି, ନାଟ୍ୟ ନିର୍ଦ୍ଦେଶକ ଲାଲ୍ ବିରେନ୍ ରାୟ ଓ ଧିରେନ୍ଦ୍ର ନାଥ ମଲ୍ଲିକ୍ ପ୍ରମୁଖ ଉପସ୍ଥିତ ରହିଥିଲେ ।




କେରଳରେ କଂଗ୍ରେସର ବିଜୟ ପରେ ଭୁବନେଶ୍ୱରରେ ଦଳୀୟ କର୍ମୀଙ୍କ ବିଜୟ ଉତ୍ସବ

## 'ଓଡ଼ିଶାରେ ସଂପୂର୍ଣ୍ଣ ନିଶା ନିବାରଣ ଲାଗୁ କରିବାକୁ ଦାବି'

ଭୁବନେଶ୍ୱର,୫।୫(ସମିସ)

ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ୨୦୨୪ ନିର୍ବାଚନ ସମୟରେ ଓଡ଼ିଶାବାସୀଙ୍କୁ ଯେଉଁ ଗ୍ୟାରେଣ୍ଟି ଦିଆଯାଇଥିଲା ତାହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ରାଜ୍ୟରେ ସରକାର ଗଠନର ଦୁଇବର୍ଷ ପୂର୍ତ୍ତି ଉତ୍ସବ ପାଳନ ପୂର୍ବରୁ ରାଜ୍ୟ ସରକାର ନିଜ କଥା ନିଜେ ରକ୍ଷା କରି ଗୁଜରାଟ ମଡେଲ୍‌ରେ ଓଡ଼ିଶାରେ ସଂପୂର୍ଣ୍ଣ ନିଶା ନିବାରଣ କାର୍ଯ୍ୟକାରୀ କରିବା ପାଇଁ ମନେ ପକାଇ ଦିଆଯାଇଛି । ଏହି ମର୍ମରେ ଜଣାଶୁଣା ଗାନ୍ଧୀ ବିଚାର ଚିନ୍ତକ ତଥା ରଚନାତ୍ମକ କର୍ମୀ ପ୍ରହଲାଦ କୁମାର ସିଂହ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ପତ୍ର ଲେଖିଛନ୍ତି । ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଗତ ନିର୍ବାଚନ ବେଳେ 'ଓଡ଼ିଶା ପାଇଁ ମୋଦିଙ୍କ ଗ୍ୟାରେଣ୍ଟି-୨୦୨୪' ଜାରି କରାଯାଇଥିଲା । ଏଥିରେ ବିଜେପି ନିଶାମୁକ୍ତ ଓଡ଼ିଶା ସୃଷ୍ଟି କରିବା ଓ ସମ୍ବିଧାନର ୪୭ ଧାରାକୁ କଡ଼ାକଡ଼ି ଭାବେ ଲାଗୁ କରି ଉତ୍କୃଷ୍ଟ ଜୀବନ ପଦକ୍ଷେପ ନେବ ବୋଲି ଏହି ସଂକଳ୍ପପତ୍ରର ୩୮ ପୃଷ୍ଠାରେ ଥିବା 'ଉତ୍ତମ ଶାସନ' ଅଧ୍ୟାୟରେ ଦର୍ଶାଯାଇଛି ।

ଏହି ନିର୍ବାଚନ ବେଳେ ସାରା ରାଜ୍ୟରେ 'ଆମର ଭୋଟ ପାଇବ ସିଏ- ନିଶା ନିବାରଣ କରିବ ଯିଏ' ବୋଲି ପ୍ରାଚୀର ପତ୍ରମାନଙ୍କରେ ଉଲ୍ଲେଖ ଥିଲା । ସରକାରକୁ ଆସିବା ପରେ 'ନିଶା ନୁହେଁ, ଜୀବନ ଚାହୁଁ' ଓ 'କଥା ଦେଇ କଥା ରଖିଲେ ମୋହନ ସରକାର' ଭଳି ଅନେକ ବିଜ୍ଞାପନ ମଧ୍ୟ ଜାରି କରାଯିବା ସହିତ ଡବଲ ଇଞ୍ଜିନ ସରକାରରେ ଗୁଜରାଟ ମଡେଲ୍‌ର କାମ ହେବ ବୋଲି କୁହାଯାଉଛି । ଗୁଜରାଟ ରାଜ୍ୟରେ ସଂପୂର୍ଣ୍ଣ ନିଶା ନିବାରଣ ଲାଗୁ କରାଯାଇଥିବାବେଳେ ଓଡ଼ିଶାର ୩୦ଟି ଯାକ ଜିଲ୍ଲାରେ ମଧ୍ୟ କେନ୍ଦ୍ର ସରକାରଙ୍କ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ଅଥଚ ନିଶା ନିବାରିତ ହେବା ପରିବର୍ତ୍ତେ ବଢ଼ିବଢ଼ି ଚାଲିଛି ବୋଲି ଏହି ପତ୍ରରେ ଉଲ୍ଲେଖ କରାଯାଇଛି ।

ଶ୍ରୀ ମାଝୀ ବିରୋଧୀ ଦଳରେ ଥିବାବେଳେ ବିଧାନସଭାରେ ନିଶା ସଂକ୍ରାନ୍ତରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଉଥିଲେ । ଅଥଚ ଓଡ଼ିଶାରେ ବର୍ଷକୁ ବର୍ଷ ଅବକାରୀ ରାଜସ୍ୱ ବଢ଼ାଇବା ନାମରେ ନିଶା ପ୍ରସାରଣ କରାଯାଉଛି । ସରକାରୀ ତଥ୍ୟ ମୁତାବକ ୨୦୨୦-୨୧ ବର୍ଷରେ ସରକାର ମଦୁଆମାନଙ୍କୁ ପ୍ରାୟ ୨୦ କୋଟି ଲିଟର ମଦ ଯୋଗାଇଥିବାବେଳେ ୨୦୨୪-୨୫ରେ ଏହା ୪୦ କୋଟି ୧୭ଲକ୍ଷ ଲିଟରରୁ ଅଧିକ ରହିଛି । ସେହିପରି ଓଡ଼ିଶାରେ ଅବକାରୀ ରାଜସ୍ୱ ୨୦୦୦-୦୧ ବର୍ଷରେ ୧୩୫ କୋଟି ୩୫ ଲକ୍ଷ ଥିବାବେଳେ ଏହା ବଢ଼ିବଢ଼ି ୨୦୨୩-୨୪ ବର୍ଷ ବେଳକୁ ୭୨୧୫ କୋଟି ଟଙ୍କାରେ ପହଞ୍ଚିଥିଲା ଏବଂ ୨୦୨୬-୨୭ ବର୍ଷର ଓଡ଼ିଶା ସରକାରଙ୍କ ୩ଲକ୍ଷ ୧୦ ହଜାର କୋଟି ଟଙ୍କାର ମୂଳ ବଜେଟ୍‌ରେ ଅବକାରୀ ରାଜସ୍ୱରୁ ୧୦,୯୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଉଲ୍ଲେଖ ରହିଛି ।



● 'ଜୀବେଦୟା' କାର୍ଯ୍ୟକ୍ରମ

## ଅନୁଗୋଳ ବନଖଣ୍ଡରେ କମ୍ବିଂ ଅପରେସନ ଜୋରଦାର



ଅନୁଗୋଳ,୫।୫(ସମିସ): ବନ୍ୟପ୍ରାଣୀ ସୁରକ୍ଷା ଓ ଜଙ୍ଗଲ ସମ୍ପଦର ସୁରକ୍ଷା ପାଇଁ ଅନୁଗୋଳ ବନଖଣ୍ଡ ପକ୍ଷରୁ କରାଯାଇଥିବା ଏକ ବଡ଼ ଅଭିଯାନ ସଫଳ ହୋଇଥିବା କୁହାଯାଇଛି। ଗତ ମେ ୫ରେ 'ଜୀବେଦୟା' କାର୍ଯ୍ୟକ୍ରମ ଅଧୀନରେ ଅନୁଗୋଳ ବନଖଣ୍ଡର ସମସ୍ତ ରେଞ୍ଜରେ ବ୍ୟାପକ କମ୍ବିଂ ଅପରେସନ ହୋଇଥିଲା। ବନଖଣ୍ଡ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ସ୍ୱତନ୍ତ୍ର ଅଭିଯାନ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ରେଞ୍ଜ ଅଫିସର, ଫରେଷ୍ଟର, ବନରକ୍ଷୀ, ସ୍କ୍ୱାଡ୍ ସଦସ୍ୟ ଏବଂ ଗଜ ମିତ୍ରମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ମୁଖ୍ୟତଃ ଶିକାରୀଙ୍କ ପ୍ରାଦୁର୍ଭାବ ରୋକିବା, ବନ୍ୟଜନ୍ତୁ ଶିକାର, ଜଙ୍ଗଲ ଜମି ଜବରଦଖଲ ଏବଂ ବେଆଇନ କାଠ ଚୋରା ଚାଲାଣ ଉପରେ କଡ଼ା ନଜର ରଖିବା ପାଇଁ ଏହି ଅପରେସନ କରାଯାଇଛି। ଏଥିସହ ବନ୍ୟପ୍ରାଣୀଙ୍କ ମଧ୍ୟରେ କୌଣସି ସଂକ୍ରାମକ ରୋଗ ବ୍ୟାପିଛି କି ନାହିଁ, ତାହା ମଧ୍ୟ ଯାଞ୍ଚ କରାଯାଇଛି। ଏହି ପଦକ୍ଷେପ ଜୈବ ବିବିଧତାର ସୁରକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଜଙ୍ଗଲର ସନ୍ତୁଳନ ରକ୍ଷା ପାଇଁ ଦିନରାତି କାମ କରୁଥିବା ବନ ବିଭାଗର 'ସବୁଜ ଯୋଦ୍ଧା' ବା ଗ୍ରୀନ୍ ୱାରିୟର୍ସମାନଙ୍କ ନିଷ୍ଠାକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ

କିଶୋରନଗର,୫।୫(ସମିସ): କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗତକାଲି ଜିଲ୍ଲାପାଳ ଅବଦଲ ଏମ୍ ଅଖତର ଗତକାଲି ସୋମବାର ବ୍ଲକ୍ କାର୍ଯ୍ୟାଳୟରେ ଜନଶୁଣାଣି କାର୍ଯ୍ୟକ୍ରମ ସାରିଲା ପରେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା



ଯୋଗାଇ ଦେବା ସହ ଔଷଧ ଠିକ୍ ଭାବେ ଦିଆଯାଉଛି ନା ନାହିଁ, ଡାକ୍ତର ସମସ୍ୟାର ସମାଧାନ କରାଯିବା, ପରେ ସିଡିଏମ୍ଓ ମଦନମୋହନ ପ୍ରଧାନଙ୍କ ସହ ଆଲୋଚନା କରି ଡାକ୍ତରଙ୍କ ପାଇଁ ରହିବା ପାଇଁ କ୍ୱାର୍ଟର୍ସ ସମସ୍ୟାର ତ୍ୱରିତ ସମାଧାନ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ରୋଗୀ ଶଯ୍ୟାକୁ ଯାଇ ରୋଗୀଙ୍କ ସମସ୍ୟା ବୁଝିଥିଲେ। ଏଥିସହ ସମସ୍ତ କୋଠରିକୁ ଯାଇ ବୁଲି ଦେଖିଥିଲେ। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଫିଜିଓଥେରାପି ସେଣ୍ଟର କରାଯିବାର ଆବଶ୍ୟକତା ରହିଛି ବୋଲି ଜିଲ୍ଲାପାଳଙ୍କୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିପ୍ରତି ଧ୍ୟାନ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ବିଡିଓ ଶୁଭକାନ୍ତ ନାଏକ, ବ୍ଲକ୍ ସହକାରୀ ଯନ୍ତ୍ରୀ ଦୀପ୍ତିରାଣୀ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଯତୀନ ଦେହୁରୀ, ବିପିଏମ୍ ଅଜିତ ସାହୁ ଓ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର କର୍ମଚାରୀ ଉପସ୍ଥିତ ଥିଲେ।

## ଶ୍ରୀଶ୍ରୀ ରଘୁନାଥଜୀଉ ସଙ୍ଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ



କାମାକ୍ଷାନଗର,୫।୫(ସମିସ): କାମାକ୍ଷାନଗର ସହରର ଶ୍ରୀଶ୍ରୀ ରଘୁନାଥଜୀଉ ସଙ୍ଗୀତ ବିଦ୍ୟାଳୟର ୩୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଡିଟୋରିୟମରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ଏନ୍ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ସମ୍ମାନିତ ଅତିଥି ଭାବେ ସହକାରୀ ଜିଲ୍ଲାପାଳ ଦୀପକ କୁମାର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଜିକୁ ୩୪ ବର୍ଷ ପୂର୍ବରୁ ପ୍ରତିଷ୍ଠା ହୋଇଥିବା ଏହି ସଙ୍ଗୀତ ବିଦ୍ୟାଳୟ କାମାକ୍ଷାନଗର ସହର ଓ ଆଖପାଖ ଅଞ୍ଚଳରେ ନୃତ୍ୟ, ଚିତ୍ରାଙ୍କନ, ସଙ୍ଗୀତ କ୍ଷେତ୍ରରେ ବେଶ ପରିଚିତ ଥିବାବେଳେ ଅନେକ କୃତି କଳାକାର ସୃଷ୍ଟି କରିଛି। ଅତିଥିମାନେ ଅନୁଷ୍ଠାନର ମଙ୍ଗଳ କାମନା କରିବା ସହିତ ଏକ ସ୍ୱତନ୍ତ୍ର ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଜର ପ୍ରଭାତ କୁମାର ଦାଶ, ରାମଗୋବିନ୍ଦ ଆଚାର୍ଯ୍ୟ, ଗୋବର୍ଦ୍ଧନ ବାରିକ, ହିମାଂଶୁଶେଖର ମହାପାତ୍ର, ପ୍ରମୁଖ ମଞ୍ଚାସୀନ ରହି ଅନୁଷ୍ଠାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମନୋଜ କୁମାର ରାଉଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କମୁଛି ଭୂତଳ ଜଳସ୍ତର, ବଢୁଛି ପାନୀୟ ଜଳସମସ୍ୟା

ତାଳଚେର,୫।୫(ସମିସ):



ତାଳଚେର ଅଞ୍ଚଳରେ କିଛି ବର୍ଷ ହେବ ଭୂତଳ ଜଳସ୍ତର କମୁଥିବା ବେଳେ ପାନୀୟଜଳ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି। ଏପରିକି ଅନେକ ସ୍ଥାନରେ ପାଣି ବ୍ୟବହାର ଉପଯୋଗୀ ହୋଇ ରହୁନାହିଁ। ତେଣୁ ଲୋକମାନେ ପାନୀୟଜଳ ଯେତେ ସହଜରେ ପାଇ ପାରୁଥିଲେ ତାହା ଏବେ ଆଉ ସମ୍ଭବ ହେଉ ନାହିଁ। ଭୂତଳ ଜଳସ୍ତର କମିବା ଏହାର ମୁଖ୍ୟ କାରଣ ବୋଲି ଲୋକମାନେ କହୁଛନ୍ତି। ପାନୀୟ ଜଳ ବିଭାଗ ଓ ପଞ୍ଚାୟତିରାଜ ବିଭାଗ ଦ୍ୱାରା ନଳକୂପ ଖନନ, ପାନୀୟଜଳ ଯୋଗାଣ କରାଯାଉଥିଲେ ମଧ୍ୟ ତାହା ସଠିକ୍ ରୂପାୟନ ହୋଇପାରୁ ନାହିଁ। ଭୂତଳ ଜଳସ୍ତର ବଢ଼ାଇବା ପାଇଁ ପୋଖରୀ ଖନନ, ପ୍ରଚୁର ବୃକ୍ଷରୋପଣ, ଆଡ଼ିବନ୍ଧ ନିର୍ମାଣ ଇତ୍ୟାଦି ଦୀର୍ଘ ମିଆଦି ଯୋଜନା ମାଧ୍ୟମରେ ବର୍ଷାଜଳ ସଞ୍ଚୟ କରାଯାଇପାରନ୍ତା। କିନ୍ତୁ ବର୍ଷାଜଳ ସଞ୍ଚୟ ପରିବର୍ତ୍ତେ ପୋଖରୀ ଓ ଖାଲ ଜମି ପୋତାଯାଇ ଗୃହ ନିର୍ମାଣ କରାଯାଇଥିବା ଦେଖିବାକୁ ମିଳୁଛି। ଫଳରେ ବର୍ଷାଜଳ ସଞ୍ଚୟ ହୋଇନପାରି ନିମ୍ନଗାମୀ ହୋଇ ବୋହିଯାଉଛି। ସରକାରୀ ସ୍ତରରେ ପୋଖରୀ ଖନନ ଓ ଜଳାଶୟ ଉଦ୍ଧାର କରାଯିବାରୁ ଅନୁଦାନ ଥିଲେ ମଧ୍ୟ ତାହା ଧର୍ମକୁ ଆଖିଠାର ପରି କାର୍ଯ୍ୟ କରାଯାଉଛି। ରକ୍ଷଣାବେକ୍ଷଣ ଅଭାବରୁ ଜଳାଶୟ ଗୁଡ଼ିକ ପୋତିହୋଇ ପଡୁଥିବା ବେଳେ ଜଳସ୍ତର ବଢ଼ାଇବା ପାଇଁ ବର୍ଷାଜଳ ହିଁ ନିତ୍ୟାନ୍ତ ଆବଶ୍ୟକ। ଏବେ ନଦୀ ଗୁଡ଼ିକ ପୋତିହୋଇ ପଡ଼ିବା ସହିତ ସେଥିରେ ବିଶେଷ ପାଣି ରହୁନାହିଁ। ଭୂତଳ ଜଳକୁ କମ୍ପାନୀ ଓ ଶିଳ୍ପ କଳକାରଖାନା ଗୁଡ଼ିକ ଶୋଷି ନେଉଥିବାରୁ ଜଳସ୍ତର ମଧ୍ୟ କମିବାରେ ଲାଗିଛି ବୋଲି କୁହାଯାଉଛି। ଫଳରେ ଭୂତଳ ଜଳ ଦିନକୁ ଦିନ କମୁଥିବା ବେଳେ ପାନୀୟଜଳ ସମସ୍ୟା ବୃଦ୍ଧି ପାଉଛି। ତେବେ ବର୍ତ୍ତମାନ ଭୂତଳ ଜଳବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ କୌଣସି ଯୋଜନା କାର୍ଯ୍ୟକ୍ଷମ ହେଉନଥିବା ଅଭିଯୋଗ ହେଉଛି। ପୋଖରୀ ପାଣି ବୃଦ୍ଧି ହେଲେ ସେହି ନଳକୂପ ସହିତ ସଂଯୋଗ କରାଯାଇଥିବା ସୁଡ଼ଙ୍ଗ ବାଟଦେଇ ପାଣି ଭୂତଳକୁ ପ୍ରବେଶ କରିବ। ସେହିପରି ସରକାରଙ୍କ ପକ୍ଷରୁ ବିଗତ ବର୍ଷା ଦିନ ଗୁଡ଼ିକରେ ଘରର ଛାତରେ ଜଳ ସଂଗ୍ରହ କରିବା ପାଇଁ ଅଣ୍ଟା ଭିଡ଼ିଥିବା ବେଳେ ତାହା ଏବେ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ପ୍ରକୃତରେ ଯୋଜନା ଯଦି ଠିକଭାବେ କାର୍ଯ୍ୟକାରୀ କରାଯାଏ ତେବେ ଭୂ-ତଳ ଜଳସ୍ତର ବୃଦ୍ଧି ପାଇବ ବୋଲି ପରିବେଶବିତ ମାନେ ମତପ୍ରକାଶ କରିଛନ୍ତି।

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଅନୁଗୋଳ ଗସ୍ତ

ଅନୁଗୋଳ,୫।୫(ସମିସ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଅନୁଗୋଳ ଗସ୍ତରେ ଆସି ସହରର ବିକାଶମୂଳକ



କାର୍ଯ୍ୟର ସମୀକ୍ଷା କରିବା ସହ ଅନେକ ନୂତନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ପୂର୍ବାହ୍ନରେ ସ୍ଥାନୀୟ ଶୈଳଶ୍ରୀକ୍ଷେତ୍ର ପରିଦର୍ଶନ କରି ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିଥିଲେ। ପରେ ପରେ ଆହାର କେନ୍ଦ୍ର ପରିଦର୍ଶନ କରି ସେଠାକାର ଖାଦ୍ୟର ମାନ ଏବଂ ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ସର୍କିଟ ହାଉସ ସମ୍ମିଳନୀ କକ୍ଷଠାରେ ତାମଡା ଦ୍?ାରା ଆୟୋଜିତ ୨୯ ତମ ପ୍ରାଧିକରଣ ବୈଠକରେ ଯୋଗ ଦେଇ ତାମଡ଼ାର ରାଜସ୍ୱ, ଏହାର କାର୍ଯ୍ୟକାରିତା, ବିଭିନ୍ନ ସମସ୍ୟା ଏବଂ ଏହା ଅଧୀନରେ ଥିବା ମାର୍କେଟ କମ୍ପ୍ଲେକ୍ସ, କଲ୍ୟାଣ ମଣ୍ଡପଗୁଡିକର ଉନ୍ନତିକରଣ ତଥା ପୁନରୁଦ୍ଧାର ବିଷୟରେ ଆଲୋଚନା କରିଥିଲେ। ଖାଲି ଥିବା ଜାଗାମାନଙ୍କୁ ସହରର ଉନ୍ନତିକରଣ ଯୋଜନାରେ ସାମିଲ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ପାଲଲହଡା ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଅନୁଗୋଳ ପୌରପାଳିକାର ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ତାଳଚେର ପୌରପାଳିକାର ଅଧ୍ୟକ୍ଷ ପବିତ୍ର ଭୂତିଆ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅନୁଗୋଳ ଉପ ଜିଲ୍ଲାପାଳ ମାୟାଧର ବେହେରା, ତାଳଚେର ଉପ ଜିଲ୍ଲାପାଳ ଶ୍ରୀ ଆଶିଷ ରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅପରାହ୍ନରେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା() ର ବୈଠକରେ ମନ୍ତ୍ରୀ ଯୋଗଦେଇ ସହରର ବର୍ଜ୍ୟବସ୍ତୁ ପରିଚାଳନା , ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ରେ ହିତାଧିକାରୀଙ୍କୁ ଗୃହ ପ୍ରଦାନ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ଭେଣ୍ଡିଂ ଜୋନ୍ ସହ ମିଶନ ଶକ୍ତି ମହିଳାମାନଙ୍କ ପାଇଁ ମିଶନ ଶକ୍ତି ଗୃହର ସୁବିଧା ବିଷୟରେ ଆଲୋଚନା କରିଥିଲେ।

## ନୀଳକଣ୍ଠେଶ୍ୱର ମନ୍ଦିର ପ୍ରତିଷ୍ଠା ମହୋତ୍ସବ



କଣିହାଁ,୫।୫(ସମିସ): ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣିହାଁ ବ୍ଲକ୍‌ର ବଜ୍ରକୋଟ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଜନ ସମାରୋହ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବରେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ମୁକେଶ କୁମାର ପାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପୂଜାର୍ଚ୍ଚନାରେ ଅଂଶଗ୍ରହଣ କରି ମହାଦେବଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ଅଞ୍ଚଳବାସୀଙ୍କ ସୁଖ-ଶାନ୍ତି ଓ ସମୃଦ୍ଧି ପାଇଁ ମଙ୍ଗଳ କାମନା କରିଥିଲେ। ଏହି ଅବସରରେ ଗ୍ରାମବାସୀଙ୍କ ଭକ୍ତିଭାବ ଓ ସକ୍ରିୟ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ କୁମାର ସାହୁ, ସୀମାଞ୍ଚଳ ପଣ୍ଡା, ଜୟନ୍ତ ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।

## ବାମୁରରେ ଗାନ୍ଧିଜୀଙ୍କ ରାତ୍ରି ଯାପନ ସ୍ମୃତି ଦିବସ



କିଶୋରନଗର,୫।୫(ସମିସ): କିଶୋରନଗର ବ୍ଲକ୍ ବାମୁରଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ରାତ୍ରିଯାପନ ସ୍ମୃତି ଦିବସ ମହାତ୍ମା ଗାନ୍ଧୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଟ୍ରଷ୍ଟର ସଭାପତି ତଥା ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ବିଡିଓ ଶୁଭକାନ୍ତ ନାଏକ, ତହସିଲଦାର ବିକ୍ରମ କେଶରୀ ନାଏକ, ସିଡିପିଓ ବ୍ଲକ୍ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ଟ୍ରଷ୍ଟର ସମ୍ପାଦକ ଗୋକୁଳାନନ୍ଦ ପ୍ରଧାନ, ଆଇଆଇସି ହରେକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ସ୍ମୃତିଚାରଣ କରିବା ସହ ଡାକ ବଙ୍ଗଳା ଓ ଟ୍ରଷ୍ଟ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିବା ସହ ତିଳତର୍ପଣ କରିଥିଲେ।

## 'ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

କଣିହାଁ,୫।୫(ସମିସ): କଣିହାଁ ବ୍ଲକ୍ ବଜ୍ରକୋଟ ପଞ୍ଚାୟତରେ ଆଜି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭୂମିପୂଜନ ଓ ଉଦ୍ଘାଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୬ ଲକ୍ଷ ଟଙ୍କା ବ୍ୟୟରେ ନୀଳକଣ୍ଠେଶ୍ୱର ମନ୍ଦିରର ଉନ୍ନତିକରଣ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କାରେ ମନ୍ଦିର ପ୍ରାଚୀର ନିର୍ମାଣ, ବିକଶିତ ଗାଁ ବିକଶିତ ଓଡ଼ିଶା ପାଣ୍ଠିରୁ ୫ ଲକ୍ଷ ୫୦ ହଜାର ଟଙ୍କାରେ ଫୁଲଝରି ଗୋଷ୍ଠୀ କେନ୍ଦ୍ର ନିର୍ମାଣ କାର୍ଯ୍ୟର ଭୂମିପୂଜନ କରାଯାଇଥିଲା। ଏହା ସହିତ ଓଡ଼ିଶା ସରକାର ଓ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା ପାଣ୍ଠିରୁ ୧୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ର ଓ ଫୁଲଝରି ପ୍ରାଥମିକ ବିଦ୍ୟାଳୟରେ ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅତିରିକ୍ତ ଶ୍ରେଣୀଗୃହର ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ସେ ବଜ୍ରକୋଟ ଗ୍ରାମରେ ନବନିର୍ମିତ ନୀଳକଣ୍ଠେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ଭଗବାନଙ୍କ ଆଶୀର୍ବାଦ କାମନା କରିଥିଲେ। ଏହା ସହ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କଣିହାଁ ବ୍ଲକ୍‌ରେ ସର୍ବାଧିକ ନମ୍ବର ଅର୍ଜନ କରି ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ପାଇଁ ଗୌରବ ଆଣିଥିବା ବଜ୍ରକୋଟ ଗ୍ରାମର ସୌମ୍ୟରଞ୍ଜନ ସାମଲଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ପରିଶେଷରେ ମନ୍ଦିର ପାଇଁ ଆବଶ୍ୟକ ହାଇ ମାସ୍କ ଲାଇଟ୍ ବିଧାୟକଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବାରୁ ଗ୍ରାମବାସୀ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ କଣିହାଁ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ମିଶ୍ର, ବଜ୍ରକୋଟ ସରପଞ୍ଚ ପ୍ରଦୀପ କୁମାର ସାହୁ, ଭାରତୀୟ ଜନତା ପାର୍ଟି ଜିଲ୍ଲା



ଉପସଭାପତି ନୃସିଂହ ଚରଣ ବରାଳ, ସାଧାରଣ ସମ୍ପାଦକ ପ୍ରହ୍ଲାଦ ସାମଲ, ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ଧ୍ରୁବ ଚରଣ ଧୀର, ବରିଷ୍ଠ ଆଇନଜୀବୀ ତ୍ରିପୁର ପ୍ରଧାନ, କୈଳାସ ଚନ୍ଦ୍ର ସାହୁ, ଟଙ୍କଧର ଜେନା ଟିକନ ପ୍ରଧାନ, ସୁରେଶ ଧଳ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଅନୁଗୋଳ,୫।୫(ସମିସ): ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାରେ ଅନୁଗୋଳ ସହରର ଅତି ପୁରାତନ ଶିକ୍ଷା ଅନୁଷ୍ଠାନ ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟ ୯ ୯ଧ ସଫଳତା ହାସଲ କରିଛି। ଏହି ବିଦ୍ୟାଳୟର ଛାତ୍ରୀ ସିଲୋନୀ ସାହୁ ୫୬୫ ନମ୍ବରରଖି ଜିଲ୍ଲାରେ ଦ୍?ିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ବିଦ୍ୟାଳୟରେ ୩୨୬ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବା ବେଳେ ୮ଜଣ ଏ -୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆଜି ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟ ଠାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଏ -୧ ପାଇଥିବା ଛାତ୍ରଛାତ୍ରୀ ସିଲୋନୀ ସାହୁ, ଅକ୍ଷୟତ କୁମାର ସାହୁ, ଆଲୋକ ପ୍ରଧାନ, ତୋଫାନ ପ୍ରଧାନ, ବାବୁସାନ ପ୍ରଧାନ, ଶୁଭ୍ରାଂଶୁ ସାହୁ, ଶିବାନୀ ବେହେରା ଓ ମନିକା ସାମଲଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟବ୍ରତ ମାଝୀ, ବରିଷ୍ଠ ଶିକ୍ଷୟିତ୍ରୀ ମାନସୀ ଦତ୍ତ, ସାମ୍ବାଦିକ ଦ୍ୱାରିକା ପ୍ରସାଦ ନନ୍ଦ, ମନୋରଞ୍ଜନ ପାଣି, ଜଗଦୀଶ ନାୟକ ପ୍ରମୁଖ ସଫଳତା ପାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ଶତପଥି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କାରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଗଣମାଧ୍ୟମ ବ୍ୟକ୍ତି ଉପସ୍ଥିତ ରହି ସଫଳତା ପାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଅନୁଗୋଳ ଜିଲ୍ଲା ଶିକ୍ଷା ବଞ୍ଚାଓ ଅଭିଯାନର ସଭାପତି ଦ୍ୱାରିକା ପ୍ରସାଦ ନନ୍ଦ ଦଶମ ବୋର୍ଡ ପରୀକ୍ଷାରେ ସଫଳତା ପାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ମେ' ୮ ତାଳଚେର ବନ୍ଦକୁ ବିଭିନ୍ନ ସଂଗଠନର ସମର୍ଥନ

ତାଳଚେର,୫।୫(ସମିସ):



ତାଳଚେରରେ ଦୀର୍ଘଦିନ ଧରି ତାଳଚେର ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ଜୋର୍‌ଦାର୍ କରାଯାଇଛି। ଏହି ପରିପ୍ରେକ୍ଷୀରେ ୮ ତାରିଖ ଦିନ ୧୨ଘଣ୍ଟିଆ ତାଳଚେର ବନ୍ଦ ଡାକରା ଦିଆଯାଇଛି। ଏହି ଆନ୍ଦୋଳନକୁ ଅନେକ ସଂଗଠନ ସମର୍ଥନ ଜଣାଇଥିବା ଜଣାପଡ଼ିଛି। ପୂର୍ବତନ ସାଂସଦ ମହେଶ ସାହୁଙ୍କ ଦ୍ୱାରା ପ୍ରତିଷ୍ଠିତ 'ଆମ ପ୍ରତିଭା ଆମ ପରିଚୟ', 'ଆଗେଇବା' ପରିବାର, ଓ ତାଳଚେର ପୂଜ୍ୟପୂଜା ସ୍ମୃତି ପରିଷଦ, ଏବଂ ତାଳଚେର ବୁଦ୍ଧିଜୀବି ଫୋରମ୍ ପକ୍ଷରୁ ଖୋଲା ସମର୍ଥନ ଜଣାଇଛନ୍ତି। ଏହି ଅବସରରେ ତାଳଚେର ଦେଉଳବେଡ଼ା ସ୍ଥିତ ମହେଶ ସାହୁ ଙ୍କ କାର୍ଯ୍ୟାଳୟ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ତାଳଚେର ରେ ପ୍ରତିଷ୍ଠା ହୋଇଥିବା ମେଡିକାଲ କଲେଜ ରେ ତୁରନ୍ତ ରୋଗୀ ସେବା ଆରମ୍ଭ କରିବାକୁ ଉପସ୍ଥିତ କର୍ମକର୍ତ୍ତା ମାନେ ଆଲୋଚନା କରିବା ସହିତ ତାଳଚେର ର ସ୍ୱାର୍ଥ ପାଇଁ ନିଆ ଯାଇଥିବା ତାଳଚେର ବନ୍ଦ୍ ଆନ୍ଦୋଳନ ଯଥାର୍ଥ ବୋଲି ଅନୁଭବ କରି ମେ ମାସ ୮ ତାରିଖ ଶୁକ୍ରବାର ୧୨ଘଣ୍ଟିଆ ତାଳଚେର ବନ୍ଦକୁ ଦୃଢ଼ ସମର୍ଥନ ଜଣାଇଥିଲେ। ଆଜିରଏହି ବୈଠକରେ ଅନୁଷ୍ଠାନ ଗୁଡ଼ିକର ପ୍ରତିଷ୍ଠାତା ତଥା ଢେଙ୍କାନାଳ ପୂର୍ବତନ ସାଂସଦ ମହେଶ ସାହୁ, ଆମ ପ୍ରତିଭା ଆମ ପରିଚୟ ଅନୁଷ୍ଠାନର ସଭାପତି ଉପେନ୍ଦ୍ର ପରିଡ଼ା, ତାଳଚେର ପୂଜ୍ୟ ପୂଜା ସ୍ମୃତି ପରିଷଦର ସଭାପତି ହରେକୃଷ୍ଣ ପାତ୍ର, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ବେହେରା, ସରୋଜ ପ୍ରଧାନ, ଗିରିଜା ଶଙ୍କର ମିଶ୍ର, ନିର୍ମଳ ତ୍ରିପାଠୀ, ଡକ୍ଟର ରଶ୍ମୀରଞ୍ଜନ ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟା ରୀତାରାଣୀ ଦାସ, ଜର୍ମାନୀ ଭୂତିଆ, ତପନ କୁମାର ମହାରଣା ପ୍ରମୁଖ ସାମିଲ୍ ହୋଇଥିଲେ।





> ଏମିତି ଆମ ଅବକାରୀ ପୁଲିସ

# ସକାଳେ ଗିରଫ; ସନ୍ଧ୍ୟାରେ ଜାମିନ୍

ଭୁବନେଶ୍ୱର, ୫।୫ (ସମିସ)



■ ଦର୍ଶାଇ ନ ଥିଲେ ଗିରଫଦାରୀର କାରଣ
■ ସନ୍ଦେହ ଘେରରେ ତଦନ୍ତକାରୀ ଅଧିକାରୀ

ଅବକାରୀ ବିଭାଗ ପକ୍ଷରୁ ପ୍ରତିଦିନ ନିଶା ବେପାରୀଙ୍କୁ ଗିରଫ କରାଯାଉଛି। କାହାଠାରୁ ମଦ ମିଳୁଛି ତ ଆଉ କାହାଠାରୁ ଗଞ୍ଜେଇ ଓ ବ୍ରାଉନସୁଗର ଜବତ କରାଯାଉଛି। ନିଶା ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଯାଉଛି ବୋଲି ଅବକାରୀ ମୁଖିଆ ସବୁବେଳେ କହି ଆସୁଛନ୍ତି। ହେଲେ ଏହାରି ଭିତରେ ଅବକାରୀ ବିଭାଗର ଅପାରଗତା ପଦାରେ ପଡ଼ିଛି। ଗିରଫଦାରୀ କାରଣ ଦର୍ଶାଇ ନଥିବାରୁ ଦୁଇ ମଦ ବେପାରୀଙ୍କୁ ଜାମିନ୍ ମିଳିଯାଇଛି। ତେବେ ଏହା ଅଭିଯୁକ୍ତଙ୍କ ପ୍ରତି ଅନୁକମ୍ପା ତଦନ୍ତକାରୀ ଅଧିକାରୀଙ୍କ ଅପାରଗତା, ତାକୁ ନେଇ ପ୍ରଶ୍ନ ଉଠିଛି।

ମଙ୍ଗଳବାର ସକାଳେ ତମାଣ୍ଡୋ ଥାନା ଅଞ୍ଚଳରେ ଦେଶୀ ମଦ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ଖବର ମିଳିଥିଲା। ଭୁବନେଶ୍ୱର ଅବକାରୀ ଥାନା - ୩ର ଟିମ୍ ଡିଏନ୍ ରିଗାଲିଆ ନିକଟରେ ଚଢ଼ଉ କରିଥିଲା। ସେଠାରୁ ବାଲିଆପଡ଼ାର ମହେନ୍ଦ୍ର କୁମାର ସାହୁ ଓ ଗଞ୍ଜାମ ଜିଲ୍ଲା କୋଦଳାର ଅନ୍ତର୍ଯ୍ୟାମୀ ଗୌଡ଼କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୫୦୦ ଲିଟର ଦେଶୀମଦ, ସ୍କୋର୍ପିଓ କାର୍ ଓ ଗୋଟିଏ ସ୍କୁଟି ଜବତ କରିଥିଲା। ଏନେଇ ଅବକାରୀ ଥାନା - ୩ ଏକ ମାମଲା ରୁଜୁକରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଥିଲା।

ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଗିରଫଦାରୀର କାରଣ ଜଣାଇବା ବିନା ହାଜତରେ ରଖାଯାଇପାରିବ ନାହିଁ ଏବଂ ତାଙ୍କ ପସନ୍ଦର ଆଇନଗତ ଅଭ୍ୟାସକାରୀଙ୍କ ସହିତ ପରାମର୍ଶ କରିବା ଓ ତାଙ୍କ ଦ୍ୱାରା ପକ୍ଷ ରଖିବାକୁ ମନା କରାଯିବ ନାହିଁ ବୋଲି ଭାରତୀୟ ସମ୍ବିଧାନର ଧାରା ୨୨(୧)ରେ ଉଲ୍ଲେଖ ରହିଛି। ସେହିପରି ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା ୪୭ ଅନୁସାରେ, ପ୍ରତ୍ୟେକ ପୁଲିସ ଅଧିକାରୀ କୌଣସି ବ୍ୟକ୍ତିଙ୍କୁ ବିନା ୱାରେଣ୍ଟରେ ଗିରଫ କରୁଥିଲେ ତାଙ୍କୁ ଗିରଫ କରାଯାଇଥିବା ଅପରାଧ ଓ ଗିରଫଦାରୀର କାରଣ ବିଷୟରେ ତୁରନ୍ତ ଜଣାଇବା ବାଧ୍ୟତାମୂଳକ।

ହେଲେ ଉପୋରକ୍ତ ଘଟଣାର ତଦନ୍ତକାରୀ ଅଧିକାରୀ ଅଭିଯୁକ୍ତ ମହେନ୍ଦ୍ର ଓ ଅନ୍ତର୍ଯ୍ୟାମୀକୁ ଗିରଫ କରିବା ସମୟରେ ଗିରଫଦାରୀର କାରଣ ଦର୍ଶାଇ ନଥିଲେ କି ତାଙ୍କ ସମ୍ପର୍କୀୟଙ୍କୁ ଜଣାଇନଥିଲେ। ଏମିତିକି ସିଆରପିସି ଧାରା - ୩୫ ଅନୁଯାୟୀ ନୋଟିସ୍ ମଧ୍ୟ ଦେଇନଥିଲେ। ଫଳରେ ଗିରଫ ସମୟରେ ନିୟମ ଅନୁପାଳନ ହୋଇନଥିବା ଦର୍ଶାଇ ଅଭିଯୁକ୍ତଙ୍କ ଆଇନଜୀବୀ ଜାମିନ ପାଇଁ ଆବେଦନ କରିଥିଲେ। ଗିରଫ ନିୟମ ପାଳନରେ ତ୍ରୁଟି ଥିବାରୁ ଅଦାଲତ ମଧ୍ୟ ମହେନ୍ଦ୍ର ଓ ଅନ୍ତର୍ଯ୍ୟାମୀକୁ ଜାମିନ୍ ପ୍ରଦାନ କରିଥିଲେ। ତେବେ ଏପରି ଘଟଣା ସାମ୍ନାକୁ ଆସିବା ପରେ ଅବକାରୀ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ କାଠଗଡ଼ାରେ ଛିଡ଼ା କରାଇଛି। ଏହା ଅଭିଯୁକ୍ତ ସହ ସଲାସୁତୁରା ନା ଅପାରଗତା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ସ୍ୱାଗତ ପତି, ବିଜୟ କୁମାର ସାହୁ ଓ ରୋମିତ ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଡାକ୍ତରଖାନାରେ ମାଲିକାଣୀ; ଚୋରି କରିନେଲା ଚାକର

ଭୁବନେଶ୍ୱର, ୫।୫ (ସମିସ)



● ଘରୋଇ ସହାୟକ ଓ ବଣିଆ ଗିରଫ
● ପ୍ରେମିକାକୁ ଦେଇଛି ଦେଢ଼ ଲକ୍ଷ ଓ ସୁନାଗହଣା

ପୁଣି ବିଶ୍ୱାସରେ ବିଷ ଦେଇଛି ଘରୋଇ ସହାୟକ। ମାଲିକାଣୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଘରେ କଳାକନା ବୁଲାଇଛି। ଆଇଆରସି ଭିଲେଜ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଘରୋଇ ସହାୟକ ଓ ରିସିଭର (ବଣିଆ)କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ବ୍ରହ୍ମପୁରା ଗାଁର ମନୋଜ କୁମାର ସାହୁ (୩୨) ଓ ପୁରୀ ଜିଲ୍ଲା ଚନ୍ଦନପୁରର ବସନ୍ତ କୁମାର ସାହୁ (୩୭)।

ପୁଲିସ ସୂଚନାନୁସାରେ, ପ୍ରିୟଦର୍ଶିନୀ ମହାନ୍ତି ପ୍ଲଟ୍ ନଂ - ଏନ୍ ୨/୧୬୯ ରେ ରହୁଥିବା ବେଳେ ମନୋଜ ତାଙ୍କ ଘରେ ଘରୋଇ ସହାୟକ ଭାବେ କାମ କରୁଥିଲା। ୫ ବର୍ଷ ହେବ କାମ କରୁଥିବାରୁ ଘର ଲକର ଚାବି ଓ ସୁନା ଅଳଙ୍କାର କେଉଁଠି ରହିଛି, ସେ ବିଷୟରେ ମନୋଜକୁ ଜଣାଥିଲା। ନିକଟରେ ପ୍ରିୟଦର୍ଶିନୀ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏହାର ସୁଯୋଗ ନେଇ ମନୋଜ ଆଲମାରି ଭିତରୁ ସୁନାଗହଣା ନେଇ ଯାଇଥିଲା। ଗହଣା ଦୋକାନୀ ବସନ୍ତକୁ ସୁନାଗହଣା ବିକ୍ରି କରି ଟଙ୍କା ଆଣିଥିଲା। ଏହାପରେ ଚାକିରି ଛାଡ଼ି ପଳାଇଥିଲା। ପ୍ରିୟଦର୍ଶିନୀ ଘରକୁ ଫେରିବା ପରେ ସୁନାଗହଣା ଚୋରି ହୋଇଥିବା ନେଇ ଜାଣିବାକୁ ପାଇଥିଲେ। ଏନେଇ ପ୍ରିୟଦର୍ଶିନୀଙ୍କ ପକ୍ଷରୁ ଅରୁନ୍ଧତୀ ଚୌଧୁରୀ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମନୋଜ ଉପରେ ପୁଲିସର ସନ୍ଦେହ କରି ପାଟକୁରା ଅଞ୍ଚଳରୁ ତାକୁ ଗିରଫ କରିଥିଲା। ତା' ଠାରୁ ତଥ୍ୟ ପାଇ ବଣିଆ ବସନ୍ତକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୩ଟି କାନଫୁଲ, ସୁନାଚେନ୍, ବ୍ରେସ୍‌ଲେଟ୍ ଓ ନଗଦ ୫୦ହଜାର ଟଙ୍କା ପୁଲିସ ଜବତ କରିଥିଲା।

ତେବେ ମନୋଜ ତା'ର ପ୍ରେମିକା ରାଗିଣୀକୁ ମଧ୍ୟ ସୁନାଗହଣା ଓ ଟଙ୍କା ଦେଇଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି। ମନୋଜ ସୁନା ଚେନ, ସୁନା ମୁଦି, କାନଫୁଲ ଓ ପ୍ରାୟ ଦେଢ଼ଲକ୍ଷ ଟଙ୍କା ପ୍ରେମିକାକୁ ଦେଇଥିବାର ପ୍ରମାଣ ପୁଲିସ ହାତରେ ଲାଗିଛି। ହେଲେ ଗିରଫ ଭୟରେ ରାଗିଣୀ ଫେରାର ହୋଇ ଯାଇଛି। ତା'କୁ ଧରିବା ଲାଗି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

## ଘରେ ପଶି ଯୁବତୀଙ୍କୁ ଦୁଷ୍କର୍ମ

ଭୁବନେଶ୍ୱର, ୫।୫ (ସମିସ): ରାଜଧାନୀରେ ପୁଣି ଯୁବତୀଙ୍କୁ ଦୁଷ୍କର୍ମ। ଘରେ ଏକାକୀ ଥିବାର ସୁଯୋଗ ନେଇ ଯୁବତୀଙ୍କୁ ଦୁଷ୍କର୍ମ କରିଛି ସମ୍ପର୍କୀୟ। ଡୁମୁଡୁମା ନିକଟରେ ଏଭଳି ଘଟଣା ଘଟିଥିବା ବେଳେ ଖଣ୍ଡଗିରି ଥାନାର ଦ୍ୱାରସ୍ଥ ହୋଇଛନ୍ତି ଯୁବତୀ। ଅଭିଯୋଗ ଅନୁଯାୟୀ, ଜଣେ ୨୩ ବର୍ଷୀୟା ଯୁବତୀ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ନିକଟରେ ରହୁଛନ୍ତି। ସମ୍ପର୍କୀୟ ଯୁବକ ଜଣକ ଅନେକ ସମୟରେ ତାଙ୍କ ଘରକୁ ଯିବାଆସିବା କରନ୍ତି। ନିକଟରେ ଯୁବତୀ ଜଣକ ଏକୁଟିଆ ଥିବାବେଳେ ସମ୍ପର୍କୀୟ ଜଣକ ଘରକୁ ଆସିଥିଲେ। ହଠାତ୍ ଭିତର ପଟରୁ କବାଟ ବନ୍ଦ କରି ଦେଇଥିଲା। ଘର ଭିତରେ ଜୋରଜବରଦସ୍ତି ଯୁବତୀଙ୍କୁ ଦୁଷ୍କର୍ମ କରିଥିଲା। ସେ ବିରୋଧ କରିବା ସତ୍ତ୍ୱେ ସମ୍ପର୍କୀୟ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲା। ଘଟଣା ବିଷୟରେ କାହାରିକୁ ଜଣାଇଲେ ଜୀବନରେ ମାରିଦେବ ବୋଲି ଧମକ ଦେଇଥିଲା। ଯୁବତୀ ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ଖଣ୍ଡଗିରି ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ସେ ଲିଖିତ ଅଭିଯୋଗ ଦେବାପରେ ପୁଲିସ ଦୁଷ୍କର୍ମ ମାମଲା ରୁଜୁ କରି ତଦନ୍ତ କରୁଛି।

### ଓପିଏସ୍‌ସି ଡେଣ୍ଟାଲ ସର୍ଜନ ନିଯୁକ୍ତିରେ ବାହାର ପ୍ରାର୍ଥୀଙ୍କୁ ପ୍ରାଥମିକତାକୁ ବିରୋଧ

## ଦାବି ପୂରଣ ନ ହେଲେ ଅନଶନ ଚେତାବନୀ

କଟକ,୫।୫(ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଡେଣ୍ଟାଲ ସର୍ଜନ ନିଯୁକ୍ତି-୨୦୨୬ ପ୍ରକ୍ରିୟାକୁ ନେଇ ରାଜ୍ୟର ଯୁବ ଡାକ୍ତରମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିଯୁକ୍ତି ନିୟମରେ ଅଣଓଡ଼ିଆ ପ୍ରାର୍ଥୀଙ୍କ ପାଇଁ କୋହଳ ନୀତି ଅବଲମ୍ବନ କରାଯିବାକୁ ଓଡ଼ିଶା ଡେଣ୍ଟାଲ ସର୍ଜନ ଏବଂ ଷ୍ଟୁଡେଣ୍ଟ ଆକ୍ସନ କମିଟି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ କମିଟିର କନ୍‌ଭେନର ଡା. ପ୍ରିୟବ୍ରତ ପଣ୍ଡା ସରକାରଙ୍କ ଏହି ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇବା ସହ ଏହା ଓଡ଼ିଆ ଯୁବକମାନଙ୍କୁ ନ୍ୟାୟସଙ୍ଗତ ସୁଯୋଗରୁ ବଞ୍ଚିତ କରୁଛି ବୋଲି କହିଛନ୍ତି। ଅଭିଯୋଗ ଅନୁସାରେ ଅନ୍ୟ ରାଜ୍ୟଗୁଡ଼ିକରେ ନିଜ ରାଜ୍ୟର ଡାକ୍ତରମାନଙ୍କୁ ପ୍ରାଥମିକତା ଦିଆଯାଉଥିବା ବେଳେ ଓଡ଼ିଶା ସରକାର ବାହାର ରାଜ୍ୟର ପ୍ରାର୍ଥୀଙ୍କୁ ସୁଯୋଗ ଦେବା ନିନ୍ଦନୀୟ ବୋଲି କମିଟି ଦର୍ଶାଇଛି। ଏହି ସମ୍ପର୍କରେ କମିଟି ପକ୍ଷରୁ ସମସ୍ତ ତଥ୍ୟ ଓ ପ୍ରସ୍ତାବ ସରକାରଙ୍କ ନିକଟରେ ୫୦ ଦିନ ପୂର୍ବରୁ ଦାଖଲ କରାଯାଇଥିଲେ ହେଁ, ପ୍ରଶାସନ ପକ୍ଷରୁ କୌଣସି ସୁଫଳ ମିଳିନାହିଁ। ରାଜ୍ୟ ସରକାର 'ଓଡ଼ିଆ ଅସ୍ମିତା'କୁ ଗୁରୁତ୍ୱ ଦେଉଥିବା ଦାବି କରୁଥିବା ବେଳେ, ନିଜ ରାଜ୍ୟର ଡାକ୍ତରଙ୍କ ସ୍ୱାର୍ଥ ରକ୍ଷା ନ କରିବା ବିରୋଧାଭାସ ସୃଷ୍ଟି କରୁଛି ବୋଲି ଡା. ପଣ୍ଡା କହିଛନ୍ତି। କମିଟି ପକ୍ଷରୁ ସରକାରଙ୍କୁ ୧୫ ଦିନର ଅନ୍ତିମ ସମୟସୀମା ଦିଆଯାଇଛି। ଯଦି ଏହି ସମୟ ମଧ୍ୟରେ ଡେଣ୍ଟାଲ ସର୍ଜନ ନିଯୁକ୍ତି ନିୟମରେ ସଂଶୋଧନ କରି ଓଡ଼ିଆ ପ୍ରାର୍ଥୀଙ୍କ ସ୍ୱାର୍ଥ ରକ୍ଷା କରା ନ ଯାଏ, ତେବେ ଓଡ଼ିଏସ୍‌ଏସ୍‌ଏସି ପକ୍ଷରୁ ରାଜ୍ୟବ୍ୟାପୀ ଉପବାସ ଆନ୍ଦୋଳନ ବା ହଙ୍ଗର ଷ୍ଟ୍ରାଇକ୍ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ମହିଳା କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା

୩୩ ପ୍ରତିଶତ ସଂରକ୍ଷଣ ଆଇନ ଦାବି




ଭୁବନେଶ୍ୱର,୫।୫(ସମିସ)

ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଜିଲ୍ଲାରେ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଆଇନ୍ ଦାବିରେ ମଶାଲ ଶୋଭାଯାତ୍ରା କରାଯାଇଛି। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଏହି କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି।

ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀୟା ମହାନ୍ତିଙ୍କ ନେତୃତ୍ୱରେ ଆଜି ଏକ ମଶାଲ ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ମହିଳା କଂଗ୍ରେସର କର୍ମକର୍ତ୍ତାମାନେ ବିକ୍ଷୋଭ କରିଥିଲେ। ଏହି ଅବସରରେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ର ଶ୍ରୀମତୀ ମହାନ୍ତି କହିଛନ୍ତି ଯେ, ଲୋକସଭା ଏବଂ ବିଧାନସଭାରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଆଇନ ଲାଗୁରେ ବିଜେପି ଓ ମୋଦୀ ସରକାର ବାଧକ ସାଜିଛନ୍ତି। ୨୦୨୩ ମସିହାରେ ଏହାକୁ ଆଇନରେ ପରିଣତ କରିବା ପାଇଁ କଂଗ୍ରେସ ସମେତ ସମସ୍ତ ଅଣ ବିଜେପି ଦଳ ସମର୍ଥନ ଦେଇଥିଲେ ମଧ୍ୟ ମୋଦୀ ସେରକାର ଏହାକୁ କାର୍ଯ୍ୟକାରୀ କରିବାରେ ଅକ୍ଷମ ହୋଇଛନ୍ତି । ବର୍ତ୍ତମାନ ଲୋକସଭାରେ ଥିବା ୫୪୩ ଆସନ ଏବଂ ବିଭିନ୍ନ ବିଧାନସଭାର ସ୍ଥିତ ଅବସ୍ଥାକୁ ନେଇ କ'ଣ ପାଇଁ ୩୩ ପ୍ରତିଶତ ମହିଳା ସଂରକ୍ଷଣ କରାଯାଉନାହିଁ । ଡିଲିମିଟେସନ ସହିତ ମହିଳା ସଂରକ୍ଷଣ ଆଇନ୍ ଯୋଡି ଦିଆଯାଉଛି। ବିଜେପି କଂଗ୍ରେସ ମହିଳା ସଂରକ୍ଷଣର ବିରୋଧ ବୋଲି ଯେଉଁ ଅପପ୍ରଚାର କରୁଛି ତାହା ଦୁର୍ଭାଗ୍ୟଜନକ। ମହିଳା ସଂରକ୍ଷଣ ସପକ୍ଷରେ କଂଗ୍ରେସ ରହିଛି ଏବଂ ଏହାକୁ ତୁରନ୍ତ ଲାଗୁ କରିବା ପାଇଁ ଆନ୍‌ଦୋଳନ ଜାରି ରଖିଛି। ମହିଳାମାନଙ୍କ ପ୍ରତି ବିଜେପି ଦଳ, ମୋଦି ସରକାର ଓ ମୋହନ ସରକାର ଆଚରଣ ଓ ଉଚ୍ଚାରଣ କଣ ତାହା ସାରା ଦେଶ ଦେଖୁଛି।

ମଣିପୁରରେ ମହିଳାଙ୍କୁ ଅତ୍ୟାଚର, ବିଜେପି ସାଂସଦଙ୍କର ମହିଳା କୁସ୍ତି ଯୁଦ୍ଧାଙ୍କୁ ଅତ୍ୟାଚର, ଉନ୍ନାଓ ମହିଳା ଦୁଷ୍କର୍ମରେ ବିଜେପି ବିଧାୟକଙ୍କର ସଂପୃକ୍ତି, ଓଡ଼ିଶାରେ ଦିନକୁ ୧୫ ଜଣ ମହିଳା ଦୁଷ୍କର୍ମରେ ଶିକାର, ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀକୁ ଆତ୍ମହତ୍ୟା କରିବା ପାଇଁ ବାଧ କରିବା ଘଟଣା ପ୍ରଭୃତିରେ ବିଜେପି ଦଳର ମହିଳାମାନଙ୍କ ପ୍ରତି ଅସଲ ମନୋଭାବ ବ୍ୟକ୍ତ ହୋଇପଡୁଛି। ସୁତରାଂ ଆଉ ଡ୍ରାମା ନ କରି ତୁରନ୍ତ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଆଇନ ଲାଗୁ କରିବା ପାଇଁ ମହିଳା କଂଗ୍ରେସ ଦାବି କରୁଛି। ଆଜିର କାର୍ଯ୍ୟକ୍ରମରେ ସୁରେଶ କୁମାର ରାଉତରାୟ, ପ୍ରକାଶଚନ୍ଦ୍ର ଜେନା, ମନୋରଞ୍ଜନ ଦାସ, ମାନସ ଆଚାର୍ଯ୍ୟ, ସୁନୀତା ବିଶ୍ୱାଳ, ଶ୍ରୀୟାସ୍ମିତା ପଣ୍ଡା, ଜୟସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପାଞ୍ଚ ନାବାଳକ ସମେତ ଜଣେ ଯୁବକ ଗିରଫ

■ ରାତିରେ ସଟର ତାଡ଼ି ମୋବାଇଲ ଚୋରାଉଥିଲେ
■ ୨୪ ମୋବାଇଲ ଜବତ, ଗୋଟିଏ ଡ୍ରୋନ୍ ଜବତ

ଭୁବନେଶ୍ୱର,୫।୫(ସମିସ): କମିସନରେଟ୍ ପୁଲିସ ମଙ୍ଗଳବାର ଏକ ଗ୍ୟାଙ୍ଗ୍‌କୁ ଗିରଫ କରିଛି। ଏହି ଗ୍ୟାଙ୍ଗ୍ ସହରର ମୋବାଇଲ ଦୋକାନ ଗୁଡ଼ିକୁ ଟାର୍ଗେଟ କରି ମୋବାଇଲ ଚୋରି କରୁଥିଲା। ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ଜଣେ ନାବାଳକ ଥିଲା ବେଳେ ତାଙ୍କ ନାମରେ ପୂର୍ବରୁ ୭ଟି ମାମଲା ବିଭିନ୍ନ ଥାନାରେ ରହିଛି। ଏହା ସହ ଉକ୍ତ ଗ୍ୟାଙ୍ଗରେ ଜଣେ ଯୁବକ ରହିଥିଲା। ସେ ହେଲା ଯାଜପୁର ବରୁଆଁର କୁନିଣ୍ଡା ଗ୍ରାମର ଆଦିତ୍ୟ ସାହୁ। ସେ ଭୁବନେଶ୍ୱର ପାଣ୍ଡରା ଅଞ୍ଚଳରେ ରୁହନ୍ତି। ଅଭିଯୁକ୍ତମାନଙ୍କ ଠାରୁ ୨୪ ମୋବାଇଲ୍, ୬ଟି ଇୟର ବଡ୍, ଗୋଟିଏ ଡ୍ରୋନ୍, ଦୁଇଟି ଚୋରା ମୋଟର ସାଇକେଲ୍, ମୋବାଇଲ୍ ଆସୋସୋରିଜ୍ ଜବତ କରାଯାଇଛି। ଏହା ସହ ସଟର ତାଡ଼ିବାକୁ ବ୍ୟବହୃତ ଯନ୍ତ୍ରପାତୀ ଜବତ କରାଯାଇଛି। ବିଗତ ୨ମାସ ମଧ୍ୟରେ ଦୁଇଟି ମୋବାଇଲ ଦୋକାନରୁ ଏମାନେ ମୋବାଇଲ ଚୋରି କରୁଥିଲେ। ପଟିଆ ଷ୍ଟେସନ ନିକଟସ୍ଥ ତ୍ରିସା ମୋବାଇଲ ଷ୍ଟୋର ନାମକ ଏକ ମୋବାଇଲ ଦୋକାନରୁ ନାବାଳକ ଚୋର ଗ୍ୟାଙ୍ଗ ଏପ୍ରିଲ ୪ ତାରିଖରେ ଚୋରି କରିଥିଲେ। ଏନେଇ ଦୋକାନ ମାଲିକ ମାନସ ରଞ୍ଜନ ପଣ୍ଡା ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ସେହିପରି ଏହି ଗ୍ୟାଙ୍ଗ୍ ଗତ ୩ ତାରିଖ ଦିନ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ନିଗମ ଟେଲି କମ୍ୟୁନିକେସନ୍ ନାମକ ଏକ ମୋବାଇଲ ଦୋକାନର ସଟର ତାଡ଼ି ଦାମୀ ମୋବାଇଲ ଚୋରି କରି ନେଇଥିଲେ। ତେବେ ଏହି ଗ୍ୟାଙ୍ଗ୍ ଡକାୟତି ମାମଲାରେ ମଧ୍ୟ ସମ୍ପୃକ୍ତ ଥିବା ଜଣାପଡ଼ିଛି।

## ଗଙ୍ଗୁଆ ନାଳ ନିକଟରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର,୫।୫(ସମିସ): ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗଙ୍ଗୁଆ ନାଳ ନିକଟରେ ଜଣେ ମହିଳାଙ୍କ ମୃତଦେହ ମିଳିଛି। ମୃତ ମହିଳା ଜଣଙ୍କ ହେଲେ ସ୍ମୃତିମୟୀ ନାୟକ। ତାଙ୍କ ବୟସ ୩୩। ତାଙ୍କ ଘର ଯାଜପୁର ମଣିପୁର ଗ୍ରାମରେ। ସେ ଗଙ୍ଗୁଆ ନାଳ ନିକଟରେ ତାଙ୍କ ସ୍ୱାମୀ ଅରୁପାନନ୍ଦ ନାୟକ ସହ ରହୁଥିଲେ। ମିଳିଥିବା ସୂଚନା ମୁତାବକ, ତାଙ୍କ ଘର ଅନ୍ୟ ସଦସ୍ୟମାନେ ବାହାରକୁ ଯାଇଥିଲେ। ସ୍ମୃତିମୟୀ ଏକୁଟିଆ ଥିଲେ। ଗୋଟିଏ ଦିନ ପରେ ଅଚାନକ ତାଙ୍କ କବାଟ ନଖୋଲିବାରୁ ଘର ମାଲିକଙ୍କ ସନ୍ଦେହ ହୋଇଥିଲା। ସେ ଘର ଭିତରେ ମୃତ ଅବସ୍ଥାରେ ପଡ଼ି ରହିଥିଲେ। ତାଙ୍କ ପାଟିରୁ ଗରଳ ବାହାରୁଥିଲା। ଏହାପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସାପ କାମୁଡିବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି ବୋଲି ପୁଲିସ ଏବଂ ଡାକ୍ତର ଅନୁମାନ କରିଛନ୍ତି। ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ଗଞ୍ଜେଇ ମାଫିଆଙ୍କ ଭରସା ଦାମୀ ଗାଡ଼ି, ଆମ୍ବୁଲାନ୍ସ

# ଆମ୍ବୁଲାନ୍ସରେ ଗଞ୍ଜେଇ ଚାଲାଣ; ୪ ଗିରଫ

ଭୁବନେଶ୍ୱର,୫।୫(ସମିସ)




ବସ୍, ଟ୍ରକ୍, ଦାମୀ କାର୍, ବାଇକ୍‌ରେ ଗଞ୍ଜେଇ ଚୋରା ଚାଲାଣ ହୋଇଥିଲା। ହେଲେ ଏହି ତରିକା ଏବେ ପୁରୁଣା ହୋଇଗଲାଣି। ଗଞ୍ଜେଇ ଚୋରା ଚାଲଣ ପାଇଁ ଚାଲାଣକାରୀ ପୁଲିସ ଠାରୁ ବଞ୍ଚିବାକୁ ଏବେ ଜରୁରିକାଳୀନ ସେବା ଯୋଗାଉଥିବା ଗାଡ଼ି ବ୍ୟବହାର କରୁଛନ୍ତି। ନୂଆପଲ୍ଲୀ ଥାନା ପୁଲିସ ଏକ ଆମ୍ବୁଲାନ୍ସକୁ ଅଟକାଇଥିଲା। ଏହି ଆମ୍ବୁଲାନ୍ସରୁ ୨୫କେଜି ଗଞ୍ଜେଇ ମିଳିଲା। ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୫ ହଜାର ଟଙ୍କା ହେବ। ଆମ୍ବୁଲାନ୍ସରେ ଚୋରା ଚାଲାଣ ଅଭିଯୋଗରେ ପୁଲିସ ୪ଜଣଙ୍କୁ ଗିରଫ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ଼ ବାରବାଟି ପ୍ରଶାନ୍ତ କୁମାର ପ୍ରଧାନ, ଯାଜପୁର ଜିଲ୍ଲା ସରଣଗାପୁର ଅଞ୍ଚଳର ବିଶ୍ୱଜିତ ମଲ୍ଲିକ, ଭୁବନେଶ୍ୱର ଅଞ୍ଚଳର ମନୋଜ କୁମାର ମହାପାତ୍ର ଏବଂ ରାମକୃଷ୍ଣ ପ୍ରାଣିଗ୍ରାହୀ।

ଆମ୍ବୁଲାନ୍ସରେ ଗଞ୍ଜେଇ କାରବାର ନେଇ ପୂର୍ବରୁ ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ପୁଲିସ ଆମ୍ବୁଲାନ୍ସକୁ କଳିଙ୍ଗ ଷ୍ଟାଡିୟମ୍ ଗେଟ୍ ନମ୍ବର-୮ ବି ନିକଟରେ ଅଟକାଇଥିଲା। ଯାହାର ନମ୍ବର ହେଉଛି ଓଡ଼ି୦୫ବିଡବ୍ଲୁ-୦୧୧୦। ଗଞ୍ଜେଇ ମିଳିବା ପରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କ ୫ଟି ମୋବାଇଲ ଜବତ କରିଥିଲା। ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ଏହି କାରବାର କରୁଥିଲେ। ବହୁ ଦିନ ହେବ ଆମ୍ବୁଲାନ୍ସରେ ଏମାନେ ଗଞ୍ଜେଇ କାରବାର କରୁଥିଲେ।

ଗଞ୍ଜେଇ ଚାଲାଣ ପାଇଁ ନିଶା ବେପାରୀମାନେ ଚତୁରତାର ସହ କାରବାର କରୁଛନ୍ତି। ପୁଲିସ ଜାଲରେ ନ ପଡ଼ିବା ପାଇଁ ନୂଆ ନୂଆ ତରିକା ଆପଣାଉଛନ୍ତି। ଆମ୍ବୁଲାନ୍ସରେ ଗଞ୍ଜେଇ ଚାଲାଣ ଘଟଣାରେ ପୁଲିସ ଏକ ମାମଲା (ନଂ.୩୦୩/୨୦୨୬) ପଞ୍ଜିକୃତ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ମନୋଜ ଉକ୍ତ ଆମ୍ବୁଲାନ୍ସର ମାଲିକ। ଏକ ଘରୋଇ ହସ୍ପିଟାଲରେ ଆମ୍ବୁଲାନ୍ସଟି ନିୟୋଜିତ ଥିଲା ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ କଟକରୁ ଗଞ୍ଜେଇ ନେଇ ଭୁବନେଶ୍ୱର ଆସୁଥିଲେ। ନୟାପଲ୍ଲୀ ରେଣ୍ଟାଲ କଲୋନିରେ ଗଞ୍ଜେଇ ଦେବାର ଥିଲା। ଏନେଇ ସୂଚନା ମିଳିବା ପରେ ପୁଲିସ ଭୁବନେଶ୍ୱରରେ ଛକି ରହିଥିଲା। ସକାଳ ସମୟରେ ପୁଲିସ ଟିମ୍ କଳିଙ୍ଗ ଷ୍ଟାଡିୟମ ଗେଟ ନଂ-୮ ପାଖରେ ଚଢ଼ାଉ କରି ଆମ୍ବୁଲାନ୍ସକୁ ଜବତ କରିଥିଲା। ଯାଞ୍ଚ ପରେଷ୍ଟ୍ରେଚର ତଳେ ୨ଟା ବସ୍ତାରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏଥିସହ ନଗଦ ୮୦୦ ଟଙ୍କା ମଧ୍ୟ ମିଳିଥିଲା। ତେବେ ଗଞ୍ଜେଇ କାହାକୁ ଦେଇଥାନ୍ତେ ତାହା ଜାଣିବାକୁ ପୁଲିସ ଅଧିକ ତଦନ୍ତ ଚଳାଇଛି।

### ● ଗଞ୍ଜେଇ ଚାଲାଣର ନୂଆ ତରିକା

ଥର୍‌ରେ ବୁଲି ବିକୁଥିଲେ ଗଞ୍ଜେଇ: ସୋମବାର ଥାର୍ ଗାଡ଼ିରେ ଗଞ୍ଜେଇ ଚାଲାଣ ବେଳେ ଗତକାଲି ଖଣ୍ଡଗିରି ଥାନା ପୁଲିସ ଚଢ଼ାଉ କରିଥିଲା। ଗାଡିରୁ ୨୧ କେଜିର ଗଞ୍ଜେଇ ସହ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତ ହେଲା ଯଦୁପୁରର ସେକ୍ ଜାହିର। ରଘୁନାଥପୁର ଅଟୋ ଷ୍ଟାଣ୍ଡ ନିକଟରେ ପୋଲିସ ଚଢ଼ାଉ କରି ଜାହିରକୁ ଧରିଥିଲା।

### ● ଟ୍ରକ୍ ସିକ୍ରେଟ୍ ଚାମ୍ବରରେ ଗଞ୍ଜେଇ

୨୦୨୩ ମେ ୨୮ରେ ଚତୁରତାର ସହ ଓଡ଼ିଶାରୁ ଝାଡ଼ଖଣ୍ଡ ଗଞ୍ଜେଇ ଚାଲାଣବେଳେ ଭୁବନେଶ୍ୱର ରସୁଲଗଡ଼ ଛକରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଟ୍ରକ ସହ ସେଥିରେ ଥିବା ୨୭ ଲକ୍ଷ ଟଙ୍କାର ୨୭୩.୮ କେଜି ଗଞ୍ଜେଇକୁ ଜବତ କରାଯାଇଥିଲା। ଅଭିଯୁକ୍ତମାନେ ଟ୍ରକ୍‌ର କ୍ୟାବିନ ଭିତରେ ସିକ୍ରେଟ୍ ଚାମ୍ବର କରି ଗଞ୍ଜେଇ ଆଣୁଥିଲେ।

### ● ବ୍ୟବହାର ହେଉଛି ଦାମୀ ଗାଡ଼ି

ଗତ ମାସ ୨୮ ତାରିଖରେ ମନୋରଞ୍ଜନ ନାୟକ ଓରଫ ଶିବାକୁ ଗିରଫ କରିଥିଲା ଅବକାରୀ ବିଭାଗ। ୩ ଥର ଖସିବା ପରେ ୪ର୍ଥ ଥର ପୁଲିସ ହାତରେ ଧରାପଡ଼ିଥିଲା। ଗଞ୍ଜେଇ ଚାଲାଣରେ ସେ ଦାମି ଗାଡ଼ି ଏବଂ ମହିଳାଙ୍କୁ ବ୍ୟବହାର କରୁଥିଲା। ମହିଳାଙ୍କୁ ଦାମୀ ଗାଡ଼ିରେ ବସାଇ ସେ କୋଲକତାକୁ ଗଞ୍ଜେଇ ଚାଲାଣ କରୁଥିଲା।

### ● ଟ୍ୟୁରିଷ୍ଟ ଭ୍ୟାନ୍‌ରୁ ମିଳିଲା ଗଞ୍ଜେଇ

ପାହାଳ ଥାନା ପୁଲିସ କିଛିଦିନ ତଳେ ଏକ ଟ୍ୟୁରିଷ୍ଟ ଭ୍ୟାନ୍‌କୁ ଅଟକାଇଥିଲା। ଏଥିରୁ ବିପୁଳ ପରିମାଣରେ ଗଞ୍ଜେଇ ମିଳିଥିଲା। କନ୍ଧମାଳରୁ ବାଲେଶ୍ୱର ପର୍ଯ୍ୟନ୍ତ ଚାଲାଣ କରୁଥିଲା ବେଳେ ଅଭିଯୁକ୍ତ ଧରାଡ଼ିଥିଲା। ଏହାସହ ଟ୍ୟୁରିଷ୍ଟ ଭ୍ୟାନ୍ ଜବତ ହୋଇଥିଲା।

## ଆଇଏଏସ୍‌ଙ୍କ ଘରୁ ଚୋରି: ଜଣେ ଗିରଫ

ଭୁବନେଶ୍ୱର, ୫।୫ (ସମିସ): ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଘରୁ ଚୋରି ଘଟଣାରେ ଜଣଙ୍କୁ ଗିରଫ କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେଦାରପଲ୍ଲୀ ବସ୍ତିରେ ରହୁଥିବା ଫତେଗଡ଼ ଥାନା କାଳୀକା ପ୍ରସାଦର ଗୋବରା ଓରଫ୍ ରବୀନ୍ଦ୍ର ନାୟକ (୩୫)।



ପୁଲିସ ସୂଚନାନୁସାରେ, ବିଷ୍ଣୁପଦଙ୍କ ପତ୍ନୀ ବୈଶାଳୀ ସେଠୀ ତାଙ୍କ ଭ୍ୟାନିଟ୍ ବ୍ୟାଗଟି ଶୋଇବା ଘରର ଝରକା ପାଖରେ ରଖିଥିଲେ। ଗୋବରା ସୁଯୋଗ ଅଣ୍ଡାଳି ଉକ୍ତ ବ୍ୟାଗଟିକୁ ଚୋରି କରି ନେଇଥିଲା। ଏନେଇ ବୈଶାଳୀ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମଙ୍ଗଳବାର ଗୋବରାକୁ ଗିରଫ କରିବା ସହ ୫ ଶହ ଟଙ୍କା ଜବତ କରିଥିଲା। ମାତ୍ର ୫୦୦ ଟଙ୍କା ଜବତ ହୋଇଥିବା ବେଳେ ସୁନା କାନଫୁଲ, ହୀରା ମୁଦି, ଚାବି ଓ ଡେବିଟ କାର୍ଡ ଆଦି ଠାବ ହୋଇପାରିନାହିଁ। ଗୋବରା ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ପୂର୍ବରୁ ଶ୍ରୀ ଲିଙ୍ଗରାଜ ଥାନାରେ ୨ଟି ଓ ଏୟାରଫିଲ୍ଡ ଥାନାରେ ଗୋଟିଏ ଚୋରି ମାମଲା ରହିଛି।

### ରାସନ କାର୍ଡରେ ରହିଛି ମାନସିକ ବିକଳାଙ୍ଗଙ୍କ ନାମ

# ମିଳୁନି ଚାଉଳ, ଅନାହାର ମୃତ୍ୟୁ ଆଶଙ୍କାରେ ପରିବାର



**ଢେଙ୍କାନାଳ/ଭୁବନ,୫।୫(ସମିସ):**

ଢେଙ୍କାନାଳ ଜିଲ୍ଲାର ଭୁବନ ଏନଏସିରେ ବି ହିତାଧିକାରୀଙ୍କୁ ମିଳୁନି ଚାଉଳ। ଦୀର୍ଘ ବର୍ଷ ହେଲା ରାସନକାର୍ଡ ରହିଥିବା ବେଳେ ଚାଉଳ ମିଳୁନାହିଁ। ଫଳରେ ଭୋକ ଉପାସରେ ପରିବାର କାଳାତିପାତ କରୁଥିବା ବେଳେ କେତେବେଳେ ଯେ ଅନାହାର ମୃତ୍ୟୁ ନଘଟିବ ସେଭଳି ଆଶା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ।

ରାସନ କାର୍ଡରେ ନାମ ଥାଇ ବି ୧୩ ବର୍ଷ ହେଲା ହିତାଧିକାରୀଙ୍କୁ ରାସନ ସାମଗ୍ରୀ ମିଳୁ ନଥିବା ଜଣାପଡିଛି। ଭୁବନ ଏନଏସିର ଦାରୁଗା ମଲିକଙ୍କ ଝିଅ ରଶ୍ମିତା (୨୨) ଜଣେ ମାନସିକ ବିକଳାଙ୍ଗ। ସରକାର ପକ୍ଷରୁ ମାସକୁ ମାତ୍ର ୧୨ଶହ ଟଙ୍କା ବିକଳାଙ୍ଗ ଭତ୍ତା ପ୍ରଦାନ କରାଯାଉଛି। ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୧୨ର ବାସିନ୍ଦା ଦାରୁଗା ଓରଫ ଦାମୋଦର ମଲିକ ଜଣେ ଆଣ୍ଠୁ ଗଣ୍ଠି ବାତ ରୋଗୀ ଅଟନ୍ତି। ପ୍ରତ୍ୟେକ ଦିନ ମୂଲ ମଜୁରୀ କିମ୍ବା କାହାର ବୋଲହାକ କଲେ ନିଜ ପେଟକୁ ଆହାର ଯୋଗାଡ ହୋଇଥାଏ। ଖାଦ୍ୟ ଅଭାବରୁ ଦିନକୁ ଦିନ ଶରୀର କଙ୍କାଳ ସାର ହୋଇଛି। ପରିବାର କହିଲେ ସ୍ତ୍ରୀ ଓ ମାନସିକ ବିକଳାଙ୍ଗ ଝିଅ। ଅନ୍ୟ ୨ ଝିଅକୁ ବିବାହ କରାଇଦେଇଛନ୍ତି। ସରକାର ସ୍ୱାମୀ ସ୍ତ୍ରୀଙ୍କୁ ୧୦ କେଜି ଚାଉଳ ପ୍ରଦାନ କରୁଥିବା ବେଳେ ମାସିକ ୧୦୦୦ ଟଙ୍କା ଭତ୍ତା ପ୍ରଦାନ କରୁଛନ୍ତି। ଏହାସହିତ ବିକଳାଙ୍ଗ ଝିଅକୁ ୧୨୦୦ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି। ଅର୍ଦ୍ଧ ବିକଳାଙ୍ଗ ପରିବାର ମାସକୁ ୨୨୦୦ଟଙ୍କା ଓ ୧୦ କେଜି ଚାଉଳରେ ପରିବାର ଚଳିବା କଷ୍ଟକର ହେଉଛି। ଦାରୁଗାଙ୍କ ସ୍ତ୍ରୀ ସଚିଆ ମଲିକଙ୍କ ନାମରେ ଥିବା ରାସନ କାର୍ଡ ନଂ ୦୯୦୯୧୩୧୦୪୧୫ ଅନୁଯାୟୀ ୩ ଜଣଙ୍କ ନାମ ୨୦୧୫ ମସିହାରୁ ରହିଛି। ୱାର୍ଡ ନଂ ୧୩ର ମା ହିଙ୍ଗୁଳାଇ ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ ଥିବା ରାସନ ଯୋଗାଣ କେନ୍ଦ୍ରରୁ ରାସନ ମିଳୁଥିଲେ ହେଁ ଝିଅ ରଶ୍ମିତାକୁ ଚାଉଳ ପ୍ରଦାନ କରାଯାଉ ନଥିବାର ଜଣାପଡିଛି। ବାରମ୍ବାର ଅଭିଯୋଗ କଲେ ବି ଯୋଗାଣ ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଉନାହିଁ। ତେବେ ଦିନକୁଦିନ ଘରର ମୁରବୀ ହାଡ କଙ୍କାଳ ହୋଇପଡିଲାଣି। ଜନ ପ୍ରତିନିଧିମାନେ ଭୋଟ ସମୟରେ ଘରକୁ ଯାଇଥାନ୍ତି ପ୍ରତିଶ୍ରୁତି ମଧ୍ୟ ଦିଅନ୍ତି। ମାତ୍ର କୌଣସି ସୁଫଳ ମିଳୁନି। ଝାଟିମାଟି ଘରେ ମରଣକୁ ଅପେକ୍ଷା କରିଥିବା ଦାରୁଗା ନିଃସହାୟ ହୋଇପଡିଛନ୍ତି। ସରକାର ଚାହିଁଲେ ଦୁଃଖ ଯିବ ବୋଲି ସେ କହୁଥିବା ବେଳେ ସେହି ସମୟକୁ ଅପେକ୍ଷା କରିଛନ୍ତି। ଏନେଇ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ପ୍ରଦ୍ୟୁତ ସାହୁଙ୍କୁ ଯୋଗାଯୋଗ କରାଯାଇଥିଲା। ଏନେଇ କୌଣସି ଅଭିଯୋଗ ତାଙ୍କ ନିକଟକୁ ଆସିନଥିବା କହିଛନ୍ତି।

## ସାଇଶ୍ରୀ ଚକ୍ଷୁ ଚିକିତ୍ସାଳୟରେ ନର୍ସଙ୍କ ଝୁଲନ୍ତା ଶବ ଉଦ୍ଧାର

**ଢେଙ୍କାନାଳ,୫।୫(ସମିସ):** ଜଗନ୍ନାଥ ରୋଡସ୍ଥିତ ସାଇଶ୍ରୀ ଚକ୍ଷୁଚିକିତ୍ସାଳୟର ଜଣେ ନର୍ସ ନିଜ ରୁମରେ ଆତ୍ମହତ୍ୟା କରିଥିବାର ଜଣାପଡିଛି। ସଦରଥାନା ଭାପୁର ଫାଣ୍ଡି ଅନ୍ତର୍ଗତ କୁରୁମୁଟାଙ୍ଗର ଗ୍ରାମର ଅବନ୍ତୀ ପ୍ରଧାନ ୪ବର୍ଷ ହେବ ନର୍ସଭାବରେ କାର୍ଯ୍ୟ କରୁଥିଲେ। ଗତକାଲି କୌଣସି କାରଣରୁ ମଧ୍ୟ ରାତ୍ରରେ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ମାଲିକ ଖବରପାଇ ପରିବାର ଲୋକଙ୍କୁ ଜଣାଇବାପରେ ମାଜିଷ୍ଟ୍ରେଟ ଏବଂ ପୁଲିସ ଉପସ୍ଥିତିରେ ଶବକୁ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ମାଲିକ ରଞ୍ଜନ କୁମାର ବେହେରାଙ୍କ କହିବାନୁସାରେ, ସେ ଜଣେ ଭଲ ପିଲା ଥିଲା ମାତ୍ର କାହିଁକି ଆତ୍ମହତ୍ୟା କଲା ତାର କାରଣ ଜଣାପଡିନାହିଁ। ତେଣୁ ତଦନ୍ତ ହେଉ। ତଦନ୍ତରେ ଚିକିତ୍ସାଳୟର ସମସ୍ତ କର୍ମଚାରୀସହଯୋଗ କରିବା ସହିତ ସେ ନିଜେ ସହଯୋଗ କରିବାକୁ କହିଛନ୍ତି।

## ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ




**ଖଜୁରିଆକଟା,୫।୫(ସମିସ):** ମ୍ୟାଟ୍ରିକ ପରୀକ୍ଷାରେ ଶତକଡା ୯୦ ରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ହିନ୍ଦୋଳ ବ୍ଲକର ତିନି ଛାତ୍ରଛାତ୍ରୀଙ୍କୁ ଖଜୁରିଆକଟାସ୍ଥିତ ଓକେସିଏଲ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ତରଫରୁ ଆଜି ସମ୍ବର୍ଦ୍ଧିତ କରାଯାଇଛି। ଏହି ତିନି ଛାତ୍ରଛାତ୍ରୀ ହେଲେ ଦେବେଶ ମାଝୀ, ଶୁଭଶ୍ରୀ ସିଂ, ସ୍ମୃତିସ୍ମିତା ପ୍ରଧାନ। ଓକେସିଏଲ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରରେ ଶାଖା ପରିଚାଳକ ପ୍ରଶାନ୍ତ କୁମାର ଜେନାମଣିଙ୍କ ଦ୍ୱାରା ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ବିଡିଓ ହିନ୍ଦୋଳ ଡଃ କଲ୍ୟାଣ ସୌରଭ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲା ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୟ ସାମଲ, ସୁକାନ୍ତ ମାଝୀ, ଧନେଶ୍ୱର ସାହୁ, ଅନ୍ତର୍ଯ୍ୟାମୀ ସାହୁ, ଟଙ୍କଧର ପ୍ରଧାନ ସୁକୁମାର ବିଶ୍ୱାଳ, କୁଣ୍ଡେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପବିତ୍ର ମୋହନ ପ୍ରଧାନ, ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ପ୍ରଧାନ, ସହକାରୀ ଶିକ୍ଷକ ସଞ୍ଜୟ କୁମାର ସାହୁ, ରଞ୍ଜନ କୁମାର ସାମଲ, ଶିକ୍ଷାବିତ ଶଶିଭୂଷଣ ବେହେରା, ସାମ୍ବାଦିକ ପ୍ରତାପ ସାହୁ, ମାନସ ମାଝୀ, ଓକେସିଏଲ କେନ୍ଦ୍ରର ପ୍ରଶିକ୍ଷିକା ସ୍ମୃତିସୁନନ୍ଦିତା ମିଶ୍ର, ଅର୍ପିତା ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଶିକ୍ଷାବିତ ଓ ବୁଦ୍ଧିଜିବୀ ଯୋଗ ଦେଇଥିଲେ। ଏହି ଅବସରରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ହିନ୍ଦୋଳ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ହରିହର ଦେହୁରୀ, ହିନ୍ଦୋଳ ପ୍ରାଥମିକ ଶିକ୍ଷକ ସଙ୍ଘ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ଗଁଦିଆ,୫।୫(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କାବରା ଗ୍ରାମପଞ୍ଚାୟତ ଦଧିସିଙ୍ଗା ଗ୍ରାମ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ନିର୍ଝରିଣୀ ସାହୁଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ସଭା ମଣ୍ଡପଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମନୋଜ ମଞ୍ଜରୀ ଲେଙ୍କା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ମଙ୍ଗୁଳିଚରଣ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ସିଆରସିସି ବିଶ୍ୱନାଥ ମାଝି, ଶ୍ରୀନିବାସ ନାୟକ, କୃଷ୍ଣଚନ୍ଦ୍ର ବେହେରା, ଅଭୟ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିହର ସାମଲ, ପ୍ରଧାନଶିକ୍ଷୟିତ୍ରୀ ନିହାରବାଳା ରାଉତ, ସମାଜସେବୀ ଲମ୍ବୋଦର ପରିଡା, ସନ୍ତୋଷ ବିଶ୍ୱାଳ, ଗ୍ରାମ ସଭାପତି ଲକ୍ଷ୍ମୀଧର ମହାନ୍ତି, ଉପସଭାପତି ଶ୍ରୀବତ୍ସ ମହାନ୍ତି, ସମ୍ପାଦକ ରାକେଶ ମହାନ୍ତି, ସହସମ୍ପାଦକ ସୁଶୀଳ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ଶିକ୍ଷା କମିଟି ଅଧ୍ୟକ୍ଷ ଶରତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମ୍ବୁଜ ବେହେରା, ଶିକ୍ଷକ ପ୍ରମୋଦ ନାୟକ, ଗ୍ରାମ କମିଟି ସଭ୍ୟ ନାରାୟଣ ବିଶ୍ୱାଳ, ଶ୍ରୀକାନ୍ତ ମଲ୍ଲିକ, ଧରଣୀଧର ମଲ୍ଲିକ, ସମୀର ମହାନ୍ତି, ଦୁଃଶାସନ ମହାନ୍ତି, ଭୀମସେନ ଦାସ, ମଳୟ ମହାନ୍ତି, ଅକ୍ଷୟ ମହାନ୍ତି, ଡବୁଲ ମହାନ୍ତି ପ୍ରମୁଖ ସହାୟତା କରିଥିଲେ। ଅବନ୍ତି ମହାନ୍ତି ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।



## ନବନିର୍ମାଣ କୃଷକ ସଙ୍ଗଠନର ପ୍ରସ୍ତୁତି ବୈଠକ

**ଢେଙ୍କାନାଳ,୫।୫(ସମିସ):** ନବନିର୍ମାଣ କୃଷକ ସଙ୍ଗଠନ ଦୀର୍ଘ ୧୬ ବର୍ଷ ହେଲା ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ ଇତ୍ୟାଦି ଦାବିକୁ ନେଇ ଅନବରତ ଭାବରେ ଧାରଣା, ସତ୍ୟାଗ୍ରହ, ଗଣପଦଯାତ୍ରା ଓ ଜେଲ ଯାତ୍ରା ଇତ୍ୟାଦି ମାଧ୍ୟମରେ ତାର ସଙ୍ଘର୍ଷ ଜାରି ରଖିଛି। ଡବଲ ଇଞ୍ଜିନ ବିଜେପି ସରକାର ସରଳ ଚାଷୀ ଓ ଆଦିବାସୀଙ୍କର ପଦଯାତ୍ରାକୁ କଟକର ଫୁଲନଖରାଠାରେ ଅଟକାଇ ଗତ ୩୦ ମାର୍ଚ୍ଚରେ ଗିରଫ କରିଥିଲେ। ମୋଟ ୧୨ ଜଣଙ୍କୁ ୧୫ ଦିନ ପାଇଁ ଜେଲ ପଠାଇଦେଲେ। ଏହାର ପ୍ରତିବାଦ ସହ ବିଭିନ୍ନ ଦାବି ପୂରଣ ନେଇ ବର୍ତ୍ତମାନ ମେ' ୧୪ ପର୍ଯ୍ୟନ୍ତ ଚାଲିଥିବା ରାଜ୍ୟ କୃଷକ ସ୍ୱାଭିମାନ ଯାତ୍ରା ଭୁବନେଶ୍ୱରରେ ସମାପନ ହେବ। ଏଥିରେ ୨୧ଟି ଦାବିକୁ ନେଇ ଲୋକଙ୍କ ସ୍ୱାଭିମାନକୁ ଜାଗ୍ରତ ଓ ସଙ୍ଗଠିତ କରିବାର ପ୍ରୟାସ ଚାଲୁ ରଖିବା ପାଇଁ ନବନିର୍ମାଣ କୃଷକ ସଙ୍ଗଠନ ସଙ୍କଳ୍ପବଦ୍ଧ। ଏଥିପାଇଁ ଆସନ୍ତା ୯ ତାରିଖ ଗଦାଶିଳା ରାମ ମନ୍ଦିରରେ ଏକ ସମ୍ବୋଧନ କାର୍ଯ୍ୟକ୍ରମର ପ୍ରସ୍ତୁତି ପାଇଁ ପ୍ରସ୍ତୁତି ବୈଠକ ହୋଇଥିଲା। ଜିଲ୍ଲା ପ୍ରଭାରୀ ଅଶ୍ୱିନୀ କୁମାର, ଜିଲ୍ଲା ସଭାପତି ପ୍ରହଲ୍ଲାଦ ସାହୁ, ଜିଲ୍ଲା ସଂଯୋଜକ ଚନ୍ଦ୍ରଶେଖର ବରାଳ, ଜିଲ୍ଲା ବରିଷ୍ଠ ନେତୃତ୍ୱ ପ୍ରଫୁଲ୍ଲ ପରିଡା, ଜିଲ୍ଲା ସହ ସଂଯୋଜକ ସୁଧାକର ପରିଡା, ବରିଷ୍ଠ ନାଗରିକ ମଞ୍ଚ ଗୋପୀନାଥ ଜେନା, ଯୁବ ଚାଷୀ ନେତୃତ୍ୱ ବିଭୁ ରଥ, ବାମଦେବ ପରିଡା, ଭାଗୀରଥି ସାହାଣୀ, ପ୍ରମୋଦ ସାହୁ, ପୂର୍ବତନ ବରିଷ୍ଠ ଓକିଲ ପ୍ରମୋଦ ସାହୁ, ଜୟ ଖଟୁଆ, ରାହାସ ମହାନ୍ତି, ଶିବ ନାରାୟଣ ରାଉତଙ୍କ ସମେତ ପ୍ରତ୍ୟେକ ବ୍ଲକ ପଞ୍ଚାୟତର ଛାମୁଆ କର୍ମୀ ନେତୃତ୍ୱ ନେବା ପାଇଁ ପ୍ରସ୍ତୁତି କରିଥିଲେ।



## ଶ୍ରୀରାମଚନ୍ଦ୍ରପୁରରେ ବାଦିପାଲା ୧୦ରୁ

**ଗଁଦିଆ,୫।୫(ସମିସ):** ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଆଞ୍ଚଳିକ ଶ୍ରୀ ଶ୍ରୀ ସତ୍ୟନାରାୟଣ ପୂଜା କମିଟି ପକ୍ଷରୁ ୧୦ତାରିଖରୁ ୫ ଦିନିଆ ୩୬ତମ ପାଲା ମହୋତ୍ସବ ଆରମ୍ଭ ହେଉଛି। ଏଥିରେ ରାଜ୍ୟର ଦୁଇ ବିଶିଷ୍ଟ ପାଲା ଗାୟକ ସୂର୍ଯ୍ୟ ଶ୍ରୀଯୁକ୍ତ ପର୍ଶୁରାମ ପଣ୍ଡା ଏବଂ ଗାୟକ ବେଦବିଶାରଦ ରମେଶ ଚନ୍ଦ୍ର ପଣ୍ଡାଙ୍କ ଦଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାତି ୮ଟାରେ ହେବାକୁ ଥିବା ଏହି ମହୋତ୍ସବରେ ପାଲାପ୍ରେମୀ ବହୁ ସଂଖ୍ୟାରେ ଯୋଗ ଦେବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି।



## ଲୁଟେରା ଗିରଫ; ବାଇକ୍ ଜବତ

**ଢେଙ୍କାନାଳ, ୫।୫(ସମିସ):** ସଦରଥାନାର ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ବଳଦିଆବନ୍ଧ ଗ୍ରାମର ଜଣେ ବାଇକ ଲୁଟେରାକୁ ପୁଲିସ ଗିରଫ କରିଥିବା ବେଳେ ୨ଟି ମୋଟରସାଇକଲକୁ ଜବତ କରିଛି। ସଦରଥାନା ବଳଦିଆବନ୍ଧ ଗ୍ରାମର ବାପୁନା ପୁହାଣ ଏକ ମୋଟରସାଇକଲ ଚୋରିରେ ସାମିଲ ଥିଲା। ପୁଲିସ ମୋଟରସାଇକଲ ଚୋରି ଘଟଣାରେ ୮୫୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତରେ ପୁଲିସ ବାପୁନାଠାରୁ ୨ଟି ମୋଟରସାଇକଲ ଉଦ୍ଧାର କରିଥିବା ଜଣାପଡିଛି।

## ଆଇଆଇଏମ୍‌ସି ଢେଙ୍କାନାଳ ଓଡ଼ିଆ ସାମ୍ବାଦିକତା ସ୍ନାତକୋତ୍ତର ଡିପ୍ଲୋମା ଆବେଦନର ଅବଧି ବୃଦ୍ଧି

**ଢେଙ୍କାନାଳ,୫।୫(ସମିସ):** ଭାରତୀୟ ଜନସଞ୍ଚାର ସଂସ୍ଥାନ ଆଇଆଇଏମସି ପକ୍ଷରୁ ଓଡିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଇଁ ଭର୍ତ୍ତି ଆବେଦନପତ୍ର ଦାଖଲର ଶେଷ ତାରିଖ ବୃଦ୍ଧି କରାଯାଇଛି। ପୂର୍ବରୁ ଆବେଦନର ଶେଷ ତାରିଖ ୩୦ ଏପ୍ରିଲ ୨୦୨୬ ଥିବାବେଳେ ବର୍ତ୍ତମାନ ଏହାକୁ ୯ ମଇ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବରୁ ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ, ପ୍ରବେଶିକା ପରୀକ୍ଷା ଓ ସାକ୍ଷାତକାର ୧୧ ମଇ ୨୦୨୬ ସୋମବାର ଆୟୋଜିତ ହେବ। ଯେଉଁ ପ୍ରାର୍ଥୀମାନେ ଏପର୍ଯ୍ୟନ୍ତ ଆବେଦନ କରିନାହାନ୍ତି ସେମାନଙ୍କୁ ଏହି ସମୟ ବୃଦ୍ଧିର ସୁଯୋଗ ନେଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନ ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରାଯାଉଛି। ଆଇଆଇଏମସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ କହିଛନ୍ତି, ଆଗ୍ରହୀ ପ୍ରାର୍ଥୀଙ୍କ ଅନୁରୋଧକୁ ଧ୍ୟାନରେ ରଖି ଏହି ସମୟସୀମା ବୃଦ୍ଧି କରାଯାଇଛି ଯାହାଦ୍ୱାରା ଅଧିକ ପ୍ରାର୍ଥୀ ଭାଗ ନେବାର ସୁଯୋଗ ପାଇପାରିବେ। ଓଡିଆ ସାମ୍ବାଦିକତା ଓ ମିଡିଆ ପ୍ରତି ଆଗ୍ରହୀ ଓ ପ୍ରତିଭାଶାଳୀ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବାକୁ ଆମେ ଅପେକ୍ଷା କରୁଛୁ। ଆଗ୍ରହୀ ପ୍ରାର୍ଥୀମାନେ ଯୋଗ୍ୟତା ଆବେଦନ ପ୍ରକ୍ରିୟା ଓ ଭର୍ତ୍ତି ସମ୍ବନ୍ଧୀୟ ତଥ୍ୟ ଆଇଆଇଏମସିର ୱେବସାଇଟରୁ ପାଇପାରିବେ। ଅଧିକ ତଥ୍ୟ ପାଇଁ ନିମ୍ନଲିଖିତ ନମ୍ବରରେ ମଧ୍ୟ ଯୋଗାଯୋଗ କରିପାରିବେ।

## ୧୩ ବର୍ଷ ପରେ ବି ଚୈତନ୍ୟଙ୍କୁ ମିଳିଲାନି ଆବାସ

**ଭୁବନ,୫।୫(ସମିସ):**

ମଣିଷ ଜୀବନର ମୌଳିକ ଆବଶ୍ୟକତା ମଧ୍ୟରୁ ମୁଣ୍ଡ ଉପରେ ଏକ ସୁରକ୍ଷିତ ଛାତ ଅତ୍ୟାବଶ୍ୟକ। ମାତ୍ର ଭାଗ୍ୟର ବିପର୍ଯ୍ୟୟ ଓ ପ୍ରଶାସନିକ ଅବହେଳାର କାରଣରୁ ଏହି ସରଳ ଅଧିକାରରୁ ବଞ୍ଚିତ ହୋଇ ଦୀର୍ଘ ୧୩ ବର୍ଷ ଧରି ଅସହାୟ ଜୀବନ ଯାପନ କରୁଛନ୍ତି ଭୁବନ ବ୍ଲକ ଅନ୍ତର୍ଗତ ଓଡିଶ ଗ୍ରାମପଞ୍ଚାୟତର ବଡକାଠିଆ ଗ୍ରାମର ବୃଦ୍ଧ ଚୈତନ୍ୟ ମହାନ୍ତ (୬୫) ଙ୍କ ପରିବାର। ୨୦୧୩ରେ ରେଙ୍ଗାଲି ବାମ ପାର୍ଶ୍ୱ କେନାଲର ଦ୍ୱିତୀୟ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଥିଲା। ଏହି ଅଞ୍ଚଳରେ ଉନ୍ନତିର ନୂତନ ଆଶା ଜାଗୃତ ହୋଇଥିଲା। କୃଷକମାନଙ୍କ ଖେତକୁ ପାଣି ପହଞ୍ଚାଇ ଉତ୍ପାଦନ ବୃଦ୍ଧି କରିବାର ସ୍ୱପ୍ନ ନେଇ ଆରମ୍ଭ ହୋଇଥିବା ଏହି କେନାଲ ପ୍ରକଳ୍ପ ମାତ୍ର କେତେକ ଗରିବ ପରିବାର ପାଇଁ ଆଶୀର୍ବାଦ ତୁଳନାରେ ଅଭିଶାପ ସାବ୍ୟସ୍ତ ହୋଇଛି। ଯେଉଁ ଭୂମିରେ ସେମାନେ ବର୍ଷାନୁବର୍ଷ ଧରି ବସବାସ କରୁଥିଲେ, ସେହି ଭୂମି ପ୍ରକଳ୍ପର ଆବରଣରେ ଆସିଯାଇଥିବାରୁ ସେମାନେ ଘରବାରି ହରାଇ ଦେଇଛନ୍ତି। ଚୈତନ୍ୟ ମହାନ୍ତଙ୍କ ପରିବାର ଏହାର ଏକ ଜୀବନ୍ତ ଉଦାହରଣ। ପୂର୍ବେ ଯେଉଁଠାରେ ସେମାନଙ୍କର ନିଜସ୍ୱ ଘର ଥିଲା ସେଠାରେ ଆଜି କେନାଲର ପ୍ରବାହ ଚାଲିଛି। ନିଜ ଆଶ୍ରୟସ୍ଥଳ ହରାଇ ସେମାନେ ଏବେ ଏକ ଜର୍ଜରିତ କୁକୁଡ଼ା ଫାର୍ମ ଘରକୁ ଭରସା କରି ଦିନ କାଟୁଛନ୍ତି। ଗ୍ରୀଷ୍ମର ତୀବ୍ର ତାପ, ବର୍ଷାର ଅନବରତ ଜଳପ୍ରବାହ ଓ ଶୀତର କଠୋରତା ସବୁକିଛି ସହି ସେମାନଙ୍କ ଜୀବନ ଏକ ନିରନ୍ତର ସଙ୍ଘର୍ଷର କାହାଣୀ ହୋଇରହିଛି। ଅଧିକ ଦୁଃଖଦ ଯେ ଏତେଦିନ ଧରି ନା ପ୍ରଶାସନ ନା ଜନପ୍ରତିନିଧି କେହି ସେମାନଙ୍କ ଦୁଃଖଦ ଅବସ୍ଥାପ୍ରତି ଦୃଷ୍ଟି ପକାଇଛନ୍ତି। ପୁନର୍ବାସ କିମ୍ବା ଆବାସ ଯୋଜନାର କୌଣସି ଲାଭ ସେମାନଙ୍କ ପାଖକୁ ପହଞ୍ଚି ପାରିନାହିଁ। କେନାଲ ପାର୍ଶ୍ୱରେ ସୁରକ୍ଷା ପାଇଁ କଂକ୍ରିଟ ପାଚେରି ନ ଥିବାରୁ ପାଣି ପ୍ରବଳ ମାତ୍ରାରେ ଭୟ ଆତଙ୍କ ସୃଷ୍ଟି କରୁଛି।



**କୁକୁଡା ଫାର୍ମ ଭରସାରେ ପରିବାର**

**ରେଙ୍ଗାଲି କେନାଲ ଦେଇଛି ଦୁଃଖ**





### ରାଜପଥ କଡ଼ରେ ଅଳିଆ ଗଦା

# ନାକରେ ହାତ ନ ଦେଲେ ଯାଇହେଉନି

ଭୁବନେଶ୍ୱର,୫।୫(ସମିସ



ସହରକୁ ସୌନ୍ଦର୍ଯ୍ୟୀକରଣ କରିବାକୁ ବିଭିନ୍ନ ପ୍ରକାର ଯୋଜନା କରାଯାଉଛି। ସହର ମଧ୍ୟରେ ରହିଥିବା ରାସ୍ତାର ଉଭୟ ପାର୍ଶ୍ୱକୁ ଆକର୍ଷଣୀୟ ଭାବେ ସଜା ଯାଇଥିବା ବେଳେ ରାଜପଥ କଡ଼ ପାଲଟିଛି ଅଳିଆ ଗଦା। ୧୬ ନମ୍ବର ଜାତୀୟ ରାଜପଥ ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡ଼ିମଟର ଯାତାୟତ କରୁଛି। ହେଲେ ରାସ୍ତା କଡ଼ରେ ଜମା ହୋଇଛି କୁଢ଼ କୁଢ଼ ଆବର୍ଜନା। ଫଳରେ ଦୁର୍ଗନ୍ଧ ସାଙ୍ଗକୁ ହନ୍ତସନ୍ତ ହେଉଛନ୍ତି ଗାଡ଼ି ଚାଳକ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ପାତ୍ରପଡ଼ା ସ୍ଥିତ ଡିଏନ୍ ରିଆଲିଆ ନିକଟ ରାସ୍ତା କଡ଼ରେ।

ପାତ୍ରପଡ଼ାରୁ ଖଣ୍ଡଗିରି ଆଡ଼କୁ ଯାଇଥିବା ସର୍ଭିସ୍ ରୋଡ୍ କଡ଼ରେ ଦୀର୍ଘ ଦିନ ହେବ ଜମା ହେଉଛି କୁଢ଼ କୁଢ଼ ଅଳିଆ ଆବର୍ଜନା। ତେବେ ଏହି ରାସ୍ତାଟି ଏନଏଚ୍ଏଆଇ ଅଧୀନରେ ରହିଥିବା ବେଳେ ଅଧିକାଂଶ ସମୟରେ ଏହି ସ୍ଥାନରେ ନିମୟିତ ଅଳିଆ ଜମା ହେଉଥିବା ଅଭିଯୋଗ ହୋଇଛି। ହେଲେ ଏଥିପ୍ରତି କାହାରି ନଜର ପଡୁନି। ଫଳରେ ବୁଲା କୁକୁର ଓ ଷଣ୍ଢ ଏଠାରେ ଜମାହୋଇ ଆବର୍ଜନା ଗୁଡ଼ିକ ଏଣେତେଣେ ପକାଉଛନ୍ତି। ତେବେ ୨ଦିନ ତଳେ ପ୍ରବଳ ବର୍ଷା ପବନରେ ଆବର୍ଜନା ସବୁ ଏଣେତେଣ ପଡ଼ିଥିବା ସହ ଦୁର୍ଗନ୍ଧ ହେଉଥିବାରୁ ବାଇକ୍ ଚାଳକ ମାନେ ଅସନ୍ତୋଷ ପ୍ରକାଶ

## ହନ୍ତସନ୍ତ ହେଉଛନ୍ତି ଯାତ୍ରୀ

କରିଛନ୍ତି। ଏହି ବାଟ ଦେଇ ଆଖପାଖ ଅଞ୍ଚଳର ଶତାଧିକ ଲୋକେ, ବ୍ୟବସାୟୀ ଓ ଛାତ୍ରଛାତ୍ରୀମାନେ ନିୟମିତ ଯିବା ଆସିବା କରିଥାନ୍ତି। ତେବେ ବିଳମ୍ବିତ ରାତିରେ ହୋଟେଲ, ଉଠା ଦୋକାନୀଙ୍କ ସମେତ ପରିବା ବ୍ୟବସାୟୀମାନେ ଏଠାରେ ଏହା ଜମାକରି ଏହାକୁ ଏକ ପ୍ରକାର ଡମ୍ପିଂୟାର୍ଡରେ ପରିଣତ କରୁଥିବା ଅଭିଯୋଗ ହୋଇଛି। ଲୋକଙ୍କୁ ବାରମ୍ବାର ତାଗିଦ କରାଯାଉଥିଲେ ବି ଲୁଚି ଛପି ରାତିଅଧିକ କିମ୍ବା ବଡ଼ି ଭୋରୁ ବସ୍ତା ବସ୍ତା ଅଳିଆ ଏଠାରେ ପକାଯାଉଥିବା ସ୍ଥାନୀୟ ବ୍ୟବସାୟୀ କହିଛନ୍ତି। ତେବେ ସହରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବାକୁ ବିଏମସି ପକ୍ଷରୁ ଗଳି କନ୍ଦିରେ ଅଳିଆ ଗାଡ଼ି ବୁଲି ବୁଲି ଅଳିଆ ସଂଗ୍ରହ କରୁଥିବା ବେଳେ ଦୋକାନୀଙ୍କ ଠାରୁ ମଧ୍ୟ ସକାଳ ସନ୍ଧ୍ୟାରେ ସଂଗ୍ରହ କରାଯାଉଛି। ତଥାପି ସଚେତନତା ଅଭାବରୁ ଯେଉଁମାନେ ଏଠାରେ ଅଳିଆ ପକାଉଛନ୍ତି ସେମାନଙ୍କ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବୀ ହୋଇଛି। ଏନେଇ ୱାର୍ଡର କର୍ପୋରେଟରଙ୍କ ସହ ଯୋଗଯୋଗ କରାଯାଇପାରି ନାହିଁ।

## ପୁରୁଣା ଫଟୋ
## ପୁରୁଣା ସ୍ମୃତି



ଭୁବନେଶ୍ୱର,୫।୫(ସମିସ): ଆଜିର କୋଳାହଳପୂର୍ଣ୍ଣ ରାଜଧାନୀ ଦିନେ ଥିଲା ଶାନ୍ତ ଏବଂ କମ ଜନବସତି ବିଶିଷ୍ଟ। ସବୁଠି ଏବେ ଚାକଚକ୍ୟ। କଂକ୍ରିଟ ସଡ଼କ ସାଙ୍ଗକୁ ଆକାଶ ଛୁଉଁଥିବା ଅଟ୍ଟାଳିକା। ସେ ଦିନର ବର୍ଷା, ବସନ୍ତ ବୈଶାଖକୁ, ଉତ୍ସବ, ଉତ୍ସାହ ଆଉ ନାନା ସ୍ମୃତିକୁ ଏବଂ ପ୍ରତିଟି ଛକ, କଲୋନୀ, ମନ୍ଦିର, ଏପରିକି ବର୍ଷ ବର୍ଷ ଧରି ଠିଆ ହୋଇ ରହିଥିବା ବଡ ଗଛ ପଛରେ ମଧ୍ୟ ରହିଛି କିଛି ଇତିହାସ, କଥା ଓ କାହାଣୀ। ଯାହା କିଛି ଜଣଙ୍କ କ୍ୟାମେରାରେ ଆଜିବି କଏଦ୍ ହେଇ ରହିଛି ସାଇତା ସ୍ମୃତି ପରି। ସେଇ ଭୁବନେଶ୍ୱର ଏବେ ଗହଳିରେ ପରିପୂର୍ଣ୍ଣ। ସହର ଭିତରେ ମାଳମାଳ ସରକାରୀ ଓ ଘରୋଇ କୋଠା। ହେଲେ ଅନେକ ବର୍ଷ ପୂର୍ବର ସହର ସହିତ ସାଇତା ଥିବା ସ୍ମୃତି ମନେ ପକାଇବାକୁ ଏ ଉପସ୍ଥାପନା।

ଏହି ଫଟୋଟି ବର୍ତ୍ତମାନର ସବୁଠୁ ଗହଳି ସ୍ଥାନ ଭାବେ ପରିଚିତ, ଯେଉଁଠି ସକାଳୁ ସନ୍ଧ୍ୟା ସବୁ ସମୟରେ ଭିଡ଼ ଜମେ। ୬୦ ବର୍ଷ ପୁରୁଣା ଏହି ଫଟୋ ଚିତ୍ରଟି ୟୁନିଟ ମାର୍କେଟ ବିଲ୍ଡିଙ୍ଗର ବୋଲି ଜଣାପଡିଛି। ଯାହା ୱାଲ୍ଟ ବ୍ରାଉନଙ୍କ କ୍ୟାମେରାରେ କଏଦ ହୋଇଥିଲା। ଆଜିର ସମୟରେ ଏଠାରେ ଥିବା ପ୍ରତ୍ୟେକ ଲୋକ ମାର୍କେଟ ବିଲ୍ଡିଙ୍ଗର ଠିକଣା ସହ ପରିଚିତ। ହେଲେ ଅନେକ ବର୍ଷ ପୂର୍ବରୁ ନା ଥିଲା ସେଭଳି ଦୋକାନ ବଜାର ନା ଗହଳି।

## ବଡ଼ଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୫।୫(ସମିସ): ବଡ଼ଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ମାଟ୍ରିକ ପରିକ୍ଷାରେ ଏ୧ ଏବଂ ଏ୨ ଗ୍ରେଡରେ ପାସ କରିଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରସଂସଦ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପୁରାତନ ଛାତ୍ରସଂସଦର ସମ୍ପାଦକ ତଥା ବିଦ୍ୟାଳୟର ମେଣ୍ଟର ପ୍ରତାପ କୁମାର ଜେନା ଯୋଗଦେଇ କୃତୀ ପରୀକ୍ଷାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଆଗାମୀ ଦିନମାନଙ୍କରେ ଏହି ସଫଳତା ବଜାୟ ରଖିବା ନିମନ୍ତେ ପିଲାମାନଙ୍କୁ ଅନୁପ୍ରେରିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୪୪ ନମ୍ବର ୱାର୍ଡର କର୍ପୋରେଟର ତଥା ପ୍ରାକ୍ତନ ଛାତ୍ର ଅଜିତ କୁମାର ବେହେରା, ଛାତ୍ରସଂସଦର ସଦସ୍ୟ ଯତୀନ୍ଦ୍ର ମୋହନ ଛୋଟରାୟ, ପ୍ରଧାନ ଶିକ୍ଷକ ଭକ୍ତଚରଣ ପାଇକରାୟ ଉପସ୍ଥିତ ରହିଥିଲେ।

## ପ୍ରସନ୍ନ ପତିଙ୍କୁ 'ନାରଦ ସମ୍ମାନ'

ଭୁବନେଶ୍ୱର,୫।୫(ସମିସ): ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡିଶା ତରଫରୁ ରାଜ୍ୟସ୍ତରୀୟ '୨୨ତମ ନାରଦ ସମ୍ମାନ'ସମାରୋହ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ମର୍ଯ୍ୟାଦାଜନକ 'ନାରଦ ସମ୍ମାନ' ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ପତିଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ରାଷ୍ଟ୍ରୀୟ ସ୍ୱୟଂସେବକ




ସଂଘର ଅଖିଳ ଭାରତୀୟ ସହ ପ୍ରଚାର ପ୍ରମୁଖ ପ୍ରଦୀପ ଯୋଶୀ ପ୍ରମୁଖ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଅଧ୍ୟାପକ ନିରଞ୍ଜନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଗଠନର ସମ୍ପାଦକ ସାଇପ୍ରସାଦ ଦାଶ ବିବରଣୀ ପାଠ କରିଥିବା ବେଳେ ସିନ୍ଧୁ ସାଗର ମହାନ୍ତି ସଂଯୋଜନା କରିଥିଲେ ଏବଂ ଶେଷରେ ଜଗଦାନନ୍ଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟଙ୍କ ସାହାରା ପାଲଟିଛନ୍ତି ମହିଳା

ଭୁବନେଶ୍ୱର, ୫।୫(ସମିସ)

ଅସହାୟ ବସ୍ତିର ଲୋକଙ୍କୁ ସାକ୍ଷର କରିବା ସହିତ ବସ୍ତି ଲୋକ କିପରି ଭାବରେ ସମାଜର ପ୍ରତି ଜିନିଷ ବିଷୟରେ ଅବଗତ ହେବେ ଏହି ଚିନ୍ତା ନେଇ ଆଗେଇ ଆସିଛନ୍ତି ମଞ୍ଜୁଲତା। ପିଲାଙ୍କୁ ପାଠ ପଢ଼ାଇବା ସହିତ ବୃଦ୍ଧବୃଦ୍ଧାଙ୍କୁ ବି ଶିକ୍ଷା ଦାନ କରିବାକୁ ସେ ଅଣ୍ଟା ଭିଡ଼ିଛନ୍ତି। ରାଜଧାନୀରେ ଅନେକ ଛୋଟ ବଡ଼ ବସ୍ତି ରହିଛି। ଏହି ବସ୍ତିରେ ପଙ୍କରୁ ପଦ୍ମ ଫୁଟିବା ପରି ପିଲା ହୁଅନ୍ତୁ ଅବା ଲୋକେ ପଦ୍ମପରି ଫୁଟି ବାହାରୁଛନ୍ତି। ଏହିପରି ଚୁନକୋଳି ବସ୍ତିର ମଞ୍ଜୁଲତା ହେମ୍ବ୍ରମ୍ ବସ୍ତିର ଅବହେଳିତ ପିଲାଙ୍କୁ



ମାଗଣାରେ ଶିକ୍ଷାଦାନ କରୁଛନ୍ତି। ଏଥିସହିତ ବସ୍ତିର ୧୦ ରୁ ୧୫ ଜଣ ବୃଦ୍ଧାଙ୍କୁ ମଧ୍ୟ ପ୍ରତିଦିନ ଶିକ୍ଷାଦାନ ଦିଅନ୍ତି। ତତ୍‌ସହିତ ସରକାରୀ ଯୋଜନା ବିଷୟରେ ଲୋକ କିପରି ସମସ୍ତ କଥା ଜାଣିବେ ସେହି ଉପରେ ମଞ୍ଜୁଲତା ଧ୍ୟାନ ଦେଇଥାନ୍ତି। ଯଦି ରାତି ଅଧରେ କାହାର ଡ଼ାକ୍ତରଖାନାରେ ରହିବା ପାଇଁ ଲୋକ ଅଭାବ ଥାନ୍ତି ମଞ୍ଜୁଲତା ରାତିରେ ସେହି ରୋଗୀ ପାଖରେ ରହିଯାଆନ୍ତି। ଯଶୋଦା ମା ଫାଉଣ୍ଡେସନର ପିଲାମାନଙ୍କୁ ମଧ୍ୟ ପ୍ରତିଦିନ ୨ ଘଣ୍ଟା ଶିକ୍ଷା ଦାନ ଦେଇଥାନ୍ତି ବୋଲି ସେ କହିଛନ୍ତି।

## ଗ୍ରାମ୍ୟ ଜଙ୍ଗଲ ଜମିରେ ଚାରାରୋପଣ



ନନ୍ଦନକାନନ, ୫/୫(ସମିସ)

ବିଏମ୍‌ସି ଅନ୍ତର୍ଗତ କଳାରାହାଙ୍ଗ ଅଞ୍ଚଳରେ ଥିବା ୧୭୧୬ପ୍ଲଟ ଗ୍ରାମ୍ୟ ଜଙ୍ଗଲ ଜମିରେ କଳା ରାହାଙ୍ଗ ଗ୍ରାମବାସୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ବୃକ୍ଷ ଚାରାରୋପଣ କରାଯାଇଛି। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ, ବିଧାୟକ ସୁଶାନ୍ତ କୁମାର ରାଉତ, ବିଜେପିର ବରିଷ୍ଠ ନେତା ଗୋଲକ ପ୍ରସାଦ ମହାପାତ୍ର, କର୍ପୋରେଟର ମିହିର ରାଉତ, ମୋନାଲିସା ବେହେରା, ସମାଜସେବୀ ପ୍ରତାପ ରାଉତ, ସୁବାସ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ।

ଭୁବନେଶ୍ୱରରେ ଚାରିଆଡେ କଂକ୍ରିଟ ଜଙ୍ଗଲ ମାଡି ଚାଲିଥିଲା ବେଳେ ପ୍ରାକୃତିକ ପରିବେଶ ସୃଷ୍ଟି କରି ପରିବେଶକୁ ଜୀବନୀୟ କରିବାକୁ ଗଛ ଲଗାଇବା ଜରୁରୀ ବୋଲି କହିଥିଲେ ବିଧାୟକ ସୁଶାନ୍ତ ରାଉତ କହିଥିଲେ। ଏହି କାର୍ଯ୍ୟକ୍ରମକୁ ସନ୍ତୋଷ ନାଥ, ମନୋଜ ଦାସ, ପୁରୁଷୋତ୍ତମ ମହାରଣା, ସ୍ଥାନୀୟ ଦୋକାନୀ ବ୍ୟବସାୟୀ, କଳାରାହାଙ୍ଗ ଗ୍ରାମବାସୀ ବୃନ୍ଦ ପରିଚାଳନା କରିଥିଲେ।

## ବିଜେଡି ପକ୍ଷରୁ ଧରଣୀଧରଙ୍କ ଜୟନ୍ତୀ




ଭୁବନେଶ୍ୱର,୫।୫(ସମିସ): ମଙ୍ଗଳବାର ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରାଜଧାନୀର ନାଲକୋ ଛକ ଓ ବିଧାନସଭା ପାର୍ଶ୍ୱର୍ରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ତାଙ୍କର ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ସର୍ବ ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହା ପରେ ଅନ୍ୟମାନଙ୍କ ମଧ୍ୟରେ ରାଜ କିଶୋର ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ମନୋଜ ଦାସ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଚମ୍ପା ମୁର୍ମୁ, ତ୍ରିଲୋଚନ ଦାସ, ଅଜେଶ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଧନ୍ୟବାଦ ଦେଇଥିଲେ ଅମିତ୍ ପାତାଳ ସିଂ।

## ମାଟ୍ରିକ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୫।୫(ସମିସ): ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେନ୍ଦୁପାଟଣା ଉତ୍କଳମଣି ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ଓ ଏ-୨ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚଳିତ ବର୍ଷ ବିଦ୍ୟାଳୟର ଛାତ୍ରୀ ଯାଜ୍ଞସେନୀ ପଡିହାରୀ ୫୪୫ ନମ୍ବର ରଖି ଟପ୍ପର ହୋଇଥିଲାବେଳେ ଜ୍ୟୋସ୍ନାମୟୀ ରାଉତ, ଆଦ୍ୟାଶା ଦାସ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର, ପ୍ରତାପ ରାଉତ, ଜିଲ୍ଲା ପରିଷଦ ସଦସ୍ୟା ବବିତା ରାଉତ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

## ଅବସରପ୍ରାପ୍ତ ଜଙ୍ଗଲ ସେବା ପଦାଧିକାରୀ କଲ୍ୟାଣ ସଂଘର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୫।୫(ସମିସ): ଅବସରପ୍ରାପ୍ତ ରାଜ୍ୟ ଜଙ୍ଗଲ ସେବା ପଦାଧିକାରୀ କଲ୍ୟାଣ ସଂଘର ପ୍ରଥମ ବାର୍ଷିକ ଉତ୍ସବ ରେଡକ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ଓଡ଼ିଶା ବନବାହିନୀ ମୁଖ୍ୟ ଡ. କେ. ମୁରୁଗେସନ ଯୋଗ ଦେଇଥିଲେ। ସଂଘର ସଭାପତି ଶୁଭେନ୍ଦ୍ର ଭୂୟାଁ ଯୋଗଦେଇ ୨୦୧୬ ମସିହାରୁ ରାଜ୍ୟର ପ୍ରାୟ ୨୫୦ଜଣ ଅବସରପ୍ରାପ୍ତ ରେଞ୍ଜର, ଏସିଏଫ୍ ଓ ଡିଏଫ୍ଓ ଆରଏସିପି ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେଉଥିବା ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ ସଦସ୍ୟ ତଥା ଜଙ୍ଗଲ ବିଭାଗର ସେବାନିବୃତ୍ତ ଅଧିକାରୀ ଅକ୍ଷୟ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ସଂଘର କାର୍ଯ୍ୟକାରିଣୀ ଅଧ୍ୟକ୍ଷ କୃଷ୍ଣ ପ୍ରସାଦ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ଅଞ୍ଜନ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ ଏବଂ ଯୁଗ୍ମ ସମ୍ପାଦକ ଶୁଭ ଚମ୍ପତିରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଲ୍‌ପିଜି ସମସ୍ୟା ନେଇ ରାସ୍ତାକୁ ଓହ୍ଲାଇବ ଉପଭୋକ୍ତା ମହାସଂଘ

ଭୁବନେଶ୍ୱର,୫।୫(ସମିସ)

ମଧ୍ୟପ୍ରାଚୀ ଯୁଦ୍ଧ ପ୍ରଭାବରେ ରାଜ୍ୟରେ ଏଲ୍‌ପିଜି ସଙ୍କଟ ସୃଷ୍ଟି ହୋଇଛି। ପରିତାପର ବିଷୟ ଉପଭୋକ୍ତାମାନେ ବୁକିଙ୍ଗ୍ କରି ମାସ ମାସ ଧରି ରନ୍ଧନଗ୍ୟାସ ପାଉନଥିବା ବେଳେ ବ୍ୟାପକ ପରିମାଣରେ ଗ୍ୟାସ୍ କଳାବଜାରୀ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ମୁନାଫାଖୋର କଳାବଜାରୀକାରୀ ଗ୍ୟାସ୍ ସିଲିଣ୍ଡର ପିଛା ୩୦୦୦ ଟଙ୍କା ନେଇ ମାଲେମାଲ୍ ହେଉଥିବା ଉପଭୋକ୍ତା ମହାସଂଘ ପକ୍ଷରୁ ଅଭିଯୋଗ ହୋଇଛି। କଳାବଜାରୀ ରୋକିବା ପାଇଁ ସବୁ ପ୍ରଚେଷ୍ଟା କରାଯାଇଛି ବୋଲି ଯୋଗାଣ ବିଭାଗ ଡିଣ୍ଡିମ ପିଟୁଥିବା ବେଳେ ଗ୍ୟାସ୍ କମ୍ପାନୀ ଡିଲରମାନେ କମ୍ପାନୀ ଗାଡ଼ିରେ ଗ୍ୟାସ୍ ବୋହିନେଇ ଚୋରା ବ୍ୟବସାୟୀମାନଙ୍କୁ ଚାଲାଣ କରି ହାତ ଚିକ୍କଣ କରୁଛନ୍ତି। ସେହିପରି ସରକାର କହୁଛନ୍ତି ରନ୍ଧନ ଗ୍ୟାସର ସମସ୍ୟା ନାହିଁ। କମ୍ପାନୀ କହୁଛି ପ୍ରବଳ ଗ୍ୟାସ ଆମ ପାଖରେ ମହଜୁଦ୍ ଅଛି। କିନ୍ତୁ ଏଜେନ୍ସି ଗୋଦାମ ଆଗରେ ଉପଭୋକ୍ତାମାନେ ଖରାରେ ଲମ୍ବା ଧାଡ଼ି ଲଗାଇ ଘଣ୍ଟାଘଣ୍ଟା ଧରି ଛିଡ଼ା ହେବାକୁ ପଡୁଛି। ବୁକିଂ ସହ ଟଙ୍କ ଜମା କରି ଓଟିପି ଆସିବାର ୧୫ଦିନ ବିତିଗଲେ ମଧ୍ୟ ଉପଭୋକ୍ତାଙ୍କୁ




ଗ୍ୟାସ ମିଳିପାରୁନାହିଁ। ଅନେକ ସମୟରେ ଉପଭୋକ୍ତାମାନଙ୍କର ଫୋନ୍ ମଧ୍ୟ ଏଜେନ୍ସି ମାନେ ରିସିଭ୍ କରୁନାଥିବା ସହ ଯଦି କରୁଛନ୍ତି, ଉତ୍ତରରେ ଗ୍ୟାସ ଡେଲିଭରି ହେଉଛି ବୋଲି ଶୁଣିବାକୁ ମିଳୁଛି। ସେହିପରି ଶିକ୍ଷାନୁଷ୍ଠାନରେ ମଧ୍ୟ ମଧ୍ୟାହ୍ନଭୋଜନରେ ଘୋର ଅବ୍ୟବସ୍ଥା। ସବୁଠାରୁ ବଡ଼ ଦୟନୀୟ ଭାବେ ଛାତ୍ରଛାତ୍ରୀମାନେ ୫ କେଜି. ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରୁଥିବା ବେଳେ ଘୋର ସଙ୍କଟରେ ପଡ଼ି ଓଳିଏ ଖାଇ ଓଳିଏ ଉପାସ ମଧ୍ୟ ରହି ହଜାର ହଜାର ଛାତ୍ରଛାତ୍ରୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଉପଭୋକ୍ତାମାନେ ରାଜରାସ୍ତାକୁ ଓହ୍ଲାଇ ଭୟଙ୍କର ଭାବେ ଆନ୍ଦୋଳନ କରିବେ ବୋଲି ରାଜ୍ୟ ମହାସଂଘର ସଭାପତି ଦିଗମ୍ବର ଜେନା ଚେତାବନୀ ଦେଇଛନ୍ତି।

# ଭୂତଳ ରାସ୍ତାରେ ଅଳିଆ ଗଦା

ଭୁବନେଶ୍ୱର,୫।୫(ସମିସ): ବର୍ଷା ନାହିଁ ହେଲେ ରାସ୍ତାରେ ଭାସୁଛି ଡ୍ରେନ୍ ପାଣି। ବର୍ଷ ବର୍ଷ ଧରି ପାଣି ନିଷ୍କାସନ ହେଉନାହିଁ। ଫଳରେ ପାଣିରେ ପଡ଼ି ରହୁଥିବା ଆବର୍ଜନା ପଚି ସଡ଼ି ସେଥିରେ ପୋକ ସାଲୁବାଲୁ ହେବା ସହ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ତା ସାଙ୍ଗକୁ ଦୁଇ ପାଖରେ ଗଦା ହୋଇଛି ଅଳିଆର ପାହାଡ଼। ଏହି ବାଟ ଦେଇ ନିୟମିତ ଯାତାୟତ କରୁଥିବା ସ୍ଥାନୀୟ ଲୋକମାନେ ରାସ୍ତା ଉପରୁ ଅଳିଆ ଉଠାଇବାକୁ ବହୁବାର ଅଭିଯୋଗ କରିବା ପରେ ମଧ୍ୟ ଉଠାଯାଉ ନ ଥିବା ଅଭିଯୋଗ ହୋଇଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଭିଏସଏନଗରର ଅଣ୍ଡରପାସ୍ ରାସ୍ତାରେ।



ଭିଏସ୍ଏସନଗର, ଚକେଇସିଆଣି, ସତ୍‌ସଂଘବିହାର, ବାଣୀବିହାର, ସହିଦନଗରକୁ ଯାତାୟତ ସୁଗମ କରିବାକୁ ସତସଂଘ ବିହାର ଅଣ୍ଡରପାସ୍ ଦେଇ ପ୍ରତିଦିନ ଶହଶହ ସଂଖ୍ୟାରେ ଲୋକମାନେ ଯିବା ଆସିବା କରିଥାନ୍ତି। କାରଣ ରସୁଲଗଡ଼ ଛକ ଦେଇ ଆସିବା ଦ୍ୱାରା ଅଧିକ ସମୟ ଲାଗୁଥିବାରୁ ସହଜ ରାସ୍ତା ଭାବେ ଏହାକୁ ସ୍ଥାନୀୟ ଲୋକେ ବ୍ୟବହାର କରିଥାନ୍ତି। ପ୍ରତିବର୍ଷ ବର୍ଷା ଋତୁ ଆସିଲେ ଏହି ଅଣ୍ଡପାସ୍ ତଳେ ଆଣ୍ଠୁଏ ପାଣି ଜମିରହୁଥିବା ବେଳେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। କିନ୍ତୁ ଏହି ରାସ୍ତାରେ କେବଳ ବର୍ଷା ଋତୁରେ ସମସ୍ୟା ନୁହେଁ ବରଂ ବର୍ଷ ତମାମ୍ ଏଠାରେ ସମସ୍ୟା ଲାଗି ରହିଛି। ବିନା ବର୍ଷାରେ ବି ଅଣ୍ଡରପାସ୍ ତଳେ ଦୁଇ ପାର୍ଶ୍ୱର୍ରେ ଆବର୍ଜନା ପାଣି ଜମି ରହୁଛି। ତା ସାଙ୍ଗକୁ ଏଠାରେ ନିୟମିତ ଅଳିଆ ଗଦା କରାଯାଉଥିବା ଦେଖିବାକୁ ମିଳିଛି। ଗୋଟେପେଟ ସହରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବାକୁ ବିଏମ୍‌ସି ପକ୍ଷରୁ ଗଳିକନ୍ଦିରେ ସଫେଇ ଗାଡ଼ି ଘର ଦୁଆର ମୁହଁରୁ ଅଳିଆ ସଂଗ୍ରହ କରୁଥିବା ବେଳେ ଏଠାରେ ପଡ଼ି ରହିଛି ମାସ ମାସ ର ଅଳିଆ। ଅସରାଏ ବର୍ଷାରେ ଅଳିଆ ବର୍ଷା ପାଣିରେ ମିଶି ରାସ୍ତାରେ ବିଛାଡ଼ି ହୋଇ ପଡୁଛି। ଫଳରେ ଯେଉଁମାନେ ଚାଲିଚାଲି ଯାଉଛନ୍ତି ସେମାନେ ବିଭିନ୍ନ ଚର୍ମରୋଗରେ ଶିକାର ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ୱାର୍ଡର କର୍ପୋରେଟର ଭୋଳାନାଥ ମହାରଣା କହିଛନ୍ତି ଯେ, ଏହି ରାସ୍ତା ଏନଏଚ୍ଏଆଇ ଅଧୀନରେ ରହିଛି। ବର୍ତ୍ତମାନ ସେଠାରେ କାମ ଚାଲିଛି। ପୂର୍ବରୁ ସେଠାରେ ଅଳି ଅଧିକ ପକାଯାଉଥିଲା କିନ୍ତୁ ବର୍ତ୍ତମାନ ନିୟମିତ ସଫା କରାଯାଉଛି। କିନ୍ତୁ ଜନ ସଚେତନତା ଅଭାବରୁ କିଛି ଅସାମାଜିକ ବ୍ୟକ୍ତି ଏଠାରେ ଅଳିଆ ପକାଉଛନ୍ତି।

# ଗଞ୍ଜାମରେ ନାହିଁ କ୍ରୀଡ଼ା ଛାତ୍ରୀନିବାସ; କ୍ରୀଡାବିତ୍ ନିରାଶ

**ଛାତ୍ରାବାସରେ ପ୍ରତିବର୍ଷ ଖାଲି ପଡୁଛି ଏକ ପଞ୍ଚାମାଂଶ ସିଟ୍**

**କ୍ରୀଡ଼ାବିଭାଗର ଅବହେଳା ଚରମ ସୀମାରେ, ଅସନ୍ତୁଷ୍ଟ କ୍ରୀଡ଼ାପ୍ରେମୀ**

ବ୍ରହ୍ମପୁର,୫।୫(ସମିସ)

କ୍ରୀଡ଼ା କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ଦୀର୍ଘବର୍ଷ ଧରି କ୍ରମାଗତ ଭାବେ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜ ପରିଚୟ ସୃଷ୍ଟି କରିଆସିଛି। ବିଶେଷକରି ବାଳିକା ଖେଳାଳିମାନେ ବିଭିନ୍ନ ବିଭାଗରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ତଥାପି ଏହି ଉଦୀୟମାନ ଖେଳାଳିଙ୍କ ପାଇଁ ଭିତ୍ତିଭୂମିର ଅଭାବ ଏବେ ଚିନ୍ତାର ବିଷୟ ପାଲଟିଛି। ଜିଲ୍ଲାରେ ବାଳିକା ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ହଷ୍ଟେଲ ବ୍ୟବସ୍ଥା ନଥିବାରୁ ସେମାନଙ୍କୁ ଅନେକ ସମୟରେ ଆବଶ୍ୟକୀୟ ଆବାସ, ପୋଷଣ ଓ ପ୍ରଶିକ୍ଷଣ ଆଦି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଫଳରେ ଗ୍ରାମାଞ୍ଚଳରୁ ଆସୁଥିବା ପ୍ରତିଭାଶାଳୀ ଖେଳାଳିମାନେ ଅନେକ ସମୟରେ ଅଧାରୁ ଖେଳ ଛାଡ଼ିବାକୁ ବାଧ୍ୟ ହେଉଥିବା ଅଭିଯୋଗ ହୋଇଛି। ଭାରୋତ୍ତୋଳନ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା, ଖାସ କରି ବ୍ରହ୍ମପୁର ଦେଶରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏଠାର ଅନେକ ପ୍ରତିଭାଶାଳୀ ଖେଳାଳି ରାଜ୍ୟ ତଥା ଜାତୀୟସ୍ତରରେ ସଫଳତା ହାସଲ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ତଥାପି, ଏହି ସଫଳତା ଆଣିଥିବା ଖେଳାଳୀଙ୍କ ପ୍ରତି କ୍ରୀଡ଼ା ବିଭାଗର ଅଣଦେଖା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଖେଳାଳିଙ୍କ ନିମନ୍ତେ ଆବଶ୍ୟକ ପ୍ରଶିକ୍ଷଣ ସୁବିଧା, ଆଧୁନିକ ଉପକରଣ ଓ ଆର୍ଥିକ ସହଯୋଗର ଅଭାବ ଖେଳାଳିଙ୍କ ଉନ୍ନତିରେ ବାଧକ ସାଜିଥିବା ଜଣାପଡିଛି। ବିଶେଷକରି ବାଳିକା ଖେଳାଳିଙ୍କ ନିମନ୍ତେ ଜିଲ୍ଲାରେ ସ୍ୱତନ୍ତ୍ର ହଷ୍ଟେଲ ସୁବିଧା ନଥିବାରୁ ସେମାନେ ନିୟମିତ ପ୍ରଶିକ୍ଷଣ ଓ ଆବାସ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଦୀର୍ଘବର୍ଷ ପୂର୍ବେ ବାସ୍କେଟବଲ ଓ ଭାରତ୍ତୋଳନ ନିମନ୍ତେ ହଷ୍ଟେଲ ସୁବିଧା ରହିଥିବା ବେଳେ ଉଦ୍ଦେଶ୍ୟମୂଳକ ଭାବେ ତାହାକୁ ବନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମହିଳା ସଂରକ୍ଷଣ ନେଇ ନାରା ଦିଆଯାଉଥିଲେ ହେଁ ବାଳିକା ଖେଳାଳିଙ୍କ ନିମନ୍ତେ ଛାତ୍ରୀନିବାସ କରିବାକୁ ସରକାରୀସ୍ତରରେ ଆନ୍ତରିକତାର ଅଭାବ ସ୍ପଷ୍ଟ ହେଉଛି। ଅନ୍ୟପକ୍ଷରେ ବର୍ତ୍ତମାନ ବ୍ରହ୍ମପୁର ସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ବାସ୍କେଟବଲ ଓ ଭାରତ୍ତୋଳନରେ କେବଳ ପୁରୁଷ ଖେଳାଳିଙ୍କ ନିମନ୍ତେ ମୋଟ ୨୦୦ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଥିବା ସତ୍ତ୍ୱେ, ପ୍ରତିବର୍ଷ ସେଠାରେ ଏକ ପଞ୍ଚାମାଂଶ ଯାହା ପ୍ରାୟ ୭୫ରୁ ୮୦ଟି ସିଟ୍ ଖାଲି ପଡ଼ିରହୁଛି। ୨୦୨୩-୨୪ଶିକ୍ଷା ବର୍ଷରେ ୩୧ଛାତ୍ର ରହୁଥିବା ବେଳେ ୨୦୨୩-୨୪ରେ ୨୫, ୨୦୨୪-୨୫ରେ ୨୮ରେ ଓ ୨୦୨୫-୨୬ରେ ୨୯ ଜଣ ଛାତ୍ର ରହୁଥିଲେ। ଚଳିତ ବର୍ଷ ବର୍ତ୍ତମାନ ସୁଧା ମାତ୍ର ୫୯ ଜଣ ଛାତ୍ର ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଖାଲି ପଡ଼ିଥିବା ଏହି ସିଟ୍ ଗୁଡ଼ିକୁ ଆବଶ୍ୟକ ପଦକ୍ଷେପ ନେଇ ବାଳିକା ଖେଳାଳିଙ୍କ ପାଇଁ ଛାତ୍ରୀନିବାସ ଭାବେ ବ୍ୟବହାର କରିବାକୁ କ୍ରୀଡ଼ାପ୍ରେମୀ ଓ ସାମାଜିକ ସଂଗଠନମାନେ ଦାବି କହିଛନ୍ତି। ଫଳରେ ଜିଲ୍ଲାର କ୍ରୀଡାର ଉନ୍ନତି କ୍ଷେତ୍ରରେ ଏକ ବଳିଷ୍ଠ ପଦକ୍ଷେପ ହେବ। କ୍ରୀଡ଼ାବିଭାଗ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇ ଶୀଘ୍ର ପଦକ୍ଷେପ ନେବାକୁ ସମସ୍ତ ମହଲରୁ ଦାବି ହୋଇଛି।

# ପ୍ରଫେସର ଅସୀମା ସାହୁ ଭଞ୍ଜବିହାର ଅସ୍ଥାୟୀ କୁଳପତି



ବ୍ରହ୍ମପୁର, ୫।୫(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପଦରୁ ପ୍ରଫେସର ଗୀତାଞ୍ଜଳି ଦାଶ ଚଳିତ ମାସ ୬ତାରିଖରେ ଅର୍ଥାତ୍ ବୁଧବାର ଅବସର ନେବେ। ଏହି ପରିପ୍ରେକ୍ଷିରେ ଆସନ୍ତା ୬ମାସ ପର୍ଯ୍ୟନ୍ତ ଅସ୍ଥାୟୀ କୁଳପତି ଭାବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅସୀମା ସାହୁଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ କୁଳାଧିପତି ତଥା ମହାମହିମ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ କୁଳପତି ନିଯୁକ୍ତି ହେବା ପର୍ଯ୍ୟନ୍ତ ପ୍ରଫେସର ଅସୀମା ସାହୁ ଏହି ଅତିରିକ୍ତ ଦାୟିତ୍ୱରେ ରହିବେ। ଏହାଦ୍ୱାରା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରଶାସନିକ କାର୍ଯ୍ୟ ସୁଚାରୁ ରୁପେ ଚାଲୁ ରହିବ ବୋଲି ଆଶା କରାଯାଇଛି। ଅନ୍ୟପକ୍ଷରେ ପ୍ରଫେସର ଗୀତାଞ୍ଜଳି ଦାଶ ମଧ ଦୀର୍ଘ ୨ବର୍ଷ ଧରି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଅତିରିକ୍ତ କୁଳପତି ଭାବେ ଦାୟିତ୍ୱ ନେଇଥିଲେ। ଏବଂ ନିକଟରେ ପ୍ରଫେସର ଅସୀମା ସାହୁ ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ।

# ଗୋପାଳପୁର ଜେଡ୍ଏସ୍ଆଇ ପକ୍ଷରୁ ନୂତନ ପ୍ରଜାତିର ମାଛ ଚିହ୍ନଟ



ବ୍ରହ୍ମପୁର, ୫।୫(ସମିସ): ଗୋପାଳପୁର ସ୍ଥିତ ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଜୁଲୋଜି ବିଭାଗର ଗବେଷକମାନେ ଗୋପାଳପୁର ସମୁଦ୍ର ତଟରୁ ପ୍ରଥମ ଥର ପାଇଁ ନୂତନ ପ୍ରଜାତିର ମାଛ ଚିହ୍ନଟ କରିଛନ୍ତି। ଏହି ମାଛଟିର ନାମ "ଲୁଟଜାନସ ଆରାକାନ'ଭେଟି ସଦୃଶ। ଏହି ମାଛଟି ୨୦୨୪ ନଭେମ୍ବର ୮ ତାରିଖରେ ଗୋପାଳପୁର ମତ୍ସ୍ୟ ଅବତରଣ କେନ୍ଦ୍ରରୁ ଗବେଷକ ରାଜେଶ କୁମାର ବେହେରା, ସ୍ୱରୂପ ରଞ୍ଜନ ମହାନ୍ତି, ସ୍ମୃତିରେଖା ଆଚାର୍ଯ୍ୟ, ଟି.କେ.ଏସ. ତାତାଚାରୀ ସଂଗ୍ରହ କରି ଏହାର ପରୀକ୍ଷା ନିରୀକ୍ଷା ପାଇଁ ଗୋପାଳପୁର ସର୍ବ ଭାରତୀୟ ପ୍ରାଣୀ ସର୍ବେକ୍ଷେଣ କେନ୍ଦ୍ରକୁ ଆଣିଥିଲେ। ଏଠାରେ କେନ୍ଦ୍ରର ବୈଜ୍ଞାନିକ ଡ଼. ଅନିଲ୍ ମହାପାତ୍ର ଓ ସଭେନ୍ଦୁ ଶେଖର ମିଶ୍ର ଉପସ୍ଥିତ ରହି ଏହାର ପରୀକ୍ଷା ନିରୀକ୍ଷା କରିଥିଲେ। ମାଛଟି ପୂର୍ବରୁ ବାଙ୍ଗଲାଦେଶ ଉପକୂଳରୁ ୨୦୨୫ରେ ମିଳିଥିଲା। ତାହାର ନାମକରଣ ଲୁଟଜାନସ ଆରାକାନ ରଖାଯାଇ ଜୋନାଲ ଅଫ ଓସେନ ଫାଉଡେସନ ପତ୍ରିକାରେ ପ୍ରକାଶ ପାଇଥିଲା। ଏହି ମାଛ ଭାରତ ଉପକୂଳରୁ ପାଇବା ପରେ ଏହାର ବିଭିନ୍ନ ପରୀକ୍ଷା ନିରୀକ୍ଷା ସହ ଡ଼ିଏନଏ ପରୀକ୍ଷା କରିବା ପରେ ସେହି ମାଛ ହୋଇଥିବାରୁ ଆଜି ଅନ୍ତର୍ଜାତିକ ପତ୍ରିକା ଜୁଟାକ୍ସାରେ ପ୍ରକାଶ ପାଇଛି। ଏହି ମାଛ ପଥୁରିଆ ଅଞ୍ଚଳରେ ରହୁଥିବା ଏବଂ ଏହାର ରଙ୍ଗ ଭିନ୍ନ, ଏମାନେ ଛୋଟ ଛୋଟ ମାଛକୁ ଖାଦ୍ୟ ଭାବେ ବ୍ୟବହାର କରନ୍ତି। ଏହି ମାଛ ଭେଟି ଭଳି ଦେଖାଯାଏ। ବିଷାକ୍ତ ନଥିବାରୁ ମଣିଷମାନେ ମଧ ଖାଦ୍ୟ ଭାବେ ବ୍ୟବହାର କରନ୍ତି। ଏହି ମାଛ ଦାମୀ ଅଟେ। ଏହାକୁ ସଂରକ୍ଷଣ କରାଯାଇ ଏହାର ଅନେକ ପରୀକ୍ଷା ନିରୀକ୍ଷା କରାଯାଇ ତଥ୍ୟ ସଂଗ୍ରହ କରାଯିବ ବୋଲି କେନ୍ଦ୍ରର ବୈଜ୍ଞାନିକ ଡ଼. ମହାପାତ୍ର କହିଛନ୍ତି।

**■ ପାଣିପାଗରେ ପରିବର୍ତ୍ତନର**

# ଦିନରେ ଖରା, ସନ୍ଧ୍ୟାରେ ବର୍ଷା




ବ୍ରହ୍ମପୁର,୫।୫(ସମିସ): ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରରେ ପାଣିପାଗରେ ବ୍ୟାପକ ପରିବର୍ତ୍ତନ ଦେଖାଦେଇଛି। ସକାଳୁ ଆରମ୍ଭ କରି ଦିନ ତମାମ୍ ଟାଣ ଖରାରେ ଲୋକେ ଆକ୍ରାମାକ୍ରା ହୋଇଥିବାବେଳେ ହଠାତ୍ ଅପରାହ୍ନରେ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା। ପରେ ସନ୍ଧ୍ୟା ସମୟରେ ବର୍ଷା ହେବା ସହ ପାଗ ସମ୍ପୂର୍ଣ୍ଣ କୋହଲା ହୋଇଯାଉଛି। ଗତ କିଛିଦିନ ଧରି ଏଭଳି ଦେଖିବାକୁ ମିଳିଛି। ଯାହା ପରିବେଶବିତ୍‌ଙ୍କୁ ଚିନ୍ତାରେ ପକାଇଛି। ଏହି ଅସ୍ଥିର ପାଣିପାଗ ଧାରା ସମସ୍ତଙ୍କୁ ଅସ୍ତବ୍ୟସ୍ତ କରୁଛି। ପରିବେଶବିତ୍‌ମାନଙ୍କ ମତାନୁସାରେ, ବିଶ୍ୱସ୍ତରରେ ହେଉଥିବା ପାଣିପାଗ ପରିବର୍ତ୍ତନର ପ୍ରଭାବ ଏହି ଅଞ୍ଚଳରେ ଏଭଳି ଅସାଧାରଣ ରୂପରେ ପ୍ରକାଶ ପାଉଛି। ପୂର୍ବରୁ ଖରା ଋତୁରେ ଏପରି ଦିନକୁ ଦିନ ପାଗ ପରିବର୍ତ୍ତନ ଦୁର୍ଲଭ ଥିଲା। କିନ୍ତୁ ଚଳିତବର୍ଷ ପରିସ୍ଥିତି ପୂରାପୁରି ଓଲଟା ଦେଖାଦେଇଛି। ଏହାର ପ୍ରଭାବ କେବଳ ଜନଜୀବନରେ ନୁହେଁ, କୃଷିକାର୍ଯ୍ୟରେ ମଧ ପଡୁଛି। ଅଚାନକ ବର୍ଷା ଯୋଗୁଁ ଚାଷୀମାନେ ଚିନ୍ତାରେ ପଡ଼ିଥିବା ବେଳେ ସହରବାସୀମାନେ ମଧ ଗରମ ଓ ବର୍ଷାର ଏହି ମିଶ୍ରିତ ପାଗରେ ଅସୁବିଧା ଅନୁଭବ କରୁଛନ୍ତି। ଆଗାମୀ ଦିନରେ ପାଣିପାଗ କିପରି ରହିବ ସେନେଇ ସାଧାରଣ ଲୋକଙ୍କ ମଧରେ ଅନିଶ୍ଚିତତା ବଢ଼ିଛି।

# ଆଇସିଏସ୍ଇ ପରୀକ୍ଷାରେ କୃତୀ ଛାତ୍ରୀ ସମ୍ବର୍ଦ୍ଧିତ



ବ୍ରହ୍ମପୁର,୫।୫(ସମିସ): ସ୍ଥାନୀୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଡି'ପଲ ସ୍କୁଲର ଛାତ୍ରୀ ମାନସୀ ସେଠୀ ନିକଟରେ ପ୍ରକାଶିତ ଆଇସିଏସଇ ପରୀକ୍ଷାରେ ଶତକଡା ୯୭.୪ ପ୍ରତିଶତ ନମ୍ବର ରଖି କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶଙ୍କର୍ଷଣ ସେଠୀଙ୍କ ଝିଅ ମାନସୀ ମୋଟ ୫ଶହ ନମ୍ବରରୁ ୪୮୭ମାର୍କ ରଖିଛନ୍ତି। ତାଙ୍କ ଘର ହିଞ୍ଜିଳି ବ୍ଲକ ଅନ୍ତର୍ଗତ ଦାରୁଭଦ୍ରା ପଞ୍ଚାୟତ ଅନ୍ତର୍ଗତ ନିମିଗାଁରେ। ସମଗ୍ର ବ୍ଲକରେ ସର୍ବାଧିକ ନମ୍ବର ରଖି ସେ ଏହି ସଫଳତା ହାସଲ କରିଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ପଞ୍ଚାୟତ ଓ ଏକାଧିକ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।


# ହୋମଗାର୍ଡଙ୍କୁ ଦୁର୍ବ୍ୟବହାର; ଜଣେ ଗିରଫ

ବ୍ରହ୍ମପୁର,୫।୫(ସମିସ): ବ୍ରହ୍ମପୁର ଷ୍ଟେସନ ରୋଡ ସ୍ଥିତ ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟ ନିକଟରେ କାର୍ଯ୍ୟରତ ଜଣେ ହୋମଗାର୍ଡଙ୍କୁ ଗାଳିଗୁଲଜ ଓ ଦୁର୍ବ୍ୟବହାର ଅଭିଯୋଗରେ ଗୋଷାଇଁନୂଆଗାଁ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଲକ୍ଷ୍ମୀନାରାୟଣ ସାହୁ ଓରଫ ଟିକୁ। ଏପ୍ରିଲ ୨୧ ରାତିରେ ଗୋଷାଇନୂଆଗାଁ ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟରତ ଗୋଳନ୍ଥରା ଥାନା ଅନ୍ତର୍ଗତ ଅମ୍ବାପୁର ଗ୍ରାମର ସନାତନ ଦାସ(୨୭) ଷ୍ଟେସନ୍ ରୋଡ୍‌ଠାରେ ଥିବା ଚକ୍ଷୁ ଚିକିତ୍ସାଳୟ ନିକଟରେ ଡ୍ୟୁଟିରେ ଥିଲେ। ଏହି ସମୟରେ ଟିକୁ ସେଠାକୁ ଆସି ସନାତନଙ୍କୁ ଗାଳିଗୁଲଜ ସହ ଧକ୍କା ମାରିଥିଲେ। ହୋମଗାର୍ଡ ସନାତନ ଦାସଙ୍କ ଅଭିଯୋଗ ଆଧାରରେ ଗୋଷାଇନୂଆଗାଁ ଥାନାରେ ଏକ ମାମଲା(୧୪୫/୨୬) ରୁଜୁ ହୋଇଥିଲା।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ବ୍ରହ୍ମପୁର,୫।୫(ସମିସ): ସଦର ଥାନା ଅନ୍ତର୍ଗତ କୁକୁଡ଼ାଖଣ୍ଡି ବ୍ଲକ୍ ଲାଞ୍ଜିଆ ଗ୍ରାମର ଦାରୁବ୍ରହ୍ମ ଗୌଡଙ୍କ ପତ୍ନୀ ସୁଜନ୍ତି ଗୌଡ(୨୮)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ସୁଜନ୍ତିଙ୍କୁ ନିର୍ଯାତନା ଦିଆଯାଉଥିଲା ଏବଂ ହତ୍ୟା କରାଯିବା ପରେ ଆତ୍ମହତ୍ୟା ରୂପ ଦିଆଯାଇଥିବା ତାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ପୁଲିସ ଏମକେସିଜି ମେଡିକାଲରୁ ତାଙ୍କ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇଛି। ଦିଗପହଣ୍ଡି ବ୍ଲକ ଝରିପଦର ଗ୍ରାମର ରାଜୁ ଗୌଡ଼ଙ୍କ ଝିଅ ସୁଜନ୍ତି ୭ ବର୍ଷ ତଳେ ଲାଞ୍ଜିଆ ଗ୍ରାମର ଦାରୁବ୍ରହ୍ମ ଗୌଡ଼ଙ୍କୁ ବିବାହ କରିଥିଲେ। କୌଣସି କାରଣକୁ ନେଇ ଶାଶୁ ଘର ଲୋକଙ୍କ ସହ ସୁଜନ୍ତିଙ୍କ ମନୋମାଳିନ୍ୟ ଲାଗି ରହିଥିଲା। ଗତକାଲି ରାତିରେ କଳହ ହେବାପରେ ସୁଜନ୍ତି ବିଷ ପିଇ ଗୁରୁତର ହୋଇଯାଇଥିଲେ। ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁଜନ୍ତିର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ସୁଜନ୍ତିଙ୍କ ମାଆ ଓ ଅନ୍ୟ ପରିବାର ସଦସ୍ୟ ମେଡିକାଲରେ ପହଞ୍ଚିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି।

# ସିଂହଦ୍ୱାର ମୁଖଶାଳା ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ଆଜି



**ମେୟର, ଡେପୁଟି ମେୟର, ସମବାୟ ବ୍ୟାଙ୍କ ସଭାପତି ଓ ବହୁ କର୍ପୋରେଟରଙ୍କ ଯୋଗଦାନ**

ବ୍ରହ୍ମପୁର, ୫।୫(ସମିସ): ସ୍ଥାନୀୟ ଗଜପତିନଗର ଓ ବାସୁଦେବନଗର ହନୁମାନ ମନ୍ଦିର ପରିଚାଳନା କମିଟି ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଆୟୋଜିତ ମନ୍ଦିରର ସିଂହଦ୍ୱାର ମୁଖଶାଳା ଓ ବିଶ୍ୱଶାନ୍ତି ମହାଯଜ୍ଞର ଆଜି ହେବ ପୂର୍ଣ୍ଣାହୂତି। ୪ଦିନ ଧରି ଆୟୋଜିତ ହେବାକୁ ଥିବା ବିଶ୍ୱଶାନ୍ତି ମହାଯଜ୍ଞର ୩ୟ ଦିବସରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ପୂର୍ବତନ କର୍ପୋରେଟର ତଥା ଅର୍ବାନ କୋଅପରେଟିଭ ବ୍ୟାଙ୍କ ସଭାପତି ଆର. ମୂରଲୀ ମୋହନ, ପୂର୍ବତନ ରାଜ୍ୟ କାଜୁ ନିଗମ ଅଧକ୍ଷ ସୁବାସ ମହାରଣା, କର୍ପୋରେଟର ଟି. କିଶୋର, କରୁଣାକର, ଶ୍ୱେତାରେଖା ତ୍ରିପାଠୀ, ପ୍ରଦୀପ ଶତପଥୀ, ତିରୁପତି ପାତ୍ର, ପୂର୍ବତନ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ, ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ କର, ପୂର୍ବତନ କାଉନ୍‌ସିଲର ଉମା ନାୟକ, ବିଜେଡି ଯୁବନେତା ଅଜୟ ମହାରଣା, ଆଇନଜୀବୀ ସତ୍ୟ ନାରାୟଣ ତ୍ରିପାଠୀ, ପ୍ରଣୟ ପଟ୍ଟନାୟକ, ସୂର୍ଯ୍ୟ ନାରାୟଣ ଚୌଧୁରୀ, ପ୍ରମିତ ରଂଜନ ମହାପାତ୍ରଙ୍କ ସମେତ ଦକ୍ଷିଣଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଟିମ କ୍ଲିନ ସିଟିର ବହୁ ସଦସ୍ୟ ଯୋଗ ଦେଇଥିଲେ।

ବୁଧବାର ଯଜ୍ଞର ଶେଷ ଦିବସରେ ପୂର୍ଣ୍ଣାହୂତି ହେବ। ଏହି ଅବସରରେ ମଧ ପ୍ରତିଦିନ ଭଳି ପ୍ରସାଦ ସେବନର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମକୁ ୩୫ନମ୍ବର ୱାର୍ଡ କର୍ପୋରେଟର ସମୀର ମିଶ୍ର ଓ କମିଟିର ଆବାହକ ରାଜେନ୍ଦ୍ର କୁମାର ପଣ୍ଡା ସଂଯୋଜନା କରୁଥିବା ବେଳେ ଏଥିରେ ମନ୍ଦିର ପରିଚାଳନା କମିଟିର ପୂର୍ବତନ ସଭାପତି କିଶୋର ଚନ୍ଦ୍ର ପଣ୍ଡା, ବର୍ତ୍ତମାନର ସଭାପତି ବିନୋଦ ମହାପାତ୍ର, ସମ୍ପାଦକ ଶରତ ମହାପାତ୍ର, କୋଷାଧକ୍ଷ ଅନନ୍ତ ପଣ୍ଡା, ପୂର୍ବତନ ସମ୍ପାଦକ ନିରଞ୍ଜନ ଦାଶ, ଗଜପତି ନଗର ଉନ୍ନୟନ କମିଟି ସମ୍ପାଦକ ରାଜେଶ କୁମାର ସାହୁ, ରାମ ମୋହନ ପଟ୍ଟନାୟକ, ନିର୍ମଳ ପାଢୀ, ସତ୍ୟନାରାୟଣ ସୁବୁଦ୍ଧି, ଦେଶୀ ଶତପଥୀ, ଦୀପକ କୁମାର ପାତ୍ର, ଲୁଲୁ ପାଢୀ, ପ୍ରଭାତ ପାତ୍ର, ଅଶୋକ ଚାନ୍ଦ ପରିଛା, ପ୍ରଦୀପ ପଟ୍ଟନାୟକ, ସୁଦର୍ଶନ ନାୟକ, ମୂରଲୀ ପାଢୀ ଓ କାହ୍ନୁ ଚରଣ ସାହୁ ପ୍ରମୁଖଙ୍କ ସମେତ ବିଭିନ୍ନ କମିଟିର ସଦସ୍ୟ ଓ ସ୍ଥାନୀୟ ଜନସାଧାରଣ ସକ୍ରିୟ ସାମିଲ ହୋଇଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନକୁ ନେଇ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇପଡିଛି।

**କର୍ତ୍ତବ୍ୟରେ ଅବହେଳା ଓ ବିଶୃଙ୍ଖଳିତ ଆଚରଣ**

# ନିଲମ୍ବିତ ହେଲେ ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ

ବ୍ରହ୍ମପୁର,୫।୫(ସମିସ): ଆକ୍ସନ ମୋଡ୍‌ରେ ବିଏମ୍‌ସି କର୍ତ୍ତୃପକ୍ଷ। ବିଶୃଙ୍ଖଳିତ ଆଚରଣ ଓ କାର୍ଯ୍ୟରେ ଅବହେଳାକୁ ଆଦୌ ବରଦାସ୍ତ ନକରିବାକୁ କାର୍ଯ୍ୟରେ ଯୋଗ ଦେବା ଦିନଠାରୁ ସମସ୍ତ କର୍ମଚାରୀଙ୍କୁ ତାଗିଦ କରିଥିଲେ କମିସନର ସୁଶ୍ରୀ ଏ. ସସ୍ୟା ରେଡ୍ଡୀ। ପ୍ରଥମେ ସଚେତନତା ଓ ତାଗିଦ ପରେ ବର୍ତ୍ତମାନ ସିଧାସଳଖ କାର୍ଯ୍ୟାନୁଷ୍ଠାନ। ତଳତଳିଆ ନୁହେଁ ବରଂ ବିଏମସିର ନିର୍ବାହୀଯନ୍ତ୍ରୀ ସୁଶାନ୍ତ ଡୁଙ୍ଗଡୁଙ୍ଗଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସ୍ୱରୁପ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ନିଜର କାର୍ଯ୍ୟକାଳ ଭିତରେ ସେ କର୍ତ୍ତବ୍ୟରେ ଅବହେଳା କରିବା ସହିତ ବିଶୃଙ୍ଖଳିତ ଆଚରଣ କରିଥିବା ଅଭିଯୋଗ ହୋଇଛି। ନିଲମ୍ବନ ସମୟରେ କମିସନରଙ୍କ କାର୍ଯ୍ୟାଳୟରେ ନିୟୋଜିତ ରହିବାକୁ ନିର୍ଦ୍ଦେଶ ଥିବାବେଳେ ବିନା ଅନୁମତିରେ ମୁଖ୍ୟାଳୟ ନଛାଡ଼ିବାକୁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏପରିକି ପ୍ରତି ମାସର ପ୍ରଥମ ସପ୍ତାହରେ ସେ ନିଜର ଉପସ୍ଥାନ ଓ କାର୍ଯ୍ୟଧାରା ସମ୍ପର୍କିତ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଇଂ ଡୁଙ୍ଗଡୁଙ୍ଗଙ୍କ ନିଲମ୍ବନ ସମ୍ପର୍କିତ ନିର୍ଦ୍ଦେଶନାମା ପୌର ପ୍ରଶାସନ ଆୟୁକ୍ତଙ୍କ ନିକଟକୁ ମଧ ଅବଗତି ନିମନ୍ତେ ପ୍ରେରଣ କରାଯାଇଥିବା ବିଏମସିରୁ ଜାରି ନୋଟିସରୁ ଜଣାପଡିଛି। କାର୍ଯ୍ୟାନୁଷ୍ଠାନ ପରେ ଅବହେଳା କରୁଥିବା କର୍ମଚାରୀଙ୍କ ମଧରେ କୋକୁଆ ଭୟ ସୃଷ୍ଟି ହୋଇଥିବା ବେଳେ ନିର୍ବାଚିତ ଜନପ୍ରତିନିଧିମାନେ ଏହାକୁ ସ୍ୱାଗତ କରିଛନ୍ତି।

# ସିଡ଼ି ପାହାଚରୁ ପଡ଼ି ଛାତ୍ର ମୃତ

ଦିଗପହଣ୍ଡି,୫।୫(ସମିସ): ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ଗ୍ରାମ ଢେପସାହିର ଆଦିତ୍ୟ ମହାରଣା (୧୭)ଙ୍କର ଘର ଛାତ ସିଡ଼ି ପାହାଚରୁ ଖସି ମୃତ୍ୟୁ ଘଟିଛି। ପାହାଚରୁ ଖସି ପଡ଼ି ଗୁରୁତର ହୋଇଥିବାବେଳେ ତାଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଆଦିତ୍ୟ ଏକ ଘରୋଇ ଶିକ୍ଷାନୁଷ୍ଠାନ (ଆଇ.ଟି.ଆଇ)ରେ ପଢୁଥିଲେ। ପୁଲିସ ଅପମୃତ୍ୟୁ ମାମଲା ରୁଜୁ ସହ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ମୋଚିସାହି ଓ ଷ୍ଟାଡିୟମ୍ ପାର୍ଶ୍ୱ ରାସ୍ତାରୁ ହଟିବ ଜବରଦଖଲ




ବ୍ରହ୍ମପୁର,୫।୫(ସମିସ)

**ସପ୍ତାହରେ ୬ଦିନ ବିଭିନ୍ନ ୱାର୍ଡର ଉନ୍ନୟନ କାର୍ଯ୍ୟର ହେବ ସମୀକ୍ଷା : ମେୟର**

ବ୍ରହ୍ମପୁର ସହରର ଅନ୍ୟତମ ପ୍ରମୁଖ ସମସ୍ୟା ହେଉଛି ଜବରଦଖଲ। ଏହା ଏତେ ଜଟିଳ ହେଲାଣି ଯେ ଲୋକେ ରାସ୍ତାଘାଟ ସହିତ ଡ୍ରେନକୁ ମଧ ମାଡ଼ି ବସିଛନ୍ତି। ଯଦ୍ୱାରା ଟ୍ରାଫିକ ସହିତ ପରିମଳ ଜନିତ ସମସ୍ୟା ସୃଷ୍ଟି ହେଉଛି। ଆଜି ୧୯ନମ୍ବର ୱାର୍ଡ ପରିଦର୍ଶନ ବେଳେ ଏଭଳି ବିଭିନ୍ନ ଅଞ୍ଚଳର ସ୍ଥିତିକୁ ଦେଖି ଚିନ୍ତା ପ୍ରକଟ କରିଥିଲେ ଉଭୟ ମେୟର ସଂଘମିତ୍ରା ଦଳେଇ ଓ କମିଶନର ସୁଶ୍ରୀ ଏ. ସସ୍ୟା ରେଡ୍ଡୀ। ମୋଚିସାହିରେ ରାସ୍ତାର ଉଭୟ ପାର୍ଶ୍ୱ ଡ୍ରେନକୁ ଲୋକେ ଅକ୍ତିଆର କରିଦେଇଥିବାରୁ ନାଳକାମ ସଫଳ ହୋଇପାରୁନାହିଁ। ଏଥିସହ ସାମାନ୍ୟ ବର୍ଷା ହେଲେ ସମ୍ପୂର୍ଣ୍ଣ ସାହି ଜଳମଗ୍ନ ହୋଇରହୁଛି। ସେହିଭଳି ଖାଜାସାହି ସ୍ଥିତି ପୁରୁଣା ମହିଳା ଥାନା ନିକଟରେ କଲଭର୍ଟ ନିର୍ମାଣ କରିବାର ଆବଶ୍ୟକତା ଥିବା ଉଭୟ ମେୟର ଓ କମିଶନର ହୃଦବୋଧ କରି ତୁରନ୍ତ ଏହି କାର୍ଯ୍ୟ ହାତକୁ ନେବାକୁ ଇଞ୍ଜିନିୟରିଂ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମ ପାଶ୍ୱର୍ ରାସ୍ତାକୁ ଘରୋଇ ବସ ଓ ବିଭିନ୍ନ ଠେଲା ଦୋକାନୀ ଅକ୍ତିଆରରେ ରଖିଛନ୍ତି। ଫଳରେ ଉକ୍ତ ରାସ୍ତା ବ୍ୟବହାର ଯୋଗ୍ୟ ହୋଇପାରୁ ନାହିଁ। ବହୁ କୋଟି ବ୍ୟୟରେ ନିର୍ମିତ ଏହି ରାସ୍ତା ଜନସାଧାରଣଙ୍କ କାମରେ ଆସୁନଥିବା ନେଇ ବାରମ୍ବାର ଅଭିଯୋଗ ପରେ ବିଏମସି ଟିମ ଉକ୍ତ ସ୍ଥାନକୁ ପରିଦର୍ଶନ କରିଥିଲେ। ଆସନ୍ତା ବୁଧବାର ୬ତାରିଖରେ ସମସ୍ତ ଦୋକାନୀ ଓ ଘରୋଇ ବସ ମାଲିକଙ୍କୁ ତୁରନ୍ତ ରାସ୍ତାକୁ ଜବରଦଖଲ ମୁକ୍ତ କରିବାକୁ ନୋଟିସ ଜାରି କରାଯିବ ଏବଂ ଏଥିରେ ଖିଲାପ କଲେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି ମେୟର ସଂଘମିତ୍ରା ଦଳେଇ। ଅନୁରୁପ ଭାବେ ଏଣିକି ସପ୍ତାହର ୬ଦିନ ନିଗମର ସମସ୍ତ ୱାର୍ଡର ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରାଯିବ। ଏଥିରେ ସମ୍ପୃକ୍ତ ୱାର୍ଡର କର୍ପୋରେଟରଙ୍କ ସମେତ ଇଂଜିନିୟରିଂ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ରହିବେ। ଏହି ସମୀକ୍ଷା ଅଭିଯାନ ବୁଧବାର ଠାରୁ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ।



## ମାଟ୍ରିକ କୃତୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା

# ଖୁସିରେ ଆସିଲେ, ଅବ୍ୟବସ୍ଥାରେ ଘରକୁ ଗଲେ

ନୂଆପଡା,୫ ।୫(ସମିସ)

ନୂଆପଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟଆନୁକୂଲ୍ୟରେ ସ୍ଥାନୀୟ ନ୍ୟାସନାଲ ମହାବିଦ୍ୟାଳୟରେ ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ଓ ଏ-୨ ଗ୍ରେଡ ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟରେ ପଞ୍ଚମସ୍ଥାନ ଅଧିକାର କରିଥିବା ନୂଆପଡା ଜିଲ୍ଲାର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅକ୍ତିଆର କରିଥିବା ତିନିଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ୧୩ଜଣ ଏ-୧ ଏବଂ ୨୨୬ ଜଣ ଏ-୨ କରି ମୋଟ ୨୩୯ ଜଣଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଫଳକ ସହ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଚଣ୍ଡ ଖରା ବେଳେ କେତେ ଆଶା ଆକାଂକ୍ଷା ନେଇ ଆସିଥିବା ଛାତ୍ର ଛାତ୍ରୀ ଏବଂ ଅଭିଭାବକମାନେ ଅବ୍ୟବସ୍ଥାର ଶିକାର ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଫଳରେ ଦିନ ଦୁଇଟାର ଖରା ତରାରେ ନଖାଇ ନପିଇ ଘରକୁ ଫେରିଯାଇଥିଲେ। ଜିଲ୍ଲାପାଳ ନୂଆପଡ଼ା ମଧୁସୂଦନ ଦାସଙ୍କ




ପୌରୋହିତ୍ୟରେ ଆୟୋଜିତ ସଭାରେ ବିଧାୟକ ନୂଆପଡ଼ା ଜୟ ଭାଇ ଢୋଲକିଆ ମୁଖ୍ୟଅତିଥି, ଆରକ୍ଷୀ ଅଧିକ୍ଷକ ନୂଆପଡ଼ା ଅମ୍ରୀତ ପାଲ ସିଂ,ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଖରିଆରରୋଡ ଏନ୍‌ଏସି ଅଧକ୍ଷା ସୋନିଆ ଜୈନ, ନୂଆପଡ଼ା ବ୍ଲକ୍ ଚେୟାରମ୍ୟାନ ତାରେଶ୍ୱରୀ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ନୂଆପଡ଼ା ଡ଼. ପ୍ରଶାନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଓ ଡ଼. ରେଶମଲାଲ ନାଏକ, ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ନୂଆପଡ଼ା ଶାଖାର ଜେନେରାଲ ମ୍ୟାନେଜର ଲିଙ୍କନ ଦାଶ ଓ ମହାବିଦ୍ୟାଳୟର ଅଧକ୍ଷ ହିତେଶ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଆରକ୍ଷୀ ଅଧିକ୍ଷକ ଶ୍ରୀ ସିଂ ଛାତ୍ରଛାତ୍ରୀଙ୍କୁ ସୋସିଆଲ ମିଡିଆ ଠାରୁ ଦୂରେଇ ରହିବା ସହ ନିଜ ଲକ୍ଷ୍ୟ ହାସଲ କରିବା ପାଇଁ ପୁସ୍ତକ ପଠନ କରିବା ନିହାତି ଆବଶ୍ୟକ ବୋଲି କହିଥିଲେ। ବିଧାୟକ ଢୋଲକିଆ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ଛଳରେ ସଙ୍ଘର୍ଷମୟ ଜୀବନରେ ହାର ନ ମାନି ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥିଲେ। ଜିଲ୍ଲାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୩୧ ହଜାର, ୨୧ ହଜାର ଓ ୧୧ ହଜାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ନୂଆପଡ଼ା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଜୀବନରେ ସରଳ

## ଜିଲ୍ଲାଶିକ୍ଷା ବିଭାଗକୁ ଅଭିଭାବକ ନିନ୍ଦା କଲେ

ମଣିଷ ହେବା ସବୁଠୁ କାଠିକର ବୋଲି ଜଣାଇଥିଲେ। ନୂଆପଡ଼ା ଜିଲ୍ଲା ଚଳିତ ମାଟ୍ରିକ ପରୀକ୍ଷା -୨୦୨୬ ରେ ୯୭.୮୭ ପ୍ରତିଶତ ପାସହାର ରଖି ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏଥିରେ ୧୩ ଜଣ ଏ-୧ ଓ ୨୨୬ ଜଣ ଏ-୨ ଗ୍ରେଡ ରଖି ରେକର୍ଡ ସୃଷ୍ଟି କରିଛନ୍ତି। ସମସ୍ତ ଛାତ୍ରଛାତ୍ରୀଙ୍କୁ ଫଳକ, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ନୂଆପଡ଼ା ସ୍ୱାଗତ ସମ୍ଭାଷଣ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ଧନ୍ୟବାଦ ଅର୍ପଣ ଓ ଶିକ୍ଷକ ଗୋରାଙ୍ଗ ସାହୁ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସୂଚନା ଯୋଗ୍ୟ ଯେ ଜିଲ୍ଲାର ୫ ବ୍ଲକ୍‌ର ସମସ୍ତ କୃତୀ ଛାତ୍ରଛାତ୍ରୀ ସହ ଶିକ୍ଷକ, ଅଭିଭାବକ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁସାରେ ପୂର୍ବାହ୍ନ ୮ଟା ସମୟରେ ପହଞ୍ଚିଥିଲେ। ହେଲେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ସାଢେ ୧୧ଟା ସମୟରେ ଆରମ୍ଭ ହୋଇଥିଲା। ସେତେବେଳେ ପର୍ଯ୍ୟନ୍ତ କୌଣସି ଜଳପାନର ବ୍ୟବସ୍ଥା ହୋଇନଥିଲା। ଦିନ ପ୍ରାୟ୧ଟା ବେଳେ ସମ୍ୟକ ଜଳ ପାନ ବ୍ୟବସ୍ଥା କରାଯାଇଥିଲା। ଫଳରେ ମଝିରେ କିଛି ଅସନ୍ତୋଷ ଅଭିଭାବକ ପିଲାଙ୍କୁ ଧରି ଚାଲିଯାଇଥିଲେ। ଶିକ୍ଷା ବିଭାଗରେ ବାର୍ଷିକ ଲକ୍ଷାଧିକ ଟଙ୍କାର କାର୍ଯ୍ୟକ୍ରମ ହେଉଛି ହେଲେ ଦିନ ୨ଟା ପର୍ଯ୍ୟନ୍ତ ଖରା, ଗରମରେ ରହିଥିଲେ ମଧ ପିଲା ଅଭିଭାବକଙ୍କ ପାଇଁ କୌଣସି ଖାଦ୍ୟ ବ୍ୟବସ୍ଥା ଟିକକ କରାଯାଇନଥିବାରୁ ଖୁସି ବଦଳରେ ଅସନ୍ତୋଷ ପ୍ରକାଶ ପାଇଛି। ସୁଦୂର ସିନାପାଲି, ବୋଡେନ ବ୍ଲକ୍ ଅଞ୍ଚଳର ଛାତ୍ରଛାତ୍ରୀ ଭୋକ ଉପାସରେ ଘରକୁ ଯାଇଥିଲେ। ବିଭାଗୀୟ ଅବହେଳା ପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ୯ ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

କେସିଙ୍ଗା, ୫ ।୫(ସମିସ):ଚଳିତ ମାସ ୯ ତାରିଖ ଶନିବାର ଦିନ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ କେସିଙ୍ଗା କୋର୍ଟ ପରିସରରେ ଅନୁଷ୍ଠିତ ହେବ। ଏଥି ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କେସିଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ଅଧକ୍ଷା ତାଲୁକ ଆଇନ ସେବା ସମିତି ଦୀପ୍ତା ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ପ୍ରସ୍ତୁତି ବୈଠକରେ ରାଷ୍ଟ୍ରୀୟ ଲୋକ ଅଦାଲତକୁ କିପରି ସଫଳ କରାଯିବ ଆଲୋଚନା କରାଯାଇଥିଲା। କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ଓକିଲ ସଂଘ ସଭାପତି ଗୁରୁପ୍ରସାଦ ବଗର୍ତ୍ତି, ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ,ବିଦ୍ୟୁତ୍, ପାନୀୟଜଳ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ଲୋକ ଅଦାଲତରେ ରଫା ଯୁକ୍ତ ଫୌଜଦାରୀ ମାମଲା, ଚେକ୍ ବାଉନସ୍ ମାମଲା, ବ୍ୟାଙ୍କ ଋଣ ଅନାଦେୟ ମାମଲା, ବୈବାହିକ ମାମଲା , ରାଜସ୍ୱ, ଜମି ଜମା ମାମଲାର ବିଚାର କରାଯିବ। ଉକ୍ତ ଲୋକ ଅଦାଲତରେ ମାମଲାର ଫଇସଲା ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଓ ଉକ୍ତ ଲୋକ ଅଦାଲତରେ ଦିଆଯାଇଥିବା ରାୟ ଚୂଡାନ୍ତ ,ବୈଧ ଓ ଫଳପ୍ରଦ ଅଟେ। ନିଜ ନିଜ ମଧ୍ୟରେ ବିବାଦର ପ୍ରାକ୍ ମୋକଦ୍ଦମା ସମ୍ବନ୍ଧୀୟ ମାମଲାର ସମାଧାନ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ କେସିଙ୍ଗା ବିଚାର ବିଭାଗୀୟ ବିଚାରପତି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

କଲମପୁର, ୫ ।୫(ସମିସ):ମଙ୍ଗଳବାର ସକାଳୁ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାରୁ ଏକ ମୃତଦେହ ଜୟପାଟଣା ଥାନା ଅଞ୍ଚଳରୁ ଭାସି ଆସୁଥିବା ବେଳେ କଲମପୁର ଜୟପାଟଣା ଥାନା ସୀମାନ୍ତ ଚୁରାଗାଁ ନିକଟରେ ଜୟପାଟଣା ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ କଲମପୁର ଥାନା ଅଧିକାରୀ ସୁନିଲ କୋଣ୍ଡାଗୋରୀ, ଏଏସଆଇ ନାନକ ସାହୁ ପ୍ରମୁଖ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ। ମୃତଦେହ ଦୁଇ ତିନି ଦିନ ପୂର୍ବର ହେଇଥିବା ଅନୁମାନ କରାଯାଉଛି । ମୃତଦେହ ମୁଖିଗୁଡା ପୁରୁଣାବଜାରପଡାର ଚଇତୁ ମାଝୀ ପିତା ସ୍ୱର୍ଗତ ନେତ୍ର ମାଝୀଙ୍କ ବୋଲି ସୂଚନା ମିଳିଛି। ଘଟଣାସ୍ଥଳରେ ମୃତକଙ୍କ କିଛି ସମ୍ପର୍କୀୟ ପହଞ୍ଚି ଶବ ଚିହ୍ନଟ କରିଛନ୍ତି। ୟୁଡି କେସ ନମ୍ବର ୧୦ ଅନୁସାରେ ମାମଲା ପଞ୍ଜିକୃତ କରି ପୁଲିସ ବ୍ୟବଚ୍ଛେଦ ପାଇଁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଇଛି। ବ୍ୟବଚ୍ଛେଦ ପରେ ମୃତକ ବ୍ୟକ୍ତିଙ୍କ ପରିବାରଙ୍କୁ ହସ୍ତାନ୍ତର କରିଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା ଶିବିର




କେସିଙ୍ଗା,୫ ।୫(ସମିସ):ତାଲୁକ ଆଇନସେବା ସମିତି କେସିଙ୍ଗା ତରଫରୁ ସ୍ଥାନୀୟ କେସିଙ୍ଗା ଅଦାଲତ ପରିସରରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଅଧକ୍ଷା ତଥା ବିଚାରପତି ଦୀପ୍ତା ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଉପରୋକ୍ତ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘ ବରିଷ୍ଠ ଆଇନଜୀବୀ ପ୍ରକାଶ କୁମାର ଦାସ,ଗୋଲକ ବିହାରୀ ପ୍ରଧାନ,ରଞ୍ଜିତ କୁମାର ଷଡଙ୍ଗୀ,ଚିତ୍ତରଞ୍ଜନ ଭୋଇ, ହରିପ୍ରସାଦ ତାଣ୍ଡିଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀଙ୍କ ସମେତ ଅଦାଲତ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଭବାନୀପାଟଣା,୫ ।୫(ସମିସ):ସରସ୍ୱତୀଶିଶୁବିଦ୍ୟାମନ୍ଦିରବ୍ରଜବିହାରରଚଳିତବର୍ଷ ଦଶମଶ୍ରେଣୀ ବୋର୍ଡ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ମନୋଜ କୁମାର ମୁଣ୍ଡଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମିଟି ସଭାପତି ଦୀନବନ୍ଧୁ ମୁଣ୍ଡ, ସମ୍ପାଦକ ପ୍ରମୋଦ କୁମାର ପଣ୍ଡା ଏବଂ ଗୁରୁଜୀ ଗୁରୁମା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଫଳାଫଳ ଶତ ପ୍ରତିଶତ ହୋଇଥିବା ବେଳେ ଏ-ୱାନ ୩ ଜଣ, ଏ-୨- ୭ଜଣ, ବି-ୱାନ ୨୦ଜଣ, ବି-ଟୁ ୨୨ଜଣ ଏବଂ ସି ୨୪ ଜଣ। କ୍ଷିତୀଶ ଚନ୍ଦ୍ର ବାଗ ୯୨.୧୬%, ୨ୟ ଶିବାନନ୍ଦ ବାରିକ ୯୧.୮୩% ଓ ୩ୟ ବେଦ ପ୍ରକାଶ ପାତ୍ର ୯୦.୧୬% ଶତକଡା ରଖିଛନ୍ତି। ଏ-ଟୁ ରେ ଅନମୋଲ ଅଗସ୍ତି,ଭବାନୀ ଶଙ୍କର ପତି, କୁମ୍ଭ ରଣା, ପ୍ରିୟକାନ୍ତ ବିଶି, ଡମ୍ବୁରୁଧର ନାଏକ, ଏବଂ ଆଲୋକ ବିଶ୍ୱାଳ ସଫଳତା ଅର୍ଜନ କରିଛନ୍ତି।

## ମହୁଲ ପୋଚ ଓ ହାତ ରନ୍ଧା ମଦ ନଷ୍ଟ

କୋକସରା,୫ ।୫(ସମିସ): କୋକସରା ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ଟେମେରା ପଞ୍ଚାୟତ କୂଲେରଗୁଡା ଫରେଷ୍ଟ ନାଲା ଅଞ୍ଚଳରେ ଚଢ଼ଉ କରାଯାଇଛି। ଖବର ମିଳିବା ପରେ ଅବକାରୀ ଓଆଇସି ଗୁପ୍ତେଶ୍ୱର ପଟେଲଙ୍କ ନେତୃତ୍ୱରେ ଟିମ୍ ଚଢ଼ଉ କରି ୮ ଶହ କେଜି ମହୁଲ ପୋଚ ଓ ୩୦ ଲିଟର ଦେଶୀ ହାତରନ୍ଧା ମଦ ଜବତ କରି ନଷ୍ଟ କରାଯାଇଛି। ଚଢ଼ଉରେ ଓଆଇସି ପଟେଲଙ୍କ ସମେତ କନେଷ୍ଟବଳ ଖୁସିଦେବ କଟା ଓ ମହାଦେବ ମାଝୀ ସାମିଲ ଥିଲେ।



## ପଟୋରା ଡ୍ୟାମ୍ ଜଳ ସଙ୍କଟ ପ୍ରସଙ୍ଗ

# ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ

ନୂଆପଡା,୫ ।୫(ସମିସ): ନୂଆପଡା ଜିଲ୍ଲାର ଭାତ ହାଣ୍ଡି କୁହାଯାଉଥିବା ପଟୋରା ଡ୍ୟାମ୍ ଅଞ୍ଚଳ ସବୁବେଳେ ହରାଭରା ହୋଇ ରହୁଥିବା ବେଳେ ବର୍ତ୍ତମାନର ସରକାର ସମୟରେ ଜଳସେଚନ ବିଭାଗର ବେପରୁଆ କାରବାର ଯୋଗୁଁ ହଜାର ହଜାର ହେକ୍ଟର ଜମିର ଚାଷ ନଷ୍ଟ ହେବାକୁ ବସିଛି। ଲୋକଙ୍କ ଗୁହାରୀ ଶୁଣିବାକୁ ଶାସକ ଦଳ ପାଖରେ ସମୟ ନାହିଁ। ପ୍ରଶାସନିକ ଅବହେଳାର ଶୀକାର ହେଉଛନ୍ତି ଚାଷୀ ବୋଲି ଜିଲ୍ଲା ବିଜେଡିର ପ୍ରାଥମିକ ତଦନ୍ତ ପରେ ରାଜ୍ୟ ସୁପ୍ରିମୋଙ୍କ ନିର୍ଦ୍ଦେଶକ୍ରମେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ନୂଆପଡା ଜିଲ୍ଲା ଗସ୍ତ କରିଥିବା ବେଳେ ଡ୍ୟାମ୍‌ର ଉପର ମୁଣ୍ଡର ଚାଷବୁଲି ଦେଖିଥିବା ବେଳେ ଚାଷୀଙ୍କ ସହ ଆଲୋଚନା କରି ସରଜମିନ ରିପୋର୍ଟ ସଂଗ୍ରହ କରିଥିଲେ। ଶେଷରେ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ। ଜିଲ୍ଲା ବିଜେଡି ସଭାପତି ଅବନୀ ଯୋଷୀଙ୍କ ନେତୃତ୍ୱରେ ଟିମର ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ନୂଆପଡା ଜିଲ୍ଲା ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ,ପଦ୍ମପୁର ବିଧାୟିକା ବର୍ଷାସିଂ ବରିହା, କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀଙ୍କ ସମେତ ଜିଲ୍ଲାସ୍ତରୀୟ ଟିମ ମଧ୍ୟାହ୍ନରେ ପଟୋରା ଡ୍ୟାମ୍ ପାଣିରୁ ରବି ଚାଷ କରିଥିବା ସାରାବଙ୍ଗ, ସାଧୁ ପଣ୍ଡି ପାଣି, ଭେରା, ତୋରରା, ପାୱାରତଲା, ପଟୋରା, ଧରମବନ୍ଧା ଅଞ୍ଚଳ ବୁଲି ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଚାଷୀମାନେ କେତେ ଆଶା କରି ଚାଷ କରିଥିଲେ। ଜଳସେଚନ ବିଭାଗ ସମସ୍ତଙ୍କୁ ନିରାଶ କଲେ। କୋଟି କୋଟି ଟଙ୍କାର ଫସଲ ନଷ୍ଟ ହୋଇଛି। ଚାଷୀ ଆମ୍ହତ୍ୟା କରିବା ଭଳି ସ୍ଥିତି ସୃଷ୍ଟି କରିଛନ୍ତି ବୋଲି ଚାଷୀମାନେ



କହିଥିଲେ। ଏହାକୁ ନେଇ ସଂଘବଦ୍ଧ ହୋଇ ସରକାରଙ୍କୁ ଦାବି କରିବାକୁ ହେବ ବୋଲି ନେତାମାନେ କହିଥିଲେ। ନେତୃବୃନ୍ଦ ଅପରାହ୍ନ ୨ଟାବେଳେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଭେଟି ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମକୁ ସୂଚନା ଦେଇ ନେତୃବୃନ୍ଦ କହିଲେ ଯେ ଏହା କୃତ୍ରିମ ମରୁଡି ହୋଇଛି। ହଜାର ହଜାର ହେକ୍ଟର ଜମିର ଚାଷ ମରିସାରିଲାଣି। ଚାଷୀ ଗୋରୁ ଚରାଇଲାଣି। ପ୍ରଶାସନ ଜାଣି ଶୁଣି ପାଣି ଖଲାସ କରିଛି। ଏଥିପାଇଁ ଜଳ ସେଚନ ବିଭାଗ ଏବଂ ଜିଲ୍ଲାପ୍ରଶାସନ ଦାୟୀ। ଖୋଦ ଶାସକ ଦଳର ବିଧାୟକଙ୍କ ଦମ୍ଭ ନାହିଁ। ଚାଷୀଙ୍କ ଦୁଃଖ ଦେଖିଯିବାକୁ ସାହସ ନାହିଁ ବୋଲି କହିଛନ୍ତି। ଆଗାମୀ ଦିନରେ ଚାଷୀମାନଙ୍କୁ ନେଇ ଜିଲ୍ଲାପାଳ ଅଫିସ ଘେରାଉ କରାଯିବ ବୋଲି କୁହାଯାଇଛି। ଏହି ଟିମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଉପାଧକ୍ଷା ଦୀପିକା ଦୀପ,ସଭ୍ୟ ଭାନୁପ୍ରତାପ ସିଂ ମାଝୀ, ପୂର୍ବତନ ଜିଲ୍ଲା ଯୁବ ନିଜେଡି ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ସାଧାରଣ ସଂପାଦକ କାର୍ତିକ ଦୀପ, ଚୁରନ ମାଝୀ, ଟେକରାମ ସାହୁ, ପୁରୁଷୋତ୍ତମ ଦେୱାଙ୍ଗନ , ଜିଲ୍ଲା ସଂପାଦକ ଗଏନ୍ଦରାମ ସାହୁ, ସୁବାଷ ପଣ୍ଡା ପ୍ରମୁଖ ସାମିଲ ଥିଲେ।

## ଲାଞ୍ଜିଗଡ଼ରେ ବଡ଼ ଧରଣର ଡକାୟତି

# ବ୍ୟବସାୟୀଙ୍କ ଘରୁ ୮ ଲକ୍ଷ ଟଙ୍କା ଓ ୧୫ଭରି ସୁନା ଲୁଟି ନେଲେ

ଲାଞ୍ଜିଗଡ଼,୫ ।୫ (ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ରେ ଏକ ବଡ଼ ଧରଣର ଡକାୟତି ଘଟିଛି। ଲାଞ୍ଜିଗଡ଼ ଥାନା ଜଗନ୍ନାଥପୁରରେ ଘରକରି ରହୁଥିବା ବ୍ୟବସାୟୀ ଆନନ୍ଦ ଅଗ୍ରୱାଲଙ୍କ ଦୁଇମହଲା ଘରେ ବିଳମ୍ବିତ ରାତିରେ ପାଞ୍ଚରୁ ଛଅଜଣ ଦୁର୍ବୃତ୍ତ ଘର ମୁଖ୍ୟ କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। ଏହାପରେ ନିଦରେ ଶୋଇଥିବା ବ୍ୟବସାୟୀ ଶ୍ରୀ



ଅଗ୍ରୱାଲ ଓ ତାଙ୍କ ପତ୍ନୀ ବବିତାଙ୍କୁ ଉଠାଇ ସେମାନଙ୍କ ବେକରେ ଛୁରୀ ଲଗାଇ ଭୟଭୀତ କରିବା ସହିତ ଘରେ ଥିବା ନଗଦ ୯ରୁ ୧୦ଲକ୍ଷ ଟଙ୍କା, ୧୫ ତୋଳା ସୁନା, ୫୦ ତୋଳା ରୂପା ଅଳଙ୍କାର ଆଦି ନେଇଯାଇଥିବା ଅଭିଯୋଗ ହୋଇଛି। ଏପରିକି ଲୁଟ ପୂର୍ବରୁ ସେମାନଙ୍କ ଚାରିଟି ମୋବାଇଲ ଛଡାଇ ନେଇଯାଇ ଘର ବାହାରେ ଫିଙ୍ଗି ଦେଇ ଚାଲିଯାଇଥିଲେ। ରାତି ପ୍ରାୟ ୨.୩୦ରୁ ୩.୩୦ ପର୍ଯ୍ୟନ୍ତ ଦୀର୍ଘ ଘଣ୍ଟାଏ କାଳ ଡକାୟତ ଦଳ ନିଜର ଆତଙ୍କରାଜ ଚଳାଇ ପଳାଇ ଯିବାପରେ କୌଣସି ପ୍ରକାରେ ସେ ଲୋକଙ୍କୁ ସୂଚନା ଦେବା ସହ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କ ନେତୃତ୍ୱରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସେହିପରି ଘଟଣାର ଗୁରୁତ୍ୱ ଦୃଷ୍ଟିରୁ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସାହାର୍ଯ୍ୟରେ ତଦନ୍ତ କରିଥିଲେ। ଲାଞ୍ଜିଗଡ଼ ଅଞ୍ଚଳରେ ପ୍ରଥମ ଥର ଏତେବଡ଼ ଡକାୟତି ଘଟଣା ଘଟିଥିବାବେଳେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଏନେଇ ଲାଞ୍ଜିଗଡ଼ ଥାନା କେସ ନଂ ୪୧/୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଜାରି ଥିବା ସୂଚନା ମିଳିଛି।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

## କ୍ଷତିପୂରଣ ଦାବିରେ ରାସ୍ତାରୋକ

ଭବାନୀପାଟଣା,୫ ।୫(ସମିସ): ରୁପ୍ରା ଜଗନ୍ନାଥ ମନ୍ଦିର ଛକ ନିକଟରେ ମଙ୍ଗଳବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ଟ୍ରକ୍ -ବାଇକ୍ ଧକ୍କା ହେବାରୁ ଘଟଣାସ୍ଥଳରେ ହିଁ ବାଇକ୍ ଚାଳକଙ୍କ ଜୀବନ ଚାଲିଯାଇଛି। ମୃତ ବାଇକ୍ ଚାଳକ ନର୍ଲା ବ୍ଲକ ରୁପ୍ରାରୋଡର ସାନବାବୁ ନାଗ ବୋଲି ଜଣାପଡ଼ିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ମୁତାବକ୍ ସିଜି ୧୫ଏ ୩୪୨୦ ନମ୍ବର ବିଶିଷ୍ଟ



ଟ୍ରକ୍ ସାନବାବୁଙ୍କ ବାଇକ୍ ନଂ-ଓଡି ୦୮ ଏମ ୫୭୯୦କୁ ପ୍ରାୟ ପାଞ୍ଚଫୁଟ ପର୍ଯ୍ୟନ୍ତ ଘୋଷାଡି ନେଇଥିଲା। ତାଙ୍କ ମୁଣ୍ଡ ଓ ସାରା ଶରିରରେ ଆଘାତ ଯୋଗୁଁ ପ୍ରବଳ ରକ୍ତସ୍ରାବ ହେଉଥିଲା। ସ୍ଥାନୀୟ ଲୋକେ ଆହତ ସାନବାବୁଙ୍କୁ ଉଦ୍ଧାର କରି ରାସ୍ତାପାଶ୍ୱର୍କୁ ନେବାର କିଛି ସମୟ ପରେ ହିଁ ତାଙ୍କ ଜୀବନ ଚାଲିଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପଲମ ଫାଣ୍ଡି ଓ କେସିଙ୍ଗା ପୁଲିସ ପହଞ୍ଚି ତଦନ୍ତ କରୁଛନ୍ତି। ଅନ୍ୟପକ୍ଷରେ କ୍ଷତିପୂରଣ ଦାବିରେ ମୃତକ ପରିବାରଲୋକେ ରାସ୍ତାରୋକ କରିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତାରୋକ ଜାରି ରହିଥିଲା।

## ପୋଡ଼ପଡା ଗାଁରେ ପାଣି ପାଇଁ ହାହାକାର

# ଗରା, ବାଲ୍‌ଟି ଧରି ରାସ୍ତାରେ ବସିଲେ ମହିଳା

ଧର୍ମଗଡ଼, ୫ ।୫(ସମିସ)

ଗ୍ରୀଷ୍ମ ପ୍ରବାହରେ ଜଳୁଛି କଳାହାଣ୍ଡି ଜିଲ୍ଲା। ଏହି ପରିସ୍ଥିତିରେ ପିଇବା ପାଣିର ଅଭାବକୁ ନେଇ ଧର୍ମଗଡ ବ୍ଲକ୍‌ର ପୋଡ଼ପଡା ଗାଁରେ ଜନଅସନ୍ତୋଷ ଦେଖାଦେଇଛି। ମଙ୍ଗଳବାର ସକାଳୁ ଶତାଧିକ ମହିଳା ରାସ୍ତାକୁ ଓହ୍ଲାଇ ମାଠିଆ, ବାଲ୍‌ଟି ଓ ଗରା ଧରି ଧର୍ମଗଡସିନାପାଲି ମୁଖ୍ୟ ସଡ଼କକୁ ଅବରୋଧ କରି ପ୍ରତିବାଦ କରିଛନ୍ତି। ମହିଳାମାନେ ପାଣି ଯୋଗାଣ ବ୍ୟବସ୍ଥାକୁ ଶୀଘ୍ର ସୁଧାର କରିବାକୁ ଦାବି କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗାଁକୁ ଓଭରହେଡ୍ ଟ୍ୟାଙ୍କ ମାଧ୍ୟମରେ ପାଣି ଯୋଗାଣ ପାଇଁ ପାଇପ ବିଛାଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଚାଲୁ ହୋଇନାହିଁ। ସ୍ଥାନୀୟ ସରପଞ୍ଚ ଓ ବ୍ଲକ୍ ପ୍ରଶାସନଙ୍କୁ ଅନେକ ଥର ଜଣାଇଥିଲେ ମଧ କୌଣସି ପ୍ରଭାବୀ ପଦକ୍ଷେପ ଗ୍ରହଣ ହୋଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରାୟ ୫୦୦ ଜନସଂଖ୍ୟା ବିଶିଷ୍ଟ ଗାଁରେ କେବଳ ୨ଟି ନଳକୂପ ରହିଛି। ସେଠାରୁ ବାହାରୁଥିବା ପାଣିରେ ଫ୍ଲୋରାଇଡ ଓ ଲୁହାର ପ୍ରମାଣ ଅଧିକ ଥିବାରୁ ଲୋକମାନେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପଡୁଛନ୍ତି। ସୂଚନା ଅନୁଯାୟୀ, ଗ୍ରାମରେ ୫ରୁ ଅଧିକ ଲୋକ କିଡନୀ ରୋଗରେ ପ୍ରାଣ ହରାଇଥିବା ବେଳେ ୧୦ରୁ ଅଧିକ ଲୋକ ଚିକିତ୍ସାଧୀନ ଅଛନ୍ତି। ଗ୍ରୀଷ୍ମ ତାପ ଦିନକୁ ଦିନ ବଢୁଥିବା ସହ ପାଣି ସମସ୍ୟା ଗ୍ରାମବାସୀଙ୍କ ଦୁର୍ଦ୍ଦଶାକୁ ଆହୁରି ଗୁରୁତର କରିଛି। ପ୍ରତିଦିନ ପିଇବା ପାଣି ପାଇଁ ଦୂର ଦୂରାନ୍ତରକୁ ଯିବାକୁ ପଡୁଥିବାରୁ ମହିଳାମାନେ ସବୁଠାରୁ ବେଶୀ ଅସୁବିଧାରେ ପଡୁଛନ୍ତି। ଆନ୍ଦୋଳନକୁ ସମର୍ଥନ ଜଣାଇ ବ୍ଲକ୍ ବିଜେଡି ସଭାପତି ଡାକେଶ୍ୱର ଲହଜଲ ମଧ ସାମିଲ ହୋଇଥିଲେ। ଘଟଣାସ୍ଥଳରେ ଧର୍ମଗଡ଼ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଅଧିକାରୀ ଦିବ୍ୟ ପ୍ରକାଶ ଜଗତି ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଶୀଘ୍ର ପାଣି ଯୋଗାଣ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ଆନ୍ଦୋଳନର ଉଠିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।





୫/୫/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୦୦,୬୯୩/- ସୁନା:୧୧.୯୦୦ ଗ୍ରାମ୍ ରୁପା: ୩୨.୫୦୦ ଗ୍ରାମ୍



# ଡେନ୍‌ଡ୍ରାଇଟ୍ ନିଶା କବଳରେ ଶୈଶବ

ପୁରୀ,୫।୫(ସମିସ)

ଶ୍ରୀକ୍ଷେତ୍ରର ପବିତ୍ର ମାଟିରେ ଏବେ ଏକ ଅନ୍ଧାରୀ ଛାୟା ମାଡ଼ି ବସିଲାଣି। ଡେଣ୍ଡ୍ରାଇଟ୍ ଭଳି ଶସ୍ତା ଓ ସହଜଲଭ୍ୟ ନିଶା ସାମଗ୍ରୀ ଏବେ ନାବାଳକମାନଙ୍କ ହାତରେ। ପେଟ ପୋଷିବାକୁ ଜରି, ବୋତଲ ଗୋଟାଉଥିବା ବଞ୍ଜାରା ପିଲାମାନେ ଏହି ନିଶା କବଳରେ ପଡୁଛନ୍ତି, ଯାହା ଏବେ ପୁରୀର ସ୍ଥାନୀୟ ପିଲାମାନଙ୍କ ପାଇଁ ବି ବଡ଼ ବିପଦ ପାଲଟିଛି। ରାଞ୍ଚିରୁ ଆସି ପୁରୀ ରେଳ ଷ୍ଟେଶନ ପାଖରେ ଆଶ୍ରୟ ନେଇଥିବା ଏକ ବନ୍‌ଜାରା ପରିବାରର ୧୦/୧୨ ବର୍ଷର ପିଲାଟିଏ ବେକରେ ଜରିବସ୍ତା ପକାଇ ବୋତଲ ଗୋଟାଇବାକୁ ଯାଉଥିବା ବେଳେ ଡେନ୍‌ଡ୍ରାଇଟ୍ ଶୁଙ୍ଘୁଥିବା ଅବସ୍ଥାରେ ଧରାପଡ଼ିଥିଲା। କପଡ଼ାରେ ଅଠା ଭର୍ତ୍ତି କରି ନାକ, ପାଟିରେ ଲଗାଇ ନିଶା କରୁଥିଲା। କ୍ଷୁଧା, ଏକାକୀପଣରୁ କିଛି ସମୟ ପାଇଁ ମୁକ୍ତି ପାଇବାକୁ ଏହି ୨୦ ଟଙ୍କିଆ ଡେନ୍‌ଡ୍ରାଇଟ୍ ଟ୍ୟୁବ୍ ହିଁ ତା'ର ସାହାରା ପାଲଟିଛି। କେବଳ ଏହି ଜଣେ ନୁହେଁ ବିଗତ ଦିନରେ ଏମିତି ବିଭିନ୍ନ ରାଜ୍ୟରୁ ଆସୁଥିବା ବନ୍‌ଜାରା ପିଲାମାନେ ଜରି, ବୋତଲ ଗୋଟାଉଥିବା ଅବସ୍ଥାରେ ଏଭଳି ନିଶା କରୁଥିବା ଦେଖିବାକୁ ମିଳିଛି।

ସବୁଠୁ ବଡ଼ କଥା ହେଉଛି ଯେକୌଣସି





ହାର୍ଡୱେର ଦୋକାନରେ ୨୦-୩୦ ଟଙ୍କାରେ ଏହା ମିଳିଯାଉଛି। ନିଶା କାରବାର ଆଇନରେ ଏହା ଉପରେ ସେଭଳି କଟକଣା ନ ଥିବାରୁ ପୁଲିସ ବି କିଛି କରିପାରୁନାହିଁ। ଜରି, ବୋତଲ ଗୋଟାଉଥିବା, ଭିକ ମାଗୁଥିବା ବନ୍‌ଜାରା ପିଲାଙ୍କ ଗ୍ରୁପରେ ଜଣେ ଆରମ୍ଭ କଲେ ଅନ୍ୟମାନେ ବି ଶିଖିଯାଉଛନ୍ତି। ମା'ବାପା ଦିନତମାମ ରୋଜଗାର ପାଇଁ ଗଲେ ପିଲାମାନେ ଅସୁରକ୍ଷିତ, ଅଭିଭାବକହୀନ ହୋଇ ରାସ୍ତାରେ ବୁଲୁଛନ୍ତି। ଚିକିତ୍ସକଙ୍କ ମତରେ, ଡେଣ୍ଡ୍ରାଇଟ୍ ଭଳି ଇନ୍‌ହେଲାଣ୍ଟ ନିଶା ମସ୍ତିଷ୍କର କୋଷକୁ ସିଧା ନଷ୍ଟ କରେ। ଲଗାତାର ସେବନ ଦ୍ୱାରା ସ୍ମରଣଶକ୍ତି ଲୋପ, ଯକୃତ, କିଡ୍‌ନୀ ଖରାପ, ଦୃଷ୍ଟିଶକ୍ତି ହ୍ରାସ, ପକ୍ଷାଘାତ ଓ ଏପରିକି ମୃତ୍ୟୁ ବି ହୋଇପାରେ। ୧୦-୧୨ ବର୍ଷ ବୟସରେ ଏହା ଆରମ୍ଭ କଲେ ୨୦ ବର୍ଷ ବେଳକୁ ପିଲାଟି ଶାରୀରିକ ଓ ମାନସିକ ଭାବେ ସମ୍ପୂର୍ଣ୍ଣ ଅକ୍ଷମ ହୋଇଯିବ। ଏହି ନିଶା ଏବେ କେବଳ ବନ୍‌ଜାରା ପିଲାଙ୍କ ମଧ୍ୟରେ ସୀମିତ ନାହିଁ।

ସେମାନଙ୍କ ସଂସ୍ପର୍ଶରେ ଆସୁଥିବା ସ୍ଥାନୀୟ ବସ୍ତି ପିଲାମାନେ ବି ଧୀରେ ଧୀରେ ଏଥିପ୍ରତି ଆକର୍ଷିତ ହେଉଛନ୍ତି। ଯଦି ଏବେ ବ୍ରେକ୍ ନ ଲାଗେ, ପୁରୀର ଗୋଟେ ପିଢ଼ି ନିଶା କବଳରେ ନଷ୍ଟ ହୋଇଯିବ। କିଏ ଅଟକାଇବ? ଉତ୍ତରଦାୟୀ କିଏ? ଏହି ପ୍ରଶ୍ନ ଏବେ ସମସ୍ତଙ୍କ ମୁହଁରେ। ଜୁଭେନାଇଲ ଜଷ୍ଟିସ୍ ଆକ୍ଟ ୨୦୧୫ ଅନୁସାରେ ୧୮ ବର୍ଷରୁ କମ୍ ପିଲାଙ୍କୁ ନିଶା ଦେବା ଦଣ୍ଡନୀୟ ଅପରାଧ। କିନ୍ତୁ ଏଠି ପିଲା ନିଜେ କିଣି ନିଶା କରୁଛି।

ବୁଦ୍ଧିଜୀବୀ ମହେନ୍ଦ୍ର ବିଶୋଇଙ୍କ ମତରେ

**ବନ୍‌ଜାରାଙ୍କ ଯୋଗୁ ସ୍ଥାନୀୟ ନାବାଳକଙ୍କ ପ୍ରତି ବଢୁଛି ବିପଦ**

ଖୋଲା ବଜାରରେ ପିଲାଙ୍କୁ ଡେଣ୍ଡ୍ରାଇଟ୍ ବିକ୍ରି ଉପରେ କଟକଣା ଲଗାଯାଉ। ଷ୍ଟେଶନ୍, ବସ୍‌ଷ୍ଟାଣ୍ଡ, ବେଳାଭୂମିରେ ଚାଇଲ୍ଡ ହେଲ୍ପଲାଇନ୍ ପକ୍ଷରୁ ନଜର ରଖାଯାଉ। ଶିଶୁ ମଙ୍ଗଳ କମିଟି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ପୁରୀରେ କାମ କରୁଥିବା ଏହିଭଳି ଅନୁଷ୍ଠାନଗୁଡ଼ିକୁ ଏଥିପ୍ରତି ସତର୍କ ହେବା ଦରକାର। ରାସ୍ତାରେ ଥିବା ପିଲାଙ୍କୁ ଚିହ୍ନଟ କରି ତୁରନ୍ତ ଉଦ୍ଧାର, କାଉନସେଲିଂ, ଡିଆଡିକ୍ସନ୍ ଓ ଥଇଥାନ ବ୍ୟବସ୍ଥା କରିବା ଆବଶ୍ୟକ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାବାଳକଙ୍କ ପାଇଁ ସ୍ୱତନ୍ତ୍ର ନିଶା ମୁକ୍ତି କେନ୍ଦ୍ର ଖୋଲିବା ଜରୁରୀ। ଏଥିପାଇଁ ପରୋକ୍ଷରେ ଆମେ ସମସ୍ତେ ଦାୟୀ। ରାସ୍ତାରେ ଜଣେ ପିଲା ନିଶା କରୁଥିବା ଦେଖିଲେ ମୁହଁ ବୁଲାଇ ଚାଲି ନ ଯାଇ ୧୦୯୮କୁ ଫୋନ୍ କରନ୍ତୁ। ଦୋକାନୀ ମଧ୍ୟ ପିଲାଙ୍କୁ ଡେଣ୍ଡ୍ରାଇଟ୍ ବିକ୍ରି ବନ୍ଦ କରିବା ଆବଶ୍ୟକ ବୋଲି ଶ୍ରୀ ବିଶୋଇ କହିଛନ୍ତି। ଶ୍ରୀଜଗନ୍ନାଥଙ୍କ ଧାମରେ ପିଲାଟିଏ ଭୋକରେ ନୁହେଁ, ନିଶାରେ ବଞ୍ଚିବା ଶିଖୁଛି। ଏହାଠାରୁ ବଡ଼ ବିଡ଼ମ୍ବନା ଆଉ କ'ଣ ହୋଇପାରେ? ତେଣୁ ଏଥିପ୍ରତି ସମସ୍ତଙ୍କୁ ସଚେତନ ହେବାକୁ ପଡିବ। କାରଣ ଆଜି ବନ୍‌ଜାରା ପିଲା, କାଲି ବସ୍ତି ପିଲା, ପରେ ଅନ୍ୟମାନେ ଏଥିରେ ସାମିଲ ନ ହେବେ ସେ ଗ୍ୟାରେଣ୍ଟି କେହି ଦେଇପାରିବେ ନାହିଁ। ବଡ଼କଥା ହେଉଛି ନିଶା କାହାକୁ ଛାଡେ ନାହିଁ। ଜଣେ ନିଶା ସେବନ କଲେ ସେଥିରୁ ମୁକୁଳିବା କଷ୍ଟ। ତେଣୁ ପ୍ରଶାସନ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସାଧାରଣ ଜନତା ମିଳିତ ଭାବେ ଏହି ବ୍ୟାଧି ବିରୋଧରେ ଲଢ଼ିବାକୁ ପଡ଼ିବ। ନଚେତ୍ ଶ୍ରୀକ୍ଷେତ୍ରର ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯିବ ଏହି ଆଶଙ୍କା କଲେଣି ବୁଦ୍ଧିଜୀବି।

● ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି

## ୩୫ ଦିନରେ ପହଞ୍ଚିଲା ପ୍ରତିବାଦ ପଦଯାତ୍ରା



ପୁରୀ,୫।୫(ସମିସ): ପୁରୀ ସହର ଓ ସଦରବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। କିନ୍ତୁ ଶୁଣୁନାହାନ୍ତି ସରକାର କି ଜିଲ୍ଲା ପ୍ରଶାସନ। ହେଲେ ପୁରୀବାସୀ ସେମାନଙ୍କ ଲକ୍ଷ୍ୟ ହାସଲ ଜିଦ୍‌ରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ଏପ୍ରିଲ ପହିଲାରୁ ଆରମ୍ଭ କରାଯାଇଥିବା ପଦଯାତ୍ରା ମଙ୍ଗଳବାର ୩୫ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ପାଇଁ ଦାବି କରିଥିଲେ। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ସର୍ବଶ୍ରୀ ରାଜେଶ ମିଶ୍ର, ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ବିଜୟ ମିଶ୍ର, ସରସ୍ୱତୀ ପାତ୍ର, ଅରୁଣା ପଟ୍ଟନାୟକ, ସନ୍ଧ୍ୟାରାଣୀ ମିଶ୍ର, ମୀନାକ୍ଷୀ ଦାସ, ମମତା ଦାସ, ବିଶ୍ୱନାଥ ମିଶ୍ର, ନୃସିଂହନାଥ ନାୟକ, ଶିଶିରକାନ୍ତ ଶତପଥୀ, ମନୋରଞ୍ଜନ ରଣସିଂହ, ପ୍ରଦୀପ୍ତ ମହାନ୍ତି, ରାଜା ମହାନ୍ତି, ପ୍ରକାଶ ନାୟକ, କିଶୋର ଦାସ, ଜଗନ୍ନାଥ ମହାନ୍ତି, ପ୍ରଣତି ରାୟ, ସନ୍ତୋଷ ସେନାପତି, ବାସୁଦେବ ଲେଙ୍କା, ଅଭିମନ୍ୟୁ ପ୍ରଧାନ, ପ୍ରଫୁଲ୍ଲ ସାହୁ, ଉମେଶ ଚନ୍ଦ୍ର ଦାସ, ରମେଶ ନାୟକ, ନେହା ଦାସ, ବବ୍‌ଲି ନାୟକ, ପିଙ୍କି ପାତ୍ର, ନେହା ବେହେରା, ଅଭିମନ୍ୟୁ ପ୍ରଧାନ, ରବୀନ୍ଦ୍ର ପ୍ରଧାନ ଓ ଲିଙ୍ଗରାଜ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

**ରଥଖଳା ବୁଲିଲେ ଏସ୍‌ପି ପ୍ରତୀକ୍ ସିଂ**

## ରଥ ନିର୍ମାଣ ଅନୁଧ୍ୟାନ ସହ କୁନି ରୂପକାରଙ୍କୁ ଉତ୍ସାହିତ କଲେ

ପୁରୀ,୫।୫(ସମିସ): ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଜୋର୍‌ସୋରରେ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଏସ୍‌ପି ପ୍ରତୀକ୍ ସିଂ ରଥଖଳା ପରିଦର୍ଶନ କରିଛନ୍ତି। ସେ ରଥ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ନିର୍ମାଣରେ ନିୟୋଜିତ ବିଶ୍ୱକର୍ମା ମହାରଣା ସେବକ, ଭୋଇ ସେବକ ଓ ଅନ୍ୟ ସେବାୟତଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଏସ୍‌ପି ଶ୍ରୀ ସିଂ ବିଶେଷ ଭାବେ ମହାପ୍ରଭୁଙ୍କ ରଥ ସେବାରେ ନିୟୋଜୀତ କୁନି କୁନି ରୂପକାରମାନଙ୍କ ସହ କଥା ହୋଇଥିଲେ। ପାରମ୍ପରିକ କାଠ କାରୁକାର୍ଯ୍ୟ ଶିଖୁଥିବା ଏହି କିଶୋର ରୂପକାରମାନେ କିପରି ନିଷ୍ଠାର ସହ ରଥ ପାଇଁ ସୂକ୍ଷ୍ମ କାରୁକାର୍ଯ୍ୟ କରୁଛନ୍ତି, ସେ ସମ୍ପର୍କରେ ପଚାରି ବୁଝିଥିଲେ। ଏସ୍‌ପି ସେମାନଙ୍କୁ ଉତ୍ସାହିତ କରି କହିଥିଲେ, 'ତୁମେମାନେ ହିଁ ଆମ ପରମ୍ପରାର ଭବିଷ୍ୟତ। ମହାପ୍ରଭୁଙ୍କ ସେବା କରିବା ସୌଭାଗ୍ୟ କେତେ ଜଣଙ୍କୁ ମିଳେ। ମନ ଦେଇ କାମ କର'।



ଏସ୍‌ପିଙ୍କ ଏପରି ବ୍ୟବହାରରେ କୁନି ସେବକମାନେ ବେଶ୍ ଖୁସି ହୋଇଥିଲେ।ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ସହ ଏସ୍‌ପି ରଥଖଳାର ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ। ରଥଖଳା ନିକଟରେ ପୁଲିସ ପକ୍ଷରୁ ଖୋଲାଯାଇଥିବା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍‌ର ତଦାରଖ କରିଥିଲେ। ନିୟୋଜିତ ଅଧିକାରୀଙ୍କ ସହ ଆଲୋଚନା କରି ରଥଖଳାର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏସ୍‌ପି ଶ୍ରୀ ସିଂ କହିଥିଲେ, 'ମହାପ୍ରଭୁଙ୍କ ରଥ ନିର୍ମାଣ ଏକ ପବିତ୍ର ଓ ସମ୍ବେଦନଶୀଳ କାର୍ଯ୍ୟ। ଏଠାରେ କାର୍ଯ୍ୟରତ ପ୍ରତ୍ୟେକ ସେବକ ଆମ ପାଇଁ ସମ୍ମାନନୀୟ। ସେମାନଙ୍କ ସୁରକ୍ଷା ଓ ରଥଖଳାର ସାମଗ୍ରିକ ସୁରକ୍ଷା ଆମର ପ୍ରାଥମିକତା। କୁନି ରୂପକାରମାନେ ବଡ଼ ନିଷ୍ଠାର ସହ କାମ କରୁଛନ୍ତି। ରଥଯାତ୍ରା ସୁରୁଖୁରୁରେ ସମ୍ପାଦନ ପାଇଁ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି।



ଶ୍ରୀମନ୍ଦିର ଆକାଶରେ କଳାହାଣ୍ଡିଆ ମେଘ ଫଟୋ-ଅନୀଲ

**ସତର୍କ କରାଇଲା ପୁଲିସ**

## ଗୁଗୁଲ ମ୍ୟାପ୍‌ରୁ ଲୋକେସନ ଅନୁସରଣ କଲେ କଟିପାରେ ଫାଇନ୍

ପୁରୀ,୫।୫(ସମିସ): ଦିନକୁ ଦିନ ପୁରୀକୁ ଭକ୍ତ, ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। ଆଗକୁ ମହାପ୍ରଭୁଙ୍କ ରଥଯାତ୍ରା। ଶ୍ରୀକ୍ଷେତ୍ରକୁ ଏହି ସମୟରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଆସିବେ। ତେଣୁ ଭକ୍ତ, ପର୍ଯ୍ୟଟକ ଯେପରି ଅସୁବିଧାରେ ନ ପଡିବେ ତା' ଉପରେ ଗୁରୁତ୍ୱ ଦେଉଛି ପୁଲିସ। ବିଶେଷକରି ବିଭିନ୍ନ ଯାନବାହନ ନେଇ ଆସୁଥିବା ଯାତ୍ରୀମାନେ ଗୁଗୁଲ ମ୍ୟାପ୍‌ରୁ ଲୋକେସନ ଅନୁସରଣ କରିଥାନ୍ତି। ଗୁଗୁଲ୍ ମ୍ୟାପ୍‌ରୁ ଲୋକେସନ୍ ଅନୁସରଣ କଲାବେଳେ ଭଲ କରି ଅନୁସନ୍ଧାନ କରିବାକୁ ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି। ଭଲ ଭାବେ ଅନୁସନ୍ଧାନ ନ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। କଟିପାରେ ମୋଟା ଅଙ୍କର ଜରିମାନା। ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ଅନେକ ସମୟରେ ଗୁଗୁଲ୍ ମ୍ୟାପ୍ ଦେଖି ରାସ୍ତା ଅନୁସରଣ କରିବା ବେଳେ ଚାଳକମାନେ ଶ୍ରୀମନ୍ଦିର ଆଖ ପାଖ ଗଳି ରାସ୍ତା ତଥା ବିଭିନ୍ନ ନୋ ଭେହିକିଲ୍ ଜୋନରେ ପ୍ରବେଶ କରୁଛନ୍ତି। ତେଣୁ ଗୁଗଲ ମ୍ୟାପ୍ ସହ ଯୋଗାଯୋଗ କରି ବ୍ୟାପକ ପରିବର୍ତ୍ତନ କରିଛି ପୁଲିସ୍। ବିଭିନ୍ନ ନିଷିଦ୍ଧାଞ୍ଚଳ ବା ନୋ ଭେହିକିଲ ଜୋନକୁ ରେଡ୍ ଜୋନ୍ ଘୋଷଣା କରାଯାଇଛି। ଏପରି କି, ଆଗାମୀ ରଥଯାତ୍ରା, ସୁନାବେଶ ପାଇଁ ଯେଉଁ ସ୍ଥାନଗୁଡ଼ିକରେ କଟକଣା ରହିବ ସେହି ସବୁ ସ୍ଥାନକୁ ମଧ୍ୟ ଗୁଗଲ ସହ ଯୋଗାଯୋଗ କରି ଅପ୍‌ଡେଟ କରିବ ପୁଲିସ। ଯାହାଫଳରେ ଅଯଥା ଚାଲାଣ କାଟିବା ହେଉ ବା ଭିଡରେ ଫସିବାରୁ ଶ୍ରଦ୍ଧାଳୁମାନେ ମୁକ୍ତି ପାଇବେ ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

## ବିବେକାନନ୍ଦ ଯୁବଶକ୍ତି ସଂଗଠନର ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ

ପୁରୀ,୫।୫(ସମିସ): ବିବେକାନନ୍ଦ ଯୁବଶକ୍ତି ସଂଗଠନ ପକ୍ଷରୁ ଅନୁଷ୍ଠିତ ଦୁଇଦିନିଆ ରାଜ୍ୟ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୩୦ଟି ଜିଲ୍ଲାରୁ ଆସିଥିବା ପ୍ରତିନିଧିମାନେ ପ୍ରତି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଯଥାଶୀଘ୍ର ଗ୍ରାମ୍ୟସ୍ତରରୁ ଆରମ୍ଭ ହୋଇ ପ୍ରତ୍ୟେକ ଜିଲ୍ଲାରେ ୧୦୦୦ ସଭ୍ୟଙ୍କୁ ସଂଗଠନରେ ଯୋଡ଼ିବା ପାଇଁ ସମସ୍ତ ସଭ୍ୟ ପ୍ରସ୍ତାବ ଦେଇଥିଲେ। ସଂଗଠନର ପ୍ରତିଷ୍ଠାତା ସଭାପତି ପ୍ରାକ୍ତନ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଡ. ପ୍ୟାରୀମୋହନ ପଟ୍ଟନାୟକ, ଡ. ପ୍ରଭାତ ରଞ୍ଜନ ମହାପାତ୍ର, ସୁଧାଂଶୁ ଶେଖର ରାଜଗୁରୁ ବେଦାନ୍ତ ଓ ଶ୍ରୀଜଗନ୍ନାଥଙ୍କ ଉପରେ ସେମାନେ ବକ୍ତବ୍ୟ ରଖି ସମସ୍ତ ରାଜ୍ୟରୁ ଆସିଥିବା ପ୍ରତିନିଧିଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଶେଷ ଅଧିବେଶନର ମୁଖ୍ୟଅତିଥି ଥିଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ। ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀ ମହାନ୍ତି ଅତିଥିଙ୍କୁ ପରିଚିତ କରାଇ ଆତ୍ମଜ୍ଞାନ ବିଷୟବସ୍ତୁ ଉପରେ ସାମାନ୍ୟ ଆଲୋକପାତ କରିଥିଲେ। ପରେ ପ୍ରାକ୍ତନ ଅଧକ୍ଷ ସୁରତ କୁମାର ସ୍ୱାଇଁ, ଡ. ମହେଶ୍ୱର ଦାଶ, ପ୍ରାକ୍ତନ କୁଳପତି ଡ. ହରିହର ହୋତା, ରାମକୃଷ୍ଣ ମିଶନ ପୁରୀ, ଅଧ୍ୟକ୍ଷ ଆପ୍ତେଶ୍ୱରନନ୍ଦଜୀ ମହାରାଜ, ରାମକୃଷ୍ଣ ମଠ ଚକ୍ରତୀର୍ଥ ରୋଡ୍ ପୁରୀ ସ୍ୱାମୀ ପଦ୍ମାଳୟାନନ୍ଦ ଆତ୍ମତତ୍ତ୍ୱର ଗୁଢ଼ ରହସ୍ୟ ଉନ୍ମୋଚନ କରିଥିଲେ। ଡ. ପ୍ୟାରୀମୋହନ ପଟ୍ଟନାୟକ ପଞ୍ଚକୋଷର ଗୁଢ଼ ତତ୍ତ୍ୱ ଉପରେ ବ୍ୟାଖ୍ୟା କରିଥିଲେ। ସାଂସଦ ଶ୍ରୀ ଷଡ଼ଙ୍ଗୀ ସ୍ୱାମୀଜୀଙ୍କର ଯୁବସମାଜକୁ ଆହ୍ୱାନ ଓ ବାର୍ତ୍ତା ସମ୍ବନ୍ଧରେ ଆଲୋଚନା କରିଥିବାବେଳେ ବିଶିଷ୍ଟ ସାମ୍ବାଦିକ ଜଗନ୍ନାଥ ବସ୍ତିଆ ଯୁବ ସମାଜକୁ ନିଶାମୁକ୍ତ ହେବାକୁ ଆହ୍ୱାନ କରିଥିଲେ। ଶେଷରେ ୩୦ ଜିଲ୍ଲାରୁ ଆସିଥିବା ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା। ଜାତୀୟ ସ୍ତରରେ ସମ୍ମିଳନୀ ୨୦୨୮ ଓ ଅନ୍ତର୍ଜାତୀୟ ସ୍ତରର ସମ୍ମିଳନୀ ୨୦୩୦ ଓ ଆଗାମୀ ମାସରେ କୋରାପୁଟରେ ପ୍ରଥମ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି ମତ ପ୍ରକାଶ ହୋଇଥିଲା। ଶେଷରେ କବି ସତ୍ୟନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




**ରଥଯାତ୍ରା ପୂର୍ବରୁ ପୁଲିସର ଧରପଗଡ଼**

## ୫୦ ଅଟୋ, ଟୋଟୋ ବିରୋଧରେ କାର୍ଯ୍ୟାନୁଷ୍ଠାନ

ପୁରୀ,୫।୫(ସମିସ): ରଥଯାତ୍ରା ପୂର୍ବରୁ ସହରରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୁରୀ ପୁଲିସ ପକ୍ଷରୁ ଜୋର୍‌ଦାର ଧରପଗଡ଼ ଆରମ୍ଭ ହୋଇଛି। ଗତ ଦୁଇଦିନ ମଧ୍ୟରେ ସିଟି ସବ୍ ଡିଭିଜନ ଅଧୀନରେ ବିଭିନ୍ନ ଥାନା ପୁଲିସ ଚଢାଉ କରି ଅନେକ ଅସାମାଜିକ ବ୍ୟକ୍ତିଙ୍କୁ କାବୁ କରିବା ସହ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗତ ଦୁଇଦିନ ମଧ୍ୟରେ ପୁଲିସ ବିଭିନ୍ନ ଅପରାଧିକ ମାମଲାରେ ସମ୍ପୃକ୍ତ ଥିବା ୧୧ ଅସାମାଜିକ ବ୍ୟକ୍ତିଙ୍କୁ କାବୁ କରିଛି। ସେହିପରି ମଦ ପିଇ ଗାଡ଼ି ଚଳାଉଥିବା ୩୧ ଜଣ ଚାଳକଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସାର୍ବଜନୀନ ସ୍ଥାନରେ ମଦ୍ୟପାନ କରୁଥିବା ୮୪ ଜଣଙ୍କ ବିରୋଧରେ ହୋଇଛି କାର୍ଯ୍ୟାନୁଷ୍ଠାନ। କୋର୍ଟଙ୍କ ଦ୍ୱାରା ଜାରି ହୋଇଥିବା ୧୫ଟି ଅଣ ଜାମିନ ଯୋଗ୍ୟ ଗିରଫ ପରୱାନାକୁ କାର୍ଯ୍ୟକାରୀ କରାଯାଇଛି। ସବୁଠୁ ବଡ଼ କଥା ହେଉଛି ପୁରୀ ସହରରେ ଅଟୋ ଏବଂ ଟୋଟୋ ଚାଳକ ବେପରୁଆ ଭାବେ ଗାଡି ଚଳାଉଛନ୍ତି। ଅନେକ ସମୟରେ ସେମାନେ ଟ୍ରାଫିକ ନିୟମ ମାନୁନାହାନ୍ତି। ପୁଲିସର ତାଗିଦକୁ ବି ଶୁଣୁନାହାନ୍ତି। ଟ୍ରାଫିକ୍ ନିୟମ ଉଲ୍ଲଂଘନ, ବିନା କାଗଜପତ୍ର ଓ ବେଆଇନ ପାର୍କିଂ ପାଇଁ ୫୦ଟି ଅଟୋ ଓ ଟୋଟୋକୁ ଅଟକ ରଖାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି। ତାଙ୍କ ମତରେ ରଥଯାତ୍ରାକୁ ଦୃଷ୍ଟିରେ ରଖି ସହରରେ ଜିରୋ ଟଲେରାନ୍ସ ନୀତି ଆପଣାଯାଇଛି। ଅସାମାଜିକ ତତ୍ତ୍ୱ, ମଦ୍ୟପ ଚାଳକ ଓ ଟ୍ରାଫିକ୍ ନିୟମ ଭାଙ୍ଗୁଥିବା ବ୍ୟକ୍ତିଙ୍କ ବିରୋଧରେ ଏହି ଧରପଗଡ଼ ଆଗକୁ ଜାରି ରହିବ।

## ଚନ୍ଦନ ଯାତ୍ରାରେ 'ପ୍ରଣତି କଳା ମନ୍ଦିର'ର ଭକ୍ତି ସଙ୍ଗୀତ



ପୁରୀ,୫।୫(ସମିସ): ଚାଲିଛି ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା। ନରେନ୍ଦ୍ର ପୁଷ୍କରିଣୀରେ ଶ୍ରୀକ୍ଷେତ୍ରର ପଞ୍ଚମହାଦେବଙ୍କ ସହ ମିଶି ଜଳକ୍ରୀଡ଼ା କରୁଛନ୍ତି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାତ। ଏହି ଅବସରରେ ନରେନ୍ଦ୍ର ପୁଷ୍କରିଣୀ ସନ୍ନିକଟରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଆୟୋଜିତ ଭକ୍ତିସଙ୍ଗୀତ ସମାରୋହରେ ସୋମବାର ସନ୍ଧ୍ୟାରେ ପୁରୀର 'ପ୍ରଣତି କଳା ମନ୍ଦିର' ଅନୁଷ୍ଠାନର କଣ୍ଠଶିଳ୍ପୀ ଗୁରୁ ପ୍ରକାଶ କୁମାର ରଥଙ୍କ ନିର୍ଦ୍ଦେଶନାରେ ଓଡିଶୀ, ଛାନ୍ଦ, ଭଜନ ଏବଂ ଚନ୍ଦନ ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ସହଯୋଗୀତା କରିଥିଲେ ଗୁରୁ ହରିଶ ଚନ୍ଦ୍ର ଦାସ, ଦେବାଶିଷ ଦାସ, ଗୁରୁ ସୁଶୀଲ କୁମାର ଦାଶ ଏବଂ ମାଧବ ଶ୍ରୀନନ୍ଦନ ସାହୁ। ଅନୁଷ୍ଠାନର ସମ୍ପାଦକ ଡ. ରାଧେଶ୍ୟାମ ରଥ, ସବିତା ହରିଚନ୍ଦନ, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ରାମକୃଷ୍ଣ ମହାପାତ୍ର, ଗୁରୁ ଆର୍ତ୍ତତ୍ରାଣ ଶତପଥୀ, କୃଷ୍ଣଚନ୍ଦ୍ର କାନୁନଗୋ, କିଶୋର ଚନ୍ଦ୍ର ସାହୁ, ବିଜୟ ପଣ୍ଡା, ବୁଦ୍ଧଦେବ ମହାପାତ୍ର, ଚକ୍ରଧର ମହାପାତ୍ରଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

**ଜୁଏଲାରୀ ଲୁଟ୍ ଯୋଜନା ପଣ୍ଡ**

## ୫ ଦୁର୍ବୃତ୍ତ ଗିରଫ; ୩ ଖଣ୍ଡା ଜବତ

ପୁରୀ,୫।୫(ସମିସ)

ରାତ୍ର ପାଟ୍ରୋଲିଂ ବେଳେ ମିଳିଥିବା ଗୁପ୍ତ ସୂଚନା ଆଧାରରେ ସମୁଦ୍ରକୂଳ ଥାନା ପୁଲିସ ଏକ ବଡ଼ ଡକାୟତି ଯୋଜନାକୁ ପଣ୍ଡ କରିଛି। ଏକ ନାମିଦାମୀ ଜୁଏଲାରୀ ଦୋକାନରୁ ଲୁଟ୍ ଯୋଜନା କରୁଥିବା ୫ ଦୁର୍ବୃତ୍ତଙ୍କୁ ପୁଲିସ ଗିରଫ କରିଛି। ସେମାନେ ପେଣ୍ଠକଟା ଭୂଦାନ ନଗରର ପ୍ରଦୀପ ପଣ୍ଡା, ତାଳବଣିଆ ପିକେଆର୍‌ଆଇଟି କଲୋନୀର ବିଶାଳ ନାୟକ, ପିଣ୍ଟୁ ଥାପା, କୁମ୍ଭାରପଡ଼ା ବାଲିଉପର ରାମଚଣ୍ଡୀ ସାହିର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ଚନ୍ଦନପୁର ବୀରବଳଭଦ୍ରପୁରର



ସୁରେଶ କୁମାର ଦାଶ ବୋଲି ମଙ୍ଗଳବାର ସମୁଦ୍ରକୂଳ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସ୍‌ପି ରଶ୍ମୀରଞ୍ଜନ ମହାପାତ୍ର କହିଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ସମୁଦ୍ରକୂଳ ଥାନା ପୁଲିସ ସୋମବାର ରାତି ପାଟ୍ରୋଲିଂ କରୁଥିଲା। ରାତି ପ୍ରାୟ ସାଢେ ୧ଟାରେ ଚୈତନ୍ୟ ଛକ ନିକଟରେ ୪ରୁ ୫ ଜଣ ହାପି ହୋମ ଛକ ଭୂତକୋଠୀ ସାମ୍ନାରେ ଥିବା ଏକ ଭଙ୍ଗା ଘରେ ଖଣ୍ଡା, ଲୁହାରଡ଼ ଭଳି ମାରଣାସ୍ତ୍ର ଧରି ଡକାୟତି ଯୋଜନା କରୁଥିବା ସୂଚନା ମିଳିଥିଲା। ପୁଲିସ ଚଢ଼ଉ କରି ଉପରୋକ୍ତ ୫ ଅଭିଯୁକ୍ତଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ୩ଟି ଖଣ୍ଡା, ଗୋଟିଏ ଲୁହାକାଟିବା କଟର, ଗୋଟିଏ ଛୁରୀ, ଲଙ୍କା ପାଉଡର, ଦୁଇଟି ବିୟର ବୋତଲ ଜବତ କରାଯାଇଥିଲା। ପଚରାଉଚରା ବେଳେ ସେମାନେ ବିଳମ୍ବିତ ରାତିରେ ଏକ ବଡ଼ ଜୁଏଲାରୀରେ ଡକାୟତି କରିବାକୁ ଯୋଜନା କରୁଥିଲେ ବୋଲି ସିଟି ଡିଏସ୍‌ପି କହିଛନ୍ତି। ତେବେ ଏହି ଗ୍ୟାଙ୍ଗ ପୂର୍ବରୁ କେଉଁ କେଉଁ ଅପରାଧରେ ସମ୍ପୃକ୍ତ ଥିଲା ଓ ଅନ୍ୟ କେଉଁମାନେ ଏଥିରେ ସାମିଲ ଅଛନ୍ତି, ସେ ନେଇ ପୁଲିସ ଖୋଳତାଡ଼ କରୁଛି। ରଥଯାତ୍ରା ପୂର୍ବରୁ ପୁରୀ ପୁଲିସର ଏହି ତତ୍ପରତା ଏକ ବଡ଼ ଅଘଟଣକୁ ଟାଳି ଦେଇଛି ବୋଲି ସ୍ଥାନୀୟ ବ୍ୟବସାୟୀ ମହଲରେ ଚର୍ଚ୍ଚା ହେଉଛି। ସୂଚନାଥାଉ କି, ଗିରଫ ଅଭିଯୁକ୍ତମାନଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି।

### ଡ୍ରେନେଜ୍ ପାଇଁ ଅଭିଯୋଗ ପରେ ବି ମିଳୁନି ସୁଫଳ

# ଗାଁ ଦାଣ୍ଡରେ ଜମିଛି ୨ ଫୁଟର ପାଣି



ରଘୁନାଥପୁର, ୫।୫ (ସମିସ)

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁର ଗ୍ରାମ ୮ ନଂ. ୱାର୍ଡର ମଧ୍ୟବର୍ତ୍ତୀ ସ୍ଥାନ ଆଖଣ୍ଡଳମଣି ମନ୍ଦିର ଠାରୁ ତାଳଦଣ୍ଡା କେନାଲ ପର୍ଯ୍ୟନ୍ତ ସଂଲଗ୍ନ ରାସ୍ତାରେ ଅସରାଏ ବର୍ଷାରେ ଗାଁ ଦାଣ୍ଡରେ ଜମି ରହିଛି ୨ ଫୁଟ ଉଚ୍ଚର ପାଣି। ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ପ୍ରତିକାର ବ୍ୟବସ୍ଥା କରାଯାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସ୍ଥାନ ଗ୍ରାମର ମଧ୍ୟ ସ୍ଥଳରେ ରହିଥିବା ବେଳେ ବର୍ଷାଦିନେ ଏହି ପାଖର୍ ଦେଇ ଗାଁ ଗୋଟାକର ବର୍ଷାପାଣି ନିଷ୍କାସିତ ହୋଇଥାଏ। ରାସ୍ତାର ଉଭୟ ପାର୍ଶ୍ୱରେ ଲୋକେ ଘରବାଡି କରି ଉଚ୍ଚା କରିଦେଇଥିବାରୁ ବର୍ଷାପାଣି ନିଷ୍କାସିତ ହୋଇନପାରେ ଏହି ସ୍ଥାନରେ ଜମି ରହୁଛି। ଫଳରେ ଲୋକେ ଯାତାୟାତ ପାଇଁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଅଙ୍ଗନବାଡ଼ି, ସ୍କୁଲ ଓ କଲେଜକୁ ଯାଉଥିବା ପିଲା ଏବଂ ଗ୍ରାମ୍ୟଲୋକେ ବାଧ୍ୟ ହୋଇ ପାଣିରେ ପଶି ଯିବାକୁ ପଡୁଛି। ଏହାଛଡା ପ୍ରତ୍ୟେକଦିନ ମା' ମାଲିକେଶ୍ୱରି ଓ ଆଖଣ୍ଡଳମଣି ମନ୍ଦିରକୁ ଗ୍ରାମର ମହିଳା ଓ ପୁରୁଷମାନେ କର୍ଦ୍ଦମାକ୍ତ ପାଣିରେ ପଶି ଯାଉଛନ୍ତି। ନିକଟରେ ଥିବା ଦଳିତ ସାହିର ଲୋକମାନଙ୍କୁ ମଧ୍ୟ ଏହି ପାଣିରେ ପଶି ଯିବାକୁ ପଡୁଛି। ଏହା ଏକ ସ୍ୱର୍ଶକାତର ବିଷୟ ହୋଇଥିବାବେଳେ ଏଠାରେ ଏକ ଡ୍ରେନଜ ନିର୍ମାଣ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପତ୍ର ସଂଖ୍ୟା ୩୪୫୯/ ୨୭ ଅକ୍ଟୋବର ୨୦୨୫ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରାଯାଇଥିଲା। ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଡିଓ ରଘୁନାଥପୁରଙ୍କୁ ନିର୍ଦ୍ଦେଶ ରହିଥିଲା। ବିଡିଓ ବିରଞ୍ଚି ନାରାୟଣ ବେହେରା ଯନ୍ତ୍ରୀଙ୍କୁ ପଠାଇ ଏହାର ସ୍ଥିତି ମଧ୍ୟ ଅନୁଧ୍ୟାନ କରିଥିଲେ। ତେବେ ଅଦ୍ୟାବଧି କୌଣସି ପ୍ରତିକାର କରାଯାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ସାମାନ୍ୟ ଅସରାଏ ବର୍ଷାରେ ଉକ୍ତ ସ୍ଥାନରେ ପାଣି ଜମି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଦେଖାଦେଇଛି। ଜିଲ୍ଲାପାଳ, ପଞ୍ଚାୟତରାଜ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟିଦେବା ପାଇଁ ବିପିନ କୁମାର ସିଂହ, ହରେକୃଷ୍ଣ ସାହୁ, ଚନ୍ଦ୍ରଶେଖର ସିଂହ, ଜୟନ୍ତ କୁମାର ସିଂହ, ଲିପନ ସାହୁ, ଟୁକୁନା ମଲ୍ଲିକ, ବିକ୍ରମ ସିଂହଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା କରାଯାଇଛି।

## ମାଟ୍ରିକ କୃତୀ ଛାତ୍ରଛାତ୍ରୀଙ୍କୁ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧନା



**ନାଉଗାଁ, ୫।୫ (ସମିସ):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ନାଉଗାଁ ଦ୍ୱାରା ପୂଜ୍ୟପୂଜାର ପରମ୍ପରା ଅନୁଯାୟୀ ଏକ ସମ୍ବର୍ଦ୍ଧନା ଉତ୍ସବ ସରକାରୀ ଉଚ୍ଚ ବିଦ୍ୟାଳୟ ନାଉଗାଁ ହାଟରେ ଓଷ୍ଟାର ସଭାପତି ସୁକାନ୍ତ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ ଚୌଧୁରୀ ଡ. ସତ୍ୟ ଦାସ, ସମ୍ମାନନୀୟ ଅତିଥି ସୁଜିତ୍ କୁମାର ପୁହାଣ, ଉପାଧ୍ୟକ୍ଷ ନାଉଗାଁ ପଞ୍ଚାୟତ ସମିତି ଡାକ୍ତର ଅରୁଣ କୁମାର ରାଉତ, ବାବା ଦିବ୍ୟକୃଷ୍ଣ ଦାସ, ବାବା ନରେନ୍ଦ୍ର ନାଥ ଦାସ, ଓଷ୍ଟାର ଉପଦେଷ୍ଟା ନିରଞ୍ଜନ ମହାନ୍ତି, ନାଉଗାଁ ସିଆର୍‌ସିସି ଅକ୍ଷୟ କୁମାର ରାଉତ, ସମାଜସେବୀ ଧନଞ୍ଜୟ ପରିଜା ଉପସ୍ଥିତ ରହି ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଏ-୧ ପାଇଥିବା ତଥା ନାଉଗାଁ ଅଞ୍ଚଳ ପାଇଁ ଗୌରବ ଆଣିଥିବା କୃତୀ ଛାତ୍ରଛାତ୍ରୀ ଗାୟତ୍ରୀ ପୋଲେଇ, ଆଦ୍ୟାଶ ସେଠୀ, ପ୍ରୀତିପ୍ରଜ୍ଞା ଦାସ, ତନୁଶ୍ରୀ ଶିଶୁ, ବିଶ୍ୱମ୍ବର ପାଢ଼ୀ, ଆର୍ ସୃଷ୍ଟି ରାଜ ଓ ଅନାମିକା ବରାଳଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷୀ ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ଓଷ୍ଟାର ସମ୍ପାଦକ ହିମାଂଶୁ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଫର୍ଣ୍ଣିଚର ଶୋ'ରୁମରେ ଅଗ୍ନିକାଣ୍ଡ

**ତିର୍ତ୍ତୋଲ, ୫।୫ (ସମିସ):** କଟକ-ପାରାଦୀପ ରାସ୍ତା ପାର୍ଶ୍ୱରେ ତିର୍ତ୍ତୋଲସ୍ଥିତ ଧର୍ମେଶ୍ୱର ଫର୍ଣ୍ଣିଚର ଶୋ'ରୁମରେ ଆଜି ସନ୍ଧ୍ୟାରେ ନିଆଁ ଲାଗିଯାଇଥିଲା। ଫଳରେ ସୋ'ରୁମରେ ଥିବା ଫର୍ଣ୍ଣିଚର ଓ ଗଦି ସବୁ ନିଆଁ ଲାଗି ଜଳିଯାଇଛି। ତିର୍ତ୍ତୋଲ ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ସମସ୍ତ ଆସବାପତ୍ର ଜଳି ଯାଇଥିଲା। ଏଥିରେ ଶୋ'ରୁମ୍ ମାଲିକ୍ ବିଶ୍ୱରଞ୍ଜନ ମଲ୍ଲିକ ଏ ନେଇ ଥାନାରେ ଅଭିଯୋଗ ଦାଖଲ କରିଛନ୍ତି।

### ■ ୪୨ ଗ୍ରାମ ହେରୋଇନ୍ ଜବତ

## ଜଣେ ନିଶା ମାଫିଆ ଗିରଫ

**ଜଗତସିଂହପୁର/ପାରାଦୀପ, ୫।୫ (ସମିସ):** ଜଗତସିଂହପୁର ଜିଲ୍ଲା ପାରାଦୀପ ପୌରାଞ୍ଚଳ ଅନ୍ତର୍ଗତ ଇଫ୍‌କୋ ଅଞ୍ଚଳରେ ଚଢ଼ଉ କରି ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ପାରାଦୀପ ଅବକାରୀ ରେଞ୍ଜ। ଯାଞ୍ଚ ପରେ ତାଙ୍କ ପାଖରୁ ୪୨ ଗ୍ରାମର ହେରୋଇନ୍ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ମୂଷାଡିଆର ଅନିଲ୍ ହଳଧର ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ସମ୍ପର୍କରେ ପାରାଦୀପ ଅବକାରୀ ରେଞ୍ଜକୁ ଅଭିଯୋଗ ମିଳିଥିଲା। ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ହେରୋଇନ୍ ରଖିଥିବାର ସୂଚନା ମିଳିବା ପରେ ପାରାଦୀପ ଅବକାରୀ ରେଞ୍ଜର ନିରୀକ୍ଷକ ବନ୍ଦନା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ପାରାଦୀପ ଅବକାରୀ ରେଞ୍ଜର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡି ବସିଥିଲେ। ଜବତ ହେରୋଇନ୍‌ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୪.୨୦ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତଙ୍କୁ ଅତିରିକ୍ତ ଜିଲ୍ଲା ଦୌରାଜଜ କୁଜଙ୍ଗଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ତାକୁ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତଙ୍କ ନାମରେ ଆଗରୁ ଅପରାଧିକ ମାମଲା ରହିଛି କି ନାହିଁ ଅବକରୀ ବିଭାଗ ତରଫରୁ ଅନୁସନ୍ଧାନ ଜାରି ରହିଥିବା ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ।

# ନବକାକଳିର ମାସିକ କବିତା ଆସର



**ଜଗତସିଂହପୁର, ୫।୫ (ସମିସ):** ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ମୁଦୁପୁର ପଞ୍ଚାୟତ କନ୍ତାର ଗ୍ରାମର କେଳି-କାଞ୍ଚନ-ରତ୍ନାକର ପାଠାଗାର ପରିସରରେ ବଣମଲ୍ଲୀ ସାହିତ୍ୟ ସଂସଦ ସୌଜନ୍ୟରୁ ନବକାକଳି ସାହିତ୍ୟ ପତ୍ରିକାର ମାସିକ କବିତା ଆସର ପରିପ୍ରେକ୍ଷୀରେ "ଗ୍ରୀଷ୍ମ କବିତା ଆସର' ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ସମ୍ପାଦକ ସ୍ୱପ୍ନିଳ କବି ଡ. ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ବେଣୁଧର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ କଲେଜ ଅଧ୍ୟକ୍ଷ ଡ. ବିଜୟ କୁମାର ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ନୀଳକଣ୍ଠ ମିଶ୍ର ଓ ବରେଣ୍ୟ ଅତିଥି ଭାବେ ଡ. ବସନ୍ତ ମଞ୍ଜରୀ ଦାସ, କବି ବଂଶୀଧର ବେହେରା ଏବଂ କବି ହୃଦାନନ ବାରିକ ପ୍ରମୁଖ ଯୋଗଦାନ କରି "ଓଡ଼ିଆ ସାହିତ୍ୟରେ ଗ୍ରୀଷ୍ମ' ଶୀର୍ଷକରେ ଆଲୋଚନା କରିଥିଲେ। ନବକାକଳିର ପରିଚାଳନା ସମ୍ପାଦିକା ମନୋରମା ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି ହେମନ୍ତ କୁମାର ନାୟକଙ୍କ ସଂଯୋଜନାରେ ୨୧ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। କବିତାଗୁଡ଼ିକ ଡ. ବିଜୟ କୁମାର ବିଶ୍ୱାଳ ସମୀକ୍ଷା କରିଥିଲେ। କବୟିତ୍ରୀ ବିଭୂଷିତା ଦାସଙ୍କୁ ନବକାକଳି କବିତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୀତିକବି ହେମନ୍ତ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

### ତାରିଣୀ ଗଡ଼ା ଭଡ଼ା ଘରେ ଚାଲିଛି ଦେହ ବେପାର

## ଜଣେ ଯୁବତୀ ସହ ଦୁଇ ଯୁବକ ଗିରଫ

**ପାରାଦୀପ, ୫।୫ (ସମିସ):** ପାରାଦୀପ ଅଞ୍ଚଳରେ ସ୍ପା ସେଣ୍ଟର, ମସାଜ ସେଣ୍ଟର ଓ ଗେଷ୍ଟ ହାଉସ ଗୁଡିକରେ ଦେହ ବେପାର ଚାଲିଥିବା ଖବର ଚର୍ଚ୍ଚାକୁ ଆସିଥିବା ବେଳେ ଏବେ ଏହି ତାରିଣୀ ଗଡା ଅଞ୍ଚଳର ଏକ ଭଡ଼ା ଘରେ ଏହି ଦେହ ବେପାର ଚାଲିଥିଲା ବେଳେ ପୁଲିସ ଜାଣିବାକୁ ପାଇବା ସହିତ ଏନେଇ ରାତିରେ ମଡେଲ ଥାନା ପକ୍ଷରୁ ଚଢ଼ଉ କରାଯାଇ ଜଣେ ମହିଳାଙ୍କ ସହିତ ଦୁଇ ଯୁବକଙ୍କୁ ଗିରଫ କରାଯିବା ଓ ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ଚଢ଼ଉ ବେଳେ ସେଠାରୁ ବହୁ ଆପତ୍ତି ଜନକ ସାମଗ୍ରୀ ମଧ୍ୟ ଜବତ କରିଛି ପୁଲିସ। ମହିଳା ଜଣଙ୍କ ତାରିଣୀ ଗଡା ଅଞ୍ଚଳରେ ଘର ଭଡ଼ା ନେଇ ଏଭଳି କାର୍ଯ୍ୟ କରୁଥିବା ପୁଲିସ କହିଛି। ମହିଳା ଜଣକ ହେଲେ ତାରିଣୀ ଗଡା ର ଭାରତୀ ମହାନ୍ତି ଓ ଦୁଇ ଯୁବକ ହେଲେ ଲକଥାନା ଅଧିନ ଅଞ୍ଚଳ ବିଶ୍ୱାଳିର ମନଟୁ ବେହେରା ଓ କଟକ ଗୋବିନ୍ଦପୁର ଅଞ୍ଚଳର ପ୍ରଶାନ୍ତ ରାଉତ। ଅଧିକ ଟଙ୍କା ରୋଜଗାର କରିବା ଆଶାରେ ଏହି ଭଳି ବହୁ ଭଡା ଘରେ ଦେହ ବେପାର କରାଯାଉଥିବା ଅଭିଯୋଗ ହୋଇଛି। ତେବେ ଗତ ବର୍ଷ ଏହି ତାରିଣୀ ଗଡା ଅଞ୍ଚଳରେ ଏକ ସ୍ପା ସେଣ୍ଟର ଉପରେ ଚଢ଼ାଉ କରାଯାଇ ୯ ବଙ୍ଗୀୟ ଯୁବତୀ ଙ୍କ ସହିତ ୪ ଗ୍ରାହକଙ୍କୁ ଉଦ୍ଧାର କରାଯାଇଥିଲା। ଯାହା ଅଞ୍ଚଳରେ ବେଶ ଏହି ଖବର ଚର୍ଚ୍ଚାର ପରିସରକୁ ଆସିଥିଲା।

## ସନ୍ତୋଷ ପଟ୍ଟନାୟକ ହେଲେ ବିଜେଡି ରାଜ୍ୟ ସମ୍ପାଦକ

**ପାରାଦୀପ/ଜଗତସିଂହପୁର/କୁଜଙ୍ଗ, ୫।୫ (ସମିସ):** ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ପାରାଦୀପ ଅଞ୍ଚଳର ଜଣାଶୁଣା ଶ୍ରମିକ ନେତା ତଥା ବରିଷ୍ଠ ବିଜେଡି ନେତା ସନ୍ତୋଷ ପଟ୍ଟନାୟକଙ୍କୁ ନିଯୁକ୍ତି ମିଳିଛି। ବିଜେଡି ସଭାପତି



ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁନର୍ବାର ତାଙ୍କ ଉପରେ ଭରସା କରି ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିବାରୁ ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ପଟ୍ଟନାୟକ କୁଜଙ୍ଗ-ପାରାଦୀପ ଅଞ୍ଚଳରେ ବିଜେଡିର ଜଣେ ଛାମୁଆ ସଙ୍ଗଠକ ଭାବେ ବେଶ ପରିଚିତ। ଅତୀତରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରି ବେଶ ପ୍ରଶଂସିତ ହୋଇଥିଲେ। ନିର୍ବାଚନ ମଣ୍ଡଳୀକୁ ସୁଦୃଢ କରିବା ସହିତ କର୍ମୀଙ୍କୁ ଏକାଠି କରି ବିଜେଡିର ଆଧିପତ୍ୟ ବଜାଇ ରହିବା ନେଇ ତାଙ୍କର ଚେଷ୍ଟା ବଜାଇ ରଖିବେ। ପାରାଦୀପରେ ଶାସକ ଦଳ କଥାରେ ପ୍ରଶାସନ ଯେଉଁଭଳି ଭାବରେ ଅରାଜକତା ସୃଷ୍ଟି କରୁଛି, ତା' ବିରୋଧରେ ସ୍ୱର ଉତ୍ତୋଳନ କରାଯିବା ସହ ରାଜରାସ୍ତାକୁ ବିଜେଡି ଓହ୍ଲାଇବ ବୋଲି ସେ କହିଛନ୍ତି।

### ଦିବାରାତ୍ରି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଜୁଭେନାଇଲ କଟକ ଚାମ୍ପିଅନ



**ପାରାଦୀପ, ୫।୫ (ସମିସ):** ପାରାଦୀପ କ୍ରିକେଟ କ୍ଲବ ପକ୍ଷରୁ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଚାଲିଥିବା ରାଜ୍ୟସ୍ତରୀୟ ୨୬ତମ ଆମନ୍ତ୍ରଣ ଦିବାରାତ୍ରି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏଥିରେ ଜୁଭେନାଇଲ କ୍ରିକେଟ ଟିମ କଟକ ବିଜୟୀ ଲାଭ କରିଛି। ଫାଇନାଲ ଖେଳ ଦୁଇ ଦଳ ୟୁନିଅନ ସ୍ପୋର୍ଟିଂ କଟକ ବନାମ ଜୁଭେନାଇଲ କଟକ ମଧ୍ୟରେଅନୁଷ୍ଠିତ ହୋଇଥିଲା। ପ୍ରଥମେ ୟୁନିୟନ ସ୍ପୋର୍ଟିଂ ଟିମ ବ୍ୟାଟିଂ କରି ୨୦ ଓଭରରେ ୫ ୱିକେଟ ହରାଇ ୧୮୨ ରନ ସଂଗ୍ରହ କରିଥିଲା। ଜବାବରେ ଜୁଭେନଇଲ ୧୭.୩ ଓଭରରେ ୩ ୱିକେଟ ହରାଇ ୧୮୩ ରନ କରି ବିଜୟଲାଭ କରିଥିଲେ। ରାମଚନ୍ଦ୍ର ବେହେରା, ଜୁଭେନାଇଲ, କଟକ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା ବେଳେ ବିଶ୍ୱଜିତ ପ୍ରଧାନ, ୟୁନିଅନ ସ୍ପୋର୍ଟିଂ କଟକ ମ୍ୟାନ ଅଫ ଦି ସିରିଜ, ବିପ୍ଳବ ସାମନ୍ତରାୟ, ରାଇଜିଂ ଷ୍ଟୁଡେଣ୍ଟ, କଟକ ବେଷ୍ଟ ବ୍ୟାଟ୍ସମାନ ଓ ଶୁଭମ ବିଷ୍ଟ, ଜୁଭେନାଇଲ, କଟକଙ୍କୁ ବେଷ୍ଟ ବୋଲର ଘୋଷଣା କରାଯାଇଥିଲା। ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ଚାମ୍ପିୟାନ ଓ ରନର୍ସ ଅଫ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିଆରସିଂହ, କାଉନସିଲର ସୁବ୍ରତ ପ୍ରଧାନ ଉପସ୍ଥିତ ଥିଲେ। ଆଶୁତୋଷ ପାଣି, ପ୍ଲାବନ ସ୍ୱାଇଁ ଓ ସୌମେନ୍ଦ୍ର ପାତ୍ର, ଓଡିଶା କ୍ରିକେଟ ଆସୋସିଏସନ ଏହି ମ୍ୟାଚକୁ ପରିଚାଳନା କରିଥିଲେ। ସ୍କୋରର ଭାବେ ଅଭିଜିତ ମଲ୍ଲିକ, କମେଣ୍ଟେଟର ଭାବେ ବୁବୁ ସିହ୍ନ ରହିଛନ୍ତି। ସମସ୍ତ ମ୍ୟାଚକୁ ପରିଚାଳନାରେ ସହଯୋଗ କରିଥିଲେ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ର, ଉପାଧ୍ୟକ୍ଷ ସଞ୍ଜୟ କୁମାର ଧଳ, ଆୟୋଜନ ସଚିବ ପ୍ରଶାନ୍ତ ଭୂୟାଁ, ସାଧାରଣ ସଚିବ ଜୁନିଥ କୁମାର ଦାସ, ସଚିବ ସରୋଜ ରାଉଳ, ପ୍ରଦୀପ୍ତ ବରାଳ ଓ କୋଷାଧ୍ୟକ୍ଷ ଶେସାନ ପ୍ରଧାନ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ବାଲିକୁଦା, ୫।୫ (ସମିସ):** ବାଲିକୁଦା ବ୍ଲକ ଅନ୍ତର୍ଗତ ତିତିରା ପଞ୍ଚାୟତର କେଉଟପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମେନକା କୁମାରୀ ଦେଇଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସୁମଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ଷଡ଼ଙ୍ଗୀ, ତିତିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରାମଚନ୍ଦ୍ର ଶତପଥି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଶାନ୍ତ କୁମାର ବାରିକ, ପୁରାତନ ଛାତ୍ର କାର୍ତ୍ତିକ ଚନ୍ଦ୍ର ବେହେରା, ଲକ୍ଷ୍ମୀପ୍ରିୟା ସାହୁ, ସସ୍ମିତା ବାରିକ, ପାନା ସୋରେନ, ବାବୁ ମଲ୍ଲିକ, ସସ୍ମିତା ଦାସ, ରଶ୍ମିତା ସ୍ୱାଇଁ, ଲିଲିରାଣୀ ବେହେରା, ନୟନା ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଆଦର୍ଶ କଥାକୁ ମନେ ପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ।

## ବଧିର ସଙ୍ଘ ପକ୍ଷରୁ କ୍ରିକେଟ ମ୍ୟାଚ୍

**ପାରାଦୀପ, ୫।୫ (ସମିସ):** ଆଜି ଜଗତସିଂହପୁର ଜିଲ୍ଲା ବଧିର ସଂଘ ପକ୍ଷରୁ ଗୋପବନ୍ଧୁ ଷ୍ଟାଡିୟମରେ ପାରାଦୀପର ୧୧ ଜଣ ବଧିର ଏବଂ ଜଗତସିଂହପୁରର ୧୧ ଜଣ ବଧିରଙ୍କ ମଧ୍ୟରେ ଏକ ଟି-୧୫ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚକୁ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦରର ସଚିବ ଜିକେ ବାପିରାଜୁ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବନ୍ଦର ଉପ-ସିଏଓ ପ୍ରଶାନ୍ତ ମହାରଣା ଯୋଗ ଦେଇ ପ୍ରଶଂସା କରିଥିଲେ। ଟସ୍ ସମୟରେ ପାରାଦୀପ ୧୧ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ଜଗତସିଂହପୁର ୧୧ ଦଳ ୩ ୱିକେଟ୍ ହରାଇ ୧୬୮ ରନ୍ କରିଥିଲା। ପାରାଦୀପ ୧୧ ଦଳ ଏକ ବଡ଼ ସ୍କୋରକୁ ପିଛା କରି ୫ ୱିକେଟ୍ ହରାଇ ୧୬୫ ରନ୍ କରିପାରିଥିଲା। ଫଳସ୍ୱରୂପ ଜଗତସିଂହପୁର ୧୧ ଦଳ ୩ ରନ୍‌ରେ ବିଜୟୀ ହୋଇଥିଲା। ମ୍ୟାଚ୍ ପରେ ଉପସ୍ଥାପନା ସମୟରେ ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ ମହାରଣା ଖେଳାଳିମାନଙ୍କୁ ବିଭିନ୍ନ ବର୍ଗର ପୁରସ୍କାର ପ୍ରଦାନ କରିଥିଲେ। ଜିଲ୍ଲା ବଧିର ସଂଘର ସାଧାରଣ ସମ୍ପାଦକ ଶ୍ରୀକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସମଗ୍ର କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ସ୍ମୃତି ଚନ୍ଦନ ତ୍ରିପାଠି, ଇଭେଣ୍ଟ ସଂଯୋଜକ ଏବଂ ବିପ୍ଳବ କୁମାର ଜେନା, ଷ୍ଟାଡିୟମ୍ ଅର୍ଗାନାଇଜରଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଗାଧୁଆ ତୁଠ ଉଦ୍‌ଘାଟିତ

**ପାରାଦୀପ, ୫।୫ (ସମିସ):** ପାରାଦୀପ ଉପକଣ୍ଠ ପାରାଦୀପ ଗଡ଼ ଗ୍ରାମପଞ୍ଚାୟତ ୪ ନମ୍ବର ୱାଡ଼ର ତାଳଦଣ୍ଡା କେନାଲ ତଟ ଗୋଛାୟତ ସାହି ଗଡା ନିକଟରେ ପଞ୍ଚାୟତ ପକ୍ଷରୁ ଏକ ଗାଧୁଆ ତୁଠକୁ ଆଜି ସରପଞ୍ଚ ସସ୍ମିତା ବେହେରା ଉଦ୍‌ଘାଟନ କରିଛନ୍ତି। ଉକ୍ତ ଗାଧୁଆ ତୁଠ ନିର୍ମାଣ ପାଇଁ ୱାଡର୍‌ବାସୀ ଦୀର୍ଘ ଦିନ ହେବ ଦାବି କରି ଆସୁଥିଲେ। ଚଳିତ ବର୍ଷ ଉକ୍ତ ୱାଡର୍‌ବାସୀ ଏହାର ନିର୍ମାଣ ପାଇଁ ସରପଞ୍ଚଙ୍କ ନିକଟରେ ଦାବି କରିବାରୁ ସରପଞ୍ଚ ତୁରନ୍ତ ଏହାର ନିର୍ମାଣ ପାଇଁ ଅନୁଦାନ ପ୍ରଦାନ କରିଥିଲେ। ଏହାର ନିର୍ମାଣ କାର୍ଯ୍ୟ ସରିବା ପରେ ହାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଅଛି। ଏହି ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ୱାଡର୍ ସଭ୍ୟା ଲିଲି ଗୋଛାୟତ, ଚନ୍ଦ୍ରଶେଖର ଚୌଧୁରୀ, ଅଲେଖ ମହାରଥା, ରମେଶ ଚନ୍ଦ୍ର ବେହେରା, ଲୋପାମୁଦ୍ରା ଗୋଛାୟତ, ବାବୁଲି ଗୋଛାୟତ, ବାବୁଲି ଗୋଛାୟତ, ରବୀନ୍ଦ୍ର ଗୋଛାୟତ ପ୍ରମୁଖ ଯୋଗଦେଇଲେ।

## ମହିଳାଙ୍କୁ ଟଣା ଓଟରା ଅଭିଯୋଗ

**ପାରାଦୀପ, ୫।୫ (ସମିସ):** ଦିନ ଦ୍ୱିପହରରେ ଜଣେ ବୟସ୍କା ମହିଳାଙ୍କୁ ଟଣାଓଟରା କରିଥିବା ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ସେଠାରେ ଉପସ୍ଥିତ ଲୋକେ ଯୁବକକୁ କାବୁ କରିବା ସହିତ ପୁଲିସକୁ ହସ୍ତାନ୍ତର କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ଆଜି ଅପରାହ୍ନ ସମୟରେ ଜଣେ ପାଖାପାଖି ୬୯ ବର୍ଷ ବୟସ୍କ ମହିଳା ପୋର୍ଟ ଅଫିସର୍ସ କ୍ଲବ ପାଖରେ ଯାଉଥିବା ବେଳେ ଜଣେ ଯୁବକ ତାଙ୍କୁ ମାଡ଼ି ବସିବା ସହିତ ଟଣାଓଟରା କରିଥିଲେ। ମହିଳା ଜଣଙ୍କ ଜୋରରେ ପାଟି କରିବାରୁ ଉକ୍ତ ରାସ୍ତା ଦେଇ ଯାଉଥିବା କିଛି ବ୍ୟକ୍ତି ଯୁବକକୁ ଧରିବା ସହିତ ତାଙ୍କ କବଳରୁ ମହିଳାଙ୍କୁ ଉଦ୍ଧାର କରିଥିଲେ। ଯୁବକକୁ ନିସ୍ତୁକ ପିଟିଥିଲେ। ଥାନାକୁ ଖବର ଦେବାପରେ ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକକୁ ଥାନାକୁ ନେଇଯାଇଥିଲେ। ଯୁବକ ଜଣକ ପ୍ରବଳ ନିଶା କରିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ତେବେ ବନ୍ଦର ନଗରୀ ପାରାଦୀପ ରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଉଥିବା ବେଳେ ଯୁବକ ମାନେ ଏହାର କବଳରେ ପଡ଼ି ପଥଭ୍ରଷ୍ଟ ହେଉଥିବା ଦେଖିବାକୁ ମିଳିଛି।

# ବିଜେପି ବିଜୟ ଉତ୍ସବରେ ଝାଲମୁଢ଼ି ଦୁଇ ଭାଗ





ଭୁବନେଶ୍ୱର/ଜଗତସିଂହପୁର, ୫।୫ (ସମିସ)

ରାଜ୍ୟ ବିଜେପି ଏବେ ନୂଆ ଓ ପୁରୁଣା ପରି ଦୁଇ ଭାଗରେ ବିଭାଜିତ। ଆମଦାନୀ ନେତାଙ୍କୁ ଦଳର ପୁରୁଣା ନେତା ପାଖରେ ପୁରାଇ ଦେଉନାହାନ୍ତି; କ୍ଷମତା ଦଖଲ କରିଥିବା ନୂଆ ନେତାମାନେ ପୁରୁଣା ନେତାଙ୍କୁ ବାସିରେ ପଚାରୁ ନାହାନ୍ତି। ରାଜ୍ୟ ସାରା ଯେଉଁ ଅବସ୍ଥା, ଏବେ ଜଗତସିଂହପୁର ଜିଲ୍ଲାରେ ବି ଠିକ୍ ସେହି ସ୍ଥିତି। ପୂର୍ବ ଜିଲ୍ଲା ସଭାପତି ଓ ବର୍ତ୍ତମାନର ବିଧାୟକଙ୍କ ମଧ୍ୟରେ ଚାଲିଥିବା ଛକାପଞ୍ଝା ଜିଲ୍ଲା ରାଜନୀତିକୁ ସରଗରମ କରିଛି। ପୂର୍ବରୁ ସଭା ସମିତିରେ ଏପରି ବିଭେଦ ଦିଶୁଥିବାବେଳେ ଏବେ ଦଳର ବିଜୟ ଉତ୍ସବରେ ବି ଅନୁରୂପ ବିଭାଜନ ଦେଖିବାକୁ ମିଳିଛି। ଦୁଇ ଗୋଷ୍ଠୀ ଭିନ୍ନଭିନ୍ନ ସମାବେଶ କରି ନିଜ ଅନୁଗତଙ୍କୁ ଝାଲମୁଢ଼ି ବାଣ୍ଟିଛନ୍ତି। ପଶ୍ଚିମବଙ୍ଗ, ଆସାମ ଏବଂ ପୁଡୁଚେରୀରେ ବିଜେପିର ବିଜୟ ପାଇଁ ଜଗତସିଂହପୁର ସହରର ସାନବଜାର ସ୍ଥିତ ଥାନା ଛକରେ ବିଧାୟକ ଅମରେନ୍ଦ୍ର ଦାସ କର୍ମୀମାନଙ୍କୁ ଝାଲମୁଢ଼ି ଖୁଆଇ ଖୁସି ମନାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ଉପସଭାପତି ସୌଭାଗ୍ୟ ମହାନ୍ତି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ଜଗନ୍ନାଥ ଦାସ, ନଗର ପ୍ରତିନିଧି ସୁଶାନ୍ତ ରଞ୍ଜନ ସ୍ୱାଇଁ, ପାରିଷଦ ଦେବାଶିଷ ସ୍ୱାଇଁ, ଶ୍ରୀକାନ୍ତ ଚୌଧୁରୀ, ଦେବୀ ପ୍ରସାଦ ସାହାଣୀ, ସ୍ୱସ୍ତିମୟୀ ରାୟ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ବରୋଦା ପ୍ରସନ୍ନ ରାୟ, ଅଳସୁଧା ସରପଞ୍ଚ ଭ୍ରମରବର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ କମିଟିର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଅନ୍ୟ ଗୋଷ୍ଠୀ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିଜୟ ଉତ୍ସବ ପାଳନ କରିଥିଲେ। ଏହି ଅବସରରେ ବି ସମସ୍ତଙ୍କୁ ଝାଲମୁଢ଼ି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦଳର ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ନାଉଗାଁର ଯୁବ ନେତା ଦୀପକ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ସାଂସଦ ପ୍ରତିନିଧି ଶିଶିର ପାତ୍ର, ସୋସିଆଲ ମିଡିଆ ସଂଯୋଜକ ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ଚିତ୍ତ ରଞ୍ଜନ ପଣ୍ଡା, ସମ୍ବିତ ଷଡ଼ଙ୍ଗୀ, ରାଜ ନାରାୟଣ ସାହୁ ଓ ମଣ୍ଡଳ ସଭାପତିମାନେ ଉପସ୍ଥିତ ଥିଲେ। ବିଜେପି ବିଧାୟକଙ୍କ ସମର୍ଥକ ଏବଂ ବିଜେପିର ଅନ୍ୟ ଗୋଷ୍ଠୀ ଗୋଟିଏ ସ୍ଥାନରେ ଅଲଗା ଅଲଗା ଭାବେ ପାଳନ କରିବା ଦଳୀୟ କନ୍ଦଳକୁ ପଦାରେ ପକାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି।